ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୬

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ

ବ୍ଲକ୍

# ୩ ଓଡ଼ିଆ କବିତା (୧୯୩୬ -୨୦୧୦)

ପ୍ରଥମ ଏକକ

**ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା**

ଦ୍ୱିତୀୟ ଏକକ

**ଆଧୁନିକ ଓଡ଼ିଆ କବିତାରେ ପ୍ରୟୋଗବାଦ**

ତୃତୀୟ ଏକକ

**ଓଡ଼ିଆ କବିତାର ନୂତନ ସ୍ୱର**

ଚତୁର୍ଥ ଏକକ

**ଅଶୀ ପରବର୍ତ୍ତୀ ଓଡ଼ିଆ କବିତା**

## ବିଶେଷଜ୍ଞ ପରିଷଦ

**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଅଧ୍ୟକ୍ଷ
ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର ।

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଡକ୍ଟର ବିଜୟ କୁମାର ମହାନ୍ତି**
ସଦସ୍ୟ
ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ବସନ୍ତ କୁମାର ପଣ୍ଡା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା ।

**ଡକ୍ଟର ଅନାଦି ଚରଣ ଗାଁଣ**
ସଦସ୍ୟ
ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର ।

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଦସ୍ୟ
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ଦିଲ୍ଲୀପ କୁମାର ନାୟକ**
ଆବାହକ
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ।

### ଲେଖକ

**ଡକ୍ଟର ବିଜୟଲକ୍ଷ୍ମୀ ଦାଶ**
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ, ଓଡ଼ିଶା ।


## *ପ୍ରକାଶକ*

**ଡକ୍ଟର ଜୟନ୍ତ କରଶର୍ମା**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*


© OSOU, 2019. ``**Adhunika Odia Kabya Sahitya**'' is made avail-able under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା

ବିଷୟ ଗଠନ :


୧.୧ ପଠନ ଉଦ୍ଦେଶ୍ୟ

୧.୨ ବିଷୟ ପରିଚୟ

୧.୩ ଶିକ୍ଷଣୀୟ ବିଷୟ

୧.୪ ପ୍ରଗତିଶୀଳ ଚିନ୍ତାଧାରାର ଉନ୍ମେଷ, ଉତ୍ତରଣ ଓ ପୃଷ୍ଠଭୂମି

୧.୫ ଓଡ଼ିଶାରେ ନବଯୁଗ ସାହିତ୍ୟ ସଂସଦ ଓ ପ୍ରଗତିବାଦୀ ସାହିତ୍ୟ ପ୍ରତି ଆଗ୍ରହ

୧.୬ ପ୍ରମୁଖ ପ୍ରଗତିଶୀଳ କବି

୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୮ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ପ୍ରଗତିବାଦକୁ ଆମେ ମାର୍କସ୍‌ବାଦ ବା ସାମ୍ୟବାଦ ନାମରେ ଅଭିହିତ କରିଥାଉ । ବିଶ୍ୱ ଇତିହାସରେ ମାର୍କସ୍‌ବାଦର ଉନ୍ମେଷ ଏକ ବିରାଟ ଆଲୋଡ଼ନ ସୃଷ୍ଟି କରିଥିଲା । ମାର୍କସ୍‌ବାଦର ପ୍ରଭାବ ସାହିତ୍ୟ, ରାଜନୀତି, ଅର୍ଥନୀତିକୁ ଏକାଧାରରେ ପ୍ରଭାବିତ କରିଥିଲା । ଶୋଷଣବିହୀନ ସାମ୍ୟବାଦୀ ସମାଜ ଗଠନ ଏହାର ମୂଳଲକ୍ଷ୍ୟ । ସମାଜରେ ଦେଖାଦେଉଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାମ୍ୟବାଦୀ ସାମାଜର ଆବାହନ କରୁଥିବା ସାହିତ୍ୟ ସଂପର୍କରେ ବିଶେଷ ଆଲୋଚନା କରିବା ଆମ ପଠନର ମୂଳ ଉଦ୍ଦେଶ୍ୟ ।

## ୧.୨ ବିଷୟ ପରିଚୟ

ଏହି ଅଧ୍ୟାୟରେ ପ୍ରଗତିବାଦର ସ୍ୱରୂପ ନିରୂପଣ ସହିତ ଏହାର ମୂଳ ସୂତ୍ର ଭାବରେ ମାର୍କସୀୟ ତତ୍ତ୍ୱ ଦର୍ଶନ ସଂପର୍କରେ ବିଶେଷ ଆଲୋଚନା କରାଯାଇଛି । ଏହି ତତ୍ତ୍ୱ ଦର୍ଶନ କିଭଳି ଭାବରେ ଆମ ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରିଛି ଓ ଏହାର ପ୍ରଭାବରେ ଆମ ସାହିତ୍ୟରେ କିପରି ବୈପ୍ଳବାତ୍ମକ ଚିନ୍ତାଚେତନା ସମ୍ବଳିତ କବିତା ଲେଖାଯାଇ ପରିବର୍ତ୍ତନର ଆହ୍ୱାନ କରାଯାଇଛି, ସେ ସଂପର୍କରେ ଆଲୋଚନା ଉପସ୍ଥାପିତ ହୋଇଛି ଏହି ଏକକଟିରେ ।

## ୧.୩ ଶିକ୍ଷଣୀୟ ବିଷୟ

- ମାର୍କସ୍‌ଙ୍କର ଜନ୍ମ ଇତିବୃତ୍ତ
- ମାର୍କସ୍ ଓ ଏଙ୍ଗେଲସ୍‌ଙ୍କ ମତବାଦକୁ ସମର୍ଥନ

- ମାର୍କସ୍ ସିଦ୍ଧାନ୍ତର ନିର୍ଯ୍ୟାସ
- ମାର୍କସ୍‌ବାଦୀ ଚିନ୍ତାଧାରାର ପ୍ରୟୋଗ
- ମାର୍କସ୍‌ବାଦର ପ୍ରାରୂପ
- ମାର୍କସ୍‌ବାଦୀ ସାହିତ୍ୟର ଆଭିମୁଖ୍ୟ
- ମାର୍କସ୍‌ବାଦରେ ନବମୂଲ୍ୟାୟନ
- ପରିର୍ତ୍ତନର ପ୍ରେକ୍ଷାପଟରେ ମାର୍କସ୍‌ବାଦ
- ପ୍ରଗତିଶୀଳ ଚିନ୍ତନର ପରିପ୍ରେକ୍ଷୀରେ ଓଡ଼ିଆ କବିତା
- ସର୍ବଭାରତୀୟ ସ୍ତରରେ ପ୍ରଗତିବାଦୀ ଲେଖକ ସଂଘ

## • ମାର୍କସ୍‌ଙ୍କର ଜନ୍ମ ଇତିବୃତ୍ତ

ଦାର୍ଶନିକ ମାର୍କସ୍‌ଙ୍କ ଜନ୍ମ ଜର୍ମାନ୍‌ର ଟ୍ରିୟର ସହରରେ । ଜନ୍ମକାଳ ୧୮୧୮ ମସିହା । ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କର ଦର୍ଶନ ଶାସ୍ତ୍ର ପ୍ରତି ଗଭୀର ଅନୁରାଗ ପରିଲକ୍ଷିତ ହୋଇଥିଲା । ତତ୍‌କାଳୀନ ସମୟରେ ଜର୍ମାନୀରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥିବା ହେଗେଲ୍‌ଙ୍କ ଦାର୍ଶନିକ ମତବାଦ ମାର୍କସ୍‌ଙ୍କୁ କିଛି ପରିମାଣରେ ଆଲୋଡ଼ିତ କରିଥିଲା । ହେଗେଲ୍‌ଙ୍କ ଦର୍ଶନ ମୁଖ୍ୟତଃ ଭାବବାଦ ଉପରେ ପ୍ରାଧାନ୍ୟ ଆରୋପ କରିଥିଲା । ତାଙ୍କର ଯୁକ୍ତିଥିଲା – ଆତ୍ମାର ବିକାଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହାର ବିକାଶରେ ପ୍ରକୃତିର ବିକାଶ ଘଟେ । ପ୍ରକୃତିର ବିକାଶରେ ସମାଜ ବିକଶିତ ହୁଏ । ସମାଜ ବିକାଶ ସମ୍ବନ୍ଧୀୟ ହେଗେଲୀୟ ମତବାଦକୁ ସେତେବେଳେ ମାର୍କସ୍ ନୀରବ ସମର୍ଥନ ଜଣାଇଥିଲେ । ମାର୍କସ୍‌ଙ୍କ ଜୀବନରେ ହେଗେଲ୍‌ଙ୍କ ଚିନ୍ତାଦର୍ଶର ବହୁଳ ପ୍ରଭାବ ପରିଲକ୍ଷିତ ହୁଏ । ହେଗେଲ୍‌ଙ୍କ ବସ୍ତୁବାଦୀ ବିପ୍ଳବାତ୍ମକ ସିଦ୍ଧାନ୍ତମାନ ମାର୍କସ୍‌ଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା । ତେଣୁ କେବଳ ମନୁଷ୍ୟ ଜୀବନ କାହିଁକି ସମାଜ ଜୀବନରେ ଯେ ଦର୍ଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏ ସଂପର୍କରେ ମାର୍କସ୍ ଚିନ୍ତା କରିବାକୁ ଲାଗିଲେ । କାର୍ଲମାର୍କସ୍‌ଙ୍କ ଜୀବନୀରୁ ତାଙ୍କର ଚିନ୍ତାଦର୍ଶର ପୃଷ୍ଠଭୂମି ସଂପର୍କରେ ବହୁ ତଥ୍ୟ ପ୍ରତିପାଦିତ ହୋଇଥାଏ । ସେ ସଂପର୍କରେ କିଞ୍ଚିତ ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା ।

ମାର୍କସ୍ ୧୮୪୧ ମସିହାରେ 'ଜେନା' ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଡକ୍ଟରେଟ୍ ଉପାଧି ଲାଭ କଲେ । ତତ୍କାଳୀନ ସମୟରେ ରାଇନିଶେ ଜାଇଟୁଙ୍ଗ ନାମକ ଏକ ବୈପ୍ଳବିକ ପତ୍ରିକା ପ୍ରକାଶିତ ହେଉଥିଲା । ମାର୍କସ୍ ଏହି ପତ୍ରିକାର ସଂପାଦନା ମଣ୍ଡଳୀରେ ଯୋଗ ଦେଲେ । ଯଦିଓ ଏହା ସ୍ୱଳ୍ପ ସମୟ ପାଇଁ ପ୍ରକାଶିତ ହେଉଥିଲା, ଏହା ହିଁ ଥିଲା ମାର୍କସ୍‌ଙ୍କ ଦାର୍ଶନିକ ଚିନ୍ତାଚେତନାର ପ୍ରଥମ ଭିତ୍ତିଭୂମି । ୧୯୪୩ ମସିହାରେ ସରକାରଙ୍କ ତରଫରୁ ଏହାକୁ ବାଜ୍ୟାପ୍ତି କରାଗଲା । ଏହାପରେ ମାର୍କସ୍ ଜର୍ମାନ୍ ପରିତ୍ୟାଗ କରି ଫ୍ରାନ୍ସ ଚାଲିଗଲେ । ଫ୍ରାନ୍‌ସ୍ ରେ ବିଶିଷ୍ଟ ସମାଜବାଦୀ ଲେଖକ ଏଙ୍ଗେଲ୍‌ସଙ୍କର ନିବିଡ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଲେ । ଏହା ମାର୍କସଙ୍କର ଜୀବନୀ ଯାହାକୁ ଇ.ଷ୍ଟୋପୋନୋଭା ରଚନା କରିଥିଲେ । ଏହି ପୁସ୍ତକରେ ମାର୍କସ୍ – ଏଙ୍ଗେଲସ୍‌ଙ୍କ ନିବିଡ ବନ୍ଧୁତ୍ୱ ସଂପର୍କରେ ଲେନିନ୍ ମତପ୍ରଦାନ କରିବାକୁ ଯାଇ କହିଥିଲେ –

"ଯେଉଁ ଦୁହିଁଙ୍କର ପାରସ୍ପରିକ ସମ୍ବନ୍ଧ ପ୍ରାଚୀନ କାଳରେ ମାନବିକ ବନ୍ଧୁତ୍ୱ ସଂପର୍କରେ ଲିଖିତ ବହୁ ମନୋଜ୍ଞ କାହାଣୀକୁ ମଧ୍ୟ ବଳି ଯାଇପାରେ ।"

## • ମାର୍କସ ଓ ଏଙ୍ଗେଲ୍ସଙ୍କ ମତବାଦକୁ ସମର୍ଥନ

ଉଭୟଙ୍କ ଚିନ୍ତାଦର୍ଶର ସମ୍ମିଳିତ ରୂପ 'ହୋଲି ଫ୍ୟାମିଲି' ଓ 'କ୍ରିଟିକ ଅଫ୍ କ୍ରିଟିକାଲ୍ କ୍ରିଟିସିଜିମ୍' ପ୍ରକାଶ ପାଇଲା । ସେତେବେଳେ ଏ ଦୁଇଟି ରଚନା ସମାଜରେ ଏତେ ଆଲୋଡନ ସୃଷ୍ଟି କଲା ଯେ , ମାର୍କସ୍‌ଙ୍କୁ ବିପ୍ଳବୀ ଭାବରେ ଅଭିଯୁକ୍ତ କରାଯାଇ ବ୍ରେସେଲ୍‌ସ୍‌କୁ ନିର୍ବାସିତ କରାଗଲା ।ବ୍ରେସଲ୍ସ ରହଣୀ କାଳରେ ମଧ୍ୟ ତାଙ୍କର 'ଦର୍ଶନ ଶାସ୍ତ୍ରର ଦାରିଦ୍ର୍ୟ' ନାମକ ଏକ ପୁସ୍ତକ ମଧ୍ୟ ପ୍ରକାଶ ପାଇଥିଲା । ଏହାପରେ ମାର୍କସ୍ ଓ ଏଙ୍ଗେଲ୍‌ସ୍‌ଙ୍କୁ ଜର୍ମାନୀର ଶ୍ରମିକ ସଂଗଠନର ନେତୃତ୍ୱ ନେବା ପାଇଁ ଆମନ୍ତ୍ରଣ କରାଗଲା । ଏହି ଶ୍ରମିକ ସଙ୍ଗଠନ ପରବର୍ତ୍ତୀ କାଳରେ କମ୍ୟୁନିଷ୍ଟ ଲିଗ୍ ନାମରେ ପରିଚିତ ହେଲା । ଲିଗ୍‌ର ଲଣ୍ଡନ ଅଧିବେଶନରେ ମାର୍କସ୍ ଏଙ୍ଗେଲ୍‌ସ୍‌ଙ୍କର ମତବାଦକୁ ଗ୍ରହଣ କରାଗଲା ।

ଶୋଷଣର ବିଲୋପ ପାଇଁ ସିଦ୍ଧାନ୍ତ ପ୍ରସ୍ତୁତ

ମାର୍କସ୍ - ଏଙ୍ଗେଲସ୍‌ଙ୍କର ମତବାଦର ନିଦର୍ଶନ ସ୍ୱରୂପ ୧୮୪୮ ମସିହାରେ 'କମ୍ୟୁନିଷ୍ଟ ଇସ୍ତାହାର' ପ୍ରକାଶ ପାଇଲା । ଏହା ଶାସକ ଶ୍ରେଣୀ ବିରୋଧରେ ସର୍ବହରାମାନଙ୍କୁ ଏକଜୁଟ୍ କରିବା ପାଇଁ ପ୍ରଥମ ପଦକ୍ଷେପ ଥିଲା । ମାର୍କସ୍‌ଙ୍କର ଏ ପ୍ରକାର ପଦକ୍ଷେପ ହେତୁ ତାଙ୍କୁ ପୁନର୍ବାର ଜେଲ୍ ଦଣ୍ଡ ଭୋଗିବାକୁ ପଡିଥିଲା । ମାର୍କସ୍ ନିର୍ବାସିତ ହୋଇ ବେଲ୍‌ଜିୟମ୍ ରୁ ପ୍ୟାରିସ୍ ଗଲେ । ଶେଷରେ ଦୀର୍ଘ ୩୪ ବର୍ଷ କାଳ ଲଣ୍ଡନରେ ତାଙ୍କୁ ରହିବାକୁ ପଡିଲା । ଲଣ୍ଡନ ରହଣୀ କାଳରେ ମାର୍କସ୍ 'କ୍ୟାପିଟାଲ୍' ଗ୍ରନ୍ଥ ରଚନା କରିଥିଲେ । ଏଥିରେ ପୁଞ୍ଜିବାଦୀ ଅର୍ଥନୀତି ବ୍ୟବସ୍ଥାକୁ ଗଭୀର ଭାବେ ଅନୁଧ୍ୟାନ କରି ସର୍ବହରାମାନେ କିପରି ସମାଜରେ ଶୋଷିତ ହେଉଛନ୍ତି ଏବଂ ସେମାନଙ୍କ ଶୋଷଣର ବିଲୋପ ପାଇଁ ସିଦ୍ଧାନ୍ତମାନ ତିଆରି କଲେ ।

## • ମାର୍କସୀୟ ସିଦ୍ଧାନ୍ତର ନିର୍ଯ୍ୟାସ

ମାର୍କସ୍ ଯେଉଁ ଦାର୍ଶନିକ ସିଦ୍ଧାନ୍ତମାନ ସୃଷ୍ଟି କରିଗଲେ, ତାହା ତାଙ୍କୁ ଯୁଗ ଯୁଗ ପାଇଁ ଅମର କରି ରଖିବ। ସଂକ୍ଷେପରେ କହିଲେ ମାର୍କସୀୟ ତତ୍ତ୍ୱ - ଦର୍ଶନ, ରାଜନୀତି ଓ ଅର୍ଥନୀତିର ମିଳିତ ରୂପକୁ କୁହାଯାଏ । ଏହାର ସଂଜ୍ଞା ସଂପର୍କରେ 'Marxist Leninist Philosophy' ରେ କୁହାଯାଇଛି "Marxism-Leninism is a fully integrated theory consisting of three component parts , philosophy , political economy and the theory of scientific communism ."

ମାର୍କସ୍‌ବାଦର ମୂଳତତ୍ତ୍ୱ ଦର୍ଶନ, ରାଜନୈତିକ ଅର୍ଥନୀତି ଏବଂ ବୈଜ୍ଞାନିକ ସମାଜବାଦର ଏକ ମିଶ୍ରିତ ରୂପ । ଏହି ଚିନ୍ତାଧାରା କିପରି ଏଥିରେ ରୂପ ଲଭିଛି ସେ ସଂପର୍କରେ ବର୍ତ୍ତମାନ ଆଲୋଚନା କରିବା । ଏହି ଆବରଣ ତଳେ ଶୋଷକ ଗୋଷ୍ଠୀ କରୁଥିବା ଅନ୍ୟାୟ, ଶୋଷଣର ପରିସମାପ୍ତି ଘଟାଇବା ପାଇଁ ବିପ୍ଳବର ବରର୍ତ୍ତା ପ୍ରଚାର କରେ ଏଇ ମାର୍କସ୍‌ବାଦୀ ସାହିତ୍ୟ । ସମାଜ ମଧ୍ୟରେ ଏକ ଶୋଷଣ ବିହୀନ ସାମ୍ୟବାଦୀ ସମାଜର ପରିକଳ୍ପନା କରେ । ସାହିତ୍ୟ ମାଧ୍ୟମରେ ହିଁ ଏସବୁ ସମ୍ଭବ ହୋଇଥାଏ । ମାର୍କସ୍‌ବାଦୀ ସାହିତ୍ୟ କେବଳ ଯେ

ସାଧାରଣ ଶୋଷିତ ଜନତାଙ୍କୁ ସେମାନଙ୍କର ରାଜନୈତିକ କ୍ଷମତାରେ ଅଧିଷ୍ଠିତ କରାଇବା ଏହାର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ଅଟେ । ତେଣୁ ମାର୍କସ୍‌ବାଦୀ ସାହିତ୍ୟ ରାଜନୀତି ସହିତ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ଅଟେ। ମାର୍କସ୍‌ବାଦୀ ସ୍ରଷ୍ଟାର ରାଜନୈତିକ ସଚେତନତା ତାର ବୈପ୍ଳବିକ ମୂଲ୍ୟବୋଧକୁ ଶାଣିତ କରିଥାଏ ।

- **ମାର୍କସ୍‌ବାଦୀ ଚିନ୍ତାଧାରାର ପ୍ରୟୋଗ**

### କ. ଋଷ୍ ଦେଶରେ ମାର୍କସ୍‌ବାଦର ପ୍ରୟୋଗ

ଏହିପରି ବିଭିନ୍ନ ତତ୍ତ୍ୱକୁ ନେଇ ମାର୍କସ୍‌ବାଦର ଉନ୍ମେଷ ଘଟିଥିଲା । ଇତିହାସର ଅର୍ଥନୈତିକ ବ୍ୟାଖ୍ୟା ଦ୍ୱାରା ଏହା ବ୍ୟକ୍ତିର ବାସ୍ତବ ସ୍ଥିତି ସଂପର୍କରେ ଯଥାଯଥ ଅନୁଧ୍ୟାନ କରିପାରିଥିଲା । ରାଷ୍ଟ୍ରତତ୍ତ୍ୱର ନୂତନ ସମୀକ୍ଷା କରି ବୈଜ୍ଞାନିକ ସମାଜବାଦର ଅବତାରଣା ସହିତ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ମଧ୍ୟରେ ସଂପର୍କର ସେତୁ ସ୍ଥାପନ କରାଇ ପାରିଲା । ଯୁକ୍ତି ସଂଗତ ଓ ବାସ୍ତବ ରୂପାୟନ ଦ୍ୱାରା ସମାଜରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ହୋଇଥାଏ । ବ୍ୟକ୍ତିକୁ ଜାତି,  ଧର୍ମ ଓ ରାଷ୍ଟ୍ରର ସଂକୀର୍ଣ୍ଣ ବନ୍ଧନୀ ମଧ୍ୟରୁ ମୁକ୍ତ କରି ଆନ୍ତର୍ଜାତିୟ ମାନବତାର ନୂତନ କାର୍ତ୍ତିମାନ ସ୍ଥାପନ କରିଥିବା ଏହି ମାର୍କସ୍‌ବାଦୀ ଦର୍ଶନ ଧିରେ ଧିରେ ଲୋକପ୍ରିୟ ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ ଲେନିନ୍, ମାଓ-ସେ-ତୁଙ୍ଗ ପ୍ରଭୃତି ନେତୃବୃନ୍ଦ ଏହାର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ମାନ ଗ୍ରହଣ କଲେ। ୧୯୧୭ ମସିହାରେ ଏହାର ସର୍ବପ୍ରଥମ ସଫଳ ପ୍ରୟୋଗ ସୋଭିଏତ୍ ଋଷିଆରେ କରାଯାଇଥିଲା। ଯାହାର ନେତୃତ୍ୱ ନେଲେ ସ୍ୱୟଂ ଲେନିନ୍ । ଋଷ ଦେଶ ପ୍ରଥମେ ଅତ୍ୟାଚାରୀ ଜାର୍‌ମାନଙ୍କ ଦ୍ୱାରା ଶାସନାଧୀନ ଥିଲା । ସେମାନେ ସାଧାରଣ ଜନତାଙ୍କୁ ଶୋଷଣ କରି କ୍ଷମତାର ଅପବ୍ୟବହାର କରୁଥିଲେ । ତେଣୁ ଜାର୍ ସାମ୍ରାଜ୍ୟର ପତନ ପାଇଁ ଋଷ୍ ଦେଶର ସାଧାରଣ ନିରୀହ ଶ୍ରମଜୀବି ଜନତା ଲେନିନ୍‌ଙ୍କ ନେତୃତ୍ୱରେ ବଲ୍‌ସେଭିକ୍ ପାର୍ଟି ଗଠନ କଲେ । ମାର୍କସ୍‌ଙ୍କର ତତ୍ତ୍ୱ ଆଦର୍ଶକୁ ପାଥେୟ ଭାବେ ଗ୍ରହଣ କରିଥିବା ଲେନିନ୍‌ଙ୍କର ପ୍ରଗାଢ ଉଦ୍ୟମ ହିଁ ଅତ୍ୟାଚାରୀ ଶାସନରେ ପୂର୍ଣ୍ଣଚ୍ଛେଦ ଟାଣି ପାରିଥିଲା । ତତ୍‌କାଳୀନ ସମାଜ ଏ ପ୍ରକାର ସଂଘର୍ଷ ଗୋର୍କୀ, ମାୟୋକୋଭସ୍କି, ଭେରିସାୟେଭ୍, ୟେସନିନ୍ ପ୍ରମୁଖ ସାହିତ୍ୟିକମାନଙ୍କ ରଚନାବଳୀରେ ମଧ୍ୟ ପରିଦୃଷ୍ଟ ହେଲା ।

### ଖ. ଚୀନ୍ ଦେଶରେ ମାର୍କସ୍‌ବାଦର ପ୍ରୟୋଗ

୧୯୪୯ ମସିହା ବେଳକୁ ମାର୍କସ୍‌ବାଦର ପ୍ରଭାବ ଚୀନ୍‌ରେ ମଧ୍ୟ ଅନୁଭୂତ ହେବାକୁ ଲାଗିଲା । ମାଓ - ସେ-ତୁଙ୍ଗ୍ ତାଙ୍କ ଦୃଷ୍ଟିରେ ଏହାକୁ ରୂପ ଦେବାକୁ ଯାଇ କଳା ଓ ସାହିତ୍ୟର ପ୍ରମୁଖ ଲକ୍ଷ୍ୟ କଣ ହେବା ଉଚିତ୍ ଓ ଏହା ଦ୍ୱାରା ସମାଜରେ କିପରି ମଙ୍ଗଳ ବିଧାନ କରାଯାଇପାରିବ ସେ ସଂପର୍କରେ ଗୁରୁତ୍ୱାରୋପ କଲେ । ମାଓଙ୍କ ମତରେ ସାହିତ୍ୟ ଜନତାଙ୍କ ପାଇଁ, ଜନତାଙ୍କ ଉଦ୍ଦେଶ୍ୟରେ ରଚିତ ହେବା ଆବଶ୍ୟକ । ସାହିତ୍ୟ ସାମନ୍ତବାଦ, ପୁଞ୍ଜିବାଦର ସ୍ତବଗାନ ନ କରି ସାଧାରଣ ଜନତାର ଦୁଃଖକୁ ହୃଦୟଙ୍ଗମ କରି ଜନସମାଜ ନିକଟରେ ପହଂଚାଇବା ସାହିତ୍ୟିକର କର୍ତ୍ତବ୍ୟ ହେବା ଉଚିତ । ଏ ସଂପର୍କରେ ମାଓଙ୍କ ଅଭିଭାଷଣରୁ ଏହା ସୂଚିତ ହୋଇଥାଏ ।

"By Marxism we mean not Marxism catch words but living Marxism which has practical bearings on the life and struggle for the people, When Marxist catch words are transformed into Marxism in real life there will be no more sectarianism ."

ସାହିତ୍ୟ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଏହି ମାର୍କସ୍‌ବାଦୀ ତତ୍ତ୍ୱ କେବଳ ଭାଷାରେ ପ୍ରକାଷ ପାଇବା ଅନୁଚିତ୍ । ଏହା ହୃଦୟରେ ଅନୁଭୂତ ହେଉଥିବା ବାସ୍ତବ ପ୍ରତିଛବିକୁ ଉତ୍ତୋଳିତ କରିବା ଉଚିତ ଏବଂ ଏଥିରେ ଦଳଗତ ବିଦ୍ୱେଷ ଭାବ ନରହିବା ଉଚିତ୍ ।

- **ଇଂରାଜୀ ସାହିତ୍ୟରେ ମାର୍କସ୍‌ବାଦ –**

ପ୍ରମୁଖ ପାଶ୍ଚାତ୍ୟ ରାଷ୍ଟ୍ରରେ ଯେତେବେଳେ ମାର୍କସ୍‌ବାଦର ପ୍ଲାବନ ସୃଷ୍ଟି ହେଲା ଇଂରାଜୀ ସାହିତ୍ୟ ମଧ୍ୟ ଏଥିରୁ ବାଦ୍ ଗଲା ନାହିଁ । ଶିଳ୍ପର ଦ୍ରୁତ ଅଭିବୃଦ୍ଧି, ସାମ୍ରାଜ୍ୟ ବିସ୍ତାର, ଇଂଲଣ୍ଡର ସାମାଜିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କଲା । ସେଠାରେ ମଧ୍ୟ ପୁଞ୍ଜିବାଦର ଅଭ୍ୟୁଦୟ ଘଟିଲା । ସାଧାରଣ ଜନତା ମଧ୍ୟ ଶୋଷିତ ହେବାକୁ ଲାଗିଲେ । ଏହି ସାମାଜିକ ଶ୍ରେଣୀ ସଂଘର୍ଷର ଚିତ୍ର କଡ୍‌ୱେଲ୍, ରାଇଫ୍ ଫକସ୍, ଓ୍ୱଲଟ୍ର ଡି-ଲା-ମୋରେ, ୟେଟ୍‌ସ ପ୍ରମୁଖ ସ୍ରଷ୍ଟାଙ୍କ ରଚନାରେ ମଧ୍ୟ ପ୍ରକାଶ ପାଇଲା । ଏହି ତତ୍ତ୍ୱର ଯାଦୁକାରୀ ଶକ୍ତି ଏତେ ପ୍ରବଳ ଥିଲା ଯେ ବିଂଶ ଶତାବ୍ଦୀରେ ପୃଥିବୀର ପ୍ରାୟ ଏକତୃତୀୟାଂଶ ରାଷ୍ଟ୍ର ଏହାକୁ ଆପଣେଇ ନେଇଥିଲେ । ଧୀରେ ଧୀରେ ଏହା ଭାରତୀୟ ସାହିତ୍ୟ ମଧ୍ୟ ଦେଇ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ମଧ୍ୟ ପ୍ରବେଶ କଲା । ସମଗ୍ର ବିଶ୍ୱ ସାହିତ୍ୟକୁ ଏକନୂତନ ଚମକ ପ୍ରଦାନ କରିଥିବା ଏହି ସାହିତ୍ୟ ତତ୍ତ୍ୱ ସଂପର୍କରେ ସବିଶେଷ ଆଲୋଚନା ଏକାନ୍ତ ପ୍ରୟୋଜନ। ତତ୍ତ୍ୱ ମଧ୍ୟରେ – ଉଦ୍‌ବୃତ୍ତ ମୂଲ୍ୟତତ୍ତ୍ୱ, ଶ୍ରେଣୀ ସଂଘର୍ଷ, ପୁଞ୍ଜିବାଦର ବିଲୋପ, ବୈପ୍ଳବାତ୍ମକ ପନ୍ଥାର ଅନୁସରଣ, ସର୍ବହରାର ଏକଛତ୍ରବାଦ, ରାଷ୍ଟ୍ରର ବିଲୋପ ସାଧନ ଇତ୍ୟାଦି ଅନ୍ତର୍ଭୁକ୍ତ । ମାର୍କସ୍‌ବାଦର ଏହି ମୌଳିକ ନୀତିଗୁଡିକ ଶୃଙ୍ଖଳାବଦ୍ଧ ଭାବେ ପରସ୍ପର ସହ ସଂପର୍କିତ । ନିମ୍ନରେ ସେଗୁଡ଼ିକୁ ଆଲୋଚନା କରାଗଲା ।

- **ଉଦ୍‌ବୃତ୍ତ ମୂଲ୍ୟ ତତ୍ତ୍ୱ –**

କାର୍ଲମାର୍କସ୍ ସର୍ବଦା ଐତିହାସିକ ବସ୍ତୁବାଦ ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ମତରେ ଶ୍ରମିକ ଶ୍ରମଦ୍ୱାରା ଯାହା ଉତ୍ପାଦନ କରେ, ତାର ଲକ ପ୍ରକାର ବଜାର ମୂଲ୍ୟ ସୃଷ୍ଟି ହୋଇଥାଏ । ତେଣୁ ଦ୍ରବ୍ୟର ସମସ୍ତ ମୂଲ୍ୟ ଶ୍ରମିକ ପାଇବା ପାଇଁ ହକ୍‌ଦାର । କିନ୍ତୁ ପୁଞ୍ଜିପତି ତାକୁ ଏଥିପାଇଁ ସ୍ୱଳ୍ପ ମୂଲ୍ୟ ପ୍ରଦାନ କରେ । ପ୍ରକୃତ ମୂଲ୍ୟ ମଧ୍ୟରୁ ଶ୍ରମିକର ପାରିଶ୍ରମିକ ମୂଲ୍ୟରୁ ବାଦ୍ ଦେଲେ ଯାହା ବଳକାରହେ ତାହା ହେଉଛି ଉଦ୍‌ବୃତ୍ତ ମୂଲ୍ୟ । ସାଧାରଣ ଭାଷାରେ ଆମେ ଏହାକୁ ଲାଭାଂଶ ବୋଲି କହିଥାଉ । ଏହି ଲାଭାଂଶର ପୂର୍ଣ୍ଣ ଦାବୀଦାର୍ ଶ୍ରମିକ ହୋଇଥିଲେ ମଧ୍ୟ ତାହାକୁ ପୁଞ୍ଜିପତି ମାଲିକ ଅକ୍ତିଆର କରିନିଏ । ଯାହାର ଅନ୍ୟନାମ ଶୋଷଣ ।

- **ଶ୍ରେଣୀ ସଂଘର୍ଷ –**

ସମାଜ ସୃଷ୍ଟିର ଅୟମାରମ୍ଭ କାଳରୁ ସଂଘର୍ଷର ସ୍ୱରୂପ ବିଦ୍ୟମାନ ରହିଛି । କେତେବେଳେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ତ କେତେବେଳେ ନିର୍ଦ୍ଧନ ଉପରେ ବିତ୍ତଶାଳୀ ଧନୀଗୋଷ୍ଠୀର ଅତ୍ୟାଚାର । ଏହାର ସ୍ୱରୂପ ନିରୂପଣ କରିବାକୁ ଯାଇ ମାର୍କସ୍ ଓ ଏଙ୍ଗେଲ୍‌ସ୍ ମତପ୍ରଦାନ କରନ୍ତି :

"free man and slave, partisan and plebian, lord and serf , guild master and journey man in a word , oppressor and oppressed stood in constant opposition to one another carried on an uninterrupted, now hidden, now open fight, that each

time ended either a revoluutionary reconstitution of society at large or in the common ruin of the contending classes.”

ସ୍ୱାଧୀନ ନାଗରିକ ଓ କ୍ରୀତଦାସ, ସମ୍ଭ୍ରାନ୍ତ ଓ ଇତର ଜନ, ଭୂସ୍ୱାମୀ ଓ ଭୂଦାସ ବଣିକ ସଂଘର ସଦସ୍ୟ ଓ ଦିନ ମଜୁରିଆ, ଗୋଟିଏ କଥାରେ କହିଲେ ଅତ୍ୟାଚାରୀ ଓ ଅତ୍ୟାଚାରିତ ପରସ୍ପର ବିରୋଧରେ ଛିଡ଼ା ହୋଇ ଆସିଛନ୍ତି । ଅବିରତ ସଂଗ୍ରାମରେ ଏମାନେ ଲିପ୍ତ । କେତେବେଳେ ପରୋକ୍ଷରେ ତ କେତେବେଳେ ପ୍ରତ୍ୟକ୍ଷରେ ଅତ୍ୟାଚାରୀ ଗୋଷ୍ଠୀର ସମୂହ ବିନାଶରେ ସମାଜରେ ବୈପ୍ଳବିକ ପରିବର୍ତ୍ତନର ଆନୟନ କରାଯାଇପାରିବ । ସାମନ୍ତବାଦୀ ସମାଜ ପରେ ପୁଞ୍ଜିବାଦୀ ଗୋଷ୍ଠୀର ଆବିର୍ଭାବ ହେଲା । ସମାଜରେ ପୁଞ୍ଜିପତି ଓ ସର୍ବହରା ନାମକ ପରସ୍ପର ବିରୋଧୀ ଗୋଷ୍ଠୀର ସୃଷ୍ଟି ହେଲା । ଏହି ଦୁଇଟି ଗୋଷ୍ଠୀ ମଧ୍ୟରେ ସଂଘର୍ଷର ମୂଳ କାରଣ ହେଲା ଅର୍ଥ। ଜଣେ ଚାହେଁ ଅର୍ଥ ସଂଚୟ କରିବା ପାଇଁ ଅପର ଜଣକ ଚାହେଁ ନିଜର ପରିଶ୍ରମ ମୁତାବକ ଅର୍ଥ ହାସଲ କରିବା ପାଇଁ । ତେଣୁ ଉଭୟ ମଧ୍ୟରେ ଚାଲିଥିବା ଏହି ସଂଘର୍ଷର ଅନ୍ୟନାମ ଶ୍ରେଣୀ ସଂଘର୍ଷ । ଏହାର ସଂଜ୍ଞା ନିରୂପଣ କରିବାକୁ ଯାଇ କବି ରଘୁନାଥ ଦାସ ମତବ୍ୟକ୍ତ କରନ୍ତି – “ସର୍ବହରା ଓ ବୁର୍ଜୁୟା ମଧ୍ୟରେ ସଂପର୍କ କେବଳ ପଇସାର ସଂପର୍କ । ବୁର୍ଜୁୟା ସର୍ବହରା ମିହନ୍ତରର ମୂଲ କଷେ । ସର୍ବହରାର ମିହନ୍ତରର ଭାଉ, ମାଛ ଓ ପରିବାର ଭାଉ ପରି ବଢେ ଓ ଖସେ । ବେଶି ମୂଲିଆ ମିଳିଲେ ମୂଲ ଶସ୍ତା ହୋଇଯାଏ । ମୂଲିଆ ଅଭାବ ପଡିଲେ ସର୍ବହରା ବେଶୀ ମଜୁରୀ ଦାବୀ କରି ବସେ । ଏହି ଭିଡ଼ା ଓଟରାକୁ କୁହାଯାଏ ଶ୍ରେଣୀ ସଂଘର୍ଷ ।”

ଏହି ଯେଉଁ ଶ୍ରେଣୀ ସଂଘର୍ଷର ସୂତ୍ରପାତ ହୁଏ ତାର ପରିସମାପ୍ତି ଘଟେ ଏକ ସାମ୍ୟବାଦୀ ଶ୍ରେଣୀ ବିହୀନ ସମାଜ ପ୍ରତିଷ୍ଠାରେ ।

- **ପୁଞ୍ଜିବାଦର ବିନାଶ –**

କେବଳ ଯେ ଶ୍ରେଣୀ ସଂଘର୍ଷର ସୂତ୍ରପାତ ଘଟିଲେ ସମସ୍ୟାର ସମାଧାନ ହୋଇଯାଏ ତାହା ନୁହେଁ, ପୁଞ୍ଜିପତି ଗୋଷ୍ଠୀର ସମୂଳେ ବିନାଶ ଏକାନ୍ତ ଅନିବାର୍ଯ୍ୟ । ପୁଞ୍ଜିପତି ନିଜ ପାଇଁ ନିଜେ ବିନାଶ ପଥକୁ ଡ଼ାକି ଆଣେ। ତୀବ୍ର ପ୍ରତିଯୋଗିତା ହେତୁ ଏମାନଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିଯାଏ । ଛୋଟ ଛୋଟ ପୁଞ୍ଜିପତିମାନେ ବୃହତ ପୁଞ୍ଜିପତିମାନଙ୍କ ଦ୍ୱାରା ଶୋଷିତ ହୁଅନ୍ତି । ଏହାଦ୍ୱାରା ଧୀରେ ଧୀରେ ଶୋଷିତ ସର୍ବହରା ମାନଙ୍କର ସଂଖ୍ୟା ବଢେ । ଏହି ଅସନ୍ତୋଷ ଶେଷରେ ସେମାନଙ୍କୁ ଏକଜୁଟ୍ କରାଇ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରାଏ ।

- **ବିପ୍ଳବ –**

ଶ୍ରେଣୀ ସଂଘର୍ଷର ଚରମ ଅବସ୍ଥା ହେଉଛି ବିପ୍ଳବ । ଯେତେବେଳେ ପୁଞ୍ଜିପତିର ଅତ୍ୟାଚାରରେ ଅତିଷ୍ଠ ହୋଇ ସର୍ବହରା ନିଜର ସର୍ବସ୍ୱ ହରାଇ ସାରିଥାଏ । ସେତେବେଳେ ସେ ବିପ୍ଳବକୁ ଗ୍ରହଣ କରିନିଏ । ପୁଞ୍ଜିପତିମାନଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଯୋଗାଉଥିବା ରାଷ୍ଟ୍ର ବ୍ୟବସ୍ଥାର ବିଲୟ ପାଇଁ ସଂକଳ୍ପ ବଦ୍ଧହୁଏ ।

- **ରାଷ୍ଟ୍ରର ବିଲୟ –**

ମାର୍କସ୍ ସର୍ବହରାମାନଙ୍କୁ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରେରଣା ପ୍ରଦାନ କରନ୍ତି । ଏହାଦ୍ୱାରା ରାଷ୍ଟ୍ରର ବିଲୟ ଘଟି ପାରିବ । କାରଣ ରାଷ୍ଟ୍ର ହେଉଛି ଶ୍ରେଣୀ ସଂଘର୍ଷର ମୁଖ୍ୟ କାରଣ । ଶ୍ରେଣୀ ବିହୀନ ସମାଜ

ଗଠନ କ୍ଷେତ୍ରରେ ଏହାର ଉପସ୍ଥିତି ପ୍ରଧାନ ଅନ୍ତରାୟ ସୃଷ୍ଟି କରେ । ତେଣୁ ଏହାର ବିଲୟ ହିଁ ସର୍ବହରାର ଏକଛତ୍ରବାଦ ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରେ । ଜଗତକୁ ବୁଝିବା ଦାର୍ଶନିକର କାର୍ଯ୍ୟ ନୁହେଁ , ପରନ୍ତୁ ଜଗତକୁ ପରିବର୍ତ୍ତନ କରିବାରେ ଦାର୍ଶନିକର ଗୁରୁଦାୟିତ୍ୱ ବିଦ୍ୟମାନ ।

- **ମାର୍କସଙ୍କ ଚିନ୍ତାଜଗତର ଚତୁଃପାର୍ଶ୍ୱରେ ଘୂର୍ଣ୍ଣାୟମାନ -**

ସମାଜବିଜ୍ଞାନ, ଅର୍ଥନୀତି ଓ ରାଜନୀତି, ମାର୍କସ ତାଙ୍କ ଦର୍ଶନର ଅଧିକାଂଶ ସୂତ୍ରାବଳୀକୁ ସାମାଜିକ ସଂପର୍କ ମଧ୍ୟ ଦେଇ ଆବିଷ୍କାର କରିଛନ୍ତି । ଅର୍ଥଠାରୁ ଧର୍ମ ଈଶ୍ୱର, ପୁଞ୍ଜି, ଶ୍ରମ ଓ ଶ୍ରେଣୀ ସବୁକିଛି ପ୍ରକଟିତ କରାଇବାକୁ ଚାହିଁଛନ୍ତି । ଏସବୁକୁ ମାର୍କସ ଅତୀତର ଦର୍ଶନ ଓ ଅଭିଧାନ ପ୍ରଦତ୍ତ ଅର୍ଥଠାରୁ ଅଲଗା କରି ଦେଖିଛନ୍ତି। ଏସବୁ ଶବ୍ଦ ମାର୍କସୀୟ ଦୃଷ୍ଟିରେ ପାଲଟି ଯାଇଛି ସାମାଜିକ ସଂପର୍କର ରୂପଚିତ୍ର ।

- ତେଣୁ ମାର୍କସବାଦ ସ୍ୱପ୍ନାୟନ ନୁହେଁ କି କଳ୍ପଲୋକର ଚିନ୍ତନ ନୁହେଁ, ଏହା ଏକ ବିକଳ୍ପ ଦର୍ଶନ । ପ୍ରାଥମିକ ପର୍ଯ୍ୟାୟରେ ଏହାର ମୂଳମନ୍ତ୍ର (କ) ଶ୍ରମିକ, କୃଷକ (ଯେଉଁମାନେ ଅବହେଳିତ) ସେମାନଙ୍କୁ ନିଜର ଅଧିକାର ସଂପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଥିଲା । (ଖ) ବିପ୍ଲବ ମାଧ୍ୟମରେ ମଣିଷର ମୁକ୍ତି। (ଗ) ତଥାକଥିତ ଶାସନ ପଦ୍ଧତିକୁ ଭାଙ୍ଗି ସାମ୍ୟବାଦରେ ପ୍ରତିଷ୍ଠା ।

(କ) ଊନବିଂଶ ଶତାବ୍ଦରୁ ସୃଷ୍ଟ ମାର୍କସୀୟ ଅନୁଚିନ୍ତା ବହୁ ପରୀକ୍ଷା ନିରୀକ୍ଷା, ଚର୍ଚ୍ଚା, ବିଶ୍ଳେଷଣ ମଧ୍ୟଦେଇ ଦିନକୁଦିନ ସକ୍ରିୟ ହୋଇଉଠିଛି । ମାର୍କସବାଦର ପ୍ରକ୍ରିୟା ମଧ୍ୟଦେଇ ସାମନ୍ତବାଦର ପତନ ଘଟିଛି । ଏହା ପୁଣି ସମ୍ଭବ ହୋଇଛି ପ୍ରୋଲେଟେରିଏଟ୍ ମାନଙ୍କ ମିଳିତ ଉଦ୍ୟମରେ ।

- ମାର୍କସବାଦର ନବୀକରଣ ଭିତରେ ସମାଜ ବିଜ୍ଞାନୀ ଅର୍ଥନୀତିଜ୍ଞମାନଙ୍କ ସମେତ ଦାର୍ଶନିକ, କଳାକାର, ଲେଖକମାନେ ଯେଉଁ ସମାଜ ବ୍ୟାଖ୍ୟା କରିଛନ୍ତି ଓ ଯେଉଁ ତତ୍ତ୍ୱ ପରିବେଷଣ କରିଛନ୍ତି ତାହା ମାର୍କସବାଦର ସ୍ୱରୂପକୁ ନୂଆ ରୂପ ଦେଇଛି ଓ ଆଜି ମଧ୍ୟ ମାର୍କସବାଦର ଗୁରୁତ୍ୱ ଉପଲବ୍ଧି କରାଯାଉଛି ।

- ବର୍ଲିନ୍ ପ୍ରାଚୀର ଭଙ୍ଗ ଓ ସୋଭିଏତ୍ ସଂଘର ପତନ ସମଗ୍ର ବିଶ୍ୱର ପୁଞ୍ଜିବାଦୀ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଭିତେର ଆନନ୍ଦ ଖେଳାଇଦେଇଥିଲା । ଏଥିରୁ ସୃଷ୍ଟି ହେଲା (Neoliberalism) ନବ୍ୟଉଦାରବାଦୀ । ଏହା ଦ୍ୱାରା ଦୁଇଗୋଟି କଥା ସମ୍ଭବ ହୋଇପାରିଲା । (କ) ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ନବ୍ୟ-ଉପନିବେଶ ସ୍ଥାପନ ଓ ସାମ୍ରାଜ୍ୟ ବିସ୍ତାର ସହିତ ସ୍ୱାର୍ଥସାଧନ । ଏହା ଏକ ନୂଆ ସଂକଟ ତିଆରି କଲା ।

- ସ୍ୱଭୂମି ବର୍ଜିତ ପଞ୍ଜିପତିମାନେ ମାନବ ସମ୍ବଳବିକାଶର ଦ୍ୱାହି ଦେଇ ଅନ୍ୟ ଭୂଖଣ୍ଡର ସାଧାରଣ ମଣିଷମାନଙ୍କର ସରଳ ମାନସିକତା ସହିତ ଭାବଗତ ସଂପର୍କ ଯୋଡ଼ିବାରେ ସଫଳ ହେଲେ ।

- ଗୋଟିଏ ପକ୍ଷରେ ସ୍ୱଚ୍ଛବିକାଶ (Trickle down) ଆଧାରରେ ପୁଞ୍ଜିର ଏକତ୍ରୀକରଣ ହୋଇପାରିଲା । ଅନ୍ୟପଟେ ଦାରିଦ୍ର୍ୟ ଅଶିକ୍ଷାର ଘନୀଭୂତ କରାଳ ରୂପ । ଏଥିରେ ସ୍ତବ୍ଧଚକିତ ଜନସମୁଦାୟ । ଏ ସଂପର୍କରେ ଗୌରାଙ୍ଗ ଦାଶ କହନ୍ତି - ବିଦ୍ୟା, ବୁଦ୍ଧି, ବିତ୍ତ ଓ ବ୍ୟାପାର ଏହି ଚାରିଗୋଟି ଆୟୁଧ ମାଧ୍ୟମରେ ସେମାନେ ବିଶ୍ୱର

ଅବଶିଷ୍ଟ ସ୍ୱାଧୀନ ଜନସମୁଦାୟ ମାନଙ୍କୁ ଦାସ ଓ ନିର୍ଭରଶୀଳ କରି ରଖିବା ପାଇଁ ଯେପରି ପଣ କରିଛନ୍ତି । ସେମାନେ ପୁଞ୍ଜି ଓ ନୂତନ ଜ୍ଞାନକୌଶଳର ବାହକ ଏବଂ ନବସାମନ୍ତବାଦର ଦଲାଲ । ପୁଞ୍ଜିର ଆନ୍ତର୍ଜାତୀକରଣ ଆଳରେ ଆତ୍ମପରିତୃପ୍ତିର କାବ୍ୟାୟନ ।

ଏହି ନୀତିକୁ ଆପଣେଇ ନେଇଛି ଆମେରିକା । ଫ୍ରାନ୍ସିସ ଫୁକୁୟାମା ଓ ସାମୁଏଲ୍ ହଣ୍ଟିମଟନଙ୍କ ପରି ଚିନ୍ତାଶୀଳ ବ୍ୟକ୍ତି ଦ୍ୱୟ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି ।

• The End History and the last man ପୁସ୍ତକରେ-ସାମ୍ୟବାଦୀ ରାଷ୍ଟ୍ର ଗଠନରେ ସ୍ୱପ୍ନ ଓ The class of civilization ପୁସ୍ତକରେ ଇସ୍ଲାମିକ୍ ରାଷ୍ଟ୍ର ସମୂହର ଆଭ୍ୟନ୍ତରୀଣ କଳହ ପ୍ରତିପାଦିତ । କିନ୍ତୁ ଦୁଇଟିଯାକ ପୁସ୍ତକରେ ଆମେରିକାର ସାମ୍ରାଜ୍ୟବାଦୀ ରାଷ୍ଟ୍ରନୀତି ଓ ପୁଞ୍ଜିବାଦୀ ଆଧିପତ୍ୟକୁ ପ୍ରଶଂସା କରାଯାଇଛି ।

• ଉନ୍ମୁକ୍ତ ବିଶ୍ୱବଜାର ପୁଞ୍ଜିବାଦୀ ଅର୍ଥନୀତିକୁ ସଫଳତାର ଶୀର୍ଷରେ ପହଂଚାଇବ । ଏକଥା ଉପରେ ଗୁରୁତ୍ୱ ଦେଲେ ଫୁକୁୟାମା । କେବଳ ସେତିକି ନୁହେଁ ମୁକ୍ତ ବଜାର ଅର୍ଥନୀତି ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରଚାର ଓ ପ୍ରସାରକୁ ଫୁକୁୟାମା ପ୍ରଗତିର ଆଖ୍ୟା ଦେଲେ । ଫୁକୁୟାମା କହନ୍ତି –

"societies have a degree of freedom in the extent to which they regulate and plan capitalist economics .***

Nonetheless the unfolding of technologically driven economic modernization creates strong incentives for developed countries to accept the basic term of the universal capitalist economic competition and letting prices be determined by market mechanisisms ."

## • ମାର୍କସ୍‌ବାଦର ପ୍ରାରୂପ

ଐତିହାସିକ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ ଦର୍ଶନ ହେଉଛି ଏକ ବିଶ୍ୱ ଦୃଷ୍ଟିକୋଣ । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ଦର୍ଶନ ହେଉଛି ବିଜ୍ଞାନସମ୍ମତ ବିଶ୍ୱ ଦୃଷ୍ଟିକୋଣ । ଦର୍ଶନ କ୍ଷେତ୍ରରେ ଦୁଇଟି ଦିଗ ରହିଛି । ପ୍ରଥମେ ବସ୍ତୁ ନା ଚେତନା । ବସ୍ତୁ ମଧ୍ୟରୁ ଚେତନାର ସୃଷ୍ଟି ନା ଚେତନା ମଧ୍ୟରୁ ବସ୍ତୁର ସୃଷ୍ଟି । ଆଉ ଦ୍ୱିତୀୟଟି ହେଉଛି ମନୁଷ୍ୟର ମନ ପାରିପାର୍ଶ୍ୱିକ ଜଗତକୁ ଅନୁଧାବନ କରି ତାର ବିକାଶ ପାଇଁ ଚେଷ୍ଟା କରେ କି ନାହିଁ । ତା ହେଲେ ବର୍ତ୍ତମାନ ପ୍ରଥମ ପ୍ରଶ୍ନଟି ସଂପର୍କରେ ଆଲୋଚନା କରିବା । ଦାର୍ଶନିକମାନେ ଏହି ସବୁ ପ୍ରଶ୍ନର ସରଳ ସମାଧାନ ପାଇଁ ବହୁମତ ପାର୍ଥକ୍ୟ ପରେ ଦୁଇ ପ୍ରକାର ଗୋଷ୍ଠୀ ତିଆରି କରିଛନ୍ତି । (କ) ଭାବବାଦୀ (ଖ) ବସ୍ତୁବାଦୀ। ବସ୍ତୁବାଦୀମାନଙ୍କ ମତରେ ବସ୍ତୁ (ପ୍ରକୃତି) ହେଉଛି ଆଗ, ଚେତନା ହେଉଛି ପର । ସେମାନଙ୍କର ମତରେ ପ୍ରକୃତି ଚିରନ୍ତନ । ସୃଷ୍ଟିର ଅୟମାରମ୍ଭରୁ ଏହାର ସତ୍ତା ବିଦ୍ୟମାନ । ପ୍ରକୃତିକୁ କେହି କେବେ ସୃଷ୍ଟି କରି ନାହିଁ। 'ଚେତନା' ବା 'ଚିନ୍ତାଶକ୍ତି' ହେଉଛି 'ପର' ଏଇଥିପାଇଁ ଯେ, ପ୍ରଥମେ ପ୍ରକୃତିର ସୃଷ୍ଟି। ପ୍ରକୃତିର କୋଳରେ ମନୁଷ୍ୟର ସୃଷ୍ଟି। ମନୁଷ୍ୟର ସୃଷ୍ଟି ହେବା ପରେ ସମୟାନୁକ୍ରମେ ତାର ଚିନ୍ତା ଚେତନାର ବିକାଶ ଘଟିଲା ।

କିନ୍ତୁ ଯେଉଁମାନେ ବିଚାର କରନ୍ତି 'ଚେତନା' ହେଉଛି ଆଗ, ମଣିଷ ତାର ଚିନ୍ତାଚେତନା ବଳରେ ପ୍ରକୃତିକୁ ସୃଷ୍ଟି କରିଛି ଓ ତାକୁ ନିଜ ନିୟନ୍ତ୍ରଣରେ ରଖିପାରିଛି ସେମାନେ ଭାବବାଦୀ ଚିନ୍ତାଧାରାରେ ଅନ୍ତର୍ଭୁକ୍ତ । ବିଶେଷ କରି ସେମାନେ ଆଧ୍ୟାତ୍ମିକ ଶକ୍ତି ଉପରେ ଗୁରୁତ୍ୱାରୋପ କରନ୍ତି । ଜଗତ୍ ସୃଷ୍ଟିର ମୂଳରେ ଯେ ଆଧ୍ୟାତ୍ମିକ ଶକ୍ତିର ପରାକାଷ୍ଠା ରହିଛି ଏହା ଉପରେ ପ୍ରାଧାନ୍ୟ ଦିଅନ୍ତି । ଉଭୟ ଦର୍ଶନ ମଧ୍ୟରେ ସଦାସର୍ବଦା ଏକପ୍ରକାର ମତ ପାର୍ଥକ୍ୟ ରହି ଆସିଛି । ଭାବବାଦୀମାନଙ୍କ ସଂପର୍କରେ ମତବ୍ୟକ୍ତ କରିବାକୁ ଯାଇ ଲେନିନ୍ କହନ୍ତି- " ଏହା ଏକ ଭ୍ରାନ୍ତ ଆଉ ଏଡେଇ ଯିବାର ଲଜ୍ଜାକର କୌଶଳ ।"

ଏହି ଭାବବାଦୀ ଚିନ୍ତାଧାରା ସଦାସର୍ବଦା ସମାଜର ଶୋଷକ ଗୋଷ୍ଠୀଙ୍କ ହତିଆର ରୂପେ ବ୍ୟବହୃତ ହୋଇଥାଏ । ତେଣୁ ଏହାର ବିରୋଧାଭାସ ଭାବେ ଆମେ ବସ୍ତୁବାଦକୁ ଗ୍ରହଣ କରିଥାଉ । କାହିଁକି ନା ବସ୍ତୁବାଦ ବୈଜ୍ଞାନିକ ଧାରଣା ଉପରେ ପର୍ଯ୍ୟବେସିତ । ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ସଂପର୍କରେ ଆଲୋଚନା କରିବାକୁ ଯାଇ ଡ଼ଃ ବିଜୟ କୁମାର ଶତପଥୀ ମତବ୍ୟକ୍ତ କରନ୍ତି ଯେ -

"ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ମୂଳ କଥାଟି ହେଲା ବସ୍ତୁଗତ ଅବସ୍ଥା । ଏହାର ପ୍ରକ୍ରିୟା ହେଉଛି ଦ୍ୱନ୍ଦ୍ୱ, ସଂଘର୍ଷ ବା ବିରୋଧ । ବସ୍ତୁ ମଧ୍ୟରେ ଦ୍ୱନ୍ଦ୍ୱ ଓ ବସ୍ତୁ ମଧ୍ୟରେ ବିରୋଧ ହେଉଛି ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦର ମୂଳ କଥା "

ପରିଶେଷରେ 'ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ' କହିଲେ ବିଶ୍ୱର ବା, ବସ୍ତୁର ସୃଷ୍ଟି ପାଇଁ ଈଶ୍ୱରଙ୍କ ପ୍ରୟୋଜନ ନଥାଏ । ବିଶ୍ୱ ବ୍ରହ୍ମାଣ୍ଡର ବିକାଶ, ପ୍ରକୃତିର ବିକାଶ ଓ ମନୁଷ୍ୟର ଚେତନ ସ୍ତରର ବିକାଶ ଉପରେ ଏହା ନିର୍ଭର କରେ । ଏହି ପ୍ରକ୍ରିୟା ଦ୍ୱନ୍ଦ୍ୱମୂଳକ । ଦାର୍ଶନିକ ମାର୍କସ୍‌ଙ୍କ ମତରେ ମଣିଷର ମନ ବସ୍ତୁ (ପ୍ରକୃତି) ର ସ୍ରଷ୍ଟା ନୁହେଁ। ପ୍ରକୃତିର ବିକାଶ ଘଟିବା ସଙ୍ଗେ ସଙ୍ଗେ ମଣିଷର ଚିନ୍ତାଶକ୍ତିରେ ମଧ୍ୟ ବିକାଶ ପରିଲକ୍ଷିତ ହୁଏ । ଏହା ହିଁ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦର ମୂଳ କଥା ।

ପାଶ୍ଚାତ୍ୟ ଜଗତରେ ପ୍ରଥମେ ଏକ ଧାରଣା ଥିଲା ଯେ ବସ୍ତୁ (ପ୍ରକୃତି) ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଛି ।। କିନ୍ତୁ ହେଗେଲ୍‌ଙ୍କ ଐତିହାସିକ ବସ୍ତୁବାଦ ଏହି ଧାରଣା ବିରୋଧରେ ପ୍ରଥମେ ମନ୍ତବ୍ୟ ପ୍ରକାଶ କଲେ ଓ ବୈଜ୍ଞାନିକ ମତବାଦକୁ ପ୍ରାଧାନ୍ୟ ଦେଲେ । ମାର୍କସ୍ ମଧ୍ୟ ହେଗେଲ୍‌ଙ୍କର ଏହି ମତବାଦକୁ ସମର୍ଥନ କରିବାକୁଯାଇ ପୂର୍ବରୁ ଯେଉଁ ଭ୍ରାନ୍ତ ଧାରଣା ରହିଥିଲା, ତାକୁ ଦୂର କରିବା ପାଇଁ ସମାଜ ବିଜ୍ଞାନକୁ ବସ୍ତୁବାଦୀ ଭିତ୍ତିରେ ଗଢି ତୋଳିଲେ ।

**ଆର୍ଥନୀତିକ ଚେତନା :** ସାମାଜିକ ସଂଗଠନ ଗୁଡ଼ିକ ଆଜି ଯାହା ଅଛି ଅତୀତରେ ତାହା ନଥିଲା । ସମାଜରେ ଅଦ୍ୟାବଧି ହେଉଥିବା ଅଭିବୃଦ୍ଧି ମନୁଷ୍ୟର ଆର୍ଥନୀତିକ ଅଭିବୃଦ୍ଧି ମନୁଷ୍ୟର ଆର୍ଥନୀତିକ ଅଭିବୃଦ୍ଧି ଦ୍ୱାରା ସମ୍ଭବ ହୋଇ ପାରିଛି । ତେଣୁ ଅର୍ଥନୈତିକ ମାନଦଣ୍ଡ ହିଁ ସାମାଜିକ ବ୍ୟବସ୍ଥାର ମୂଳ ମାନଦଣ୍ଡ । ଧୀରେ ଧୀରେ ସମାଜ ବ୍ୟବସ୍ଥାରେ ପରିବର୍ତ୍ତନ ଦେଖାଯିବାରୁ, ସମାଜ ମଧ୍ୟରେ ଦୁଇଟି ଗୋଷ୍ଠୀର ଆବିର୍ଭାବ ଘଟିଲା। ତାହା ହେଉଛି ଧନୀ- ନିର୍ଦ୍ଧନ, ଶୋଷକ-ଶୋଷିତ । ସମାଜର ଅର୍ଥନୀତି ରହିଲା ଧନୀ ଶୋଷକଗୋଷ୍ଠୀଙ୍କ କବ୍ଜାରେ । ଅର୍ଥନୈତିକ ମାନଦଣ୍ଡ ଉପରେ ଗଢି ଉଠିଥିବା ନୀତି ଆଇନ୍, ରାଜନୀତି, ଧର୍ମ, ସଂସ୍କୃତି ସବୁ କିଛି ରହିଲା ସେମାନଙ୍କ ହାତ

ମୁଠାରେ । ତେଣୁ ଏ କ୍ଷେତ୍ରରେ ବିଚ୍ୟୁତି ସମାଜର ମେରୁଦଣ୍ଡ ଦୋହଲାଇ ଦେଲା। ଏହାକୁ ପରିବର୍ତ୍ତନ କରିବା ପାଇଁ ସାମାଜିକ କ୍ଷେତ୍ରରେ ବିପ୍ଲବ ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ । ଶ୍ରେଣୀ ବିହୀନ ସାମ୍ୟବାଦୀ ସମାଜ ଗଠନ କରିବା ନିମନ୍ତେ ଏ ପ୍ରକାର ଅର୍ଥନୈତିକ ବ୍ୟବସ୍ଥାର ପୁନର୍ବିନ୍ୟାସ ଆବଶ୍ୟକ । ଅତୀତରେ ପ୍ରଚଳିତ ଐତିହାସିକ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇପାରିବ । ଏହାକୁ ଐତିହାସିକ ବସ୍ତୁବାଦ ବା ଇତିହାସର ଅର୍ଥନୈତିକ ବ୍ୟାଖ୍ୟା କୁହାଯାଏ ।

**ରାଜନୀତିକ ରୂପ :** ମାର୍କସ୍‌ବାଦୀ ଚିନ୍ତାଧାରା ଅନୁଯାୟୀ ଆମ ସମାଜ ଦୁଇ ଭାଗରେ ବିଭକ୍ତ । ଯଥା – ଶୋଷକ ଗୋଷ୍ଠୀ ଓ ଶୋଷିତ ଗୋଷ୍ଠୀ । ମାର୍କସ୍‌ବାଦ ଏଇ ଶୋଷିତ ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରେ। ଭଦ୍ର ମୁଖାର ଆବରଣ ତଳେ ଶୋଷକ ଗୋଷ୍ଠୀ କରୁଥିବା ଅନ୍ୟାୟ, ଶୋଷଣର ପରିସମାପ୍ତି ଘଟାଇବା ପାଇଁ ବିପ୍ଲବର ବାର୍ତ୍ତା ପ୍ରଚାର କରେ ଏଇ ମାର୍କସ୍‌ବାଦୀ ସାହିତ୍ୟ। ସମାଜ ମଧ୍ୟରେ ଏକ ଶୋଷଣ ବିହୀନ ସାମ୍ୟବାଦୀ ସମାଜର ପରିକଳ୍ପନା କରେ। ସାହିତ୍ୟ ମାଧ୍ୟମରେ ହିଁ ଏସବୁ ସମ୍ଭବ ହୋଇଥାଏ। ମାର୍କସ୍‌ବାଦୀ ସାହିତ୍ୟ କେବଳ ଯେ ସାଧାରଣ ଶୋଷିତ ଜନତାଙ୍କୁ ସେମାନଙ୍କର ଅର୍ଥନୈତିକ ଅଧିକାର ସଂପର୍କରେ ସଚେତନ କରାଇଥାଏ ତାହା ନୁହେଁ ବରଂ ଏହା ସହିତ ସେମାନଙ୍କୁ ରାଜନୈତିକ କ୍ଷମତାରେ ଅଧିଷ୍ଠିତ କରାଇବା ଏହାର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ଅଟେ। ତେଣୁ ମାର୍କସ୍‌ବାଦୀ ସାହିତ୍ୟ ରାଜନୀତି ସହିତ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ଅଟେ। ମାର୍କସ୍‌ବାଦୀ ସ୍ରଷ୍ଟାର ରାଜନୈତିକ ସଚେତନତା ତା'ର ବୈପ୍ଲବିକ ମୂଲ୍ୟାବୋଧକୁ ଶାଣିତ କରିଥାଏ।

**ସର୍ବହରାର ଏକଛତ୍ରବାଦ ଓ ଶ୍ରେଣୀ ବିହୀନ ସମାଜ :** ପୁଞ୍ଜିବାଦ ବିନାସ ଘଟାଇ ସର୍ବହରା ଯେତେବେଳେ ରାଷ୍ଟ୍ରର ଶାସନ କ୍ଷମତା ଦଖଲ କରେ ସେତେବେଳେ ସଂକୀର୍ଣ୍ଣତାର ବିଲୋପ ଘଟେ । ଏକ ଶ୍ରେଣୀ ବିହୀନ ସମାଜ ଗଠିତ ହୋଇଥାଏ । ଶାସକ – ଶାସିତ, ଶୋଷକ – ଶୋଷିତର ତାରତମ୍ୟ ସେଠାରେ ନଥାଏ । ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରିଥାଆନ୍ତି ଏବଂ ନିଜର ଆବଶ୍ୟକତା ଅନୁସାରେ ପ୍ରାପ୍ୟ ପାଇଥାଆନ୍ତି । ଏହା ହେଉଛି ମାର୍କସ୍‌ବାଦର ଅନ୍ତିମ ଲକ୍ଷ୍ୟ ।

## • ମାର୍କସ୍‌ବାଦୀ ସାହିତ୍ୟର ଆଭିମୁଖ୍ୟ

ଆଧୁନିକ ସାମ୍ୟବାଦ ବା ବୈଜ୍ଞାନିକ ସମାଜବାଦ ମାର୍କସ୍‌ବାଦ ନାମରେ ପରିଚିତ । ଏହା ବୈପ୍ଲବିକ ସମାଜବାଦର ଏକ ପ୍ରମୁଖ ରୂପ । ସମାଜ ମଧ୍ୟରୁ ଶୋଷଣ, କଷଣର ବିଲୋପ ସାଧନ କରାଯାଇ ଏକ ଶୋଷଣ ବିହୀନ ସାମ୍ୟବାଦୀ ସମାଜ ଗଠନ ଉପରେ, ଏହା ପର୍ଯ୍ୟବେସିତ ଥିଲା । ପ୍ରାଥମିକ ପର୍ଯ୍ୟାୟରେ ଏହା ଅର୍ଥନୀତି ଓ ରାଜନୀତି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ସମୟକ୍ରମେ ଏହା ସାହିତ୍ୟ କ୍ଷେତ୍ରକୁ ମଧ୍ୟ ପ୍ରବେଶ କଲା । ମାର୍କସ୍‌ବାଦୀ ସାହିତ୍ୟର ସ୍ୱରୂପ ଓ ବୈଶିଷ୍ଟ୍ୟ ଆଲୋଚନାରୁ ପ୍ରତିପାଦିତ ହୁଏ ଯେ, ଏହା ସମାଜ କୈନ୍ଦ୍ରିକ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରେ । ଏହାର ଏକ ପରିପୂର୍ଣ୍ଣ ରୂପ ଅନ୍ୟାନ୍ୟ ସାହିତ୍ୟ ତୁଳନାରେ ମାର୍କସ୍‌ବାଦୀ ସାହିତ୍ୟରେ ବିଶେଷକରି ବର୍ଣ୍ଣିତ ହୋଇଥାଏ । ଡଃ ବିଜୟ କୁମାର ଶତପଥୀଙ୍କ ମତରେ – "ମାର୍କସ୍‌ବାଦୀ ସାହିତ୍ୟ ଚେତନାରେ ସାହିତ୍ୟ ଓ ସମାଜର ଏହି ଅନ୍ୟୋନ୍ୟାଶ୍ରିତ ସମ୍ବନ୍ଧ ଯେପରି ବିଶଦ୍, ଗଭୀର ଓ ବୈଜ୍ଞାନିକ ଦୃଷ୍ଟି ସମ୍ପନ୍ନ ତାହା ଅନ୍ୟ କୌଣସି ସାହିତ୍ୟ ବିଚାରରେ ମିଳେ ନାହିଁ । ଅନ୍ୟ ସମୀକ୍ଷା ଓ ବିଚାରଧାରା ଗୁଡ଼ିକରେ ଏହି ଚର୍ଚ୍ଚା ଏକ ସାମାନ୍ୟ ତଥା କଥନ ରୂପେ ଦେଖିବାକୁ ମିଳେ ।"

ସାମ୍ୟବାଦୀ ସାହିତ୍ୟ କଳ୍ପନା ବିଳାସିତାର ଜୟଗାନ ନକରି ସମାଜର ବହୁବିଧ ସମସ୍ୟାର ଚିତ୍ରଣ କରିବା ସଙ୍ଗେ ସଙ୍ଗେ ଏହାର ସରଳ ସମାଧାନ ଉପରେ ଗୁରୁତ୍ୱାରୋପ କରେ । ପୁଞ୍ଜିବାଦର ବିଲୋପ ସାଧନ ପାଇଁ ଏଥିରେ ସ୍ୱଷ୍ଟ ସଂକେତ ନିହିତ ଥାଏ । ଶୋଷଣ , କଷଣ, ଅବହେଳା ଓ ଅତ୍ୟାଚାର ରୁ ମୁକ୍ତିଦେଇ ମନୁଷ୍ୟ ସମାଜର ଉପକାର ଦିଗରେ ନିଜକୁ ନିୟୋଜିତ କରେ । ଏହି ସାହିତ୍ୟର ଆଭିମୁଖ୍ୟ ସଂପର୍କରେ ମତାମତ ପ୍ରଦାନ କଲାବେଳେ ଲେନିନ୍ ମଧ୍ୟ ପୁଞ୍ଜିପତି ମାନଙ୍କର ଶୋଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ତାଙ୍କ ମତରେ - "ଯେଉଁ ସମାଜ ଅର୍ଥ, ଶକ୍ତି ଉପରେ ଆଧାରିତ, ଯେଉଁଥିରେ ପରିଶ୍ରମୀ ଜନସମୁଦାୟ ଭୋକରେ ମରନ୍ତି ଏବଂ ପୁଞ୍ଜିପତିମାନେ ଆଳସ୍ୟରେ ସମୟ କଟାନ୍ତି, ସେଠାରେ ସ୍ୱତନ୍ତ୍ରତା ସମ୍ଭବପର ନୁହେଁ ।"

ଠିକ୍ ସେହିପରି ଗର୍କୀ ମଧ୍ୟ ମାର୍କସ୍‌ବାଦୀ ସାହିତ୍ୟର ଆଭିମୁଖ୍ୟ ସଂପର୍କରେ ମତବ୍ୟକ୍ତ କରନ୍ତି - "Literatures task is to minor and depict life and labour and to incarnate truth in images, characters types of man ."

ଗର୍କୀଙ୍କର ମତାମତ ମଧ୍ୟରେ ମାର୍କସ୍‌ବାଦୀ ସାହିତ୍ୟର ଆଭିମୁଖ୍ୟ ସଂପର୍କରେ ସୂଚନା ମିଳେ । ମାର୍କସ୍‌ବାଦୀ ସାହିତ୍ୟ ମୁଖ୍ୟତଃ ମାନବ ଜୀବନର ସର୍ବାଙ୍ଗୀନ ଉନ୍ନତି ବିଧାନ କାମନା କରେ । ଗର୍କୀ ଏହା ଉପରେ ପ୍ରାଧାନ୍ୟ ଆରୋପ କରିବାର କାରଣଟି ହେଉଛି, ଏହା ମାନବୀୟ ଓ ଆନ୍ତର୍ଜାତିୟ ଚେତନାରେ ଉଦ୍‌ବୁଦ୍ଧ । ଏହା ବ୍ୟକ୍ତିକୁ ଜାତି, ଧର୍ମ ରାଷ୍ଟ୍ରର ସଂକୀର୍ଣ୍ଣ ପରିଚୟରୁ ମୁକ୍ତ କରି ମାନବତାର ନୂତନ କୀର୍ତ୍ତିମାନ ସ୍ଥାପନ କରେ । ସମାଜରେ ବୈପ୍ଳବିକ ପରିବର୍ତ୍ତନର ଆନୟନ କରିବା ସହିତ ଅର୍ଥନୈତିକ ସମତା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରେ । ଏତଦ୍ ବ୍ୟତୀତ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ମଧ୍ୟରେ ରହିଥିବା ଯୋଗସୂତ୍ରକୁ ଏହା ଆହୁରି ସୁଦୃଢ ଓ ବଳିଷ୍ଠ କରିଥାଏ ।

ମାର୍କସ୍‌ବାଦୀ ସାହିତ୍ୟର ଅନ୍ୟତମ ଆଭିମୁଖ୍ୟ ହେଉଛି "ଜୀବନ ପାଇଁ କଳା" ର ଉପଯୋଗିତାକୁ ପ୍ରାଧାନ୍ୟ ପ୍ରଦାନ କରିବା । କଳା, ସାହିତ୍ୟର ସୃଷ୍ଟି ମନୁଷ୍ୟକୁ ନେଇ ହେବା ଉଚିତ୍ । ଏଥିରେ ମନୁଷ୍ୟ ଜୀବନର ବାସ୍ତବ ଚିତ୍ର ଅଂକିତ ହେବା ଉଚିତ୍ । ସର୍ବଦା ବିଜୟର ଉଦ୍‌ଘୋଷଣା କରୁଥିବା ଏହି ମାର୍କସ୍‌ବାଦୀ ସାହିତ୍ୟକୁ ପରାଜୟର ଗ୍ଳାନି ସ୍ୱର୍ଶ କରେ ନାହିଁ । ସର୍ବଦା ଶାଶ୍ୱତ ସତ୍ୟ, ନ୍ୟାୟ ଓ ନୈତିକତାର ପୃଷ୍ଠଭୂମି ଉପରେ ଏହା ପ୍ରତିଷ୍ଠିତ ହୋଇଥାଏ । ଏହା ମଣିଷକୁ ନିଜର ନ୍ୟାର୍ଯ୍ୟ, ଅଧିକାର ସଂପର୍କରେ ସଚେତନ କରାଇବା ସହିତ ଆଗାମୀ କାଲିର ସ୍ୱର୍ଣ୍ଣାଭ ଭବିଷ୍ୟତର ବାର୍ତ୍ତା ପ୍ରଚାର କରିଥାଏ । ସର୍ବୋପରି ପାଠକର ମନପ୍ରାଣରେ ଏହା ଏକ ନୂତନ ଉନ୍ମାଦନା ଓ ନୂତନ ମୂଲ୍ୟବୋଧ ସଂଚାରିତ କରିବାକୁ ସକ୍ଷମ ହୋଇ ଥାଏ ।

## • ମାର୍କସବାଦର ନବମୂଲ୍ୟାୟନ

ଊନବିଂଶ ଶତାବ୍ଦୀର ଏହି ଯୁଗାନ୍ତକାରୀ ଚିନ୍ତାଧାରା ମାର୍କସ ଙ୍କ ମୃତ୍ୟୁ ପରେ ମଧ୍ୟ ଅମ୍ଳାନ ହୋଇରହିଛି । ମାର୍କସ ଜଗତ ଓ ଜୀବନକୁ ଭଲ ପାଉଥିଲେ । ତାଙ୍କ ଚିନ୍ତନପ୍ରକ୍ରିୟା ବିଶ୍ୱଜନଗଣଙ୍କ ପାଇଁ ଅଭିପ୍ରେତ ଥିଲା । ତେଣୁ ମାର୍କସ୍‌ତତ୍ତ୍ୱକୁ ଦର୍ଶନଚର୍ଚ୍ଚାର ଜଟିଳ ପରିଧି ଭିତରେ ସୀମିତ ନରଖି ଚଳମାନ ଜଗତର ସମସ୍ୟା ଓ ସଂକଟ ସଂପର୍କରେ ଚର୍ଚ୍ଚା କରିବା ଓ ସମାଧାନର ସୂତ୍ର ଖୋଜିବା ଦିଗରେ ବିନିଯୋଗ କରାଗଲା । ସେଥିପାଇଁ ମାର୍କସ୍ କହିଥିଲେ ।

ଜଗତକୁ ବୁଝିବା ଦାର୍ଶନିକର କାର୍ଯ୍ୟ ନୁହେଁ, ପରନ୍ତୁ ଜଗତକୁ ପରିବର୍ତ୍ତନ କରିବାରେ ଦାର୍ଶନିକର ଗୁରୁଦାୟିତ୍ୱ ବିଦ୍ୟମାନ ।

୧. ମାର୍କସଙ୍କ ଚିନ୍ତାଜଗତର ଚତୁଃପାର୍ଶ୍ୱରେ ଘୂର୍ଣ୍ଣାୟମାନ - ସମାଜବିଜ୍ଞାନ, ଅର୍ଥନୀତି ଓ ରାଜନୀତି, ମାର୍କସ ତାଙ୍କ ଦର୍ଶନର ଅଧିକାଂଶ ସୂତ୍ରାବଳୀକୁ ସାମାଜିକ ସଂପର୍କ ମଧ ଦେଇ ଆବିଷ୍କାର କରିଛନ୍ତି । ଅର୍ଥଠାରୁ ଧର୍ମ ଈଶ୍ୱର, ପୁଞ୍ଜି, ଶ୍ରମ ଓ ଶ୍ରେଣୀ ସବୁକିଛି ପ୍ରକଟିତ କରାଇବାକୁ ଚାହିଁଛନ୍ତି । ଏସବୁକୁ ମାର୍କସ ଅତୀତର ଦର୍ଶନ ଓ ଅଭିଧାନ ପ୍ରଦତ୍ତ ଅର୍ଥଡାରୁ ଅଲଗା କରି ଦେଖିଛନ୍ତି । ଏସବୁ ଶବ୍ଦ ମାର୍କସୀୟ ଦୃଷ୍ଟିରେ ପାଲଟି ଯାଇଛି ସାମାଜିକ ସଂପର୍କର ରୂପଚିତ୍ର ।

୨. ତେଣୁ ମାର୍କସବାଦ ସ୍ୱପ୍ନାୟନ ନୁହେଁ କି କଳ୍ପଲୋକର ଚିନ୍ତନ ନୁହେଁ, ଏହା ଏକ ବିକଳ୍ପ ଦର୍ଶନ । ପ୍ରାଥମିକ ପର୍ଯ୍ୟାୟରେ ଏହାର ମୂଳମନ୍ତ୍ର (କ) ଶ୍ରମିକ, କୃଷକ (ଯେଉଁମାନେ ଅବହେଳିତ) ସେମାନଙ୍କୁ ନିଜର ଅଧିକାର ସଂପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଥିଲା । (ଖ) ବିପ୍ଳବ ମାଧ୍ୟମରେ ମଣିଷର ମୁକ୍ତି । (ଗ) ତଥାକଥିତ ଶାସନ ପଦ୍ଧତିକୁ ଭାଙ୍ଗି ସାମ୍ୟବାଦରେ ପ୍ରତିଷ୍ଠା ।

୫(କ) ଊନବିଂଶ ଶତାବ୍ଦରୁ ସୃଷ୍ଟ ମାର୍କସୀୟ ଅନୁଚିନ୍ତା ବହୁ ପରୀକ୍ଷା ନିରୀକ୍ଷା, ଚର୍ଚ୍ଚା, ବିଶ୍ଳେଷଣ ମଧ୍ୟଦେଇ ଦିନକୁଦିନ ସକ୍ରିୟ ହୋଇଉଠିଛି ।

ମାର୍କସବାଦର ପ୍ରକ୍ରିୟା ମଧ୍ୟଦେଇ ସାମନ୍ତବାଦର ପତନ ଘଟିଛି । ଏହା ପୁଣି ସମ୍ଭବ ହୋଇଛି ପ୍ରୋଲେଟେରିଏଟ୍‌ମାନଙ୍କ ମିଳିତ ଉଦ୍ୟମରେ ।

୧. ମାର୍କସବାଦର ନବୀକରଣ ଭିତରେ ସମାଜ ବିଜ୍ଞାନୀ ଅର୍ଥନୀତିଜ୍ଞମାନଙ୍କ ସମେତ ଦାର୍ଶନିକ, କଳାକାର, ଲେଖକମାନେ ଯେଉଁ ସମାଜ ବ୍ୟାଖ୍ୟା କରିଛନ୍ତି ଓ ଯେଉଁ ତତ୍ତ୍ୱ ପରିବେଷଣ କରିଛନ୍ତି ତାହା ମାର୍କସବାଦର ସ୍ୱରୂପକୁ ନୂଆ ରୂପ ଦେଇଛି ଓ ଆଜି ମଧ ମାର୍କସବାଦର ଗୁରୁତ୍ୱ ଉପଲବ୍ଧି କରାଯାଉଛି ।

୨. ବର୍ଲିନ୍ ପ୍ରାଚୀର ଭଙ୍ଗ ଓ ସୋଭିଏତ୍ ସଂଘର ପତନ ସମଗ୍ର ବିଶ୍ୱର ପୁଞ୍ଜିବାଦୀ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଭିତେର ଆନନ୍ଦ ଖେଳାଇଦେଇଥିଲା । ଏଥିରୁ ସୃଷ୍ଟି ହେଲା (Neoliberalism ) ନବ୍ୟଉଦାରବାଦୀ । ଏହା ଦ୍ୱାରା ଦୁଇଗୋଟି କଥା ସମ୍ଭବ ହୋଇପାରିଲା । (କ) ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ନବ୍ୟ-ଉପନିବେଶ ସ୍ଥାପନ ଓ ସାମ୍ରାଜ୍ୟ ବିସ୍ତାର ସହିତ ସ୍ୱାର୍ଥସାଧନ । ଏହା ଏକ ନୂଆ ସଂକଟ ତିଆରି କଲା ।

୩. ସ୍ୱଭୂମି ବର୍ଜିତ ପୁଞ୍ଜିପତିମାନେ ମାନବ ସମ୍ବଳବିକାଶର ଦ୍ୱାହି ଦେଇ ଅନ୍ୟ ଭୂଖଣ୍ଡର ସାଧାରଣ ମଣିଷମାନଙ୍କର ସରଳ ମାନସିକତା ସହିତ ଭାବଗତ ସଂପର୍କ ଯୋଡ଼ିବାରେ ସଫଳ ହେଲେ ।

୪. ଗୋଟିଏ ପକ୍ଷରେ ସ୍ୱଳ୍ପବିକାଶ (Trickle down) ଆଧାରରେ ପିଂଜିର ଏକତ୍ରୀକରଣ ହୋଇପାରିଲା । ଅନ୍ୟପଟେ ଦାରିଦ୍ର୍ୟ ଅଶିକ୍ଷାର ଘନୀଭୂତ କରାଳ ରୂପ । ଏଥିରେ ସ୍ତବ୍ଧଚକିତ ଜନସମୁଦାୟ । ଏ ସଂପର୍କରେ ଗୌରାଙ୍ଗ ଦାଶ କହନ୍ତି - ବିଦ୍ୟା, ବୁଦ୍ଧି, ବିତ୍ତ ଓ ବ୍ୟାପାର ଏହି ଚାରିଗୋଟି ଆୟୁଧ ମାଧ୍ୟମରେ ସେମାନେ ବିଶ୍ୱର ଅବଶିଷ୍ଟ ସ୍ୱାଧୀନ ଜନସମୁଦାୟମାନଙ୍କୁ ଦାସ ଓ ନିର୍ଭରଶୀଳ କରି ରଖିବା ପାଇଁ ଯେପରି ପଣ କରିଛନ୍ତି । ସେମାନେ ପୁଞ୍ଜି ଓ ନୂତନ ଜ୍ଞାନକୌଶଳର ବାହକ ଏବଂ ନବସାମନ୍ତବାଦର ଦଲାଲ । ପୁଞ୍ଜିର

ଆନ୍ତର୍ଜାତୀକରଣ ଆଳରେ ଆତ୍ମପରିତୃପ୍ତିର କାର୍ଯ୍ୟାୟନ । ଏହି ନୀତିକୁ ଆପଣେଇ ନେଇଛି ଆମେରିକା। ଫ୍ରାନ୍ସିସ ଫୁକୁୟାମା ଓ ସାମୁଏଲ୍ ହଣ୍ଟିମଟ୍ଙ୍କ ପରି ଚିନ୍ତାଶୀଳ ବ୍ୟକ୍ତି ଦ୍ୱୟ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି।

୫. The End History and the last man ପୁସ୍ତକରେ-ସାମ୍ୟବାଦୀ ରାଷ୍ଟ୍ର ଗଠନରେ ସ୍ୱପ୍ନ ଓ The class of civilization ପୁସ୍ତକରେ ଇସ୍ଲାମିକ୍ ରାଷ୍ଟ୍ର ସମୂହର ଆଭ୍ୟନ୍ତରୀଣ ମଳହ ପ୍ରତିପାଦିତ । କିନ୍ତୁ ଦୁଇଟିଯାକ ପୁସ୍ତକରେ ଆମେରିକାର ସାମ୍ରାଜ୍ୟବାଦୀ ରାଷ୍ଟ୍ରନୀତି ଓ ପୁଞ୍ଜିବାଦୀ ଆଧିପତ୍ୟକୁ ପ୍ରଶଂସା କରାଯାଇଛି ।

୬. ଉନ୍ମୁକ୍ତ ବିଶ୍ୱବଜାର ପୁଞ୍ଜିବାଦୀ ଅର୍ଥନୀତିକୁ ସଫଳତାର ଶୀର୍ଷରେ ପହଂଚାଇବ । ଏକଥା ଉପରେ ଗୁରୁତ୍ୱ ଦେଲେ ଫୁକୁୟାମା । କେବଳ ସେତିକି ନୁହେଁ ମୁକ୍ତ ବଜାର ଅର୍ଥନୀତି ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରଚାର ଓ ପ୍ରସାରକୁ ଫୁକୁୟାମା ପ୍ରଗତିର ଆଖ୍ୟା ଦେଲେ । ଫୁକୁୟାମା କହନ୍ତି -

"Societies have a degree of freedom in the extent to which they regulate and plan capitalist economics . Nonetheless the unfolding of technologically driven eco nomic modernization creates strong incentives for developed countries to ac cept the basic term of the universal capitalist economic competition and letting prices be determined by market mechanisisms."

## • ପରିବର୍ତ୍ତନର ପ୍ରେକ୍ଷାପଟରେ ମାର୍କସ୍‌ବାଦ

୧. ୟୁରୋପୀୟ ସାମ୍ରାଜ୍ୟବାଦୀ ରାଷ୍ଟ୍ର ବିଜ୍ଞାନ-ପ୍ରଯୁକ୍ତିବିଦ୍ୟା ବିତ୍ତ ଓ ବୁଦ୍ଧିର ଆଧାରରେ ସମଗ୍ର ପୃଥିବୀକୁ ନିୟନ୍ତ୍ରଣାଧୀନ କରିବାକୁ ପ୍ରୟାସ ମଲା । ପ୍ରଯୁକ୍ତିବିଦ୍ୟାର ପ୍ରସାର ସମଗ୍ର ବିଶ୍ୱକୁ ସଂକୁଚିତ କରିଦେଲା । ଏହି ସଂକୁଚିତ ପରିଧିମଧ୍ୟରୁ ରାଷ୍ଟ୍ର ମୁକ୍ତ ହେଲା ନାହିଁ ।

୨. ରାଷ୍ଟ୍ରର ସ୍ୱାର୍ଥକୁ ବଳବତ୍ତର ରଖିବାପାଇଁ ନିଜକୁ ସୁହାଇଲା ଭଳି ନୀତିନିୟମମାନ ପ୍ରଣୟନ କରାଗଲା ।

୩. ମାର୍କସୀୟ ଦର୍ଶନ ଭୀତ୍ତି ବେଶ୍ ଉପରେ ଗୁରୁତ୍ୱ ଦେଇଥାଏ । ସମଗ୍ର ମାନବ ସମାଜର ମଙ୍ଗଳ ବିଧାନ ଏହାର ମୂଳ ମନ୍ତ୍ର । ସେଥିପାଇଁ ସାମ୍ପ୍ରତିକ କାଳର ବୌଦ୍ଧିକ ଜନସାଧାରଣ ମାର୍କସୀୟ ଦର୍ଶନ ପ୍ରତି ଆକୃଷ୍ଟ ହେଲେ।

୪. ପୂର୍ବରୁ ମାର୍କସ୍‌ବାଦ ଶ୍ରେଣୀହୀନ ସମାଜ ଗଠନ ଓ ସର୍ବହରାର ଏକ ନାୟକତ୍ୱ ଉପରେ ଗୁରୁତ୍ୱାରୋପ କରୁଥିଲା। କିନ୍ତୁ ବର୍ତ୍ତମାନ ସର୍ବହରାର ଅର୍ଥ ବଦଳିଗଲା, କଳକାରଖାନାରେ କାମ କରୁଥିବା ଶ୍ରମିକ ଓ କୃଷକ କେବଳ ନୁହେଁ ବରଂ ସମଗ୍ର ସାଧାରଣ ଜନସମୁଦାୟ (Multitude) କୁ ବୁଝାଗଲା ।

୫. ସାମାଜ୍ର୍ୟ ବା ରାଷ୍ଟ୍ରର କ୍ଷମତା ବିରୋଧରେ ଏମାନେ ଏକାଠି ହୋଇ ସ୍ୱର ଉତ୍ତୋଳନ କଲେ ।

୬. ପୂର୍ବର ମାର୍କସବାଦର ସମ୍ବନ୍ଧୀୟ ଚର୍ଚ୍ଚାକୁ ସକାରାତ୍ମକ ଭାବେ ପରିବର୍ତ୍ତନ କରିଦିଆଗଲା ।

୭. ପୁଞ୍ଜିବାଦୀ କର୍ତ୍ତୃକ ଉତ୍ପାଦନଶୈଳୀ ଓ ତାହାର ଆବଣ୍ଟନ ପ୍ରକ୍ରିୟାକୁ ଭାଙ୍ଗି ନୂଆ ଧରଣର ଆର୍ଥନୀତିକ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରାଗଲା ।

ମାର୍କସଙ୍କର ପରବର୍ତ୍ତୀ କାଳର ବ୍ୟାଖ୍ୟାକାରମାନେ ମାର୍କସବାଦର ପୁନଃବିଚାର କରିଛନ୍ତି । ଅନୁରୂପ ରାଷ୍ଟ୍ର ଗଠନ ଉପରେ ଗୁରୁତ୍ୱଆରୋପ କରାଯାଇଛି । ରୁଷର ବଲସେଭିକ ଆନ୍ଦୋଳନଠାରୁ ଚୀନର ବିପ୍ଳବ ଆମେରିକାର ଆଧିପତ୍ୟ ବିସ୍ତାରୀ ମନୋବୃତ୍ତି ପର୍ଯ୍ୟନ୍ତ ସର୍ବତ୍ର ମାର୍କସୀୟ ତତ୍ତ୍ୱର ପରାକାଷ୍ଠା ଗଭୀର ଚିନ୍ତନ ଓ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି । ପ୍ରଗତିଶୀଳ ଚିନ୍ତନର ପରିପ୍ରେକ୍ଷୀରେ ଆଧୁନିକ ଓଡ଼ିଆ କବିତା

## • ପ୍ରଗତିଶୀଳ ଚିନ୍ତନର ସ୍ୱରୂପ

ସାହିତ୍ୟ ବିବିଧ ସାମାଜିକ ଘଟଣାବଳୀର ସମାହାର । ତେଣୁ ସାହିତ୍ୟ ସୃଷ୍ଟିର ଆଦ୍ୟରୁ ଅଦ୍ୟାବଧି ପ୍ରତ୍ୟେକ ସର୍ଜନକର୍ମ ମନୁଷ୍ୟର ଜୀବନକୁ ନେଇ ଅଗେଇ ଚାଲିଛି । ପୁରାଣ ଶାସ୍ତ୍ର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଏହାର ପ୍ରତିବିମ୍ବ ଗୀତା ରୁ ଅବଲୋକନ କରାଯାଇପାରେ । ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କର ଅର୍ଜ୍ଜୁନଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ ଉକ୍ତିଟିରୁ ଏହା ସୂଚିତ ହୁଏ ।

" ଯଦା ଯଧା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁଥାନମର୍ଧସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।"

ଭଗବତ୍ ଗୀତାର ଉପରୋକ୍ତ ବାଣୀ ଯୁଗେ ଯୁଗେ ଧର୍ମ ସ୍ଥାପନାର ବାର୍ତ୍ତା ପ୍ରଚାର କରେ । ସାଧୁ ମନେଙ୍କର ସୁରକ୍ଷା ଓ ସମାଜରେ ଅବ୍ୟବସ୍ଥା ପାଇଁ ଯେଉଁମାନେ ଦାୟୀ ସେମାନଙ୍କର ବିନାଶ ପାଇଁ ଯୁଗେ ଯୁଗେ ଈଶ୍ୱର ମଧ୍ୟ ଧରାପୃଷ୍ଠରେ ଅବତରଣ କରନ୍ତି । ଉପରୋକ୍ତ ଶ୍ଳୋକଟିକୁ ଯଦି ଆମେ ଆଧୁନିକ ଦୃଷ୍ଟିଭଙ୍ଗୀରେ ବ୍ୟାଖ୍ୟା କରିବା ତା ହେଲେ ଏଠାରେ ଧର୍ମ ହେଉଛି - ମାନବଧର୍ମ । ଯେତେବେଳେ ସମାଜରେ ମାନବ ଧର୍ମ ଭୂଲୁଣ୍ଠିତ ହୁଏ ସେତେବେଳେ ଏହାର ପୁନଃସଂସ୍ଥାପନ ପାଇଁ ଆରମ୍ଭ ହୁଏ ବିପ୍ଳବ । କିନ୍ତୁ ସ୍ଥାନ-କାଳ-ପାତ୍ର ଭେଦରେ ଏହାର ବିବିଧ ରୂପ ଦେଖିବାକୁ ମିଳେ । ଓଡ଼ିଆ ସାହିତ୍ୟର ଇତିହାସକୁ ପର୍ଯ୍ୟାଲୋଚନା କଲେ ଏହା ଲକ୍ଷ୍ୟ କରାଯାଇପାରିବ । ଆଦିକବି ସାରଳା ଦାଶ, ବଳରାମ ଦାଶ, ଜଗନ୍ନାଥ ଦାଶ ପ୍ରମୁଖ ତଥାକଥିତ ସାମାଜିକ ପରଂପରାରୁ କିଛି ପାଦ ଆଗେଇସମାଜକୁ ନୂତନ ଆଲୋକ ଦେଖାଇବାକୁ ସମର୍ଥ ହୋଇପାରିଥିଲେ

ରୀତିଯୁଗେ କାବ୍ୟକାରଗଣ ଶୈଳୀ କ୍ଷେତ୍ରରେ ନୂତନତା ପ୍ରଦର୍ଶନ ସାଙ୍ଗକୁ ସାମନ୍ତ ସଭ୍ୟତାକୁ ପ୍ରାଧାନ୍ୟ ଦେଇଛନ୍ତି । ଆଧୁନିକତାର ଭିତ୍ତିଭୂମି ଉପରେ ରଚିତ ରାଧାନାଥ ଯୁଗୀୟ ସାହିତ୍ୟ ସମସାମୟିକ ସାମାଜିକ ଚିତ୍ରକୁ ନେଇ ରଚିତ ହେବା ସହିତ ସମାଜରେ ପରିଲକ୍ଷିତ ହେଉଥିବା ତ୍ରୁଟି ବିଚ୍ୟୁତିକୁ ସାହିତ୍ୟରେ ଦର୍ଶାଇ ଥିଲା । ସତ୍ୟବାଦୀ ଯୁଗର ଜାତୀୟତା ସାଙ୍ଗକୁ ସବୁଜ ଯୁଗର ରୋମାଂଟିକ୍ ଚିନ୍ତାଦର୍ଶ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସମୟ ଖଣ୍ଡର ସାହିତ୍ୟରେ କିଛି ନୂତନତା ପରିଲକ୍ଷିତ ହୋଇ ଥାଏ । ପ୍ରଗତିର ଅର୍ଥ ଯଦି ନୂତନତାର ଆନୟନ ହୁଏ ; ତା ହେଲେ ଓଡ଼ିଆ ସାହିତ୍ୟର ଆଦିକାଳରୁ ଏହାର ପ୍ରକୃତ ନିଦର୍ଶନ ଦେଖିବାକୁ ମିଳିଥାଏ । କିନ୍ତୁ ମାର୍କସବାଦର ସୁଦୃଢତତ୍ତ୍ୱଦର୍ଶନ ଉପରେ ଆଧାରିତ ଅର୍ଥରେ ଯେତେବେଳେ ପ୍ରଗତିଶୀଳ ଚେତନାକୁ ବିବେଚନା କରଯାଏ ସେତେବେଳେ ତାର ସ୍ୱରୂପରେ ପରିବର୍ତ୍ତନ ପରିଲକ୍ଷିତ ହୁଏ ।

ସରଳ ଭାଷାରେ ବୁଝାଇ କହିଲେ ସମାଜରୁ ଶୋଷକ ଗୋଷ୍ଠୀର ଅନ୍ୟାୟ, ଅତ୍ୟାଚାର ବିରୋଧରେ ଦୃଢ ପ୍ରତିବାଦ ସହିତ ଏହାର ମୂଳୋତ୍ପାଟନ ପାଇଁ ଶତ ପ୍ରତିଶତ ପ୍ରଚେଷ୍ଟା ସାଙ୍ଗକୁ ଏକ ସୁସ୍ଥ ସୁନ୍ଦର ସମାଜ ଗଠନର ପଲ୍ଲବନ ମଧ୍ୟରୁ ସୃଷ୍ଟି ଲଭେ ପ୍ରଗତିଶୀଳ ଚିନ୍ତନ । ଏହି ଚିନ୍ତନକୁ ମୁଖ୍ୟତଃ ଯେଉଁ ସାହିତ୍ୟ ରୂପ ଦେଇଥାଏ ତାହା ପ୍ରଗତିଶୀଳ ସାହିତ୍ୟ । ସମଗ୍ର ବିଶ୍ୱ ସାହିତ୍ୟରେ ଏହି ଚିନ୍ତାଧାରାର ଏକ ସ୍ୱତନ୍ତ୍ର ସମୟଖଣ୍ଡର ଆନୟନ କରାଇ ପାରିଛି । ତନ୍ମଧ୍ୟରୁ ଓଡ଼ିଆ ସାହିତ୍ୟ ବାଦ୍ ପଡ଼ିନାହିଁ । ଓଡ଼ିଆ ସାହିତ୍ୟରେ ମଧ୍ୟ ପ୍ରଗତିଶୀଳ ଚିନ୍ତାଧାରାର ଉନ୍ମେଷ ଓ ବିକାଶ ଘଟିଛି । ଏହାର ଅଭ୍ୟୁତ୍ଥାନ ସଂପର୍କରେ ମତବ୍ୟକ୍ତ କରିବାକୁ ଯାଇ ଆଲୋଚକ ବିଷ୍ଣୁପଦ ଦାଶ କହନ୍ତି –

"ବିଧିବଦ୍ଧ ଭାବରେ ଏହାର ବିକାଶ ପାଇଁ ଯେଉଁ ସମୟରେ ଗୋଷ୍ଠୀଗତ ଉଦ୍ୟମ ହୋଇଛି , ତାହାରି ଆବେଦନକୁ ଭିତ୍ତିକରି ଏହି ଭାବଧାରାା ବା ଇଜମ୍ ଗୋଟିଏ ଯୁଗ ସାହୀତ୍ୟ ସୃଷ୍ଟି କରିପାରିଛି । ଓଡ଼ିଆ ସାହିତ୍ୟରେ, ଭାରତୀୟ ସାହିତ୍ୟରେ ତଥା ବିଶ୍ୱ ସାହିତ୍ୟରେ ଏହିପରି ବିଧିବଦ୍ଧ ଉଦ୍ୟମ ଫଳରେ ଏହି ଭାବଧାରା ଏକ ସାହିତ୍ୟ ଯୁଗ ପ୍ରତିଷ୍ଠା କରିପାରିଛି । "

ପ୍ରଗତିବାଦର ଅନ୍ୟନାମ – ମାର୍କସବାଦ, ସାମ୍ୟବାଦ ବା ସମାଜବାଦୀ ଚିନ୍ତାଧାରା । ଏହା ଜନନାୟକ କାର୍ଲ ମାର୍କସଙ୍କ ଚିନ୍ତାଧାରାକୁ ନେଇ ପର୍ଯ୍ୟବେସିତ ହୋଇଥିବାରୁ ଏହାର ଅନ୍ୟନାମ ମାର୍କସବାଦ । ଏହି ସାହିତ୍ୟ ତତ୍ତ୍ୱ ସମାଜରେ ଦୃଷ୍ଟିଗୋଚର ହେଉଥିବା ଦୁଇଟି ଗୋଷ୍ଠୀ ଧନୀ-ଦରିଦ୍ର, ଜମିଦାର-କୃଷକ, ପୁଞ୍ଜିପତି-ଶ୍ରମିକ ଏମାନଙ୍କର ମଧ୍ୟରେ ଥିବା ପାର୍ଥକ୍ୟକୁ ନିରୂପିତ କରେ । ଏହି ଦୁଇ ବିରୋଧୀ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ସଂଘର୍ଷକୁ ରୂପଦିଏ । ଧନୀକ ଗୋଷ୍ଠୀର ଶୋଷକ ମନୋବୃତ୍ତି ପ୍ରତି ବିରୋଧାଚରଣ କରେ । ଯେ ପର୍ଯ୍ୟନ୍ତ ଶୋଷିତଟି ନିଜର ଉପଯୁକ୍ତ ମର୍ଯ୍ୟାଦା, ଅଧିକାର ହାସଲ କରି ନ ପାରିଛି ସେ ବିଦ୍ରୋହ କରିଚାଲେ । ଏ ସଂପର୍କରେ ମାଓ-ସେ-ତୁଙ୍ଗ କହନ୍ତି –

"Make - trouble, fall, make trouble again, fail again, till their doom."

Fight, fail, fiht again, fail again fight again - till their victory .

ଉପରୋକ୍ତ ବିଶ୍ଳେଷଣରୁ ପତୀୟମାନ ହୁଏ ଯେ ସମାଜକୁ ଧନତାନ୍ତ୍ରିକ ଆଧିପତ୍ୟର ବିଲୋପ ନଘଟିବା ଯାଏ 'ପ୍ରଗତିବାଦର' ପ୍ରତିଷ୍ଠା ହୋଇପାରିବ ନାହିଁ । ତେଣୁ 'ପ୍ରଗତିବାଦ' ଏପରି ଏକ ସମାଜର ପରିକଳ୍ପନା କରେ । ଯେଉଁଠାରେ ଶ୍ରେଣୀ ରାଷ୍ଟ୍ରର ସଂକୀର୍ଣ୍ଣ ବାଧା ବନ୍ଧନ ନଥିବ, ନଥିବ ମଧ୍ୟ ମଣିଷଦ୍ୱାରା ମଣିଷର ଶୋଷଣ। ସାରା ଦୁନିଆ କହିଲେ ଗୋଟିଏ ସମାଜକୁ ବୁଝାଉଥିବ ।

ପ୍ରଗତିବାଦର ଏହି ସ୍ୱରୂପକୁ ଆମେ ବିଭିନ୍ନ ଭାରତୀୟ ସାହିତ୍ୟକଙ୍କୁ (ଯେଉଁମାନେ କିଏ କାହାକୁ ଆଧାର କରି ସାହିତ୍ୟ ରଚନା କରିଛନ୍ତି) ଦୃଷ୍ଟି ଭଙ୍ଗୀକୁ ନେଇ ଆଲୋଚନା କରିବା । ସମାଜରେ ପ୍ରଗତିବାଦର ଆନୟନ ପାଇଁ ଆମର ସାହିତ୍ୟିକମାନେ କେତେବେଳେ କୃଷକଶ୍ରେଣୀର ଉନ୍ନତି ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରିଛନ୍ତିତ କେତେବେଳେ ଶ୍ରମିକମାନଙ୍କର ନ୍ୟାର୍ଯ୍ୟ ଆଧିକାର ପାଇଁ ସଂଗ୍ରାମ କରିଛନ୍ତି । ସେଥିପାଇଁ ନିଜେ ମଧ୍ୟେ ବିପ୍ଳବୀ ପାର୍ଟିମାନ ଗଠନକରି କୃଷକ, ଶ୍ରମିକ ଗୋଷ୍ଟିକୁ ସଚେତନ କରାଇବାର ଗୁରୁଦ୍ୱାୟିତ୍ୱ ବହନ

କରିଛନ୍ତି । ବଙ୍ଗଳାର ବିପ୍ଳବୀ କବୀ ଚାରୁ ମଜୁମ୍‌ଦାର ମଧ୍ୟ ଏପରି ପାଟି ଗଠନ କରି ଜନଗଣଙ୍କୁ ସଚେତନ କରିଛନ୍ତି । ତାଙ୍କ ଭାଷାରେ "ଜନ ଗଣତାନ୍ତ୍ରିକ ବିପ୍ଳବର ପଥ ହଲ, କୃଷକ ଓ ଶ୍ରମିକ ଶ୍ରେଣୀର ନେତୃତ୍ୱେ କୃଷି ବିପ୍ଳବର ପଥେ ଗ୍ରାମାଞ୍ଚଲେ ବିପ୍ଳବି ସଂଗ୍ରାମେର ଏଲାକା ଗଡେ ତୋଲା ଏବଂ ସେହି ବିପ୍ଳବୀ ସଂଗ୍ରାମେର ଏଲାକାକେ ପ୍ରସାରିତ କରେ ଶହରକେ ଘିରେ ଫେଲା । ଏଇ ହଲ ଭାରତ ବର୍ଷେର ମୁକ୍ତିର ଏକ ମାତ୍ର ସଠିକ ମାର୍କସ୍‌ବାଦୀ ଲେନିନ୍ ବାଦୀ ପଥ ।

କବି ମଜୁମ୍‌ଦାର କୃଷକ, ଶ୍ରମିକ ଗୋଷ୍ଠୀର ଉନ୍ନତି ପାଇଁ କୋଣେ ଅନୁକୋଣେ ସଂଗ୍ରାମର ବାର୍ତ୍ତାକୁ ପଚାର କରିଛନ୍ତି । କୃଷକ ସଂଗଠନ ଗଢି ସେମାନଙ୍କର ସମସ୍ୟାକୁ ଲୋକଲୋଚନକୁ ଆଣିବା ସହିତ ଭାରତବର୍ଷକୁ ଉନ୍ନତିର ମାର୍ଗରେ ପରିଚାଳିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ଓଡିଶା ସହିତ୍ୟରେ ସ୍ରଷ୍ଟାମାନଙ୍କ ଲେଖନିରେ ମଧ୍ୟ ପ୍ରଗତିବାଦର ଏହି ବୈଶିଷ୍ଟ୍ୟକୁ ଖୋଜିଲେ ପାଇପାରିବା । ଶୋଷକ ଗୋଷ୍ଟି କେବଳ ଯେ ଧନର ପ୍ରାଚୁର୍ଯ୍ୟ ବଢାଇବା ପାଇଁ ଶୋଷଣ କରେ ତାହା ବଂର ନିଜ ହାତମୁଠାରେ କଳା, ସାହିତ୍ୟ, ସଂସ୍କୃତି, ଧର୍ମ, ଇଶ୍ୱର ବିଶ୍ୱାସକୁ ଧରି ରଖିଥାଏ । ସେମନେ କହନ୍ତି ଅତୀତରେ ଯାହା କିଛି ରହି ଆସିଛି ସେସବୁ ଇଶ୍ୱର ସ୍ଥିରୀକୃତ । ତାହା ଚିରକାଳ ଏପରି ରହିଥିବ । ଅନ୍ୟ ଭାଷାରେ କହିଲେ ଚଳନ୍ତି ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଯିବ ନାହିଁ । ଯେଉଁମାନ ଏ କ୍ଷେତ୍ରରେ ଅସୁବିଧା ଭୋଗ କରନ୍ତି ; ନୂତନତାର ଆଗମନ ପାଇଁ ପ୍ରଚେଷ୍ଟା କରନ୍ତି ସେମାନେ ଶୋଷକ ଶ୍ରେଣୀର ସ୍ତାବକ ପାଲଟିଥିବା ବ୍ୟବସ୍ଥା ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରନ୍ତି । ଏମାନଙ୍କୁ ପ୍ରେରଣା ଯୋଗାଇ ଦେବାକୁ ଯାଇ ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ମତବ୍ୟକ୍ତ କରନ୍ତି :-

"କଳା ସାହିତ୍ୟ ପ୍ରଭୃତି ସମାଜର ସଂସ୍କୃତିର ଆଧାର ଗୁଡିକ କୌଣସି ଗୋଟିଏ ଜାତିର ତୁଳନାତ୍ମକ ପ୍ରାଣ ସ୍ପନ୍ଦନର ନିଦର୍ଶନ । ଏହା ଜରିଆରେ ଅତୀତ ଜୀବନ ବହୁ ପରିମାଣରେ ପ୍ରତିବିମ୍ବିତ ହୁଏ । ବର୍ତ୍ତମାନ ଜୀବନ ପ୍ରତିଭାତ ହୁଏ, ଏବଂ ଭବିଷ୍ୟତ ଜୀବନ ସ୍ପନ୍ଦିତ ହୁଏ । କିନ୍ତୁ ଏହି ସଂସ୍କୃତିର ଆଧାର ଗୁଡିକ ସ୍ୱାଧୀନ ଓ ଆତ୍ମ ପରିଚାଳିତ ନୁହଁନ୍ତି । ଏ ଗୁଡ଼ିକ କୌଣସି ନା କୌଣସି ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତିର ଆଦର୍ଶଗତ ପ୍ରତିବିମ୍ବ ଏବଂ ପ୍ରତିଷ୍ଠିତ ଶାସକ ଶ୍ରେଣୀର ପ୍ରଧାନ ବାହକ । ସମାଜର ତତ୍‌କାଳୀନ ଶାସକ ଶ୍ରେଣୀର ଆଦର୍ଶ କାର୍ଯ୍ୟକ୍ରମ ଓ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ ଏମାନେ ସହାୟକ ।" (୧୮)

ସମାଜର ପ୍ରତିଛବିକୁ ବହନ କରେ ସାହିତ୍ୟ । ମନୁଷ୍ୟକୁ ନେଇ ଗଢ଼ି ଉଠିଥିବା ସମାଜର ପ୍ରତ୍ୟେକ ସମୟ ଖଣ୍ଡର ପ୍ରତିଛବି ଏଥିରେ ପ୍ରତିଫଳିତ ହୋଇଥାଏ । ସାମାଜିକ, ଅର୍ଥନୈତିକ ସମସ୍ୟା ଠାରୁ ଆରମ୍ଭ କରି ରାଜନୀତିକ ସମସ୍ୟା ଏଥିରେ ସ୍ଥାନ ପାଇଥାଏ । ଯେଉଁ ସାହିତ୍ୟ ଜନସାଧାରଣଙ୍କ ସମସ୍ୟାକୁ ରୂପ ଦିଏ ସେଥିରେ ପରୋକ୍ଷଭାବେ ମାନବଜାତି ପ୍ରତି ସମ୍ବେଦନ ନିହିତ ଥାଏ । ଏହି ମାନବବାଦୀ ଚିନ୍ତାଧାରା ପ୍ରଗତିବାଦର ଅନ୍ୟ ଏକ ପାର୍ଶ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଉପରୋକ୍ତ ମତାମତକୁ ଅନୁଧ୍ୟାନ କରି ଆମେ ଏହି ନିର୍ଯ୍ୟାସରେ ଉପନୀତ ହେବା ଯେ ପ୍ରଗତିବାଦୀ ସାହିତ୍ୟ ମଧ୍ୟରେ ସମଗ୍ର ମାନବ ଜାତିର ସ୍ୱର ଅନୁରଣିତ । ସମାଜରେ ସାମ୍ୟ, ମୈତ୍ରୀ, ପ୍ରୀତିର ବାର୍ତ୍ତା ପ୍ରଚାର

କରିବା ସହିତ ଶ୍ରେଣୀ ବିହୀନ ସମାଜର ପରିକଳ୍ପନା ମଧ୍ୟ କରେ । ପୁଣି କେହି କେହି ଏହାକୁ ଦଳିତ ବର୍ଗର ଆତ୍ମଲିପି କହିଥାନ୍ତି । ଅସହାୟ ଜନତାର କରୁଣତାରେ ଏହା ଜର୍ଜରିତ । ତେଣୁ ଏ ସାହିତ୍ୟ ଯୁଗ ଯନ୍ତ୍ରଣା ଲଭୁଥିବା ଅଗଣିତ ମୁକ୍ତିକାମୀ ଜନତାର । ଏହା ହତାଶା, ନୈରାଶ୍ୟ, ଅତ୍ୟାଚାର ମଧ୍ୟରୁ ସଂଜାତ । ପୁରାତନ ପ୍ରଥା, ପଦ୍ଧତିରେ ପୂର୍ଣ୍ଣଚ୍ଛେଦ ପକାଇ ନୂତନତାର ସ୍ୱାଗତ ସର୍ଜନତାର ଅନ୍ୟ ନାମ, 'ପ୍ରଗତିଶୀଳ ଚିନ୍ତନ' । ଜଣେ ଭୋଗ କରୁଥିବା ସୁଖ, ସୁବିଧା, ଧନ, ଐଶ୍ୱର୍ଯ୍ୟର ସୁଷମ ବଣ୍ଟନ ମଧ୍ୟ ଏହା ଦ୍ୱାରା ସଂଗଠିତ ହୋଇଥାଏ । ପ୍ରଗତିଶୀଳ ସାହିତ୍ୟ ସମାଜରେ ଶାନ୍ତିର ବାତାବରଣ ପାଇଁ ମନୁଷ୍ୟର ମନରେ ଜାଗରଣ ସୃଷ୍ଟି କରେ । ସମାଜରେ ଯଦି ପ୍ରତିକ୍ରିୟା ସୃଷ୍ଟିକାରୀ ଶକ୍ତି ନଥାନ୍ତା ତା' ହେଲେ ସମାଜ ଜୀବନ 'ପ୍ରଗତି'ର ପଥରେ ଅଗ୍ରସର ହୋଇପାରନ୍ତା ନାହିଁ ।

## • ସର୍ବ ଭାରତୀୟ ସ୍ତରରେ ପ୍ରଗତିବାଦୀ ଲେଖକ ସଂଘ

ମାର୍କ୍ସବାଦର ପ୍ରଭାବରେ ଗଢ଼ି ଉଠିଥିବା ସଂଗଠନମାନେ ସାରା ଭାରତବର୍ଷରେ ବୈପ୍ଳବିକ ଚିନ୍ତାଧାରାକୁ ପ୍ରସାରିତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ । ଏ କ୍ଷେତ୍ରରେ ବଂଗଳା ଓ ହିନ୍ଦୀ ସାହିତ୍ୟିକମାନଙ୍କର ବିଶେଷ ଭୂମିକା ରହିଥିଲା । ଅକ୍ଟୋବର ବିପ୍ଳବ ସଂଗଠିତ ହେବା ପୂର୍ବରୁ ଔପନ୍ୟାସିକ 'ବଙ୍କିମ ଚନ୍ଦ୍ର' 'ସାମ୍ୟ' ନାମକ ଏକ ପ୍ରବନ୍ଧ ବଂଗଳା ଭାଷାରେ ରଚନା କରିଥିଲେ । ଯେଉଁଥିରେ ସାମାଜିକ ବୈଷମ୍ୟ ବିରୋଧରେ ପ୍ରଗତିବାଦର ସ୍ୱର ଅନୁରଣିତ ହୋଇଥିଲା ଓ ଏହା ହିଁ ଥିଲା ଭାରତରେ ପ୍ରଗତିବାଦୀ ଚିନ୍ତାଚେତନାର ଆଦ୍ୟ ଓଁ କାର ।

ବଙ୍ଗ ପ୍ରଦେଶ ହିଁ ଥିଲା ଜାତୀୟ ମୁକ୍ତି ଆନ୍ଦୋଳନର ପ୍ରଧାନ କେନ୍ଦ୍ରସ୍ଥଳୀ । ବଙ୍ଗ ପ୍ରଦେଶରେ ମଧ୍ୟ କଳକାରଖାନାର ଦ୍ରୁତ ବିକାଶ ଘଟିବାରୁ ପୁଞ୍ଜିବାଦର ବିକାଶ ଘଟିଲା । ପୁଞ୍ଜିବାଦର ବିକାଶ ସାଙ୍ଗକୁ ଶ୍ରମିକ ଅସନ୍ତୋଷ ବଢ଼ି ଚାଲିଲା । ପୁଞ୍ଜିପତିର ଶୋଷଣ ମନୋବୃତ୍ତିର ପରିଚ୍ଛନ୍ନ ରୂପ ମଧ୍ୟ ସ୍ପଷ୍ଟ ହୋଇ ଉଠିଲା । ୧୮୭୨ ମସିହାରେ 'ଶଶୀପଦ ବାନାର୍ଜୀ' ନାମକ ଜନୈକ ବ୍ୟକ୍ତି ଶ୍ରମଜୀବୀ ସଂଘ ନାମକ ଏକ ସଙ୍ଗଠନ ଗଠନ କଲେ ଓ ଶ୍ରମିକ ଶ୍ରେଣୀର ଉତ୍‌ଥାନ ପାଇଁ ଉଦ୍ୟମ ଆରମ୍ଭ କଲେ । ତାଙ୍କ ବ୍ୟତୀତ ଏ କ୍ଷେତ୍ରରେ 'ରେଭରେଣ୍ଡ ଲାଲ୍ ବିହାର ଦେ' ଓ ଅଧର ଚନ୍ଦ୍ର ଦାସଙ୍କ ଉଦ୍ୟମ ମଧ୍ୟ ପ୍ରଶଂସନୀୟ । ଏ ବ୍ୟକ୍ତିଦ୍ୱୟ ଶ୍ରମିକ ଶ୍ରେଣୀର ଉନ୍ନତି ଓ ଜମିଦାରୀ ପ୍ରଥା ବିରୋଧରେ ତୀବ୍ର ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ କବି ଗୁରୁ ରବିନ୍ଦ୍ର ନାଥ ଓ ବିବେକାନନ୍ଦ ମଧ୍ୟ ପ୍ରଗତିବାଦୀ ଚିନ୍ତା ଚେତନା ସମ୍ବନ୍ଧରେ ନିଜର ମତାମତ ପୋଷଣ କରିଥିଲେ । ରବିନ୍ଦ୍ରନାଥଙ୍କ ଦ୍ୱାରା ରଚିତ ହୋଇଥିବା ପ୍ରବନ୍ଧ ଗୁଡ଼ିକରୁ ଏହାର ପ୍ରମାଣ ମିଳେ । ଅକ୍ଟୋବର ବିପ୍ଳବ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ :-

"The slaves of today have recently disconnected the simple truth that wituout this co-operation their masters are totaly powerless. They alone are essential. The tremendous wealth of earth is theirs. This discovery has led the toilens to make attempts to break their shackles and stand erect".

ସର୍ବହରା ଶ୍ରମିକମାନେ ହେଉଛନ୍ତି ଶକ୍ତିଶାଳୀ। ପ୍ରକୃତରେ ସେମାନେ ପୃଥିବୀର ସକଳ ଧନ ସମ୍ପଦର ହକ୍‌ଦାର। କାରଣ ସେମାନେ ଲହୁ ଲୁହ ନିଗାଡ଼ି ଶିଳ୍ପ ପ୍ରାଚୁର୍ଯ୍ୟ ତିଆରି କରନ୍ତି। ରବିନ୍ଦ୍ରଙ୍କର ଏହି ଅଭିବ୍ୟକ୍ତି ତତ୍କାଳୀନ ଜନମାନସରେ ବେଶ୍ ପ୍ରଭାବ ବିସ୍ତାର କରିଥିଲା। ବଙ୍ଗ ପ୍ରଦେଶର ଜନତାଙ୍କ ହୃଦୟରେ ଆଦର୍ଶବଦୀ ଚିନ୍ତାଧାରାର ପ୍ରଚାର ଏବଂ ପ୍ରସାର କରାଇବା ପାଇଁ ଲେନିନ୍‌ଙ୍କ ସମ୍ପର୍କରେ ମଧ୍ୟ ପ୍ରବନ୍ଧମାନ ପ୍ରକାଶିତ ହେଲା। ତନ୍ମଧ୍ୟରୁ 'ସୁରେନ୍ଦ୍ର ନାଥ ଠାକୁର'ଙ୍କର ଲେନିନ୍ ସମ୍ପର୍କୀୟ ପ୍ରବନ୍ଧ, ପ୍ରଫେସର ଅତୁଲ୍‌ସେନ୍‌ଙ୍କର 'ବିପ୍ଳବର ପଥେ' ଇତ୍ୟାଦି ପ୍ରଧାନ। ଏତଦ୍ ବ୍ୟତୀତ ମାର୍କସ୍‌ବାଦୀ ଚିନ୍ତା ଚେତନା ସମ୍ବଳିତ କବିତା ରଚନା କ୍ଷେତ୍ରରେ 'କାଜି ନଜରୁଲ୍ ଇସ୍‌ଲାମ' ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଦ୍ୱାରା ରଚିତ 'ପ୍ରଳୟୋଲ୍ଲାସ' ଓ 'ବିରୋଧୀ' ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା। କବିତା ରଚନା ବ୍ୟତୀତ 'ଧୂମକେତୁ' ଓ 'ଲାଙ୍ଗଲ୍' ନାମକ ପତ୍ରିକାର ସମ୍ପାଦନା ଦାୟିତ୍ୱରେ ମଧ୍ୟ ସେ ଥାଆନ୍ତି। ନଜରୁଲଙ୍କ ରଚିତ

"ଓଠରେ ଚାଷୀ ଜଗତବାସୀ
ଧୀରେ କଷେ ଲାଙ୍ଗଲ।"

ପଦଟି ତତ୍‌କାଳୀନ ସମୟରେ କୃଷକ ସଙ୍ଗଠନ ଗୁଡ଼ିକୁ ବେଶ୍ ଉତ୍ସାହିତ କରିବାକୁ ସକ୍ଷମ ହୋଇଥିଲା। ଏହାପରେ ବିଶ୍ୱକବିଙ୍କ "ଋଷିଆ ଭ୍ରମଣ" ଓ 'ଋଷିଆ ଚିଠି' ପ୍ରକାଶିତ ହେବା ପରେ ବଙ୍ଗ ପ୍ରଦେଶର ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା। ଏହା ବ୍ୟତୀତ 'ପ୍ରମଥ ନାଥ ଚୌଧୁରୀ'ଙ୍କର 'ରଇତେ୍ର କଥା' ସୌମେନ୍ଦ୍ର ନାଥ ଠାକୁରଙ୍କର 'କମ୍ୟୁନିଷ୍ଟ ମାନିଫେଷ୍ଟୋର ଅନୁବାଦ, ମନୋରଞ୍ଜନ ରାଜ୍‌ରାଙ୍କର 'ପଲ୍ଲୀମାଟିର ଫସଲ' ନଙ୍ଗର୍‌ହୀନ ନୌକା ନାମକ ଦୁଇଟି ଉପନ୍ୟାସ ମାଧ୍ୟମରେ ପ୍ରଗତିଶୀଳ ଚିନ୍ତାଚେତନା ଶକ୍ତିଶାଳୀ ରୂପ ପରିଗ୍ରହ କରିବାକୁ ସକ୍ଷମ ହୋଇଥିଲା। 'ସଂହତି', 'ଗଣବାଣୀ', 'ପରିଚୟ', 'ଆତ୍ମଶକ୍ତି', ଇତ୍ୟାଦି ପତ୍ରିକା ମଧ୍ୟ ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା।

୧୯୩୮ ମସିହାରେ ଅନୁଷ୍ଠିତ ହୋଇଥିବା ପ୍ରଗତିଶୀଳ ଲେଖକ ସଂଘର ଦ୍ୱିତୀୟ ଅଧିବେଶନ ବଙ୍ଗଳାର ସାହିତ୍ୟିକମାନଙ୍କୁ ବିଶେଷ ପ୍ରଭାବିତ କରିଥିଲା। ୧୯୪୦ ମସିହା ବେଳକୁ ବଙ୍ଗଳା ସାହିତ୍ୟକୁ ପୂର୍ଣ୍ଣ ମାତ୍ରାରେ ଏହି ଚିନ୍ତାଦର୍ଶ ଗ୍ରାସ କରିସାରିଥାଏ। ବହୁ ସଂଖ୍ୟକ ସାହିତ୍ୟକ ବୈପ୍ଳବିକ ଚିନ୍ତାଧାରାକୁ ନେଇ ସାହିତ୍ୟ ସୃଷ୍ଟି କରୁଥାନ୍ତି। ସେମାନଙ୍କ ମଧ୍ୟରୁ 'ବିଷ୍ଣୁଦେ', 'ସମ୍‌ରସେନ୍', ସୁବାସ୍ ମୁଖୋପାଧ୍ୟାୟ', 'ସୁଜାତା ଭଟ୍ଟାଚାର୍ଯ୍ୟ', 'ଅମିତାଭ୍ ଚାଟାର୍ଜୀ', 'ଶଙ୍ଖଘୋଷ', ପ୍ରମୁଖ ଅନ୍ୟତମ।

ମାର୍କ୍ସବାଦର ପ୍ରଭାବରୁ ସମକାଳୀନ ହିନ୍ଦୀ ସାହିତ୍ୟ ମଧ୍ୟ ମୁକ୍ତ ହୋଇପାରିନଥିଲା। ୧୯୧୯ ମସିହାରେ ପ୍ରଥମ କରି 'ଶିବ ନାରାୟଣ ମିଶ୍ର ବୈଦ୍ୟ' ନାମକ ଜଣେ ଲେଖକ 'ସାମ୍ୟବାଦ' ନାମକ ଏକ ପୁସ୍ତକ ରଚନା କଲେ। ଯାହାକି ମାର୍କସବାଦୀ ତତ୍ତ୍ୱକୁ ହିନ୍ଦୀ ଭାଷାରେ ପୁସ୍ତକ ମାଧ୍ୟମରେ ପ୍ରଚାର କରବା ପାଇଁ ଥିଲା ପ୍ରଥମ ପଦକ୍ଷେପ। ଏହା ପୂର୍ବରୁ ଅବଶ୍ୟ 'ଗୟା ପ୍ରସାଦ ଶୁକ୍ଳ' ସନେହୀ ନାମକ ଏକ କବିତା ରଚନା କରିଥିଲେ। ଯେଉଁ କବିତାରେ ପୁଞ୍ଜିବାଦର ବିନାଶ ଓ ସର୍ବହରାର ବିକାଶ ମଧ୍ୟରେ ସାମ୍ୟବାଦର ପ୍ରତିଷ୍ଠା ହିଁ ଥିଲା କବିତାର ଲକ୍ଷ୍ୟ। ଏହା ବ୍ୟତୀତ ତାଙ୍କ ରଚିତ 'ଗରୀବୌଁ କି ଗୁହାରୀ' (ପ୍ରତାପ-୧୯୧୭-ସେପ୍ଟେମ୍ବର-୩୦ ପୃ-୬)

'ମଜଦୁରୋଁ କି ହୋଲି' (୧୯୨୧ ମାର୍ଚ୍ଚ-୧-ପ୍ରତାପ ପୃ-୧) ପ୍ରଭୃତି କବିତାରେ ଗରୀବ, ଅସହାୟ ମଜଦୁର୍ ମାନଙ୍କ ପ୍ରତି କବିପ୍ରାଣର ସମବେଦନାକୁ ଲକ୍ଷ୍ୟ କରାଯାଇପାରେ। କବି ଗୟାପ୍ରସାଦ ଦରିଦ୍ର ସର୍ବହରାର ଦୁଃଖ ପ୍ରତି ସମବେଦନା ଜଣାଇ କବିତା ରଚନା କଲାବେଳକୁ କବି ଦେବୀଦତ୍ତ ମିଶ୍ର ସମାଜରୁ ଏ ପ୍ରକାର ଅନ୍ୟାୟର ବିଲୋପ ପାଇଁ ତାଙ୍କ କବିତା ପାଇଁ ତାଙ୍କ କବିତା ମାଧ୍ୟମରେ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି। 'ଆହ୍ୱାନ' କବିତାରୁ ଏହା ପରିଲକ୍ଷିତ ହୁଏ। କବିଙ୍କ ବର୍ଣ୍ଣନାଟି ଏହି ପରି :-

"ପରିବର୍ତ୍ତନ ! ସ୍ୱାଗତ ଆଓ /
ନବ ଯୁଗ ଜ୍ୟୋତ୍ସ୍ନା ଜଗାଓ।
ଓ୍ୱହ ସାମ୍ୟ ପ୍ରଭା ପ୍ରକଟାଓ।
ପରିବର୍ତ୍ତନର ସ୍ୱାଗତ ଆଓ।
କାୟର୍ ହୃଦୟୋଁ ମେଁ ଫିର୍ ସେ ହୋ ଆଦର୍ଶେ କାଭାନ୍
ଭାରତୀୟ ସ୍ୱାତନ୍ତ୍ର ସମର୍ ମେଁ ହୋ ସଂଘର୍ଷ ବଳିଦାନ।"

ଏହି ଦୁଇଜଣ ଅଗ୍ରଗାମୀ କବିଙ୍କ ସହ ସ୍ୱର ମିଳାଇ ଥିଲେ କବି ଚେତନ ଶର୍ମା, ଶିବଦାସ ଗୁପ୍ତ ଓ ଅଯୋଧ୍ୟା ସିଂହ ଉପାଧ୍ୟାୟ। ୧୯୩୦-୩୬ ମସିହା ଥିଲା ହିନ୍ଦୀ ସାହିତ୍ୟରେ ମାର୍କସ୍ୱାଦୀ ଚିନ୍ତାଚେତନାର ପରିପକ୍ୱ କାଳ। ଏହି ସମୟରେ ପ୍ରଗତିଶୀଳ ଲେଖକ ସଂଘର ଅଧିବେଶନ ପ୍ରେମଚାନ୍ଦଙ୍କ ସଭାପତିତ୍ୱରେ ଲକ୍ଷ୍ନୌଠାରେ ବସିଥିଲା। ଏହି ଚିନ୍ତାଚେତନାରେ ପରିପୁଷ୍ଟି ପାଇଁ ପ୍ରେମଚାନ୍ଦଙ୍କର ଅବଦନା ମଧ୍ୟ କିଛି କମ୍ ନୁହେଁ। ଏହି ଚିନ୍ତାଧାରାକୁ ଅଧିକରୁ ଅଧିକ ଜନପ୍ରିୟ କରାଇବାରେ ସକ୍ଷମ ହୋଇଥିଲା ପ୍ରେମଚାନ୍ଦଙ୍କର 'ସାମ୍ୟବାଦ କ୍ୟୋଁ' ପ୍ରକାଶିତ ହୋଇ ବିପୁଳ ଆଦୃତି ଲାଭ କରିଥିଲା। ଏଥିରୁ ପ୍ରତୀୟମାନ ହୁଏ ଯେ ଏହି ଚିନ୍ତାଚେତନାକୁ ପ୍ରସାରିତ କରାଇବାରେ ପ୍ରଗତିଶୀଳ ଲେଖକ ସଂଘର ଏକ ସ୍ୱତନ୍ତ୍ର ଭୂମିକା ରହିଛି।

ସର୍ବଭାରତୀୟ ସ୍ତରରେ ଯେତେବେଳେ ପ୍ରଗତିଶୀଳ ଚିନ୍ତାଚେତନା ପ୍ରଭାବ ବିସ୍ତାର କରୁଥାଏ, ସମକାଳୀନ ଉର୍ଦ୍ଦୁ, ତେଲୁଗୁ, ଗୁଜୁରାଟୀ, ମରାଠୀ ସାହିତ୍ୟ ମଧ୍ୟ ଏଥିରୁ ବାଦ୍ ପଡ଼ିନଥାଏ। ଉର୍ଦ୍ଦୁ ସାହିତ୍ୟିକମାନଙ୍କ ମଧ୍ୟରୁ ହସରତ୍, ଶ୍ରୀରଙ୍ଗମ ଶ୍ରୀନିବାସ ରାଓ, ପ୍ରଗାଢ଼ ଉଦ୍ୟମ ଦ୍ୱାରା ସର୍ବଭାରତୀୟ ସ୍ତରରେ ପ୍ରଗତିଶୀଳ ଚିନ୍ତାଚେତନା ପ୍ରସାର ଲାଭ କରିପାରିଥିଲା। ଏହା ପୂର୍ବରୁ ଭାରତୀୟ ସାହିତ୍ୟ ଗୁଡ଼ିକରେ ପରିଲକ୍ଷିତ ହେଉଥିବା ଜାତୀୟତାବାଦୀ ଚିନ୍ତାଧାରାକୁ ଏହା ଏକ ବୈପ୍ଳବିକ ଆଭିମୁଖ୍ୟ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଥିଲା।

## ୧.୪ ପ୍ରଗତିଶୀଳ ଚିନ୍ତାଧାରାର ଉନ୍ମେଷ, ଉତ୍ତରଣ ଓ ପୃଷ୍ଠଭୂମି

ପ୍ରଖ୍ୟାତ ଦାର୍ଶନିକ କାର୍ଲମାର୍କସ୍‌ଙ୍କ ତାତ୍ତ୍ୱିକ ଦର୍ଶନ ମାର୍କସ୍ୱାଦ ନାମରେ ପରିଚିତ। ଏହି ମାର୍କସ୍ୱାଦକୁ ଓଡ଼ିଆ ସାହିତ୍ୟରେ ପ୍ରଗତିବାଦ ବା ସାମ୍ୟବାଦର ଆଖ୍ୟା ପ୍ରଦାନ କରାଯାଇଛି। ମାର୍କସ୍ୱାଦର ସୃଷ୍ଟି ସଂପର୍କରେ ଆଲୋଚନା କଲେ ; ଓଡ଼ିଆ କବିତାରେ ପ୍ରଗତିଶୀଳ ଚିନ୍ତାଧାରାର ଉନ୍ମେଷ ଓ ଉତ୍ତରଣ ସଂପର୍କରେ ସବିଶେଷ ତଥ୍ୟ ଅବଗତ ହୋଇ ପାରିବା। ତେଣୁ ପ୍ରଥମେ ମାର୍କସ୍ୱାଦର ସଂପର୍କରେ ଆଲୋଚନା କରାଯାଉ। ମାର୍କସ୍ୱାଦର

ସୃଷ୍ଟି ପୂର୍ବରୁ ପୃଥିବୀରେ ତିନୋଟି ରାଷ୍ଟ୍ରର ଜନସାଧାରଣ ତିନୋଟି ବିଷୟରେ ପାରଦର୍ଶିତା ଅର୍ଜ୍ଜନ କରିଥିଲେ । ଜର୍ମାନମାନେ ଦର୍ଶନ କ୍ଷେତ୍ରରେ, ଇଂଲଣ୍ଡର ଅଧିବାସୀମାନେ ଅର୍ଥନୀତି କ୍ଷେତ୍ରରେ ଓ ଫରାସୀମାନେ ସମାଜବାଦୀ ବିପ୍ଳବ କ୍ଷେତ୍ରରେ ଶୀର୍ଷରେ ପହଞ୍ଚି ପାରିଥିଲେ । ଏହି ତିନୋଟି ତାତ୍ତ୍ୱିକ ବିଚାରଧାରାକୁ ମାର୍କସ୍‌ବାଦ ଏକ ପରିପୂର୍ଣ୍ଣ ରୂପ ପ୍ରଦାନ କଲା । କାରଣ ଏହା ବୈଜ୍ଞାନିକ ସମ୍ମତ ଚିନ୍ତାଧାରା ଉପରେ ଆଧାରିତ ଥିଲା । ଏହି ମତବାଦର ଉଦ୍ୟୋକ୍ତା କାର୍ଲମାର୍କସଙ୍କର ଜୀବନ ଦର୍ଶନରୁ ଏସଂପର୍କରେ ସବିଶେଷ ବିବରଣୀ ଆମେ ପାଇପାରିବା ।

## ୧.୫ ଓଡ଼ିଶାରେ ନବଯୁଗ ସାହିତ୍ୟ ସଂସଦ ଓ ପ୍ରଗତିବାଦୀ ସାହିତ୍ୟ ପ୍ରତି ଆଗ୍ରହ

ଓଡ଼ିଶାରେ ପ୍ରଗତିଶୀଳ ଚିନ୍ତାଦର୍ଶର ଉନ୍ମେଷ ‘ନବଯୁଗ ସାହିତ୍ୟ ସଂସଦ’ ମାଧ୍ୟମରେ ହିଁ ଘଟିଥିଲା। ଏହା ପୂର୍ବରୁ ୧୯୨୪ ମସିହାରେ ‘ସମାଜ’ରେ ଏହି ଚିନ୍ତାଧାରା ସମ୍ପର୍କିତ ଦୁଇଟି ବିବରଣୀ ପ୍ରକାଶ ପାଇଥିଲା। ଏହି ତଥ୍ୟରୁ ପ୍ରଗତିଶୀଳ ଚିନ୍ତାଦର୍ଶ ସମ୍ପର୍କରେ କିଞ୍ଚିତ ସୂଚନା ମିଳେ।

“ଋଷିଆରେ ସୋଭିଏତ୍ ସରକାରର ପ୍ରତିଷ୍ଠାତା ଓ ପ୍ରଧାନ ପରିଚାଳକ ମହାତ୍ମା ଲେନିନ୍ ଇହଧାମ ତ୍ୟାଗ କଲେ। ସେ ଜଣେ ବୀର ପୁରୁଷ। ସେ ନିଜେ ମରିବା ପୂର୍ବରୁ ଭୀରୁମାନେ ହିଁ ତାଙ୍କୁ ବହୁବାର ମାରି ଦେଇଥିଲେ। ବର୍ତ୍ତମାନ ତାଙ୍କର ମୃତ୍ୟୁ ଖବର ପାଇ ତାଙ୍କର ଶତ୍ରୁ ସ୍ଥାନୀୟ ୟୁରୋପୀୟ ସରକାରମାନେ ପ୍ରାଣରେ ବଡ଼ ଆଶ୍ୱାସନା ଲଭୁଥିବେ। ତାଙ୍କର ଜୀବନ ବ୍ୟାପୀ ସାଧନା, କଠୋର ଯନ୍ତ୍ରଣା ଭୋଗ, ଯଥେଚ୍ଛଚାରୀ ସରକାରରେ ଘୋର ବିଭୀଷିକା ପୂର୍ଣ୍ଣ ଅତ୍ୟାଚାର ମଧ୍ୟରେ ସାଧନାର ନିଷ୍ଠା ଋଷିଆରୁ ଯଥେଚ୍ଛଚାରୀ ଶାସନ ଉଠାଇ ପ୍ରକୃତ ସାଧିନତା ମୂଳକ ପ୍ରଜାତନ୍ତ୍ର ଶାସନ ବସାଇବା ତାଙ୍କର ସମସ୍ତ ସାଧନାର ମୂଳମନ୍ତ୍ର। ତାହା ଯେ ସେ ତାଙ୍କ ନିଜ ଜୀବନ ମଧ୍ୟରେ ସାଧି ପାରିଛନ୍ତି, ଋଷିଆର ସୋଭିଏତ୍ ଶାସନ ତାହାର ଜ୍ୱଳନ୍ତ ପ୍ରମାଣ। ମାତ୍ର ଏ ମହାପୁରୁଷଙ୍କ ଚିନ୍ତା ଓ କାର୍ଯ୍ୟ ଏକ ଦେଶ ବା ଏକ ସମୟ ବ୍ୟାପୀ ନୁହେଁ। ଲେନିନ୍‌ଙ୍କ କାର୍ଯ୍ୟ କେବଳ ଋଷିଆର ସୀମା ମଧ୍ୟରେ ଆବଦ୍ଧ ରହିନାହିଁ। ସମଗ୍ର ପୃଥିବୀରେ ଲେନିନ୍‌ଙ୍କ ନୀତି ଓ କାର୍ଯ୍ୟ ଖେଳୁଛି।

“କମ୍ୟୁନିଷ୍ଟ ଦଳ ଭାରତରେ ଦିନକୁ ଦିନ ବଢୁଛନ୍ତି। ସରକାର ଏ ଦଳଙ୍କ ଉପରେ ଖୁବ୍ କଡ଼ା ନଜର ରଖିଛନ୍ତି। ଦେଶର ଭିନ୍ନ ଭିନ୍ନ ରାଜନୀତିକ ଦଳର ଲୋକେ ସେମାନଙ୍କ ସହିତ ଯୋଗ ଦେଇନାହାନ୍ତି। ଯୋଗ ନଦେବାର ପ୍ରଧାନ କାରଣ ଭୟ।” ମାତ୍ର ସେମାନେ ଯାହା କହୁଛନ୍ତି ତାହା ସେତେ ଦୋଷାବହ ନୁହେଁ। ଜଣେ କାହିଁକି କୋଟିଶ୍ୱର ଆଉ ଜଣେ କାହିଁକି ଦିନରାତି ଖଟି ଖଟି ପେଟପୂରା ଗଣ୍ଡେ ଖାଇବାକୁ ପାଉ ନାହିଁ।”

ପ୍ରଥମ ସମ୍ପାଦକୀୟରେ ଋଷରେ ସୋଭିଏତ୍ ଶାସନର ପ୍ରତିଷ୍ଠା ଲେନିନ୍‌ଙ୍କର କାର୍ଯ୍ୟଦକ୍ଷତା ସମ୍ପର୍କରେ ପ୍ରଦତ୍ତ ତଥ୍ୟ ତତ୍କାଳୀନ ଉତ୍କଳୀୟ ଜନସାଧାରଣଙ୍କୁ ମାନସିକ ସ୍ତରରେ ପ୍ରେରଣା ପ୍ରଦାନ କରିବା ସହିତ ସମାଜରୁ ଶୋଷଣ, କଷଣର ବିଲୋପ ପାଇଁ ଆହ୍ୱାନ ପ୍ରଦାନ କରିଥିଲା। ଦ୍ୱିତୀୟ ସମ୍ପାଦକୀୟରେ ଭାରତବର୍ଷରେ କମ୍ୟୁନିଷ୍ଟ ମାନଙ୍କର ସ୍ଥିତି ଓ ଶୋଷଣ ବିରୋଧୀ ସ୍ୱର ସହିତ ଜନସାଧାରଣଙ୍କୁ ସଚେତନ କରାଇବାର ବାର୍ତ୍ତା ନିହିତ ଥିଲା। ଦ୍ୱିତୀୟ ସମ୍ପାଦକୀୟ ଲେଖିବାର କିଛିଦିନ ପୂର୍ବରୁ ୧୯୨୫ ମସିହାର ଶେଷଆଡ଼କୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୁଏ। ଯାହାର ପ୍ରଭାବରେ ଗୋପବନ୍ଧୁ ସମାଜରେ ଏହି ଲେଖାଟି

ପ୍ରକାଶିତ କରିଥିଲେ ଓ ନିଜର ସାଙ୍ଗଠନିକ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ। କଲିକତାଠାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଏକତ୍ରିତ କରି ଗୋପବନ୍ଧୁ 'କଲିକତା ଶ୍ରମିକ ମଣ୍ଡଳୀ' ଓ 'କଲିକତା ଓଡ଼ିଆ ସମାଜ' ଗଠନ କରିଥିଲେ। ଏ ସମ୍ପର୍କରେ 'ଡଗର' ପତ୍ରିକାରେ ପ୍ରକାଶିତ ଏକ ଲେଖାରୁ ଏହାର ପ୍ରମାଣ ମିଳେ।

"ଏହି ସମୟରେ ଗୋପବନ୍ଧୁଙ୍କ ଦ୍ୱାରା ଦୁଇଗୋଟି ଅନୁଷ୍ଠାନ ଗଠିତ ହୁଏ। ପ୍ରଥମଟି 'କଲିକତା ଓଡ଼ିଆ ସମାଜ' ଆଉ ଅପରଟି ଶ୍ରମିକମାନଙ୍କ ମଧ୍ୟରେ ସଙ୍ଗଠନ ଓ ଶୃଙ୍ଖଳା ଆଣିବା ପାଇଁ 'କଲିକତା ଶ୍ରମିକ ମଣ୍ଡଳୀ'।"

ଏହି ସଂଗଠନ କଲିକତାରେ ଦୀର୍ଘ ଛଅବର୍ଷ କାଳ ସକ୍ରିୟ ହୋଇ ରହିଥିଲା ଓ ବିଭିନ୍ନ ଅବ୍ୟବସ୍ଥା ବିରୋଧରେ ମଧ୍ୟ ଆନ୍ଦୋଳନର ଡାକରା ଦେଉଥିଲା। ଏହା ହେଉଛି ୧୯୩୦ ମସିହା ଭିତର କଥା। ଏହାପରେ ଲବଣ ସତ୍ୟାଗ୍ରହ, ଗୋଲ ଟେବୁଲ ବୈଠକର ବିଫଳତା ଇତ୍ୟାଦି ଭାରତୀୟ ଜନତାଙ୍କ ମନରେ ଅସନ୍ତୋଷ ଓ ନୈରାଶ୍ୟଜନକ ଜାଗ୍ରତ କରାଇଥିଲା। ପରିଣାମସ୍ୱରୂପ ୧୯୩୪-୩୫ ମସିହାରେ ଭାରତରେ 'ପ୍ରଗତିଶୀଳ ଯୁବକ ଦଳ' ଓ 'କଂଗ୍ରେସ୍ ସୋସାଲିଷ୍ଟ ପାର୍ଟି' ଗଠନ କରାଗଲା। 'ବିପ୍ଳବୀ ଲକ୍ଷ୍ମୀନାରାୟଣ ରାୟ ସିଂହଙ୍କ ମତରେ :-

"୧୯୩୨-୩୪ ମଧ୍ୟରେ କଂଗ୍ରେସ ଭିତରେ ଆଇନ୍ ଅମାନ୍ୟ ଆନ୍ଦୋଳନର ବିଫଳତା ଓ ଗୋଲ ଟେବୁଲ ବୈଠକର ଅସଫଳତା ପ୍ରଭୃତି ଓ ଏଥିସହ ୧୯୩୫ ଶାସନ ସଂସ୍କାର ଆଇନ୍ ପ୍ରତି ମୋହ ସୃଷ୍ଟି ଯେଉଁ ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ, ସେଥିମଧ୍ୟରେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ଯେଉଁମାନେ ଶ୍ରେଣୀ ସଂଘର୍ଷକୁ ପାଥେୟ କରି ଆନ୍ଦୋଳନ କରିବେ ବୋଲି ସ୍ଥିର କଲେ, ସେମାନେ ବୈଜ୍ଞାନିକ ସମାଜବାଦକୁ ମୂଳଭିତ୍ତି କରି ଗଢ଼ିଲେ 'କଂଗ୍ରେସ ସୋସାଲିଷ୍ଟ ପାଟି'।

ଏହି ଯୁବ ସଂଗ୍ରାମୀମାନଙ୍କ ମନରେ ଏକ ଧାରଣା ଜନ୍ମିଲା ଯେ, ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନ ଦ୍ୱାରା ସ୍ୱାଧୀନତା ଲାଭ କରାଯାଇ ପାରିବ ନାହିଁ। ସ୍ୱାଧୀନତା ପାଇଁ ମାକ୍ସ ଓ ଲେଲିନଙ୍କ ପ୍ରବର୍ତ୍ତିତ ବୈପ୍ଳବିକ ଆଦର୍ଶ ଏକାନ୍ତ ଆବଶ୍ୟକ।

ସମାଜରେ ଯେତେବେଳେ ଶ୍ରେଣୀ ସଂଘର୍ଷ ବିରୋଧରେ ସଂଗ୍ରାମ ଆରମ୍ଭ ହେଲା ଭାରତବର୍ଷରେ ବହୁ ସ୍ଥାନରେ ଛୋଟ ଛୋଟ ସଂଗଠନମାନ ଗଢ଼ି ଉଠିଲା। ଏଇ ସଂଗଠକମାନେ ମଧ୍ୟ ଶ୍ରେଣୀ ସଚେତନତା ସୃଷ୍ଟି କରିବା ସହିତ ସମାଜରେ ପରିବର୍ତ୍ତନ ପାଇଁ ଅପ୍ରାଣ ଉଦ୍ୟମ ଚଳାଇଥିଲେ। କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଏକ ଶାଖା ଓଡ଼ିଶାରେ ପ୍ରତିଷ୍ଠା କରାଗଲା। ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ, ଭଗବତୀ ଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ, ପ୍ରମୁଖ ଥିଲେ ଏହି ସଂଗଠନର ମୁଖ୍ୟ ସଭ୍ୟ। ଏହି ସଂଗଠନ ସମ୍ପର୍କରେ ସବିଶେଷ ବିବରଣୀ 'ସୁରେନ୍ଦ୍ର ନାଥ ଦ୍ୱିବେଦୀ'ଙ୍କ ମନ୍ତବ୍ୟରୁ ଆହରଣ କରାଯାଇପାରେ।

"କ୍ରମାଗତ ଚିନ୍ତା ଫଳରେ ପ୍ରତ୍ୟେକ ଗୋଟିଏ ସଂଘବଦ୍ଧ ଓ ଶୃଙ୍ଖଳାବଦ୍ଧ ଅନୁଷ୍ଠାନର ଅଭାବବୋଧ କଲେ ଏବଂ ତାହାରି ଫଳସ୍ୱରୂପ ୧୯୩୪ ମସିହା ଫେବୃୟାରୀ ମାସରେ କୌଣସି ନେତାଙ୍କର ଶୁଭାଶୀର୍ବାଦ ବା ସହାୟତାକୁ ଅପେକ୍ଷା ନକରି କେତେକ କର୍ମୀ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ' ନାମକ ଅନୁଷ୍ଠାନ ଗଢ଼ିଲେ।"

ଏହି କର୍ମୀ ସଂଗଠନ ଗଠନ ହେବାର ଠିକ୍ ଦୁଇମାସ ପରେ ବାମପନ୍ଥୀ ଚିନ୍ତାଧାରାର ସାର୍ଥକ ସାରଥି ଭାବେ 'ସାରଥି' ପତ୍ରିକା ଆତ୍ମପ୍ରକାଶ କଲା ଓ ଏହା ହିଁ ଥିଲା 'ଉତ୍କଳ କଂଗ୍ରେସ ସାମ୍ୟବାଦ ସଂଘର ମୁଖପତ୍ର'। ୧୯୩୪ ମେ' ମାସ ୧୯ ତାରିଖରେ ଗାନ୍ଧିଜୀ ହରିଜନ ପଦଯାତ୍ରାରେ ଯୋଗଦେବା ପରେ ନବକୃଷ୍ଣ ଚୌଧୁରୀଙ୍କ ଗଅହରେ 'କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ'ର କର୍ମକର୍ତ୍ତାମାନଙ୍କୁ ସାକ୍ଷାତ କଲେ ଓ ସେମାନଙ୍କ ଅନୁରୋଧ କ୍ରମେ ଏହା ନିଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଏକ ଶାଖା ରୂପେ କାର୍ଯ୍ୟ କଲା। ଏହି ପାର୍ଟିର ପ୍ରଥମ ବୈଠକ ୧୯୩୪ ମସିହା ଜୁନ୍ ମାସ ୧୭ ତାରିଖ ଦିନ ପ୍ରାଣନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ନବକୃଷ୍ଣ ଚୌଧୁରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ରାଜନୈତିକ ଦୃଷ୍ଟିକୋଣରୁ ଏହାଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା ସାହିତ୍ୟକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ ଏହାର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଏତଦ୍ ବ୍ୟତୀତ ଗଡ଼ଜାତ ଆନ୍ଦୋଳନ, ଶ୍ରମିକ ଆନ୍ଦୋଳନ ଓ କୃଷକ ଆନ୍ଦୋଳନ  ପରିପ୍ରେକ୍ଷୀରେ ଲିଖିଥ କବିତା ଗୁଡ଼ିକ ପ୍ରଗତିଶୀଳ ଚିନ୍ତାଧାରା ଓରଫ୍ ମାର୍କସବାଦୀ ଚିନ୍ତାଧାରାର ଏକ ପରିଚ୍ଛନ୍ନ ରୂପକୁ ପରିପ୍ରକାଶ କରିବାରେ ସକ୍ଷମ ହୋଇପାରିଥିଲା।

ଏହି ପ୍ରଚେଷ୍ଟା ମଧ୍ୟରୁ ଜନ୍ମଲାଭ କଲା 'ନବଯୁଗ ସାହିତ୍ୟ ସଂସଦ' ଓ ତା'ର ମୁଖପତ୍ର 'ଆଧୁନିକ'। ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନ ୧୯୩୫ ମସିହା ନଭେମ୍ବର ୨୯ ତାରିଖ ଠାରୁ  ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଛଅ ଦିନି ବ୍ୟାପୀ କଟକର ଶ୍ରୀରାମଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ହୋଇଥିଲା ଓ ଏହି ଆଲୋଚନା ଚକ୍ର ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଓ ଏହି ଆଲୋଚନା ଚକ୍ର ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହା ଗଠନ କରିବା ପଛରେ ଭଗବତୀ ଚରଣ କେଉଁଠାରୁ ପ୍ରେରଣା ପାଇଥିଲେ ସେ ସମ୍ପର୍କରେ ଅଭିମତ ପ୍ରଦାନ କରିବାକୁ ଯାଇ ଆଲୋଚକ ଡଃ ନିତ୍ୟାନନ୍ଦ ଶତପଥୀ କହନ୍ତି :-

"ଏପରି ଏକ ସଂଗଠନ ଗଢ଼ିବା ପଛରେ ନିଶ୍ଚିତ ଭାବେ ଭଗବତୀ ଚରଣଙ୍କ ଚିନ୍ତାଧାରାରେ ତା ୨୧-୦୬-୧୯୩୫ରେ ପ୍ୟାରିସ୍ ଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଶାନ୍ତି କଂଗ୍ରେସର ପ୍ରଭାବ ଜୀବନ୍ତ ଥିଲା। କାରଣ ଏହି ସମ୍ମେଳନରେ ମୁଖ୍ୟତଃ ୟୁରୋପ ଏସିଆର ବିଶିଷ୍ଟ ସାହିତ୍ୟିକମାନେ ଏକତ୍ରିତ ହୋଇଥିଲେ। ଏହି ମର୍ମରେ ଏକ ସାଂସ୍କୃତିକ ସମ୍ମିଳନୀ କରି ନୂତନ ସାହିତ୍ୟ ସୃଷ୍ଟି ନିମନ୍ତେ ବାତାବରଣ ସୃଷ୍ଟି କରିବା ସ୍ୱର୍ଗତ ଭଗବତୀ ଚରଣଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିର ପରିଚୟ ମିଳେ।"

ଚିନ୍ତାଜଗତରେ ନୂତନ ଚେତନାର ଆବାହନ କରିବା ସଙ୍ଗେ ସଙ୍ଗେ ଯୁଗ ଧରି ଜମାଟ ବାନ୍ଧିଥିବା ଆବର୍ଜନାକ "ଜାତୀୟ ଜୀବନର ପୁରୁଣା ପ୍ରଥା ଉପରେ ନୂତନ ସ୍ତର ଫିଟାଇବା ଏହାର ଉଦ୍ଦେଶ୍ୟ। ଜୀବନର ଚିନ୍ତା ସାହିତ୍ୟରେ ପ୍ରକାଶ ପାଏ ସ ଚିନ୍ତା ହିଁ କ୍ରିୟାର ମୂଳ। ତେଣୁ ସାହିତ୍ୟରେ ବିପ୍ଳବ ପ୍ରଚାର କରି ଜାତୀୟ ଜୀବନରେ ଚଞ୍ଚଳତାର ସୂଚନା ଦେବା ନିମନ୍ତେ ଏହା କରାଯାଇଥିଲା।"

ଏକ ବୃହତ ଆଭିମୁଖ୍ୟକୁ ଜନାଦୃତି କରାଇବାରେ ବଜ୍ର ଶପଥ ନେଇଥିବା ଏହି ଅନୁଷ୍ଠାନର ପ୍ରଥମ୍ଭ ଅଧିବେଶନ ପାଇଁ ଉଦ୍‌ବୋଧନ ସଂଗୀତ ଲେଖିଥିଲେ କବି ଅନନ୍ତ ପଟ୍ଟନାୟକ। ଏହା ମାଳତୀ ଚୌଧୁରୀଙ୍କର କଣ୍ଠରେ ଗାନ କରାଯାଇଥିଲା। ଗୀତଟି ହେଉଛି -

"ନବୀନ ଯୁଗରେ ତରୁଣ ଜାଗରେ ବନ୍ଧନ ହରା
ଲକ୍ଷେ ଜୀବନ ବକ୍ଷେ ଶୋଭିତ ଖେଳାଅ ଆଲୋକ ଧାରା।"

ଦୀର୍ଘ ଛ'ଦିନ ବ୍ୟାପୀ ଚାଲିଥିବା ଅଧିବେଶନରେ କେବଳ ଯେ ସାହିତ୍ୟ ଆଲୋଚନା କରାଯାଉଥିଲା ତାହା ନୁହେଁ, ବରଂ ଇତିହାସ, ଦର୍ଶନ, ଅର୍ଥନୀତି ଉପରେ ମଧ୍ୟ ଆଲୋଚନା କରାଯାଉଥିଲା। ଏ ସମ୍ପର୍କରେ 'ସଂଗ୍ରାମୀ ଲକ୍ଷ୍ମୀ ନାରାୟଣ ରାୟ ସିଂହ, କହନ୍ତି - "ସଂସଦର ପ୍ରଥମ ଦିନର ଅଧିବେଶନରେ ସଭାପତିତ୍ୱ କରିଥିଲେ କାଳିନ୍ଦୀ ଚରଣ ପାଣିଗ୍ରାହୀ। ଅନ୍ୟାନ୍ୟ ଦିନ ମାନଙ୍କରେ ବିଭିନ୍ନ ବିଭାଗରେ ତତ୍କାଳୀନ ଓଡ଼ିଶାର ସର୍ବଶ୍ରେଷ୍ଠ ବୁଦ୍ଧିଜୀବୀଗଣ ଯଥା, ଅଧ୍ୟାପକ ହରିବନ୍ଧୁ ମହାନ୍ତି, ଦର୍ଶନ ବିଭାଗରେ ଲକ୍ଷ୍ମୀ ନାରାୟଣ ସାହୁ, ସାହିତ୍ୟ ବିଭାଗରେ ଶ୍ରୀ ହରିହର ମହାପାତ୍ର ପ୍ରମୁଖ ସଭାପତିତ୍ୱ କରିଥିଲେ। ଏହି ଦିନ ମାନଙ୍କରେ ଯେଉଁ ନୂତନ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧମାନ ପାଠ କରାଯାଇଥିଲା, ସେଥି ମଧ୍ୟରେ ଥିଲା ଭଗବତୀ ଚରଣ ପାଣିଗ୍ରାହୀଙ୍କର 'ଅର୍ଥ ଓ ପରମାର୍ଥ', ରାମ ପ୍ରସାଦ ସିଂହଙ୍କର 'ବର୍ତ୍ତମାନ ସାହିତ୍ୟରେ ନୂତନ ଭାବଧାରାର ଆବହାନ, 'କେଦାରନାଥ ମହାପାତ୍ରଙ୍କର "ଜାତି ଗଠନରେ ଇତିହାସର ସ୍ଥାନ, ଶଶୀଭୂଷଣ ରାୟଙ୍କର" ସାହିତ୍ୟ ପ୍ରଭାବ" ପ୍ରଭୃତି। "

ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା ହେବାର ଚାରିମାସ ପରେ ତା ୧୦-୦୪-୩୬ ମସିହାରେ ଲକ୍ଷ୍ନୌଠାରେ 'ନିଖିଳ ଭାରତୀୟ ଲେଖକ ସଂଘ'ର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ହିନ୍ଦୀ ସାହିତ୍ୟର କଥା ସମ୍ରାଟ୍ 'ପ୍ରେମଚାନ୍ଦ' ସଭାପତିତ୍ୱ କରିଥିଲେ।

ଏହାକୁ ଉଦ୍‌ଘାଟନ କରିଥିଲେ ତତ୍‌କାଳୀନ ନାରୀନେତ୍ରୀ ସରୋଜିନୀ ନାଇଡୁ। ଏଇ ସମ୍ମିଳନୀରେ ଯେଉଁ ଦଲିଲ୍ ଘୋଷଣା କରାଯାଇଥିଲା ତା'ର ଓଡ଼ିଆ ଅନୁବାଦ 'ପ୍ରାଣନାଥ ପଟ୍ଟନାୟକଙ୍କ' ଆସନ୍ତା କାଲି ସାହିତ୍ୟ'ରୁ ଉଦ୍ଧାର କରାଯାଇଛି।

"ଆମେ ବିଶ୍ୱାସ କରୁଯେ ଭାରତବର୍ଷର ନବୀନ ସାହିତ୍ୟକୁ ଆମର ବର୍ତ୍ତମାନ ଜୀବନର ମୂଳ ସମସ୍ୟା, କ୍ଷୁଧା, ଦାରିଦ୍ର୍ୟ, ସାମାଜିକ ପରାଙ୍ମୁଖତା ରାଜନୈତିକ ପରାଧୀନତା ଘେନି ଆଲୋଚନା କରିବାକୁ ହେବ। ଆମେ ଚହୁଁ ଜନସାଧାରଣଙ୍କ ଜୀବନ ସହିତ କଳାର ନିବିଡ଼ ସଂଯୋଗ। ଆମେ ଚହୁଁ ସାହିତ୍ୟରେ ଦୈନନ୍ଦିତ ଜୀବନର ଚିତ୍ର ଫଉଟି ଉଠୁ ଏବଂ ଯେଉଁ ଭବିଷ୍ୟତର କଳ୍ପନା ଆମେ କରୁଛେ ତାକୁ ଆଗେଇ ଆଣୁ...ବୈଜ୍ଞାନିକ ଯୁକ୍ତିବାଦକୁ ସାହିତ୍ୟରେ ପ୍ରତିଷ୍ଠିତ କରି ପ୍ରଗତିକାମୀ ମାନବଧାରାକୁ ବେଗବାନ କରିବା। ଏହା ଆଜି ଲେଖକ ମାନଙ୍କର କର୍ତ୍ତବ୍ୟ।"

"ଯେଉଁ ପରିବର୍ତ୍ତନ ବିଦ୍ୱେଷୀ ଶ୍ରେଣୀ, ଯାହା ଯୋଗୁଁ ବହୁକାଳ ଯାବତ୍ ସାହିତ୍ୟ ଓ ଅନ୍ୟାନ୍ୟ କଳାର ଅବନତି ଘଟିଛି, ସେମାନଙ୍କ କବଳରୁ ସାହିତ୍ୟକୁ ଉଦ୍ଧାର କରିବା, ଆମ୍ଭମାନଙ୍କ ସଂଘର ଉଦ୍ଦେଶ୍ୟ।"

"ଯାହାକିଛି ଆମକୁ ନିଶ୍ଚେଷ୍ଟତା, ଅକର୍ମଣ୍ୟତା, ଯୁକ୍ତିହୀନତା ଆଡ଼କୁ ଟାଣିନିଏ ତାକୁ ଆମେ ପ୍ରଗତି ବିରୋଧୀ ବୋଲି ପ୍ରତ୍ୟଖ୍ୟାନ କରିବୁ। ଯାହାକିଛି ଆମ୍ଭମାନଙ୍କର ବିଚାର ବୁଦ୍ଧିକୁ ଉଦ୍‌ବୁଦ୍ଧ କରେ ତାହାକୁ ହିଁ ଆମେ ପ୍ରଗତିଶୀଳ ବୋଲି ଗ୍ରହଣ କରିବୁ।"

ଉପରୋକ୍ତ ଦଲିଲ୍‌ରୁ ଆମେ ପ୍ରଗତିଶୀଳ ଚିନ୍ତାଧାରର ବୈଶିଷ୍ଟ୍ୟ ଖୋଜି ବାହାର କରିପାରିବା।

- 'ପ୍ରଗତିବାଦ' ସାଂପ୍ରତିକ ସମାଜ ଜୀବନରେ ପରିଲକ୍ଷିତ ହେଉଥିବା ଯାବତୀୟ ବିଶୃଙ୍ଖଳା ପ୍ରତି ସଦା ସଚେତନ।
- ସାହିତ୍ୟ ଜନସାଧାରଣଙ୍କର ଜୀବନର ଆତ୍ମଲିପି ହେବା ଏକାନ୍ତ ଆବଶ୍ୟକ।
- ଶୋଷଣ ବିହୀନ ସୁନେଲୀ ଭବିଷ୍ୟତର କଳ୍ପନା ଏବଂ ତାକୁ ବାସ୍ତବ ରୂପ ଦେବା ପାଇଁ ଯଥା ସମ୍ଭବ ପ୍ରୟାସ କରେ ଏ ସାହିତ୍ୟ।
- ସାହିତ୍ୟକୁ ଗତାନୁଗତିକତାର ବନ୍ଧନୀ ମଧ୍ୟରୁ ବାହାର କରିବା ସହିତ, ଯାହା କିଛି ସମାଜର ପ୍ରଗତିରେ ପ୍ରତିବନ୍ଧକ ସାଜେ, ସେ ସବୁର ସମୂଳେ ଉତ୍ପାଟନ ସାଙ୍ଗକୁ ମନୁଷ୍ୟକୁ ଶୃଙ୍ଖଳିତ ଓ କର୍ମାନୁରାଗୀ କରାଇବାରେ ଯେଉଁ ସାହିତ୍ୟ ପ୍ରେରଣା ପ୍ରଦାନ କରେ ତାହ ହେଉଛି 'ପ୍ରଗତିଶୀଳ ସାହିତ୍ୟ'।

ସମାଜରେ ଏ ଯେଉଁ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ଘଟିଲା, ତାହା ୧୯୩୬ ମସିହା ପ୍ରାରମ୍ଭରେ 'ନବଯୁଗ ସାହିତ୍ୟ ସଂସଦର' ଗଠନ ଓ ପ୍ରଗତିଶୀଳ ଲେଖକ ସଂଘର ଲକ୍ଷ୍ନୌ ଅଧିବେଶନ ପରେ। ସେତେବେଳ ଏହାଥିଲା ଏକ ଯୁଗାନ୍ତକାରୀ ଆହ୍ୱାନ। ଗତାନୁଗତିକ ଚିନ୍ତାଧାରା ଉପରେ ପୂର୍ଣ୍ଣଚ୍ଛେଦ ପକାଇ, ରୋମାଣ୍ଟିକ୍ ପ୍ରେମ ପ୍ରଣୟକୁ ପରିହାର କରି ସମାଜର ବାସ୍ତବ ଜୀବନର ନକ୍ସା ଅଂକନ କରିବାର ମନୋବୃତ୍ତି ସାହିତ୍ୟିକମାନଙ୍କୁ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବା ପାଇଁ ପ୍ରେରଣା ପ୍ରଦାନ କଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

## • ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ପ୍ରଗତିଶୀଳ ଚେତନା

ଓଡ଼ିଆ କବିତାରେ ପ୍ରଗତିଶୀଳ ଚିନ୍ତନର ବିବିଧରୂପ ଓ ପରିପ୍ରକାଶ ଦେଖିବାକୁ ମିଳେ। ତନ୍ମଧ୍ୟରୁ ଦୁଇଗୋଟି ଦିଗକୁ ନେଇ ମୋର ଆଲୋଚନାକୁ ଆଗେଇ ନେଇଛି। ପ୍ରଥମ ଦିଗଟି ହେଉଛି - ସ୍ୱାଧୀନତା ପରବର୍ତ୍ତୀ କାଳରେ ଗଣତନ୍ତ୍ରର ବ୍ୟର୍ଥତା ଓ ସ୍ୱପ୍ନଭଂଗ।

ନବଯୁଗ ସାହିତ୍ୟ ସଂସଦର ଗଠନ ଓ ଏହାର ମୁଖପତ୍ର 'ଆଧୁନିକ' ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥିଲା। ଏହାର ପ୍ରଭାବରେ ଓଡ଼ିଆ ସାହିତ୍ୟ ମଧ୍ୟକୁ ବିପ୍ଳବୀ ଚିନ୍ତାଧାରାର ଅନୁପ୍ରବେଶ ଘଟିଲା। କୃଷକ ଓ ଶ୍ରମିକକୁ ତା'ର ଅଧିକାର ସହପର୍କରେ ସଚେତନ କରାଇବା ଥିଲା ଏହାର ମୂଳ ଉଦ୍ଦେଶ୍ୟ। ୧୯୪୭ ମସିହାର ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଏହା ଅପରିବର୍ତ୍ତିତ ଥିଲା। ୧୯୪୭ ମସିହା ପରେ ଏହି ଚିନ୍ତାଧାରାରେ ଦେଖାଦେଲା ପରିବର୍ତ୍ତନ। ଏହାର ପୃଷ୍ଠପଟରେ ଥିଲା ସ୍ୱାଧୀନତା ପରବର୍ତ୍ତୀ କାଳର ଗଣତନ୍ତ୍ରର ବ୍ୟର୍ଥତା ଓ ସ୍ୱପ୍ନଭଂଗ। ଏହି ସ୍ୱାଧୀନତାକୁ ହାତ ମୁଠାରେ ପାଇବାପାଇଁ ବହୁ ମହାମନୀଷୀମାନେ ସକଳ-ପ୍ରକାରର ବିଳାସ ବ୍ୟସନକୁ ତ୍ୟାଗ କରିଥିଲେ। ସ୍ୱପ୍ନ ଦେଖୁଥିଲେ ଏକ ସୁନେଲୀ ସକାଳର। ଶେଷରେ ଦେଶ ସ୍ୱାଧୀନତା ଲାଭ କଲା। ସ୍ୱାଧୀନତାର ସ୍ୱର୍ଣ୍ଣପ୍ରସୁ ଫଳପ୍ରାପ୍ତି ହେବା ପରିବର୍ତ୍ତେ ପରିଣତି କ'ଣ ହେଲା; ତାହା ବର୍ତ୍ତମାନର ଅର୍ଥନୀତି, ସାମାଜିକ ବ୍ୟବସ୍ଥା ଓ କଳୁଷିତ ରାଜନୀତିକୁ ଦେଖିଲେ ସ୍ପଷ୍ଟ ଜାଣିହୁଏ। ତେଣୁ ସାଂପ୍ରତିକ ସମାଜର ଏ ପ୍ରକାର ପରିସ୍ଥିତି ଲେଖକର ଚିନ୍ତାଧାରା ବହୁ ମାତ୍ରାରେ ପ୍ରଭାବିତ କରିଛି। ଫଳସ୍ୱରୂପ ୧୯୫୦ ମସିହା ପରେ ବିପ୍ଳବୀ ସ୍ରଷ୍ଟାମାନସ ଏକ ଭିନ୍ନପଥର ଗତିଶୀଳ ହୋଇଛି। ଏହା

ବ୍ୟତୀତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟବହତା ସମଗ୍ର ବିଶ୍ୱବାସୀଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି। ଆଣବିକ ଯୁଦ୍ଧର ଯେ ସମଗ୍ର ସୃଷ୍ଟିକୁ ଧ୍ୱଂସ କରିଦେଇପାରେ ଏ ପ୍ରକାର ଅନୁଚିନ୍ତା ସମଗ୍ର ଜନମାନସକୁ ଦୋହଲାଇ ଦେଇଛି। ଏଥିରୁ ମଧ ସ୍ରଷ୍ଟାର ଚିନ୍ତାଚେତନା ବାଦ୍ ଯାଇ ନାହିଁ। ଜୀବନର ସହଜ ସରଳ ଦିଗକୁ ଉଦ୍‌ଘାଟିତ କରିବା ସହିତ ଶାନ୍ତି କାମନା ପାଲଟିଛି ପ୍ରଗତିବାଦୀ ଲେଖକମାନଙ୍କର ମୁଖ୍ୟ ବର୍ଣ୍ଣନାର ବିଷୟବସ୍ତୁ। ସ୍ୱାଧୀନତା ପ୍ରାପ୍ତିର ପୂର୍ବାବସ୍ଥା ଏବଂ ପରବର୍ତ୍ତୀ କାଳୀନ ଅବ୍ୟବସ୍ଥା ସ୍ରଷ୍ଟାର ହୃଦୟରେ ଗଭୀର କ୍ଷୋଭ ଜାଗ୍ରତ କରାଇଛି।

କବି ସଚ୍ଚିଦାନନ୍ଦ ରାଉତରାୟ ପ୍ରାଥମିକ ପର୍ଯ୍ୟାୟରେ ପୁଞ୍ଜିବାଦୀ ଶୋଷଣର କଥା କହିଥିଲା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ସ୍ୱରରେ କିଂଚିତ ପରିବର୍ତ୍ତନର ଆଭାସ ଦେଖିବାକୁ ମିଳିଛି। ସେ ପରିବର୍ତ୍ତନ ସମସାମୟିକ ଅବ୍ୟବସ୍ଥାକୁ ନେଇ। ଇଂରେଜମାନଙ୍କ କବଳରୁ ଭାରତବର୍ଷ ମୁକ୍ତି ପାଇବା ପରେ ଏଠାରେ ଚଳି ଆସୁଛି ସ୍ୱ-ଶାସନର ମୂଳ ଲକ୍ଷ୍ୟ। 'ଲୋକ-ଶକ୍ତି' ନିର୍ମାଣ। ତାହା କିନ୍ତୁ ଆଜି ଆମ ପାଇଁ ସ୍ୱପ୍ନ ପାଲଟିଛି। ନିର୍ଦ୍ଧାରିତ ନୀତି, ନିଷ୍ପତ୍ତି କାର୍ଯ୍ୟରେ ରୂପାନ୍ତରିତ ହୋଇପାରୁନାହିଁ। ପ୍ରତ୍ୟହ ସମ୍ବାଦପତ୍ରର ପୃଷ୍ଠାମଣ୍ଡନ କରୁଛି ଚୋର, ତସ୍କର, ଦଗାବାଜ୍ମାନଙ୍କ ନାନାଦି ବିଶୃଙ୍ଖଳାର ଘୃଣିତ ବିବରଣୀମାନ। ଏ ପ୍ରକାର ପରିସ୍ଥିତିକୁ ଦେଖି ବ୍ୟଥାତୁର କବି ସଚ୍ଚିଦାନନ୍ଦ କହୁଛନ୍ତି -

"ସବୁ ଦଗାବାଜ୍, ଦାଗୀ ଓ ମୁନାଫାଖୋର
ଧ୍ୱଂସର ଲାଗି ଦିଏ ମୁଁ ଆଦେଶନାମା
ଆଦେଶ ଦିଏ ମୁଁ ଆଦେଶ ଦିଏଳ ମୁଁ ଆଜି
ଦୂର କର ସବୁ ଜୁଲମ୍, ଶେଷଣ ବାଜି
ସବୁ ଧଡ଼ି ବାଜ୍, ପଙ୍ଗପାଳର ଦଳେ
ଦୀପ୍ତ କ୍ରୋଧରେ ଦାବନଳେ ପୋଡ଼ି ଖୋଜି
ଆଜି ସକାଳେ ମୁଁ ବନ୍ଦନା କରେ
ଜନତାର ଫଉଜରେ।"

ସ୍ୱାଧୀନତା ଲାଭ ପୂର୍ବରୁ ସଂଗ୍ରାମୀ ନେତୃବୃନ୍ଦମାନେ ସ୍ୱପ୍ନ ଦେଖିଥିଲେ ଗଣତନ୍ତ୍ର ଶାସନରେ ସାମାଜିକ ଆଦର୍ଶ, ସଂସ୍କୃତିର ସୁରକ୍ଷା, ଶୃଙ୍ଖଳିତ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଭାରତବର୍ଷର ଉନ୍ନତି। ଏଭଳି ଏକ ଆଦର୍ଶମାଦୀ ଚିନ୍ତାଧାରା ଉପରେ ଗଣତନ୍ତ୍ର ପ୍ରତିଷ୍ଠାର ପରିକଳ୍ପନା। କିନ୍ତୁ ଶାସନ ବ୍ୟବସ୍ଥା ହେଲା ଅସ୍ଥିର। ସୃଷ୍ଟି ହେଲା ନାନା ପ୍ରକାର ବିକୃତି। ଭ୍ରଷ୍ଟ ହୋଇଗଲା ସ୍ୱଭାବ ଓ ଚରିତ୍ର। ଏହାର ପ୍ରଭାବରେ ଗଣତନ୍ତ୍ର ହେଲା ବିପନ୍ନ। ଯେଉଁମାନଙ୍କ ପାଇଁ ଆଜି ଦେଶର ଏ ପ୍ରକାର ଅବସ୍ଥା ସେମାନଙ୍କର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି କବି ଅନନ୍ତ ପଟ୍ଟନାୟକ ତାଙ୍କ କବିତା 'ଛବି'ରେ -

"ଆସେମ୍ବ୍ଲି ଭବନେ ବିକି ବକ୍ତୃତା ଝୁଡ଼ିଏ
ହେଇ ଫେରିଲେ କିଏ? ଆହା..ମହର୍ଷିଏ?
ଗୋଦାମ ଗୋହିରେ ଝଡେ ମୁଦ୍ରାର ବୁଚକି।

ସଚେତ ବିଜ୍ଞାନୀ ଗଢ଼େ ମୁଦ୍ରାର ମୋହର !
ମୁଁ କିରେ ଦଳୁନି ବସି ଦେଶର କପାଳ।"

ଏହି ପ୍ରକାର ଚିନ୍ତାଚେତନାର ଏକ ପରିପୂର୍ଣ୍ଣ ରୂପ ଆମେ କବି ମନମୋହନ ମିଶ୍ରଙ୍କ କବିତାରେ ଦେଖିବାକୁ ପାଇବା। ସ୍ୱାଧୀନତା ପରବର୍ତ୍ତୀ କାଳର ଅବସ୍ଥାକୁ ସଜାଡ଼ିବା ପାଇଁ କବି ପ୍ରତିଶ୍ରୁତିବଦ୍ଧ। କବିଙ୍କ ଭାଷାରେ -

'ଡାକେ ଝନ୍‌କା ଝଡ଼ ରାତି ପ୍ରଳୟର ତୋଫାନ୍
ବଦ୍ଧ ହାତ ମୁଠା ତୋମି ଭୀମ ରୋଷେ ତୁ ଭାଣ,
ଜନତାର ଭୟରେ
ମୁକ୍ତକର ଶକ୍ତକର ପ୍ରଗତିର ଧାରରେ।"

କବିଙ୍କର ପ୍ରଗତିଶୀଳ ଚିନ୍ତାଧାରା ସ୍ଥାନ କାଳ ପାତ୍ର ନିର୍ବିଶେଷରେ ସାଧାରଣ ଜନତାଙ୍କୁ ଏକତ୍ର ହୋଇ ସଂଗ୍ରାମ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ବିଜୟ କୁମା ଶତପଥୀଙ୍କ ମତରେ - "ବିନା ରକ୍ତାକ୍ତ ସଂଘର୍ଷରେ ଶୋଷଣର ଅବସାନ ଘଟେ ନାହିଁ କିମ୍ବା ମୁକ୍ତିର ଦ୍ୱାର ଉନ୍ମୋଚିତ ହୁଏନାହିଁ। ସେଥିପାଇଁ ତାଙ୍କର ସଂଗୀତ ଗୁଡ଼ିକରେ ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ପାଇଁ ରକ୍ତାକ୍ତ ବିପ୍ଲବର ଡ଼ାକରା ଦିଆଯାଇଛି। ସ୍ୱାଧୀନତାପ୍ରାପ୍ତି ପରେ ବି ଦେଶବାସୀଙ୍କ ପାଇଁ ସଂପୂର୍ଣ୍ଣ ବିଜୟ ଆସି ନାହିଁ। ଏହା ଆସିବ ସେତେବେଳେ, ଯେବେ ଜାତି ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକଜୁଟ୍ ହୋଇ ଶାସକ ଗୋଷ୍ଠୀ ବିରୁଦ୍ଧରେ ସଂଗ୍ରାମ କରିବେ।"

କ୍ରୁର, ଅତ୍ୟାଚାରୀ ଶାସକମାନଙ୍କ କଳବରୁ ସିନା ଦେଶ ମୁକ୍ତ ହୋଇଗଲା, କିନ୍ତୁ ଏତେବର୍ଷ ପରେ ମଧ୍ୟ ସେହି ଲୁଣ୍ଠନ, ସେହି ଅପହରଣ, ମର୍ଯ୍ୟାଦା-ହରଣରୂପୀ ଦୁଷ୍କର୍ମ ଲାଗିରହିଲା। ଦେଶର ଖଟିଖିଆ, ଦିନ ମଜୁରିଆଙ୍କ ପାଇଁ ସ୍ୱାଧୀନତା ଆଜି ମୂଲ୍ୟହୀନ ପାଲଟିଗଲା। ତେଣୁ ଆଜି ରାଜନୀତିଜ୍ଞମାନେ ପ୍ରଗତିର ଯେତେ ଡ଼ିଣ୍ଡିମ ପିଟିଲେ ମଧ୍ୟ ସେସବୁ କେବଳ ବହାସ୍ଫୋଟ ମାତ୍ର। ସେମାନଙ୍କର ନଗ୍ନ ସ୍ୱରୂପ ସାଙ୍ଗକୁ ଗଣତନ୍ତ୍ରର ବୀଭତ୍ସ ରୂପ କବି ରଘୁନାଥ ଦାସଙ୍କର ଅଗଷ୍ଟ ପନ୍ଦର ୧୯୪୭, ୧୯୪୮, ୧୯୪୯ କବିତାରେ ଯେପରି ସ୍ଥାନ ପାଇଛି ତାହା ବାସ୍ତବିକ୍ ଓଡ଼ିଆ କବିତାରେ ଅନନ୍ୟ। କବି 'ଅଗଷ୍ଟ ପନ୍ଦର ୧୯୪୭' କବିତାରେ ସ୍ୱାଧୀନତା ପାଇବା ପାଇଁ ସଂଗ୍ରାମୀ ମାନଙ୍କର ପ୍ରଚେଷ୍ଟା ସାଙ୍ଗକୁ ସେଦିନ ସ୍ମୃତିକୁ ଜୀବନ୍ତ କରିଛନ୍ତି।

"ରହିଗଲା -
ତିନିଶହ ବର୍ଷ ବ୍ୟାପି
ମଣିଷର ଲୁହ ଆଉ ଲହୁ
ସତ୍ୟାଗ୍ରହୀ, ମୁକ୍ତିକାମୀ ଜନତାର
ଆଗ୍ନେୟ ବିଦ୍ରୋହ...
ରହିଗଲା - ବିଲାତର ପ୍ରାଣହୀନ
ପୁଞ୍ଜିପତି ଲୁବ୍‌ଧକ କୌଶଳ।"

ସ୍ୱାଧୀନତା ପ୍ରାପ୍ତିର ଠିକ୍ ବର୍ଷେପରେ ସମସ୍ତ ସ୍ୱପ୍ନ ଓ ଆଶ ଧୂଳିସାତ୍ ହୋଇଯାଇଛି । ନିର୍ବାଚନ ମାଧ୍ୟମରେ ସ୍ୱ-ଶାସନ ପ୍ରତିଷ୍ଠା କରିବାର ଆଶା ଅଯଥାର୍ଥ ପାଲଟିଛି । ପ୍ରଗତିର କଥାକହି ରାଜନେହତିକ ନେତୃବୃନ୍ଦ ଅପହୃତ କରୁଛନ୍ତି ଜନସାଧାରଣଙ୍କ ବିଶ୍ୱାସକୁ । ଯେଉଁ ଦିବସଟିକୁ କବି ଖୁବ୍ ଆନନ୍ଦର ସହ ଅପେକ୍ଷା କରିଥିଲେ ଆଜି ସେହି ଦିବସ ଆସୁଛି ଘୋର ଦୁଃଖ ଓ ଅନୁଶୋଚନା ନେଇ । ବ୍ୟଥିତ କବିପ୍ରାଣ ମନେ ପକାଇଛି ଅତୀତରସେହି ମଧୁର ଅନୁଭୂତିକୁ ।

"ମନେ ପଡ଼େ ସବୁ ଆଜି, ଆଉ ତୀବ୍ର ପ୍ରତିହିଂସା ଜାଗେ
ପ୍ରାଣ ମୋର ଦଗ୍‌ଧ ହୁଏ କ୍ଷୋଭରେ
ତିକ୍ତତମ ରାଗେ
ଇଚ୍ଛାହୁଏ - ଉଲ୍‌କା ସମ ଜଳି ମୁଁ, ଜାଳିଦେବି ଯେତେ ଅମଂଗଳ
ନିଶ୍ଚିହ୍ନ କରି କ୍ଲୀବ ମାରତ୍ମକ ପଂଗପାଳ ଦଳ ।"

ଏ ପ୍ରକାର ଦୁଃଖ ଓ ଅନୁଶୋଚନାରୁ ଜନ୍ମ ଲଭିଛି ବିଦ୍ରୋହୀ ଭାବନା । ବିଦେଶୀ ଶାସନର ଲୁଣ୍ଠନ ଓ ଅପକର୍ମ ପାଇଁ ଯେଉଁ ଘୃଣାଥିଲା, ସ୍ୱ-ତନ୍ତ୍ର ଶାସନରେ ମଧ୍ୟ ତାର ପୁନରାବୃତ୍ତି ଘଟିଛି । ଜନଶକ୍ତିକୁ ଜାଗ୍ରତ କରିବା ପାଇଁ କବି କ୍ଷୋଭ ଜର୍ଜରିତ କଣ୍ଠରେ ଗାନ କରୁଛନ୍ତି -

"ଅଗଷ୍ଟ ପନ୍ଦର...
କ୍ଷମା ତାର ନାହିଁ...ନାହିଁ ମିଥ୍ୟାବାଦୀ ବିଶ୍ୱାସ ଘାତକ
ମାରୀଚ ସେ ମରୀଚିକା, ଛଦ୍ମବେଶୀ ଭଣ୍ଡ ପ୍ରତାରକ
ଆଜି ବୁଝେ ଅତୀତର ମୋର ଭୁଲ୍, ଭ୍ରମ ଆପଣାର
ଆପଣା ମୁକ୍ତିକୁ ମୁଁ ଯେ ମଣିଥିଲି ଦାନ ଉପହାର ।"

ଆଜିର ଭାରତବର୍ଷ ସ୍ୱାଧୀନ । କିନ୍ତୁ ଏଠାରେ ମଣିଷର ଚିନ୍ତା ଚେତନା ଓ ମାନସିକତା ପରାଧୀନ । ବେକାରୀ ସମସ୍ୟା, ଅର୍ଥନୈତିକ ଦୁର୍ଗତି, ରାଜନୈତିକ ନେତାମାନଙ୍କର ମିଥ୍ୟାଚାର ସମସାମୟିକ ସମାଜ ଜୀବନକୁ ନିମ୍ନଗାମୀ କରାଉଛି । ଦେଶ ସ୍ୱାଧୀନ ହେବାର ଅର୍ଦ୍ଧଶତାବ୍ଦୀ ଅତିକ୍ରାନ୍ତ । ତଥାପି ମଧ୍ୟ ସମାଜ ବ୍ୟବସ୍ଥାରେ ସୁଧାର ଅଣାଯାଇପାରୁନି । ଗାନ୍ଧିଜୀଙ୍କର ସ୍ୱପ୍ନ ଆଜି ଧୂଳିସାତ୍ । ଅବିଶ୍ୱାସ, ଲେଖନୀରୁ ମଧ୍ୟ ବାଦ୍ ଯାଇନାହିଁ । କବି ପ୍ରସନ୍ନ ପାଟଶାଣୀ ଭାରତମାତାଙ୍କୁ ଅବକ୍ଷୟଗାମୀ ସଭ୍ୟତାର ବୈଦେହୀ ସୀତା ଭାବରେ ଅଭିହିତ କରିଥିଲା ବେଳେ କବି ସଦାଶିବ ଦାଶ ଭାରତବର୍ଷରେ ଶିବାଜୀ ସନ୍ତ୍ରାସବାଦୀ, ନାଥୁରାମ ମାନେ ନେତା ସାଜନ୍ତି ବୋଲି ଅଭିହିତ କରନ୍ତି । କବିଙ୍କ ବର୍ଣ୍ଣନାଟି କିପରି ତାହା ନିମ୍ନୋକ୍ତ ପଂକ୍ତିରୁ ସୂଚିତ ହୁଏ ।

"ଲୋ ଭାରତ ମାତା
ପଚମାନ ସଭ୍ୟତାର ଲୋ ବୈଦେହୀ ସୀତା
ତୋ ସତୀତ୍ୱ ଲୁଣ୍ଠିତ ଆଜି ବିଶ୍ୱ ଦରବାରେ
ତୋ ଯୌବନ ଧର୍ଷିତ ଆଜି କ୍ଷମତା ଯୁଦ୍ଧରେ ।"

"ପତାକାଟିର ରଂଗ ଏମିତି ବଦଳିଗଲା କିପରି ?
କିଏ ଏମତି ଧର୍ମାନ୍ଧତାର ରଂଗରେ ରଂଗେଇ ଦେଲା ତାକୁ ।"

ଉପରୋକ୍ତ କବିତାଗୁଡ଼ିକରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ କବିଙ୍କୁ ସ୍ୱାଧୀନତା ପରବର୍ତ୍ତୀ କାଳୀନ ସ୍ୱପ୍ନଭଂଗ ଅବସ୍ଥା ଗଭୀର ଆଘାତ ଦେଇଛି । ସେ ଉପଲବ୍ଧ କରିଛନ୍ତି ସ୍ୱାଧୀନତାର ସେହି ସ୍ୱର୍ଣ୍ଣପ୍ରସୂଫଳ ଆଜି ଦେଶବାସୀଙ୍କ ପାଇଁ ଅପହଂଚ । କଷ୍ଟାର୍ଜିତ ସ୍ୱାଧୀନତାର ସୌନ୍ଦର୍ଯ୍ୟ ଓ ଗୌରବକୁ ପୁଣିଥରେ ଫେରାଇ ଆଣିବା ପାଇଁ କବି ରଘୁନାଥ ସଂକଳ୍ପବଦ୍ଧ । କବି ନିଜେ ଏହାକୁ ସ୍ୱୀକାର କରିବାକୁ ଯାଇ କହନ୍ତି –

"ମୋର ଆଶଙ୍କା ସତ୍ୟ ସତ୍ୟହେଲା, ଗଣ ସଂଗ୍ରାମ ଶିକାର ହେଲା, ନେତୃତ୍ୱର ଧୋକବାଜ୍‌ରେ ବାରମ୍ବାର ମୁକ୍ତି ସ୍ୱପ୍ନ ପରାହତ ହେଲା । ଜନସାଧାରଣ 'ନେତୃତ୍ୱ ଉପରୁ ଆସ୍ଥା ହରାଇ ବସିଲେ । ପ୍ରଗତି ପରିବର୍ତ୍ତେ ଦୁର୍ଗତି ସେମାନଙ୍କୁ ଗ୍ରାସ କଲା । ଦୁର୍ନୀତି, ଦୁରାଚ୍ଚର, ଦୁଃଶାସନ, ଦୁଃଖ ଦୈନ୍ୟ ଭିତରେ ଜନଗଣ ଭାଙ୍ଗି ପଡ଼ିଛନ୍ତି । ଆଶ୍ରା କରିବାର ସଂଗଠିତ ଶକ୍ତି ନାହିଁ । ପ୍ରତିରୋଧ କରିବାକୁ ମନୋବଳ ନାହିଁ । ଏହି ଦୁଃସ୍ଥ ଜନତାକୁ ଉଦ୍ଧାର କରିବାର ସାମର୍ଥ୍ୟ ମୋର ନାହିଁ । କିନ୍ତୁ ସେମାନଙ୍କ ପ୍ରତି ଆନ୍ତରିକ ସହାନୁଭୂତି ତ' ପ୍ରକାଶ କରାଯାଇପାରେ । ହତାଶ ପ୍ରାଣରେ ଆଶାର ସଂଚାର କରିବା ପୁଣି ତ' ଏକ ବୈପ୍ଲବିକ ପଦକ୍ଷେପ ।"(୪୧) ଏସବୁ ପ୍ରତୀୟମାନ ହୁଏ ଯେ, କବିଙ୍କର କବିତା ସ୍ୱାଧୀନତାର ସ୍ୱପ୍ନଭଙ୍ଗ ଅବସ୍ଥାକୁ ଅଜାଡ଼ିବା ଉଦ୍ଦେଶ୍ୟରେ ଅଭିପ୍ରେତ । ବର୍ତ୍ତମାନ ଦ୍ୱିତୀୟ ଦିଗଟି ଉପରେ ଆଲୋଚନା କରୁଅଛି ।

- **ସାମାଜିକ ଅବ୍ୟବସ୍ଥା ଆଧାରିତ ବୈପ୍ଲବିକ ସ୍ୱରଲିପି**

ଜନସାଧାରଣଙ୍କୁ ନିଜର ଅଧିକାର ସଂପର୍କରେ ସଚେତନ କରାଇବା ପାଇଁ କବିତା ବୈପ୍ଲବିକ ସ୍ୱର ଉତ୍ତୋଳନ କଲା । ସାମାଜିକ, ସାଂସ୍କୃତିକ, ରାଜନୀତିକ, ଆର୍ଥନୀତିକ ପ୍ରତ୍ୟେକ କ୍ଷେତ୍ରରେ ସାଧାରଣ ଜନତାଙ୍କୁ ନିଜର ଅଧିକାର ପାଇଁ ନିମିତ୍ତ ସଂଗ୍ରାମର କ୍ଷେତ୍ର ପ୍ରସ୍ତୁତି କିପରି କରାଯାଇ ପାରିବ, ସପ୍ତମ ଦଶକ ପରବର୍ତ୍ତୀ ବିପ୍ଳବୀ କବିତା ସେଥି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କଲା ।

ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଆ କବିତାରେ ବିପ୍ଳବର ସ୍ୱର ଥିଲା ମୁଖ୍ୟତଃ ପୁଞ୍ଜିପତି ଗୋଷ୍ଠୀର ଶୋଷଣ ବିରୋଧରେ ଉଦ୍ଦିଷ୍ଟ । କିନ୍ତୁ ପଚାଶ ଦଶକ ପରେ ଏହି ସ୍ୱର କ୍ରମଶଃ କ୍ଷୀଣ ହେବାକୁ ଲାଗିଲା । ପାଶ୍ଚାତ୍ୟ ଇଲିଅଟୀୟ କବିତରା ପ୍ରଭାବ ଓଡ଼ିଆ କବିମାନଙ୍କୁ ଏତେମାତ୍ରାରେ ଗ୍ରାସକଲା ଯେ, କବିତାରୁ ବିପ୍ଳବର ସ୍ୱର ଧୀରେଧୀରେ ନରମି ଗଲା । ସାଧାରଣ ଜନଜୀବନର ଚିତ୍ର ମଧ୍ୟ ଏଥିରୁ ଅସ୍ପଷ୍ଟ ହୋଇପଡ଼ିଲା । ଏ ପ୍ରକାର କାବ୍ୟିକ ପରଂପରାକୁ ଭାଂଗି ଶିଥିଳ ପଡ଼ିଯାଇଥିବା ବିପ୍ଳବୀ କାବ୍ୟ ସ୍ୱରକୁ ପୁର୍ନଜାଗ୍ରତ କରାଇଲେ କବି ବ୍ରଜନାଥ ରଥ ଓ କବି ରବି ସିଂ । କବି ବ୍ରଜନାଥ ଛାତ୍ରାବସ୍ଥାରୁ ସାମ୍ୟବାଦୀ ଆନ୍ଦୋଳନ ସହ ସଂପୃକ୍ତ ଥଲେ । ତେଣୁ ତାଙ୍କ କବିତାରେ ମଧ୍ୟ ଶୋଷଣ ବିରୋଧି ଚିତ୍ର ମୁଖ୍ୟସ୍ଥାନ ଲାଭ କଲା । ସମାଜରୁ ଅନ୍ୟାୟ, ଅତ୍ୟାଚ୍ଚର, ବୈଷମ୍ୟକୁ ଦୂର କରି ଏକ ସୁସ୍ଥ ବାତାବରଣ ଆନୟନ ପାଇଁ କବି ବ୍ରଜନାଥ ତାଙ୍କ କବିତାରେ ବେଶ୍ ପ୍ରତିଜ୍ଞାବଦ୍ଧ ମନେ ହେଲେ । ଏତଦ୍‌ବ୍ୟତୀତ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତିଫଳିତ ଅବ୍ୟବସ୍ଥା ମଧ୍ୟ କବିଙ୍କ ବିପ୍ଳବୀ ଚେତନାକୁ ଖୋରାକ୍ ଯୋଗାଇଲା ।

ବର୍ତ୍ତମାନ ଭାରତବର୍ଷ ବିଦେଶୀ ଶାସନବ୍ୟବସ୍ଥାରୁ ମୁକ୍ତ। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଏ ଦେଶର ଭୂମି ସ୍ୱାଧୀନ। କିନ୍ତୁ ଏ ଦେଶର ଜନସାଧାରଣ ଆଜି ମଧ୍ୟ ପରାଧୀନ। ସଂକୀର୍ଣ୍ଣ ମାନସିକତା ଦ୍ୱାରା ସେମାନେ ଆଜି ଆବଦ୍ଧ। ଏ ଦେଶର ଜନସାଧାରଣଙ୍କୁ ଯେଉଁମାନେ ଶାସନ କରନ୍ତି, ସେମାନଙ୍କର ସ୍ୱରୂପ କେତେ ଉଜ୍ଜ୍ୱଳ, କେତେ ମଳିନ ତାହା ଆଜି କାହାକୁ ଅଛପା ନୁହେଁ। ଏ ସବୁ ଅସମାହିତ ପ୍ରଶ୍ନ କବି ଚିତ୍ତକୁ ଆନ୍ଦୋଳିତ କରିଛି। ଅବ୍ୟବସ୍ଥା ବିରୋଧୀ ବିପ୍ଳବୀ କବି ତେଣୁ ଉଚ୍ଚାରଣ କରିଛନ୍ତି –

"ବଗଠାରୁ ଏ ଶତାବ୍ଦୀ ଶିଖିଅଛି ବହୁ ବର୍ଷ ପରେ
ବଂଚିବାକୁ ଚାହଁ ଯଦି ଖାଣ୍ଟି ଏକ ମଣିଷ ଭାବରେ
ଧର୍ମ ନାମେ ନରହତ୍ୟା, ଯେତେ ତୁମେ କରିବାର କର
ତେବେ ତ'ପାଇବ ଯାଇ ବଞ୍ଚିବାର ନାର୍ଯ୍ୟ ଅଧିକାର।"

କବିତାରେ 'ବଗ'କୁ ପ୍ରତୀକ ଭାବେ ଗ୍ରହଣ କରାଯାଇ ଶାସକଗୋଷ୍ଠୀଙ୍କୁ ମୁଖା ଉନ୍ମୋଚନ କରାଯାଇଛି। କବିତାଟିରେ ବିପ୍ଳବୀ ଚିନ୍ତାଧାରାର ଯେଉଁ ତେଜ ତାହା ପରିଲକ୍ଷିତ ନହେଲେ ମଧ୍ୟ ସାମାଜିକ ଅବ୍ୟବସ୍ଥା ବିରୋଧରେ କବି ନିଜର ଚିନ୍ତାଧାରାକୁ ଅତ୍ୟନ୍ତ ଚମତ୍କାର ଶୈଳୀରେ ବର୍ଣ୍ଣନା କରିଛନ୍ତି। ଶାଣିତ ଭାଷାର ପ୍ରୟୋଗ ଦ୍ୱାରା ଯେ କବିତା ବିପ୍ଳବୀ କବିତାର ମାନ୍ୟତା ପାଇବ ତାହା ନୁହେଁ, ସରଳ ଭାଷାର ପ୍ରୟୋଗ ହିଁ ବିପ୍ଳବୀ କବିତାକୁ ଜନସାଧାରଣଙ୍କର ନିକଟବର୍ତ୍ତୀ କରାଇଥାଏ । ଏ ସଂପର୍କରେ କବି ରଘୁନାଥ ଦାସ' କହନ୍ତି-

"ଭାବର ପ୍ରଖରତା ଓ ଭାଷାର ତେଜସ୍ୱୀତା ବିପ୍ଳବୀ ସାହିତ୍ୟର ବହିରାବରଣ ହୋଇପାରେ କିନ୍ତୁ ବିପ୍ଳବୀ ସାହିତ୍ୟ କେବଳ ଧ୍ୱଂସ ପରେ ନୂତନ ଦିନର ସୃଷ୍ଟି ପାଇଁ ଆହ୍ୱାନ ଦେଇଥାଏ ।

କବି ବ୍ରଜନାଥଙ୍କ କବିତାରେ ବିପ୍ଳବର ଶାନ୍ତ, ସଲୀଳ ଫଲ୍‌ଗୁ ପ୍ରବାହିକ ହେଉଥିବାବେଳେ ସମସାମୟିକ କବି ରବି ସିଂଙ୍କ କବିତାରେ ଭାବ ପ୍ରଖରତା ଓ ଭାଷାର ତେଜସ୍ୱୀତା ସାଙ୍ଗକୁ ବିପ୍ଳବର ଉଗ୍ରଉତ୍ତାପଧର୍ମୀ କଣ୍ଠସ୍ୱର ପରିଲକ୍ଷିତ ହୋଇଥାଏ । କବିଙ୍କର ଏ ପ୍ରକାର ଦୃଢ ସଂକଳ୍ପବଦ୍ଧତାର ପୃଷ୍ଠାପଟରେ ରହିଛି ପିତାଙ୍କର ନିର୍ମଳ ବ୍ୟକ୍ତିତ୍ୱ, ସାମ୍ରାଜ୍ୟବାଦ ବିରୋଧୀ ମନୋଭାବ ସାଙ୍ଗକୁ ଗାନ୍ଧିକ ସୁରେନ୍ଦ୍ର ମହାନ୍ତିଙ୍କ ସହ ଏକତ୍ର ସହାବସ୍ଥାନ ଓ ନିଆଁଖୁଂଟାର ସଂପାଦକ ଗୋଦାରୀଶ ମହାପାତ୍ରଙ୍କ ସହିତ ଆତ୍ମୀୟତା ।ଜୀବନରେ ପିତୃମାତୃହରା ମର୍ମବେଦନା ତାଙ୍କ କବିତାରେ ଯେତିକି ପ୍ରକାଶିତ ସାମାଜିକ ଅବ୍ୟବସ୍ଥା ବିରୋଧୀ କାବ୍ୟସ୍ୱର ମଧ୍ୟ ତତ୍‌ଧିକ ମାତ୍ରାରେ ପ୍ରତିଫଳିତ । ଯାହାର ସ୍ୱାକ୍ଷର ବହନ କରେ ନିମ୍ନୋକ୍ତ ପଂକ୍ତି ।

"ଚଲାପଥ ମୋର ଦୁର୍ଗମ ଆଜି ବଂଧୁ ହେ, ତିମିର ପଥର ପାନ୍ଥ ମୁଁ
ନିଷ୍ପେଷିତ ଓ ଶୋଷଣ, କଷଣ ବେଦୀ ତଳେ ଆଗାମୀ ଯୁଗର ସନ୍ଥ ମୁଁ।"

କବି ବ୍ରଜନାଥ ଓ କବି ରବି ସିଂ ଶିଥିଳ ପଡିଯାଇଥିବା ବିପ୍ଳବୀ ଚିନ୍ତାଚେତନାକୁ ପୁନଃଜାଗ୍ରତ କରାଇବାରେ ସକ୍ଷମ ହୋଇଥିଲା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଏମାନଙ୍କ ସହ ବହୁ ଯୁବ କବି ପାଦ ମିଳାଇଛନ୍ତି । 'ଆଭା', 'ବେଳା', 'ସ୍ଫୁଲିଙ୍ଗ', 'ଚେତାବନୀ', ' ଜ୍ୱାଳା', 'ସଂବିତ୍' ଇତ୍ୟାଦି ପତ୍ରପତ୍ରିକାର ପ୍ରକାଶନ ଏମାନଙ୍କୁ ଚିନ୍ତାଧାରାକୁ

ସର୍ବସାଧାରଣରେ ପରିଚିତ କରାଇପାରିଛି । ସତୁରୀ ଦଶକର ଏହି ତରୁଣ ଯୁବକମାନଙ୍କର ବିପ୍ଲବୀ ସ୍ୱର ଯେତିକି ତେଜୋଦୀପ୍ତ, ସେତିକି ଆତ୍ମବିଶ୍ୱାସରେ ମଜଭୂତ୍ ହୋଇପାରିଛି । ଏମାନଙ୍କର ଲେଖନୀ ଗଣତନ୍ତ୍ର ନାମରେ ଚାଲିଥିବା ଅତ୍ୟାଚର ବିରୋଧରେ ଦୃଢ ପ୍ରତିବାଦ କରେ । ଯେତେ ବାଧାବିଘ୍ନ ଆସିଲେ ମଧ ଏମାନେ କଦାପି ମଥା ନୁଆଁଇ ନାହାନ୍ତି ଅନ୍ୟାୟ ନିକଟରେ । କଦାପି ସାଲିସ୍ କରାନାହାନ୍ତି ସମାଜର ନାଲିଆଖି ନିକଟରେ । ଖଟିଖିଆ ଶ୍ରେଣୀର ଦୁଃଖକୁ ହୃଦୟଙ୍ଗମ କରି ଏହା ବିରୋଧରେ କେବଳ ସଂଗ୍ରାମର ସ୍ୱର ଉଚ୍ଚାରଣ କରିନାହାନ୍ତି, ବରଂ ଏମାନଙ୍କ ସହ ହାତକୁ ହାତ ମିଳାଇ ସଂଗ୍ରାମର ମଇଦାନକୁ ଓହ୍ଲାଇଛନ୍ତି । ବଜ୍ରଗମ୍ଭୀର ସ୍ୱରରେ, ଶାଣିତ ଭାଷାର ପ୍ରୟୋଗକରି ଜୀବ ସଂଗ୍ରାମର ଆବାହନ କରିଛନ୍ତି ବିପ୍ଳବୀ କବି ସଦାଶିବ ଦାଶ । ତାଙ୍କ ଲେଖନୀ ସାରା ଦୁନିଆକୁ ମୁକ୍ତିର କଥା କହୁଛି । କବିଙ୍କ ଭାଷାରେ –

"ମୁକ୍ତିର କଥା କହ,
ମାଟି ଆସେ ଫାଟି, ଆକାଶ ଜଳେରେ
ମନର ବେଦନାବୋଧ ମୋ ଜାଗେରେ
ଚାଲିରେ ଚାଲିରେ ନିଆଁର କୁହୁକ
ସଂଗ୍ରାମ କଥା କହ
ଜୀବନର କଥା କହ ଆରେ ସାଥୀ
ଜୀବନର କଥା କହ ।"

ସାମାଜିକ ବୈଷମ୍ୟକୁ ବିପ୍ଳବର ଅଗ୍ନିଶିଖା ଦ୍ୱାରା ପୋଡିଜାଳି ପାଉଁଶ କରିଦେବାକୁ ଚାହେଁ ବିପ୍ଳବୀ କବି । ଏଥିପାଇଁ ତାର ଲେଖନୀରୁ ବର୍ଷିଯାଏ ଅଗ୍ନିର ସ୍ଫୁଲିଙ୍ଗ । ଖଟିଖିଆ ମେହେନତି ମଣିଶର ଆଗାମୀ କାଲି ସ୍ୱର୍ଣ୍ଣାଭ ସକାଳର ନୂତନ ଇସ୍ତାହାର ନେଇ ଆସୁ ଏହା କାମନା କରେ ବିପ୍ଳବୀ ସ୍ରଷ୍ଟା । ଏଥିପାଇଁ କବି ପ୍ରସନ୍ନ ଘୋଷଣା କରନ୍ତି –

"ମୁଁ ଏକ ଅବଧୂତ
ଦୀର୍ଘ ମୋର ଚାଲିବାର ପଥ
ଆଗାମୀ ସ୍ୱର୍ଣ୍ଣ ସକାଳର ନବ ଇସ୍ତାହାର
ଜନ୍ମ ମୋର କରିବାକୁ ପୂର୍ବରୁ ଲୋହିତ
ଆକାଶର ଚଉହଦୀରେ ସତ୍ୟ ପାଇଁ ଜାଳିବି ମୁଁ
ପ୍ରଳୟ ମଶାଲ ।"

ବିପ୍ଳବୀ ସ୍ରଷ୍ଟା ସଦାସର୍ବଦା ପରିବର୍ତ୍ତନ ପାଇଁ ସଂଗ୍ରାମ କରେ । ଜନଗଣଙ୍କୁ ବିପ୍ଳବର ଦୀକ୍ଷା ଦେବାପାଇଁ ଅହରହ ପ୍ରଚେଷ୍ଟା କରୁଥାଏ ।

ସେଥିପାଇଁ ତାକୁ ବହୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡେ । ସତୁରୀ ପରବର୍ତ୍ତୀ ଓଡିଆ କବିତାର ଅନ୍ୟତମ କବି ହୋସେନ୍ ରବିଗାନ୍ଧୀ; ଯାହାଙ୍କର ବିପ୍ଳବୀ କବିତା ସମ୍ପର୍କରେ ଆଲୋଚନା ନକଲେ ଆଲୋଚନାଟି

ଅସଂପୂର୍ଣ୍ଣ ମନେହବ । ସାଧାରଣ ମଣିଷର ମନୋବେଦନାକୁ ହୃଦୟଙ୍ଗମ କରି ପାରଂପାରିକ ସମାଜବ୍ୟ ସମାଜବ୍ୟବସ୍ଥା ବିରୋଧରେ ଶ୍ରେଣୀ ସଂଗ୍ରାମକୁ ଆଗେଇ ନେବାପାଇଁ କବିଙ୍କର ବିପ୍ଳବୀ ବଜ୍ର ଗମ୍ଭୀର କଣ୍ଠସ୍ୱର ଉଦ୍‌ଘୋଷଣା କରେ –

"ଜାଗ୍ରତ ହୁଅ ଜାଗ୍ରତ ହୁଅ
ମଣିଷ ଯେତେରେ ମେହେନତକାରୀ
ଅତ୍ୟାଚାରୀର ବକ୍ଷକୁ ଦିଅ ବିଦାରୀ
ତାହାରି ମଧ୍ୟୁ ନୂତନ ଶିଶୁ
ଜନ୍ମ ହୋଇବ ମୁକ୍ତି ମଶାଲ୍ ଧରି ।"

ସତୁରୀ ଦଶକ ପରବର୍ତ୍ତୀ କାଳର କବିମାନଙ୍କ କବିତାରେ ପରିଲକ୍ଷିତ ହେଉଥିବା ବୈପ୍ଲବିକ ସ୍ୱର ଶ୍ରେଣୀ ସଂଗ୍ରାମକୁ ଆଗେଇ ନେବାରେ ପୂର୍ଣ୍ଣ ଭାବରେ ସମର୍ଥ ହୋଇଥିଲା । ପଚାଶ ଦଶକ ବେଳକୁ ବିପ୍ଳବୀ କାବ୍ୟ ସ୍ୱରରେ ଯେଉଁ ଶିଥିଳତା ପରିଲକ୍ଷିତ ହୋଇଥିଲା ତାହା ଏହି ଯୁବଗୋଷ୍ଠୀମାନଙ୍କର ବଜ୍ର ଗମ୍ଭୀର ସ୍ୱର ଦ୍ୱାରା ପୂର୍ଣ୍ଣ ହୋଇପାରିଛି । ସମସାମୟିକ କାଳର କିଛି ସାହିତ୍ୟିକ ଏହାକୁ ପ୍ରଚାରଧର୍ମୀ ସାହିତ୍ୟ ବୋଲି ମତ ପ୍ରଦାନ କରନ୍ତି। ଏହି ମତର ବିରୋଧାଚରଣ କରି ଏହାର ବୈଶିଷ୍ଟ୍ୟ ସଂପର୍କରେ କବି ହୋସେନ୍ ରବି ଗାନ୍ଧୀ କହନ୍ତି –

"ତେଣୁ ଏହି ବୈପ୍ଳବିକ ସ୍ୱରକୁ କେହି ପ୍ରଚାରଧର୍ମୀ କହୁ, କେହି ପାମ୍ପଲେଟ୍ ସାହିତ୍ୟ କହୁ ବା, ଷ୍ଟେଟ୍‌ମେଣ୍ଟକହୁ, ଯାଏ ଆସେନା। କିନ୍ତୁ ଆଗାମୀ ରକ୍ତିମ ସକାଳରେ ଏହା ହିଁ ବିବେଚିତ ହେବ ଓଡ଼ିଶାର ଶ୍ରେଷ୍ଠ ସାହିତ୍ୟ ରୂପରେ।"

କବିତାରେ ବୈପ୍ଳବିକ ସ୍ୱର ସଂପର୍କରେ କରାଯାଇଥିବା ଆଲୋଚନାରୁ ଏହା ପ୍ରତୀୟମାନ ହୁଏ ଯେ, ଏହି ସ୍ୱର ଯନ୍ତ୍ରଣାକ୍ଲିଷ୍ଟ ଅଗଣିତ ଜନତାର। ହତାଶା, ନୈରାଶ୍ୟ, ଅତ୍ୟାଚାରର ମଧ୍ୟରୁ ଏହାର ସୃଷ୍ଟି। ଏହା ନୂତନତାର ଆବାହନ କରିବା ସଙ୍ଗେ ସଙ୍ଗେ ଆଗାମୀକାଲି ପାଇଁ ଏକ ନୂତନ ସମ୍ଭାବନା ଭରିଦିଏ। ଅତ୍ୟାଚାରର ଅନ୍ଧାରୀ ରାଜ୍ୟକୁ ଚୂରମାର୍ କରି ସମାଜ ଜୀବନରେ ଶାନ୍ତିପୂର୍ଣ୍ଣ ବାତାବରଣର ଆଗମନ ପାଇଁ ଗଣମାନସକୁ ବିପ୍ଳବର ମହାମନ୍ତ୍ରରେ ଦୀକ୍ଷିତ କରାଏ। ଏହି କାଳଜୟୀ ମହାମନ୍ତ୍ର ଏକ ସମୃଦ୍ଧ ସମାଜର ମାନଚିତ୍ର ଅଙ୍କନ କରିବା ସହିତ ଆଗାମୀ କାଲିକୁ ସ୍ୱର୍ଣ୍ଣାଭ ଗଢ଼ିତୋଳିଥାଏ।

## ୧.୬ ପ୍ରମୁଖ ପ୍ରଗତିଶୀଳ କବି

ଏହି ପ୍ରସଙ୍ଗରେ ଓଡ଼ିଆ ସାହିତ୍ୟର ପ୍ରମୁଖ ପ୍ରଗତିଶୀଳ କବିମାନଙ୍କ ସଂପର୍କରେ ଆଲୋଚନା କରାଯାଇଛି।

**କବି ସଚ୍ଚିଦାନନ୍ଦ ରାଉତରାୟ :**

କ୍ରାନ୍ତିର କାଳଜୟୀ କଣ୍ଠସ୍ୱର ଉତ୍ତୋଳନ କରିଥିବା କାବ୍ୟକର୍ମୀ ସଚ୍ଚିଦାନନ୍ଦ ରାଉତରାୟ ମହାକାଳର ସ୍ରୋତରେ ମେଲାଣି ନେଇ ସାରିଛନ୍ତି ଅଗଣିତ ଜନତାଙ୍କ ନିକଟରୁ। **ବହ୍ନିମାନ** ପୁରୁଷ ଶ୍ରୀଯୁକ୍ତ ରାଉତରାୟ

ଯାହାଙ୍କର ପ୍ରତିଭା କାଠଯୋଡ଼ି ନଦୀକୁ କଥା କୁହାଇବା ପାଇଁ ଥିଲା ଉଦ୍ଦିଷ୍ଟ । ଯାହାଙ୍କର କବିତା ମୁର୍ଦ୍ଦାରମାନଙ୍କୁ ବାଧ୍ୟ କରୁଥିଲା ସ୍ୱର ଉତ୍ତୋଳନ କରିବା ପାଇଁ ଏପରି ପ୍ରତିଭାଦୀପ୍ତ କବିଙ୍କର ରକ୍ତଶିଖା ସ୍ନାତ ଅଜସ୍ର ମୁକ୍ତି ଗୀତିକା ଯାହାକି ଭବିଷ୍ୟତକାଳ ପାଇଁ ପାଥେୟ ହୋଇରହିଯାଇଛି । ଏହି ମହାନ୍ କବି ଖୋର୍ଦ୍ଧା ଜିଲ୍ଲାର ଗୁରୁଜଂଗ ଗ୍ରାମରେ ୧୯୧୬ ମସିହା ମେ' ମାସ ୧୩ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ଏକାଧାରରେ ଏକ ନୂତନ ସମୟ ଖଣ୍ଡର ପୁରୋଧା, ଯୁଗ ପ୍ରବର୍ତ୍ତନକାରୀ ଅରୁଣୋଦୟ କାଳରୁ ଦୀର୍ଘ ନବେଦଶକ ପର୍ଯ୍ୟନ୍ତ ତାଙ୍କର ଲେଖନୀ ଥିଲା ଚଳଚଂଚଳ ।

କବିଙ୍କର ବିପୁଳ କୀର୍ତ୍ତି ସମ୍ଭାରରେ ପୃଷ୍ଠପଟରେ ଥିଲା ସମସାମୟିକ କାଳରେ ଦେଖା ଦେଇଥିବା ଆନ୍ଦୋଳନର ଜୀବନ୍ତ ଚିତ୍ର । ବାଲ୍ୟ କାଳରୁ ସେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ଗଡ଼ଜାତ ଅଂଚଳରେ ରାଜା ଓ ଜମିଦାରଙ୍କ ଦ୍ୱାରା ଯେଉଁ କୁଶାସନ ଘନୀଭୂତ ହୋଇଥିଲା ଏହା ବିରୋଧରେ କବି ଆନ୍ଦାଳନ ଆରମ୍ଭ କରିଥିଲେ । ୧୯୩୬ ମସିହାରେ କବି କଲିକତାରେ ଆଇ.ଏ. ପଢୁଥିଲା ବେଳେ ବଂଗଳା ସାହିତ୍ୟ ମାଧ୍ୟମରେ ମାର୍କସ୍‌ବାଦୀ ଚିନ୍ତାଧାରାର ଘନିଷ୍ଠ ସଂସ୍ପର୍ଶରେ ଆସିଥିଲେ । ଏହା ବ୍ୟତୀତ ତତ୍କାଳୀନ ସମୟରେ ମୁଣ୍ଡ ଟେକିଥିବା ଛାତ୍ର ଆନ୍ଦୋଳନରେ ମଧ୍ୟ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିପାଇଁ ତାଙ୍କୁ ଦୁଇଥର କାରାବରଣ କରିବାକୁ ପଡ଼ିଥିଲା । ୧୯୩୭ ମସିହାରେ କଲିକତାରେ ଥିବା ସମୟରେ ରାଜନୀତିକ ଷଡ଼ଯନ୍ତ୍ରରେ ଶୀକାର ହୋଇ ବନ୍ଦୀ ହେବା ପରେ ସେ କଟକ ଚାଲି ଆସନ୍ତି ଓ ରେଭେନ୍‌ସା ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ଓଡ଼ିଶାର ରହଣି ତାଙ୍କୁ ଗଡ଼ଜାତ ଆନ୍ଦୋଳନ ଓ ଛାତ୍ର ଆନ୍ଦୋଳନ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହେବା ପାଇଁ ଖୋରାକ୍ ଯୋଗାଇଥିଲା । ନିଖିଳ ଭାରତୀୟ କୃଷକ ସଂଘ ଓଡ଼ିଶା ଶାଖାର ସଂପାଦକ ଭାବରେ ମଧ୍ୟ ତାଙ୍କୁ ନିଯୁକ୍ତ କରାଯାଇଥିଲା । ଏହି ସମୟ ମଧ୍ୟରେ ଓଡ଼ିଶାରେ ୧୯୩୫ ମସିହାରେ 'ନବଯୁଗ ସାହିତ୍ୟ ସଂସଦ' ୧୯୩୬ ମେ' ମାସରୁ ପ୍ରକାଶିତ ହେଉଥିବା ଆଧୁନିକ ପତ୍ରିକା ନିବିଡ଼ ସଂସ୍ପର୍ଶରେ କବି ଆସିସାରିଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ 'ନବଯୁଗ ସାହିତ୍ୟ ସଂସଦ' ଓ ଆଧୁନିକ ପତ୍ରିକା ମାଧ୍ୟମରେ ଯେଉଁ ନୂତନ ବୈପ୍ଳବିକ କାବ୍ୟଧାରାର ସୁତ୍ରପାତ ହୋଇଥିଲା କବି ରାଉତରାୟ ଏହାର ପ୍ରତିନିଧିତ୍ୱ କରିଥିଲେ ।

୧୯୨୯ ମସିହାରୁ ଶ୍ରୀଯୁକ୍ତ ରାଉତରାୟ କବିତା ରଚନା କ୍ଷେତ୍ରରେ ମନୋନିବେଶ କରନ୍ତି । ସେହି ସମୟରେ ତାଙ୍କର କବିତା ଗୁଡ଼ିକ 'ନବୀନ' 'ସହକାର', 'ଉତ୍କଳ ସାହିତ୍ୟ' ଆଦି ପତ୍ରିକାରେ ପ୍ରକାଶ ପାଇଥିଲା । ପ୍ରାଥମିକ ପର୍ଯ୍ୟାୟର କବିତା ଗୁଡ଼ିକରେ କବି - ସବୁଜ ଯୁଗୀୟ ଶୈଳୀକୁ ଅନେକ ମାତ୍ରାରେ ଅନୁସରଣ କରିଛନ୍ତି । ୧୯୩୫ ମସିହାରେ କବିଙ୍କର 'ଶ୍ରମିକର ଶ୍ରୀପଞ୍ଚମୀ', 'ଶ୍ରମିକ କବି' ୧୯୩୬ ମସିହାରେ 'ବାର୍ତ୍ତା', 'ସହର ତଳିର ଉଷା', ଇତ୍ୟାଦି କବିତା ପ୍ରକାଶ ପାଇଥିଲା । ଏହି କବିତାମାନଙ୍କରେ କବି ଶୋଷିତ, ପୀଡ଼ିତ ପ୍ରାଣର ବ୍ୟଥାକୁ ହୃଦୟଙ୍ଗମ କରିବା ସହିତ ସମାଜରେ ଶୋଷକ ଓ ଶୋଷିତ ମଧ୍ୟରେ ଥିବା ତାରତମ୍ୟ ପ୍ରାଚୀରକୁ ଭଂଗ କରିବାର ଯଥାସାଧ୍ୟ ପ୍ରୟାସ ଆରମ୍ଭ କରିଛନ୍ତି । କବି ତାଙ୍କର ଏହି ଚିନ୍ତାଧାରା ସଂପର୍କରେ 'ଜନସାଧାରଣଙ୍କର ସାହିତ୍ୟ' ଶୀର୍ଷକ ପ୍ରବନ୍ଧରେ ସ୍ୱ ମତାମତ ରଖିଥିଲେ ।

"ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଯେଉଁ ଅବସ୍ଥାରେ ପହଞ୍ଚିଛି, ତାହାକୁ ମଧ୍ୟବିତ୍ତ ଶ୍ରେଣୀର ସାହିତ୍ୟ ବୋଲି ଆଖ୍ୟା ଦିଆଯାଇପାରେ। ଏହା ଉପରେ ଜନସାଧାରଣଙ୍କର ଜୀବନ ସଂଗ୍ରାମର କୌଣସି ସ୍ପଷ୍ଟ ଛାଇ ପଡୁନଥିବାରୁ ଏହା ଯେ ସେମାନଙ୍କ ଦ୍ୱାରା ଖାଲି ଅନାଦୃତ ବା ଅବହେଳିତ ହେଉଛି ତାହାନୁହେଁ ବରଂ ଅନେକ ସମୟରେ ପ୍ରତିକ୍ରିୟଶୀଳ ହୋଇପଡୁଛି। ସାହିତ୍ୟକୁ ଏହି ଆପତ୍ତିଜନକ ଶୀତଳତା କବଳରୁ ରକ୍ଷା କରି ତହିଁ ମଧ୍ୟରେ ଆଶାନୁରୂପ ଉତ୍ତାପ ସଂଚ୍ଚର କରିବାକୁ ହେଲେ ପ୍ରଥମେ ତାକୁ ଜନସାଧାରଣଙ୍କର ଗ୍ରହଣ ଯୋଗ୍ୟ କରିବାକୁ ପଡିବ।''

କବିଙ୍କର ଏତାଦୃଶ ସ୍ୱର ପରିବର୍ତ୍ତନର ପୃଷ୍ଠପଟ୍ଟରେ ଥିଲା ଛାତ୍ର ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, କୃଷକ ଓ ଶ୍ରମିକ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ। ତେଣୁ ୧୯୩୬-୧୯୩୮ ମସିହା ମଧ୍ୟରେ ରାଉତରାୟଙ୍କ ଚିନ୍ତାଧାରା ସମାଜ ଜୀବନର ବାସ୍ତବ ପ୍ରତିଛବି ଉତ୍ତୋଳନ କରିବାକୁ ଆଗଭର ହୋଇ ଉଠିଛି ଓ କବିତାରେ ବୈପ୍ଳବିକ ଚିନ୍ତାଚେତନାର ଅୟମାରମ୍ଭ ହୋଇଛି। ୧୯୩୮ ମସିହାରେ ପ୍ରକାଶ ପାଇଛି 'ଅଭିଯାନ' ସଂକଳନ। ଏଥିରେ କବି ଭାଗ୍ୟବାଦର ଦ୍ୱାହିଦେଇ ଧର୍ମୀୟ ଖୋଳପା ପରିହିତ ସମାଜପତି ଗୋଷ୍ଠୀଙ୍କର ଯାବତୀୟ କୁତ୍ସିତ କାର୍ଯ୍ୟକଳାପ ବିରୋଧରେ ବିଦ୍ରୋହ ଅଭିଯାନର ଶୁଭାରମ୍ଭ କରିଛନ୍ତି। ବିଦ୍ରୋହ କରିବାକୁ ଯାଇ, କବି ରାଉତରାୟ ପ୍ରଥମେ ପୁଞ୍ଜିପତି ଗୋଷ୍ଠୀର ରକ୍ଷା କବଚ ସାଜିଥିବା ପାଷାଣ ଭଗବାନଙ୍କୁ ମଧ୍ୟ ବାଦ୍‌ଦେଇ ନାହାନ୍ତି। ଭଗବାନଙ୍କୁ ପ୍ରଶ୍ନ କରିଛନ୍ତି: -

"ଚୂରିବାକୁ ହେଲେ ଧନୀର ବି ଧନ
ରକ୍ତ ତୁମର ଲୋଡ଼ା ଭଗବାନ
ତୁମରି କବର ଧନୀର କବର
ମରଣ ତୁମର ଚ୍ଚହିଁ
ଭଗବାନ ଅଛ କାହିଁ।" (ଭଗବାନ ଅଛ କାହିଁ)

ସେହିପରି ଗଡ଼ଜାତ ଆନ୍ଦୋଳନର ମୂକସାକ୍ଷୀ ପାଲଟିଛି 'ବାଜିରାଉତ'। ଯେଉଁ କାବ୍ୟ ପାଠକଲେ ଅଗଣିତ କିଶୋର ଓ ପାଠକର ପ୍ରାଣରେ ଆମ ଦେଶରେ ଚ୍ଚଲୁଥିବା ଅଂଧାରୀ ଶାସନ ବିରୋଧରେ ପ୍ରତିବାଦ କରିବା ପାଇଁ ପ୍ରେରଣା ଯୋଗାଇଥାଏ। ୧୨ ବର୍ଷର ବାଳକ ବାଜିରାଉତ ଭରା ନଈ ବ୍ରାହ୍ମଣୀରେ ଘାଟ ଜଗିଥାଏ। ବ୍ରିଟିଶ୍ ଫୌଜ ଭୁବନ ଗ୍ରାମରେ ରକ୍ତପାତ ଘଟାଇ ଫେରୁଥାଆନ୍ତି। ବାଜିରାଉତକୁ ନଦୀ ପାରକରାଇବା ପାଇଁ ଆଦେଶ ଦିଅନ୍ତି। ପ୍ରଜାମଣ୍ଡଳୀର ସିପାହୀ ହୋଇଥିବାରୁ ବାଜି ପାର କରିବା ପାଇଁ ରୋକ୍‌ଠୋକ୍ ମନା କରିଦେଇଛି। ସଂଗେ ସଂଗେ ପୋଲିସ୍ ଫୌଜର ଗୁଳି ବିଦ୍ଧ କରିଛି ବାଜିର ହୃଦୟକୁ। ତଥାପି ସାହସ ସଂଚୟ କରି ବାଜି ସଂଗେ ସଂଗେ ଡ଼ାକ ପକାଇଛି ପ୍ରଜାମଣ୍ଡଳର ଅନ୍ୟ ସାଥୀ ଭାଇମାନଙ୍କୁ। ତତ୍‌କ୍ଷଣାତ୍ ସେଠାରେ ହାଜର ହୋଇଛନ୍ତି ହୁରୁଷି, ନଟ, ଫଗୁ, ଗୁରି, ରଘୁ, ଲକ୍ଷ୍ମଣ। ସେମାନେ ମଧ୍ୟ ଶେଷରେ ମୃତ୍ୟୁ ନିକଟରେ ହାର୍ ମାନିଛନ୍ତି। କବିଙ୍କ ବର୍ଣ୍ଣନାରେ :-

"ଧୂଳି ଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଡ଼ି

ଝଡ଼ ଠାରୁ ସେ ଯେ ବଡ଼
ମେଘଠାରୁ ଆଉରି ସେ କଳା,
ସାନଦେହେ ଖେଳେ ତାର
ଜୀବନର ଅଲିଭା ଚପଳା।" (ବାଜିରାଉତ - ପୃ-୫୭୯ ସଚ୍ଚିରାଉତରାୟ ଗ୍ରନ୍ଥାବଳୀ)

ବିଦ୍ରୋହାତ୍ମକ ଚିନ୍ତାଧାରା ପରିପକ୍ୱତା ଲଭିଛି ପାଣ୍ଡୁଲିପିର ପରିଚ୍ଛନ୍ନ ପଦାବଳୀ ମଧ୍ୟରେ। 'ଧୂସର' ଓ 'ଲୋହିତ'ନାମରେ ନାମିତ ଷାଠିଏ ଗୋଟି କବିତାର ସମ୍ମିଶ୍ରିତ ରୂପ 'ପାଣ୍ଡୁଲିପି'। ୧୯୩୧-୧୯୪୭ ଦୀର୍ଘ ଶୋହଳ ବର୍ଷର ବିସ୍ମୟକର ବିବୃତିକୁ ବହନ କରିଛି 'ପାଣ୍ଡୁଲିପି' ସଂକଳନ। ଯୁଗଯୁଗ ଧରି ଶୋଷିତ ସରଳ ଜନସାଧାରଣଙ୍କ ପ୍ରାଣରେ ସଂଗ୍ରାମର ବାର୍ତ୍ତାକୁ କେବଳ ପ୍ରଚାର କରିନାହାନ୍ତି କବି ବରଂ ଆଧୁନିକ ଜୀବନର ବ୍ୟର୍ଥତା ଓ ବିଫଳତାର ଚିତ୍ର ଅଙ୍କନ କରିଛନ୍ତି। ସାମନ୍ତବାଦୀ ସଂସ୍କୃତିର ବିକୃତ ଦିଗ ପ୍ରତି କଟାକ୍ଷପାତ ସହିତ ମାନବବାଦର ବିଜୟ ନିର୍ଘୋଷ 'ପାଣ୍ଡୁଲିପି' ସ୍ଥିତ 'କୋଣାର୍କ' କବିତାରେ ଘୋଷିତ ହେଲାବେଳେ, ଜୀବନର ବ୍ୟର୍ଥତା, ସ୍ୱପ୍ନଭଂଗ ଓ ବିଫଳତାର ପ୍ରତିଛବିକୁ ପ୍ରତିବିମ୍ବିତ କରୁଛି 'ପ୍ରତିମା ନାୟକ'। ତଥାପି ନୈରାଶ୍ୟ ମଧ୍ୟରେ କବି ଆଶାବାଦୀ ହୋଇଉଠିଛନ୍ତି। 'ବନ୍ଦନା ମହାନ୍ତି' ସ୍ୱପ୍ନ ଦେଖୁଛି :

"ଯାରି ମଧ୍ୟେ ବୁଡ଼େ ସୂର୍ଯ୍ୟ
ଉଇଁ ଆସେ ଚନ୍ଦ ଶରତର
ସୁନାର ଦାଆ କାଟି କାଟି ଅନ୍ଧାର ଫସଲ
ବୁଣିଦିଏ ହୀରାର ମୁରୁଜ
ପଥର ଚଉକି ପରେ ସ୍ୱପ୍ନ ଦେଖେ 'ବନ୍ଦନା ମହାନ୍ତି'। (ବନ୍ଦନା ମହାନ୍ତି 'ପାଣ୍ଡୁଲିପି'ସଂ)

ଉପରୋକ୍ତ ଆଲୋଚନାରେ ସ୍ପଷ୍ଟ ହୁଏ ଯେ କବି ସଚ୍ଚିଦାନନ୍ଦଙ୍କ କାବ୍ୟିକ ଜୀବନ ତିନୋଟି ପର୍ଯ୍ୟାୟ ମଧ୍ୟଦେଇ ଗତି କରିଛି। ପ୍ରାରମ୍ଭ ପର୍ଯ୍ୟାୟରେ କବି ସବୁଜ ଯୁଗୀୟ ରୋମାଣ୍ଟିକ୍ ଚିନ୍ତାଧାରାର ଅନୁଗାମୀ। ଦ୍ୱିତୀୟ ପର୍ଯ୍ୟାୟରେ ବିବିଧ ସାହିତ୍ୟକ ଆନ୍ଦୋଳନ ସାଂଗକୁ ଗଡ଼ଜାତ ଅଂଚଳର ପ୍ରଜା ଆନ୍ଦୋଳନ, କୃଷକ ଓ ଶ୍ରମିକ ଆନ୍ଦୋଳନ କାବ୍ୟ ଚେତନାକୁ ପ୍ରଭାବିତ କରିଛି। ପରିଣତି ସ୍ୱରୂପ କାବ୍ୟରେ ଶୋଷଣ ବିରୋଧୀ ଶାଣିତ, ତୀକ୍ଷ୍ଣ ସ୍ୱର ପ୍ରକାଶ ପାଇଛି।

## ଅନନ୍ତ ପଟ୍ଟନାୟକ :

ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚିନ୍ତାଚେତନାର ଆଉଜଣେ ସଫଳ ସ୍ରଷ୍ଟା ହେଉଛନ୍ତି କବି ଅନନ୍ତ ପଟ୍ଟନାୟକ। କବି ଅନନ୍ତ ୧୯୧୨ ମସିହା ଜୁନ୍‌ମାସ ୧୨ ତାରିଖ ଦିନ ପୁରୀ ଜିଲ୍ଲାର ଚଣାହାଟ ଗ୍ରାମରେ ପିତା ଜୟକୃଷ୍ଣ ପଟ୍ଟନାୟକଙ୍କ ଔରସରୁ ମହାଦେଈଙ୍କ ଗର୍ଭରୁ ସମ୍ଭୁତ ହୋଇଥିଲେ। ବାଲ୍ୟକାଳରୁ ପିତାମାତାଙ୍କୁ ହରାଇ ପିଉସୀଙ୍କ ଆଦର ଯତ୍ନରେ ଲାଳିତ ପାଳିତ ହୋଇଥିଲେ। ଅନନ୍ତଙ୍କ କକା କୃଷ୍ଣମୋହନ ପଟ୍ଟନାୟକ ଥିଲେ ତତ୍କାଳୀନ ସମୟର ଜଣେ ନାମଜାଦା ସ୍ୱାଧୀନତା ସଂଗ୍ରାମୀ ଏବଂ କବି। କଲିକତାର ସନ୍ତ୍ରାସବାଦୀ ଆନ୍ଦୋଳନରେ

ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। କକା କୃଷ୍ଣମୋହନଙ୍କ ସଂଗ୍ରାମୀ ବ୍ୟକ୍ତିତ୍ୱ ସାଙ୍ଗକୁ ତାଙ୍କର କବିପ୍ରତିଭା ଅନନ୍ତଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହା ବ୍ୟତୀତ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରିବା ସମୟରେ ଉତ୍କଳମଣି ଗୋପବନ୍ଧୁଙ୍କ ନିବିଡ଼ ସଂସ୍ପର୍ଶରେ ଆସିବାର ସୁଯୋଗ ସେ ପାଇଥିଲେ। ବନ୍ୟା ପ୍ରପୀଡ଼ିତଙ୍କୁ ସାହାର୍ଯ୍ୟ ବଣ୍ଟନ ସମୟରେ ମଧ୍ୟ ଗୋପବନ୍ଧୁଙ୍କ ସହ ପଦଯାତ୍ରାରେ ଅନନ୍ତ ଯୋଗ ଦିଅନ୍ତି। ଏହାହିଁ ଥିଲା ତାଙ୍କ ସଂଗ୍ରାମୀ ଜୀବନର ପ୍ରଥମ ପଦକ୍ଷେପ। ଏଥିରେ ତାଙ୍କୁ ସହଯୋଗ କରନ୍ତି ସାଥି ଗୋକୁଳମୋହନ ଚୂଡ଼ାମଣି। ଏହାପରେ ଅନନ୍ତଙ୍କ ପିଉସା କଟକ ବଦଳି ହୋଇ ଆସନ୍ତି। ଅନନ୍ତଙ୍କର ନାମ ଲେଖାହୁଏ କଲିଜିଏଟ୍ ସ୍କୁଲରେ। ପୁରୀ ଜିଲ୍ଲା ସ୍କୁଲରେ ଆରମ୍ଭ ହୋଇଥିବା ସଂଗ୍ରାମୀ ପଦକ୍ଷେପ ଏଠାରେ ଆହୁରି ତୀବ୍ରରୂପ ଧାରଣ କରେ। ସ୍କୁଲ୍ ଜୀବନରେ 'ଛାତ୍ରବନ୍ଧୁ' ନାମକ ଏକ ହାତଲେଖା ଶିଶୁ କିଶୋର ପତ୍ରିକା ପ୍ରକାଶ କରନ୍ତି। ୧୯୩୦ ମସିହାରେ ରେଭେନ୍ସା ମହାବିଦ୍ୟାଳୟରେ ଉଚ୍ଚତର ଶିକ୍ଷା ଲାଭ ପାଇଁ ଭର୍ତ୍ତି ହୁଅନ୍ତି। ସେହି ସମୟରେ ଅନନ୍ତଙ୍କ ସମେତ ବୈଦ୍ୟନାଥ ରଥ, ବିଶ୍ୱନାଥ ପଶାଏତ୍ ମଧ୍ୟ ଆଡ୍‌ମିଶନ୍ ନିଅନ୍ତି। ରେଭେନ୍ସାରେ ଏମାନଙ୍କ ଆସର ଖୁବ୍ ଜମି ଉଠେ। ଏହି ସମୟରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ନେତୃତ୍ୱରେ 'କଂଗ୍ରେସ ସୋସାଲିଷ୍ଟ ଫୋରମ୍ ଗଠିତ ହୋଇ ସାରିଥାଏ। ଏହି ଫୋରମ୍‌ରେ ଭଗବତୀ, ଅନନ୍ତ, ଗୋକୁଳମୋହନ, ନୀଳମଣି ରାଉତରାୟ ପ୍ରମୁଖ ଯୋଗ ଦିଅନ୍ତି। ସୁଦୀର୍ଘ ସଂଗ୍ରାମୀ ଜୀବନର ପୃଷ୍ଠଭୂମି ମଧ୍ୟରେ ଅଙ୍କୁରିତ କବିତା କଢ଼ିଟି ଧୀରେ ଧୀରେ ସଂଗ୍ରାମୀ ଭାବାଦର୍ଶକୁ ନେଇ ପ୍ରସ୍ଫୁଟିତ ହୁଏ।

କଂଗ୍ରେସ ସୋସାଲିଷ୍ଟ ଫୋରମ୍, ସାମ୍ୟବାଦୀ କର୍ମୀ ସଂଘ, ସାରଥୀ ଓ ନବଭାରତ ପତ୍ରିକାର 'ଆତ୍ମପ୍ରକାଶ ପରେ ପ୍ରତ୍ୟେକ କ୍ଷେତ୍ରରେ ଭଗବତୀଙ୍କର ସାର୍ଥକ ସହକର୍ମୀ ଥାଆନ୍ତି କବି ଅନନ୍ତ। ୧୯୩୪ ଓ ୧୯୩୫ ମସିହାରେ 'ନବଭାରତ' ପତ୍ରିକାରେ ଆତ୍ମପ୍ରକାଶ କରେ କବିତା 'ସମାଧାନ' ଓ 'ଦେବତା ନାହିଁ ଭୁବନ ବନେ'। ନିମ୍ନ ପଂକ୍ତିରୁ କବିଙ୍କର କାବ୍ୟିକ ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦତ୍ତ ହୁଏ।

> "ଦେବତା ବୋଲି ହେ' ନ ପାରିବୁ ଆଉ ଡାକି
> ଦେଖିଲୁଣି ପରା ଧର୍ମ ସକଳ ଫାଙ୍କି
> ବୁଝିଲୁଣି ଆଜି ନ୍ୟାୟ ନାହିଁ ଧରାତଳେ
> ସ୍ୱର୍ଗ ସ୍ୱପନେ ଭସାଇ ପରାଣ ସୁଖେ।" (ସମାଧାନ)
>
> "ସର୍ବହରା ବିଶ୍ୱେ ତୁ ରେ
> ବଞ୍ଚିତ ତୁ ସକଳ ଧନେ
> ଖୋଜୁରେ ବୃଥା ଜୀବନ କଥା
> ଦେଉଳ ତଳେ ଶୂନ୍ୟ ମନେ!" (ଦେବତା ନାହିଁ ଭୁବନ ବନେ)

୧୯୩୫ ମସିହାରେ ବି.ଏ. ପାଶ୍ କରିବା ପରେ ଅନନ୍ତ ଆଇନ୍ ମହାବିଦ୍ୟାଳୟରେ ନାମ ଲେଖନ୍ତି। ସେଠାରେ ତାଙ୍କ ନେତୃତ୍ୱରେ 'ଛାତ୍ରସଂଘ' ଗଠିତ ହୁଏ। ଛାତ୍ରମାନଙ୍କର ବିଭିନ୍ନ ସମସ୍ୟା ତାର ସମାଧାନ ପାଇଁ ସବୁ ସମୟରେ ସଚେତନ ଥାଆନ୍ତି। ୧୯୩୫ ମସିହାରେ ସ୍ପେନ୍‌ରେ କମ୍ୟୁନିଷ୍ଟମାନେ ତତ୍କାଳୀନ ଫ୍ରାଙ୍କୋ

ସରକାର ବିରୁଦ୍ଧରେ ଗୃହଯୁଦ୍ଧ ଆରମ୍ଭ କରନ୍ତି। ୧୯୩୫ ମସିହା ଜୁନ୍ ମାସ ୨୧ ତାରିଖରେ ପ୍ୟାରିସ୍ ସହରରେ ପ୍ରଖ୍ୟାତ ଲେଖକ ମାକସିସ୍ ଗର୍କୀ, ରୋମାରୋଁଲାଁ ପ୍ରଭୃତିଙ୍କ ନେତୃତ୍ୱରେ ଫାସିବାଦ ବିରୋଧୀ ସଭା ଅନୁଷ୍ଠିତ ହୁଏ। ଏହାର ପ୍ରଭାବ ସନଗ୍ର ବିଶ୍ୱର କୋଣ ଅନୁକୋଣେ ଅନୁରଣିତ ହେବାକୁ ଲାଗେ। ଏହାର ଫଳସ୍ୱରୂପ ନୂତନ ଯୁଗର ସନ୍ଦେଶ ବହନ କରି ୧୯୩୫ ମସିହା ନଭେମ୍ବର ୨୯ ତାରିଖରୁ ଡିସେମ୍ବର ୪ ତାରିଖ ଯାଏ କଟକର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୁଏ 'ନବଯୁଗ ସାହିତ୍ୟ ସଂସଦ' ଅନୁଷ୍ଠାନର ପ୍ରଥମ ଅଧିବେଶନ। ସଭାପତିତ୍ୱ କରନ୍ତି କାଳିନ୍ଦୀଚରଣ ପାଣିଗ୍ରାହୀ। ଉଦ୍‌ବୋଧନୀ ସଂଗୀତ ଗାନ କରନ୍ତି ମାଳତୀ ଚୌଧୁରୀ, ଅଶୋକ ରାଓ, ଖୋକନ ଜୋରଆରଦାର। ଏହି ସଂଗୀତ ରଚନା କରିଥିଲେ କବି ଅନନ୍ତ, କବିତାଟିରେ କବିଙ୍କର ସାମ୍ୟବାଦୀ ଚିନ୍ତାଦର୍ଶ କିପରି ପ୍ରତିଫଳିତ ତାହା ଏଠାରେ ସ୍ପଷ୍ଟ ପ୍ରତିପାଦିତ ହୋଇଥାଏ।

"ନବୀନ ଯୁଗର ତରୁଣ ଜାଗରେ ଜାଗ ବଂଧନ ହରା  
ବକ୍ଷେ ଶୋଣିତ ଲକ୍ଷେ ଜୀବନ ଖେଳାଅ ଆଲୋକ ଧାରା  
ଛିନ୍ନ କରରେ ବଂଧନ ରାଜି କ୍ରନ୍ଦନ ହେଉଶେଷ  
ଲୁପ୍ତ ହେଉରେ ଜାତି ଉପଜାତି, ଖଣ୍ଡିତ ଶତଦେଶ  
ମହା ମାନବର ଶଙ୍ଖ ଶବଦେ ସମୁରେ ଦୁଃଖଜ୍ୱାଳା  
ଜାଗ ବନ୍ଧନ ହରା।" (ଜାଗ ବନ୍ଧନ ହରା)

କବିଙ୍କର ବୈପ୍ଳବିକ ଚିନ୍ତାଦର୍ଶ କେବଳ ତରୁଣ ଗୋଷ୍ଠୀଙ୍କୁ ଆହ୍ୱାନ ପ୍ରଦାନ ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ ଧର୍ମ ଓ ଈଶ୍ୱରଙ୍କୁ ଅସ୍ୱୀକାର କରିଛି। ଏହା କୃଷକ,ଶ୍ରମିକ,ସର୍ବହରା ଗୋଷ୍ଠୀର ମୁଖ୍ୟର ପାଲଟିବା ସଂଗେ ସଂଗେ ଅତ୍ୟାଚାର ବିରୋଧରେ ହିଂସାତ୍ମକ ଆହ୍ୱାନ ପ୍ରଦାନ କରିଛି 'ରକ୍ତଶିଖା','କିଞ୍ଜତ','ଛାଇର ଛିଟା' 'ଅଲୋଡ଼ା ଲୋଡ଼ା' ସଂକଳନସ୍ଥ କବିତା ମାନଙ୍କରେ।

୧୯୩୫ / ୩୬ ମସିହା ବେଳକୁ ସମଗ୍ର ଓଡ଼ିଶାରେ ସମାଜବାଦୀ ଆନ୍ଦୋଳନ ବିସ୍ତାରଲାଭ କରିସାରିଥାଏ। ଗଡ଼ଜାତ ଅଞ୍ଚଳ ମାନଙ୍କରେ ରାଜା ମାନଙ୍କର ଅତ୍ୟାଚାର ସହ୍ୟ କରିନପାରି ପ୍ରଜା ଆନ୍ଦୋଳନ, ଜମିଦାର ମାନଙ୍କର ଅତ୍ୟାଚାର ବିରୋଧରେ କୃଷକ ଆନ୍ଦୋଳନ ତେଜି ଉଠୁଥାଏ। ଖୋର୍ଦ୍ଧାରେ ଭଗବତୀଙ୍କ ନେତୃତ୍ୱରେ 'ନିଖିଳ ଉତ୍କଳ କୃଷକ ମହାସଭା' ନାମକ ଏକ ସଂଗଠନ ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ 'କୃଷକ' ନାମକ ଏକ ପତ୍ରିକାଟିଏ ମଧ୍ୟ ପ୍ରକାଶ ପାଇଲା। ଯାହାର ସଂପାଦକ ଥିଲେ ଭଗବତୀ ଚରଣ ପାଣିଗ୍ରାହୀ। ଏହାପରେ ୧୯୩୬ ମସିହାରେ କଟକରେ ଏକ ବିରାଟ କୃଷକ ସମ୍ମିଳନୀର ଆୟୋଜନ କରାଗଲା। ସେହିବର୍ଷ ଅକ୍ଟୋବର ମାସରେ ପୁରୀଠାରେ ଅନୁଷ୍ଠିତ ହେଲା ରାଜ୍ୟ କୃଷକ ସମାବେଶ। ୧୯୩୫ ମସିହାରେ ନବଯୁଗ ସାହିତ୍ୟ ସଂସଦର ଉଦ୍‌ଘାଟନୀ ଉତ୍ସବରେ ଯେଉଁ ସଂଗୀତ ଗାନ କରାଯାଇଥିଲା ତାକୁ ଯେପରି ଅନନ୍ତ ରଚନା କରିଥିଲେ ଠିକ୍ ସେହିପରି ୧୯୩୬ ମସିହାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ କୃଷକ ସମାବେଶ ସମ୍ମିଳନୀର ଉଦ୍‌ବୋଧନୀ ସଂଗୀତ ମଧ୍ୟ କବି ଅନନ୍ତ ରଚନା କରିଥିଲେ। କବିତାଟି ହେଉଛି –

"ଜୀବନ ଧରି ହେ ଢାଳିଲୁ ରକ୍ତ ତୋଳିଲୁ ସଉଧମାଳା
ଆମରି ଲାଗିରେ ଶାସନ ଶକ୍ତ ଆମେରେ ସର୍ବହରା
ଝାଂଜି ପବନ ସହିରେ ସଘନ ଗହୀରେ ରୋଇଲୁ ଧାନ
ବରଷା କାଦୁଅ ଚକଟି କେତେରେ ଖୀନ୍ କରିଲୁ ପ୍ରାଣ
ପଉଷ ପ୍ରଭାତେ କାଟିଲୁ ଶସ୍ୟ ହସିଲେ ନିଖିଳବାସୀ
ଶକ୍ତି ଶାଳୀର କରାଳ କବଳ ନେଲାରେ ସକଳ ଗ୍ରାସୀ (ସର୍ବହରା)

୧୯୩୮ ମସିହାରେ ଗଡ଼ଜାତ ରାଜା ମାନଙ୍କ ବିରୋଧରେ ଆନ୍ଦୋଳନକୁ ତୀବ୍ର କରିବାପାଇଁ କଟକରେ ଆସି ପହଞ୍ଚିଥାନ୍ତି ସର୍ବଭାରତୀୟ କୃଷକ ମହାସଭାର ପୁରୋଧା 'ପଟ୍ଟାଭି ସୀତାରାମାୟା', ଓଡ଼ିଶାରେ ଗଡ଼ଜାତ ଅଞ୍ଚଳରେ ପରିଦୃଷ୍ଟ ହେଉଥିବା 'ଅତ୍ୟାଚାର ସଂପର୍କରେ ତାଙ୍କୁ ସୂଚାଇବା ପାଇଁ ଅନନ୍ତଙ୍କ ସମେତ ଭଗବତୀ ଓ ବିପ୍ଳବୀ ସାରଂଗଧର ଦାସ ମଧ୍ୟ ଥାଆନ୍ତି। ଗଡ଼ଜାତ ଅଂଚଳର ଅତ୍ୟାଚାର ମଧ୍ୟରେ ଢେଙ୍କାନାଳ ରାଜାଙ୍କର ଅତ୍ୟାଚାର ଅତ୍ୟନ୍ତି ନିର୍ମମ ଥାଏ। ପ୍ରଜାମାନେ ଏହାକୁ ସହ୍ୟ କରିନପାରି କଟକ, ପୁରୀ ଇତ୍ୟାଦି ଆଖପାଖ ଅଞ୍ଚଳକୁ ପଳାୟନ କରୁଥାନ୍ତି। ଢ଼େଙ୍କାନାଳ ରାଜ ତନ୍ତ୍ରରେ ଅନ୍ଧାରୀ ଶାସନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବରେ ଚ୍ୟାଲେଞ୍ଜ ଦିଏ କବିଙ୍କର କବିତା ପୁସ୍ତିକା 'ରକ୍ତଶିଖା', ସଙ୍କଳନରେ ସ୍ଥାନିତ 'ମୁକ୍ତି ସଂଗୀତ' 'ଆଗେଚାଲ', 'ସର୍ବହରା', ଆମେ ମୂଲିଆର ଜାତି ଜାଗିବୁ' କବିତା ଗୁଡ଼ିକୁ ଏ କ୍ଷେତ୍ରରେ ଏକ ଏକ ମାଇଲ୍ ଖୁଣ୍ଟବୋଲି ଆଖ୍ୟା ଦେଲେ ଅତ୍ୟୁକ୍ତି ହେବ ନାହିଁ। ଦୃଷ୍ଟାନ୍ତ ସ୍ୱରୂପ କିଛି କବିତାଂଶକୁ ଏଠାରେ ଆଲୋଚନା କରାଯାଇପାରେ।

"ବାସି ଓଳିତଳ, ଘରେ ନାହିଁ ଦାନା
ହଂସା ଉଡ଼ିଯାଏ, ହାଡ଼ହୁଏ ଗଣା,
କଂସା ଥାଳି ବିକି ଦେଲୁଣି ଖଜଣା
ଆଉ କାହିଁ ପାଇଁ ଡରିବୁ ?
ଘରଡ଼ିହ ଖଣ୍ଡେ ନୋହେଁ ତ ଆମର
ନିଜ ଘରେ ଆମେ ଗୋଲାମ ପରର।
ଗୋଇଠା ଖାଇଲେ ଅଇଁଠା ଚାଟୁଛୁ
କେତେ ଦିନ ଆଖି ବୁଜିବୁ ? (ଆମେ ମୂଲିଆର ଜାତି ଜାଗିବୁ)
"ସନ୍ତକ ତୋର ହାତୁଡୀ ଦାଆ
ସମ୍ମୁଖେ ତୋର ଫୁଲିଛି ରାହା
ମନେରଖ ତୁହି ତୋହରି ସାହା
ଉଠା ତୋ ଜୟକାର।" (ମୁକ୍ତି ସଙ୍ଗୀତ)
"ମଜଦୁର ଚାଷୀ ବକ୍ଷରେ ରଚେରେ ଯେହୁନାଥ
ତାକୁରେ ଆଜି ବିପ୍ଳବୀ ତୁ ମାରଣ ବିଷଯାଚ

ଧ୍ୱଂସପାଉ ଶୋଷକ କୁଳ ସାମ୍ରାଜ୍ୟ ପିଶାଚ
ମଜଦୁର୍ ଚାଷୀ ରାଜ୍ୟ ହେଉ, ଲଭରେ ଅଧିକାର
ସାମ୍ୟବାଦୀ ଅଗ୍ରଣୀକୁ ହୁଅରେ ଆଗୁସାର।"   (ଆଗେଚାଲ)

କବିଙ୍କର ପ୍ରତ୍ୟେକଟି କବିତାକୁ ଅନୁଶୀଳନ କଲେ ଜଣାଯାଏ ଯେ ସତେ ଯେପରି କବିତା ଗୁଡ଼ିକ ଶୋଷିତ ଜନସାଧାରଣଙ୍କୁ ପ୍ରେରଣା ପ୍ରଦାନ କରିବା ସହିତ ସାମାଜିକ ଅଂଗୀକାରବଦ୍ଧତାର ମହାମନ୍ତ୍ରରେ ଉଦ୍‌ବୁଦ୍ଧ କରିବା ପାଇଁ ସମର୍ଥ।

## କବି ରଘୁନାଥ ଦାସ :

ବୈପ୍ଲବିକ ସାହିତ୍ୟର ଅନ୍ୟତମ ପ୍ରଚଣ୍ଡ ପ୍ରତିଭାବାନ ସ୍ରଷ୍ଟା ଯାହାଙ୍କର କବିତା ଜନମାନସକୁ ପ୍ରେରଣା ପ୍ରଦାନ କରେ, ପ୍ରଚଳିତ ପରଂପରା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ, ସେ ହେଉଛନ୍ତି କବି ରଘୁନାଥ ଦାସ। ୧୯୩୮- ୩୯ ମସିହାରୁ କବିଙ୍କର କବିତା ବିଭିନ୍ନ ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରୁଥିଲା। ୧୯୪୦- ୧୯୫୩ ମସିହା ମଧ୍ୟରେ ରଚିତ କାବ୍ୟ କବିତା ଗୁଡ଼ିକରେ ବୈପ୍ଲବିକ ଚିନ୍ତାଦର୍ଶର ଏକ ପରିପୂର୍ଣ୍ଣ ରୂପକୁ ଆମେ ଲକ୍ଷ୍ୟ କରିପାରିବା।

କବିଙ୍କର କାବ୍ୟ ପ୍ରତିଭା ମୁଖ୍ୟତଃ ସଂଗ୍ରାମଶୀଳ ପୃଷ୍ଠଭୂମି ଉପରେ ଆଧାରିତ ଥିଲା। ୧୯୩୬- ୧୯୪୦ ମସିହା ମଧ୍ୟରେ କବି ରେଭେନ୍‌ସା ମହାବିଦ୍ୟାଳୟର ଛାତ୍ରଥିବା ସମୟରେ ଦେଖା ଦେଇଥିବା ଛାତ୍ର ଆନ୍ଦୋଳନରେ ସକ୍ରୀୟ ଯୋଗଦାନ କରି ନିଜକୁ ଜଣେ ସଂଗ୍ରାମୀ ଛାତ୍ର ଭାବରେ ପ୍ରତିପାଦିତ କରନ୍ତି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ମଧ ସେ ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏଥିପାଇଁ ତାଙ୍କୁ ଏକମାସ ଜେଲ୍ ଭୋଗିବାକୁ ପଡ଼ିଥିଲା। କବିଙ୍କର କାବ୍ୟମାନସ କିପରି ସାମ୍ୟବାଦୀ ଚିନ୍ତାଦର୍ଶକୁ ଗ୍ରହଣ କରିଛି ତାହା ତାଙ୍କର 'ଅଗଷ୍ଟ ପନ୍ଦର ଓ ଅନ୍ୟାନ୍ୟ କବିତା' ସଂକଳନରୁ ସ୍ପଷ୍ଟବାରି ହୋଇପଡ଼େ। ଅଗଷ୍ଟ ପନ୍ଦର କବିତା ତିନୋଟି ଭାଗରେ ରଚିତ ହୋଇଥିଲା। ଅଗଷ୍ଟ ପନ୍ଦର ୧୯୪୭, ଅଗଷ୍ଟ ପନ୍ଦର ୧୯୪୮ ଓ ଅଗଷ୍ଟ ପନ୍ଦର ୧୯୪୯। ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ 'ବାଜିରାଉତ' ପରେ ପରେ ଏହା ଦ୍ୱିତୀୟ ଦୀର୍ଘ କବିତାର ମାନ୍ୟତା ଅର୍ଜନ କରେ।

ତିନୋଟି କବିତା କବିଙ୍କର ବୈପ୍ଲବିକ ଚିନ୍ତାଚେତନାର ଅନନ୍ୟ ପରିପ୍ରକାଶ। ଏକ ପକ୍ଷରେ ସାମାଜିକ ଅଂଗୀକାର ବଦ୍ଧତାର ସ୍ୱର ବହନ କରିଥିଲା ବେଳେ ଅପର ପକ୍ଷରେ କବି (୧୯୪୭, ୧୯୪୮, ୧୯୪୯ ତିନୋଟି ମସିହା ମଧ୍ୟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକ ସୂତ୍ରରେ ଗୁନ୍ଥି ଦେଇଛନ୍ତି ତିନୋଟି କବିତାର ତିନୋଟି ପଂକ୍ତିରୁ ଏ ସମ୍ପର୍କରେ ସ୍ପଷ୍ଟ ଅବଧାରଣା କରିହୁଏ।

- "ଯାତ୍ରୀ ସାବଧାନ
  ତୋର ଏଇ ଯାତ୍ରାପଥେ ନୁହେ ଏ ଯେ ଅନ୍ତିମ ସୋପାନ।
  ସଂଗ୍ରାମେ ତୋ ସରିନି ଏବେ ବି;

- ଏବେ ମଧ୍ୟ ଉର୍ଦ୍ଧ୍ୱେ ତୋର ଜନତାର ରକ୍ତମାଂସ ଲୋଭୀ
  ଗୃଧ୍ରପଲ ଚକ୍ରମାରେ; ଝାମ୍ପିନିଏ ଶ୍ରମିକର ଆୟୁ
  ଏବେ ମଧ୍ୟ ଭାତଥାଳୀ ଭାଗ କରେ ମାଳିକ ଓ ସାହୁ!!
  (ଅଗଷ୍ଟ ପନ୍ଦର ୧୯୪୭)
- "ମୁମୂର୍ଷୁର ପ୍ରାଣେ ସେ ଯେ ଜାଗିଥିଲା ଦୀପ୍ତ ଉଦ୍ଦୀପନା
  ଆଜି ତା'ର ଦେଖେ ଭସ୍ମ। ସବୁ ମିଥ୍ୟା,କ୍ରୁର ପ୍ରବଞ୍ଚନା
  ଶତ୍ରୁର ସେ ଥିଲା ଛଲ୍। ଖାଲି ଗୋଟେ ମସ୍ତ ଧପ୍‌ପାବାଜି
  ଧରା ପଡ଼େ ଜାଲ
  ନଗ୍ନ ରୂପେ ଦେଖାଦିଏ ଶୋଷକର ଉଦ୍ଧତ ଦଲାଲ୍
  (ଅଗଷ୍ଟ ପନ୍ଦର -୧୯୪୮)
- ସାବଧାନ! ସାବଧାନ! ଯୁଗାନ୍ତକ ଝଡ଼ ଘୋଟି ଆସେ
  ଜନତାର ବୁକୁ ତଳେ ରୁଦ୍ଧଯେତେ ଉତ୍ତପ୍ତ ନିଶ୍ୱାସ।
  "ଯେତେ ବ୍ୟଥା ଅସନ୍ତୋଷ....ସବୁଆଜି ଥରାଇ ଆକାଶ
  ବହିଯାଏ ସତେ
  ଆଗାମୀର ଗାନ ତୋଳି ବିପ୍ଳବୀର ଆଗ୍ନେୟ ଶପଥ।"
  (ଅଗଷ୍ଟ ପନ୍ଦର - ୧୯୪୯)

ପ୍ରଥମ ପଂକ୍ତିରେ ସ୍ୱାଧୀନତା ପାଇଁ ବହୁ ପ୍ରତୀକ୍ଷିତ ଆକାଂକ୍ଷାର ଅବସାନ ଘଟିଛି। ଅସୁମାରୀ ଆଶା, ସ୍ୱପ୍ନ, ସ୍ୱପ୍ନଭଙ୍ଗକୁ ନେଇ କବିତାର ପରିକଳ୍ପନା। ମାତ୍ର ଅଗଷ୍ଟ ପନ୍ଦର ୧୯୪୮ ବେଳକୁ ଆଶା ଆଶାରେ ରହିଯାଇଛି। ମୁକ୍ତିର ଦିବସ ଅଗଷ୍ଟ ପନ୍ଦର ଜନତାଙ୍କୁ ମିଥ୍ୟା, ପ୍ରତାରଣା, ପ୍ରବଞ୍ଚନା ଆଣି ଦେଇଛି। କବିତା ୧୯୪୯ରେ କବି ଅଗଷ୍ଟ ପନ୍ଦର ଭିତରେ ଦେଖୁଛନ୍ତି କ୍ରୁର ପୈଶାଚିକ ଦଶଶିରରୂପୀ ରାବଣକୁ। କ୍ଷୋଭ ଜର୍ଜରିତ କବି ପୌରାଣିକ ମିଥ୍ ମାଧ୍ୟମରେ ବିପ୍ଳବୀ ଚିନ୍ତା ଚେତନାକୁ ବ୍ୟକ୍ତ କରିବାକୁ ସଫଳ ହୋଇଛନ୍ତି।

କବି ଜୀବନର ମଧ୍ୟବର୍ତ୍ତୀ ସମୟରେ କବିତା ରଚନାରୁ ନିଜକୁ ନିବୃତ୍ତ କରିଥିଲେ ମଧ୍ୟ, ପୁନଶ୍ଚ ସଂଗ୍ରାମୀ କାବ୍ୟ ମାନସର ଆହ୍ୱାନ ତାଙ୍କୁ କାବ୍ୟ କବିତା କ୍ଷେତ୍ରରେ ମନୋନିବେଶ କରିବା ପାଇଁ ପ୍ରେରଣା ପ୍ରଦାନ କରିଛି ଓ ଏହା ମଧ୍ୟ ଜୀବନର ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହିଛି।

## କବି ମନମୋହନ ମିଶ୍ର :

ଶ୍ରମିକ ଓ କୃଷକମାନଙ୍କର ଏକତ୍ୱ ଓ ମାନବିକତାର ପ୍ରତିଷ୍ଠା ପାଇଁ ବିପ୍ଳବୀ କବି ମନମୋହନ ମିଶ୍ର ରଚନା କରିଥିବା କାଳଜୟୀ ସଂଗୀତ, ଯାହାକି ତତ୍କାଳୀନ ସମୟର ବହୁ ବିପ୍ଳବୀଙ୍କ ପ୍ରାଣରେ ବିଦ୍ରୋହୀ ଭାବନାକୁ ଜାଗ୍ରତ କରିଦେଇ ପାରୁଥିଲା। କବିଙ୍କର ବିଦ୍ରୋହୀ କାବ୍ୟ ଚେତନା ସହିତ ତାଙ୍କର ସଂଗ୍ରାମୀ ଜୀବନ ଓତଃପ୍ରୋତ ଭାବରେ ଜଡ଼ିତ ଥିଲା। ରେଭେନ୍‌ସା ମହାବିଦ୍ୟାଳୟରେ ଛାତ୍ରଥିବା ସମୟରେ କବି ପ୍ରଥମେ ଛାତ୍ର ଆନ୍ଦୋଳନ (୧୯୩୯)

ରେ ସକ୍ରିୟ ଅଂଶଗ୍ରହଣ କରନ୍ତି। ଏହାପରେ ୧୯୪୦ ମସିହା ଅପ୍ରେଲ୍ ୧୩ ତାରିଖ ଦିନ ପୁରୀଠାରେ ଜାଲିଆନାୱାଲାବାଗର ମର୍ମନ୍ତୁଦ ଦୁଃଖଦ ଘଟଣା ସଂପର୍କରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବା ଅବକାଶରେ ମନମୋହନ କାରାବରଣ କରନ୍ତି। ଏହାପରେ ୧୯୪୨ ର ଭାରତଛାଡ଼ ଆନ୍ଦୋଳନ, ୧୯୪୮ ମସିହାରେ ତେଲେଙ୍ଗାନା ଆନ୍ଦୋଳନରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରନ୍ତି। କାରାବରଣକୁ ଭ୍ରୂକ୍ଷେପ ନକରି କବି ମନମୋହନ ନିଜର ସଂଗ୍ରାମୀ ଜୀବନ ପଥରେ ଆଗେଇ ଚାଲନ୍ତି। କମ୍ୟୁନିଷ୍ଟ ପାର୍ଟିର ଜଣେ ସକ୍ରିୟ ସଦସ୍ୟ ହେବା ସହିତ ବିଭିନ୍ନ ଶ୍ରମିକ ସଂଗଠନର ନେତୃତ୍ୱ ନେବା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମୁଣ୍ଡଟେକିଥିବା ନକ୍‌ସାଲବାଡ଼ି ଅନ୍ଦୋଳନର ଜଣେ ଅଗ୍ରଗାମୀ କର୍ଣ୍ଣଧାର ଅଟନ୍ତି କବି ମନ ମୋହନ ମିଶ୍ର। ପ୍ରାଥମିକ ପର୍ଯ୍ୟାୟରେ ରଚିତ କବିତା ଗୁଡ଼ିକ ବିଭିନ୍ନ ଆନ୍ଦୋଳନର ପୃଷ୍ଠଭୂମି ଉପରେ ଆଧାରିତ ହୋଇଥିଲା। ଏହି ସମୟରେ ରଚିତ କେତୋଟି କବିତାର ସମାହାର ୧୯୪୭ ମସିହାରେ ପ୍ରକାଶିତ ହୋଇଥିବା 'ଚଲାକୋଦାଳ' କବିତା ସଂକଳନ, ସଂକଳନରେ ଆଠଗୋଟି କବିତା ସ୍ଥାନିତ। କବିତା ଗୁଡ଼ିକ ପଟିଆର କୃଷକ ଆନ୍ଦୋଳନର ପୃଷ୍ଠଭୂମି ଉପରେ ରଚିତ। ଏହାପରେ କବିଙ୍କର ବୈପ୍ଲବିକ ଚିନ୍ତାଦର୍ଶ ପାଠକମାନଙ୍କୁ ଉପହାର ଦିଏ ଗୋଟିଏ ପରେ ଗୋଟିଏ ସଂକଳନ।

'କୋଟି କଣ୍ଠେ', 'ଜନତାର ଡ଼ାକ', 'ଜୀବନର ଜୟଗାନ', 'ଅବାଦ' ପ୍ରତ୍ୟେକଟି ସଂକଳନରେ ସାମ୍ରାଜ୍ୟବାଦ ବିରୋଧରେ କାବ୍ୟସ୍ୱର ଅନୁରଣିତ। ୧୯୪୨-୧୯୫୧ ମସିହା ମଧ୍ୟରେ ଲିଖିତ କିଛି ସଂଗ୍ରାମୀ ଚିନ୍ତାଧାରାର ସମନ୍ୱୟ ହେଉଛି 'କୋଟି କଣ୍ଠେ' କବିତା ସଂକଳନ। ଏହାର ଆତ୍ମପ୍ରକାଶ ପରେ ଇଂରେଜ ସରକାର ଏହାକୁ ବାଜ୍ୟାପ୍ତ କରିଦିଅନ୍ତି। ସଂକଳନରେ ସ୍ଥାନିତ କବିତା ଗୁଡ଼ିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ କବି ଭାରତବର୍ଷର ସ୍ୱାଧୀନତା ସଂଗ୍ରାମକୁ ଯେତିକି ପ୍ରାଧାନ୍ୟ ଦେଇଛନ୍ତି, ଶ୍ରମିକ, କୃଷକ ମାନଙ୍କର ମୁକ୍ତିର ସ୍ୱପ୍ନକୁ ସେତିକି ପ୍ରାଧାନ୍ୟ ଦେଇଛନ୍ତି। ବହୁ କବିତାରେ ମାର୍କସବାଦୀତତ୍ତ୍ୱ ଓ ଦର୍ଶନର ସିଧାସଳଖ ବର୍ଣ୍ଣନା ମଧ୍ୟ ପରିଲକ୍ଷିତ ହୁଏ। ସ୍ୱଦେଶର ସାମନ୍ତବାଦୀ ଶୋଷଣ ପୀଡ଼ିତ ଅଗଣିତ ଜନତାର ଆର୍ତ୍ତ ଯେପରି ତାଙ୍କର କବିତାକୁ ରଂଜିତ କରିଦେଇଛି। ସେମାନଙ୍କ ଅନ୍ତରର ଭାଷାକୁ କବି ଋଷିଆର ଲାଲ୍‌ସେନା, ଚୀନ୍‌ର ଗରିଲାମାନଙ୍କ କଣ୍ଠରେ ଶୁଣି ପାରିଛନ୍ତି। କବି ଦୃଷ୍ଟିରେ ଯାଜପୁରର ଅନାହାର କ୍ଲିଷ୍ଟ ଜନତା, ଗଂଜାମର ରୟତ୍, ଋଷ ଓ ଚୀନ୍‌ର ଅତ୍ୟାଚରିତ ଜନସାଧାରଣଙ୍କ ମଧ୍ୟରେ ପାର୍ଥକ୍ୟ କିଛି ନାହିଁ। ସଭିଏଁ ଗୋଟିଏ ଜାତିର, ଗୋଟିଏ ମା'ର ସନ୍ତାନ। ସେ ଜାତି ହେଉଛି ମନୁଷ୍ୟ ଜାତି। ଏହି ମନୁଷ୍ୟ ଜାତିକୁ ଉଦ୍‌ବୋଧନ ଦେବାକୁ ଯାଇ କବି କହିଛନ୍ତି:-

"ଡ଼ାକେ ବାଇଶି ଜୁନ୍ ଲାଲ୍ ସେନା କଣ୍ଠେ
ଚୀନ୍ ଗରିଲାଦଳ ମରୁ ଉପକଣ୍ଠେ।
ଜାଗ ଭାରତବାସୀ ଅଭୟ ପାଇଁ (ସମୟ ନାଇଁ)
ଜନ୍ମମାଟି ଡାକରେ।
ଡାକେ ଯାଜପୁର ଆଜି ଅନାହାରେ
ଡାକେ ଗଂଜାମ ରଇତ ମୃତ୍ୟୁ ପାରେ
ଚାଲ କ୍ଷୁଧିତ ବାରେ ନବ ଅଭିସାରେ।
ଜନ୍ମମାଟି ଡ଼ାକରେ।" (କୋଟି କଣ୍ଠେ -୪ର୍ଥ ସଂଗୀତ)

କବିଙ୍କର ସଂଗ୍ରାମୀ କାବ୍ୟମାନସକୁ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧର ଭୟାବହ ବିଭୀଷିକା ମଧ୍ୟ ବହୁମାତ୍ରାରେ ପ୍ରଭାବିତ କରିଛି। ସମଗ୍ର ପୃଥିବୀବାସୀ ଯୁଦ୍ଧର ଘନଘଟା ମଧ୍ୟରେ ଭୀତତ୍ରସ୍ତ। ଚତୁର୍ଦ୍ଦିଗରେ ମୃତ୍ୟୁର କରାଳ ସ୍ୱର। ଏହା ମଧ୍ୟରୁ ଜୀବନରୂପୀ ଆଶାର ଆଲୋକ ପୁନଃ ଜାଗରିତ କରିବା ପାଇଁ କବି ସଂକଳ୍ପବଦ୍ଧ। ସମଗ୍ର ପୃଥିବୀ ଅପେକ୍ଷାରତ ଏକ ନୂତନ ସମୟର ଶୁଭ ଆଗମନକୁ। ଯେଉଁ ପୃଥିବୀରେ ଅତ୍ୟାଚାର ଶୋଷଣର ପରିସମାପ୍ତି ଘଟି ମନୁଷ୍ୟ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରୁଥିବ। କବିଙ୍କ କବିତାରୁ ପ୍ରତିପନ୍ନ ହୁଏ ଯେ, ଜାତିର ଉନ୍ନତି ଓ ପ୍ରଗତି ପାଇଁ ଶାନ୍ତି ଏକାନ୍ତ ଆବଶ୍ୟକ। କାରଣ ବିପ୍ଳବର ଆଗମନ ଶାନ୍ତି କାମନା ପାଇଁ ହିଁ ଉଦ୍ଦିଷ୍ଟ ଥାଏ। ଶାନ୍ତିକାମୀ କବି ମନମୋହନଙ୍କ ଭାଷାରେ -

| | |
|---|---|
| "ଶାନ୍ତିକାମୀ ମୁକ୍ତିକାମୀ | ଏକହୁଅ ଏକହୁଅ |
| ତୋ ଫସଲ ଲକ୍ଷ୍ମୀଡ଼ାକେ | ଏକହୁଅ ଏକହୁଅ |
| ତୋ ଖଣି ଖାଦାନ୍ ଡ଼ାକେ | ଏକହୁଅ ଏକହୁଅ |
| ତୋ କୋଣାର୍କ ତାଜ୍ ଡ଼ାକେ | ଏକହୁଅ ଏକହୁଅ |
| ତୋ ସ୍କୁଲ କଲେଜ ଡାକେ | ଏକହୁଅ ଏକ ହୁଅ |
| ତୋ ବଡ଼ ଦେଉଳ ଡ଼ାକେ | ଏକହୁଅ ଏକହୁଅ। ('ଏକ ହୁଅ' - ଅବାଜ') |

ଜନସାଧାରଣଙ୍କ ହୃଦୟରେ "ଏକତ୍ୱ' ପ୍ରତିଷ୍ଠା ପାଇଁ ହେଲେ ବ୍ୟକ୍ତି ତାର ଚିନ୍ତାଧାରା ମଧ୍ୟରୁ ପାଶବିକ, ସ୍ୱାର୍ଥ କୌନ୍ଦ୍ରିକ ପ୍ରବୃତ୍ତିକୁ ବାଦ୍ ଦେବାକୁ ପଡ଼ିବ।

ଶ୍ରେଣୀ ସଂଘର୍ଷର ବିଲୋପ ପାଇଁ ଜାତୀୟ ଏକତାକୁ ମୁଖ୍ୟ ଅସ୍ତ୍ର ଭାବରେ ଗ୍ରହଣ କରିଛନ୍ତି। କବି ମନମୋହନ 'କୌମିନାରା' କବିତାରେ ଲେଖିଛନ୍ତି।

"ମାଟି ତଳେ ସଞ୍ଚ ଅଫିଟା ଖଣି ଯେ ଦେଶ ମାଟି
ପାହାଡ଼ ଜଂଗଲ ଆକାଶ ପାଣି ଯେ ଦେଶ
ପ୍ରତି ପଦେ ଯାର ରହିଛି ମହୁ ଓଡ଼ିଶା ଦେଶ
ପ୍ରତିରୂପ ମୂଳେ ବୀରର ଲହୁ ଓଡ଼ିଶା ଦେଶ।"

(କୌମିନାରା - ମନମେହନ ଗ୍ରନ୍ଥାବଳୀ ପୃ-୯)

କବିଙ୍କ ରଚିତ କବିତା ଗୁଡ଼ିକ ବହୁ ସଂଗଠନ ପାଇଁ ଥିଲା ପ୍ରେରଣାର ଉତ୍ସ। ପ୍ରାରମ୍ଭିକ ପର୍ଯ୍ୟାୟରେ କବିତାରେ ସାମ୍ୟବାଦର ଶାନ୍ତ, କାନ୍ତ, କମନୀୟ ରୂପ ପରିଲକ୍ଷିତ ହେଉଥିବା ବେଳେ। ଷାଠିଏ ପରବର୍ତ୍ତୀ କାଳରେ କବିତାରେ ଏକ ଉଗ୍ରରୂପ ଦେଖିବାକୁ ମିଳେ। ବହୁ କବିତା ସଂଗୀତ ଉଦ୍ଦେଶ୍ୟରେ ରଚିତ ହୋଇଥିଲେ ମଧ୍ୟ ଏଥିରେ ବିପ୍ଳବୀ ଚିନ୍ତାଧାରା ପ୍ରକାଶିତ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

କ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ପ୍ରଗତିଶୀଳ ଚେତନା କିପରି ପ୍ରତିଫଳିତ ହୋଇଛି ଦର୍ଶାଅ।

ଖ) ସାମାଜିକ ଅବ୍ୟବସ୍ଥା ଆଧାରରେ ସୃଷ୍ଟି ହୋଇଥିବା ବିପ୍ଳବୀ କବିତା ସଂପର୍କରେ ଆଲୋଚନା କର।

ଗ) ମାର୍କସୀୟ ସିଦ୍ଧାନ୍ତର ନିର୍ଯ୍ୟାସ ନିରୂପଣ କର।

ଘ) ବିଭିନ୍ନ ଦେଶରେ ମାର୍କସବାଦୀ ତତ୍ତ୍ୱର କିପରି ପ୍ରୟୋଗ କରାଯାଇଛି ଦର୍ଶାଅ।

**୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

କ) ମାର୍କସବାଦର ପ୍ରାରୂପ ନିରୂପଣ କର।

ଖ) ମାର୍କସବାଦୀ ସାହିତ୍ୟର ଆଭିମୁଖ୍ୟ ନିର୍ଣ୍ଣୟ କର।

ଗ) ପ୍ରଗତିଶୀଳ ଚିନ୍ତନର ସ୍ୱରୂପ ନିରୂପଣ କର।

ଘ) ଓଡ଼ିଶାରେ ନବଯୁଗ ସାହିତ୍ୟ ସଂସଦ ଓ ପ୍ରଗତିଶୀଳ ସାହିତ୍ୟ ପ୍ରତି ଆଗ୍ରହ ସଂପର୍କରେ ଆଲୋଚନା କର।

## ୧.୮ ସହାୟକ ଗ୍ରନ୍ଥସୂଚୀ


- 'ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା' : ବିଜୟ କୁମାର ଶତପଥୀ : ଓଡ଼ିଶା ବୁକ୍‌ଷ୍ଟୋର୍, ପୃ -୮।
- ଦାଶ, ଗୌରାଙ୍ଗ ଚରଣ, ସଂସ୍କୃତି, ଜଗତୀକରଣ ଓ ମଂଚ ରାଜନୀତି, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ୨୦୦୬, ପୃ-୫୨।
- ପଟ୍ଟନାୟକ, ପ୍ରାଣନାଥ, 'ଆସନ୍ତା କାଲିର ସାହିତ୍ୟ', ନବଯୁଗ ଗ୍ରନ୍ଥାଳୟ, ପୃଷ୍ଠା - ୪।
- ସାହୁ, ଶୁକଦେବ, ବେହେରା, ରାମଚନ୍ଦ୍ର, 'ପ୍ରବାସୀ ଓଡ଼ିଆ ଆନ୍ଦୋଳନ' : 'ଡଗର' ହୋଲି ସଂଖ୍ୟା - ୧୯୪୮।
- ଶତପଥୀ, ନିତ୍ୟାନନ୍ଦ : 'ସବୁଜରୁ ସାଂପ୍ରତିକ' - ୨୦୦୮, ଗ୍ରନ୍ଥମନ୍ଦିର, କଟକ, ପୃ-୨୪୬।

# ଦ୍ୱିତୀୟ ଏକକ : ଆଧୁନିକ ଓଡ଼ିଆ କବିତାରେ ପ୍ରୟୋଗବାଦ

**ବିଷୟ ଗଠନ :**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ ପ୍ରୟୋଗବାଦୀ ଓଡ଼ିଆ କବିତାର ପୃଷ୍ଠଭୂମି

୨.୫ ପ୍ରୟୋଗବାଦୀ ଓଡ଼ିଆ କବିତାର ଆଙ୍ଗିକ ପକ୍ଷ

୨.୬ ପ୍ରୟୋଗବାଦୀ ଓଡ଼ିଆ କବିତାର ଆତ୍ମିକ ପକ୍ଷ

୨.୭ ଆଧ୍ୟାତ୍ମିକ ଉତ୍ତରଣ ଏବଂ ଆତ୍ମ ମଗ୍ନତା ଏକ ବିରୋଧାଭାସ

୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୯ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର କାବ୍ୟଧାରାରେ ଯୁଦ୍ଧ ପରବର୍ତ୍ତୀ ସମାଜ - ଆର୍ଥନୀତିକ ପ୍ରତିକ୍ରିୟା, ସ୍ୱାଧୀନତାର ସ୍ୱପ୍ନଭଙ୍ଗ, ଅତୀତ ଓ ପରମ୍ପରା ପ୍ରତି ଅବିଶ୍ୱାସ, ପ୍ରେମ ଚିନ୍ତାରେ ଆବେଗ ପରିବର୍ତ୍ତେ ଯୁକ୍ତିଶୀଳତା,ନୈରାଶ୍ୟ, ବିଚ୍ଛିନ୍ନତାବୋଧ, ବ୍ୟକ୍ତିକୈନ୍ଦ୍ରିକ ଭାବନା, ମୃତ୍ୟୁ ଚେତନା କିପରି ଓଡ଼ିଆ କବିଙ୍କୁ ପ୍ରଭାବିତ କରିଛି ଓ କବିତାରେ ସେମାନେ ଏହାର କିଭଳି ପ୍ରୟୋଗ କରିଛନ୍ତି; ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିବାବେଳେ କେଉଁ ପ୍ରକାରର ପ୍ରୟୋଗ, ପରୀକ୍ଷା ନିରୀକ୍ଷା ଓଡ଼ିଆ କବିତାକୁ ନୂତନ ରୂପ ପ୍ରଦାନ କରିଛି ସେ ସମ୍ପର୍କରେ ବିଷଦ ଆଲୋଚନା ଏହି ଅଧ୍ୟାୟ ପଠନର ମୁଖ୍ୟ ଉଦ୍ଦେଶ୍ୟ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ପ୍ରସଙ୍ଗ ପଠନ କଲେ ପାଠକ ନିମ୍ନୋକ୍ତ ଦିଗ ଗୁଡ଼ିକ ବିଷୟରେ ଶିକ୍ଷାଲାଭ କରିଥାଏ।

- ପ୍ରୟୋଗଧର୍ମୀ ଓଡ଼ିଆ କବିତାର ପୃଷ୍ଠଭୂମିକୁ ଜାଣିପାରିବେ।
- କବିତାର ଭାବ ପକ୍ଷ ବିଷୟରେ ଜ୍ଞାନଲାଭ କରିବେ।
- କବିତାର କଳାପକ୍ଷକୁ ୧୯୪୭ ପରବର୍ତ୍ତୀ ସମୟରେ କିପରି ପ୍ରଭାବିତ ହୋଇଛି ସେ ସଂପର୍କରେ ଜାଣିପାରିବେ।

## ୨.୩ ବିଷୟ ପ୍ରବେଶ

ପୃଥିବୀ ପରିବର୍ତ୍ତନଶୀଳ। ସମୟାନୁଯାୟୀ ସମାଜ,ସଂସ୍କୃତି କଳା,ସାହିତ୍ୟ,ବିଜ୍ଞାନ ସବୁ କିଛି ଏଠାରେ ପରିବର୍ତ୍ତିତ ହୋଇଥାଏ। ଆଲୋଚନା ଦୃଷ୍ଟିରୁ ସାହିତ୍ୟର ଇତିହାସକୁ ପର୍ଯ୍ୟାଲୋଚନା କଲେ ଏକଥା ସ୍ପଷ୍ଟ ହୁଏ ଯେ, ଆଦି ଯୁଗରୁ ପ୍ରୟୋଗବାଦୀ ଯୁଗ ପର୍ଯ୍ୟନ୍ତ ସୃଷ୍ଟ ସାହିତ୍ୟ ବିବର୍ତ୍ତିତ ହୋଇ ଆସିଛି। ସାଧାରଣ ଜନତା ହୃଦୟଙ୍ଗମ କଲାଭଳି ଭାଷାରେ ସାହିତ୍ୟ ରଚିତ ହୋଇଛି। ସମୟକ୍ରମେ ଆଳଙ୍କାରିକ ଆଟୋପ ଏହାକୁ ନୂଆ ରୂପ ଦେଇଛି। କ୍ରମେ କ୍ରମେ ଓଡ଼ିଆ କାବ୍ୟଧାରା ଆଧୁନିକ ରୂପ ରଂଗରେ ନିଜକୁ ଭିନ୍ନ ରୂପରେ ଉପସ୍ଥାପିତ କରିଛି। ଓଡ଼ିଆ କାବ୍ୟଧାରାର ନବଜନ୍ମ ଘଟିଛି। ଜାତୀୟ ଜୀବନକୁ ଅନୁସରଣ କରି ଜାତୀୟବାଦୀ କାବ୍ୟ କବିତାର ଉନ୍ମେଶ ଘଟିଛି। ଜାତୀୟତାର ପରିସର ମଧ୍ୟରୁ ସବୁଜଯୁଗୀୟ ରୋମାଣ୍ଟିକ୍ ଭାବ ବଳୟ ମଧ୍ୟରେ କବିତା ବାନ୍ଧି ହୋଇପଡିଛି। କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇପାରିନାହିଁ। ସ୍ୱପ୍ନ ଓ କଳ୍ପନାରେ ଭାସି ବୁଲିବାକୁ କବିମାନେ ଇଚ୍ଛାପ୍ରକାଶ କରିନାହାନ୍ତି। ଦଳିତ ଶୋଷିତ ଓ ନିଷ୍ପେସିତମାନଙ୍କ ପ୍ରାଣର ବାଣୀ କବିର ହୃଦୟକୁ ଛୁଇଁପାରିଛି। ସମାଜରୁ ଅବ୍ୟବସ୍ଥାରେ ବିଲୋପ ଘଟାଇ ସୁସ୍ଥ ସମାଜ ଜୀବନର ପରିକଳ୍ପନା ପାଇଁ କବିତା ମାଧ୍ୟମରେ କବି ସଂଗ୍ରାମର ଆବହନ କରିଛି। କିଛିକାଳ ଓଡ଼ିଆ କବିତା ସଂଗ୍ରାମର ଆବାହନ କରିଛି। କିଛିକାଳ ଓଡ଼ିଆ କବିତା ସଂଗ୍ରାମର ତୃପ୍ତ ଆହ୍ୱାନରେ ନିନାଦିତ ହେବା ପରେ କବିତାରେ ବିବିଧ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି। ନୂତନ ଚିନ୍ତାଧାରାର ଅନୁପ୍ରବେଶ ଘଟିଛି। ନୂତନ ଶୈଳୀର କବିତା ସୃଷ୍ଟି ହୋଇଛି । ଏହାକୁ ଆମେ ପ୍ରୟୋଗଧର୍ମୀ ଓଡ଼ିଆ କବିତା ଭାବରେ ଚିହ୍ନିତ କରିଛୁ। ୧୯୪୭ ପରବର୍ତ୍ତୀ ସମୟକୁ ପ୍ରୟୋଗଧର୍ମୀ ଓଡ଼ିଆ କବିତାର ସମୟ ଭାବେ ନିର୍ଣ୍ଣୟ କରାଯାଇଛି।

କେଉଁ ପରିପ୍ରେକ୍ଷୀରେ ଓଡ଼ିଆ କବିତାରେ ପ୍ରକାର ମୋଡ ପରିବର୍ତ୍ତନ ଘଟିଲା ଏବଂ କେଉଁ ପ୍ରକାରର ପ୍ରୟୋଗ, ପରୀକ୍ଷା ନିରୀକ୍ଷା ଏହାକୁ ନୂତନ ରୂପ ପ୍ରଦାନ କଲା ସେ ସଂପର୍କରେ ବିଷଦ ଆଲୋଚନା ଏହି ଅଧ୍ୟାୟ ପଠନର ମୁଖ୍ୟ ଉଦ୍ଦେଶ୍ୟ।

## ୨.୪ ପ୍ରୟୋଗବାଦୀ ଓଡ଼ିଆ କବିତାର ପୃଷ୍ଠଭୂମି

ବିଗତ ଅର୍ଦ୍ଧ ଶତାବ୍ଦୀ ଓଡ଼ିଆ କବିତାର ସୃଷ୍ଟି ଓ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟ ମଧ୍ୟରେ ବହୁ କବି କବିତା ଲେଖି ପ୍ରସିଦ୍ଧି ଅର୍ଜନ କରିଛନ୍ତି। କବିତାର ରୂପ ବଦଳିଛି। ପଦ୍ଧତି, ପ୍ରକରଣ ଓ ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ପରିବର୍ତ୍ତନରେ ସୂତ୍ରଧାର ସାଜିଛନ୍ତି କବି ସଚ୍ଚିଦାନନ୍ଦ ରାଉତରାୟ, କବି ଗୁରୁ ପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ସୌଭାଗ୍ୟ ମିଶ୍ର, ସୌରୀନ୍ଦ୍ର ବାରିକ, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥି, ଉମାଶଂକର ପଣ୍ଡା, ହରପ୍ରସାଦ ଦାସ, ଶରତଚନ୍ଦ୍ର ପ୍ରଧାନ, ବେଣୁଧର ରାଉତ ପ୍ରମୁଖ। ଏହି ସମୟରେ ଓଡ଼ିଆ କବିତା ବାମ ପନ୍ଥୀ – ମାନବବାଦୀ ଧାରାକୁ ଉପେକ୍ଷା କରି ଏକ ବ୍ୟକ୍ତିମୁଖୀ ରୋମାଣ୍ଟିକ୍ ବାସ୍ତବବାଦୀ ଧାରାକୁ ବରଣ କରିନେଇଛି। ଗୁରୁପ୍ରସାଦ ମହାନ୍ତିଙ୍କ 'ନୂତନ କବିତା' ଓ ସଚ୍ଚିଦାନନ୍ଦ ରାଉତାୟଙ୍କ 'ପାଣ୍ଡୁଲିପି' ଏହି ଧାରାର ଦୁଇଟି ଉତ୍କୃଷ୍ଟ ପ୍ରତିନିଧିମୂଳକ ସୃଷ୍ଟି। ବ୍ୟକ୍ତିଜୀବନ ଓ ସମାଜରେ ଘଟୁଥିବା ଅବମୂଲ୍ୟାୟନର ଚିତ୍ରକୁ ଉତ୍କଟ ବାସ୍ତବବାଦୀ ଦୃଷ୍ଟିକୋଣରୁ ଚିତ୍ରିତ କଲେ କବି

ଗୁରୁପ୍ରସାଦ। କାବ୍ୟିକ ବକ୍ତବ୍ୟକୁ ସିଧାସଳଖ ଭାବେ ନ କହି ଋତୁଯୋକ୍ତି, ବାଂଜିତା ଓ ରୂପକ ମାଧ୍ୟମରେ ପ୍ରକାଶ କଲେ। ଗୁରୁପ୍ରସାଦ ମହାନ୍ତିଙ୍କ କବିତାରେ ଏହି ଆଭିମୁଖ୍ୟଟି ପରିଚ୍ଛନ୍ନ ହୋଇଉଠିଲା। ସଂପର୍କରେ ସମୀକ୍ଷକ ଯତୀନ୍ଦ୍ର ମୋହନ ମହାନ୍ତି ମତ ପ୍ରକାଶ କରିବାକୁ ଯାଇ କହିଲେ,"ଏହି କବିତାଗୁଡ଼ିକ ରୋମାଣ୍ଟିକ୍ କାବ୍ୟଧର୍ମୀ ନୁହନ୍ତି। ଏହି କବିତାଗୁଡ଼ିକର ଅନ୍ତରାଳରୁ ମେଟାଫିଜିକାଲ କବି ମାନଙ୍କ ସହିତ ବଦ୍‌ଲେୟାର ଓ ଇଲିୟଟ୍‌ଙ୍କୁ ମଧ୍ୟ ଦେଖାଯାଏ। ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଏଠାରେ ରୋମାଣ୍ଟିକ୍ ନୁହେଁ ବ୍ୟଙ୍ଗାତ୍ମକ। ଏହି କବିତାର ପ୍ରଧାନ ଉପାଦାନ (wit) ଓ ଏକ ରୁଚିପୂର୍ଣ୍ଣ ଶାଳୀନତା (urbanity) ଚେତନା ଏଠାରେ ବ୍ୟାପକ ଓ ବହୁ ବିଚିତ୍ର। କିନ୍ତୁ ଉପମା, ଉପମେୟର ସଂକ୍ଷିପ୍ତ ପ୍ରୟୋଗ ଦ୍ୱାରା ପ୍ରକାଶ ଭଙ୍ଗୀ କଠିନ ଭାବରେ ସୁନିୟନ୍ତ୍ରିତ"। ପ୍ରଶ୍ନ ଆସେ, କାବ୍ୟ କବିତା ଏ ପ୍ରକାର ପରିବର୍ତ୍ତନ କହି ଆସିଲା ? ଏହାର ପ୍ରେକ୍ଷାପଟ୍ଟରେ କ'ଣ ଥିଲା ? ଏ ସଂପର୍କରେ ଆମେ ଆଲେଚନା କରିବା।

ଉନବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ସାହିତ୍ୟରେ ତିନିଗୋଟି ଦର୍ଶନର ଆବିର୍ଭାବ ଘଟିଲା । ଜା ପଲ୍ ସାତ୍ରୋଙ୍କର ସ୍ଥିତିବାଦ (Existentialism) ବେରଲଟ୍ ବ୍ରେକ୍‌ଶଟ୍‌ଙ୍କ (Etic Realism) ବା ମହାକାବ୍ୟିକ ବାସ୍ତବବାଦ ଏବଂ ସାମୁଏଲ ବେକେଟେ୍ ଓ ଇଉଦଙ୍ଗ ଇୟୋନେସ୍କୋଙ୍କ ଉଦ୍ଭଟତା ବା (Absunditiy) । ଏହି ୟୁରୋକୈନ୍ଦ୍ରିକ ଚିନ୍ତାଧାରା ଜନିତ ଗଭୀର ଆଲୋଡ଼ନ ଦ୍ୱାରା ପ୍ରଭାବିତ ହେଲା ସମଗ୍ର ବିଶ୍ୱର ଚିନ୍ତାମାନସ। ସାହିତ୍ୟରେ ଗଣଚେତନାର ଅପମୃତ୍ୟୁଘଟିଲା। ଏହାର ସ୍ଥାନ ନେଲା ବ୍ୟକ୍ତି ସ୍ୱାତନ୍ତ୍ର୍ୟ। ସ୍ଥିତିବାଦୀ ଦାର୍ଶନିକ ମାନେ ଆଧୁନିକ ଜଗତର ମଣିଷର ଅନ୍ତର୍ନିହିତ ସତ୍ତାକୁ ଉଦ୍‌ଘାଟନ କରିବାରେ ବ୍ରତୀ ହେଲେ ଈଶ୍ୱରଙ୍କ ଉପରୁ ମଣିଷର ଆସ୍ଥା ତୁଟିଲା। ପୃଥିବୀ ବିଶ୍ୱର ହୀନ ମନେ ହେଲା ନିଜ କର୍ମ ଉପରେ ଆସ୍ଥା ପ୍ରକଟ କଲା ମଣିଷ। ପ୍ରଚଳିତ ସତ୍ୟକୁ ଗ୍ରହଣ କରିପାରଲା ନାହିଁ। ନିଜସ୍ୱ ଅନୁଭୂତିରୁ ସତ୍ୟର ରହସ୍ୟ ଖୋଜିବାକୁ ଲାଗିଲା କଳ୍ପନା ଓ ଭାବ ପ୍ରବଣତାରୁ ଦୂରେଇ ଯାଇ ଆତ୍ମ ଉପଲବ୍‌ଧ ଜନିତ ସତ୍ୟ ଉପରେ ଗୁରୁତ୍ୱ ଦେଲା।

ମଣିଷ ନିଜେ ନିଦର ଭାଗ୍ୟନିୟନ୍ତା ସାଜିଲା। ନିଜ ମାନସିକ ସ୍ଥିତି ଆଧାରରେ ସୁଖ ଦୁଃଖକୁ ଅନୁଭବ କଲା। ମଣିଷ ଆଉ ଗୋଷ୍ଠୀ ଭିତରେ ରହି କୌଣସି କଥା ଚିନ୍ତା କଲା ନାହିଁ। ଗୋଷ୍ଠିରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ଭାବରେ ଉଭା ହେଲା। ଈଶ୍ୱରଙ୍କଠାରୁ ଆସ୍ଥା ହରାଇଥିଲା। ବର୍ତ୍ତମାନ ସାମାଜିକ ପରିସର ମଧ୍ୟରୁ ବିଚ୍ଛିନ୍ନ ହେଲା। ବ୍ୟକ୍ତି ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପ୍ରବଣତା ସାମାଜିକ ଓ ଈଶ୍ୱରୀୟ ମୂଲ୍ୟବୋଧକୁ ବ୍ୟାହାତ ଖଳା। ଯାହାଫଳରେ ପରୋକ୍ଷରେ ମିଣିଷ ଏକ ସଂକଟମୟ ବିଷମ ପରିସ୍ଥିତି ମଧ୍ୟ ଦେଇ ସର୍ବଦା ଗତିକଲା ଏ କ୍ଷେତ୍ରରେ ବିଜ୍ଞାନ ସହଯୋଗର ହାତ ବଢ଼ାଇଲା। ଯେକୌଣସି କଥାକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରି ସତ୍ୟାସତ୍ୟ ଉନ୍ମୋଚନ ଦିଗରେ ବ୍ରତୀ ହେଲା । ପୂର୍ବରୁ ପ୍ରକୃତି ସହ ଥିବା ଯୋଗସୂତ୍ର ମଧ୍ୟ ଛିନ୍ନ ହେଲା। ବିଜ୍ଞାନ ରୂପକ କୃତିମ ସଂଯୋଗ ଆଧାରରେ ପ୍ରକୃତିକୁ ଜୟ କରିବାର ପ୍ରବଣତା ବଢ଼ିଲା। ନିଜ ଅଜାଣତରେ ନିଜେ ବିଜ୍ଞାନର କ୍ରୀତଦାସ ପାଲଟିଗଲା। ନିଜର ସ୍ଥିତି ହରାଇ ସାମାନ୍ୟ ପାଲଟିଗଲା ଏତେ ବଡ଼ ବିରାଟ ପୃଥିବୀ ମଧ୍ୟରେ ମଣିଷ ନିଜକୁ ଅସହାୟ ମନେ କଲା। ମୂଳ ସାମାଜିକ ସ୍ରୋତରୁ ବିଚ୍ଛିନ୍ନ ହୋଇ ମଣିଷ ଏକ ନିଃସଙ୍ଗ ବ୍ୟକ୍ତିସତ୍ତା ରେ ରୂପାନ୍ତରିତ ହେଲା। ଯେଉଁ ପୃଥିବୀରେ ଦଣ୍ଡାୟମାନ ହୋଇ ଭବିଷ୍ୟତରେ ସୁଖ ସମୃଦ୍ଧିର ସ୍ୱପ୍ନ ଦେଖୁଥିଲା । ସେଇ ପୃଥିବୀ ତାକୁ ଅନାକର୍ଷଣୀୟ

ମନେ ହେଲା । ବିଜ୍ଞାନ ଉପରେ ଆସ୍ଥା ରଖିଥିବା ମଣିଷ ଯେତେବେଳେ ବିଜ୍ଞାନର ଭୟାବହତାକୁ ବିଶ୍ୱଯୁଦ୍ଧରେ ଦେଖିଲା ସେତେବେଳେ ପାଦତଳୁ ମାଟି ଖସି ପଡ଼ିଲା ପରମାଣୁ ଯୁଦ୍ଧର ଭୟାବହତା ସୂଚେଇ ଦେଲା ଯେ ବିଜ୍ଞାନ ନିମିଷକେ ପୃଥିବୀକୁ ଧ୍ୱଂସ କରିଦେଇପାରେ । ତତ୍‌ସହିତ ମଣିଷକୁ ଛିନ୍ନମୂଳ କରି ଏକ ଶୂନ୍ୟ ଭୂମିରେ ଠିଆ କରାଇଦେଲା । ଯେଉଁ ଶୂନ୍ୟଭୂମି ଭବିଷ୍ୟତର ସ୍ୱପ୍ନ, କଳ୍ପନା ଆବେଗରେ ବିଭୋର ହେବା ଶିଖାଇଲା ନାହିଁ ବରଂ ପ୍ରତି ମୁହୂର୍ତ୍ତରେ ଆସନ୍ନ ମୃତ୍ୟୁର ଭୟରେ ଭୟାତୁର କରିଦେଲା । ବିଶ୍ୱଯୁଦ୍ଧର ଭୟାବହତା ସମଗ୍ର ପୃଥିବୀର ସାମାଜିକ ରାଜନୈତିକ ମାନଚିତ୍ରକୁ ପରିବର୍ତ୍ତନ କରିଦେଲା ।

ବିଶ୍ୱଯୁଦ୍ଧରେ ପ୍ରତ୍ୟକ୍ଷ ପ୍ରଭାବ ଆମ ଦେଶ ଭାରତବର୍ଷ ଉପରେ ପଡ଼ିଥିଲା । ଜାତୀୟତାବାଦୀ ଆନ୍ଦୋଳନ ଓ ସ୍ୱାଧୀନତା ପ୍ରାପ୍ତି ଥିଲା ସେ ସମୟରେ ଭାରତବାସୀଙ୍କର ପ୍ରମୁଖଲକ୍ଷ୍ୟ । ଦୀର୍ଘ ଦିନର ପରାଧୀନତାର ଅବସାନ ଘଟି ଭାରତବର୍ଷ ସ୍ୱାଧୀନ ହେଲା । ଔପନିବେଶିକ ଶାସନ ତନ୍ତ୍ରୀରୁ ମୁକ୍ତି ମିଳିଲା ସତ ମାତ୍ର ସାମାଜିକ ଅବସ୍ଥାରୁ, ବୃତ୍ତିଗତ ପ୍ରତିଯୋଗିତା, ସାମ୍ପ୍ରଦାୟକ ଦଙ୍ଗା, ଦେଶ ବିଭାଜନ ଇତ୍ୟାଦି ଭାରତବର୍ଷର ଆଭ୍ୟନ୍ତରୀଣ ସ୍ଥିତିକୁ ଦୋହଲାଇ ଦେଲା । ଶାସନ ସୁବିଧା ନିମିତ୍ତ ପ୍ରଚଳିତ ପଦ୍ଧତିରେ ସଂସ୍କାର ଅଣାଗଲା । ନିର୍ବାଚନ, ପ୍ରଦେଶ ପୁନର୍ଗଠନ ସାଂଗକୁ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ କରାଗଲା । ଜମିଦାରୀ ବ୍ୟବସ୍ଥାର ଉଚ୍ଛେଦ ଘଟିଲା । ଭୂସଂସ୍କାର ଅଣାଗଲା । ଭାଗଚାଷୀ ଆନ୍ଦୋଳନ ଦ୍ୱାରା ଜମିଦାରୀ ପ୍ରଥାର ବିଲୋପ ଘଟି ସାନ ସାନ ଜମି ମାଲିକ ସୃଷ୍ଟି ହେଲେ । ଏହା ବ୍ୟତୀତ ୧୯୪୮ ମସିହାରେ ସରକାରୀ ଓ ଘରୋଇ ଶିଳ୍ପ ମଧ୍ୟରେ ସୁସ୍ଥ ସମନ୍ୱୟ ଆଣିବା ପାଇଁ ଏକ ନୂତନ ଯୋଜନା ପ୍ରଣୟନ କରାଗଲା । ଭିନ୍ନ ଭିନ୍ନ ସହରରେ ଛୋଟବଡ଼ ଶିଳ୍ପାନୁଷ୍ଠାନମାନ ଗଢ଼ିଉଠିଲା । ବିଭବଶାଳୀ ପୁଞ୍ଜିପତି ମାନେ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କଲେ । ବୃହତ୍ ଶିଳ୍ପ ଓ କ୍ଷୁଦ୍ରଶିଳ୍ପ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ ହେଲା । ନିଜର ଲାଭଖୋର୍ ମନୋବୃତ୍ତି ପାଇଁ ଶ୍ରମିକକୁ ଅତ୍ୟାଚାର ସହ୍ୟ କରିବାକୁ ପଡ଼ିଲା । ଏହି ସମୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଉପରୁ ରହିତା ଦେଶ ଉଠାଇ ଦିଆଗଲା । ସୋସାଲିଷ୍ଟ ପାର୍ଟି ନାମକ ଏକ ନୂତନ ରାଜନୈତିକ ଦଳର ଉନ୍ମେଷ ଘଟିଲା । ଏହି ଦଳର ନେତୃତ୍ୱ ନେଇଥିଲେ ଜୟପ୍ରକାଶ ନାରାୟଣ ଓ ରାମ୍ ମନୋହର ଲୋହିଆ । ଏମାନଙ୍କ ନେତୃତ୍ୱ ଯୁବପୀଢୀର ପ୍ରାଣରେ ସମାଜବାଦୀ ଚିନ୍ତାଧାରାକୁ । ଏମାନଙ୍କ ନେତୃତ୍ୱ ଯୁବପିଢ଼ୀର ପ୍ରାଣରେ ସମାଜବାଦୀ ଚିନ୍ତାଧାରାକୁ ଜାଗ୍ରତ କରାଇଲା । ତତ୍ ସହିତ ରାଜନୀତି କ୍ଷେତ୍ରରେ ଆଧିପତ୍ୟ ଜମାଇଥିବା କଂଗ୍ରେସ ଦଳର ମଧ୍ୟ ଏକ ପ୍ରତିଦ୍ୱନ୍ଦୀ ଦଳ ସୃଷ୍ଟି ହେଲା । ଭୀମ୍ ରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ କରାଗଲା । ପ୍ରଥମ ସାବାଳକ ନିର୍ବାଚନ ଗଡ଼ଜାତ ଆନ୍ଦୋଳନ, ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ, ଓଡ଼ିଶାର ସୀମା ସୁରକ୍ଷା ଆନ୍ଦୋଳନ ସମଗ୍ର ଭାରତ ବର୍ଷକୁ ରାଜନୀତି ଓ ସମାଜ ବ୍ୟବସ୍ଥାକୁ ଘଟଣା ବହୁଳ ଚଳଚଞ୍ଚଳ କରିଦେଲା ।

ପଶ୍ଚିମୀ ପ୍ରଭାବିତ ୟୁରୋକୈନ୍ଦ୍ରିକ ଚିନ୍ତାଧାରା ସାଂଗକୁ ସ୍ୱାଧୀନତା ପରବର୍ତ୍ତୀ ସମୟର ସାମାଜିକ, ରେଜନୈତିକ, ପ୍ରେକ୍ଷାପଟକୁ ନେଇ ପ୍ରୟୋଗବାଦୀ କବିତା ପରିପୁଷ୍ଟ ହେଲା । ସମାଜର ଉତ୍କଟ ବୈଷମ୍ୟ ଓ ଅର୍ଥନୈତିକ ଦୁର୍ଗତିର ଚିତ୍ର ପ୍ରତିଫଳିତ ହୋଇଥିଲେ ବି ମୁଖ୍ୟ କାବ୍ୟ ସ୍ୱରଟି ଜଗତ, ପ୍ରେମର ବିଫଳତା ପାପ ବୋଧ, ଅସହାୟତା, ନୈରାଶ୍ୟ,ନିଃସଙ୍ଗତା ଭାବ,ମୃତ୍ୟୁ ଭାବନା ଉପରେ ପର୍ଯ୍ୟବେସିତ ଥିଲା । କହିବାର ଭଙ୍ଗୀରେ ଜଟିଳତା ପ୍ରୟୋଗବାଦୀ କାବ୍ୟ କବିତାକୁ ଜଟିଳତର କରିଦେଲା । ଏସବୁ ବିଚ୍ଛିନ୍ନ ଭାବଧାରାକୁ ପରିପ୍ରକାଶ

କରିବା ପାଇଁ ପ୍ରୟୋଗବାଦୀ ଧାରାର କବିମାନେ ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍‌ର ଆଶୟ ନେଲେ। ପ୍ରୟୋଗବାଦୀ କବିତା ଶୈଳୀ ସର୍ବସ୍ୱ ହେବାକୁ ବାଧ ହେଲା। ଶବ୍ଦର ବିଳାସ ପ୍ରତୀକ ଚିତ୍ରକଳ୍ପ, ମିଥ୍‌ର ପ୍ରୟୋଗରେ ଏହି ସମୟର କବିତା ଅନେକ ପରିମାଣରେ ନୂତନ ପରୀକ୍ଷା ନିରୀକ୍ଷାକୁ ଆପଣେଇ ନେଲା।

## ୨.୫ ପ୍ରୟୋଗବାଦୀ ଓଡ଼ିଆ କବିତାର ଆଙ୍ଗିକ ପକ୍ଷ

ଓଡ଼ିଆ କବିତାର ବିକଶିତ ପର୍ବରେ ପାଠକ ସହିତ ମାନସିକ ଯୋଗାଯୋଗ ସ୍ଥାପନ ପାଇଁ କବିମାନେ ପ୍ରତୀକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ସାହିତ୍ୟରେ ପ୍ରତୀକର ବ୍ୟବହାର ନୂଆ କଥା ନୁହେଁ। ବହୁ ପ୍ରାଚୀନ କାଳରୁ ପ୍ରତୀକର ବ୍ୟବହାର ନୂଆ କଥା ନୁହେଁ। ବହୁ ପ୍ରାଚୀନ କାଳରୁ ପ୍ରତୀକର ବ୍ୟବହାର କରାଯାଇ ଆସୁଛି। ରଗ୍ ବଦରେ ପ୍ରତୀକ ଶବ୍ଦର ପ୍ରୟୋଗ ସଂପର୍କରେ କୁହାଯାଇଛି:- "ଆଶୀରମ୍ ଚିତ୍ କୃଣୁତା ସୁପ୍ରତୀକମ୍" (ରଗ୍‌ବେଦ ୬/୨୮/୬) ପ୍ରାଚୀନ ସାହିତ୍ୟରେ 'ପଦ୍ମ'କୁ ପ୍ରତୀକ ଭାବରେ ମଧ ବ୍ୟବହାର କରାଯାଇଛି। ବୌଦ୍ଧ ସାହିତ୍ୟରେ 'ମଣିପଦ୍ମ' ତନ୍ତ୍ର ଶାସ୍ତ୍ରରେ ସହସ୍ରଦଳ ବିଶିଷ୍ଟ ପଦ୍ମର ବର୍ଣ୍ଣନା ରହିଛି। ପ୍ରାଚୀନ କବିତା ଥିଲା ଶବ୍ଦଭିତ୍ତିକ। ଅର୍ଥ ପ୍ରତି ପାଇଁ ଶବ୍ଦ ଜ୍ଞାନର ପ୍ରୟୋଜନ ଅପରିହାର୍ଯ୍ୟ କିନ୍ତୁ ଆଧୁନିକ କବି ଭାବଭିତ୍ତିକ। ଶବ୍ଦ ଅପେକ୍ଷା ଚିତ୍ରକଳ୍ପ ପ୍ରତୀକ ଓ ବ୍ୟଞ୍ଜନା ଉପରେ ଏହା ଅଧିକ ନିର୍ଭରଶୀଳ। ଏହି ପ୍ରତୀକକୁ କବି ବାସ୍ତବ ଜୀବନରୁ ସଂଗ୍ରହ କରିଥାଆନ୍ତି ତ ପୁଣି ସମୟେ ସମୟେ ସମୟର ପରିଧି ମଧ୍ୟରୁ ସଂଗ୍ରହ କରିଥାଆନ୍ତି। ତେଣୁ ପ୍ରତୀକ ପ୍ରୟୋଗ ବାସ୍ତବ ଜୀବନ ଇତିହାସ ଓ ପୁରାଣକୁ ଆଶ୍ରୟ କରି ମଧ ସଂଗଠିତ ହୋଇଛି। ପ୍ରତୀକ ପ୍ରୟୋଗ ବିଧି ପାଶ୍ଚାତ୍ୟ ପ୍ରତୀକବାଦୀ ଆନ୍ଦୋଳନରେ ଫଳଶ୍ରୁତି। ଊନବିଂଶ ଶତାବ୍ଦୀର ଶେଷଭାଗରେ ଯସ୍ୱଭାବବାଦ ବିରୁଦ୍ଧରେ ପ୍ରତିକବାଦୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଫରାସୀ କବିଗୋଷ୍ଠୀ ଏହି ଆନ୍ଦୋଳନର ଆରମ୍ଭ କରିଥିଲେ। ଚାର୍ଲସବୋଦଲୟାର୍, ମାଲାଏର୍ମେ ର୍ୟାମ୍ବୋ ପ୍ରମୁଖ ସ୍ରଷ୍ଟାମାନେ ସେମାନଙ୍କ ସୃଷ୍ଟିରେ ପ୍ରତୀକର ପ୍ରୟୋଗ କରି ପାଶ୍ଚାତ୍ୟ ରାଷ୍ଟ୍ରର ବୁଦ୍ଧିଜୀବିମାନଙ୍କୁ ପ୍ରଭାବିତ କରିଥିଲେ।

ଊନବିଂଶ ଶତାବ୍ଦୀରେ ଭାବୋଚ୍ଛାସମୟ ରୋମାଣ୍ଟିକ୍ କବିତା ବିରୋଧରେ ପାରନାଶିୟାନ୍ ମାନେ ସ୍ୱର ଉତ୍ତୋଳନ କରିଥିଲେ କବିତାରେ ରୋମାଣ୍ଟିକ୍ ପ୍ରବଣତାକୁ ପରିହାର କରାଗଲା। କବିତାର ଭାଷାରେ ପ୍ରାଚୀନ ଦୁରୂହ କଠିନ ଶବ୍ଦର ପ୍ରଚଳନ କରାଗଲା। ଏମାନେ ବ୍ୟକ୍ତି କୈନ୍ଦ୍ରିକତା ବଦଳରେ ନୈବ୍ୟକ୍ତିକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପାର୍ନାଶିୟାନ୍ କବିଗୋଷ୍ଠୀର କାବ୍ୟ ସଂକଳନ ' Le Purmasse contembrain' ୧୮୬୬, ୧୮୭୧,୧୮୭୬ ମସିହାରେ ତିନିଖଣ୍ଡରେ ପ୍ରକାଶ ପାଇଥିଲା। ଏହି କାବ୍ୟ ଆନ୍ଦୋଳନ ରୋମାଣ୍ଟିସିଜିମର ବିରୋଧି ଥିଲେ। ଫଳରେ କବିତାରେ କୃତିମତା ପ୍ରବେଶ କଲା। ରୋମାଣ୍ଟିମିଜିମ୍‌ର ବିରୋଧାଚରଣ କରିଥିଲେ ମଧ ବାସ୍ତବରେ ଏମାନେ ନବ୍ୟ-ରୋମାଣ୍ଟିକ୍ ଗୋଷ୍ଠୀ ଭାବରେ ପରିଗଣତି ହେଲେ। ପ୍ରତୀକବାଦୀ ଆନ୍ଦୋଳନ ଧୀରେ ଧୀରେ ସମଗ୍ର ବିଶ୍ୱକୁ ପ୍ରଭାବିକ କଲା Stefan George Rainer Maria Rilke ଙ୍କ କବିତା ମାଧ୍ୟମରେ ଜର୍ମାନ୍ ସାହିତ୍ୟକୁ, Ruban Dainouଙ୍କ ଦ୍ୱାରା ସ୍ପେନକୁ,W.B. yeats , Ezra Pound ଏବଂ T.S Ellotଙ୍କ କବିତା ମାଧ୍ୟମରେ ଇଂରାଜୀ ସାହିତ୍ୟକୁ ପରିବ୍ୟାପ୍ତ ହୋଇଥିଲା W.B. yeats ନିଜ କବିତାରେ ପ୍ରତୀକର ଗୁରୁତ୍ୱ ବୁଝାଇ କହିଲେ I have no speech but symbol".

ଆର୍ଥର ସିମନ୍ସ୍ ଇଂରାଜୀ ସାହିତ୍ୟର ଫରାସୀ ପ୍ରତୀକ ବାଦୀ କବିତାର ଉଦ୍ୟୋକ୍ତା ଥିଲେ ୧୮୯୯ ମସିହାରେ ସିମ୍ନସଙ୍କର ଏକ ଲେଖା The Symbolist movement in liiteratyure" ପ୍ରକାଶ ପାଇବା ପରେ ଇଂରେଜୀ ସାହିତ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ଆର୍ଥର ସିମ୍ନସ୍ ପ୍ରତୀକ ସମ୍ପର୍କର ମତାମତ ରଖିବାକୁ ଯାଇ କହିଲେ- ସାହିତ୍ୟରେ ପ୍ରତିଫଳିତ ବିଶ୍ୱର ସ୍ୱରୂପ ସଂପୂର୍ଣ୍ଣ ସତ୍ୟ ବା ବାସ୍ତବ ନୁହେଁ। କିମ୍ବା ଅଦେଖା ଅଜଣା ବିଶ୍ୱ ମଧ କଦାପି ଏକ ସ୍ୱଷ୍ଟ ହୋଇନପାରେ। ତେଣୁ ଭାବନାକୁ ସାକାର ରୂପ ପ୍ରଦାନ କରିବା ନିମିତ୍ତ ପ୍ରତୀକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନ ଆସେ କବିବା ସାହିତ୍ୟକ ପ୍ରତୀକ କେଉଁଠାରୁ ସଂଗ୍ରହ କରିଥାଏ। ସଭ୍ୟତାର ବିକାଶ ସହିତ ପ୍ରତୀକ ସୃଷ୍ଟିର ଇତିହାସ ସଂପୃକ୍ତ। ପ୍ରଥମେ ବସ୍ତୁକୁ ଚିତ୍ର ମାଧ୍ୟମରେ ପ୍ରକାଶ କରାଯାଉଥିଲା। ପରେ ଚିତ୍ର ବଦଳରେ ଶବ୍ଦର ପ୍ରତୀକ ବ୍ୟବହୃତ ହେଲା। ମଣିଷ ସଭ୍ୟତାର ଇତିହାସରେ ପ୍ରତୀକ ସ୍ଥୁଳ ବସ୍ତୁ ଜଗତରୁ ଆରମ୍ଭ କରି ସୂକ୍ଷ୍ମମାନସିକ ଜଗତ ପର୍ଯ୍ୟନ୍ତ ବିଚରଣ କରି ସଂପର୍କର ସେତୁ ସ୍ଥାପନ କରେ। ମଣିଷର ଚେତନ ଓ ଅଚେତନ ମନ ହେଉଛି ବିପୁଳ ଅନୁଭୂତିର ଗନ୍ତାଘର। ଅନେକ ସ୍ଥଳରେ ବ୍ୟକ୍ତିଗତ ଧାରଣା ସାମୂହିକ ଅଭିଜ୍ଞତାରେ ପ୍ରକାଶିତ ହୋଇଥାଏ। ଏହାକୁ ଯୌଥ ଅବଚେତନ 'Collective unconscious-ness' କୁହାଯାଏ।

ଏହି ଯୌଥ ଅବଚେତନ ମନରେ ସଞ୍ଚିତ ଅଭିଜ୍ଞତା ମଣିଷର ମସ୍ତିଷ୍କର ଗୋଟିଏ ଅଂଶରେ ସଞ୍ଚିତ ହୋଇ ରହିଥାଏ। କୌଣସି ଏକ ବିଶେଷ ମୂହୁର୍ତ୍ତରେ ବିଶେଷ ଘଟଣାକୁ ନେଇ ମଣିଷର ଜ୍ଞାନ, ବୁଦ୍ଧି , ଅଭିଜ୍ଞତା ଆଧାରରେ ସଚେତନ ମନ ମଧ୍ୟରେ ପ୍ରକାଶିତ ହୁଏ। ସଚେତନ ମନର ବସ୍ତୁ ସହିତ ଅବଚେତନ ମନର ରହସ୍ୟମୟ ଅନୁଭୂତିର ସମନ୍ୱୟରେ ପାଠକ ମନରେ ଭିନ୍ନ ଏକ ଅନୁଭୂତିର ପ୍ରତିମୂର୍ତ୍ତି ନିର୍ମିତ ହୋଇଥାଏ। ଏହାର କିଛି ଅଂଶ ଅସ୍ୱଷ୍ଟ ଅଥଚ ସୁନ୍ଦର। ଏହା ହିଁ ପ୍ରତୀକ।

ପ୍ରୟୋଗବାଦୀ ଓଡ଼ିଆ କବିମାନେ ପ୍ରତୀକକୁ ଭାବ ପ୍ରକାଶର ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି। ଆଧୁନିକ କାବ୍ୟ ପରମ୍ପରାର ଏହି ନୂତନ ପ୍ରୟୋଗ ବିଧି, କବିରବକ୍ତବ୍ୟକୁ ଅପେକ୍ଷାକୃତ ସହଜବୋଧ କରିବା ସହିତ ବ୍ୟଂଜିତ ଚତୁର୍ଯ୍ୟପୂର୍ଣ୍ଣ ଅର୍ଥର ପରିପ୍ରକାଶ ସର୍ବୋପରି ପରମ୍ପରା ସହିତ ଆତ୍ମୀୟତା ସ୍ଥାପନ କରିବାରେ ସହାୟକ ହୋଇଛି। ପ୍ରତୀକ ମାଧ୍ୟମରେ ଭାବ ପ୍ରକାଶ ରୀତିକୁ ଏକ ସର୍ବାଧୁନିକ ମାଧ୍ୟମ ବୋଲି ମଧ ଗ୍ରହଣ କରିଛି ଆଧୁନିକ କବି। କବିତା ପାଇଁ କେବଳ ଯେ 'ଭାଷା' ଆବଶ୍ୟକ ତାହା ନୁହେଁ। ପ୍ରତୀକ ପ୍ରୟୋଗ ଦ୍ୱାରା କବିର ଉପଲବ୍ଧ ଅନ୍ତଦୃଷ୍ଟିରୁ ସଫଳ ପରିପ୍ରକାଶ ସମ୍ଭବ ହୋଇପାରିଛି। ପାରିପାର୍ଶ୍ୱିକ ବସ୍ତୁ ଜଗତ,ଦୃଶ୍ୟ, ପୁରାଣ,କାବ୍ୟ,ଲୋକ କଥାରୁ ଉପାଦାନ ମାନ ସଂଗ୍ରହ କରି କବିର ଅବଚେତନର ରଙ୍ଗରେ ଚିତ୍ରିତ ହୋଇ କବିତାରେ ପ୍ରକାଶ ପାଇଛି। ପ୍ରତୀକ ଗୁଡ଼ିକ ବ୍ୟକ୍ତି କୈନ୍ଦ୍ରିକ ହୋଇଥିବାରୁ ଏହା କବିତାକୁ ଇଙ୍ଗିତଧର୍ମୀ କରାଇଥାଏ।

ପ୍ରୟୋଗବାଦୀ ଓଡ଼ିଆ କବିତାରେ ପ୍ରତୀକର ବ୍ୟବହାର କିପରି କରାଯାଇଛି ତାହା ନିମ୍ନ ବର୍ଣ୍ଣନାରେ ସୁସ୍ୱଷ୍ଟ। ସଚ୍ଚିଦାନନ୍ଦ ରାଉତରାୟଙ୍କ ଭାନୁମତୀର ଦେଶ କବି ତାର ଏହି ପଙ୍କ୍ତିରେ :-

"ତମେ ଲେଖିଥିଲ ତରଙ୍ଗ ଅସ୍ତ ସୂର୍ଯ୍ୟର କବି
ଫୁଲ ଫୁଟିବାର ଉତ୍ସବରୁ
ତା'ର ନିମନ୍ତ୍ରଣ ଆସିଥିଲା
ସେ ଫେରାଇ ଦେଲା
ତା'କଣ୍ଠରେ ଝରାଫୁଲର ବନ୍ଦନା ।" (ଭାନୁମତୀର ଦେଶେ)

ଏଠାରେ ଅସ୍ତ ସୂର୍ଯ୍ୟ ଅବଲୁପ୍ତ ଯୌବନର, ଝରାଫୁଲ ସଂସାରର ଦୁଃଖ, ଶୋକ, ଯନ୍ତ୍ରଣା କ୍ଲେଶ, କ୍ଲାନ୍ତିର ପ୍ରତୀକ । ନାୟକ ତରଙ୍ଗ ନାୟିକା ବିନୀତା ପରି ଜୀବନକୁ ସ୍ୱପ୍ନ,ଉପଭୋଗ ଭିତରେ ନଦେଖି ଜୀବନର ଆବଶ୍ୟକତା,ଜୀବନର ବାସ୍ତବତାକୁ ଚିହ୍ନିଛି। ପ୍ରୟୋଗବାଦୀ କବି ରମାକାନ୍ତ ରଥ,ସୀତାକାନ୍ତ ମହାପାତ୍ର, ସୌଭାମ୍ୟ ମିଶ୍ର ଏବଂ ଦୀପକ ମିଶ୍ରଙ୍କ କବିତାରେ ମଧ୍ୟ ପ୍ରତୀକ ବିବିଧ ରୂପ ଘେନି ପ୍ରକାଶ ପାଇଛି । ସମୁଦ୍ର, ଚିତ୍ରନଦୀ,ସପ୍ତମ ପୃଥିବୀ,ତୃତୀୟ ଚକ୍ଷୁ,କାଗଜ ଡଙ୍ଗାର ଶୋକ,ଅନ୍ଧ ମହୁମାଛି, ଅରଣା ମଇଁଷି ଆଦି ନାମକରଣ ମଧ୍ୟରେ ପ୍ରତୀକ ପ୍ରୟୋଗକୁ ଲକ୍ଷ୍ୟ କରାଯାଇଥାଏ। କବି ସୀତାକାନ୍ତ ମହାପାତ୍ର ସମୁଦ୍ର,କଇଁଚ,ମଲାଓଟ, ମରୁଭୂମି,ନଈ,ଗାଉଁଲି କମାର,ଗାଉଁଲି ତନ୍ତୀ,ଆଦି ଚିତ୍ର ମାଧ୍ୟମରେ ଜୀବନ,ମୃତ୍ୟୁ,ମଣିଷ,ଭଗବାନ ଓ ବୃହତ୍ତର ଚେତନାର ପ୍ରତୀକ ଭାବରେ କବିତାରେ ପ୍ରୟୋଗ କରିଛନ୍ତି। ସେହିପରି ରମାକାନ୍ତ ରଥ ମଧ୍ୟ ବିମାନ ବନ୍ଦର, ବ୍ୟୋମଯାନ,ପକ୍ଷୀ,ଛୁରୀ,ନଈ,ସମୁଦ୍ର ଢେଉ, ଲଣ୍ଡନ ଇତ୍ୟାଦିକୁ ପ୍ରତୀକ ଭାବେ ବ୍ୟବହାର କରିଛନ୍ତି। ପ୍ରତିଭା ଶତପଥୀଙ୍କ ସାହାଡ଼ା ସୁନ୍ଦରୀ,ଦୀପକ ମିଶ୍ରଙ୍କ କବିତାର ମୃତ୍ୟୁକୁ ଅରଣା ମଇଁଷି,ମୃତ୍ୟୁ ପରବର୍ତ୍ତୀ ଏକ ଭୌତିକ ଜଗତକୁ ସପ୍ତମ ପୃଥିବୀ ଭାବରେ ପ୍ରତୀର୍ବିତ କରିଛନ୍ତି।

**ଚିତ୍ରକଳ୍ପ ପ୍ରୟୋଗ :** ସଂପ୍ରତି କାବ୍ୟ ସୃଷ୍ଟିରେ ଦୁଇ ପ୍ରକାର ରୀତି ଅନୁସୃତ ହେଉଛି, ଗୋଟିଏ ହେଉଛି ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ, ଅପରଟି ହେଉଛି ଅର୍ନ୍ତଦୃଷ୍ଟି ସଂପନ୍ନ ରଚନା ରୀତିର କାବ୍ୟ ସୃଷ୍ଟରେ ମନସ୍ତତ୍ତ୍ୱବିତ୍‌ଙ୍କର ଆନନ୍ଦ ମନସ୍ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଚେତନ ସ୍ତରର କଥା ଚେତନ ସ୍ତରରେ ଘଟୁଥିବା ସୁଖ ଦୁଃଖ ଚିରନ୍ତନ ଅନୁଭୂତି ଓ ଅଭିଜ୍ଞତାର ବିଶ୍ଳେଷଣ କରାଯାଇଥାଏ। ବିଶ୍ୱ ସାହିତ୍ୟର ଅଧିକାଂଶ ସୃଷ୍ଟି ଏହି ପର୍ଯ୍ୟାୟଭୁକ୍ତ। ଦ୍ୱିତୀୟଟି ପ୍ରଥମର ବିପରୀତ ଏଥିରେ ବର୍ଣ୍ଣିତ କାବ୍ୟ ଉପାଦାନ,ଲେଖକୀୟ ଅଭିଜ୍ଞତା ସଂପୂର୍ଣ୍ଣ ଅପରିଚିତ ଜଗତର। ଏହା ମଣିଷର ଚେତନମନର ଅନ୍ତରାଳରେ ଥିବା ଅପରିଚିତ ଅଭିଜ୍ଞତା ଜଗତରୁ ସୃଷ୍ଟି ହୋଇ ନିଜର ସ୍ଥିତି ପ୍ରକାଶ କରେ ଓ ମଣିଷର ଅତିମାନବୀୟ ଜଗତକୁ ପ୍ରବୋଧନ କରେ। ଅର୍ନ୍ତଦୃଷ୍ଟି ତଳେ ଅଦ୍ଭୁତ ଏକ ଜଗତ ମୁହୂର୍ତ୍ତକ ମଧ୍ୟରେ ଉଦ୍ଭାସିତ ହୋଇଉଠେ। କବି ଓ ସାହିତ୍ୟକମାନେ ଏହି ଅର୍ନ୍ତଦୃଷ୍ଟିରେ ଅଧିକାରୀ। ଅନ୍ତଦୃଷ୍ଟି ସଂପନ୍ନ ସ୍ରଷ୍ଟା ଐତିହାସିକ ପୌରାଣିକ ପରିମଣ୍ଡଳ ମଧ୍ୟରୁ ଉପାଦାନ ସଂଗ୍ରହ କରି ଏହା ମାଧ୍ୟମରେ ଆଦିମ ଅଭିଜ୍ଞତାକୁ ସମୁଚିତ ରୂପ ପ୍ରଦାନ କରିଥାଆନ୍ତି। ମନସ୍ତତ୍ତ୍ୱବିଦ୍‌ଙ୍କ ଦୃଷ୍ଟିରେ,ପୌରାଣିକ ଉପାଦାନ ସାହାଯ୍ୟରେ ଆଦିମ ଅଭିଜ୍ଞତାକୁ ଯେଉଁ ରୂପ ପ୍ରଦାନ କରିଥାଆନ୍ତି ତାହାକୁ ପୂର୍ବ ବ୍ୟବହୃତ ଉପାଦାନ ବୋଲି ମନେ କରିବା ଉଚିତ୍ ନୁହେଁ। ଏହି ଆଦିମ ଅଭିଜ୍ଞତା କବିଙ୍କ ସୃଷ୍ଟିର ମୂଳ ଉତ୍ସ। ଏହାର ଗଭୀରତା ଅଗାଧ। ଅନନ୍ତ ଓ ଅପରିସୀମ। ଏହାକୁ ରୂପ ଦେବାପାଇଁ ପୈରାଣିକ ଚିତ୍ରକଳ୍ପର ସହାୟତା ଲୋଡ଼ା ପଡ଼େ। ସ୍ୱୟଂ ପରିପ୍ରକାଶ ହେବାକୁ ଭାଷା ନଥାଏ ୟୁଙ୍ଗଙ୍କ ମତରେ,ଏହା ଠିକ୍ ଏକ ଘୂର୍ଣ୍ଣିବାତ୍ୟା ସଦୃଶ। ଚାରିପାଖରେ ଯାହା କିଛି ପାଏ ସବୁଧରି ଉର୍ଦ୍ଧ୍ୱକୁ ଉଠିଆସେ

ତତ୍‌ପରେ ପ୍ରତୀକ୍ଷୀଭୂତ ରୂପ ପାଇଥାଏ। ଏହାର ପରିସମାପ୍ତି ନଥାଏ, କି ଏହାକୁ କେହି ନିଃଶେଷ କରିପାରେନା। ଏହା ଚିରକାଳ ଅପର୍ଯ୍ୟାପ୍ତ ମନେହୁଏ। ଚିତ୍ରକଳ୍ପ ସଂଗୃହୀତ ଉପାଦାନ କିପରି ଇନ୍ଦ୍ରିୟଜ ଅନୁଭୂତି ସହ ଜଡ଼ିତ ତାହା ବର୍ତ୍ତମାନ ଆଲୋଚନା ସାପେକ୍ଷ।

୧୮୯୫ ମସିହାରେ H.G Lewis ଙ୍କର Distinicl image Necessary ନାମକ ଏକ ପ୍ରବନ୍ଧ ପ୍ରକାଶ ପାଇଲା ଏହି ପ୍ରବନ୍ଧରେ 'Lewis' ଚିତ୍ରକଳ୍ପକୁ କାବ୍ୟ ବିଚାରର ମୁଖ୍ୟ ମାନଦଣ୍ଡ ଭାବେ ଗ୍ରହଣ କଲେ। ପରେ ରେମି ଦି.ଗୁର୍ମି (Remy de Gurmount) କବିଙ୍କୁ ଚିତ୍ରକଳ୍ପନାର କବି ଓ ଭାବାନୁଭୂତିର କବି ଭାବେ ଦୁଇଭାଗରେ ବିଭକ୍ତ କଲେ। ରେମି କହିଲେ କବି ମଧ୍ୟ ଚିତ୍ର ଅଙ୍କନ କରିବାକୁ ସମର୍ଥ ହୋଇଥାଏ। ତାଙ୍କ ମତରେ ଚିତ୍ରକଳ୍ପନାର କବି ସର୍ବୋତ୍କୃଷ୍ଟ। ଚିତ୍ର କଳ୍ପନାର କବି ନୂଆ ନୂଆ 'ମେଟାଫର'ର ଅନୁସନ୍ଧାନ କରୁଥାଏ। ତୁଳନା ହେଉଛି ଏହାର ମୁଖ୍ୟ କଥା। ମାତ୍ର ତୁଳନା ସମୟରେ ଦୁଇଟି ଭିନ୍ନ ବସ୍ତୁ ମଧ୍ୟରେ ଅଭିନତ୍ୱ ପ୍ରତିଷ୍ଠା ସମ୍ଭବପର ହୁଏ ନାହିଁ। କେଉଁଠି ନା କେଉଁଠି ଅପୂର୍ଣ୍ଣତା ରହିଯାଏ। ତେଣୁ ଦୃଷ୍ଟି ବା ଶ୍ରୁତିରେ ସାଦୃଶ୍ୟ ଥିବା ଦୁଇ ବସ୍ତୁ ମଧ୍ୟରେ ତୁଳନା ଏହି ଅପୂର୍ଣ୍ଣତାକୁ ଦୂର କରେ। ମନୁଷ୍ୟ ପଞ୍ଚଇନ୍ଦ୍ରିୟର ଅଧିକାରୀ ଚକ୍ଷୁ, କର୍ଣ୍ଣ, ଜିହ୍ୱା, ନାସା ଓ ତ୍ୱକ୍ ପଞ୍ଚଇନ୍ଦ୍ରିୟର ଅନ୍ତର୍ଭୁକ୍ତ। ଏହା ମାଧ୍ୟମରେ ଆମେ ଅନୁଭବ କରିଥାଉ। ହୃଦୟ ମଧ୍ୟ ଏହାର ଏକ ବିଶିଷ୍ଟ ମାଧ୍ୟମ। ପ୍ରତ୍ୟେକଟି ଇନ୍ଦ୍ରିୟ ଅନୁଭୂତି ସହିତ ଜଡ଼ିତ ଇନ୍ଦ୍ରିୟ ଅନୁଭୂତିକୁ ଯଦି ଲେଖକ ହୃଦୟରେ ହୃଦୟରେ ଅନୁଭବ କରିବେ ତେବେ ତାହା ହୃଦୟର ଏକାନ୍ତ ନିଜସ୍ୱ ପାଲଟି ଯାଏ। ଏହି ହୃଦୟାନୁଭୂତିକ ଲେଖକ ଇମେଜ୍ ମାଧ୍ୟମରେ ନିଜ ଭାଷାରେ ବ୍ୟକ୍ତ କରେ। ଶବ୍ଦ ପାଲଟି ଯାଏ ଦର୍ଶନୀୟ ଚିତ୍ର। ଏହା ହୃଦୟ ସଂପର୍କ ଯୋଡ଼ିଥାଏ। ସେଥିପାଇଁ T.E ଗଦା ଗଦା ବହି ଲେଖିବା ଅପେକ୍ଷା ଗୋଟିଏ, ସୁନ୍ଦର ଇମେଜ୍ ସୃଷ୍ଟି କରିବା କବି ପାଇଁ ଉତ୍ତମ ବୋଲି ମତବ୍ୟକ୍ତି କରିଥିଲେ। J.E. Hume ମଧ୍ୟ ଚିତ୍ର କଳ୍ପର ଗୁରୁତ୍ୱକୁ ଉପଲବ୍ଧ କରି ଗଦ୍ୟ ଓ କବିତା ମଧ୍ୟରେ ଥିବା ପ୍ରଭେଦ ନିରୂପଣ କଲେ।

ଚିତ୍ରକଳ୍ପବାଦୀ କବି ମାନଙ୍କର (ଏଜରାପାଉଣ୍ଡ, ହ୍ୟୁମ୍, ଇ.ଷ୍ଟୋରର, ଏଫ୍ ଫାର) ମିଳିତ ପ୍ରଚେଷ୍ଟାରେ ଆମେରିକୀୟ ଇମେଜ୍ ମୁଭ୍‌ମେଣ୍ଟ ଆରମ୍ଭ ହେଲା,ଏଜରାପାଉଣ୍ଡଙ୍କ ନିୟମାବଳୀ ସାଙ୍ଗକୁ ତରୁଣ କବିମାନଙ୍କର ଉପଦେଶ ଏହି ଆନ୍ଦୋଳନକୁ ପରିପୂର୍ଣ୍ଣ ରୂପ ଦେଲା। ଏହି ତ୍ରିସୂତ୍ର ନିୟମ ଓ ଉପଦେଶ ମଧ୍ୟରୁ 'ଚିତ୍ରକଳ୍ପ'ର ପ୍ରୟୋଗ ବିଧି ସଂପର୍କରେ ସବିଶେଷ ତଥ୍ୟ ଆମେ ପାଇପାରିବା

**ତ୍ରିସୂତ୍ର :**

- ଅନ୍ତରର କଥା ହେଉ କି ବାହ୍ୟ ଜଗତର କଥା, ଯାହା କହିବ ପ୍ରତ୍ୟକ୍ଷ ବା ସିଧାସଳଖ ଭାବେ କହିବ।
- କବିତାର ଉପସ୍ଥାପନାରେ ଆବଶ୍ୟକ ହେଉନଥିବା ଶବ୍ଦର ପ୍ରୟୋଗ କରିବା ଅନୁଚିତ୍।
- କବିତାର ଛନ୍ଦକୁ ଉପଧାମିଳନ ଭିତରେ ବାନ୍ଧି ନରଖି ଖଣ୍ଡବାକ୍ୟ ମାନଙ୍କର ସାଙ୍ଗୀତିକ ବିନ୍ୟାସ ମଧ୍ୟରେ ସଂଯୋଜିତ କରିବା ଉଚିତ୍।

**ଯୁବକବିମାନଙ୍କ ଉଦ୍ଦେଶ୍ୟରେ ଉପଦେଶ :**

- ସମାଲୋଚକମାନଙ୍କ ସମାଲୋଚନାକୁ ଭୟ କରିବ ନାହିଁ।
- ଏଭଳି ବିଶେଷଣର ପ୍ରୟୋଗ କରିବା ଉଚିତ୍ ଯାହା ଦ୍ୱାରା 'ଚିତ୍ରକଳ୍ପ' ମଳିନ ପଡୁନଥିବ।
- କବିତା ହୃଦୟଙ୍ଗମ କରୁଥିବା ଜଣେ ପାଠକକୁ ସନ୍ତୁଷ୍ଟ କରାଇବା ପାଇଁ ଯଥାସମ୍ଭବ ପ୍ରୟାସ କରିବା ଉଚିତ୍।
- ପୂର୍ବସୂରୀମାନଙ୍କ ଦ୍ୱାରା ପ୍ରଭାବିତ ହେବା ଉଚିତ୍। ମାତ୍ର ତା'ର ଅର୍ଥ ନୁହେଁ ସେମାନଙ୍କ କବିତାର ଧାଡ଼ି, ଉକ୍ତି ଚିତ୍ରକଳ୍ପ ପ୍ରୟୋଗ ବିଧିକୁ ସିଧାସଳଖ ଆଣି ନିଜ କବିତାରେ ପ୍ରୟୋଗ କରିବା
- କୌଣସି ଗୋଟିଏ ଦୃଷ୍ଟିକୋଣକୁ ନେଇ କବିତା ଲେଖାଯିବା ଉଚିତ୍ ନୁହେଁ।
- କବିତା ବର୍ଣ୍ଣନା ପ୍ରଧାନ ହେବା ଅନୁଚିତ୍।
- କବି ଏଭଳି କୌଶଳ ଅବଲମ୍ବନ କରିବାକୁ ହେବ ଯାହା ଚିତ୍ରଶିଳ୍ପୀ ପକ୍ଷେ କରିବା ଅସମ୍ଭବ ହୋଇପଡ଼ିବ।
- କବିତାର ପଂକ୍ତି ସଂରଚନା ଉପରେ ଧ୍ୟାନ ଦେବା ଜରୁରୀ, ଯଦି ଶୃଙ୍ଖଳାବଦ୍ଧ ଶୈଳୀରେ କବିତା ଲେଖାଯାଏ, ତେବେ କେତୋଟି ଧାଡ଼ିରେ ବକ୍ତବ୍ୟ ସମାପନ କରି ଅନ୍ୟ ଧାଡ଼ି ଗୁଡ଼ିକୁ ଅପାଙ୍କ୍ତେୟ କରି ଦିଅ ନାହିଁ।
- କବି ପାଇଁ ପ୍ରତ୍ୟେକଟି ଧାଡ଼ି ଗୁରୁତ୍ୱପୂର୍ଣ୍ଣ।
- ଜୋର୍ ଜବରଦସ୍ତକରି ଛନ୍ଦରେ ଚମକ ଆଣିବାକୁ ପ୍ରୟାସ କରିବା ଅନୁଚିତ୍। ଏଜ୍‌ରା ପାଉଣ୍ଡଙ୍କ ଆନ୍ଦୋଳନକୁ ପରିପୂର୍ଣ୍ଣ ରୂପ ଦେଲା। ଏଜରା ସମ୍ପାଦନାରେ Des Imaginist anthology ନାମକ ଏକ ସଂକଳ୍ପ ପ୍ରକାଶ ପାଇଲା। ପାଉଣ୍ଡଙ୍କ ମତରେ ଚିନ୍ତା ବା ତର୍କ କବିତାର ମୂଳ ଉତ୍ସ ହୋଇପାରେ କିନ୍ତୁ ଇନ୍ଦ୍ରିୟାଭୂତି ହେଉଛି କବିତାର ମରମ କଥା। ଚିତ୍ରକଳ୍ପ ଦ୍ୱାରା ଏହା ଆହୁରି ମାଧୁର୍ଯ୍ୟମୟ ହୋଇ ଉଠେ । ବିଭିନ୍ନ ଭାବ, ଚିନ୍ତା, ମାନସିକ ଅବସ୍ଥା ମଧ୍ୟରେ ଏହା ଏକ ନିବିଡ଼ ଯୋଗସୂତ୍ର ସ୍ଥାପନ କରିଥାଏ। ଏହା ବୌଦ୍ଧିକତା ସମୃଦ୍ଧ ନହୋଇ କବିର ଭାବାବେଗ ସହିତ ଜଡ଼ିତ ହୋଇଥାଏ। ସମଗ୍ର ବିଶ୍ୱସାହିତ୍ୟକୁ ପ୍ରଭାବିତ କରିଥିବା 'ଚିତ୍ରକଳ୍ପ' ପ୍ରୟୋଗ ବିଧିକୁ ଓଡ଼ିଆ ସାହିତ୍ୟର ପ୍ରୟୋଗବାଦୀ କବିମାନେ ଗ୍ରହଣ କରିଦେଇଛନ୍ତି। ବକ୍ତବ୍ୟରେ ବଳିଷ୍ଠତା ପାଇଁ କବି କବିତାରେ ଚିତ୍ରକଳ୍ପର ସହାୟତା ଲୋଡ଼ିଥାଆନ୍ତି। ବେଳେବେଳେ ଏହା ଗୋଟିଏ ଶବ୍ଦ ମଧ୍ୟରେ ପ୍ରକାଶପାଏ ତା' ବେଳେବେଳେ ଏକାଧିକ ଧାଡ଼ିରେ ମଧ୍ୟ ଏହାର ପ୍ରୟୋଗ କରାଯାଏ। ଚିତ୍ରକଳ୍ପର ପ୍ରୟୋଗର ବ୍ୟାପକ ପରିସର ମଧ୍ୟରେ ମିଥ୍ ଓ ପ୍ରତୀକର ଉପାଦାନ ମଧ୍ୟ ପ୍ରକାଶିତ ହୋଇଥାଆନ୍ତି। ନିମ୍ନରେ ପ୍ରଦତ୍ତ ଦୁଇଟି କବିତାରୁ ଚିତ୍ରକଳ୍ପ ପ୍ରୟୋଗ ସମ୍ପର୍କରେ ଆମେ ଅବଗତ ହୋଇପାରିବା।
- " ଅବନା କବିତା ପରି ଧାନର କିଆରୀ
  ହିଡ଼ରେ ମାତ୍ରା ବା ସବୁ ଯାଇଅଛି ଭାଜି
  ତଥାପି ତ ଭଲ ଲାଗେ ବେଶ୍ ସେଇ ମୁଦ୍ରା ଦୋଷ,
  ସମତଳ ଶୁଆପରି ଭୂମଣ୍ଡଳ ଆଦି।" (ଏକ ଉତ୍ତୀର୍ଣ୍ଣ ଶ୍ରାବଣ - ସଚ୍ଚି ରାଉତରାୟ)

- " ଶବ୍ଦ ସବୁ ଡେଇଁ ଡେଇଁ ହଂସ ଛୁଆପରି ଚାଲିଯିବେ ଶାଳ ଜଙ୍ଗଲକୁ ।"

(ଛୁଟିଲେ ଘଟ - ରମାକାନ୍ତ ରଥ)

ପ୍ରଥମ ପଂକ୍ତିରେ ଦୁଇ ପ୍ରକାର ଚିତ୍ରକଳ୍ପ ପ୍ରୟୋଗ କରାଯାଇ ଉଭୟ ମଧ୍ୟରେ ଏକ ସାମଞ୍ଜସ୍ୟ ରକ୍ଷା କରାଯାଇଛି । 'ଧାନ କିଆରୀ' ଓ 'ଅବନା କବିତା'- ଦୁଇଟି ଯାକ ପୃଥକ ଜିନିଷ । କିନ୍ତୁ କବିର ଅନୁଭବରେ ଧାନ କିଆରୀରେ ମଧ୍ୟ କବିତାର ଦ୍ୟୋତନା ଅଛି । ଯେଉଁଠି ହିଡ଼ର ମାତ୍ରା ଭାଂଗିଯାଇ ସମତଳ ଶୁଆପରି ସବୁଜ, ମସୃଣ ଦିଶୁଛି ।

ଦ୍ୱିତୀୟ ପଂକ୍ତିରେ ଶବ୍ଦ ପରି ଏକ ଧ୍ୱନିମୟ ରୂପକୁ ଚିତ୍ରକଳ୍ପ ମାଧ୍ୟମରେ କବିତାରେ ଚରିତ୍ରାୟିତ କରାଯାଇଛି । ସଂପୂର୍ଣ୍ଣ ନିଜସ୍ୱ ପରିଚିତ ପରିବେଶ ମଧ୍ୟରୁ ସଂଗୃହିତ ଚିତ୍ରକଳ୍ପ ଗୁଡ଼ିକ ବାହାରକୁ ଅତି ସାଧାରଣମନେ ହେଉଥିଲେ ମଧ୍ୟ ପ୍ରକୃତ ପକ୍ଷେ ଏହା ଅତ୍ୟନ୍ତ ତୀକ୍ଷଣ ଭାବକୁ ବ୍ୟକ୍ତ କରୁଛି ।

**ଆର୍କିଟାଇପ୍‌ସ :** ଆର୍କିଟାଇପ୍‌ସର ପ୍ରୟୋଗ ମଧ୍ୟ ପ୍ରୟୋଗବାଦୀ ଓଡ଼ିଆ କବିତାରେ ଦେଖିବାକୁ ମିଳିଲା । ପ୍ରଥମେ ଆର୍କିଟାଇପ୍‌ସ ସଂପର୍କରେ ସବିଶେଷ ଧାରଣା ଦେବା ଆବଶ୍ୟକ ମନେହୁଏ ।

'ସିଗ୍‌ମଣ୍ଡ ଫ୍ରଏଡ଼' ମନୋଜଗତରେ ତିନୋଟି ସ୍ତର ରହିଛି ବୋଲି କହିଲେ । ତାହା ହେଉଛି -

- ସଚେତନ (Consciouys)
- ପ୍ରାକ୍‌ଚେତନ (Pre-conscious)
- ଅବଚେତନ (Unconscious)

ମନସ୍ତତ୍ତ୍ୱବିଦ୍ 'ୟୁଙ୍ଗ୍' ମନକୁ ଦୁଇଭାଗରେ ବିଭକ୍ତ କଲେ ।

- ବ୍ୟକ୍ତିଗତ ଅବଚେତନ (Personal Conscious)
- ସାମୂହିକ ଅବଚେତନ (Collective- unconscious)

ଚେତନ ସ୍ତର ସହିତ ବ୍ୟକ୍ତିଗତ ଅବଚେତନ ସଂଯୁକ୍ତ ହୋଇ ରହିଥାଏ । ଦିନେ ଯାହା ଚେତନ ସ୍ତରରେ ଥିଲା ତାହା ଅବଦମିତ ହୋଇ ବ୍ୟକ୍ତିଗତ ଅବଚେତନ ରୂପରେ ପ୍ରକାଶ ପାଏ । ଏହି ବ୍ୟକ୍ତିଗତ ଅବଚେତନ ତଳେ ଆହୁରି ଏକ ସୁଗଭୀର ସ୍ତର ଅବସ୍ଥିତ । ଯାହାକୁ ସାମୂହିକ ଅବଚେତନ କୁହାଯାଏ । ଏହା ସାର୍ବଜନୀନ, ବ୍ୟକ୍ତିଗତ ନୁହେଁ । ସାମୂହିକ ଅବଚେତନର ଆଧେୟ ଭୂମି ହେଉଛି ଆର୍କିଟାଇପ୍‌ସ । ଅର୍ଥାତ୍ ଯିଏ ନିତ୍ୟ, ଶାଶ୍ୱତ । ସମସ୍ତ ଭେଦାଭେଦ ଅତିକ୍ରମ କରି ଯୁଗଯୁଗର ସବୁ ମାନବିକ ଅଭିଜ୍ଞତା ନେଇ ଉଦ୍‌ଭାସିତ । ବ୍ୟକ୍ତି, ଜାତି, ଗୋଷ୍ଠୀ ଭିତରେ ସେ ସର୍ବକାଳ ବିଦ୍ୟମାନ । ସେହି ମାନସିକ ସ୍ଥିତିର ଅଧେୟ ହେଉଛି ଆର୍କିଟାଇପ୍‌ସ । ମିଥ୍, ପରୀକଥା ଓ ଆର୍କିଟାଇପାଲ୍ ଚିତ୍ରକଳ୍ପ ମାଧ୍ୟମରେ ଏହାର ପରିପ୍ରକାଶ ଘଟିଥାଏ । ଏହାର ସ୍ୱରୂପ ଓ ଅଭିପ୍ରାୟ ବିଶ୍ୱର ସମସ୍ତ ସାହିତ୍ୟ ପାଇଁ ସମାନ ।

**ଆର୍କିଟାଇପଲ ଥିମ୍‌ସ :** ପ୍ରାଣୀମାନଙ୍କ ଚିରାଚରିତ ବ୍ୟବହାର ଓ ମଣିଷର ଅଭିଜ୍ଞତାରୂପକ ସଂପର୍କ ସୂତ୍ରରୁ ଏହାର ସ୍ୱରୂପ ବୁଝାଯାଏ । ଏହା ଅର୍ଦ୍ଧ ପୌରାଣିକ । ଆର୍କିଟାଇପ୍‌ର ଅନ୍ତର୍ଭୁକ୍ତ କେତୋଟି ପରିଚିତ ଥିମ୍‌କୁ ଏଠାରେ ଆଲୋଚନା କରାଯାଇପାରେ ।

**ଆଦିଜନନୀ :** ଇଂରାଜୀରେ The Magna Mater କୁହାଯାଏ । ଏହା ରହସ୍ୟମୟ ଓ ପ୍ରଭାବଶାଳୀ । ମଣିଷର ବୁଦ୍ଧି ତାକୁ ସ୍ପର୍ଶ କରିପାରେ ନାହିଁ । ଧର୍ମ, ସାହିତ୍ୟ, ପୁରାଣ, ଲୋକକଥା ଓ ବ୍ୟକ୍ତିଗତ ଜୀବନରେ ଏହାର ଭୂମିକା ସମଗ୍ର ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ । ଇତିହାସରେ ତାହା ବିଭିନ୍ନ ନାମ ଏବଂ ଭୂମିକାରେ ଆବିର୍ଭୂତ ହୋଇଥାଏ । ଭାରତବର୍ଷରେ ଦିତି, ଅଦିତି, ଦେବକୀ, ଆସିରିଆ ଓ ବେବି ଲୋନ୍‌ରେ ଇସ୍ତର (Tshter), ଫୋନେସିଆରେ ଆସ୍ତାର୍ତ୍ତେ (Astarte) । ଏହି ଆଦି ନାମରେ ଜନନୀ ପରିଚିତ । ପୁଣି ଭାରତରେ ବିଭିନ୍ନ ସଂସ୍କୃତିରେ ଧରଣୀମାତା, ପାତାଳର ରାଣୀ, ପ୍ରକୃତି ଦେବୀ, ରତି ପ୍ରତିମା, ଯୁଦ୍ଧର ଦେବତା, ଶିକାରର ଦେବତା ରୂପରେ ପ୍ରକଟିତ । ଆଦି ଜନନୀ ଗୋଟି, ମୂର୍ତ୍ତିରେ ଆତ୍ମ ପ୍ରକାଶ କରି ବିଭିନ୍ନ ଭୂମିକା ନିର୍ବାହ କରିଥାନ୍ତି ।

କବି ସୀତାକାନ୍ତ ମହାପାତ୍ର 'ମାଟି ଓ ମଣିଷ' କବିତରେ ଅତି ସୁନ୍ଦର ଭାବେ ଆଦି ଜନନୀ ଆର୍କିଟାଇପ୍‌ର ବ୍ୟବହାର କରିଛନ୍ତି । କବିପରି ମୁଖ୍ୟ ପ୍ରସଂଗ ହେଉଉଛି ମୃତ୍ୟୁ ଓ ପୁନର୍ଜନ୍ମ । ଜୀବନକୁ ମମୃତ୍ୟୁ ଓ ମୃତ୍ୟୁର ପରିବେଶ ମଧ୍ୟରୁ ଉଦ୍ଧାର କରି ସଥ୍ୟ ଓ ଶାଶ୍ୱତ ପଥରେ ଅଗ୍ରସରେ କରାଇବା ପାଇଁ କବି ଆଦି ଜନନନୀ ଆର୍କିଟାଇପ୍‌ର ବ୍ୟବହାର କରିଛନ୍ତି । କବି ଦେବକୀଙ୍କୁ ମାଟି ଓ ପ୍ରକୃତିର ଦୁଇଟି ଦୁଇଟି ବିଭିନ୍ନ ରୂେପ ଭାବେ ଦର୍ଶାଇଛନ୍ତି ବସୁଦେବ କହୁଛନ୍ତି :-

" ହେ ପୃଥିବୀ, ହେ ଦେବକୀ, ମଧୁମତୀ
ମଧୁକ୍ଷରା ହେ ଆଦିଜନନୀ
ସମସ୍ତ କଅଁଳା ପିଲା ଆମେ ସବୁ ଡ଼ାକମାରୁ
ଆଦିମାତା ହେ ସିର୍ବଲ, ରୀଆ ଓ ଇସ୍ତର
ଆହେ ଶାକମ୍ଭରୀ ଦେବୀ
ଲବୋସୁମ୍ କିଣ୍ଟୁର ପ୍ରଥମ କିଆରୀ ।" (ମାଟି ଓ ମଣିଷ)

ମାଟି ଓ ପ୍ରକୃତିର ଦୁଇଟି ଭିନ୍ନ ରୂପ ସହିତ ଆଦିଜନନୀ ଅରର୍କିଟାଇପ୍‌ର ଦୁଇ ବିଭିନ୍ନ ରୂପ ସୁସ୍ପଷ୍ଟ । ଗୋଟିଏ କାନ୍ତ କୋମଳ ସାମୟିକ ନିଷ୍ଠୁରତା ମଣିଷକୁ ଭୟଭୀତ କରିଦେଇଛି । ତେଣୁ ସେ ବିକଳ ଭୋଇ ଅପଦେବତାମାନଙ୍କୁ ନିଜ ଅଜାଣତରେ ହେଲେ ମଧ ସ୍ୱୀକାର କରିଛି । ଆଦିଜନନୀ ଆକିୟଟାଇପାଲ୍‌ଥିମ୍ କବିତାର ସ୍ଥାପତ୍ୟ ସଂଗଠନକୁ କାବ୍ୟୋଚିତ୍ ଶୃଙ୍ଖଳା ଓ ସଂହତି ପ୍ରଦାନ କରିଛି ।

**ଜ୍ଞାନୀ ବୃଦ୍ଧ :** ଏହାକୁ ଇଂରାଜୀରେ The Wiseddman କୁହାଯାଏ । ପୁରାଣ, ଲୋକସାହତ୍ୟ, ଇତିହାସ ଧର୍ମ ଓ ମଣି ଷର ବ୍ୟକ୍ତିଗତ ଅଭିଜ୍ଞତାରେ ଯେଉଁ ପୁରୁଷ ମୂର୍ତ୍ତିଟି ସଦା ଅବତୀର୍ଣ୍ଣ ତାଙ୍କୁ ଜ୍ଞାନୀବୃଦ୍ଧ କୁହାଯାଏ । ଜ୍ଞାନୀ ବୃଦ୍ଧ ଅନେକ ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତ । ଇଶ୍ୱର, ଦେବଦୂତ ଋଷି, ବିଧାନକର୍ତ୍ତା, ରାଜା, ମନ୍ତ୍ରୀ, ଦାର୍ଶନିକ, ଧର୍ମଯାଜକ, ଅଧ୍ୟାପକ, ବିଚାରପତି, ଡାକ୍ତର,ଐନ୍ଦ୍ରଜାଲିକ ଇତ୍ୟାଦି । ମଣିଷର ମନ ଉପରେ ଏହାର ପ୍ରଭାବ ଅପରିସୀମ । ଏମାନେ ସମସ୍ତେ ଯୁଗ ଯୁଗର ସଞ୍ଚିତ ମାନବିକ ପ୍ରଜ୍ଞା ଓ ଅଭିଜ୍ଞତାର ମୂର୍ତ୍ତ ପ୍ରତୀକ । ମହାତ୍ମାଗାନ୍ଧୀ, ଆରିଷ୍ଟଟଲ, ବୁଦ୍ଧ, କାର୍ଲମାର୍କସ ସେହି ରୁପ ପ୍ରକ୍ଷେପଣର ଏକ ଏକ ଐତିହାସିକ ବ୍ୟକ୍ତି । ଏହା ମନୁଷ୍ୟ ସମାଜ ପାଇଁ କଲ୍ୟାଣକାରୀ ସାବ୍ୟସ୍ତ ହୋଇଥାଏ । ଏହାର ବୈଶିଷ୍ଟ୍ୟ ହେଉଛି ମହତ୍ ସୃଷ୍ଟି ଓ ଲୁପ୍ତ

ଜ୍ଞାନର ଉଦ୍ଧାର। ମଣିଷର ସମସ୍ତ ଜ୍ଞାନ ଗବେଷଣା ଓ ଦାର୍ଶନିକ ବୈଜ୍ଞାନିକ ଅନୁସନ୍ଧାନ ମୂଳରେ ଏହି ଆର୍କିଟାଇପ୍ କ୍ରିୟାଶୀଳ।

**ଆଲୌକିକ ଶିଶୁ :** ଏହା ଏକ ଅଦ୍ଭୁତ ଅଲୌକିକ ଆର୍କିଟାଇପ୍। ନୂତନ ସମ୍ଭାବନା ଉଦ୍ରେକକାରୀ। ନବ ଜୀବନର ଆନନ୍ଦ ଉଦ୍ରେକ କରାଇଥାଏ। ଆଲିକିକ ଶିଶୁର ଆଗମନରେ ଶୁଭ ସମ୍ବାଦ ପ୍ରାପ୍ତ ହୁଏ ଓ ମୃତ୍ୟୁ ଭୟ ଦୂର ହୁଏ।

**ବୀରଦାତା :** ଏହି ଆର୍କିଟାଇପ ଆଦି ଜନନୀ ଓ ଆଲୌକିକ ଶିଶୁ ସହିତ ନିବିଡ଼ ସୂତ୍ରରେ ସଂଯୁକ୍ତ। ବୀରଯୋଦ୍ଧାଙ୍କ ଜନ୍ମ ରହସ୍ୟମୟ। ଜନ୍ମର ସମୟରେ ମାଟି ଏବଂ ଆକାରେ ବିଭିନ୍ନ ପ୍ରକାର ଶୁଭାଶୁଭ ଲକ୍ଷଣ ପ୍ରକଟିତ ହୋଇଥାଏ। ଶିଶୁ ଅବସ୍ଥାରେ ବୀରଦାତା ଆର୍କିଟାଇପ ବହୁ ଆଲୌକିକ ଅଦ୍ଭୁତ କର୍ମ ସଂପାଦନ କରିଥାଆନ୍ତି। ପୁତନା,ବକାଶୁର,ଶକଟାସୁରଙ୍କୁ ମାରି ପାରନ୍ତି। ଆଦିଜନନୀ ଆର୍କିଟାଇପ୍ ତାଙ୍କର ପତ୍ନୀ କିମ୍ବା ଜନନୀ ହୋଇଥାଏ। ସମୟେ ସମୟେ ଏହି ଆର୍କିଟାଇପ୍ ଜ୍ଞାନୀବୃଦ୍ଧ ଆର୍କିଟାଇପ୍ ସହିତ ଏକାତ୍ମ ମନେ ହୁଏ। ରାମଚନ୍ଦ୍ର, ଶ୍ରୀକୃଷ୍ଣ, ରାଜା ଆର୍ଥର ଏମାନେ ଉଭୟ ବୀରଦାତା ଓ ଜ୍ଞାନୀବୃଦ୍ଧ ଆର୍କିଟାଇପର। ଏହି ଆର୍କିଟାଇପ୍‌ର ମୁଖ୍ୟ ବୈଶିଷ୍ଟ ହେଉଛି ମହତ୍ୱ କାର୍ଯ୍ୟ ସହିତ ଦୁଃସାହାସିକ କାର୍ଯ୍ୟକ୍ରମ ସଂପାଦନ କରିବା।

ସୀତାକାନ୍ତ ମହାପାତ୍ରଙ୍କ କୁବତା ପାଇଁ ଗୋଟିଏ ସଂଗୀତ। କବିତା ବୀରଦାତା ଆର୍କିଟାଇପ୍‌ର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଜୀବନ ଅପେକ୍ଷା କରିଛି ବୀରଦାତାଙ୍କର ଶୁଭାଗମନକୁ। ତାଙ୍କ ସ୍ପର୍ଶରେ ଆଶା ପୂରଣ ହେବ। ସକଳ ଆକାଂକ୍ଷାର ପରିସମାପ୍ତି ଘଟିବ। ଏହି ଆର୍କିଟାଇପାଲ୍‌ଥିମ୍ ପ୍ରସଙ୍ଗ ସହିତ ମିଥ୍ ଚିତ୍ର କଳ୍ପର ସାମ୍ୟ ମଧ ଲକ୍ଷ କରାଯାଇଥାଏ। କବିତା, ମିଥ୍ ଜୀବନକୁ ଗୋଟିଏ ଆର୍କିଟାଇପାଲ୍ ଥିମ୍ ମାଧ୍ୟମରେ ଯୋଡ଼ିବାର ପ୍ରୟାସ କରିଛନ୍ତି।

**ମିଥ୍ :** ଓଡ଼ିଆ କବିତାର ଏହି ପ୍ରୟୋଗବାଦୀ ପର୍ବରେ ପାଠକ ସହିତ ମାନସିକ ଯୋଗାଯୋଗ ପ୍ରତିଷ୍ଠା ପାଇଁ କବିମାନେ 'ମିଥ୍' ପ୍ରୟୋଗକୁ ଏକ ପ୍ରମୁଖ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି। କିବ ଗୁରୁପ୍ରସାଦ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ, ଜ୍ଞାନୀନ୍ଦ୍ର ବର୍ମା ବେଣୁଧର ରାଉତ, ଚିନ୍ତାମଣି ବେହେରା ପ୍ରମୁଖ କବି ଏହି କାବ୍ୟଧର୍ମ ପ୍ରତି ବିଶେଷ ଆକୃଷ୍ଟ ହୋଇଛନ୍ତି। ପ୍ରଥମେ 'ମିଥ୍'ର ସ୍ୱରୂପ ସଂପର୍କରେ ଅବଗତ ହେବା। Encyclopedia of poetry and poetics ମତରେ',"ମିଥ୍‌କୁ ଏକ କାହାଣୀ ବା ଜଟିଳ କାହାଣୀ ଗୁଚ୍ଛର ମୌଳିକ ଉପାଦାନ ରୂପେ ସଂଜ୍ଞାୟିତ କରାଯାଇପାରେ। ତନ୍ମଧ୍ରୁ କେତେକ ସତ୍ୟ ଓ କାଳ୍ପନିକତା ଉପରେ ଆଧାରିତ। ମିଥ୍ ମାଧ୍ୟମରେ ମାନବର ପ୍ରାଥମିକ ଇତିହାସ ସଞ୍ଚିତ ହୋଇଥାଏ। ମନସ୍ତତ୍ତ୍ୱ କିମ୍ବଦନ୍ତୀ,ଲୋକକଥା,ପୁରାଣ, ଇତିହାସ, ନୃତତ୍ତ୍ୱରୁ ଉପାଦାନ ଆହରଣ କରି ଏହା ସ୍ୱୟଂ ସଂପୂର୍ଣ୍ଣ ସ୍ୱତନ୍ତ୍ର ରୂପ ଧାରଣ କରେ। ଏଥିରେ ମାନବୀୟ ଚିନ୍ତାଚେତନାର ସାମଗ୍ରିକ ପରିପ୍ରକାଶ ଘଟିଥାଏ।

ମିଥ୍ ସହିତ ଐତିହାସିକ ଘଟଣା ଓ ବାସ୍ତବ ଜୀବର ସଂଯୋଗ ପରିଦୃଷ୍ଟ ହୁଏ। ମିଥ୍‌ର ଅର୍ଥ ନୁହେଁ ଯେ ଐତିହାସିକ ବିବରଣୀ ପ୍ରଦାନ। ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ଗୌତମ ବୁଦ୍ଧଙ୍କ ଜନ୍ମ ପ୍ରସଙ୍ଗକୁ ଗ୍ରହଣ କରାଯାଇପାରେ। ଗୌତମ ଇତିହାସର ବାସ୍ତବ ପୁରୁଷ ଅଣବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ନିକଟରେ ଗୌତମଙ୍କ ଜନ୍ମ ପ୍ରସଙ୍ଗ ଏକ କିମ୍ବଦନ୍ତୀ ।

କିନ୍ତୁ ବୌଦ୍ଧ ସମାଜରେ ଏହା ମିଥ୍ ରୂପେ ଗୃହୀତ । ଅନେକ ମିଥକୁ ଲୋକ କାହାଣୀର ଏକ ଶାଖା ରୂପେ ଗ୍ରହ କରାଯାଇଥାଏ, ସୃଷ୍ଟିର ଉଦ୍ଭବ ଓ ଆଦି ସତ୍ତା ସଂପର୍କରେ ଏହା ସୂଚନା ପ୍ରଦାନ କରେ ଗବେଷକ ନୃତାତ୍ତ୍ୱିକମାନଙ୍କ ମତରେ ଲୋକ ସ୍ତରରେ ପ୍ରଚଳିତ ଏହି କାହାଣି ମାଳା ପରବର୍ତ୍ତୀ ସମୟରେ ବିବର୍ତ୍ତିତ ହୋଇ ମିଥ୍‌ରେ ରୂପାନ୍ତରିତ ହୋଇଥାଏ। ଆମର ପରଂପରାରେ ପ୍ରଚଳିତ ମହାଭାରତ ଓ ରାମାୟଣ ଏକାଧାରରେ ଇତିହାସ, ପୁରାଣ ମହାକାବ୍ୟ। ଏଥିରେ ଏପରି ଅନେକ କାହାଣୀ ସଂଯୋଜିତ ଯେ ଯାହା ଅତୀତରେ ଲୋକ ସ୍ତରରେ ଚାରଣ କବିମାନଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା। ଲୋକ ମିଥ୍‌ର ଏକ ଚମତ୍କାର କାବ୍ୟିକ ପ୍ରତୀକ ହେଉଛି 'ଫୁଲ'। ନୃତତ୍ତ୍ୱବିତ୍ ଶ୍ରୀ ଶରତ ଚନ୍ଦ୍ର ମିତ୍ର 'ରୟାଲ ଏସିଆଟିକ୍ ସୋସାଇଟି' ଦ୍ୱାରା ପ୍ରକାଶିତ ଏକ ପ୍ରବନ୍ଧରେ ଦର୍ଶାଇଥିଲେ ଯେ,'ଉଦ୍ଭିଦ ଜନ୍ମିବା,ମୃତ ଶରୀର ଉପରେ ଫୁଲ ଫୁଟିବା,ଏକ ସ୍ୱାଭାବିକ ସତ୍ୟ'। ମଣିଷ ଭିତରେ ମଧ୍ୟ ଉଦ୍ଭିଦର ଆତ୍ମା ବିଦ୍ୟମାନ। ଲୋକ କାହାଣୀରେ ଥିବା 'ଚମାରୁଣି ଝିଅ' ଗଳ୍ପରେ ରଜା ଝିଅର କଇଁଫୁଲ ହୋଇ ଫୁଟିବା, ପୁଣି ମା'କୁ ଦେଖିବା ପରେ ସୁନାନାକୀ ଝିଅରେ ରୂପାନ୍ତରିତ ହେବା,'କାଞ୍ଚନବତୀ' କଥାରେ ମୃତ୍ୟୁ ପରେ କାଞ୍ଚନବତୀ କଞ୍ଚନ ଗଛରେ ପରିଣତ ହୋଇ ଫୁଲ ଫୁଟିବା ଇତ୍ୟାଦି ପ୍ରସଙ୍ଗ ବିଦ୍ୟମାନ। ଆଧୁନିକ ଓଡ଼ିଆ କବିତାରେ ମଣିଷ ଫୁଲ ପାଲଟିବାରେ ଦୃଷ୍ଟାନ୍ତ ମଧ୍ୟ ରହିଛି। ଗୁରୁ ପ୍ରସାଦ ମହାନ୍ତିଙ୍କ 'ଚମ୍ପାଫୁଲ' ସନେଟରେ ଏହି ନୃତାତ୍ତ୍ୱିକ ସତ୍ୟକୁ ଉପଲବଧ କରାଯାଇ ପାରେ। ସମଗ୍ର କବିତାରେ 'ଫୁଲ' ଏକ ରୋମାଣ୍ଟିକ ଚେତନା ତଥା ଯୌନ ଚେତନାର ପ୍ରତୀକ। ଯାଦୁକରର କୁହୁକ ନିର୍ଦ୍ଦେଶରେ ହାଡ଼ ସବୁ ମୁକ୍ତା ରୂପକ ଫୁଲ ହୋଇ ଫୁଟେ। ମାଂସ ଫୁଲ ହୋଇ ଫୁଟିବା ସମୟରେ ମନ ରୋମାଞ୍ଚରେ ଶୋଇଯାଏ। ମାଂସ ଓ ହାଡ଼,ଫୁଲ ହୋଇ ଫୁଟିବା ଅବଦମିତ ଯୌନକାମନାର ଉଦ୍‌ଗମନକୁ ପ୍ରମୂର୍ତ୍ତ କରେ।

ଲୋକକାହାଣି ପରି ପୌରାଣିକ ମାଧ୍ୟମ ମଧ୍ୟ 'ମିଥ୍'ର ପରିସରଭୁକ୍ତ ହୋଇଥାଏ । ପୌରାଣିକ ମାଧ୍ୟମ ଦ୍ୱାରା ମନୁଷ୍ୟମନର ଅବଚେତନ ଅଧ୍ୟୟନ ସମ୍ଭବ ବୋଲି ମନସ୍ତତ୍ତ୍ୱବିତ 'ଫ୍ରଏଡ଼' ଓ 'ୟୁଂଗ୍' ମତ ପ୍ରଦାନ କଲେ। ଫ୍ରଏଡ଼ଙ୍କର ବିଶ୍ୱାସ ଥିଲା ପୃଥିବୀର ପୌରାଣିକ ଦୃଷ୍ଟିଭଙ୍ଗୀର ବହୁଳାଂଶ ବର୍ହିବିଶ୍ୱରେ ପ୍ରତିଫଳିତ ମନୋବିଜ୍ଞାନ ଭିନ୍ନ ଅନ୍ୟ କିଛି ନୁହେଁ ଏବଂ ବିଶେଷତଃ ଏହି ପୌରାଣିକତା ଅବଚେତନ ମନର ବିଜ୍ଞାନ।

ସମଗ୍ର ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଥିବା ଏହି ମିଥ୍ ତତ୍ତ୍ୱ ବହୁ ବିଶେଷଜ୍ଞମାନଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏଥି ସମ୍ବନ୍ଧୀୟ ବିଚାର ବିମର୍ଷ ସମ୍ବନ୍ଧିତ ଅନେକ ଉପାଦେୟ ଲେଖା ମଧ୍ୟ ପ୍ରକାଶ ପାଇଛି। ସାହିତ୍ୟ, ମନୋବିଜ୍ଞାନ,ଧର୍ମ,ସମାଜତତ୍ତ୍ୱ,ଭାଷା ତାତ୍ତ୍ୱିକ,ନୃତାତ୍ତ୍ୱିକ ଆଦି ବିଭିନ୍ନ ଦୃଷ୍ଟିକୋଣରୁ 'ମିଥ୍' ପ୍ରସଙ୍ଗର ଚର୍ଚ୍ଚା ହୋଇଛି। ପାଶ୍ଚାତ୍ୟ ପରଂପରା ଭଳି ଆଧୁନିକ ପ୍ରୟୋଗବାଦୀ ଓଡ଼ିଆ କବିତାର କ୍ରମବିକାଶରେ 'ମିଥ୍' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ'ରୁ ଏକ ଦୃଷ୍ଟାନ୍ତକୁ ଗ୍ରହଣ କରାଯାଇପାରେ। 'କାଳପୁରୁଷ' ରେ ଟି.ଏସ୍. ଇଲିୟଟ୍‌ଙ୍କ 'ଦି ୱେଷ୍ଟ ଲେଣ୍ଡ' ର କାବ୍ୟ ଥିମ୍ ଅନୁସୃତ। ମୃତ୍ୟୁର ଅମୃତକୁ ଅଭିଯାତ୍ରା କବିତାରେ ପ୍ରଲମ୍ବିତ। ଏହି ଅମୃତ ଆକାଂକ୍ଷା ଅଙ୍କୁର ଓ ଉଦ୍ଭବ ମିଥ୍ ମାଧ୍ୟମରେ ଜହ୍ନ, ଝରଣା ଓ ଅରୁନ୍ଧତୀ ତାରାର ଚିତ୍ରକଳ୍ପ ମାଧ୍ୟମରେ ମୂର୍ତ୍ତିମନ୍ତ ହୋଇଥିବା ନିମ୍ନୋକ୍ତ ପଂକ୍ତିରେ ସୂଚିତ ।

"ହେ ଅକ୍ରୁର, ହେ ଉଦ୍ଧବ, ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମ ପରି ବୋଝ ।
ମୁଁ ଯିବି ତୁମରି ପରି ତାରା ଖୋଜି, ଜହ୍ନ ଖୋଜି
ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋର ପିତାମାତା
ନିର୍ମୂଳୀ ନଟାରେ ଖୋଜି ଅରୁନ୍ଧତୀ ତାରାର ଆଲୁଅ ।"

(ଅକ୍ରୁର ଉବାଚ)

ଅକ୍ରୁର ଓ ଉଦ୍ଧବ ଉଭୟେ କୃଷ୍ଣଙ୍କ ଭକ୍ତ। ଜଣେ କୃଷ୍ଣଙ୍କୁ ମଥୁରା ଆଣି ଛାଡ଼ି ଓ କଂସ ମୃତ୍ୟୁର କାରଣ ସାଜିଛନ୍ତି। ଅନ୍ୟ ଜଣେ କୃଷ୍ଣଙ୍କ ସମ୍ବାଦ ଘେନି ଯାଇଛି। ଇଶ୍ୱରଙ୍କ ବାର୍ତ୍ତା ପ୍ରଚାର କରିଛି। ଭାଗବତରେ ଅକ୍ରୁର ଓ ଉଦ୍ଧବଙ୍କ ପରି ମାନବର ପିଠିରେ ମୃତ୍ୟୁର ଅବକ୍ଷୟର ବୋଝ। ସେଥିରୁ ସେ ମୁକ୍ତି ଚାହେଁ। ଶାନ୍ତି ଚାହେଁ। 'ତାରା' ଓ 'ଜହ୍ନ' ଏଠି ଶାନ୍ତିର ଆବାହନକାରୀ। ଅରୁନ୍ଧତି ତାରା ଏଠାରେ ମୃତ୍ୟୁଂଜୟୀ ଚେତନାକୁ ମୂର୍ତ୍ତିମନ୍ତ କରେ। ଅରୁନ୍ଧତୀ ତାରା ସଂପର୍କରେ ହିତୋପଦେଶରେ ଉଲ୍ଲେଖ କରାଯାଇଅଛି। ବଶିଷ୍ଠ ଋଷିଙ୍କ ପତ୍ନୀ ଅରୁନ୍ଧତୀ ପତିପରାୟଣା ନାରୀ। ଉତ୍ତର ଆକାଶରେ ସପ୍ତର୍ଷି ମଣ୍ଡଳର ଷଷ୍ଠ ତାରା ବିଶିଷ୍ଠଙ୍କ ନିକଟରେ ଏକ ଛୋଟ ତାରାଟିଏ ହୋଇ ଅବସ୍ଥିତ। କୁହାଯାଏ ଯାହାର ମୃତ୍ୟୁ ଆସନ୍ନ ଏହି ତାରା ତାକୁ ଦୃଷ୍ଟିଗୋଚର ହୁଏ ନାହିଁ। ମାନବାତ୍ମା ଆଜି ମୃତ୍ୟୁଗ୍ରସ୍ତ। ସେଥିରୁ ସେ ପରିତ୍ରାଣ ଚାହେଁ । ସେଥିନିମିତ୍ତ ଆଧୁନିକ ମଣିଷ ଆଜି ବ୍ୟାକୁଳ ଚିତ୍ତରେ ଅରୁନ୍ଧତୀ ତାରାକୁ ଖୋଜୁଛି। ଆଧୁନିକ ଓଡ଼ିଆ ପ୍ରୟୋଗବାଦୀ କବିତାର ବିବର୍ତ୍ତନରେ ମିଥର ଏକ ଉଲ୍ଲେଖନୀୟ ଭୂମିକା ରହିଛି।

**ଶବ୍ଦ ଓ ଶୈଳୀ** – ୧୯୪୦ ମସିହା ପରବର୍ତ୍ତୀ ସମୟର କବିତା ହିଁ ପ୍ରକୃତପକ୍ଷେ ପରୀକ୍ଷା ନିରୀକ୍ଷା,ବିକାଶ ବିବର୍ତ୍ତନର ସମୟ। ଆଞ୍ଚଳିକତା ଦୃଷ୍ଟିରୁ ଏ ସମୟ ଯେତିକି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ମାନସିକତା ଦୃଷ୍ଟିରୁ ମଧ୍ୟ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ। ଏ ସମୟରେ ବିବିଧ ପ୍ରସଂଗକୁ ନେଇ ପରୀକ୍ଷା ନିରୀକ୍ଷା କରାଯାଇଛି। ପ୍ରକାଶ ପାଇଁ ମାଧ୍ୟମ ମଧ୍ୟ ପଡ଼ିଛି। ଭାଷା ଓ ଶୈଳୀରେ ଏହି ପରୀକ୍ଷା ନିରୀକ୍ଷା କରାଯାଇଥିବାରୁ ଏ ସମୟ ଖଣ୍ଡର କବିତାକୁ ଆମେ ପ୍ରୟୋଗବାଦୀ କବିତା ବୋଲି ଅଭିହିତ କରିଥାଉ। ଭାଷା ଓ ଶୈଳୀକୁ ନେଇ ପ୍ରଥମ ପରୀକ୍ଷା ନିରୀକ୍ଷା କରିଥିବା କବି ହେଲେ 'ସଚିଦାନନ୍ଦ ରାଉତରାୟ'। ମୁକ୍ତ ଛନ୍ଦ ବା ଗଦ୍ୟ ଶୈଳୀକୁ ନେଇ ପ୍ରଥମ ପରୀକ୍ଷା ଆରମ୍ଭ କଲେ। ଶବ୍ଦ ଚୟନ ଠାରୁ ଆରମ୍ଭ କରି ଛୋଟ କବିତା, ଦୀର୍ଘ କବିତା ଯାଏ ନୂଆ ନୂଆ ଶୈଳୀର ପ୍ରବର୍ତ୍ତନ କରେ। ବିଭିନ୍ନ ନୂଆ ନୂଆ ଶବ୍ଦର ବ୍ୟବହାର, ଅପ୍ରଚଳିତ ବୈଦେଶିକ ଶବ୍ଦର ପ୍ରୟୋଗ, ଚିତ୍ରକଳ୍ପ ଓ ମିଥ୍‌ର ପ୍ରୟୋଗ ଆଧୁନିକ ଓଡ଼ିଆ କାବ୍ୟଭାଷାକୁ ସମୃଦ୍ଧ କରିଛି। ଭାନୁମତୀର ଦେଶରୁ ନିମ୍ନୋକ୍ତ ଉଦାହରଣ ଦ୍ୱୟ ବିଚାର୍ଯ୍ୟ।

(କ) "ଓଟର ବଙ୍କା କୁଜ ପରି ଏଇ ସବୁ ଘୁମନ୍ତ ପାହାଡ଼
ଯେମିତି ଗୋଟା, ଗୋଟାଏ ମସ୍ତବଡ଼ ପିଲିସଦ
ତା'ଉପରେ ସକାଳ
ଆଉ ସଂଜବେଳ ସୂର୍ଯ୍ୟ ଦୀପ ଜଳେ।"

(ଖ) "ଝରାଫୁଲର ସତ୍ତାରେ
କାହିଁକି ତମେ କହିବ ନାଇଁ
ତମ ପଥପାର୍ଶ୍ୱରେ ଦିନେ ଫୁଲଟିଏ ଫୁଟିଥିଲା
କାହିଁକି ତମେ ଗାଇବ ନାଇଁ
ସେଇ ଫୁଲ ଫୁଟିବାର ଜୟ
ତରଙ୍ଗ ! ଏହା ହିଁ ତ ଜୀବନକୁ ଜୟ କରିବାର କୌଶଳ।"

କବି ରାଉତରାୟଙ୍କର 'ପାଣ୍ଡୁଲିପି', 'ବାଜିରାଉତ' 'ଭାନୁମତୀର ଦେଶ' କାବ୍ୟଭାଷାର ବିବିଧତା ଧର୍ଶାଇବା ପାଇଁ ଯଥେଷ୍ଟ।

ସମକାଳୀନ ସ୍ରଷ୍ଟା ଗୁରୁପ୍ରସାଦ ମହାନ୍ତି ଗଦ୍ୟଛନ୍ଦରେ ସାଂଗୀତିକତା ଆଣିଲେ। ମୁକ୍ତ ଛନ୍ଦରୁ ନିର୍ବାଚିତ ଶବ୍ଦାବଳୀ ଓ ଆନୁପ୍ରାସିକ ଛଟା ଦ୍ୱାରା ମିଥ୍ ଓ ଚିତ୍ରକଳ୍ପର ପ୍ରୟୋଗ କଲେ।

ତାଙ୍କ ରଚିତ ହରେକୃଷ୍ଣ ଦାସ ୨ କବିତାରୁ ଉଦ୍ଧୃତିଟିଏ ଗ୍ରହଣ କରାଯାଇପାରେ।

"ଅପରାଜିମର ଗାଡ ବାଇଗଣୀ ବଉଦ ଭିତରେ
ସୂର୍ଯ୍ୟ କେବେ ରହିଯାଏ ମୁହୂର୍ତ୍ତକ ପ୍ରଜାପତି ପରି
ମଣିଷର କେତେ ସ୍ୱପ୍ନ ଆଶା ଓ ନିରାଶା କେତେ ଯୋଜନା ଓ କମିଟି ଭିତରେ
ସୂର୍ଯ୍ୟ କେବେ ନିଭିଯାଏ ଆସ୍ତେ ଆସ୍ତେ ଛୋଟ ହୋଇ
ବ୍ୟାଟେରୀ ନଥିବା ସାନ ଟର୍ଚ୍ଚଲାଇଟ୍ ପରି।"

ପଂକ୍ତିରୁ ଗୀତିଧର୍ମୀ ଗଦ୍ୟ ଶୈଳୀର ଦୃଷ୍ଟାନ୍ତ ଦେଖିବାକୁ ମିଳେ। କବି ରମାକାନ୍ତ ପ୍ରତୀକ ଓ ଚିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ ଆଧୁନିକ ଓଡ଼ିଆ କାବ୍ୟଭାଷାକୁ ଗାମ୍ଭୀର୍ଯ୍ୟ ପ୍ରଦାନ କରିଛି। ରମାକାନ୍ତଙ୍କ କବିତାରେ କାବ୍ୟଭାଷା ସାଧାରଣ କବିତାମାନଙ୍କଠୁ ଭିନ୍ନ। ନିମ୍ନ ପଂକ୍ତିରେ ଏହା ଲକ୍ଷ୍ୟ କରାଯାଇ ପାରେ।

" ପତ୍ର ଝଡ଼ି ଯାଇଥିବା ଗଛମାନେ ଠିଆ ହୋଇଛନ୍ତି
ଇଟାଘର ସାମ୍ନାରେ ହାଡ଼ମାଳ ଭିକାରୀଙ୍କ ପରି
କିନ୍ତୁ ଏହି ସୁନାରଙ୍ଗ ଶସ୍ୟଗାର
ଆଚ୍ଛାଦିତ ଅନେକ ସ୍ୱପ୍ନରେ
ଏବଂ ଦାନ୍ତ ଚପି ହାତ ମୁଠା କରି
ମୁଁ ବସିଛି ତା'ର ଅଗଣାରେ
ଶୁଖିଲା କୂଅକୁ ଗରା ବାଲଟି ଧରି ଯିବା ଲୋକଙ୍କର
କୁଢ଼ କୁଢ଼ କଙ୍କାଳରେ ପରିପୂର୍ଣ୍ଣ ଏ ମରୁଭୂମିରେ
ଜଣେ ମାତ୍ର ଲୋକ ଅଛି - ସୁଲ୍‌ତାନ୍, ସେ କାଳିବ ନାହିଁ।

କବି ସୌଭାଗ୍ୟ ମିଶ୍ର ମଧ୍ୟ ଗଦ୍ୟମୟ ଶୈଳୀ ଉପରେ ଗୁରୁତ୍ୱ ଦେଇଛନ୍ତି । କଥାରୀତି ସହିତ ପ୍ରତୀକ ପ୍ରୟୋଗରେ ତାଙ୍କର ସ୍ୱାତନ୍ତ୍ର୍ୟ ନିହିତ । ପ୍ରତୀକ ପ୍ରୟୋଗରେ ପାରଂପରିକତାକୁ ଅନୁସରଣ କରିଥିବା । ନିମ୍ନୋକ୍ତ ପଂକ୍ତିରୁ ସୁସ୍ପଷ୍ଟ ।

- "ସବୁଠି ମହୁ: କଟକରେ, କଦମ୍ବରେ,ଖଟରେ, ଖଳାରେ,
  ଗୁମାନରେ , ଗରୁଡ଼ ସ୍ତମ୍ଭରେ......
  ଫୁଲରେ ଓ କୁଷ୍ଟରୋଗୀରେ ଘା'ରେ ।" (ଅଂଧ ମହୁମାଛି'- ସୌଭାଗ୍ୟମିଶ୍ର)

'ମଧୁ' ବା ମହୁ ଏଠାରେ ସୃଷ୍ଟିର ମଧୁମୟତାର ପ୍ରତୀକ । 'କଟକ' ନଗରର ଦୁର୍ଗକୁ ବୁଝାଉଥିଲା ବେଳେ 'କଦମ୍ବ' ପ୍ରେମ, ପ୍ରଣୟ କୃଷ୍ଣ ଚେତନା,'ଖଟ- ବିଶ୍ରାମର । ଦୈହିକ କାମନା ପରିତୃପ୍ତିର ସ୍ଥାନ, 'ଖଳା'- ଅନ୍ନ, ଫସଲ, ଲକ୍ଷ୍ମୀଙ୍କର ଗୁମାନ ଅଭିମାନର, ଗରୁଡ଼ ସ୍ତମ୍ଭ- ପବିତ୍ରତାର, ଫୁଲ- ସୌନ୍ଦର୍ଯ୍ୟର, କୁଷ୍ଟ ରୋଗୀର 'ଘା'- କୁତ୍ସିତ ଅଶୁଭତାକୁ ସୂଚଉଛି ।

ଏ ସମସ୍ତ ପ୍ରତୀକ ମାଧ୍ୟମରେ କବିର ଅନ୍ତର୍ଦୃଷ୍ଟି କେତେବେଳେ, ସୌନ୍ଦର୍ଯ୍ୟ ମାଧ୍ୟମରେ କବିର ଅନ୍ତର୍ଦୃଷ୍ଟି କେତେବେଳେ ସୃଷ୍ଟି ସୌନ୍ଦର୍ଯ୍ୟ, ନଗରର ପ୍ରାଚୁର୍ଯ୍ୟ ମଧ୍ୟରେ ପ୍ରେମ, ପ୍ରଣୟ ରଚି ଦୈହିକ କାମ ପରିତୃପ୍ତି ଘଟାଇଛିତ କେତେବେଳେ ଗଭୀର ଜୀବନାନୁରାଗ ମାନ, ଅଭିମାନ, ପବିତ୍ରତା ମଧ୍ୟରେ ଆତ୍ମତୃପ୍ତି ପାଇଛି । ପୁଣି ସଂସାରର ବାସ୍ତବତା ନିକଟରେ ସେ ଯେତେବେଳେ ହାର୍ ମାନୁଛି, ତାହା ତାକୁ କୁଷ୍ଠ ରୋଗୀର ଘା' ସଦୃଶ କଷ୍ଟ ଦେଉଛି ପ୍ରତୀକ ପରି ଚିତ୍ରକଳ୍ପ ମଧ୍ୟ କବିତାର ସଂଗଠନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାରେ କରିପାରିଛି । କବି ମାନସର  ଅନୁଭୂତି ଭାଷା ମାଧ୍ୟମରେ ପ୍ରକାଶିତ ହୋଇଥାଏ । ଅନେକ ସମୟରେ ଦେଖାଯାଏ କବି ବସ୍ତୁ, ଦୃଶ୍ୟ, ଇନ୍ଦ୍ରିୟାନୁଭୂତି ଅବସ୍ଥାକୁ କାବ୍ୟରୂପ ଦେଇଛନ୍ତି । ଏହା ଚିତ୍ରକଳ୍ପ ମାଧ୍ୟମରେ ହିଁ ସମ୍ଭବ ହୋଇଥାଏ । ଚିତ୍ରକଳ୍ପର ବ୍ୟବହାର ପ୍ରୟୋଗବାଦୀ ଓଡ଼ିଆ କବିତାରେ ଏତେ ବ୍ୟାପକ ହୋଇଛି ଯେ, ଚିତ୍ରକଳ୍ପ ବିନା ଏ ସମୟ ଖଣ୍ଡର କବିତାର ଅସ୍ତିତ୍ୱ କଳନା ସହଜ ମନେ ହୁଏ ନାହିଁ ।

ଚିତ୍ରକଳ୍ପ ଦ୍ୱାରା ସ୍ରଷ୍ଟାର ବିଭିନ୍ନ ଅନୁଭୂତି ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପରିତବେଷଣ କରାଯାଇଥାଏ । ତୁଳନାତ୍ମକ ଚିତ୍ର ସହିତ ସାଦୃଶ୍ୟ କଥନ ଚିତ୍ରକଳ୍ପର ପ୍ରଧାନକର୍ମ । ବିଭିନ୍ନ ଭାବ, ଚିନ୍ତା, ମାନସିକ ଅବସ୍ଥା ମଧ୍ୟରେ ଏହା ଏକ ନିବିଡ଼ ଯୋଗସୂତ୍ର ସ୍ଥାପନ କରେ । କବି ଏହି ଚିତ୍ରକଳ୍ପକୁ ସ୍ୱପରିବେଶ ମଧ୍ୟରୁ ସଂଗ୍ରହ କରିଥାଆନ୍ତି ବିଶେଷ କରି ଏହା ବୌଦ୍ଧିକତା ସମୃଦ୍ଧ ନହୋଇ କବିର ଭାବାବେଗ ସହିତ ଜଡ଼ିତ ହୋଇଥାଏ । ବକ୍ତବ୍ୟରେ ବଳିଷ୍ଠତା ପାଇଁ କବି କବିତାରେ ଚିତ୍ରକଳ୍ପରୁ ସହାୟତା ଲୋଡ଼ିଥାଆନ୍ତି । ବେଳେବେଳେ ଏହା ଗୋଟିଏ ଶବ୍ଦ ମଧ୍ୟରେ ପ୍ରକାଶ ପାଏ ତା ବେଳେବେଳେ ଏକାଧିକ ଧାଡ଼ିରେ ମଧ୍ୟ ଏହାର ପ୍ରୟୋଗ କରାଯାଏ । କବିଙ୍କର ବିଷୟର ଆୟତନକୁ ନେଇ ଏହା ବହୁମୁଖୀ ହୋଇଥାଏ । ଏହାର ବ୍ୟାପକ ପରିସର ମଧ୍ୟରେ ମିଥ୍ ଓ ପ୍ରତୀକର ଉପାଦାନ ମଧ୍ୟ ପ୍ରକକାଶିତ ହୋଇଥାନ୍ତି । ନିମ୍ନୋକ୍ତ ପଂକ୍ତି ଦ୍ୱୟରେ ଏହା ସୁସ୍ପଷ୍ଟ ।

- "ଅବନା କବିତା ପରି ଧାନର କିଆରୀ
  ହିଡ଼ରେ ମାତ୍ରା ବା ସବୁ ଯାଦଇ.ଅଛି ଭାଜି

ତଥାପି ତ ଭଲ ଲାଗେ ବେଶ୍ ସେଇ ମୁଦ୍ରାଦୋଷ
ସମତଳ ଶୁଆପର ଭୂମଣ୍ଡଳ ଆଜି।"    (ଏକ ଉତ୍ତୀର୍ଣ୍ଣ ଶ୍ରାବଣ - ସଚ୍ଚି ରାଉତରାୟ)

"ଶବ୍ଦ ସବୁ ଡ଼େଇଁ ଡ଼େଇଁ ହଂସ ଛୁଆ ପରି
ଚାଲିଯିବେ ଶାଳ ଜଙ୍ଗଲକୁ ।"        (ଛୁଟିଲେ ଘଟ' - ରମାକାନ୍ତ ରଥ)

ପ୍ରଥମ ପଂକ୍ତିରେ ଦୁଇ ପ୍ରକାର ଚିତ୍ରକଳ୍ପର ପ୍ରୟୋଗ କରାଯାଇ ଉଭୟଙ୍କ ମଧ୍ୟରେ ଏକ ସାମଞ୍ଜସ୍ୟ ରକ୍ଷା କରାଯାଇଛି। 'ଧାନ କିଆରୀ' ଓ 'ଅବନା କବିତା' ଦୁଇଟିଯାକ ପୃଥକ୍ ଉପାଦାନ। କିନ୍ତୁ କବିର ଅନୁଭବରେ ଧାନ କିଆରୀରେ ମଧ କବିତାର ଦ୍ୟୋତନା ଅଛି। ଯେଉଁଠି ହିଡ଼ରେ ମାତ୍ରା ଭାଙ୍ଗିଯାଇ ସମତଳ ଶୁଆପରି ସବୁଜ, ମସୃଣ ଦିଶୁଛି। ବାହ୍ୟ ବସ୍ତୁ ମଧ୍ୟରେ କବିତାର ରୂପ ପରିକଳ୍ପନା ସମ୍ଭବ ହୋଇପାରିଛି ଚିତ୍ରକଳ୍ପ ଦ୍ୱାରା ଯାହା କବିତାକୁ ଅଧିକ ଆକର୍ଷଣୀୟ କରି ଗଢିତୋଳିଛି।

ଦ୍ୱିତୀୟ ପଂକ୍ତିରେ ଶବ୍ଦ ପରି ଏକ ଧ୍ୱନିମୟ ରୂପକୁ ଚିତ୍ରକଳ୍ପ ମାଧ୍ୟମରେ କବିତାରେ ଚରିତ୍ରାୟିତ କରାଯାଇଛି। ସଂପୂର୍ଣ୍ଣ ନିଜସ୍ୱ ପରିବେଶ ମଧ୍ୟରୁ ସଂଗୃହୀତ ଚିତ୍ରକଳ୍ପ ଗୁଡ଼ିକ ବାହାରକୁ ଅତିସାଧାରଣ ମନେ ହେଉଥିଲେ ମଧ ପ୍ରକୃତ ପକ୍ଷେ ଏହା ଅତ୍ୟନ୍ତ ତୀକ୍ଷ୍ଣ ଭାବକୁ ବ୍ୟକ୍ତ କରୁଛି। ଏହା ବ୍ୟତୀତ ଉଭୟ ଆଂଶିକ ଓ ଆତ୍ମିକ ଦୃଷ୍ଟିରୁ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ, ଭାବର ଅସ୍ୱଚ୍ଛଳତା ଓ ଭାଷାର କଳିଷ୍ଟତା ଏହାର କାରଣ ହୋଇପାରେ ଉତ୍ତର ପଚାଶ କାଳରୁ ଓଡ଼ିଆ କବିତାର ଅଧିକ ପ୍ରାଞ୍ଜଳ ଓ ବୋଧଗାମ୍ୟତା ଆଡ଼କୁ ଗତି କରିଛି। କବିତାର ଭାବ ଚେତନାରେ ଅଧିକ ଅନ୍ୱଷାବୋଧ ପରିଲିକ୍ଷିତ ହୋଉଥିବାରୁ କାବ୍ୟ ଭାଷା ଅଧିକ ପରିଚ୍ଛନ୍ନ କୋମଳ ଓ ତୀକ୍ଷଣ ହୋଇଛି।

ଆଧୁନିକ କବିତାର ଏହି ତୀକ୍ଷ୍ଣ ଭାଷା ଶୈଳୀ ପ୍ରତୀକ ଚିତ୍ରକଳ୍ପକୁ ମୂର୍ତ୍ତ କରିଛି। କବିତାର ଭାବ ପ୍ରବୋଧକ ଓ ନାନ୍ଦନିକ ଗୁଣର ଅଭିବୃଦ୍ଧି ଘଟାଇଛି। ବିଭିନ୍ନ ପ୍ରତଷ୍ଠିତ କବିଙ୍କର ନିମ୍ନୋକ୍ତ ଶବ୍ଦ ସତ୍ତାରୁ ଏହା ସ୍ପଷ୍ଟ ହୁଏ।

- ଚର୍ବିପରି ସ୍ନିଗ୍ଧ ନିଦ',ଗହମ ପହଡ଼,'ଭେଲଭେଟ୍ ଆଖି' (ସଚ୍ଚିଦାନନ୍ଦ ରାଉତରାୟ)
- ଛିନ୍ନ ଭିନ୍ନ ବଉଦର ସୁଅ','ଆଷାଢ଼ର ଉଦୟ','ବର୍ଷର ନଷ୍ଟ ଆତ୍ମା' (ଗୁରୁପ୍ରସାଦ ମହାନ୍ତି)
- ରୋଗାଦୋ ଦୋ ପାଞ୍ଜଖରା','ବିକଳାଙ୍ଗ ପ୍ରାଚୀନ କାମନା'- ରମାକାନ୍ତ ରଥ।

ଏହା ବ୍ୟତୀତ ଲୌକିକ କଥାରୀତି ଓ ଗ୍ରାମୀଣ ଶବ୍ଦାବଳୀ ଉପରେ ସୀତାକାନ୍ତ ମହାପାତ୍ର ଅଧିକ ଗୁରୁତ୍ୱ ଦେଇଛନ୍ତି। ତାଙ୍କ କବିତାରେ ଆମ ପ୍ରାଚୀନ ସାହିତ୍ୟର ତଥା ଗାଁ ଗହଳର ଅନେକ ପ୍ରଚଳିତ ଶବ୍ଦ ଆମ ଗାଁ, ନଈ,ପୋଖରୀ,ବିଲବାଡ଼ି, ଜେଜେ ମା', ଜେଜେ ବାପା, ପ୍ରଭୃତି ସଂଲଗ୍ନ ହୋଇଛନ୍ତି। ନିମ୍ନରେ କଥିତ ଗ୍ରାମ୍ୟ କଥିତ ଗ୍ରାମ୍ୟ ଶବ୍ଦାବଳୀ ପ୍ରୟୋଗର ଏକ ଉଦାହରଣ ଦିଆଯାଇଛି।

- "ଅନ୍ଧ ଗାଇଆଳ ପିଲାର
  କଅଁଳ କରୁଣ ବଇଁଶୀ ସ୍ୱର
  ବୁଡ଼ି ଯାଉଥିବା ସୂର୍ଯ୍ୟଙ୍କୁ

ଥରିଲା ଥରିଲା ତା' ଟିପରେ
ଥିରି କରି ଛୁଇଁ ଦିଏ ଓ କହେ : ଯାଉଛୁ ତେବେ ?
ହଉ କାଲିକି ଏକା
ସହଳ ସହଳ ଆସିବୁ।" (ଗ୍ରୀଷ୍ମ ସଂଧ୍ୟାର ଦୃଶ୍ୟ- ସୀତାକାନ୍ତ ମହାପାତ୍ର)

ପ୍ରୟୋଗବାଦୀ ଓଡ଼ିଆ କବିତାରେ ଏ ପ୍ରକାର ବିବିଧତା ଏହାକୁ ନୂତନ ପରୀକ୍ଷା ନିରୀକ୍ଷାର ପିସର ମଧ୍ୟରେ ପହଞ୍ଚାଇ ଦେଇଛି।

**ଲୋକ ଉପାଦାନ:** ପ୍ରାଚୀନ ଲୋକ ଗୀତ,ଲୋକ କାହାଣୀ,ଢଗଢ଼ମାଳି, କିମ୍ବଦନ୍ତୀର ପ୍ରସଙ୍ଗ ଓ ଉଦ୍ଧୃତକୁ ସୁତ୍ରରୁ ରୂପେ ସଂଯୋଜନା କରି ଆଧୁନିକ କବି ତା'ର ପରମ୍ପରା ସହିତ ପାଠକର ଅବଚେତନକୁ ମିଶାଇବା। ନିମ୍ନୋକ୍ତ କେତୋଟି ପଂକ୍ତିରୁ ଆମେ ହୃଦୟଙ୍ଗମ କରି ପାରବା।

- "କାଠଘୋଡ଼ା ପାଣି ପି'ରେ ପାଣି ପି'
  ରଜାଘର ପୋଖରୀ ଏ ଜାଣି ପି'
  ପଦ୍ମରୁ ଏଠି ବରଷଣ ମଧୁର
  ପଦ୍ମରେ ସୁରଭିତ ଏଇ, ସୁଶୀତଳ ମଧୁର -
  ଜାଣି, ପି'ରେ ପାଣି ପି' କାଠଘୋଡ଼ା ପାଣି ପି'।

- "ଚମ୍ପା ଫୁଲ ମହକରେ ବାଟ ଭୁଲି ସମୁଦ୍ରର ଢେଉ
  ଆସିଥିଲା କୂଳ ଡେଇଁ ଶୁଖିଥିଲା ଭରା ନଈର ଛାତି
  ପଥର ତରଳି ଥିଲା ମଶାଣିର ଭୂତ ପ୍ରେତ ଛାଡ଼ି
  ରଜବତୀ କନ୍ୟା ଲାଗି ଯୋଗୀ ଥିଲା ମଦନରେ ମାତି।
  ଚମ୍ପାଫୁଲ ହାତେ ଧରି ମନାସିଲା ଯାଦୁକରୀ ଥରେ
  ପଥର ପାଲଟି ହେଲା ରଜା ପୁଅ ହାଡ ସବୁ ହେଲା ମୁକ୍ତା ଫୁଲ
  ରଜାଝିଅ ବେଣୀ ଫୁଲ ଖସିଗଲା ସୁଏ ସୁଏ ଭାସି
  ଗୋଟିଏ ଫୁଲରେ ପୁଣି ହେଲା କୋଟି ମଣିଷର ମୂଲ।

- "ଜେମା ଦେଇ ସାନ ନଈ ପରି ଯାଉଛନ୍ତି ଭେଟିବାକୁ
  ସଂସାର ବାରିଧି ସୁଖନାହିଁ ଜୀବନରେ
  ବହୁଅଛି ଲୁହଧାର ଆଖିରୁ କେବଳ
  ଜୀବନରେ ଅନେକ ଭଉଁରୀ ଟାଣିନିଏ ଚୋରା ସ୍ରୋତ
  ଗଭୀର ପାଣିକୁ ବୁଡାଇବ ବୋଲି ।" ('ଜେମା ଦେଇ'- ଅନ୍ତର୍ଗତ ସୁଖଦୁଃଖ)

- "ଆମ ବିଭାଘର ଦୀନ ବୁଢୀ ରାକ୍ଷାସୁଣୀ
  ଆସିଥିଲା, ତୁମକୁ ସେ ଦେଲା ଚଢେଇର
  ପାଚିଲା ଡାଳିମ୍ବ ପରି ଲାଲ୍ ଶବ, ମତେ
  ଦେଲା ଧନୁ, ନାନାବିଧ ଶର
  ଶରରେ କଳଙ୍କି ଲାଗେ, ଚଢେଇର ଶବ
  ସଢ଼ିଯାଏ, ଏପରି ଭାବରେ
  ଦୁହିଙ୍କର ମନସ୍କାମ ପୂର୍ଣ୍ଣ ହୁଏ, ମୁଁ ତୁମକୁ ଅବା
  ତମେ ମତେ ଛୁଇଁ ବାର ସ୍ୱପ୍ନ ଆରମ୍ଭରେ।"

(ଆତ୍ମୀୟଶତ୍ରୁତାର ଚାରିଟି ବ୍ୟର୍ଥତା - ରମାକାନ୍ତ ରଥ)

ପ୍ରଥମ ପଂକ୍ତି କାଠଘୋଡ଼ା ପାଣି ପି' ରେ ଚକୁଳିଆ ପଣ୍ଡା ଲୋକକଥାର ପ୍ରୟୋଗ କରାଯାଇଛି। ବିମାତାର ଚକ୍ରାନ୍ତରେ ଜନ୍ମପରେ ପରିତ୍ୟକ୍ତ ସାତଜଣ ରାଜ ପୁଅଙ୍କୁ ଗଙ୍ଗାମାତା ସାତଟି କାଠଘୋଡ଼ା ଦେଇଛନ୍ତି। ପୋଖରୀ ତୁଠରେ ବସି ସେମାନେ କାଠଘୋଡାର ମୁହଁକୁ ତଳକୁ ମାଡି ମାଡି ଗୀତ ଗାଉଛନ୍ତି। କବି ବେଣୁଧର ଏହି କାହାଣୀକୁ ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷର ସାମାଜିକ ଅବ୍ୟବସ୍ଥା ସହିତ ପ୍ରତୀକାତ୍ମକ ଭାବେ ତୁଳନା କରିଛନ୍ତି। ଏଥିରେ ନୂଆ ସମୟ ବାଳୁତ ଭାଇ ହେଉଛନ୍ତି ରାଜପୁତ୍ର ମାନେ, ନିର୍ବୋଧ ଜନଗଣ ହେଉଛନ୍ତି କାଠଘୋଡା ଓ କବିଙ୍କ ନଟସଭା ହେଉଛନ୍ତି – 'ରଜକ'।

ଦ୍ୱିତୀୟ ପଂକ୍ତିଟି ଗୁରୁପ୍ରସାଦଙ୍କ ଚଂପାଫୁଲ କବିତା । ଏହା ଏକ ରୋମାଣ୍ଟିକ୍ କବିତା । 'ଫୁଲ, ନିଆଁ, ପାଣି ପରି ଚିତ୍ରକଳ୍ପରେ ରଚିତ ଚମ୍‌ତ୍କାର ସୃଷ୍ଟି ଚଂପାଫୁଲ। ଲୋକ କାହାଣୀରେ ଯାଦୁକରୀ ଫୁଲ ଶୁଙ୍ଘାଇ କଳା ମେଣ୍ଢାକୁ ଭେଣ୍ଢା କରିବାର କଥା ଅଛି। ଫୁଲ ଏଠାରେ କୁମାରୀ ଯୋନିର ପ୍ରତୀକ, ରୂପସୀ ନାରୀ ପୃଥିବୀର ଫୁଟିଲା ଫୁଲ। ତାର ବାସ୍ନାରେ ପଥର ତରଳି ଯାଏ। ଯୋଗୀର ଇଚ୍ଛାହୁଏ ମାତିବାକୁ ମଦନରେ। ଗୋବର ଗଣେଶ ଦେହରେ ବି କାମନାର ନିଆଁ ଲାଗିଯାଏ। ସେ ନିଆଁ ଲାଗିଲେ ହାଡ ସବୁ ମୁକ୍ତା ରୂପକ ଫୁଲ ହୋଇ ଫୁଟିଯାଆନ୍ତି।

ତୃତୀୟ ପଂକ୍ତିରେ ଲୋକଗୀତର ସ୍ମୃତି ପ୍ରକାଶିତ। ଚତୁର୍ଥ ପଂକ୍ତିରେ ବୁଢୀ ଅସୁରୁଣୀ ବର୍ଣ୍ଣନା ମଧ୍ୟରେ ଲୋକ ସାଂସ୍କୃତିକ ସ୍ପନ୍ଦନ ଅନୁଭୂତ। ବୁଢୀ ଅସୁରୁଣୀ ଏଠାରେ ଭାଗ୍ୟର ପ୍ରତୀକ ।

ଆଧୁନିକ କବିତାର ଭାଷା ଓ ବ୍ୟଞ୍ଜନା ଲୋକ ସଂସ୍କୃତିର ରୂପାୟିତ କରିବାରେ ମଧ୍ୟ ସକ୍ଷମ ହୋଇପାରିଛି। ଲୋକସଂସ୍କୃତି ଓ ଲୋକ ଉପାଦାନ ଆଧୁନିକ ଓଡ଼ିଆ କବିମାନେ ଲୋକ ଗୀତର ଅନ୍ୟତମ ଆକର୍ଷଣ ଓ ଶକ୍ତି ପାଲଟିଛି । ଆଧୁନିକ କବିମାନେ ଲୋକ ଗୀତର ଛନ୍ଦକୁ ବ୍ୟବହାର କରିଛନ୍ତି । କେତେକ ଦୃଷ୍ଟାନ୍ତ ଦିଆଗଲା ।

- "ନଈରେ ସ୍ମୃତି ସୁଖ ଓ ଦୁଃଖ
  ଅସୁମାରୀ କେତେ ସ୍ମୃତି ପାହାଚ

କୁଆଡେ ଲମ୍ଫେ କୁଆଡେ ଯାଏ
ସରୁସରୁ ତାର ପାଣି ସୁଅରେ
ଓସାରା ଓସାରା ବାଲି ଅତଡା ଖାଏ ।" (ଶୀତ ଋତୁ- ସୀତାକାନ୍ତ ମହାପାତ୍ର)

" ବାୟା ଚଢେଇରେ ବାୟା ଚଢେଇ ତୁ
ତାଳ ଗଛେ କରୁ ବସା
ତଳକୁ ଆରେ ମୋ କୁନି କାନ୍ଦୁଛି
ତୋ ସଂଗେ ଖେଳିବ ପଶା ।" (ନବଗଂଜର- ରମାକାନ୍ତ ରଥ)

" ଖଡ଼ି ଗୋଟାକି ମହୀ ପଟାଳି
ଦୂରକୁ ଦିଶଇ ଲାଲ
କେଉଁ ବିନ୍ଧାଣି ଗଢି ଦେଇଛି
ଲକ୍ଷେ ଟଙ୍କାର ମାଳ।" (ସୂର୍ଯ୍ୟ ନମସ୍କାର- ଶରତ ଚନ୍ଦ୍ର ପ୍ରଧାନ)

ଲୋକ ସାହିତ୍ୟର ବିବିଧ ପ୍ରସଙ୍ଗର ପ୍ରୟୋଗ ଆଧୁନିକ କବିତାର ବିଷୟ ବସ୍ତୁ ସହିତ ସମନ୍ୱିତ ହୋଇ ପ୍ରୟୋଗବାଦୀ ଓଡ଼ିଆ କବିତାର ଆଶିଂକ ସୌଷ୍ଠବ ବୃଦ୍ଧି କରିବା ସହିତ କବିତାକୁ ନୂଆ ପରିଚୟ ପ୍ରଦାନକରିଛନ୍ତି। ପ୍ରୟୋଗବାଦୀ ଓଡ଼ିଆ କବିତାର ଭାଷା ସମୃଦ୍ଧ ହେବା ସହିତ ପାଠକୀୟ ଆଦୃତି ଲାଭ କରିଛି।

## ୨.୬ ପ୍ରୟୋଗବାଦୀ ଓଡ଼ିଆ କବିତାର ଆତ୍ମିକ ପକ୍ଷ

ପ୍ରୟୋଗବାଦୀ ଆତ୍ମିକ ପକ୍ଷ ବା ଭାବ ବଳୟ କବିତାକୁ ନୂତନ ରୂପରେଖ ପ୍ରଦାନ କରିଛି। ପରୀକ୍ଷା ନିରୀକ୍ଷାର ବିସ୍ତୃତ କ୍ଷେତ୍ର ପ୍ରସ୍ତୁତ କରିଛି। ଏ ପ୍ରସଙ୍ଗରେ କେତୋଟି ଦିଗ ଉପରେ ଆଲୋଚନା କରାଯାଇ ପାରେ।

**ମୃତ୍ୟୁଚେତନା:** ବିଂଶ ଶତାବ୍ଦୀର ଶ୍ରେଷ୍ଠ ଇଂରାଜୀ କବିତା - The Waste land' ର ପ୍ରସଂଗ ମୃତ୍ୟୁ ଓ ପୁନର୍ଜନ୍ମ ଉପରେ ଆଧାରିତ ଥିଲା ଏହାର ପ୍ରଭାବରେ ଆଧୁନିକ ଓଡ଼ିଆ କବିତାରେ ମୃତ୍ୟୁଚେତନା ପରିପୃଷ୍ଟ ହୋଇଛି। ସର୍ବପ୍ରଥମେ ଗୁରୁ ପ୍ରସାଦଙ୍କ କାଳପୁରୁଷରେ ଧ୍ୱଂସୋନ୍ମୁଖ ସଭ୍ୟତାର ନଷ୍ଟ ପୋଡା ଭୂଇଁ, ସର୍ବତ୍ର ଯେଉଁଠି ଜୀବୋନ୍ମୃତ ଓ ପୁନର୍ଜୀବନ ମଧ୍ୟରେ ଦ୍ୱନ୍ଦ ଓ ବିରୋଧ ପ୍ରକାଶିତ। ଆଜିର ଆଧୁନିକ ମଣିଷ ପାଇଁ ଜୀବନ ଅର୍ଥହୀନ। ଅର୍ଥ ହୀନ ଜୀବନରେ ମାନେ ମୃତ୍ୟୁ ସହ ସମାନ। ତେଣୁ ମୃତ୍ୟୁ ପ୍ରତି ଥିବା ଭୟ ଅପେକ୍ଷା ମଣିଷକୁ ଜୀବନର୍ଭ ଅତି ମାତ୍ରାରେ ଆକ୍ରାନ୍ତ କରିଛି। ଆଶାହୀନ,ଦିଶାହୀନ,ଅର୍ଥହୀନ,ଉତ୍ସାହ,ଉତ୍ତେଜନା ଭୀନ ଜୀବନକୁ ନେଇ ବଞ୍ଚିବା କମ୍ ଯନ୍ତ୍ରଣାଦାୟକ ନୁହେଁ। ଖତଗଦାରେ ରଂଗଣି ଫୁଲ ଫୁଟିବ- ଜୀବନର, ନିର୍ମମ ନିଷ୍ଠୁରତା କି ସହି ହୁଏ ? ସେଥିପାଇଁ କାଳ ପୁରୁଷ ମୃତ୍ୟୁର ଉଷ୍ମତାକୁ ଅତିକ୍ରମ ଯେଉଁ ଅମୃତାକାଂକ୍ଷା ପୋଷେଣ କରିଛନ୍ତି ତାକୁ ମୃତ୍ୟୁ ମାୟା ବାରମ୍ବାର ବିଡ଼ମ୍ବିତ କରୁଛି। ଅନ୍ୟତମ ଲବ୍ଧ ପ୍ରତିଷ୍ଠ କବି ରମାକାନ୍ତ ରଥଙ୍କ କବିତାରେ କାବ୍ୟ ଭାବନା ସମୟ, ମୃତ୍ୟୁ ଓ ଦେହାନ୍ତର ଚେତନାକୁ ନେଇ ଗତିଶୀଳ ହୋଇଛି। ସର୍ବତ୍ର କାବ୍ୟନାୟକ ମୃତ୍ୟୁର ଶୀତଳ ସ୍ପର୍ଶକୁ ଅନୁଭବ କରୁଛି। 'ଅନନ୍ତ ଶୟନ' ରେ କବି ଉଲ୍ଲେଖ କରିଛନ୍ତି। :-

"ତମର ଚୌଦିଗେ ନୃତ୍ୟ
ଏବଂ ତାର ଥଣ୍ଡା ଥଣ୍ଡା ହାତ
ଚିପିବାକୁ ଆସେ ତମ ବେକ।"(ଅନନ୍ତ ଶୟନ)

ସୀତାକାନ୍ତ ମହାପାତ୍ରଙ୍କ 'ଅଷ୍ଟପଦୀ'ରେ ମଧ ଏହି ଉତ୍ତରିତ ମୃତ୍ୟୁଚେତନା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲଭିଛି। ପ୍ରଥମ କବିତା 'ମୃତ୍ୟୁ' ନାଚ"ରେ ଏହା ଲକ୍ଷ୍ୟ କରାଯାଇପାରେ।

"ହେ ବ୍ରାହ୍ମଣ ଏଇ ନିଅ, ଦାନ ନିଅ
ନିଅ ନିଅ ଆମ ଦଶଦାନ
ଆଗେ ଜଳେ ଲେଲିହାନ ଅଗ୍ନିଶିଖା
ତପ୍ତ ବୈତରଣୀ
ମୁକ୍ତିମାଗେ, ଶକ୍ତିମାଗେ, ଛାୟାମାଗେ, ସ୍ୱପ୍ନମାନେ
ଅଭିଶପ୍ତ ସବୁ ଯାଦୁ, ଅଭିଶପ୍ତ ମାନୀ ଦୁର୍ଯ୍ୟୋଧନ।"

(ମୃତ୍ୟୁନାଚ- ସୀତାକାନ୍ତ ମହାପାତ୍ର)

ନିଷ୍କରୁଣ ଅଗ୍ନିର ଲେଲିହୀନ ଦେଖାର କବଳରୁ ଆତ୍ମାର ଉଦ୍ଧାର ନାହିଁ। ଏହି ଅଗ୍ନି ମହାକାଳର ଅଗ୍ନି। ଏହି ଅଗ୍ନି ଶିଖା ଦିନେନା ଦିନେ ସମସ୍ତଙ୍କୁ କବଳିତ କରିବ।

## ୨.୭ ଆଧ୍ୟାତ୍ମିକ ଉତ୍ତରଣ ଏବଂ ଆତ୍ମମଗ୍ନତା ଏକ ବିରୋଧାଭାସ

ପ୍ରୟୋଗବାଦୀ ଓଡ଼ିଆ କବରିତାର ଏକ ବିଶେଷ ଦିଗ ହେଲା ମୃତ୍ୟୁ ସଚେତନ ମଣିଷର ପରମପୁରୁଷ ସ୍ରଷ୍ଟାଙ୍କୁ ଲାଭ କରିବାର ପ୍ରୟାସ। ଏହା ମଣିଷର ଆଧ୍ୟାତ୍ମିକ ଉତ୍ତରଣରୂପୀ ଅମୃତ ଆସ୍ପୃହା। ଏହାର ଗତିକୁ କେହି କେବେ ପ୍ରତିରୋଧ କରି ପାରିନାହାନ୍ତି। ମଣିଷର ଏହି ବ୍ୟାକୁଳତାକୁ କବି ଗୁରୁପ୍ରସାଦଙ୍କ ଅକ୍ରୁର ଓ ଉଦ୍ଧବଙ୍କ ମିଥ୍ ପ୍ରୟୋଗରେ ତଥା ଜହ୍ନ, ଝରଣା ଓ ଅରୁନ୍ଧତୀ ତାରାର ଚିତ୍ରକଳ୍ପ ସଂଯୋଜନାରେ ଦେଖାଇ ପାରିଛନ୍ତି। ଉତ୍ତର ପଚାଶ କାଳରେ ପ୍ରୟୋଗବାଦୀ ଓନିଆ କବିତାର ଏହି ଦୃଷ୍ଟିଭଂଗୀ ସହିତ କାବ୍ୟ ମାନସର ଆତ୍ମ ମଗ୍ନତା ସ୍ପଷ୍ଟ ଭାବରେ ପ୍ରଥକାଶ ପାଇଛି। ସେଥିପାଇଁ ରମାକାନ୍ତ ରଥ ସମସ୍ତ ରୋମାଞ୍ଚିକ କଳ୍ପନା ପ୍ରବଣତା ଓ ସ୍ୱପ୍ନକୁ ହଜେଇ ଦେଇ ଆତ୍ମାର ମଗ୍ନ କାରୁଣ୍ୟକୁ ଭୁଲି ପାରିନାହାନ୍ତି। ଆତ୍ମମଗ୍ନଜନିତ ହତାଶାବୋଧ, ଆତ୍ମ ସମୀକ୍ଷା ଚନ୍ଦ୍ରମାର ଚୂଡତିଫ ଓ ନବ ଗୁଞ୍ଜରେ କବିତାରେ ଦେଖିବାକୁ ମିଳେ। ବ୍ୟକ୍ତିଗତ ପ୍ରେମଜନିତ ନୈରାଶ୍ୟବୋଧରେ କବିତାଦ୍ୱୟ ଉଜ୍ଜ୍ୱଳ, ବର୍ଣ୍ଣିତ ନାରୀର ଚରିତ୍ର ଦ୍ୱୟ ଯୁଦ୍ଧ ପରବର୍ତ୍ତୀ ସମୟ ଓ ସମାଜର ତାଡ଼ନାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦୁଇଟି ସତ୍ତା ।

ପ୍ରୟୋଗବାଦୀ ଓଡ଼ିଆ କବିତାରେ ଆଧ୍ୟାତ୍ମିକ ଉତ୍ତରଣ ଜନିତ ପ୍ରୟାସ ଓ ବିଷାଦବାଦୀ କାବ୍ୟ ମାନସର ଆତ୍ମମଗ୍ନତା ଏକ ନୂତନ ଆଲୋଡ଼ନ ସୃଷ୍ଟି କରିବାରେ ସମର୍ଥ ହୋଇପାରିଲା।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ**

(କ) ଚିତ୍ରକଳ୍ପ

(ଖ) ପ୍ରତୀକ

(ଗ) ମିଥ୍

(ଘ) ଆର୍କିଟାଇପ

(ଙ) ଲୋକ ଉପାଦାନ

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ପ୍ରୟୋଗବାଦୀ ଓଡ଼ିଆ କବିତାର ପୃଷ୍ଠଭୂମି ସଂପର୍କରେ ଆଲୋଚନା କର

(ଖ) ପ୍ରୟୋଗବାଦୀ ଓଡ଼ିଆ କବତାର ପ୍ରତୀକର ପ୍ରୟୋଗ ସଂପର୍କରେ ଆଲୋଚନା କର

(ଗ) ଓଡ଼ିଆ କବିତାରେ ପ୍ରତୀକର ପ୍ରୟୋଗ କିପରି କରାଯାଇଛି ଦୃଷ୍ଟାନ୍ତ ସହ ଆଲୋଚନାକର।

(ଘ) ପ୍ରୟୋଗବାଦୀ ଓଡ଼ିଆ କବିତାର ବୈଶିଷ୍ଟ୍ୟ ନିରୁପଣ କର।

(ଙ) ପ୍ରୟୋଗବାଦୀ ଓଡ଼ିଆ କବିତାରେ ଚିତ୍ରକଳ୍ପର ପ୍ରୟୋଗ ସଂପର୍କରେ ଆଲୋଚନା କର।

## ୨.୯ ସହାୟକ ଗ୍ରନ୍ଥସୂଚୀ


- ସବୁଜରୁ ସାଂପ୍ରତିକ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ
- ଆଧୁନିକ ଓଡ଼ିଆ କବିତା ପରଚର୍ଚ୍ଚା- ଶତ୍ରୁଘ୍ନ ପାଣ୍ଡବ
- କଳ୍ପନାର ଅଭିଷେକ - ପ୍ରତିଭା ଶତପଥି
- ସତୁରୀରୁ ସହସ୍ରାବୀ - ନିତ୍ୟାନନ୍ଦ ଶତପଥି

# ତୃତୀୟ ଏକକ : ଓଡିଆ କବିତାର ନୂତନ ସ୍ୱର

## ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପରିଚୟ
୩.୪ ସ୍ୱାଧୀନତାର ଭାରତ ଓ ଓଡିଶାର ରାଜନୀତିକ ପୃଷ୍ଠଭୂମି
୩.୫ ସାମାଜିକ : ସାଂସ୍କୃତିକ ପ୍ରେକ୍ଷାପଟ
୩.୬ ଧାର୍ମିକ ପୃଷ୍ଠଭୂମି
୩.୭ ୧୯୬୦-୮୦ ସମୟ ଖଣ୍ଡର କବିତାରେ ଏହାର ରୂପାୟନ
୩.୮ ପ୍ରତିଷ୍ଠିତ କବିମାନଙ୍କ କବିତାରେ ଏହାର ପ୍ରୟୋଗ
୩.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୧୦ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଉତ୍ତର ଷାଠିଏ କାଳର ଓଡିଆ କବିତା ଉଲ୍ଲେଖନୀୟ ଅଗ୍ରଗତି କରି ନୂତନ ରୂପରେ ଉଦ୍‌ଭାସିତ ହୋଇଛି । ବିଷୟବସ୍ତୁ, ରୂପ ଓ ଶୈଳୀରେ ବିବିଧ ପରିବର୍ତ୍ତନ ଦେଖାଦେଇଛି । ପ୍ରାକ୍‌ସ୍ୱାଧୀନତା କାଳୀନ କବିମାନେ ଏହି ସମୟରେ ସେମାନଙ୍କ କାବ୍ୟସ୍ୱର ପରିବର୍ତ୍ତନ କରିଛନ୍ତି । ନୂଆ କବିମାନେ ପରିବର୍ତ୍ତିତ ସ୍ୱରକୁ ନିଜ ରୀତିରେ ପ୍ରକାଶ କରିବାକୁ ଅଧିକତର ପ୍ରଚେଷ୍ଟା କରିଛନ୍ତି । କେତେକ ତରୁଣ କବି ମଧ୍ୟ ପାରମ୍ପାରିକତାର ମୋହକୁ ଛାଡି ପାରିନାହାନ୍ତି । ଏହି ସମୟର କବିତାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଷାଳଜୀର୍ଣ୍ଣ ପରିଣତି, ହତାଶା, ନୈରାଶ୍ୟବୋଧ ଯେ ଅଧିକ ମାତ୍ରାରେ ଗ୍ରାସ କରିଛି, ଏଥିରେ ସନ୍ଦେହ ନାହିଁ । ୧୯୪୮ ମସିହାରେ ଗାନ୍ଧୀଙ୍କ ମୃତ୍ୟୁ, ସ୍ୱାଧୀନତା ପରବର୍ତ୍ତୀ ସାମାଜିକ ଅବ୍ୟବସ୍ଥା, ହତାଶାବୋଧ ୧୯୬୦ ପରବର୍ତ୍ତୀ କାବ୍ୟଚେତନାକୁ ମଧ୍ୟ ପ୍ରଭାବିତ କରିଛି । ଘଟଣା ବହୁଳ ରାଜନୀତି, ଜାତୀୟ ଓ ଆନ୍ତର୍ଜାତିକ ବ୍ୟାପାର ସମାଜ ଓ ଅର୍ଥନୀତିକୁ ପ୍ରଭାବିତ କରିଛି । ଏହାର ପ୍ରଭାବରେ ୧୯୬୦ ପରବର୍ତ୍ତୀ ଓଡିଆ କବିତାରେ ନୂଆ ନୂଆ ଅନୁଭୂତି ଓ ଅନୁଭବମାନ ଯୋଡି ହୋଇଯାଇଛି । ଏହି ନୂତନ କାବ୍ୟିକ ଅବବୋଧ ସଂପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ।

## ୩.୨ ଶିକ୍ଷଣୀୟ ବିଷୟ

- ଆଧୁନିକ କବିତା (୧୯୬୦-୧୯୮୦)ରେ ଦେଖାଦେଇଥିବା ପରିବର୍ତ୍ତିତ ଆଭିମୁଖ୍ୟ ସଂପର୍କରେ ସୂଚନା ପାଇପାରିବେ ।
- ଏହି ସମୟରେ ପ୍ରକାଶ ପାଇଥିବା ବିଭିନ୍ନ କବି ଓ ସେମାନଙ୍କ ପ୍ରସିଦ୍ଧ କବିତା ଗ୍ରନ୍ଥ ସଂପର୍କରେ ଜାଣିପାରିବେ। ଏହି ସମୟ ଖଣ୍ଡର କବିତାର ବୈଶିଷ୍ଟ୍ୟ ସମ୍ପର୍କରେ ଜ୍ଞାନର୍ଜନ କରିପାରିବେ।

## ୩.୩ ବିଷୟ ପରିଚୟ

୧୯୬୦ ମସିହାରେ ଓଡିଆ କବିତାର ଆଭିମୁଖ୍ୟରେ ପରିବର୍ତ୍ତନ ଦେଖାଗଲା । ପ୍ରସ୍ତୁତ ଆଲୋଚନାରେ ବିଶ୍ୱଯୁଦ୍ଧର ପ୍ରଭାବ ସଂପର୍କକୁ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିକ, ସାମାଜିକ, ସାଂସ୍କୃତିକ ଘଟଣାବଳୀର ସାମ୍ୟକ୍ ସୂଚନାପୂର୍ବକ ଓଡିଆ କାବ୍ୟ କବିତାରେ ତାହାର ପ୍ରତିଫଳନ ବିଶ୍ଳେଷିତ । ଏହା ୧୯୬୦ ପରବର୍ତ୍ତୀ କବିତାର ପୃଷ୍ଠଭୂମି ସୂଚିତ କରିବା ସହିତ ଏହାର ରୂପରେଖ ଓ କବିମାନଙ୍କର କୃତିତ୍ୱ ପ୍ରଦର୍ଶନ ଦିଗରେ ପ୍ରଚେଷ୍ଟା କରାଯାଇଛି।

ପ୍ରସଙ୍ଗକ୍ରମେ ଯେଉଁ ବିଷୟ ଗୁଡିକର ବିଶ୍ଳେଷଣ କରାଯାଇଛି ସେଗୁଡ଼ିକ ହେଉଛି - ସ୍ୱାଧୀନତୋର ଭାରତ ବର୍ଷର ଓ ଓଡିଶାର ରାଜନୀତିକ ପୃଷ୍ଠଭୂମି, ସମକାଳୀନ ସାମାଜିକ ସାଂସ୍କୃତିକ ପ୍ରେକ୍ଷାପଟ, ଧର୍ମୀୟ ଚେତନା ଓ ଓଡିଆ କର୍ବିତାରେ ପୂର୍ବସୂଚୀତ ପ୍ରସଂଗ ଗୁଡିକର ରୂପାୟନରେ ସାର୍ଥକତା

## ୩.୪ ସ୍ୱାଧୀନୋତ୍ତର ଭାରତ ଓ ଓଡିଶାର ରାଜନୀତିକ ପୃଷ୍ଠଭୂମି

ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ ସମଗ୍ର ପୃଥିବୀର ରାଜନୈତିକ ସ୍ଥିତିକୁ ଦୋହଲାଇ ଦେଇଥିଲା । ଯେଉଁ ପୃଥିବୀ ଉପରେ ଦଣ୍ଡାୟମାନ ହୋଇ ମଣିଷ ସୁଖ ସ୍ୱପରେ ବିଭୋର ହେଇଥିଲା, ସେହି ପୃଥିବୀରେ ବଞ୍ଚିବା କଷ୍ଟକର ମନେହେଲା । ଜୀବନ ଓ ଜଗତପ୍ରତି ଏକ ଆଶଂକା ସୃଷ୍ଟି ହେଲା । ପାରସ୍ପରିକ ବିଶ୍ୱାସବୋଧ ତୁଟିଗଲା। ବ୍ୟକ୍ତିବାଦର ପ୍ରାଧାନ୍ୟ ବଢିଚାଲିଲା । ବିଟ୍ରିଶ୍ ରାଜତନ୍ତ୍ର କବଳରୁ ଭାରତବର୍ଷ ରାଜନୀତିକ ସ୍ୱାଧୀନତା ଲାଭକଲା। କେବଳ ଏତିକରେ ଭାରତବର୍ଷର ସମସ୍ୟାର ଯେ ଅନ୍ତ ଘଟିଲା ତାହା ନୁହେଁ ; ଭାରତ ବିଭାଜନ, ସାଂପ୍ରଦାୟିକ ଦଂଗା ଭାରତୀୟ ରାଜନୀତିକକୁ ପ୍ରଭାବିତ କଲା । ଭାରତର ସାଧାରଣ ଜନତା ହୃଦୟଙ୍ଗମ କରିଥିଲା ; ଶିକ୍ଷିତ ସଂଗ୍ରାମୀ ଗାନ୍ଧୀବାଦୀ ନେତାଙ୍କ ହାତରେ ଦେଶର ଦାୟିତ୍ୱ ଅର୍ପଣ କରି ସାମାଜିକ ବ୍ୟବସ୍ଥାରେ ସୁଧାର ଅଣାଯାଇ ପାରିବ । କିନ୍ତୁ ଏହି ଧାରଣା ଭୁଲ୍ ଥିଲା । ପ୍ରଚଳିତ ପଦ୍ଧତିରେ ସଂସ୍କାର ଆନୟନ ପାଇଁ ନିର୍ବାଚନ, ପ୍ରଦେଶ ପୁନର୍ଗଠନ, ଓ ପଞ୍ଚବାର୍ଷିକ ଯୋଜନା ଇତ୍ୟାଦି ପ୍ରଣୟଣ କରାଗଲା । ଜମିଦାରୀ ପ୍ରଥାର ଉଚ୍ଛେଦ ଘଟିଲା । ଭୂସଂସ୍କାର ଓ ଭାଗଚାଷୀ ଆନ୍ଦୋଳନ ଦ୍ୱାରା ସାନ ସାନ ଜମି ମାଲିକ ମାନଙ୍କର ଆବିର୍ଭାବ ଘଟିଲା । ୧୯୪୮ ମସିହା ବେଳକୁ ସରକାରୀ ଓ ଘରୋଇ ଶିଳ୍ପରେ ମଧ୍ୟରେ ସମନ୍ୱୟ ଆଣିବାକୁ ପ୍ରୟାସ କରାଗଲା । ଧନୀ ପୁଂଜିପତିମାନେ ଶିଳ୍ପରେ ପୁଂଜି ବିନିଯୋଗ କଲେ । ଦେଶର ବିଭିନ୍ନ ପ୍ରାନ୍ତରେ ଛୋଟବଡ ଶିଳ୍ପ ମୁଣ୍ଡ ଟେକିଲା। ରାଜନୀତିରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା । ଜୟ ପ୍ରକାଶ ନାରାୟଣ ଓ ଲୋହିଆଙ୍କ ନେତୃତ୍ୱରେ ସୋସିଲିଷ୍ଟ

ପାର୍ଟି ନାମକ ଏକ ନୂତନ ରାଜନୀତିକ ଦଳର ଉନ୍ମେଷ ଘଟିଲା । ଅପର ପକ୍ଷରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଉପରୁ ମଧ୍ୟ ନିଷେଧାଦେଶ ଉଠାଇ ଦିଆଗଲା । ତେଣୁ କଂଗ୍ରେସର ଅନେକ ଗୁଡିଏ ପ୍ରତିଦ୍ୱନ୍ଦ୍ୱି ଦଳ ସୃଷ୍ଟି ହେଲେ। ଏଥି ସହିତ ବାବା ସାହେବ୍ ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ କରାଗଲା । ଦେଶରେ ପ୍ରଥମ ସାବାଳକ ନିର୍ବାଚନ ଆରମ୍ଭ ହେଲା । ୧୯୫୭ ମସିହାରେ କଂଗ୍ରେସ ଦଳ ଏକକ ସଂଖ୍ୟା ଗରିଷ୍ଠତା ଲାଭ କରିପାରିଲା ନାହିଁ। ଫଳରେ ଭାରତବର୍ଷର ରାଜନୀତିରେ ଅସ୍ଥିରତା ଦେଖାଦେଲା ।

ଏତଦ୍ ବ୍ୟତୀତ ଆହୁରି ଅନେକ ଗୁରୁତପୂର୍ଣ୍ଣ ଘଟଣା ଭାରତ-ଚୀନ ଯୁଦ୍ଧ, ଭାରତ - ପାକିସ୍ଥାନ ଯୁଦ୍ଧ, ଜବାହରଲାଲଙ୍କ ମୃତ୍ୟୁ, ଶାସ୍ତ୍ରୀଙ୍କ ମୃତ୍ୟୁ, ତାସ୍‌କେଣ୍ଟ ଚୁକ୍ତି, ଇନ୍ଦିରାଗାନ୍ଧୀଙ୍କ ପ୍ରଧାନ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ ସହିତ ରାଉରକେଲାରେ ବୈଷୟିକ ଶିକ୍ଷାର ଉନ୍ନତି ନିମନ୍ତେ ଇଂଜିନିୟରିଂ କଲେଜ୍ ପ୍ରତିଷ୍ଠା, କସପ୍ରେସ୍ ଭାଇୱେ ନିମାଣ ଇତ୍ୟାଦି ଘଟଣା ଆମ ଦେଶର ପାରିପାର୍ଶିକ ପରିବେଶକୁ ମଧ୍ୟ ପ୍ରଭାବିତ କଲା । ରାଜନୀତିକ ଅସ୍ଥିରତା ସହିତ ଶିଳ୍ପ, ବାଣିଜ୍ୟ, ଶିକ୍ଷାର ବିକାଶ ଘଟିଛି । ୧୯୬୭ ମସିହାରେ ହୋଇଥିବା ନକ୍‌ସାଲବାଡି ଆନ୍ଦୋଳନ ଭାରତବର୍ଷର ସାମାଜିକ ଓ ଆର୍ଥନୀତିକ ଶୋଷଣ ବିରୋଧି ସ୍ୱରକୁ ତୀବ୍ରତର କଲା ।

## ୩.୫ ସାମାଜିକ : ସାଂସ୍କୃତିକ ପ୍ରେକ୍ଷାପଟ

ତତ୍‌କାଳୀନ ସମାଜରେ ସଂଘଟିତ ଏତାଦୃଶ କ୍ରାନ୍ତି, ପ୍ରଗତି ଓ ଅବକ୍ଷୟ ଜନଜୀବନକୁ ପ୍ରଭାବିତ କଲା। ସ୍ୱାଧୀନତା ପୂର୍ବରୁ ସମଗ୍ର ମାନବ ସମାଜ ସ୍ୱାଧୀନତାର ସ୍ୱପ୍ନରେ ମସ୍‌ଗୁଲ୍ ଥିଲା । ମାତ୍ର ସ୍ୱାଧୀନତା ପ୍ରାପ୍ତି ପରେ ସେ ସ୍ୱପ୍ନ ସ୍ୱପ୍ନ ହୋଇ ରହିଗଲା । ସ୍ୱାଧୀନ ଭାରତର ସାମାଜିକ ବ୍ୟବସ୍ଥା ସନ୍ଦେହ ଓ ଆଶଂକା ମଧ୍ୟ ଦେଇ ଗତି କରିବାକୁ ଲାଗିଲା । ରାଜତନ୍ତ୍ର ଓ ଜମିଦାରୀ ପ୍ରଥାର ଉଚ୍ଛେଦ ଘଟିବା ଫଳରେ ସେମାନଙ୍କୁ ଉପଜୀବ୍ୟ କରି ଜୀବିକାନିର୍ବାହ କରୁଥିବା ବହୁ ପରିବାର ଅକସ୍ମାତ୍ ଜୀବବିକା ହରାଇଲେ । ଯନ୍ତ୍ରଶିଳ୍ପର ଅଭ୍ୟୁଦୟ ଘଟିଲା । କୁଟୀର ଶିଳ୍ପର ଅଧୋପତନ ଘଟିଲା। କୌଳିକ ବୃତ୍ତିଧାରୀଙ୍କ ଉପରେ ଯନ୍ତ୍ରଶିଳ୍ପର ଆପାତ ଅର୍ଥନୈତିକ ଅବ୍ୟବସ୍ଥା ସୃଷ୍ଟି କଲା ।

ପରିବହନ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଲା । ପକ୍କା ସଡ଼କ ନିର୍ମାଣ ଉପରେ ଗୁରୁତ୍ୱ ଦିଆଗଲା। ନଦୀରେ ପୋଲ ତିଆରି ହେଲା । ସଡ଼କ ପଥରେ ପରିବହନର ମୁଖ୍ୟ ମାଧ୍ୟମ ସାଜିଥିବା ଶଗଡ଼, ହାତଟଣା ରିକ୍ସା ହଠାତ୍ ବନ୍ଦ ହୋଇଗଲା । ଜନସାଧାରଣ ବସ୍, ଟ୍ରକ୍ ଉପରେ ନିର୍ଭରଶୀଳ ହୋଇପଡ଼ିଲେ । ଏସବୁକୁ ଆଧାର କରି ବଂଚୁଥିବା ଜନସାଧାରଣ ଜୀବିକା ହରାଇଲେ । କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଭିଟାମାଟି ଛାଡ଼ି କୁଲି, ମଦଜୁର୍ ଭାବେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଲେ ।

ବଡ଼ ବଡ଼ କଳକାରଖାନା ପ୍ରତିଷ୍ଠା ହେଲା । ବନ୍ଦର, ନଦୀବଂଧ ଓ ସଡ଼କପଥ ନିର୍ମାଣ କାର୍ଯ୍ୟରେ ବହୁ ଶ୍ରମିକ ନିୟୋଜିତ ହେଲେ । ସୁପରଭାଇଜର, ଠିକାଦାର ମାନଙ୍କଠାରୁ ନଗଦ ଅର୍ଥଲାଭ ସାଧାରଣ ମଣିଷକୁ କୃଷି କ୍ଷେତ୍ରରୁ ଦୃଷ୍ଟି ଫେରାଇ ଆଣିବାକୁ ବାଧ୍ୟ କଲା । ଶିଳ୍ପର ପ୍ରତିଷ୍ଠା ଓ ନଦୀବଂଧ ଯୋଜନା ହେତୁ ବହୁ ଜନସାଧାରଣ ବାସଚ୍ୟୁତ ହେଲେ । ବାସଚ୍ୟୁତ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଲା । ଅପର ପକ୍ଷେ ଶିକ୍ଷାର ବିକାଶ ଘଟିଲା । ଏହା ମଧ୍ୟ ସାଧାରଣ ଜନତାଙ୍କ ମନରେ ଦୁଇପ୍ରକାର ଭାବନା ସୃଷ୍ଟିକଲା । ସ୍ୱଚ୍ଛଳ ଅବସ୍ଥାରେ ଥିବା

ଜନସାଧାରଣ ଶିକ୍ଷା ଦୀକ୍ଷା ପ୍ରତି ଆକର୍ଷିତ ହେଲେ । ଶିକ୍ଷାଲାଭର ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁଲେ ନାହିଁ। ମାତ୍ର ଶ୍ରମନିର୍ଭରଶୀଳ ଜନସାଧାରଣ ମାନବ ଶକ୍ତିର ଅଭାବ ଆଶଂକା କରି ଶିକ୍ଷା ପ୍ରତି ଏକ ଅସନ୍ତୋଷଭାବ ଦେଖାଇଲେ।

୧୯୬୨ ମସିହାରେ ଭାରତ-ଚୀନ ମଧ୍ୟରେ ଯୁଦ୍ଧ ହେଲା ।ଦ୍ୱିତୀୟ ବିଶ୍ୱଯୁଦ୍ଧର ପରୋକ୍ଷ ପ୍ରଭାବ ଭାରତୀୟ ଜନସାଧାରଣଙ୍କ ଉପରେ ପଡ଼ିଥିଲା । ଭାରତ-ଚାଇନା ଯୁଦ୍ଧର ସିଧାସଳଖ ପ୍ରଭାବର ଅଂଶୀଦାର ହେଲେ ଭାରତୀୟମାନେ । ସଦ୍ୟଲବ୍ଧ ସ୍ୱାଧୀନତା ପୁନଃ ବିଡ଼ମ୍ବିତ ହେବାର ଏକ ଭୟ ସୃଷ୍ଟି ହେଲା । ଏ ଯୁଦ୍ଧ ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ଏହି ତିନୋଟି ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଯୁଦ୍ଧ ଜନିତ କର୍ଫ୍ୟୁ, ବ୍ଲାକ୍ ଆଉଟ୍, ଯୁଦ୍ଧପାଣ୍ଠି, ହଲିଫ୍ ଇତ୍ୟାଦି ସାଧାରଣ ଜନଜୀବନକୁ ପ୍ରଭାବିତ କଲା । ସେନାବାହିନୀରେ ଯୋଗଦାନ, ମୃତ୍ୟୁ ଆଶଂକାରେ ସାଧାରଣ ଜନଜୀବନ ଖୁବ୍ ପ୍ରଭାବିତ ହେଲା । କୃଷିକ୍ଷେତ୍ର ପ୍ରଭାବିତ ହୋଇଥିବାରୁ ଉତ୍ପାଦନ କମିଲା। ଜନସାଧାରଣଙ୍କ ଆବଷ୍ୟକତାନୁଯାୟୀ ଉତ୍ପାଦନ ହୋଇପାରିଲା ନାହିଁ । ଦରଦାମ୍ ବଢିଚାଲିଲା । ଯୁଦ୍ଧ ପରେ ପୁନଃ ନିର୍ମାଣ ଓ ନୂତନ ନିର୍ମାଣ କାଯ୍ୟ ପାଇଁ ଠିକାଦାର, ଇଂଜିନିୟର ଓ ବ୍ୟବସାୟରେ କଣ୍ଟ୍ରୋଲ୍ ଡ଼ିଲର୍ ମାନଙ୍କର ପୁଞ୍ଜି ବିନିଯୋଗ ଓ ପତିଆରା ବଢିଚାଲିଲା। କଳାବଜାରୀ ସୃଷ୍ଟି ହେଲା । ଅପକୌଶଳର ବିନିଯୋଗ କରି ସାଧାରଣ ଜନତାଙ୍କୁ ଠକିବା ମନୋବୃତ୍ତି ବଢି ଚାଲିଲା ।

ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା । ବିଭିନ୍ନ ବିଭାଗକୁ ନେଇ ଭିନ୍ନ ଭିନ୍ନ ଦପ୍ତର ସୃଷ୍ଟି ହେଲା । ବିଭିନ୍ନ ପାହ୍ୟା ପଦବୀରେ ଶିକ୍ଷିତମାନେ ନିଯୁକ୍ତ ହେଲେ । ଉପାର୍ଜନ ସୃଷ୍ଟିକାରୀ ଚାକିରୀଜୀବି ଗୋଷ୍ଠୀ ସୃଷ୍ଟି ହେଲା । ଫାଇଲ ଚାଷ ହେଲା ଏମାନଙ୍କର ପ୍ରମୁଖ କର୍ତ୍ତବ୍ୟ ଦପ୍ତର ଗୁଡ଼ିକର କାର୍ଯ୍ୟାଳୟ ସହରରେ ହୋଇଥିବାରୁ ରାଜ୍ୟର ବିଭିନ୍ନ ଅଂଚଳର ମଣିଷମାନେ ସହରାଭିମୁଖୀ ହେଲେ । ପ୍ରଶାସନ, ଶକ୍ଷ, ଶିକ୍ଷା, ବାଣିଜ୍ୟର କେନ୍ଦ୍ରସ୍ଥଳୀ ସହର ହୋଇଥିବାରୁ ସହର ସଭ୍ୟତା ପ୍ରତି ଆକର୍ଷଣ ବଢିଲା। ଅଧିକାଂଶ ସହରର ବାସିନ୍ଦା ପାଲଟିଗଲେ । ସେମାନଙ୍କୁ ସେବା ସହଯୋଗ କରିବା ପାଇଁ ଖୁଚୁରା ବ୍ୟବସାୟୀ, ମୂଲିଆ, କୁଲି, ଶ୍ରମିକଙ୍କ ସଂଖ୍ୟା ମଧ୍ୟ ବଢି ଚାଲିଲା । ସହର ତଳିବସ୍ତି ପାଲଟିଲା ଏମାନଙ୍କର ଆଶ୍ରୟସ୍ଥଳୀ ।

ଏପ୍ରକାର ପରିବର୍ତ୍ତନ ଦ୍ୱାରା ସାମାଜିକ ଜୀବନଧାରା ଯଥେଷ୍ଟ ପ୍ରଭାବିତ ହେଲା ।

- ଗାଁ ଗହଳିର ଛକଜାଗା, ହାଟ ଉପକଣ୍ଠରେ ଛୋଟ ଛୋଟ ବଜାର ଦେଖିବାକୁ ମିଳିଲା ।
- ଗାଁ ବଜାର ପାଲଟିଲା ; ଗାଁ ଲୋକ ମାନଙ୍କର ପେଣ୍ଠସ୍ଥଳୀ, ସାନ୍ଧ୍ୟ ଅବସର ବିନୋଦନର କେନ୍ଦ୍ର, ରାଜନୀତି ଚର୍ଚ୍ଚା ଓ ଗୋଷ୍ଠୀ କନ୍ଦଳର ମୁଖ୍ୟ ସ୍ଥାନ ।
- ଗାଁର ଚାଲିଚଳଣି, ଜୀବନଧାରା ମେଳା ମହୋତ୍ସବ ପ୍ରଭାବିତ ହେଲା ।
- ଉତ୍ପାଦନରେ ହ୍ରାସ ଓ ଚାହିଦାର ଆଧିକ୍ୟ କାରଣରୁ ଦରଦାମ ବଢିଚାଲିଲା । ବର୍ଦ୍ଧିତ ଦରଦାମ ପାଇଁ ମହଂଗା ଭତ୍ତା ବଢିଲା । ତେଣୁ ମୁଦ୍ରାର ମୂଲ୍ୟ ବାରମ୍ବାର ବିନିମୟ ହାରରେ ହ୍ରାସ ହେଲା । ଆନ୍ତର୍ଜାତୀୟ ବଜାରରେ ମଧ୍ୟ ମୁଦ୍ରାର ମୂଲ୍ୟ କମିଲା ।
- ଶିକ୍ଷାର ବିକାଶ ସାଂଗକୁ ପଯ୍ୟାପ୍ତ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେବାରୁ ଶିକ୍ଷିତ ବେକାରମାନଙ୍କର ସଂଖ୍ୟା ବଢିଚାଲିଲା ।

- କର୍ମ ନିଯୁକ୍ତି ନ ମିଳିବାରୁ ଶିକ୍ଷିତ ଯୁବକମାନଙ୍କ ପାଖରେ ହତାଶା, ନୈରାଶ୍ୟ ଭାବ ଦେଖାଦେଲା । ଫଳରେ ଅସାମାଜିକ ମନୋବୃତ୍ତି ବଢ଼ିଚାଲିଲା ।
- ଭୋଟ୍‌କୁ ନେଇ ରାଜନୀତି ଚାଲିଲା । ଗାଁ ଓ ସହରରେ ଥିବା କ୍ଲବ୍ , ଯୁବକ ସଂଘକୁ ମଦ୍ୟ ଓ ଅର୍ଥ ଲାଳସା ମାଧ୍ୟମରେ ବଶୀଭୂତ କରାଗଲା ।
- ନାରୀ ଶିକ୍ଷାର ବିକାଶ ଘଟିଲବାରୁ ନିଯୁକ୍ତି କ୍ଷେତ୍ରରେ ମଧ ନାରୀମାନଙ୍କୁ ମଧ ସୁଯୋଗ ମିଳିଲା । ନାରୀ ପୁରୁଷ ସହିତ ସମକକ୍ଷ ହେଲା । ନାରୀ ସଚେତନତା ପ୍ରକାଶ ପାଇଲା । ନାରୀମାନେ ଆତ୍ମନିର୍ଭରଶୀଳ ହେଲେ । ସମପରିମାଣରେ ମଧ ଛାଡ଼ପତ୍ର, ଯୌତୁକ ସମସ୍ୟା ଇତ୍ୟାଦି ବଢ଼ିଚାଲିଲା ।
- ଏକାନ୍ନବର୍ତ୍ତି ପରିବାର ଭାଂଗିଯାଇ ବ୍ୟକ୍ତିକୈନ୍ଦ୍ରିକ ଭାବଧାରା ଦେଖିବାକୁ ମିଳିଲା । ଦୁଇପିଢି ମଧ୍ୟରେ ଆତ୍ମୀୟତା ରହିଲା ନାହିଁ । ଏକ ଅର୍ଥସର୍ବସ୍ୱ ମାନସିକତାକୁ ନେଇ ବଂଚିବା ଉପରେ ମଣିଷ ଗୁରୁତ୍ୱ ଦେଲା ।

**ସାଂସ୍କୃତିକ ପ୍ରେକ୍ଷାପଟ :** ପରିବର୍ତ୍ତିତ ସାମାଜିକ ପରିବେଶରୁ ଏକ ନୂଆ ସାଂସ୍କୃତିକ ପରିମଣ୍ଡଳ ଆର୍ବିଭୁତ ହୋଇଛି । ଚାଲିଚଳଣି ଆଚାର ବ୍ୟବହାର, ପର୍ବପର୍ବାଣୀ, ରଚି, ମୂଲ୍ୟବୋଧ ସବୁକିଛି ବଦଳି ଯାଇଛି । ଗ୍ରାମାଂଚଳରେ ସହରୀ ଜୀବନଧାରାର ଅନୁପ୍ରବେଶ ଏକ ମିଶ୍ର ସଂସ୍କୃତିକୁ ଜନ୍ମ ଦେଇଛି । ସହରାଂଚଳ ଓ ଶିଳ୍ପାଂଚଳରେ ଅଭିବୃଦ୍ଧି ଘଟୁଥିବାରୁ ରାଜ୍ୟ ତଥା ଦେଶ ବାହାରୁ ମଧ ବିଭିନ୍ନ ଗୋଷ୍ଠୀର ଜନସାଧାରଣଙ୍କର ସମାବେଶ ଘଟୁଛି । ଏହାଦ୍ୱାରା ଏକ ସାଂସ୍କୃତିକ ଆଦାନ ପ୍ରଦାନ ପାଇଁ ପ୍ରକୃଷ୍ଟ ପରିମଣ୍ଡଳ ତିଆରି ହେଉଛି । ସଂସ୍କୃତିର ଅବକ୍ଷୟ ଯେତିକି ମାତ୍ରାରେ ସାହିତ୍ୟିକମାନଙ୍କୁ ପ୍ରଭାବିତ କରିଛି ସଂସ୍କୃତିର ସୁରକ୍ଷା ମଧ ସେତିକି ପ୍ରଭାବିତ କରିଛି । ପୂଜ୍ୟପୂଜା କ୍ଷେତ୍ରରେ, ପର୍ବପର୍ବାଣୀ ପାଳନରେ, ଓଷାବ୍ରତ ବିଧାନରେ, ମଠମନ୍ଦିର, ମସ୍‌ଜିଦ୍‌ର ପରିବେଶରେ ପୋଷାକ ପରିପାଟୀରେ ସାଂସ୍କୃତିକ କ୍ରିୟା କଳାପର ବିକଳ ବିଭଂଗରୂପ ସହିତ ସଂସ୍କୃତିର ଅବକ୍ଷୟିଷ୍ଣୁ ଦିଗ ପ୍ରତି ପାଠକର ସଚେତନତା ସୃଷ୍ଟିରେ ମଧ ବହୁ ଚିନ୍ତାଶୀଳ ବ୍ୟକ୍ତି ଆଗେଇ ଆସିଛନ୍ତି ।

## ୩.୬ ଧାର୍ମିକ ପୃଷ୍ଠଭୂମି

ପ୍ରାଚୀନ ଭାରତରେ ରାଜତନ୍ତ୍ରରେ 'ଧର୍ମ' ଉଦାର ଦୃଷ୍ଟିଭଂଗୀ ଯୁକ୍ତ ଥିଲା । ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ଥିଲା । ମାତ୍ର କାଳକ୍ରମେ ଧର୍ମ-ବାହ୍ମଣ ଗୋଷ୍ଠୀର ଅକ୍ତିଆର ମଧକୁ ଆସିଲା । ଫଳରେ ଅନେକ ସାଧାରଣ ଜନତା ଧର୍ମାଚାର ପାଖରୁ ଦୂରେଇ ଗଲେ । ହିନ୍ଦୁ ଧର୍ମରେ ବାହ୍ମଣ ଗୋଷ୍ଠି - ଧର୍ମ ଶିକ୍ଷା, କ୍ଷତ୍ରିୟ-ଶାସନ, ବୈଶ୍ୟ-ବ୍ୟବସାୟ ଓ ଶୂଦ୍ର-ସେବା-ଶ୍ରମ କରିବେ ବୋଲି ଏକ ବିଭାଜନ ରେଖା ଟାଣିଦିଆଗଲା । ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଖିପାରିବା ଧର୍ମକୁ ଆଧାର କରି ଅତୀତରେ ହିଂସା ଯୁଦ୍ଧ, ଧର୍ମମତର ପ୍ରତିଷ୍ଠାକୁ ନେଇ ସ୍ପର୍ଦ୍ଧା, ଧର୍ମରେ ଅଲୌକିକତାର ପ୍ରାଧାନ୍ୟ, ଧର୍ମାନୁଯାଇ-ଭୂଷଣ, ଆଭୂଷଣ, ପରିପାଟୀ ପରିଧାନ କରିବା ଜନିତ ବିଭେଦ ପ୍ରତିଷ୍ଠା ପାଇଛି । ଧର୍ମ ରାଜତନ୍ତ୍ରର ବଶତା ସ୍ୱୀକାର କରିଛି । ରାଜା ଯେଉଁ ଧର୍ମ ଗ୍ରହଣ କରିଛନ୍ତି ଅନୁଗାମୀ ପ୍ରଜାମାନେ ସେହି ଧର୍ମର ବଶତା ସ୍ୱୀକାର କରିଛନ୍ତି । ତେଣୁ ଆମ ଦେଶ ଯେବେ ବୈଦଶିକ ରାଜତନ୍ତ୍ରର ଶାସନାଧୀନ ହୋଇଛି , ସେ ସମୟରେ ଭାରତ ବିଦେଶୀ ରାଜଧର୍ମକୁ ଗ୍ରହଣ କରିଛି । ଏହାଦ୍ୱାରା ଧର୍ମର ମୌଳିକ ଗୁଣ ଉଦାରତା , ପାରସ୍ପରିକ ସଦ୍ଭାବ ଓ ସଂପ୍ରୀତି ଇତ୍ୟାଦି ବ୍ୟାହତ ହୋଇଛି ।

ସ୍ୱାଧୀନତୋତ୍ତର କାଳରେ ସାମ୍ବିଧାନିକ ଧର୍ମ ନିରପେକ୍ଷତା ସମ୍ପୃକ୍ତ ଧର୍ମକୁ ଗୁରୁତ୍ୱ ଦେବା ସହିତ ଏହାର ସୁରକ୍ଷା ଓ ସମ୍ମାନ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଗଲା । ଧର୍ମୀୟ ଉପଚାର ଗୁଡ଼ିକରେ ଆଡ଼ମ୍ବର ମନୋଭାବ ଦେଖିବାକୁ ମିଳିଲା । ଧର୍ମର ମୂଳତତ୍ତ୍ୱ ଓ ଉଦ୍ଦେଶ୍ୟ ବିସ୍ମୃତ ହୋଇପଡ଼ିଲା । ଧର୍ମର ପ୍ରକୃତ ଲକ୍ଷ୍ୟ ପାଖରୁ ଦୂରେଇ ଗଲା । ସାଧାରଣ ଜନତା ଧର୍ମର ମୌଳିକ ଲକ୍ଷ୍ୟ ସଂର୍ପକରେ ଅବଗତ ହେଉ ନ ଥିବାରୁ ପାରସ୍ପରିକ ସଂପ୍ରୀତିଭାବ ପ୍ରତିଷ୍ଠା ହୋଇ ପାରିଲା ନାହିଁ ।

## ୩.୭ ୧୯୬୦-୮୦ ସମୟ ଖଣ୍ଡର କବିତାରେ ଏହାର ରୂପାୟନ

ଉପରୋକ୍ତ ସାମାଜିକ-ସାଂସ୍କୃତିକ-ଧାର୍ମିକ ପରିମଣ୍ଡଳ ୧୯୬୦ ପରବର୍ତ୍ତିତ ଓଡ଼ିଆ କବିତାକୁ ଭିନ୍ନ ଦିଗରେ ଗତିଶୀଳ କରାଇଲା । ଏହି ସମୟ ଖଣ୍ଡର କବିତାର କାବ୍ୟଧାରାରେ ନିର୍ଦ୍ଦିଷ୍ଟ କେତେ ଗୁଡ଼ିଏ ପ୍ରବୃତ୍ତି ଦେଖିବାକୁ ମିଳିଲା । ଏଗୁଡ଼ିକ ହେଲା –

(କ) ସ୍ୱାଧୀନତାର ସ୍ୱପ୍ନଭଂଗ
(ଖ) ଅତୀତ ଓ ପରଂପରା ପ୍ରତି ଅବିଶ୍ୱାସ
(ଗ) ଜୀବନ ପ୍ରତି ରୋମାଣ୍ଟିକ୍ – ବାସ୍ତବବାଦୀ ଦୃଷ୍ଟିଭଂଗୀ
(ଘ) ଯୁଦ୍ଧ ପରବର୍ତ୍ତୀ ସମାଜ - ଆର୍ଥନୀତିକ ପ୍ରତିକ୍ରିୟା
(ଙ) ଆବେଗ ଜର୍ଜରିତ ପ୍ରେମ ପରିବର୍ତ୍ତେ ଯୁକ୍ତିଶୀଳତା
(ଚ) ନୈରାଶ୍ୟ ବୋଧ
(ଛ) ବିଚ୍ଛିନ୍ନତାବୋଧ
(ଜ) ମୃତ୍ୟୁ ସଚେତନତା
(ଝ) ଇନ୍ଦ୍ରିୟୋତ୍ତର ଅନୁଚିନ୍ତା

ଆଲୋଚ୍ୟ ସମୟର କବିଙ୍କ କାବ୍ୟ ଭାବନାରେ ଊଣା ଅଧିକେ ଏଇ ଭାବଧାରା ପ୍ରତିଫଳିତ ହେଲା । ନିମ୍ନରେ ଏହି ସମୟ ଖଣ୍ଡର ପ୍ରତିଷ୍ଠିତ କବିମାନଙ୍କ କବିତାରେକିପରି ଏହାର ପରିପ୍ରକାଶ ଘଟିଛି ତାହା ଆଲୋଚନା କରାଯାଇପାରେ ।

## ୩.୮ ପ୍ରତିଷ୍ଠିତ କବିମାନଙ୍କ କବିତାରେ ଏହାର ପ୍ରୟୋଗ

ସ୍ୱାଧୀନତା ପରବର୍ତ୍ତୀ ୧୯୬୦ ରୁ ୧୯୮୦ ପର୍ଯ୍ୟନ୍ତ ଏହି ୨୦ ବର୍ଷ ମଧ୍ୟରେ ଯେଉଁ ମାନେ ଉଲ୍ଲେଖନୀୟ ଅବଦାନ ରଖିଯାଇଛନ୍ତି ; ସେମାନଙ୍କ ସଂର୍ପକରେ ଏଠାରେ ଚର୍ଚ୍ଚା କରାଯାଇଛି । ଏଇ କୋଡ଼ିଏ ବର୍ଷ ଅବଧିରେ ପ୍ରକାଶିତ ଓଡ଼ିଆ କବିତାକୁ ନେଇ କବି ବା ପାଠକଙ୍କ ରୁଚିରେ କିଛିଟା ପରିବର୍ତ୍ତନ ଆସିଛି । ପରିବର୍ତ୍ତନର କାରଣ ପାଇଁ ପରିବର୍ତ୍ତିତ ପରିସ୍ଥିତି ହିଁ ମୁଖ୍ୟତଃ ଦାୟୀ । ଏ ସଂର୍ପକରେ ସବିଶେଷ ଆଲୋଚନା କରାଯାଇଛି । ଆଧୁନିକତାର ବିବିଧ ଧାରା, ବାଦ ବିଭବ, ତଥା ବହୁବିଧ ଚିନ୍ତାର ଚମତ୍କାରିତାରେ ଉର୍ଜ୍ଜାସ୍ୱଳ ହୋଇଛି । ଆନ୍ତର୍ଜାତିକ ଭାବଧାରା ସହିତ ଯୋଗସୂତ୍ର ନିର୍ମାଣ କରିଛି । ନିମ୍ନରେ ପ୍ରତିଷ୍ଠିତ କବି ଓ ସେମାନଙ୍କ କବିତା ସଂର୍ପକିତ ଆଲୋଚନାରୁ ଏ ସଂପର୍କରେ ଅବଗତ ହୋଇପାରିବା ।

ଓଡ଼ିଆ କବିତାରେ ଆଧୁନିକତାର ବାର୍ତ୍ତାବହ ଭାବରେ ଆମେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଗ୍ରହଣ କରିଥାଉ । କବିଙ୍କର କାବ୍ୟ ସ୍ୱର ଏକ ମିଶ୍ରିତ ସ୍ୱରର ଉଚ୍ଚାରଣ । କବି କେତେବେଳେ ରୋମାଣ୍ଟିକ୍ ତ କେତେବେଳେ ପ୍ରଗତିବାଦୀ, ପୁଣି କେତେବେଳେ ପ୍ରୟୋଗଧର୍ମୀ କବିତାର କାବ୍ୟିକ ସ୍ୱରକୁ ଗ୍ରହଣ କରିଛନ୍ତି । ୧୯୬୦ ମସିହା ପରେ କବିଙ୍କର କବିତା -୧୯୬୨, ଶହୀଦ୍ ପ୍ରଦୀପ୍ତ (୧୯୬୫), ଏସିଆର ସ୍ୱପ୍ନ (୧୯୬୮), କବିତା - ୧୯୬୯, କବିତା - ୧୯୭୧, କବିତା - ୧୯୭୪) ପ୍ରକାଶ ପାଇଛି । ଉତ୍ତର ଷାଠିଏ କାଳର କବିତା ଅନୁଧ୍ୟାନ କଲେ ମନେହୁଏ କବି ଯେପରି ଏକ ମାନସିକ ସଂକଟ ମଧ୍ୟଦେଇ ଗତି କରିଛନ୍ତି । ସେଇ ସଂକଟରୁ ମୁକ୍ତି ପାଇବା ପାଇଁ ତାଙ୍କ କବିତାରେ ବୌଦ୍ଧିକ ଓ ଆଂଗିକ କୌଶଳ ସେ ଅନୁସରଣ କରିଛନ୍ତି । ଆଧୁନିକ ସମୟର ସାମାଜିକ ଅବ୍ୟବସ୍ଥା, ଅବକ୍ଷୟବାଦୀ ଚିନ୍ତା ଧାରା କବିଙ୍କର ସମାଜନିଷ୍ଠ ଚିନ୍ତାଧାରାକୁ ଶିଥିଳ କରିଦେଇଛି । ସେଥିପାଇଁ ଏହି ପର୍ଯ୍ୟାୟରେ କବି ଛନ୍ଦ ପ୍ରୟୋଗ, ନୂତନ ଉପମା ଓ ଚିତ୍ରକଳ୍ପ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି ।

୧୯୫୮ ମସିହାରେ କବିଙ୍କର 'ସ୍ୱଗତ' କବିତା ଗ୍ରନ୍ଥ ପ୍ରକାଶ ପାଇଥିଲା । ସନ୍ନିବେଶିତ କବିତା ଗୁଡ଼ିକ କବିଙ୍କର ବ୍ୟକ୍ତି କୈନ୍ଦ୍ରିକ ଭାବଧାରାର ପରିଚାୟକ । ଏହାପରେ ପ୍ରକାଶ ପାଏ କବିତା -୧୯୬୨ ବାସ୍ତବତାର ପୂର୍ଣ୍ଣ ଉପଲବ୍ଧି ସାଂଗକୁ ଅତିବାସ୍ତବବାଦୀ ଚେତନାର ବଶବର୍ତ୍ତୀ ହୋଇ କବିଙ୍କର ଅନ୍ତଯାତ୍ରା ଅନେକ ଦୂରକୁ ଅଗ୍ରଗତି କରିଛି । ଫ୍ରୟେଡ଼ୀୟ ମନସ୍ତତ୍ତ୍ୱର ପ୍ରଭାବରେ କବି ନାରୀ , ପ୍ରେମ ଓ ଯୌନତା ସମ୍ବନ୍ଧରେ ଅଧ୍ୟୟନ କରିବା ସହିତ ସଭ୍ୟତା ଓ ସଂସ୍କୃତିର ଧାରା ସହିତ ଏହାକୁ ମିଶାଇ ଉପଲବଧି କରିଛନ୍ତି । କବିଙ୍କ କାବ୍ୟ ଚେତନାରେ ବ୍ୟକ୍ତିବୋଧର ଅଭିବ୍ୟକ୍ତି ମଧ୍ୟରେ ଆଧାତ୍ମିକ ଚେତନା ଗୁରଗତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିଛି । ଏ ପ୍ରକାର ଜଟିଳ ଉପଲବଧି 'ପାଣ୍ଡୁଲିପି' ର 'ଭାରସାମ୍ୟ' କବିତାରୁ ଆରମ୍ଭ ହୋଇ 'ସ୍ୱଗତ' ମଧ୍ୟଦେଇ 'କବିତା - ୧୯୬୨' ରେ ପୂର୍ଣ୍ଣତା ଲାଭ କରିଛି ।

କବିତା -୧୯୬୨ ର ନାୟକ ଏକ ଭଗ୍ନନାୟକ, ଯାହା ପାଖରେ ପ୍ରେମ କରିବାକୁ ଶକ୍ତି ବା ସାମର୍ଥ୍ୟ ନାହିଁ । ଆଧୁନିକ କାବ୍ୟ ଭାଷାର ସୁନ୍ଦର ପ୍ରୟୋଗ ଓ ବିମ୍ବ ନିର୍ବାଚନକୁ କବିତା ୧୯୬୨ ରେ ଗୁରୁତ୍ୱ ଦିଆଯାଇଛି । ପ୍ରଥମ କବିତା ସାମୁଦ୍ରିକ ରେ 'ସମୁଦ୍ର' ଗର୍ଭରେ ଥିବା ଅନେକ ଇତିହାସ, ସହର, କଥା, ଉପକଥାର ବର୍ଣ୍ଣନା କାଳ ଗର୍ଭରୁ ଏମାନଙ୍କୁ ଆବିଷ୍କାର କରିବାର ଅଭିପ୍ସା ମଣିଷ ମନରେ ଆଜିଯାଏ ଉଜ୍ଜୀବିତ । ଏଥି ମଧ୍ୟରେ ସମୟର କରାଳ କବଳରୁ ନିଜକୁ ମୁକ୍ତ କରି ନିଜର ସ୍ୱତନ୍ତ୍ର ପରିଚିତି ତିଆରି କରିବାର ପ୍ରଚେଷ୍ଟାରେ ଆଜିର ମଣିଷ ପାଗଳପ୍ରାୟ । କବିତାର ପଂକ୍ତିରେ ଏହା ଲକ୍ଷ୍ୟ କରାଯାଇପାରେ ।

''ସେ ସବୁକୁ ଖାପ ଖୋଉଁ କରୁ ମାପଚୁପ୍
ନିସର୍ଗକୁ କରୁଁ ପ୍ରାତ୍ୟାହିକ
ନିଜର ଲୌକିକ ଆଉ ଖଂଡ଼ିତ ପ୍ରତିମା
ଖୋଦୁଁ ମହାସାଗରରେ ଆମେ ସାମୁଦ୍ରିକ ॥ ''(ସାମୁଦ୍ରିକ)

କବିଙ୍କ ଦୃଷ୍ଟିରେ ଜୀବନ ସରଳରେଖାରେ ଗତି କରେନାହିଁ । ପ୍ରତ୍ୟେକ ମୁହୂର୍ତ୍ତର ପ୍ରତ୍ୟେକ ଅନୁଭବ ଜୀବନ ପାଇଁ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ । ଏହାକୁ କ'ଣ ଫାଙ୍କି ଦେଇ ହୁଏ । ଫାଙ୍କିବାକୁ ଚେଷ୍ଟା କଲେ ବିଷାଦ ବୋଧରେ ଜର୍ଜରିତ ହେବା ହିଁ ସାର ହୁଏ । ତଥାପି ମଧ୍ୟ ଫାଲଗୁନର ଇସାରାରେ ତଥାପି ମଧ୍ୟ ହଜିବାକୁ ଇଚ୍ଛା ହୁଏ । ଦେହରେ ଫୁଲର ବାସ୍ନା ପଦ୍ମତୋଳାର ଡ଼ାକ ପାର୍ଥିବ ବିଷାଦବୋଧକୁ ଦୂରେଇ ଦିଏ । ରୋମାଣ୍ଟିକ୍ ପ୍ରବଣତାରେ ଆଛନ୍ନ ହୋଇଯାଏ । ହଜିଯାଇଥିବା ସମୟ ଓ ଅନୁଭବକୁ ପୁଣି ଥରେ ଧରିରଖିବାକୁ ଚେଷ୍ଟା କରେ । ଏଥିପାଇଁ ଆବଶ୍ୟକ କେବଳ ଗୋଟିଏ ମୁହୂର୍ତ୍ତ । ଯେଉଁ ମୁହୂର୍ତ୍ତରେ ଆଶଂକା ନଥିବା କି ନଥିବା ମଧ୍ୟ ଆତ୍ମପ୍ରବଂଚନା । ଏହି ମୁହୂର୍ତ୍ତଟି ହୋଇପାରେ ଏକ ଉତ୍ତରିତ ସ୍ଥିତି । ସବୁ ସଫଳତା, ବଫଳତା, ଆନନ୍ଦ, ବିଷାଦ ସବୁରି ଉର୍ଦ୍ଧ୍ୱରେ ଏହି ଅନନ୍ତ ଅନୁଭବ ନିମ୍ନ ପଂକ୍ତି ଦ୍ୱୟରେ ସୂଚିତ ।

" ମୋ ତରୁର ଡ଼ାଳେ ଡ଼ାଳେ ଫୁଲର ଇସାରା
ଯେଉଁ ଫୁଲ ଫଳକୁ ଉଚ୍ଚାରେ
ମୋ ମନର ମୃଣାଳରେ ଲାଗେ ପଦ୍ମତୋଳା
ଯେଉଁ ପଦ୍ମ ଲଳନା ବୁକୁରେ ।।'' (ଏକ ଫାଲଗୁନ )

'' ଏ ବର୍ଷ ବି ବିତିଯାଉ ଗତ ବର୍ଷ ପରି
କିମ୍ୱା ଶହ ଶହ ବର୍ଷମାନ ପରି
କଚ୍ଛପ ସଦୃଶ
ଗୋଟିଏ ମୁହୂର୍ତ୍ତ କିନ୍ତୁ ଧ୍ରୁବ ହେଉ
ହେଉ ନିରଂକୁଶ ।। '' (ଉତ୍ତରଣ)

କବିତା ୧୯୬୨ରେ କଥିତ ଭାଷା ସହିତ କାବ୍ୟିକ ଭାଷାର ସମନ୍ୱୟ ପରିଲକ୍ଷିତ ହୋଇଥାଏ । ନିମ୍ନ ପଂକ୍ତିରେ ତାହା ସୁସ୍ପଷ୍ଟ ।

'' ଅବନା କବିତା ପରି ଧାନର କିଆରୀ
ହିଡ଼ର ମାତ୍ରା ବା ସବୁ ଯାଇଅଛି ଭାଜି ।। '' (ଏକ ଉତ୍ତୀର୍ଣ୍ଣ ଶ୍ରାବଣ )

'' ସମୁଦ୍ରର ଭଉଁରୀରେ ନାହିରେ ଚଳାଇ ଶଂଖ ମୋର
କୂର ପେକସ୍
ଶୁଣିବାକୁ ଚାହେଁ ମୁଁ ତା ନିର୍ଦ୍ଦନ କଣ୍ଠରୁ
କୋଟି କୋଟି ନିମଜ୍ଜିତ କଣ୍ଠର କୋରସ୍ ।। '' (ସାମୁଦ୍ରିକ)

'' ବସନ୍ତ ଚଂଚଳ କରେ କୁକୁଡ଼ାର ତନୁ
ହଂସର ଆକାଶ ଧାତୁ , ପାହାଡ଼ର ନୀଳ ଶିଳାଜତୁ ।।'' (ବସନ୍ତର ନିଛକ ଜିଲ୍ଲାରେ)

'' ଅବିଧବା ରାତି ଭାଳେ ଚନ୍ଦ୍ରବିନ୍ଦୁ ଯେବେ ଜଳିଉଠେ
ତେବେ ସେ ତା ନାଆଟିକୁ ମେଲି ଦେଇ ଶୀର୍ଷ ନଇ ଡୁଠେ ।। ''(ମତ୍ସ୍ୟଗନ୍ଧା)

"   ପାପୁଲିର ଗାର ପରି ବିଚିତ୍ର ଲାଇନମାନ ଦେଇ
ସୀମାନ୍ତର ଟ୍ରେନ ଯାଏ ତରଂଗିତି ରାତିରେ ଗାଧୋଇ ॥ "(ସୀମାନ୍ତଟ୍ରେନ)

୧୯୬୦ ପରବର୍ତ୍ତୀ କବିତାରେ କବି ସଚ୍ଚିଦାନନ୍ଦ କାବ୍ୟସ୍ୱରରେ ସମାଜତତ୍ତ୍ୱ,ବାମପନ୍ଥୀ ରାଜନୀତିକ ଆର୍ଦଶ, ବିଦ୍ରୋହର ସ୍ୱର ଉଭେଇ ଯାଇଛି । କବି ବ୍ୟକ୍ତିର ଚିନ୍ତା ଚେତନା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ସଂଗଠିତ ସମାଜର ପାଚେରୀ ଭେଦ କରି କାବ୍ୟ ପୁରୁଷଟି ସତେଯେମିତି ନିଜର ସ୍ଥିତି ଖୋଜୁଛି । କାବ୍ୟ ନାୟକ ପାଇଁ ସମୟ ଗୁରୁତ୍ୱପୂର୍ଣ୍ଣ । ମୁହୂର୍ତ୍ତକ ସମୟକୁ ମଧ ସେ ହାତ ଛଡ଼ା କରିବାକୁ ଚାହେଁନି । ନିଜ ସ୍ଥିତିକୁ ସେ ଖୋଜୁଛି ବିଭିନ୍ନ ଉପାଦାନ ମଧ୍ୟରେ ହୋଇପାରେ ତାହା ସମୁଦ୍ର, ସହର, ଶ୍ରାବଣ, ଶ୍ରାଦ୍ଧସଭା, ମହୁମାଛିର ଗୁଣୁଗୁଣୁ, କ୍ଷୋଭ, କ୍ଷୁଧା, ପୂର୍ଣ୍ଣିମାର ମହାନଦୀ କୂଳ। ହୋଇପାରେ ବସନ୍ତର ନିଛକ ଜିଲ୍ଲା ଏ ଖୋଜିବାର ଶେଷ ନାହିଁ । ଏହାର ସ୍ଥିତି ପରିବ୍ୟାପ୍ତ । କବିତାରେ, ଜୀବନରେ ଆଉ ମୃତ୍ୟୁରେ ମଧ ।

କବିତା – ୧୯୬୨ ପରବର୍ତ୍ତୀ କବିତା ସଂକଳନ ଗୁଡ଼ିକର ନାମକରଣ ବର୍ଷାନୁକ୍ରମିକ । କବିତା - ୧୯୬୯, କବିତା-୧୯୭୧, କବିତା – ୧୯୭୪ ରେ ସ୍ଥାନିତ ଅନେକ କବିତାର ସ୍ୱର ଓ ଶୈଳୀ ପୂର୍ବ କବିତା ତୁଳନାରେ ସେପରି ପୃଥକ ନୁହେଁ । କିନ୍ତୁ ପୂର୍ବବର୍ତ୍ତୀ କବିତାରେ ପ୍ରତଫଳିତ ସାମାଜିକ ଅଂଗୀକାର, ସାମ୍ୟବାଦୀ ଚେତନା୧୯୬୦ ପରବର୍ତ୍ତୀ କବିତାରେ ସଂକୁଚିତ ହୋଇ ଯାଇଥିବାର ଲକ୍ଷ୍ୟ କରାଯାଏ । କବିତା  ୧୯୬୯ର ମୁଖବଂଧ ଓ 'ସାହିତ୍ୟ ବିଚାର ଓ ମୂଲ୍ୟବୋଧ' ପୁସ୍ତକରେ ଅସ୍ତିତ୍ୱ ସଂପର୍କରେ ଅନେକ କଥା ଆଲୋଚନା କରିଛନ୍ତି। ସ୍ଥିତିବାଦୀ ନିଃସଂଗତା, ବିଚ୍ଛିନ୍ନତାବୋଧ, ଶୂନ୍ୟତାର ଉପଲବ୍‌ଧି, ପାପବୋଧ, କ୍ଳାନ୍ତି , ଉଦ୍ଭଟତା ଆଦି କବିଙ୍କ ୧୯୬୦ ପରବର୍ତ୍ତୀ କବିତାରେ ଦେଖିବାକୁ ମିଳିଛି ।

କବିତା ୧୯୬୨ର 'ସ୍ୱଗତ' କବିତାରେ କବିଙ୍କର ବ୍ୟର୍ଥତାବୋଧ ମିଥ ମାଧମରେ ପ୍ରକାଶ ପାଇଛି । ପରାଜୟର ମୁହୂର୍ତ୍ତକୁ ବରଣ କରିନେଇଛନ୍ତି । ତୀବ୍ର ଯନ୍ତ୍ରଣା ଭିତରେ କବି କହୁଛନ୍ତି –

"ତେଣୁ ମୁଁ ତ ଭଗ୍ନଜାନୁ ଖସିପଡ଼େ ମୋର ରାଇଫଲ
ଉଠାଇ ପାରେ ନା ଆଉ ଗାଣ୍ଡିବ ଯେ ହାତ ଥରଥର
ହେ ମୋର ଶେଷ ଚିହ୍ନ ! ସଂଗ୍ରାମର କ୍ଷତ ଚିହ୍ନ ସବୁ
ତୁମେ ମୋତେ ଶାନ୍ତି ଦିଅ ଟାଣିଦିଅ ତୁମ ମାୟାତମୁ ॥"

ଅବକ୍ଷୟଗ୍ରସ୍ତ ସ୍ଥିତିବାଦୀ ଜୀବନର ଚିତ୍ର 'ମୁକାବିଲା' କବିତାରେ ପ୍ରକାଶ ପାଇଛି –

"ଭୁଷୁଡ଼ି ପଡ଼ିଛି ତରୁଣର ଚୂଡ଼ା ବିଡ଼ମ୍ବନାର ଚାପେ
ହତାଶା ବେକାରୀ ଅଭାବ ଯେ ତାକୁ ଶୂନ୍ୟବାଦର ଖାପେ
ଠେଲିଦିଏ ଅଜାଣତେ
ତରୁଣ କରୁଛି ଶୂନ୍ୟ ସାଧନା ଖୋଲାଖୋଲି ରାଜପଥେ
ଯୌନ କ୍ରିୟାରେ ଖୋଜି ନିରାତ୍ମା କାବ୍ୟ ଲୋକରେ ସତେ
ମାଦକବିଶ୍ୱେ ହଦାଇ ସଭା ଆତ୍ମ ବିରୋଧ ଯେତେ ॥"

ଆଧୁନିକ ମଣିଷ ପାଇଁ ଶୂନ୍ୟତା ହିଁ ହୋଇଛି ଏକ ମାତ୍ର ଅନୁଭତି । ଶୂନ୍ୟତା ବୋଧକୁ ଆଶ୍ରା କରି ଜୀବନ ବଂଚିବା ତାର ଏକମାତ୍ର ମାଧ୍ୟମ । ଅକ୍ଷମତାର ସ୍ୱରକୁ କବିତାର ନିମ୍ନ ପଂକ୍ତି ବହନ କରିଛି ।

"ଚାଲିବାର ଶକ୍ତି ମୋର କାହିଁ ?
କରିଯିବା ଓ ପାଇବାର ପୂର୍ଣ୍ଣତା ଭିତରେ
ଏ କି ବିରାଟ ବ୍ୟବଧାନ
ମନେ ହୁଏ ସବୁ ଯେମିତି ଖାଲି ପଡ଼ିଆ
ଖାଲି କ୍ଳାନ୍ତି ଶୁନ୍ ଶାନ୍ ॥"

ସାଂପ୍ରତିକ ସମୟର ପୃଥିବୀରେ ଜୀବନ ବଂଚିବା କଷ୍ଟକର ହୋଇପଡୁଛି । ଯେଉଁ ପୃଥିବୀର ଜନସାଧାରଣ ଦିନେ ରୋମାଣ୍ଟିକ୍ ଭାବପ୍ରବଣତା ମଧ୍ୟରେ ଜୀବନ ବଂଚୁଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରମାଣୁ ଭୟାହତା ପରେ ସେଇ ପୃଥିବୀ ତାକୁ କୁତ୍ସିତ ଦୁର୍ଗନ୍ଧମୟ ମନେହେଲା 'ଏସିଆର ସ୍ୱପ୍ନ'ର 'ପୃଥିବୀ ଉଦୟ' କବିତାରେ ଲେଖିଛନ୍ତି–

"କି କୁତ୍ସିତ ଏ ପୃଥିବୀ
କି ଦୁର୍ଗନ୍ଧମୟ
ମଣିଷର ପଚାଗଂଧେ
ଶବ ଗନ୍ଧେ ହାୟ
ଧର୍ମ ନାମେ ନ୍ୟାୟ ନାମେ
ମୁକ୍ତି ନାମେ ପୁଣି
ଯେତେ ହତ୍ୟା ହୋଇ ଅଛି
କେ ପାରିବ ଗଣି ?"

ବିଜ୍ଞାନର ଭୟାବହତା ବିଶ୍ୱଜନତାର ମାନସିକତାରେ ଏକ ମୃତ୍ୟୁଭୟ ସର୍ବଦା ଜାଗରିତ କରାଇଛି । ବିଜ୍ଞାନ ଉପରେ ଆଧୁନିକ ମଣିଷ ଯେଉଁ ଆସ୍ଥା ପୋଷଣ କରିଥିଲା ସେ ଆଶା ପାଣିଫୋଟକା ପରି ମିଳାଇ ଯାଇଛି । ଅତୀତରେ ଭରସା କରିଥିବା ପ୍ରକୃତି ପାଖରୁ ମଧ୍ୟ ମଣିଷ ମୁହଁ ଫେରାଇ ନେଇଛି । ଆଧୁନିକ ମଣିଷ ନା ପ୍ରକୃତିକୁ ନିଜର କରିପାରିଛି ନା ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ଆସ୍ଥାପ୍ରକାଶ କରିପାରିଛି । ସର୍ବଦା ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ବଂଚୁଥିବା ମଣିଷ ନିଃସଂଗତାବୋଧ ମଧ୍ୟରେ ପ୍ରତି ମୁହୂର୍ତ୍ତରେ ଛଟପଟ ହେଉଛି । ଦର୍ପଣ (୧) ଓ ଦର୍ପଣ (୨) କବିତା ଏହି ନିଃସଂଗତବୋଧର ସ୍ୱରକୁ ବହନ କରିଛି । ନିମ୍ନ ପଂକ୍ତିରେ ଏହା ସୂଚିତ ।

"ସେଥିରୁ ଏକ ମଧ୍ୟାହ୍ନର
ଖରଦୀପ୍ତ ରୌଦ୍ର ଝଲମଲ
କାନ୍ଦ କାନ୍ଦ ଥର ଥର
ନିଛାଟିଆ ନୀଳ ଦୀଘି ଜଳ

ପରି ଥମ୍ ଥମ୍
ସେଇ ପରି ଏକାକୀ ନିର୍ଜନ
ସେ ଯେପରି ଜୀବନ
ର ସବୁ ଠାରୁ ନିର୍ଜନତମ
ମୁହୂର୍ତ୍ତର ପ୍ରତିଛବି
ମଧ୍ୟାହ୍ନ ମଧ୍ୟାହ୍ନ ॥ ''(ଦର୍ପଣ - ୧)

'' କେଉଁ ନର୍ଜନ ଘରର ହତା ରେ
ରାତି ଜଗୁଆଳିର
ମିଂଜି ମିଂଜି ଲଣ୍ଟଣଟି ପରି
ମନଟା ବେଳେ ବେଳେ ଖାଁ ଖାଁ କରେ
ଏଇ ସେ ଏକ ଜନମାନବ ହୀନ ମନ
ଘରର ଚଟାଣ
କିମ୍ବା ଯତ୍ନ ନିଆ ଯାଉ ନ ଥିବା
ଏକ କ୍ରୋଟନ ଗଛ
ଅପନ୍ତରା ପିଣ୍ଡାରେ ॥ '' ( ଦର୍ପଣ -୨ )

ପଂକ୍ତିରେ ଚିତ୍ରକଳ୍ପର ପ୍ରୟୋଗ କରାଯାଇଛି । ମିଂଜି ମିଂଜି ଲଣ୍ଠନଟି ପରି ମନଟା ବେଳେ ବେଳେ ଖାଁ ଖାଁ କରେ' 'ମନ ସେ ଏକ ଜନମାନବହୀନ ଘରର ଚଟାଣ' ॥ ଚିତ୍ରକଳ୍ପ ମାଧ୍ୟମରେ ନିଃସଂଗତାବୋଧର ଚିତ୍ର ପ୍ରକଟିତ ।

ବିବିଧ ପରୀକ୍ଷା ନିରୀକ୍ଷାରେ ରାଉତରାୟଙ୍କର ପ୍ରତ୍ୟେକଟି କବିତା ଏକ ଏକ ସଫଳ କୃତି । ସେଥିପାଇଁ ସେ ପାଠକୀୟ ଆଦୃତି ସାଉଁଟି ପାରିଛନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଦିଗ ଉପରେ ନିଜର ଚିନ୍ତାଧାରାକୁ ସୀମିତ ନରଖି ବିବିଧ ପରୀକ୍ଷା ନିରୀକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ଏକଥା ସେ ନିଜେ ମଧ୍ୟ ସ୍ୱୀକାର କରି କବିତା ୧୯୬୯ର ମୁଖବନ୍ଧରେ ଲେଖିଛନ୍ତି -

" ମୋର ମନେହୁଏ ପାଠକ ଜଗତ୍ ମଧ୍ୟରେ ବହୁ ସ୍ତର ଭେଦ ରହିଚି । ତେଣୁ ଗୋଟିଏ ପ୍ରକାର କବିତା ପରିବେଷଣ କଲେ ସବୁ ଶ୍ରେଣୀର ପାଠକ ପାଠିକାମାନଙ୍କର ଚିତ୍ତ ଆକର୍ଷଣ କରି ପାରିବା ସମ୍ଭବ ନୁହେଁ। ସବୁପ୍ରକାର ପାଠକଙ୍କ ପାଇଁ କବି ଏକ ନିର୍ଦ୍ଦିଷ୍ଟ ଶୈଳୀରେ କବିତା ଲେଖିବା ଦ୍ୱାରା ଅଧିକାଂଶ କ୍ଷେତ୍ରରେ ସେ ଦୁର୍ବୋଧ ବୋଲି ହିଁ ମନେ ହୋଇଛି । ତେଣୁ ଭିନ୍ନ ଭିନ୍ନ ସ୍ତରର ପାଠକଙ୍କ ପାଇଁ ଯେଉଁଠାରେ ଯେପରି ସମ୍ଭବ ସେଭଳି ଶୈଳୀ ଓ ଆଂଗିକ ବ୍ୟବହାର କଲେ କବି ଓ ପାଠକ ମଧ୍ୟରେ ପ୍ରତ୍ୟକ୍ଷ ଆଦାନ ପ୍ରଦାନର ପଥ ପ୍ରଶସ୍ତତର ହୋଇପାରେ ।''

**(କବିତା ୧୯୬୯ର ଭୂମିକା ପୃ.୩/୬)**

ପରିଶେଷରେ ଏହା ସ୍ୱୀକାର୍ଯ୍ୟ ଯେ ଓଡ଼ିଆ କବିତାରେ କେବଳ ଆଧୁନିକତାର ପ୍ରବର୍ତ୍ତକ ଭାବରେ ନୁହେଁ ଜଣେ ସଫଳ କବି ଭାବରେ ରାଉତରାୟ ବେଶ୍ ପ୍ରତିଭାଶାଳୀ । ୧୯୭୦ ମସିହା ପରେ ତାଙ୍କ କବିତା ରେ କିଂଚିତ ଅବକ୍ଷୟର ସଂକେତ ଦେଖିବାକୁ ମିଳେ । ବିଭିନ୍ନ ସମନ୍ୱୟଶୀଳ ପ୍ରବଣତା ଭିତରେ ବ୍ୟକ୍ତିମାନସର ଚିତ୍ର ଓ ଚେତନା ଖୁବ୍ ସ୍ପଷ୍ଟ ମନେ ହୁଏ । ଏହା ହିଁ ୧୯୬ ପରବର୍ତ୍ତୀ ସଚ୍ଚିରାଉତରାୟ କାବ୍ୟ ମାନସର ସ୍ୱାତନ୍ତ୍ରତା ।

**ଗୁରୁପ୍ରସାଦ ମହାନ୍ତି (୧୯୨୪-୨୦୦୪ )**

ଜଣେ ରୋମାଣ୍ଟିକ କବି ଭାବରେ ୧୯୩୯-୪୦ ମସିହାରେ ଗୁରୁପ୍ରସାଦ ମହାନ୍ତି ସାହିତ୍ୟ ରାଜ୍ୟରେ ଅନୁପ୍ରବେଶ କରନ୍ତି । ସହକାର ଓ ଉତ୍କଳ ସାହିତ୍ୟ ପତ୍ରିକାରେ ତାଙ୍କ କବିତା ପ୍ରକାଶ ପାଏ । ପ୍ରଥମ ବିଶ୍ୱ ଯୁଦ୍ଧ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅହିଂସା ଆନ୍ଦୋଳନ ମଧ୍ୟରେ ସବୁଜ ଗୋଷ୍ଠୀଙ୍କ କବିତାରେ ଯେଉଁ ସମୟ ନିରପେକ୍ଷ ସ୍ୱର ପ୍ରକାଶ ପାଇଥିଲା, ୨ୟ ବିଶ୍ୱଯୁଦ୍ଧର ଆରମ୍ଭରେ ସମୟରେ ଗୁରୁପ୍ରସାଦଙ୍କ 'ସେଦିନ', 'ସପନତରୀ', 'ଅପରାଜିତା', 'ଅସ୍ତରାଗ' ପ୍ରମୁଖ କେତୋଟି କବିତାରେ ଏହି ସ୍ୱରର ପରିଚ୍ଛନ୍ନ ରୂପ ଆମେ ଦେଖିବାକୁ ପାଇବା ।

୧୯୪୮-୧୯୫୫ ମସିହା ମଧ୍ୟରେ ଲେଖିଥିବା କବିତା ଗୁଡ଼ିକ 'ନୂତନ କବିତା' ନାମରେ ୧୯୫୫ ମସିହାରେ ସଂକଳିତ ହୋଇଛି । ନୂତନ କବିତାର ମୁଖବଂଧରେ ସଂକଳିତ କବିତା ଗୁଡ଼ିକ ନିମିତ୍ତ ପ୍ରଦତ୍ତ ମନ୍ତବ୍ୟରୁ ଗୁରୁପ୍ରସାଦଙ୍କ ଚିନ୍ତାଧାରା ସଂପର୍କରେ ଅନୁମାନ କରିହୁଏ ।

"ଏସବୁ କବିତାରେ ପ୍ରଥମ ପୃଥିବୀ ମହାଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ କାବ୍ୟ ଚେତନାର ଧୂସର ଓ ବିଷଣ୍ଣ ଆଭିମୁଖ୍ୟଟି ଅତି ସଚ୍ଚେଟ ଭାବେ ଉପସ୍ଥାପିତ ହୋଇଛି । ଟି.ଏସ୍.ଇଲିୟଟ୍ , କବି ୟେଟସ୍ ଆଦିଙ୍କ କବିତାରେ ଯୁଦ୍ଧାହତ କାବ୍ୟ ମାନସର ପ୍ରତିକ୍ରିୟା, ପ୍ରେମର ମଳିନ ଆକୃତି ସମସ୍ତ ମୌଳିକ ଆଂଗିକ ପରୀକ୍ଷା ମଧ୍ୟରେ ଶ୍ରୀ ମହାନ୍ତିଙ୍କ ଏତାଦୃଶ କବିତା ଗୁଡ଼ିକରେ ପ୍ରତିପନ୍ନ ହୋଇପାରିଛି । ( ନୂତନ କବିତା - ପୃ.୩)

୧୯୬୦ ମସିହାରେ ପ୍ରକାଶ ପାଇଥିବା କାଳପୁରୁଷ ରେ ବଂିଶ ଶତାବ୍ଦୀର ଅବକ୍ଷୟଗ୍ରସ୍ତ ଆଧୁନିକ ଜୀବନର କାବ୍ୟିକ ଉପଲବ୍ଧ ଅତି ମାତ୍ରାରେ ବଳିଷ୍ଠ ମନେହୁଏ । କାଳପୁରୁଷ ୧୯୬୦ ମସିହାରେ ତ୍ରୈମାସିକ ପତ୍ରିକା 'ପ୍ରଜ୍ଞା'ରେ ପ୍ରଥମେ ପ୍ରକାଶ ପାଇଥିଲା । 'କାଳପୁରୁଷ' ଏକ ଦୀର୍ଘ କବିତା । ପାଂଚଟି ବିଭାଗରେ ବିଭକ୍ତୀକୃତ, ପାଂଚପ୍ରକାର ଅନୁଭୂତିର ସମାହାର । ପ୍ରତ୍ୟେକ ବିଭାଗ ପୁଣି ଦୁଇଭାଗଗରେ ବିଭକ୍ତ । ଗୋଟିଏ ଶାରୀରିକ ଅପରଟି ମାନସିକ । ସାମାଜିକ ସଂପର୍କ ଓ ଦୈହିକ ପ୍ରେମ ଶାରୀରିକ ପର୍ଯ୍ୟାୟର । ମୃତ୍ୟୁ ଚେତନା , ସମୟ ଚେତନା, ପାପବୋଧ, ନିଃସଂଗତା, ଅସ୍ଥିରତା ଏସବୁ ମାନସିକ ସ୍ତରର ଅନୁଭୂତି । କାବ୍ୟ ଅନୁଭୂତି ନିତାନ୍ତ ବ୍ୟକ୍ତିଗତ ହେଲେ ମଧ ଆଧୁନିକ ଜୀବନରେ ଉପଲବ୍ଧ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପ୍ରଥମ ବିଭାଗରେ ପ୍ରକୃତି – ସାମାଜିକତା – ପ୍ରେମର ତ୍ରିବିଧ ଧାରାକୁ ନିମ୍ନ ପଂକ୍ତିଚ ଆଧାରରେ ଅନୁଭବ କରାଯାଇପାରେ ।

- "ସେଦିନଆସିଲା ବର୍ଷା ଛିନ୍ନଭିନ୍ନ ବିଶୃଙ୍ଖଳ ଅସଂଯତ ବଉଦର ସୁଅ ॥" (ପ୍ରକୃତିର ରୂପାୟନ )
- "ମେସ୍‌ଘର ଉଷୁମ ଭିତରେ / ବ୍ରିଜ୍ ଖେଳ ଜମିଲା ସେଦିନ / ଟିକା, ରଜା,
  କଳାପାନ, ନାଲିପାନ, ଚାହାକପ ସିଗାରେଟ୍ ଧରି ॥" (ସାମାଜିକ ଚିତ୍ର)
- "ମନେପଡ଼େ ଦେଢବର୍ଷ ତଳେ ଦେଢବର୍ଷ ତଳେ ଥରେ ପଡ଼ିଥିଲି ପ୍ରେମରେ ତୁମର ॥"

ପ୍ରେମର ଅନୁଭବ କିଛି ସମୟ ପାଇଁ ରୋମାଂଚିତ ଅନୁଭବ ଆଣିଦେଇଥାଏ ଆଶା, ଆଶ୍ୱାସନା ଭରିଦିଏ। ମାତ୍ର ଏହି ଅନୁଭବ ସ୍ୱାଭାବିକ ନୁହେଁ । ଚିରସ୍ଥାୟୀ ମଧ ନୁହେଁ ବରଂ ଅମଂଗଳ ସୂଚକ ହାନିକାରକ । କବିଙ୍କ ମତରେ –

"ପଶ୍ଚିମରୁ ଯେ ଆସିବ ନାରୀ ଅବା ଅର୍ଦ୍ଧନାରୀ କିମ୍ବା ଖଂଜ ବିକୃତ ପୁରୁଷ
କାମ ଅଂଗ ପଂଗୁ ତାର ବର୍ଣ୍ଣହେବ ଇଷତ୍ ପିଂଗଳ
ତା ସହିତ ସହବାସ ଅବା ଉପବାସ
କଦାଚିତ ନକରିବ ଚକ୍ଷୁହୀନ, ଅଂଗହାନୀ ହେବ ଆୟୁଷ ତୁମର ॥"
ପରିଶେଷରେ ପ୍ରେମ ସହିତ ମୃତ୍ୟୁର ଅନୁଭବ ଜଡ଼ିତ ।

" ମୁଁ କହିଲି ଭଲପାଅ ପଲପାଅ /
ମୁଁ ଶୁଣିଲୀ କାନରେ ମୋ ହାଡ଼ ଆଉ ମାଂସର ସ୍ପନ୍ଦନ /
ମୁଁ ଦେଖିଲି ବାମ ଅଂଗ ପଂଗୁ ମୋର
ବର୍ଣ୍ଣ ମୋର ଇଷତ ପିଂଗଳ ॥ "

ପ୍ରେମ ଏଠାରେ ମୃତ୍ୟୁର ପ୍ରତିରୂପ । ତେଣୁ ପ୍ରେମାନୁଭବ ସହିତ ମୃତ୍ୟୁର ଅନୁଭବ ଜଡ଼ିତ । କିନ୍ତୁ ନାୟକ ପ୍ରେମ ଦ୍ୱାରା ନୁହେଁ ମୃତ୍ୟୁକୁ ନେଇ ସର୍ବଦା ଆତଙ୍କିତ ।

ଦ୍ୱିତୀୟ ବିଭାଗ ରେ ମଧ ଅନୁରୂପ ବର୍ଣ୍ଣନା । ଆରମ୍ଭରେ ପ୍ରକୃତିର ବର୍ଣ୍ଣନା । ଯେଉଁ ପ୍ରକୃତିଆଶା, ଆଶ୍ୱାସନା ଓ ଶାନ୍ତି ପ୍ରଦାୟକ ।

"ଏବର୍ଷ ରେ ଆଶା ଅଛି, ଆଶୀର୍ବାଦ ଅଛି, ସ୍ୱାସ୍ଥ୍ୟ ନିରୋଗ ବିଶ୍ରାମ
ଅଛି ଅଛି ଧାନକ୍ଷେତ ଅଛି ଅଛି ଆମ୍ବ ତୋଟା ଦୂର ନଈ ଆରପାରି ଗାଁ ॥"

ପ୍ରକୃତି ରୂପକ ବର୍ଷା ସହିତ ସାମାଜିକ ସଂପର୍କର ଚିତ୍ରଣ ମଧ୍ୟରେ ଦୈନନ୍ଦିନ ରୁଟିନ୍ ବଂଧା ଜୀବନ ପ୍ରତି ଅନାଗ୍ରହ ଭାବ ବର୍ଣ୍ଣିତ ।

"ଆସୁଛି ବାହାରେ ବର୍ଷା ଡ଼େଇଁ ଡ଼େଇଁ ଛାତରୁ ଛାତକୁ ଟେବୁଲ ଉପରେ ଯେତେ ଛବି ବହି, ମାଗାଜିନ୍, ନାଲିନେଳି ଟିଣ ଡ଼ବା, ଚିକ୍ ଚିକ୍ ବୋତଲ ଉପରେ ନାଁ ଆଉ ଟ୍ରେଡ଼ମାର୍କ ପଢ଼ିହେଉ ନାହିଁ ॥" 'ବର୍ଷା' ଏଠାରେ ନାୟକର ବିବିଧ ମାନସିକତା ଯେପରିକି, ନିଃସଂଗତା, ସ୍ଥିତିହୀନତା, ଅସ୍ଥିରତା, କ୍ଷୟିଷ୍ଣୁ ସମୟ ପାପବୋଧ ସହିତ ଜଡ଼ିତ । ବର୍ଣ୍ଣିତ ପ୍ରେମ ହୁଏତ କିଛି ସମୟ ପାଇଁ ଶାରୀରିକ ସୁଖ ପ୍ରଦାନ କରୁଛି ମାତ୍ର ମାନସିକ ସ୍ତରରେ ଏହି ପ୍ରେମ ସହିତ ମୃତ୍ୟୁ ଅନୁଭବର ମିଶ୍ରିତ ରୂପ ଦେଖିବାକୁ ମିଳିଛି । ପ୍ରଥମ ପର୍ଯ୍ୟାୟ ପରି ଦ୍ୱିତୀୟ ପର୍ଯ୍ୟାୟରେ ମଧ ଇଷତ ପିଂଗଳ ବର୍ଣ୍ଣ ଧାରଣ କରି ଦେହର ସମଗ୍ର ଜାବୁଡ଼ି ଧରିଛି ।

ତୃତୀୟ ବିଭାଗରେ କେବଳ ମୃତ୍ୟୁର ଅନୁଭବ । ପୂର୍ବ ଦୁଇଟି ପର୍ଯ୍ୟାୟରେ ମୃତ୍ୟୁ ତା'ର ସ୍ଥିତିକୁଜାହିର୍ କରିବା ପାଇଁ ପ୍ରେମକୁ ଆଶ୍ରା ଭାବେ ଗ୍ରହଣ କରିଛି ମାତ୍ର। ଏହି ପର୍ଯ୍ୟାୟରେ ମୃତ୍ୟୁ ନିଜସ୍ୱ ପରିସୀମା ମଧ୍ୟରେ

ସାମାଜିକ ସ୍ୱୀକୃତିର ମାଧ୍ୟମରେ ନିଜକୁ ପ୍ରତିଷ୍ଠିତ କରିପାରିଛି । ଜୀବନ ଉପରେ ମୃତ୍ୟୁର ନିୟନ୍ତ୍ରଣ କିପରି ପ୍ରଭାବ ପକାଇଛି ତା'ର ପରିଚ୍ଛନ୍ନ ପରିପ୍ରକାଶ ଘଟିଛି ଏହି ତୃତୀୟ ବିଭାଗରେ। ମୃତ୍ୟୁର ସ୍ଥୁଳରୂପ ନିମ୍ନ ପଂକ୍ତିରେ ପ୍ରକାଶିତ।

ପ୍ରଥମେ ଦାହକ୍ରିୟା – "କାଠ ଆସି ନଦା ହେଲା ତା'ପରେ ଠିକ୍ ଘଣ୍ଟାକ ଭିତରେ
ରମୁର କ୍ୟାଲିକୋ ଧୋତି ଜଳିଗଲା
ପୋଡ଼ିଗଲା ଫ୍ରେଂଚକଟ୍ ନିଶ .............॥ "

ଶୁଦ୍ଧକ୍ରିୟା - "ପଂଚପୁଷ୍ପ ଅମୃତରେ ଏକାଦଶ ଦିନ ଦିପହରେ
ଅସ୍ଥିତାର ଅଣାଯାଇ ପୋତାହେଲା ପ୍ରେତପୁରୁଷରେ ॥"

ଚତୁର୍ଥ ବିଭାଗରେ ମୃତ୍ୟୁ ଚେତନାରେ ଆକ୍ରାନ୍ତ ମାନସିକତାର ବିବିଧ ପରିପ୍ରକାଶ । କବି ଦୃଷ୍ଟିରେ ମୃତ୍ୟୁ ଏକ ସ୍ପନ୍ଦହୀନ ଭାବ । ନୀରବ, ନିଶ୍ଚଳ ଏକ ଅଶାନ୍ତ ପ୍ରେତାତ୍ମା ପରିଶେଷରେ ଏକ ଅବୟବହୀନ ମଣିଷର ସ୍ଥିତି।

"ପଛରେ ତୁମର ସ୍ତବ୍ଧ ବାଲି ଆଉ ବାଲିପରେ ବାଲି
ନିଶ୍ଚଳ ବାଲିରେ ନଷ୍ଟ ଆଷାଢର ପ୍ରାଣାନ୍ତ ପ୍ରୟାସ

x x x

ମୁଁ ଆଜି ପାଏନା ଖୋଜି ପାଦଚିହ୍ନ ନିସ୍ତବ୍ଧ ପ୍ରାଚୀ ତୀରେ ତୀରେ
ମୁଁ ଆଜି ପାରେନା ଶୁଣି ପାଦଧ୍ୱନି ମଷଣିର ନିଛାଟିଆ ବାଲିରେ ବାଲିରେ ॥"

କାଳପୁରୁଷର ପଂଚମ ବିଭାଗ ଦୀର୍ଘ । କବିତାର ଆଭିମୁଖ୍ୟ ଏହି ବିଭାଗ ରେ ସୁସ୍ପଷ୍ଟ । ଏହି ଆଭିମୁଖ୍ୟ ଜୀବନର ଗଭୀରତମ ସ୍ତର ସହିତ ଜଡ଼ିତ । ତାହା ହେଉଛି ନାୟକର ପାପବୋଧ ନାୟକର ସମଗ୍ର ସତ୍ତା ଏହା ଦ୍ୱାରା କଳଂକିତ ଏଥି ସହିତ ଜୀବରେ କ୍ଷୟ, କ୍ଷତି, ନିଃସଂଗତା, ଅସଫଳତା ଜନିତ ଅନୁଭବ ମିଶିଯାଇ ଏହାକୁ ଆହୁରି ଭାରାକ୍ରାନ୍ତ କରିଦେଉଛି । ଏହି ଭାରାକ୍ରାନ୍ତ ପରିବେଶ ମଧ୍ୟରୁ ମୁକ୍ତି ପାଇବା କଷ୍ଟସାଧ୍ୟ । ଦ୍ୱିତୀୟ ସ୍ୱରରେ ମୁକ୍ତିର ଆଶା ଯେତେ କଷ୍ଟ ହେଲେ ମଧ୍ୟ ଏହାକୁ ହିଁ ପ୍ରତୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଏହା ହିଁ ବଂଚିବାକୁ ପ୍ରେରଣା ଦିଏ । ଆଶାକୁ ଅପେକ୍ଷା କରି କାବ୍ୟ ନାୟକ ତାର ଅବଶିଷ୍ଟ ଜୀବନ ବଂଚିବାର ରାହା ଟିକକ ପାଇଯାଏ। ପାପର ଅନୁଭବକୁ ବ୍ୟକ୍ତ କରିବାରେ କବି ଇତିହାସ, ପୁରାଣ, ଭାଗବତକୁ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି । ଏଠାରେ ନାୟକର ବ୍ୟକ୍ତି ସତ୍ତା ସତନ୍ତ୍ର । ନା ପୁରୁଷର ସତ୍ତା, ନା ନାରୀର ସତ୍ତା । ପୁରୁଷ ଓ ନାରୀ ସତ୍ତା ଏଠାରେ ଏକ ଓ ଅଭିନ୍ନ । ସାମାନ ପ୍ରକାର ଯନ୍ତ୍ରଣାବୋଧରେ ଉଭୟ ସତ୍ତା ପୀଡ଼ିତ । ପୁରାଣର ଦୁଇଟି ଚରିତ୍ର ଅକ୍ରୁର ଓ ଉଦ୍ଧବଙ୍କର ବର୍ଣ୍ଣନା ପ୍ରଦତ୍ତ । ଏ ଦୁଇ ଚରିତ୍ର ମାଧ୍ୟମରେ ହୁଏତ ମୁକ୍ତିର ସଂଧାନ ମିଳିପାରେ। ମାତ୍ର ତାହା ମଧ୍ୟ ଅସମ୍ଭବ ହୋଇପଡ଼ିଛି । ଅକ୍ରୂର ଓ ଉଦ୍ଧବଙ୍କ ପାଖରେ ଯାହା ସମ୍ଭବ ନାୟକ ପକ୍ଷରେ ତା ସମ୍ଭବ ହୋଇପାରୁନି । ଆଧୁନିକ ମଣିଷର ଅସ୍ଥିର, ଅନିଶ୍ଚିତ, ଜୀବନର ଯନ୍ତ୍ରଣା, ଜଟିଳତା ଓ ଅସଫଳତା ଜନିତ ଅନୁଭୂତିର ସୁଂସଗଠିତ ପରିପ୍ରକାଶ ହେଉଛି କାଳପୁରୁଷ । କାଳପୁରୁଷ ରଚନା ପରେ କବିଙ୍କର କାବ୍ୟିକ ଚେତନାରେ ପରିବର୍ତ୍ତନ ଆସିଛି । କାଳପୁରୁଷ ଲେଖିବା ପରେ କବି ଲେଖିଥିବା କବିତା ଗୁଡ଼ିକ ହେଉଛି ।

ଫଅକ୍ରୁର ଉବାଚ', ଫସିତୁଆ', ଫକେଉଁ ଘାସ ଓ କେଉଁ ବାଲିଚର', ଫବାବା ପାଇଁ ଦୁଇଟି କବିତା' (ଏକ ଓ ଦୁଇ), ଫମୃତ୍ୟୁ' (କବି ଗଂଗାଧର ମେହେରଙ୍କୁ ), 'ବିଶନ ମହାନ୍ତି', ଫସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ', 'ଲ୍ୟାଣ୍ଡସ୍କେପ୍' (୧, ୨, ୩), 'ନିଦ', 'କ୍ରୀଶ୍‌ମା', 'ଜନ୍ମଦିନ', 'ଏମରଜେନ୍ସି' (୧,୨), ଗୋଟିଏ ମୃତ୍ୟୁର ପରେ ପରେ (ଏକ ଓ ଦୁଇ ) ।

ଅକ୍ରୁର ଉବାଚରେ ମୁଖ୍ୟତଃ ଦୁଇଟି କଥା ଆମେ ଦେଖିବାକୁ ପାଉ । ଶାରୀରିକ ଓ ମାନସିକ ନିରାଶା ଜନିତ କ୍ଲାନ୍ତି । ଜନ୍ମ , ଜରା , ମୃତ୍ୟୁର କ୍ଲାନ୍ତି । ଯାହା ଦ୍ୱାରା ମାନବ ଆତ୍ମା ଅହରହ ପୀଡ଼ିତ । ପୁଣି ଏଥିରୁ ମୁକ୍ତି ପାଇବାର ତୀବ୍ର ଅଭିଳାଷ । ଦୁଇଟି ଯାକ ବୈଶିଷ୍ଟ୍ୟ ପୁରାଣର ସଂଗଠନ ମଧ୍ୟରେ ସଂଗଠିତ । ଫସିତୁଆ' ରେ ମଧ୍ୟ ଅନୁରୂପ ଭାବନାର ରୂପାନ୍ତର ଦେଖିବାକୁ ମିଳେ । ବାବା ପାଇଁ ଦୁଇଟି କବିତାରେ ମୃତ୍ୟୁକ ଉପଲକ୍ଷ୍ୟ କରି ତିନୋଟି ପୀଢ଼ି ସଂଯୁକ୍ତ ହୋଇଛି । ପ୍ରଥମ ପୀଢ଼ିରେ ମୃତ୍ୟୁର ସ୍ଥୂଳ ରୂପ, ଦ୍ୱିତୀୟ ପୀଢ଼ିରେ ମୃତ୍ୟୁ ଚେତନା ସ୍ତରକୁ ଗ୍ରାସ କରିବା ତୃତୀୟ ପୀଢ଼ିରେ ମୃତ୍ୟୁକୁ ଅତିକ୍ରମିବା ପରେ ଜୀବନର ଉନ୍ମାଦନା ଓ ଆନନ୍ଦବୋଧ । ଜନ୍ମ, ଜନ୍ମ ରୁ ମୃତ୍ୟୁ, ମୃତ୍ୟୁ ପରେ ମୁକ୍ତି ଅନୁଭବର ପ୍ରସାର ରୂପକୁ ବହନ କରିଛି, ଫବିଶନ ମହାନ୍ତି' ଓ ଫସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ' ନାମକ ଦୁଇଟି କବିତା ।

'ବିଶନ ମହାନ୍ତି' କବିତା ଲୋକ ବିଶ୍ୱାସ ଉପରେ ଆଧାରିତ । କିନ୍ତୁ କବିତାର ଆଭିମୁଖ୍ୟ ସେଇ ମୃତ୍ୟୁ ଓ ପୁନଃ ଜୀବନର ଅନୁଭବ । ଫସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ' ରେ ପୁରାଣର ଚରିତ୍ର ମାଧ୍ୟମରେ କବିଙ୍କର ଶ୍ଳେଷାତ୍ମକ ଦୃଷ୍ଟିଭଂଗୀ ଅଧିକତର ସୁସ୍ପଷ୍ଟ । ଭୟ, ହତ୍ୟା, ଅସହାୟତାବୋଧର ଚମତ୍କାର ରୂପାୟନ। କବିଙ୍କ ଭାଷାରେ -

"ଦୂର ଦୂର ପ୍ରସାରିତ ମୋ ସୃଷ୍ଟିର ଅନ୍ତହୀନ ଏହି ଦିଗ୍‌ବଳୟ
ବଷ୍ଟିତ ଯନ୍ତ୍ରଣା କ୍ଷତ ଆହତ ଏ ରକ୍ତାକ୍ତ ପୃଥିବୀ
ବହୁ ଭୟ, ବହୁ କ୍ଷତ ବିପ୍ଳବ ଓ ରକ୍ତପାତ ଡେଇଁ
ବହୁ ଶ୍ରମ, ବହୁ ଚେଷ୍ଟା, ବହୁ ଯୁଗ ଘାତ ପ୍ରତିଘାତ
ଶେଷରେ ବି ସେହି ଭୟ ସେହି ହତ୍ୟା ମଣିଷର ରକ୍ତାକ୍ତ ଯନ୍ତ୍ରଣା .........॥"

୧୯୭୫ ମସିହା ପରେ କବି ଯେତେ ସବୁ କବିତା ଲେଖିଛନ୍ତି ; ତାହା ୧୯୮୮ ମସିହାରେ ପ୍ରକାଶ ପାଇଥିବା 'ଆଶ୍ଚର୍ଯ୍ୟ ଅଭିସାର' କବିତା ଗ୍ରନ୍ଥରେ ସ୍ଥାନ ପାଇଛି । ୧୯୭୫ ମସିହା ପୂର୍ବର କବିତାରେ ଯେଉଁ ଅନୁଭୂତିର ବ୍ୟାପକତା ଦେଖିବାକୁ ମିଳେ ୧୯୭୫ ପରବର୍ତ୍ତୀ କବିତାରେ ତାହା ଖୋଜିଲେ ଆମକୁ ନିରାଶ ହେବାକୁ ପଡ଼େ ।

**ଭାନୁଜୀ ରାଓ :**

ଗୁରୁ ପ୍ରସାଦଙ୍କ ସମସାମୟିକ ଅନ୍ୟ ଜଣେ ସ୍ରଷ୍ଟା ହେଉଛନ୍ତି କବି ଭାନୁଜୀ ରାଓ । ୧୯୫୫ ମସିହାରେ ଗୁରୁ ପ୍ରସାଦ ମହାନ୍ତି ସହ ମିଳିତ ଉଦ୍ୟମରେ 'ନୂତନ କବିତା' ପ୍ରକାଶ ପାଇ ୧୯୫୫ରୁ ୧୯୭୩ ମସିହା ଯାଏ

ଦୀର୍ଘ ଅଠର ବର୍ଷ ଧରି ପ୍ରକାଶ ପାଇଥିବା କବିତା ଗୁଡ଼ିକ ୧୯୭୩ ମସିହାରେ 'ବିଷାଦ ଏକ ଋତୁ' ସଂକଳନରେ ସ୍ଥାନ ପାଇଥିଲା । ଭାନୁଜୀଙ୍କ କବିତା ପାଠ କଲେ ମନେ ହୁଏ ବୌଦ୍ଧିକ ଭାବ ବଳୟ ମଧ୍ୟରେ କବିତା ଗୁଡ଼ିକ ଆତଯାତ । ନୂତନ କବିତା ପ୍ରକାଶ ପାଇଲା ପରେ ଭାନୁଜୀ ରାଓ ଜଣେ ନୀରବ ସାଧକ ପରି ସାଧନା ଜାରି ରଖିଥିଲେ ।

ଭାଷା ପ୍ରୟୋଗରେ ସଂକ୍ଷିପ୍ତତା ଓ ବିବିଧ ଚିତ୍ରକଳ୍ପର ପ୍ରୟୋଗ 'ବିଷାଦ ଏକ ଋତୁ' ସଂକଳନର ସ୍ୱାତନ୍ତ୍ର୍ୟ। ଏସଂପର୍କରେ ସମୀକ୍ଷକ ଯତୀନ୍ଦ୍ର ମୋହନ ମହାନ୍ତି ମତ ପ୍ରଦାନ କରିବାକୁ ଯାଇ କହିଥିଲେ, "ଭାନୁଜୀଙ୍କର କାବ୍ୟ ସ୍ୱର ଓ କାବ୍ୟ କଳ୍ପନାର ଘନିଷ୍ଠ ଅନ୍ତରଂଗତା ପ୍ରଥମରୁ ହିଁ ପାଠକକୁ ମୁଗ୍ଧ କରେ । ଯେପରିକି ସେ ନିଜକଥା ନିଜକୁ ହିଁ କହୁଛନ୍ତି ଓ ନିଜସ୍ୱ ଉଦ୍‌ବେଗ ରେ ତାଙ୍କ କାବ୍ୟ - ବକ୍ତବ୍ୟ ସ୍ପନ୍ଦିତ ହେଉଛି। ଏଥିରେ ଅନାବଶ୍ୟକ ପ୍ରସାରଣଶୀଳତା ନାହିଁ, ଯାହାକି ଅଧିକାଂଶ କ୍ଷେତ୍ରରେ କବିତାକୁ ଅଯଥା ଆବେଗ ମମତାରେ ରୂପାନ୍ତରିତ କରିଥାଏ ।" (କବି ଭାନୁଜୀ ରାଓ - ଯତୀନ୍ଦ୍ର ମୋହନ ମହାନ୍ତି, ଆସନ୍ତା କାଲି ଜୁନ ୧୯୭୮)

'ବିଷାଦ ଏକ ଋତୁ' ର ମୁଖ୍ୟ ଅନୁଭବ 'ପ୍ରେମ' ଅତୀତରେ ପ୍ରେମ ସଂପର୍କ ଥିଲା, କିନ୍ତୁ ବର୍ତ୍ତମାନ ସେ ସଂପର୍କ ନାହିଁ। ଅତୀତର ସ୍ମୃତିକୁ ନେଇ ବଂଚିବା ହିଁ ସାର । ତେଣୁ ବ୍ୟକ୍ତିଗତ ସ୍ତରରେ ନାୟକ ମାନସିକ ଯନ୍ତ୍ରଣା ପାଉଛି । ନିମ୍ନୋକ୍ତ ପଂକ୍ତି ଗୁଡ଼ିକରେ ଏହା ଲକ୍ଷ୍ୟ କରାଯାଇପାରେ ।

"ମୁଁ ଆଜି ରିକ୍ତ, ଜୀର୍ଣ୍ଣ, କ୍ଳାନ୍ତ
ଆଉ କ୍ଳେଦାକ୍ତ କ୍ଷତର ସମଷ୍ଟି ॥" (ତୁମକୁ )

"ଆଜି ବି ପ୍ରତୀକ୍ଷା ଖାଲି
ନିଃଶବ୍ଦ ସାମ୍ନାର ଗଳି
କଣ୍ଠସ୍ୱର କାହାର ଶୁଣୁଛ
ଲଘୁପାଦେ ଛୁଇଁ ଛୁଇଁ ଅସଂଖ୍ୟ ପାହାଚ
କେହି ଆସେ ନାହିଁ ॥" ( ବିନୋଦିନୀ )

"ଜୀବନ ଜଡ଼
ଜୀବନ ସରେ
ସେଦିନ ଝଡ଼େ
ମନେ କି ପଡ଼େ
ସକୁନ୍ତଳା
ସେଦିନ ରାତି
ମନର ତାତି
ମନେ କବି ପଡ଼େ ॥" ( ଝଡ଼ର ଶେଷ )

" ତୁମ ହୃଦୟର ଢେଉ ଭାଙ୍ଗି ଭାଙ୍ଗି
ସ୍ତବ୍ଧ ନିଶାରେ ଫେରିଆସେ ଘର
ଆଉ କେତେ ଦୂର ଆଉ କେତେ ଦୂର ॥" (ସ୍ୱଗୋତୋକ୍ତି )

ପ୍ରେମ ଜଡ଼ିତ ଅନୁଭବର ହୃଦୟସ୍ପର୍ଶୀ ଚିତ୍ର ଯେମିତି ଫବିଷାଦ ଏକ ଋତୁ' ର ଅଧିକାଂଶ କବିତାରେ ଉପଲବ୍ଧ ଠିକ୍ ସେମିତି ପ୍ରକୃତି ଅନୁଭବ ମଧ୍ୟ ସଂକଳନସ୍ଥ  କବିତା ଗୁଡ଼ିକ ଦେଖିବାକୁ ମିଳେ । ପ୍ରକୃତି ମଧ୍ୟରେ କବି ଆନନ୍ଦ ଓ ଉତ୍ତେଜନା  ଅନୁଭବ କରୁଛନ୍ତି । ପ୍ରେମର ଘନିଷ୍ଠତା - ଜନିତ ତୀବ୍ର ଉନ୍ମାଦନା ମଧ୍ୟ ଅନୁଭବିଛନ୍ତି । କବି ସ୍ଥିର ନିଶ୍ଚିତ ଯେ ସାଂପ୍ରତିକ ସମୟର ପ୍ରେମ ଜନିତ ଯନ୍ତ୍ରଣାବୋଧ, ଅନିଶ୍ଚିତ ସ୍ଥିତି, ଅସ୍ଥିରତା, ପୀଡ଼ା, ଯନ୍ତ୍ରଣା ଓ ତୀବ୍ର ଅଭାବ ବୋଧ ଜନିତ ନିରାନନ୍ଦର ପରିସମାପ୍ତି  ପ୍ରକୃତିର ସୌନ୍ଦର୍ଯ୍ୟ ଭିତରେ ହିଁ ଘଟିପାରିବ । ସେଥିପାଇଁ କବି 'ଜୀବନ' କବିତାରେ ଲେଖିଛନ୍ତି -

"ଏ ଜୀବନେ କେତେ ବର୍ଣ୍ଣ, କେତେ ଧ୍ୱନି, ସୁରର ମହକ
ମେଘରେ ମେଘରେ ପୁଣି କେତେ ଛବି, ଭାବର ଦ୍ୟୋତନା
ଏ ସବୁର ସୃଷ୍ଟି ଖାଲି ମୁଁ ତୁମକୁ ଭଲପାଏ ବୋଲି .......
ଏ ଜୀବନ ନିଦାରୁଣ ଯନ୍ତ୍ରଣାରେ ବିଦ୍ଧ ହେବା ପାଇଁ
ଶୂଳ ପକ୍ୱ ମାଂସ ଭଳି ସିଝିବାକୁ ନିଭିଲା ରଡ଼ରେ ॥" (ଜୀବନ)

କବିତାରେ ପ୍ରେମ ପ୍ରକୃତି ସହିତ ଜଡ଼ିତ ହୋଇ ଜୀବନ ପ୍ରତି ଅନୁରାଗର ପ୍ରତିରୂପ ସାଜିଛି । ପ୍ରେମର ଅନୁଭବ ଭାନୁଜୀଙ୍କ  କବିତାର ମୁଖ୍ୟ ଅନୁଭବ । କିନ୍ତୁ ଏହାର ସ୍ଥିତି ଅନିଶ୍ଚିତ । ତେଣୁ  ଅସଫଳ ଓ ପୀଡ଼ାଦାୟକ । ଅପରପକ୍ଷରେ ଏହା ମଧ୍ୟ ସତ୍ୟ ଯେ ନିଃସଂଗ ଜୀବନରେ ପ୍ରେମ ହିଁ ଶ୍ରେଷ୍ଠ ସଂଜୀବନୀ ଶକ୍ତି । ଭାନୁଜୀଙ୍କ କବିତାରେ ଏହା ଜୀବନ୍ତ ରୂପେ ପ୍ରତିଫଳିତ । ପରୋକ୍ଷରେ କବିଙ୍କର ଜୀବନୀଶକ୍ତିର  ମୂଳାଧାର ।

**ରମାକାନ୍ତ ରଥ :**

୧୯୬୦ ମସିହା ପରବର୍ତ୍ତୀ କାଳର ଜଣେ ବହୁଚର୍ଚ୍ଚିତ କବି  ହେଉଛନ୍ତି କବି  ରମାକାନ୍ତ ରଥ ।୧୯୬୨ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'କେତେ ଦିନର' ପ୍ରକାଶ ପାଇଥିଲା । ଏହାପରେ ୧୯୬୭ରେ 'ଅନେକ କୋଠରୀ,' ୧୯୭ରେ 'ସନ୍ଦିଗ୍ଧ ମୃଗୟା' ୧୯୭୭ ରେ  'ସପ୍ତମ ଋତୁ'  ପ୍ରକାଶ ପାଇଲା । କବି ରମାକାନ୍ତ ଦୁଇଟି  ଦୀର୍ଘ କବିତା ଲେଖିଥିଲେ । 'ବାଘଶୀକାର' ଓ 'ଅନନ୍ତ ଶୟନ' । ଦୁଇଟିଯାକ  କବିତା 'ଅନେକ କୋଠରୀରେ' ସ୍ଥାନିତ । ରମାକାନ୍ତଙ୍କ କବିତାର କେତୋଟି ବୈଶିଷ୍ଟ୍ୟ ହେଉଛି - ସାଧାରଣ କଥୋପକଥନ ଭାଷାର  ବ୍ୟବହାର ।  - ଶ୍ଳେଷ ମାଧ୍ୟମରେ କାବ୍ୟକ ଆଭିମୁଖ୍ୟର ସଫଳ ପରିପ୍ରକାଶ - କବିତାର ପ୍ରସଙ୍ଗକୁ ଆବେଗ ମାଧ୍ୟମରେ ଅନୁଭବ କରିବା । ଦୀର୍ଘ କବିତା 'ବାଘ ଶିକାର' ରେ ନାୟକର ଜୀବନ ଯନ୍ତ୍ରଣାର ଚିତ୍ର ବର୍ଣ୍ଣିତ । ଅସଫଳତାର ଚକ୍ରବ୍ୟୁହ  ମଧ୍ୟରୁ ନିଜ କୁ ମୁକ୍ତ କରି କିପରି ନୂଆ ନୂଆ ଆଶା ଓ ନୂଆ ବିଶ୍ୱାସବୋଧକୁ ନେଇ ପୁନଃପ୍ରତିଷ୍ଠିତ କରାଯାଇପାରିବ ତାହା ଉପରେ କବି ଗୁରୁତ୍ୱାରୋପ କରିଛନ୍ତି । ତିନିଗୋଟି ପରିବେଶର ବର୍ଣ୍ଣନା କବିତାରେ ଦେଖିବାକୁ ମିଳେ । ପ୍ରଥମେ ଏକ ଅପରିଚିତ ପାହାଡ଼ ଜଙ୍ଗଲ ରାସ୍ତା ଦେଇ ଯିବାର ଅନୁଭବ ।

ଦ୍ୱିତୀୟରେ ପୁରାଣ ଓ ଲୋକକଥାର ବର୍ଣ୍ଣନା ମଧ୍ୟରେ ମଣିଷର ସ୍ଥିତିର ଅନୁଶୀଳନ । ତୃତୀୟରେ କ୍ଲବ, ପିକନିକ ଆଧୁନିକ ଜୀବର ଚିତ୍ରାୟନ । 'ବାଘ' ଏକ ପ୍ରତୀକ । ଆକ୍ରମଣାତ୍ମକ ପ୍ରଚଣ୍ଡ ଶାରୀରିକ ଶକ୍ତିର ଏବଂ ନୂଆ ଜୀବନ ବା ପୁନଃଜୀବନର ପ୍ରତୀକ । ଠିକ୍ ସେହିପରି ଦୀର୍ଘ କବିତା 'ଅନନ୍ତ ଶୟନ' ସମୟ, ମୃତ୍ୟୁ ଓ ଦେହାନ୍ତର ଚେତନା ଉପରେ ପର୍ଯ୍ୟବେସିତ । ସର୍ବତ୍ର କାବ୍ୟନାୟକ ମୃତ୍ୟୁର ଶୀତଳ ସ୍ପର୍ଶକୁ ଅନୁଭବ କରୁଛି । କବିଙ୍କ ଦୃଷ୍ଟିରେ -

" ତୁମର ଚୌଦିଗେ ମୃତ୍ୟୁ ଏବଂ ତାର ଥଣ୍ଡା ଥଣ୍ଡା ହାତ
ଚିପିବାକୁ ଆସେ ତମ ବେକ ॥" (ଅନନ୍ତ ଶୟନ )

ପ୍ରେମ, ପ୍ରଣୟ, ବ୍ୟର୍ଥତା, ଅବସାଦ , ଶୂନ୍ୟତା ଓ ନୈରାଶ୍ୟବୋଧ କାବ୍ୟ ନାୟକକୁ ଆଚ୍ଛନ୍ନ କରିଥିବା ବେଳେ 'ଅନେକ କୋଠରୀ'ରେ ସ୍ଥାନିତ 'ଅନନ୍ତ ଶୟନ'ରେ ମୃତ୍ୟୁ ଜନିତ ଅନୁଭବ 'ଅନେକ କୋଠରୀ'ର କାବ୍ୟନାୟକ ଜର୍ଜରିତ । ଚତୁର୍ଦ୍ଦିଗରେ ମୃତ୍ୟୁଭୟ, ଯେଉଁ ଦିଗକୁ ଚାହୁଁଛି ସେଠାରେ ମୃତ୍ୟୁର ଉପସ୍ଥିତି । ମୃତ୍ୟୁର କଳାଛାଇ ସମଗ୍ର ଚିନ୍ତାଚେତନାକୁ ଆବୋରି ବସିଛି । ନିମ୍ନୋକ୍ତ ପଂକ୍ତି ଗୁଡ଼ିକରୁ ମୃତ୍ୟୁର ସ୍ଥିତି ସଂପର୍କରେ ଅନୁମାନ କରାଯାଇପାରେ ।

- କବିଙ୍କ କାବ୍ୟ ଚେତନାର ଉତ୍ତରଣ ପର୍ଯ୍ୟାୟର ସୂଚନାଦିଏ । ମୃତ୍ୟଜନିତ ଅନୁଭବର
- "ଦକ୍ଷଣ ଦିଗରୁ ଶୁଭେ କିଳିକିଳା ହସ ଶାଗୁଣାର ॥" ( ସୂର୍ଯ୍ୟାସ୍ତରେ ଶବସଂସ୍କାର )
- "ମାଂସ ମଧ୍ୟ ଲୁଗାପରି , କାଳକ୍ରମେ ହୁଏ ପୁରାତନ
- ପରିତ୍ୟକ୍ତ ହୁଏ କେଉଁ ଶ୍ମଶାନର କଦମ୍ବ ଡ଼ାଳରେ ॥" (ବର୍ଷାଋତୁ)
- "କିଏ ଜାଣେ କାଲି ତୁମେ ମୃତ୍ୟୁ ସଙ୍ଗେ ଠୋକ୍କର ଖାଇବ ॥" (କ୍ଷୀଶୁଖ୍ରୀଷ୍ଟ)
- "ଦେଖିଲି ଯେ ତୁମର ଶରୀର କ୍ରମଶଃ ଆରକ୍ତ ହୁଏ ଏକ ନୂଆ ମୃତ୍ୟୁର ପ୍ରଭାତେ ॥" (ଜନ୍ମଦିନ)

କବି ଦୃଷ୍ଟିରେ ମୃତ୍ୟୁ ବିଭିନ୍ନ ମାଧ୍ୟମରେ କାବ୍ୟ ନାୟକର ଅସ୍ତିତ୍ୱକୁ କବଳିତ କରିବାକୁ ଆସୁଛି । କାବ୍ୟ ନାୟକ ଏଠାରେ ସମୟ ଦ୍ୱାରା ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ ହୋଇଥିବା ପରାହତ ବ୍ୟକ୍ତିତ୍ୱ । ପ୍ରତିମୁହୂର୍ତ୍ତରେ ଜୀବନ ବଞ୍ଚିବା ତା ପାଇଁ ନିତାନ୍ତ ଯନ୍ତ୍ରଣାଦାୟକ । ତେଣୁ ମନ ମଧ୍ୟରୁ ପ୍ରେମ ପ୍ରତି ଥିବା ଆବେଗ ମରିଯାଉଛି । ପ୍ରେମ ଓ ପ୍ରଜନନ ମଧ୍ୟରେ ମୃତ୍ୟୁର ପ୍ରଲମ୍ବିତ ହାତକୁ ମଧ୍ୟ ସେ ଦେଖୁଛି ।

ଦ୍ୱିତୀୟ ସଂକଳନ 'ସନ୍ଦିଗଧ ମୃଗୟା'ରେ ମଧ୍ୟ ମୃତ୍ୟୁ ଜନିତ ଅନୁଭୂତିର ପ୍ରାଂଜଳତାକୁ ଅନୁଭବ କରିହୁଏ । ବାର୍ଦ୍ଧକ୍ୟ, ବସନ୍ତଋତୁ, କଳାଭସ, ଅତିଥି ସତ୍କାର, ମାଷ୍ଟ୍ରଣୀ ଇତ୍ୟାଦି କବିତାରେ ମୃତ୍ୟୁ ଭିନ୍ନ ଭିନ୍ନ ଅନୁଭବ ମଧ୍ୟରେ ରୂପାୟିତ । ପ୍ରେମର ବ୍ୟର୍ଥତା, ଶୂନ୍ୟତାବୋଧ ଓ ବ୍ୟକ୍ତିସତ୍ତାର ଅସହାୟତା ହିଁ କାବ୍ୟ ପୁରୁଷକୁ ମୃତ୍ୟୁ ସଚେତନାର କରିଛି । ତ୍ୟୁର ଅନିବାର୍ଯ୍ୟ ଆଗମନରେ ଜୀବନରେ ପୂର୍ଣ୍ଣଚ୍ଛେଦ ଟାଣି ଦିଏ । ଜୀବନର ଶେଷ ପରିଣତିକୁ ନେଇ କାବ୍ୟ ନାୟକ ସନ୍ଦିଗଧ । ଜୀବନ ଓ ମୃତ୍ୟୁ ମଧ୍ୟରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିକୁ ନେଇ କେତେ ସେ ସଙ୍ଘର୍ଷ କରିବ ? 'ଅନେକ କୋଠରୀ'ରେ ଯେଉଁ ମୃତ୍ୟୁ ଚେତନାର ଆରମ୍ଭ ହୋଇଥରଲା । 'ସନ୍ଦିଗ୍ଧ ମୃଗୟା'ରେ ତାହାର ପରିସର ପରିବ୍ୟାପ୍ତ ହୋଇଛି । ଏହି ଚେତନାର ପରିପକ୍ୱତା ଲକ୍ଷ୍ୟ କରାଯାଏ; 'ସପ୍ତମଋତୁ' ସଂକଳନରେ । ସଂକଳନସ୍ଥ ଅଧିକାଂଶ କବିତା ମୃତ୍ୟୁ ସଂପର୍କିତ । ସର୍ବମୋଟ ୩୮ଟି କବିତା ମଧ୍ୟରେ ଏହି ଚେତନା ପରିବ୍ୟାପ୍ତ ହୋଇଛି ।

ଜୀବନରେ ପ୍ରେମରେ ବ୍ୟର୍ଥତା, କାମନା ଅପ୍ରାପ୍ତି ଜନିତ ହତାଶାବୋଧ ଓ ବିଷାଦରୁ ମୃତ୍ୟୁ ଚେତନା ଦ୍ୱରା କାବ୍ୟ ନାୟକ ଆକ୍ରାନ୍ତ ହୋଇଥାଏ । ଏସବୁ ମଣିଷ ଜୀବନ ସହିତ ଅତି ଅନ୍ତରଂଗ ଭାବେ ଜଡ଼ିତ । ଜୀବରେ ନିଛକ ସତ୍ୟ । ଏସବୁରୁ ମୁକ୍ତି ପାଇବାକୁ ହେଲେ ଫଏଁକାର' ହିଁ ଏ କାନ୍ତ କାମ୍ୟ । ଗ୍ରୀଷ୍ମ ଋତୁରେ ରେଳଯାତ୍ରା କବିତାରେ କବି କହନ୍ତି -

* " ଅବଶ୍ୟ ଏ କଥା ସତ୍ୟ ବର୍ତ୍ତମାନ ଭୀଷଣ ଗରମ
ଓ ମୋର ମନେ ପଡୁଛି ମନେ ମୋ ଶୀତଳ ଶୋଇବା ବଖରା
କିନ୍ତୁ ମୋ ମନରେ ଏକ ଅସନ୍ତୋଷ । ଏ ସବୁକୁ ପରିତ୍ୟାଗ କରି
ମୁଁ ଯାଆନ୍ତି ଦେଶାନ୍ତର, ଏ ସବୁ ତ ମାଂସର ଆରାମ
ନରମ ଅଂଧାର ଏବଂ ବିବାହିତ ପ୍ରେମର ଆଳାପେ
ମୁଁ ପ୍ରାୟ ଗଲିଣି ମରି । ଇଚ୍ଛାହୁଏ ଏ ସବୁକୁ
ଫିଙ୍ଗି ଦେଇ ସାରି
ମୁଁ ଯାଆନ୍ତି ଶୁଣିବାକୁ ଶବ୍ଦ ଏକ ପୃଥକ ଭାଷାର
ତାହା ନୁହେଁ, ଭାଷା ଏହି ପ୍ରତିକାର କିମ୍ୱା ସ୍କୁଲ ଯିବା
ଛୁଆଁଙ୍କର କିମ୍ୱା ଏ ଚୁପ୍‌ଚାପ୍ ଆଳାପ ମୋ ଦାଂପତ୍ୟ ପ୍ରେମର
ତାହା ନୁହେଁ, ଭାଷା ଏହି ପତ୍ରିକାର କିମ୍ୱା ସ୍କୁଲ ଯିବା
ଛୁଆଁଙ୍କର କିମ୍ୱା ଏକ ଚୁପ୍‌ଚାପ୍ ଆଳାପ ମୋ ଦାମ୍ପତ୍ୟ ପ୍ରେମର ।।"(ଗ୍ରୀଷ୍ମଋତୁରେ ରେଳଯାତ୍ରା)

ଚିରାଚରିତ ଜୀବନଧାରାକୁ ପରିତ୍ୟାଗ କରି କବି ଏକ ଭିନ୍ନ ଲୋକକୁ ଯିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏହାକୁ ଆମେ ପଳାୟନ ପ୍ରବଣ ମନୋବୃତ୍ତି ବୋଲି କହିପାରିବା । କବିଙ୍କର ଆଉ ଏକ କବିତା 'ବିମାନ ଦୁଘଟଣାରେ ମୃତ୍ୟୁକୁ' ମୃତ୍ୟୁ ଚେତନାର ସର୍ବୋତ୍ତମ ଉପଲବ୍ଧି ବୋଲି କହିପାରିବା । କବି କହିଛନ୍ତି -

* "ମୋ ଅରକ୍ଷ ଭବିଷ୍ୟତ ଭାସିଯାଏ ଛଅଖଣ୍ଡ
କାଠର ଭେଳାରେ
ଅସଜ ବିମାନ ଦ୍ୱାରା ସମୁଦ୍ରର ରକ୍ତାକ୍ତ ଆକାଶେ ।।"

ଏଠାରେ ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି କବି ରମାକାନ୍ତ ତାଙ୍କ କବିତାରେ ପାରଂପରିକ ମୃତ୍ୟୁ (ଜନ୍ମ - ଜୀବନ ଅତିବାହିତ ବାର୍ଦ୍ଧକ୍ୟ - ମୃତ୍ୟୁ ) ର କଥା କହୁନାହାନ୍ତି । ରମାକାନ୍ତଙ୍କ ମୃତ୍ୟୁ ଚେତନାକୁ ସ୍ଥିତବାଦୀ ମୃତ୍ୟୁଚେତନା କୁହାଯାଏ ।

ସ୍ଥିତିବାଦୀ ମୃତ୍ୟୁଚେତନା ମନୁଷ୍ୟକୁ ଗ୍ରାସ କଲେ ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ମୃତ୍ୟୁ କବଳିତ କଲାଭଳି ଆଶଂକା ଉପୁଜେ । ଆମର ଚିନ୍ତାଚେତନା, ଅନୁଭବ , କର୍ମ ସବୁକିଛି ଭୁଷୁଡ଼ି ଯାଏ । ପ୍ରତି ମୁହୂର୍ତ୍ତରେ ଆମେ କେବଳ ମୃତ୍ୟୁକଥା ହିଁ ଭାବିବସୁ । ମୃତ୍ୟୁ ଜନିତ ବିବିଧ କାର୍ଯ୍ୟ କଳାପ ସହିତ ନିଜକୁ ସଂପୃକ୍ତ କରି ଦେଖୁ । ଏହାକୁ

ସ୍ଥିତିବାଦୀୟ ମୃତ୍ୟୁ ଚେତନା କୁହାଯାଏ । ପାରଂପରିକ ମୃତ୍ୟୁ ଠାରୁ ଏହା ଭିନ୍ନ ।ରମାକାନ୍ତଙ୍କ ଅଧିକାଂଶ ମବିତାରେ ଏହାହିଁ ମୃତ୍ୟୁଚେତନାର ସ୍ୱରୂପ। ଏହା ୧୯୬୦ - ୧୯୮୦ ମଧ୍ୟରେ ଲିଖିତ ଚାରୋଟି ସଂକଳନରେ ଅତି ସୁନ୍ଦର ଭାବେ ପ୍ରକାଶ ପାଇଛି । ନିମ୍ନୋକ୍ତ କେତୋଟି ପଂକ୍ତିରୁ ଏହା ସୁଲଭ -

- "ମୃତ୍ୟୁ ଲାଗି ଯଦି ମୋର ଜାଗା ଖଣ୍ଡେ ଲୋଡ଼ା ଥିଲା
  ତେବେ ତ ଯେଉଁଠୁ
  ପଳାଇ ଆସିଲି ତାହା ବେଶ୍ ଭଲ ଥିଲା ।।" (ଅନେକ କୋଠରୀ)
- "ପାଣି ପାଇଁ ବ୍ୟାକୁଳ ମଣିଷ
  ସ୍ତ୍ରୀ ପିଲା କବିଲା ଓ ପଶୁମାନଙ୍କର
  ଗହଣରେ ଆଉ କିଛି କାଳ ରହିବାକୁ
  ବ୍ୟାକୁଳ ମଣିଷ ଲାଗେ କେତେ ଅବାନ୍ତର ।।"(ମରୁଭୂମି)
- "ମୁଁ ହେଲିଣି ଆତ୍ମହରା
  ଏ ଯନ୍ତ୍ରଣା ଭୋଗିବାର, ଘୁସୁରି ଘୁସୁରି
  ବାଲିକୁଦ ଡେଇଁ ବାର ଅସହ୍ୟ ସୁଖରେ ।।" (ମରୁଭୂମି)

ରମାକାନ୍ତଙ୍କ କବିତା ଭୂମିକୁ ଅନୁଶୀଳନ କଲେ ମନେହୁଏ ରମାକାନ୍ତ ମୃତ୍ୟୁର କବି । କିନ୍ତୁ ଏହା ମଧ୍ୟ ତାଙ୍କର ଏକମାତ୍ର ସ୍ୱାତନ୍ତ୍ୟ ନୁହେଁ ; ପରିଚୟ ନୁହେଁ । ସେ ପ୍ରେମର କବି । ପ୍ରେମକୁ ଖୋଜିଖୋଜି ସେ ଯେତେବେଳେ ବ୍ୟର୍ଥ, ହତାଶ୍ ହୋଇଛନ୍ତି । ସେତେବେଳେ ପୃଥିବୀ ପ୍ରେମହୀନ ପାଲଟି ଯାଉଛି । ବିଷାଦରେ ଜର୍ଜରିତ କବିଙ୍କ ଦୃଷ୍ଟିରେ ପ୍ରେମହୀନ ପୃଥିବୀ ମୃତ୍ୟୁ ସହ ତୁଳନୀୟ । ଚାରିଗୋଟି କାବ୍ୟ ଗ୍ରନ୍ଥରେ ୧୦୦ରୁ ଊର୍ଦ୍ଧ୍ୱ କବିତା ସ୍ଥାନ ପାଇଛି । ବିବିଧ ପରୀକ୍ଷାନିରୀକ୍ଷା ନୂତନ ଅବବୋଧ ଶ୍ରୀରଥଙ୍କୁ ସାଂପ୍ରତିକ ସମୟର ସର୍ବାଧିକ ଶକ୍ତିଶାଳୀ ଓଡ଼ିଆ କବିର ମାନ୍ୟତା ପ୍ରଦାନ କରିଛି।

**ସୀତାକାନ୍ତ ମହାପାତ୍ର (୧୯୩୬) :**

ଆଧୁନିକ ଓଡ଼ିଆ କବିତାର ବିକାଶଧାରାରେ ଯେଉଁ ମାନଙ୍କର ସ୍ୱତନ୍ତ୍ର ଅବଦାନ ରହଛି, ସେମାନଙ୍କ ମଧ୍ୟରେ କବି ସୀତାକାନ୍ତ ମହାପାତ୍ର ଅନ୍ୟତମ । ଅଧାପକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ମତରେ ୧୯୬୧ ମସିହା ଫେବୃୟାରୀ ମାସର 'ପ୍ରଜ୍ଞା'ରେ ପ୍ରଥମଥର ପାଇଁ ସୀତାକାନ୍ତଙ୍କର କେତୋଟି କବିତା ପ୍ରକାଶ ପାଇଥିଲା । (କବିତା ୧/୪-ଜାନୁୟାରୀ - ମାର୍ଚ୍ଚ ୧୯୬୬ପୃ-୨୬ ) । ତେଣୁ ଆମେ ତାଙ୍କୁ ଷାଠିଏ ପରବର୍ତ୍ତୀ କାଳର କବି ଭାବେ ଗ୍ରହଣ କରିବା। ୧୯୮୦ ମସିହା ମଧ୍ୟରେ ତାଙ୍କର ଚାରିଗୋଟି କବିତା ଗ୍ରନ୍ଥ ପ୍ରକାଶ ପାଇଥଲା । 'ଦୀପ୍ତ ଓ ଦ୍ୟୁତି' ୧୯୬୭, 'ଅଷ୍ଟପଦୀ'୧୯୬୭, 'ଶିଢର ଆକାଶ' ୧୯୭୧, 'ସମୁଦ୍ର'୧୯୭୭, ଚିତ୍ରନଦୀ ୧୯୭୯ । କବିଜୀବନର ପ୍ରଥମ ସୋପାନରେ ଏହି କବିତା ଗୁଡ଼ିକ ମାଧ୍ୟମରେ କବି ନିଜକୁ ଜଣେ ସଫଳ ଓ ସାର୍ଥକ କବି ଭାବରେ ପ୍ରତିପାଦିତ କରିଛନ୍ତି ।

ପ୍ରଥମ କବିତା ସଂକଳନ 'ଦୀପ୍ତି ଓ ଦ୍ୟୁତି' ରୁ ମୁଖବଂଧରୁ ସୀତାକାନ୍ତ ଙ୍କ କାବ୍ୟିକ ବୈଶିଷ୍ଟ୍ୟକୁ ଆମେ ଲକ୍ଷ୍ୟ କରିପାରିବା । ମୁଖ୍ୟଶାଳା ଲିପି ଭାବେ କବି ଯେଉଁ ଆଲୋଚନାଟି ଏଥିରେ ସଂଯୋଗ କରିଛନ୍ତି ତାହା ତାଙ୍କ କାବ୍ୟିକ ଅନୁଭବକୁ ବୁଝିବାରେ ସହାୟକ ହୋଇଥାଏ । କବିଙ୍କର କେତୋଟି ମତକୁ ଏଠାରେ ଉଦ୍ଧାର କରାଯାଉଛି -

"ଦୁଇଟି ବିପରୀତଧର୍ମୀ ଅନୁଭୂତି ମୋ ଚେତନାର ମୌଳିକ ସ୍ଥିତିରୂପେ ସବୁବେଳେ ପ୍ରତୀୟମାନ ହୋଇଛି । ସେଥିରୁ ଗୋଟିଏ ହେଉଛି ସଂଯୋଗର, ସହାନୁଭୂତିର, ବ୍ୟାପ୍ତିର, ଅନୁରକ୍ତିର, ଅନାତ୍ତ, ଅନ୍ୟଟି ହେଉଛି ବିଯୋଗର, ଅନାସକ୍ତିର, ନିରନ୍ଧ୍ର ନିଃଶବ୍ଦ ନୀରବତାର। ବେଳେବେଳେ ଏବଂ ବିଧ ଉଭୟ ଅନୁଭୂତି ଏକ କାଳରେ ଏକ ସ୍ଥାନରେ ଓ ଏକକ ପ୍ରକ୍ରିୟାରେ ମାନସ ରାଜ୍ୟରେ ଏକୀକୃତ ହୋଇଛନ୍ତି ।"

"ହୃଦୟ ଓ ମନର ଗଭୀରତମ ପ୍ରଦେଶରେ ଯେଉଁ ସ୍ୱପ୍ନ , ଯେଉଁ ଅଶ୍ରୁ ଓ ଯେଉଁ ବେଦନାର ଉଚ୍ଛ୍ୱାସ ,ଯେଉଁ ନୀରବତାର ବ୍ୟାପ୍ତି ତାରି ଭିତରେ ମନେହୁଏ , ମୁଁ ଖୋଜି ପାଏ ଯାହାକିଛି ସାର୍ବଜନୀନ ଓ ଚିରନ୍ତନ । ବାହାରର ପ୍ରକୃତି, ସମାଜ ଓ ମାନସିକ ସ୍ଥିତି ଭିତରେ ଘୂରିଘୂରି ନିଜକୁ ହଜାଇ ହଜାଇ ମୁଁ ଫେରେ କେନ୍ଦ୍ରବିନ୍ଦୁକୁ ନିଜର ଅଶ୍ରୁକୁ। ଏହି ସଂଘର୍ଷ ହିଁ ମୋର ଅଧିକାଂଶ କବିତାର ମୁଖ୍ୟ ଉପଜୀବ୍ୟ ।" (ସାହିତ୍ୟ ଓ ପ୍ରଜ୍ଞା ବିଧୁଭୂଷଣ ଦାସ ପ୍ରଜ୍ଞା ସାହିତ୍ୟ)

ପ୍ରଥମ ସଂକଳନରେ କବିଙ୍କର ଜୀବନ ପ୍ରତି ଥିବା ଦୃଷ୍ଟିଭଙ୍ଗୀକୁ ଲକ୍ଷ୍ୟ କରାଯାଇପାରେ । ପ୍ରଥମ କବିତା 'ଦୀପ୍ତି ଓ ଦ୍ୟୁତି' ର ପ୍ରଥମ କବିତା 'ଅଶ୍ରୁ ଓ ସ୍ୱାଦ' ରେ ଏହା ପରିଲକ୍ଷିତ । ଜୀବନର ଦୁଇଟି କଥା ଏଥିରେ ପ୍ରତିଫଳୀତ। ଗୋଟିଏ ବ୍ୟକ୍ତିସତ୍ତା ଅପରଟି ବାହ୍ୟସତ୍ତା ଏ ଦୁଇଟିର ଦ୍ୱନ୍ଦ୍ୱ ଭିତରେ ଜୀବନର ଅଂଧକାରମୟ ଦିଗଟିକୁ ଉଦ୍ ଘାଟିତ କରିଛନ୍ତି ।

* "ହେ ମୋର କବିତା
ତୁମେ ନୁହଁ କାଶ୍ମୀରର ଡ଼ାଲ ହ୍ରଦ
ପଫ୍‌ହର ପାଇନ୍ ଜଂଗଲ
ଉଟି ଅବା ଦୂର ନୈନିତାଲ୍
ତମେ ଗୋଟେ ପରିଚିତ (ଓ ଆଶ୍ଚର୍ଯ୍ୟ) ଗାଉଁଲି ସକାଳ ।

ଆଭରଣ ହୀନ ସବୁଜ ନୂତନ
ନୀରବତା ପିଏ ଯାର ଓଠୁ ଚୋଷି
ଅଶ୍ରୁ-ସ୍ମିତ ଜିବନର କଡ଼ା ଅଂକ କଷି
ହଏଦର ବିଡ଼ି ପିଇ ଓ ଗୁଡ଼ାଖୁ ଘଷି
ମଧୁଭୋଇ, କୁଶା ଡ଼ୋରା ଓ ହାଡ଼ି ବିଶ୍ୱାଳ
ତମେ କିଞ୍ଚିତ ସ୍ୱପ୍ନ
ଟିକିଏ ସ୍ୱାଦ
ଟୋପାଏ ଅଶ୍ରୁ
ଚେନାଏ ଆହ୍ଲାଦ ।।"(ଅଶ୍ରୁ ଓ ସ୍ୱାଦ)

ମୋଟ ୪୨ଗୋଟି କବିତାର ସମାହାର 'ଦୀପ୍ତି ଓ ଦ୍ୟୁତି' । କବି କବିତା ଗୁଡ଼ିକରେ ନିଜର ଚିନ୍ତାଧାରାକୁ ସୀମିତ ସ୍ତରରେ ବାନ୍ଧି ରଖିପାରି ନାହାନ୍ତି । କବିତା ଗୁଡ଼ିକରେ ମିଥ୍, ମେଟାଫିଜିକାଲ୍ ଶୈଳୀ, ଚିତ୍ରକଳ୍ପ ଓ ସମ୍ବେଦନଶୀଳ ମାନବବାଦୀ ଭାବନାର ବର୍ଣ୍ଣନା ଦେଖିବାକୁ ମିଳେ । ମିଥ୍ ପ୍ରୟୋଗରେ କବି ମହାଭାରତ ଓ ଭାଗବତ କୁ ଉତ୍ସରୂପେ ଗ୍ରହଣ କରିଛନ୍ତି । 'ଦୀପ୍ତି ଓ ଦ୍ୟୁତି' ସଂକଳନରେ ସ୍ଥାନିତ 'ଜରା ଶବରର ସଂଗୀତ', 'ଦୁର୍ଯ୍ୟୋଧନ', 'ଯୁଧିଷ୍ଠିର', 'ବସ୍ ଦର୍ପଣରେ ସୂର୍ଯ୍ୟାସ୍ତ' ପ୍ରଭୃତି କବିତାରେ ମହାଭାରତର ଚରିତ୍ର ଗୁଡ଼ିକ ସାଂପ୍ରତିକ ଜୀବନ ଜିଜ୍ଞାସାକୁ ସଫଳ ଭାବରେ ରୂପାୟିତ କରିଛନ୍ତି । କବିତା ଗୁଡ଼ିକ ଏକ ସ୍ୱାଭିମାନୀ ମାନବାତ୍ମାର ଅଂଗୀକାର ବୋଧକୁ ବହନ କରୁଛି । 'ବସ୍ ଦର୍ପଣରେ ସୂର୍ଯ୍ୟାସ୍ତ' କବିତାରେ ଶ୍ରୀମଦ୍ ଭଗବତ୍ ଗୀତାରେ ଅର୍ଜୁନଙ୍କ ବିଶ୍ୱରୂପ ଦର୍ଶନରେ ସାର୍ଥକ ସମନ୍ୱୟ ଘଟାଇ ଏକ ମିଥିକ ଚେତନା ସୃଷ୍ଟି କରିବାରେ କବି ସଫଳ ହୋଇଛନ୍ତି ।

'ବସ' ଚଳନ୍ତି ଜୀବନର ପ୍ରତୀକ । ଦର୍ପଣରେ ପ୍ରତିଫଳିତ ବ୍ୟକ୍ତି ଜୀବନର ଚିତ୍ର । ଜୀବନର କାନ୍ଭାସରେ ସୂର୍ଯ୍ୟୋଦୟ ଅଛି, ସୂର୍ଯ୍ୟାସ୍ତ ମଧ୍ୟ ଅଛି । ଜନ୍ମ ଅଛି ମୃତ୍ୟୁ ମଧ୍ୟ ଅଛି । ଏହି ସତ୍ୟକୁ ମଣିଷ ସ୍ୱୀକାର କରିବାକୁ ବାଧ୍ୟ । ମହାଭାରତର ଅର୍ଜୁନଙ୍କ ପରି ବିଶ୍ୱରୂପ ଦର୍ଶନରେ ସେ ଶିହରିତ ହୁଏ । କାରଣ ଆଧୁନିକ ମଣିଷ ରୂପୀ ଅର୍ଜୁନ ଜାଣେ ଯେ –

"ମାଳମାଳ ଏ ବ୍ରହ୍ମାଣ୍ଡ ଲୁଚିଯାଏ, ଛପିଯାଏ
ଶୋଷିନିଏ ଲୋମକୂପେ ଏ ଆଦିମ ପିଣ୍ଡ
ସବୁ ଧରିନିଏ ନିଜ ଶେଷ ରଶ୍ମି ଜାଲେ ଅଂଶୁମାନ
ବସ୍ ଦର୍ପଣରେ ଏ ଅଗ୍ନି ଗୋଲକା" (ଇଏ କଣ ବ୍ରହ୍ମଲୋକ ନା ଦେବଲୋକ ?)

ସେଥିପାଇଁ ମୃତ୍ୟୁରେ ମଧ୍ୟ ଜୀବନ ଦୀପ୍ତିମନ୍ତ ହୋଇଉଠେ । ଜୀବନ ଦୀପ୍ତିମନ୍ତ ହେବା ସହ ମାଟି ଓ ଆକାଶ ମଧ୍ୟ ଦୀପ୍ତିମନ୍ତ ହୋଇଯାଏ । 'ଦୀପ୍ତି ଓ ଦ୍ୟୁତି'ରେ ସ୍ଥାନିତ କେତୋଟି କବିତା 'ବସ ଦର୍ପଣରେ ସୂର୍ଯ୍ୟାସ୍ତ', 'ଆଲବମ୍', 'ଆଖି-୨', 'ବଂଧନୀ', 'ପୁରୀ ମନ୍ଦିର', 'ଉତ୍ତରଣ'ରେ କବିଙ୍କର ଦାର୍ଶନିକ ମନନଶୀଳତାର ପରିଚୟ ସୁସ୍ପଷ୍ଟ । ଜୀବନ ଓ ମୃତ୍ୟୁ ଜନିତ ମିଶ୍ରିତ ଅନୁଭବ, ସ୍ଥିତିର ଦୁର୍ବିସହତା, ଜୀବନର ବ୍ୟଥା, ବେଦନା, ନିଃସଂଗତାର ଚିତ୍ର 'ସତ୍ତା ଓ ସମୟ', ବଂଧନୀ, ଟ୍ରାଜେଡ଼ି, ଆଲୋକ ଗୀତିର ତିନୋଟି ସ୍ୱର, ସହରରେ ଗ୍ରୀଷ୍ମ, ହୀରାକୁଦ, ଗୋରାକବର ପରିଚୟ, ହସ୍ପଟାଲ, ଶୋକସଭା, ପ୍ରତିଫଳନ, ସହରର ଇତିକଥା, ରିଫ୍ୟୁଜି, ଆତ୍ମରକ୍ଷା କବିତାରରେ ଭଂଗା ଦେଉଳ, ଦରଭଂଗା କୋଠା, ଭଗ୍ନ ରଥଚକ୍ର, କୁଷ୍ଠରୋଗୀ, ଘାଆଦେହ, ରୁମହୀନ ବୁଲାକୁତୀ ଏହି ସବୁ ଅନୁସଂଗ କବିତାର ପରିମଣ୍ଡଳରେ ରୁପାୟିତ ହୋଇଛି । ଏହା ମାଧ୍ୟମରେ ଜୀବନ ପ୍ରତି ଦୃଷ୍ଟିଭଂଗୀ ଅତି ସୁନ୍ଦର ଭାବେ ବର୍ଣ୍ଣିତ । କବି ଦୃଷ୍ଟିରେ ସମୟ ହେଉଛି ଏକ ହସପିଟାଲ ଓ ଆମେ ସମସ୍ତେ ଜଣେ ଜଣେ ରୋଗାକ୍ରାନ୍ତ ମଣିଷ । ଆତ୍ମ ପରିଚୟ ନାହିଁ । ହସପିଟାଲର ଖଟିଆର ନମ୍ବର ଆଉ ୱାଡ଼ର ନମ୍ବର ଭିତରେ ପରିଚୟ ସୀମିତ । ଏହାହିଁ ଜୀବନର ନିଚ୍ଛକ ଅନୁଭୂତି । କବିଙ୍କ ବର୍ଣ୍ଣନାରେ –

* "ସେମାନଙ୍କ ପରିଚୟ
ୱାର୍ଡ଼ର ନମ୍ବର
ଆଉ କାନ୍ଥରେ ଝୁଲୁଥିବା ଏ ବେଡ଼ର ନମ୍ବର

ସଂଖ୍ୟାର ଏ ପରିଚିତ ଏକା ସତ
ଆଉ ସବୁ ମିଛ
ଜୀବନ ଓ ଅନୁଭୂତି
ସ୍ୱାତନ୍ତ୍ର୍ୟ ଓ ଆତ୍ମିକତା ସବୁ ଅପହଞ୍ଚ ।।" (ହସପିଟାଲ ପୃ-୬୦ ଦୀପ୍ତି ଓ ଦ୍ୟୁତି)

ଆଧୁନିକ ମଣିଷ ପରି ଅପରିଚିତ ନାଗରିକ ଅଡ଼େନ୍ (Auden)ଙ୍କ (UNKNOWN CITIZEN)। ଯାହାର ପରିଚୟ ମାତ୍ର ଗୋଟିଏ ନମ୍ବର । ଅଧିକାଂଶ କବିତାରେ ଅନୁଭୂତିହୀନ ସ୍ଥୂଳ ଜୀବନ ସର୍ବସ୍ୱ ସହରୀ ମଣିଷର ବ୍ୟର୍ଥତାବୋଧକୁ ପ୍ରକାଶ କରିଛନ୍ତି । ଏଥିରୁ ମଣିଷ ମୁକ୍ତି ମିଳିବ । ତାର ଦୃଢ ବିଶ୍ୱାସ ଦିନେ ନା ଦିନେ ତାକୁ ଏଥିରୁ ମୁକ୍ତି ଚାହିଁଛି । ତାର ବିଶ୍ୱାସ ମଥୁରା ନଗରୀରେ ଦିନେନା ଦିନେ କୃଷ୍ଣ ପାଦ ଦେବେ । କୁବ୍‌ଜାର କଦାକାର ଆକୃତି ରୂପକ ଶରୀରକୁ ସ୍ପର୍ଶକରି ସୌନ୍ଦର୍ଯ୍ୟମୟୀ ନାରୀରେ ରୂପାନ୍ତରିତ କରିବେ । ମାତ୍ର ଏହି ସୌନ୍ଦର୍ଯ୍ୟର ଅପମୃତ୍ୟୁ ଘଟୁଛି ଆଧୁନିକ ମଣିଷର ନିସଂଗତା ପାଖରେ । ମଲା ପ୍ରଜାପତି ରୂପକଙ୍କ ମାଧ୍ୟମରେ ଏହା କବିତାରେ ପ୍ରତିଫଳିତ । ଆଧୁନିକ ମଣିଷ ନିର୍ମୂଳ ହୋଇସାରିଛି । ନୈରାଶ୍ୟ ବିଜଡ଼ିତ ଜୀବନ ତାକୁ ଏପରି ଏକ ଦୋଛକିରେ ଛିଡ଼ା କରାଇଛି । କାଳ ପୁରୁଷର କାବ୍ୟନାୟକ ପାଖରେ ଆମେ ଅନୁରୂପ ସ୍ଥିତି ଦେଖିବାକୁ ପାଇଥିଲେ । ନିମ୍ନ ପଂକ୍ତିରେ ଏହା ଲକ୍ଷ୍ୟ କରାଯାଇପାରେ।

* "ଖୋଜି ଖୋଜି ନିଜ ମୂଳ ନିର୍ମୂଳୀ ଜଟାରେ ।।"( ହୀରାକୁଦ )
* " କିଏ ଏହି ମୁଁ ତାର ଏତେ ଟିକେ ସ୍ମୃତି
  ଶତ ଚେଷ୍ଟା ପରେ ମୋର ମନେ ବି ନ ଜାଗେ ।।" (ଚାତୁର୍ମାସ୍ୟା ପରେ ଆଷାଢ )

ଏତେସବୁ ଅସ୍ୱସ୍ତିବୋଧରୁ ପରିତ୍ରାଣ ମିଳିବ । ଏଇ ଆଶାଟିକକ ମଣିଷକୁ ବଞ୍ଚିବା ଶିଖାଇଛି । ମନ ମଧ୍ୟରେ ସବୁଜ ପ୍ରତ୍ୟୟ ଜାଗରିତ କରୁଛି । ଯେମିତିକି -

* "ତଥାପି ଜାଣେନା କିଆଁ / କି ବିଶ୍ୱାସେ ଏ ମୋର ହୃଦୟ
  ଭଂଗାତୁଟା , ପୋଡ଼ାଜଳା ସ୍ମୃତି ଘାଣ୍ଟି / ଖୋଜି ବସେ ତା ଭିତରେ ଏତେ ଟିକେ ସବୁଜ ପ୍ରତ୍ୟୟ ।।" (ନଈପଠା)
* "ଯେତେ ନିଆ ଝୁଲ ପରେ / ଅତନ୍ଦ୍ର ନୀଳିମା ମାଗେ ଗଭୀର ଆଶ୍ଳେଷ /
  କୃଷ୍ଣ କେବେ ପାଦ ଦେବେ ମଥୁରାରେ କୁବୁଜାର ଘରେ /
  ଲୋଚା କୋଚା ପୋଡ଼ାଜଳା ତନୁ ଦେଇ / ଏ ସହର ବସିଛି ଦୁଆରେ ।।"(ସହରର ଇତିକଥା)

ସୀତାକାନ୍ତଙ୍କ କବିତାରେ ମେଟାଫିଜିକାଲ ଦୃଷ୍ଟିଭଂଗୀର ଉତ୍ତରଣ ସ୍ପଷ୍ଟ ଲକ୍ଷ୍ୟ କରିହୁଏ । 'ଦୀପ୍ତି ଓ ଦ୍ୟୁତି' ର ଜାରାଶବରର ସଂଗୀତକୁ ଏହାର ଏକ ଉତ୍ତମ ଦୃଷ୍ଟାନ୍ତ ବୋଲି ଗ୍ରହଣ କରାଯାଇପାରେ । ଏହି କବିତା ସଂପର୍କରେ ଡ଼.ଦେବୀ ପ୍ରସନ୍ନ ପଟ୍ଟନାୟକ ଗ୍ରନ୍ଥ ବିଚାର ପ୍ରସଂଗରେ କହିଛନ୍ତି -

" ଚିନ୍ତା ଓ ଆବେଗର ସମନ୍ୱୟ ଏ କବିତାର ପ୍ରଧାନ ସୌନ୍ଦର୍ଯ୍ୟ । ଭାରତୀୟ ପୁରାଣର ଏକ ଚରିତ୍ର ମାଧ୍ୟମରେ କବି ଏକ ଗଭୀର ଅନୁଭୂତିକୁ ସ୍ପର୍ଶ କରିଛନ୍ତି । ସମଗ୍ର କବିତାରେ ବୈଷ୍ଣବ କବି ସୁଲଭ ଏକ

ଆବେଦନ ଓ ତନ୍ମୟତା ବିଦ୍ୟମାନ । ଯୁଗେ ଯୁଗେ ଭଗବାନ ଓ ମଣିଷର ସଂପର୍କ ଏ କବିତାର ବିଷୟବସ୍ତୁ ।" (ଗ୍ରନ୍ଥ ବିଚାର - ଦୀପ୍ତି ଓ ଦ୍ୟୁତି -ଝଙ୍କାର ୧୬ ବର୍ଷ ୧୨ ସଂଖ୍ୟା )

ଜାରାଶବର ଏକ ମିଥିକ୍ ଚରିତ୍ର । ମହାଭାରତରୁ ସଂଗୃହୀତ । ଶଂସିତ କବିତାରେ ଜାରା ସ୍ୱମୁକ୍ତି କାମନା କରେ ନାହିଁ ବରଂ ପରୋକ୍ଷରେ ଦୁଃଖ ଓ ଦହନକୁ ସ୍ୱାଭାବିକ ସତ୍ୟଭାବେ ଗ୍ରହଣ କରିନିଏ । ଜାରା ଚାହେଁ ଗୁରୁଙ୍କର ଛଳନାମୟ ରୂପ, ରହସ୍ୟବିଜଡ଼ିତ ସ୍ୱରୂପ ମଧ୍ୟରୁ ନବଜନ୍ମ ଘଟୁ । ଭଗବାନଙ୍କର ସମସ୍ତ କାର୍ଯ୍ୟକଳାପ ତା ପାଖରେ ଛଳନା ପରି ମନେ ହୋଇଛି । ସେ ଚିନ୍ତା କରୁଛି -

* "ଇଏ କଣ ଛଳନାର କ୍ରଚ ଉଦ୍‌ଯାପନ ପ୍ରଭୋ ?
ଗୋପରୁ ଦ୍ୱାରକାଯାତ୍ରା, ଶାମ୍ବ ନାରୀ ବେଶ ଆଉ
ବେତବଣ ପରେ
ତୋ ମନର ଅନ୍ତିମ ଉଚ୍ଛ୍ୱାସ
ସବୁ ଖାଲି ମିଛଲାଗେ
ସବୁ ପ୍ରତାରଣା
ଟିକି ମଣିଷ ସାଥିରେ ଲୁଚକାଳି ଖେଳୁସିନା
ଏଇ ଶୁଭେ ଆକାଶେ ତୋ ଛିପା ଛିପା ହସ ॥" (ଜାରା ଶବରର ସଂଗୀତ )

* "ହେ ମାୟାବୀ ! ବିଶ୍ୱରୂପ ଖାଲି ମୋର ଏତିକି ମିନତି
ଯୁଗେ ଯୁଗେ ତୀର ମୋର ଦେଉ ତୋତେ
ତୋ ଦେହରୁ, ତୋ ଆପଣା ଛଳନାରୁ ତଡେଇ ମୁକତି ॥" (ଜାରା ଶବରର ସଂଗୀତ)

ଦୁର୍ଯ୍ୟୋଧନ ଶୀର୍ଷକରେ ଫଦୁର୍ଯ୍ୟୋଧନ' ସ୍ୱାଭିମାନୀ ମାନବାତ୍ମାର ପ୍ରତୀକ । କୁରୁକ୍ଷେତ୍ରରେ କୁରୁବଂଶ ଧ୍ୱଂସ ନିୟତିର ଅଲଂଘ୍ୟ ବିଧାନ । ନିଜବଂଶର ଏଇ ପରିଣତି ସଂର୍ପକରେ ସ୍ୱୟଂ ଦୁର୍ଯ୍ୟୋଧନ ମଧ୍ୟ ଅବଗତ ଥିଲେ । ସେଥିପାଇଁ ନିଷ୍ଠୁର ନିର୍ମମ ନିୟତି ବିରୋଧରେ ସେ ଏକାକୀ ସ୍ୱର ଉତ୍ତୋଳନ କରିଥିଲେ । ଏପରିକି ମାର ଆଶିର୍ବାଦ ମଧ୍ୟ ଦୁର୍ଯ୍ୟୋଧନ ପାଇଁ ନ ଥିଲା । ଶେଷରେ ପରାଜୟ ହିଁ ସାର ହେଲା । କବିଙ୍କ ବର୍ଣ୍ଣନରେ -

* " ହେ ଆହତ ପ୍ରାଣ
ହେ ଶାଶ୍ୱତ ଆତ୍ମକେନ୍ଦ୍ର ମୂର୍ତ୍ତି ଅଭିମାନ
ନିଷ୍ଠୁର ନିର୍ମମ ଏକ ନିୟତି ବିରୋଧେ
ଅସହାୟ ମଣିଷର ଚିର ଅଭିମାନ ॥"(ଦୁର୍ଯ୍ୟୋଧନ)

ଅଷ୍ଟପଦୀ ସୀତାକାନ୍ତ ଙ୍କର ଦ୍ୱିତୀୟ କବିତା ସଂକଳନ, ଆଠଗୋଟି କବିତାର ସମାହାର ଅଷ୍ଟପଦୀ । କବିତା ଗୁଡ଼ିକ ଦୀର୍ଘ ଓ ପରୀକ୍ଷାମୂଳକ 'ଅଷ୍ଟପଦୀ' ର କାବ୍ୟ ଚେତନା ଭିତରେ ମିଥ୍ ସଂଯୋଜନା ଅତ୍ୟନ୍ତ ସାର୍ଥକ ମନେ ହୁଏ । କବିତାର ଭାବାର୍ଥ ମୃତ୍ୟୁ ଚେତନାକୁ ନେଇ ସଂଗଠିତ ଓ ମିଥ୍ ଏହାର ସ୍ଥାପତ୍ୟ । ଅଷ୍ଟପଦୀର କାବ୍ୟ

ନାୟକ କାଳପୁରୁଷର କାବ୍ୟନାୟକ ପରି ଯୁଦ୍ଧ ପରବର୍ତ୍ତୀ ଆଧୁନିକ ମଣିଷର ବ୍ୟର୍ଥତାରେ ବ୍ୟତିବ୍ୟସ୍ତ ହୋଇ ସାଂପ୍ରତିକ ଜୀବନରୁ ମୁକ୍ତି ଖୋଜିଛି । ସେ ଦେଖୁଛି ପ୍ରକୃତିର ବୀଭତ୍ସ ସ୍ୱରୂପ, ଗଛର ସବୁଜିମା ନାହିଁ , ପ୍ରକୃତି ଧୂସର ମଳିନ ପଡ଼ିଯାଇଛି । ମହାକାଳରୂପୀ ଅଗ୍ନିର ସର୍ବଗ୍ରାସୀ କ୍ଷୁଧା ସତେ ଯେମିତି ସବୁ କିଛିକୁ ଜାଳି ପୋଡ଼ି ଛାରଖାର କରିଦେଉଛି । ଯେମିତି ହିରୋସୀମାରେ ପରମାଣୁ ବୋମା ନିକ୍ଷେପ କରାଯିବା ପରେ ସେଇ ପ୍ରଳୟାଗ୍ନି ଶିଖା ସମସ୍ତଙ୍କୁ ନିଃଶେଷ କରିଦେଇଛି । ପ୍ରଥମ କବିତା ମୃତ୍ୟୁନାଚ ରେ ଏହାର ବାସ୍ତବ ଉପଲବ୍ଧି କୁ ଲକ୍ଷ୍ୟ କରାଯାଇ ପାରେ । ଯେମିତିକି -

* “ ସେଇ ନିଆଁ କରେଇରେ ଭାଜିଭୁଜି
ସନ୍ତୁଳି ସାନ୍ତୁଳି ହେଲା
କଡ଼ କଡ଼ ଚଡ଼ ଚଡ଼ ଶବ୍ଦ କରି
ଗଛ, ବୃଛ, ମାଟି, ମନ, ଖାଲ, ବଣ,ବିଲ ॥”(ମୃତ୍ୟୁନାଚ)

ସାଂପ୍ରତିକ ସମୟରେ ମଣିଷ ସତେଯେମିତି ବାରୁଦ ଗଦା ଉପରେ ଛିଡ଼ା ହୋଇ ମୃତ୍ୟୁର ଶୀତଳ ସ୍ପର୍ଶକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛି । ଅଭିଶପ୍ତ ଋଷିଙ୍କର ଅଭିଶାପରେ ଏରକାର ବଣରେ ଯଦୁବଂଶୀ ମାନେ ଧ୍ୱଂସ ହେବାପରି ସାଂପ୍ରତିକ ପୃଥିବୀର ମଣିଷ ସେଇଭଳି ଅଭିଶାପ୍ତଗ୍ରସ୍ତ । ବର୍ତ୍ତମାନର ସମାଜରେ ଜୀବନ ବଞ୍ଚିବା ଅର୍ଥ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଭେଟିବା । ସ୍ୱପ୍ନ, ସମ୍ଭାବନା ସବୁ ଯେମିତି ଆତ୍ମଘାତୀ ମନୋବୃତ୍ତି ପାଖରେ ଜଳିପୋଡ଼ି ଯାଉଛି । କବିଙ୍କ ବର୍ଣ୍ଣନାଟି ଏହିପରି -

* “ ସବୁ ଯାଏ ଜଳିପୋଡ଼ି ମନ ଓ ଇନ୍ଦ୍ରିୟ
ଜଳିଯାଏ ଅନୁଭୂତି
ସକଳ ଭାବନା
ସବୁ ସମ୍ଭାବନା ଆହା
ସବୁ ସ୍ୱପ୍ନ ସବୁ ଆଶ୍ୱାସନା ॥” ( ମୃତ୍ୟୁନାଚ)

‘ମୃତ୍ୟୁନାଚ’ରେ ଯେଉଁ ପ୍ରତିକ୍ରିୟା ପ୍ରକାଶ ପାଇଛି ; ଅନୁରୂପ ପ୍ରତିକ୍ରିୟା ଦ୍ୱିତୀୟ କବିତା ସ୍ତନାକ୍ଷୟର ଉପକଥା ରେ କାବ୍ୟନାୟକ ଜାଣିଜାଣି ତାର ସମସ୍ତ ଠିକଣାଏକ ଅପରିଚିତ ଇଲାକାରେ ହଜାଇ ଦେଇଛି । ବ୍ୟାକୁଳ ହୋଇ ମୁକ୍ତିରପଥ ଖୋଜୁଛି । ମହାଭାରତର ଯଦୁବଂଶ ଧ୍ୱଂସର ବିବରଣୀ ଉପରେ କବିତାଟି ରଚିତ । କୃଷ୍ଣଙ୍କ ବଂଶଧରମାନେ ଋଷିଙ୍କ ପ୍ରତି ଥଟ୍ଟା ପରିହାସ କରିବାରୁ ଅଭିଶାପ ଗ୍ରସ୍ତ ହେଲେ । ଯଦୁବଂଶ ଧ୍ୱଂସ ପାଇଲା । ଆଜିର ସାଂପ୍ରତିକ ମଣିଷ ମଧ୍ୟ ଠିକ୍ ସେମାନଙ୍କ ପରି ଅଭିଶାପଗ୍ରସ୍ତ । ହିଂସା, ଦ୍ୱେଷ, ପରଶ୍ରୀକାତରତା ଭିତରେ ଦ୍ୱାରକା, ପ୍ରଭାସ ସହିତ ନୂଆ ଖାଲି ଓ ହିରୋସୀମା ସାମିଲ୍ ହୋଇ ଯାଉଛନ୍ତି ।

‘ଅଷ୍ଟପଦୀ’ ର ତୃତୀୟ କବିତା - ‘ମାଟି ଓ ମଣିଷ’, ବସୁଦେବ ଓ ଦେବକୀଙ୍କ କାହାଣୀ ଆଧାରରେ କବିତାଟି ରଚିତ । ବସୁଦେବ କଂସର ବନ୍ଦୀଶାଳାରେ ବନ୍ଦୀ । ଗଭୀର ମାନସିକ ଯନ୍ତ୍ରଣାରେ ସେ ଜର୍ଜରିତ । ବିବିଧ

ଦୁଃଶ୍ଚିନ୍ତା, ଅନିଶ୍ଚିତତା, ଯନ୍ତ୍ରଣା ଓ ନୈରାଶ୍ୟର କୋଠରୀରେ ବନ୍ଦୀ ଥିବା ସାଂପ୍ରତିକ ମଣିଷର ମାନସିକତା ହିଁ ଏଥିରେ ପ୍ରତିଫଳିତ ଚଳନ୍ତି ସମୟର ମଣିଷ ପ୍ରତିମୁହୂର୍ତ୍ତରେ ମୃତ୍ୟୁ ଚିନ୍ତା ଦ୍ୱାରା ଆକ୍ରାନ୍ତ ଜୀବନର ଅର୍ଥହୀନତା ଜନିତ ଯନ୍ତ୍ରଣା ବୋଧରୁ ହିଁ ମୃତ୍ୟୁ ଚିନ୍ତାର ସୃଷ୍ଟି । ବସୁଦେବର ଅହରହ ମୃତ୍ୟୁଚିନ୍ତା ଭିତରେ ଏହି ଭାବନାର ସାର୍ଥକ ପ୍ରତିଫଳନ ଘଟିଛି । ସର୍ବ ମୋଟ ପାଞ୍ଚଟି ଶୀର୍ଷକରେ କବି ଦୀର୍ଘ କବିତାକୁ ବିଭକ୍ତ କରିଛନ୍ତି । ସେ ଗୁଡ଼ିକ ହେଉଛି - (୧) କାରାଗାର (୨) ମହାକାଳ ର ମୃତ୍ୟୁ (୩) ପ୍ରେତାତ୍ମାର ଶୋଭାଯାତ୍ରା ଓ ପରାବୃତ୍ତି (୪) ଦୁଃସ୍ୱପ୍ନର ରାତ୍ରି (୫) ପ୍ରତିଧ୍ୱନି । କାରାଗାରରୁ - ପ୍ରତିଧ୍ୱନି ଯାଏ ମଣିଷର ସମସ୍ତ ମାନସିକତାର କ୍ରମିକ ବିକାଶ ଘଟିଛି । ଏଥିରୁ କବିଙ୍କର କାବ୍ୟିକ ଅର୍ଥବୋଧ ସଂପର୍କରେ ସ୍ୱଷ୍ଟ ଧାରଣା କରିହୁଏ ।

ଆଧୁନିକ ମଣିଷ ଜୀବନରେ ଅନ୍ତଃସାର ଶୂନ୍ୟତା, ଅବକ୍ଷୟ, ନୈରାଶ୍ୟ ବ୍ୟର୍ଥତା ନିଃସଂଗତା କୁ ନେଇ 'ତ୍ରିଶଂକୁର ମଧ୍ୟ ସ୍ୱର୍ଗ ' ଓ 'ମରୁପଥର ସ୍ୱରଲିପି' କବିତା ରଚିତ । ତ୍ରିଶଂକୁର ମଧ୍ୟ ସ୍ୱର୍ଗରେ ଯଦୁକୁଳର ସ୍ମୃତି ପୁନଃ ଜାଗ୍ରତ ହୋଇଛି । ମନେହୋଇଛି ସତେଯେମିତି ଯଦୁବଂଶ ଧ୍ୱଂସର ରୂପକଳ୍ପକୁ କବି ବାରମ୍ବାର କାବ୍ୟିକ ପରିଧିମଧ୍ୟରେ ଅତି ସଯତ୍ନରେ ଆଣି ଛାଡ଼ି ଦେଇଛନ୍ତି । ମରୁପଥର ସ୍ୱର ଲିପିରେ ସୀତାକାନ୍ତ ମିଥ୍ରର ଆଶ୍ରୟ ଦେଇ ନାହାଁନ୍ତି । ନିଜସ୍ୱ ବାସ୍ତବ ଅନୁଭୂତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ନିମ୍ନ ପଂକ୍ତି ଗୁଡ଼ିକରେ ଏହା ସୁସ୍ପଷ୍ଟ ।

* " ଯେହେତୁ ପ୍ରତ୍ୟେକ ରାସ୍ତା ଶେଷେ ତାର ସରେ ଲକ୍ଷ୍ୟହୀନତାରେ
  ଯେହେତୁ ଆକାଶ ଶେଷ ଯେଉଁ ଠାରେ ମୃତ୍ୟୁ ହାଇ ମାରେ ।।" (ତ୍ରିଶଂକୁର ମଧ୍ୟ ସ୍ୱର୍ଗ )
* " ଆଜି ହାୟ ସମୁଦ୍ରର ସଓା ନାହିଁ / ଚଉଦିଗେ ବାଲି /
  ଘନ କୁହୁଡ଼ି ଅଂଧାର କଣ୍ଟାବୁଦା / ସମସ୍ତ ଯାତ୍ରା ଶେଷ ଆପଣା ସ୍ଥିତିରେ /
  ସବୁ ଗତିପଥ ମିଶେ କେନ୍ଦ୍ରବିନ୍ଦୁ ନିଜ ଶୂନ୍ୟତାରେ ।।" (ମରୁପଥର ସ୍ୱରଲିପି)

ସେହିପରି 'ରକ୍ତନଦୀ ସନ୍ତରଣ ପରେ' କବିତାରେ ସ୍ୱାଭାବିକ ଭାବରେ ମହାଭାରତ ଯୁଦ୍ଧର କାବ୍ୟ ନାୟକ ଦୁର୍ଯ୍ୟୋଧନକୁ ରୂପାୟିତ କରିଛନ୍ତି । ମୃତ୍ୟୁ ଭୟରେ ଦୁର୍ଯ୍ୟୋଧନ ବ୍ୟାସ ସରୋବର ରେ ଲୁଚିଛି । ମହାମାନୀ ଦୁର୍ଯ୍ୟୋଧନ ଶେରେରେ ମୃତ୍ୟୁ ରୂପକ ମହାନ୍ ଶକ୍ତି ପାଖରେ ଆତ୍ମ ସମର୍ପଣ କରୁଛି । କରିଥିବା କୃତକର୍ମକୁ ମନେପକାଉଛି । କବିତାର ଭାବ ସାନ୍ଦ୍ର । ବକ୍ତବ୍ୟ ମଧ୍ୟ ସୁସ୍ପଷ୍ଟ । କୁବ୍‌ଜା ପାଇଁ ଗୋଟିଏ ସଙ୍ଗୀତରେ ଏହା ଚିନ୍ତା ଚେତନାର ଉତ୍ତରଣ ଦେଖିବାକୁ ମିଳେ । କୁବଜା କୃଷ୍ଣକୁ ପ୍ରାର୍ଥନା କରି ସମଗ୍ର ମାନବ ଜାତି ପାଇଁ ଏକ ନୂତନ ବିଶ୍ୱାସ ଆଉ ସତ୍ୟରେ ପଥ ଉନ୍ମୋଚନ କରିଛି । କବି ଲେଖିଛନ୍ତି -

* "ଶେଷ ହେଉ ଧୂସରର ମୃତ୍ୟୁ ଆଉ ବିଭଂଗ କାଳର
  ଅନ୍ତ ହେଉ ଅଶ୍ଳୀଳ ଓ କୁତ୍ସିତ ରାଜପୂଜା
  ଶୁଖିଲା ଆକାଶେ ଜାଗୁ ମେଘମାଳା, ହାଣ୍ଡିକଳା ଘୁମର ଘୁମର ।।"
  (କୁବୁଜା ପାଇଁ ଗୋଟିଏ ସଂଗୀତ)

ସୋଲୋନ୍‌ରେ ନିଃସଂଗ ମଣିଷର ଜୀବନଚିତ୍ର ବର୍ଣ୍ଣନା ଜନିତ ଉପଲବଧି ବର୍ଣ୍ଣିତ । ହୁକଟୋଲା ଦ୍ୱୀପରେ ଥିବା ଏକ ସରକାରୀ ଡ଼ାକ ବଂଗଳାର ତତ୍ତ୍ୱାବଧାରକ ରୂପେ କାର୍ଯ୍ୟରତ ସୋଲୋନ୍ ସହ କବିଙ୍କର ପରିଚୟ

ହୋଇଛି, ତାର ଚରିତ୍ର ଆଧାରରେ କବି ଏକ ନିଃସଂଗ ମଣିଷକୁ ସମୁଦ୍ର ସହିତ ସଂପର୍କିତ କରି ଆମର ପାରଂପରିକ ବିଶ୍ୱାସ ଆତ୍ମା ସହିତ ପରମାତ୍ମାଙ୍କ ସମ୍ବନ୍ଧକୁ ଅଧିକ ସୁଦୃଢ କରିଛନ୍ତି ।

କବିଙ୍କର ତୃତୀୟ କବିତା ସଂକଳନ 'ଶବ୍ଦର ଆକାଶ' ସଂକଳନସ୍ଥ କବିତାରେ ମୃତ୍ୟୁ ଅନୁଭବ ଆହୁରି ପରିବ୍ୟାପ୍ତ ହୋଇଛି । 'କୁରୁକ୍ଷେତ୍ର', 'ଶରଶଯ୍ୟା ', 'ଅଭିମନ୍ୟୁ' ଶୀର୍ଷକ ତିନୋଟି କବିତା ମିଥଧର୍ମୀ । କୁରୁକ୍ଷେତ୍ର କବିତାର ଆରମ୍ଭରେ ସାଂପ୍ରତିକ ସମୟର ଅବକ୍ଷୟର ଚିତ୍ର ବିଶଦ ଭାବେ ବର୍ଣ୍ଣିତ । 'ସଂଦର ଖୋଷା' ଏହି ପରିବେଶକୁ ସୂଚାଇ ଦେଉଛି । କ୍ଷୟିଷ୍ଣୁ ପରିବେଶ ମଧ୍ୟରେ ମଣିଷ ମଣିଷ ପରି ବଞ୍ଚିପାରେ ନାହିଁ । ସତେଯେମିତି ଖୋଷା ଭିତରର ପୋକ ପରି ଏହା ସାଲୁବାଲୁ ହେଉଥାଏ । ସାମ୍ନାରେ କୁରୁକ୍ଷେତ୍ର ମହାଶ୍ମଶାନ । ଯେଉଁଠି ଖାଲି କୁଢ କୁଢ ଶବ । ନିମ୍ନ ପଂକ୍ତିରେ ଏହା ଦେଖାଯାଇପାରେ ।

* " ସଂଦର ଖୋଷା ଭିତରେ ଗୋଟି ପୋକ
ଘୁମୋଉଥିଲି ଏକଲା ବାରଣ୍ଡାର ଗୋଟିଏ କଣରେ
ସାମ୍ନାରେ ମହାଶ୍ମଶାନ , ଦିନଟିର ଯୁଦ୍ଧକ୍ଷେତ୍ର
କୁହୁଡ଼ି ଓ ଅଂଧାରରେ ନିଭି ଆସୁଥିଲି ॥" (କୁରୁକ୍ଷେତ୍ର)

ସଂକଳନରେ ସ୍ଥାନିତ ଅନ୍ୟାନ୍ୟ କବିତା ଯଥା – 'ଏରୋଡ୍ରମ', 'ଘର', 'ବଗିଚା', 'କୋଠରୀ', 'ହଂସ', ଇତ୍ୟାଦିରେ କବିଙ୍କର କାବ୍ୟିକ ଚେତନାର ଉତ୍ତରଣ ଲକ୍ଷ୍ୟ କରାଯାଇପାରେ । 'ଏରୋଡ୍ରମ' ଏକ ପ୍ରତୀକାତ୍ମକ କବିତା । ମଣିଷର ଘଟ ଏକ ଏରୋଡ୍ରମ । ଏରେପ୍ଲେନ୍ ହେଉଛି ଆତ୍ମା । ଆତ୍ମାରୂପୀ ଏରୋପ୍ଲେନ୍ ଆସୁଛି । କିଛି ସମୟ ବିଶ୍ରାମ ନେଉଛି । ପୁଣି ଆକାଶକୁ ଉଡ଼ି ଯାଉଛି । 'ଘର' ଓ 'ବଗିଚା' ମଧ୍ୟ ଏକ ଏକ ପ୍ରତୀକଧର୍ମୀ କବିତା । 'ଘର' ବାସମାନ ରୂପେ ବର୍ଣ୍ଣି ହୋଇଥିଲା ବେଳେ 'ବଗିଚା' ନଶ୍ୱର ଦେହର ପ୍ରତିନିଧିତ୍ୱ କରେ । 'ଅଷ୍ଟପଦୀ'ରେ ପରିଲକ୍ଷିତ ଆବେଗ ପ୍ରବଣତା, ଚିନ୍ତାର ଗଭୀରତା 'ଶବ୍ଦର ଆକାଶରେ' ମନ୍ଥର ଥିବାଭଳି ମନେ ହୁଏ ।

କବିଙ୍କର ଚତୁର୍ଥ କବିତା ସଂକଳନ 'ସମୁଦ୍ର' । ସମୁଦ୍ର ଏକ ଚେତନା । ଏକ ପରିମଣ୍ଡଳ,ଏକ ଅନୁଭୂତି । ସମୁଦ୍ର ସହିତ ଓତଃପ୍ରୋତ ଭାବେ ଜଡ଼ିତ କବି ସତ୍ତା । ସତେଯେମିତି ଏକ ଓ ଅଭିନ୍ନ । ତେଣୁ ସମୁଦ୍ର ଏକ ଅନ୍ତରଂଗ ଅନ୍ୱେଷାର ସ୍ୱର ପାଲିଟି ଯାଇଛି । 'ସମୁଦ୍ର' ସଂକଳନ ତିନିଭାଗରେ ବିଭକ୍ତ । ପରିଚୟ ପ୍ରତିବେଶୀ ଓ ପରିଣାମ । ପରିଚୟ ପର୍ଯ୍ୟାୟରେ 'ସୂର୍ଯ୍ୟପୂଜା', 'ମୃତନଦୀ', 'ଓଟ ଓଏସିସରରାତି', 'ଗ୍ରୀଷ୍ମ', 'ବୁଢାଲୋକ', 'ସମୁଦ୍ର', 'ପରିଚୟ' କବିତାରେ ଦାର୍ଶନିକକ ଚିନ୍ତାର ସମାବେଶ ପରିଲକ୍ଷିତ ହୁଏ । ବେଦର ନାସଦୀୟ ସୂକ୍ତରେ ସମୁଦ୍ରକୁ ଆଦିସତ୍ତା ଭାବେ ବର୍ଣ୍ଣନା କରାଯାଇଛି । ସମୁଦ୍ର ହିଁ ଆଦିସତ୍ତା । ସମୁଦ୍ରରୁ ସବୁକିଛି ସୃଷ୍ଟି ଏବଂ ସମୁଦ୍ରରେ ହିଁ ସୃଷ୍ଟିର ବିଲୀନ । ସମୁଦ୍ର ସୃଷ୍ଟି କର୍ତ୍ତା ଙ୍କର ନିବାସସ୍ଥଳୀ । ସମୁଦ୍ରରୁ ମେଘ । ମେଘରୁ ନଦନଦୀ, ପରିବେଶରେ ପୁଣି ସୁମଦ୍ରରେ ମିଶିବା । ବିଶ୍ୱରୂପରେ ପୁଣି ବିହୀନ । ପରିଚୟ ପର୍ବ ପରେ ସମୁଦ୍ର କବିଙ୍କ ଆଗରେ ଉଭା ହେଉଛି ପ୍ରତିବେଶୀ ରୂପରେ ଏଠାରେ ସମୁଦ୍ର ଉଦାର ପାଲଟି ଯାଉଛି । ମହାନ୍ ପାଲଟି ଯାଉଛି । ଭଗବାନଙ୍କର ଅନ୍ୟ ଏକ ରୂପ କହିଲେ ସମୁଦ୍ରକୁ ଗ୍ରହଣ କରାଯାଉଛି । ତୃତୀୟ ବିଭାଗ ପରିଣାମ ରେ ଦୁଇ ଭାଗର ମିଶ୍ରିତ ପରିଣତି । କବିତା ଗୁଡ଼ିକ ବାସ୍ତବତାର ସ୍ୱର ବହନକାରୀ ଚିରନ୍ତନ ସତ୍ୟ, ଜନ୍ମ, ମୃତ୍ୟୁ ଓ କାଳ ପ୍ରଭାବରେ ମଣିଷର ସ୍ଥିତି ସଂର୍ପକରେ

କବିଙ୍କର ଭବିଷ୍ୟବାଣୀ ଏହି ପର୍ଯ୍ୟାୟର କବିତା ଗୁଡ଼ିକୁ ସାର୍ଥକ କରିଛି । ନିମ୍ନୋକ୍ତ ପଂକ୍ତିରେ ତାର ନିଦର୍ଶନ ଦେଖିବାକୁ ମିଳେ।

* ଏମାନେ ଜାଣିନାହାନ୍ତି / ଆଲୁଅ କେମିତି ମିଶେ ପାଣି ଆଉ ପବନରେ ଓ ପାଲଟେ /
  ସାବ୍‌ଜା ରଂଗ ଘାସର ଚାଦର / ଡ଼ାଳପତ୍ରରେ ଯିଏ ସୁଅ ହୋଇ ବହୁଥାଏ
  ସମ୍ରାଟଙ୍କ ସିଂହାସନ ଆଡ଼େ ।" ( ସମୁଦ୍ର : ସୂର୍ଯ୍ୟପୂଜା ) (ପରିଚୟ ପର୍ବ )

* ସମୁଦ୍ର ପାଖରେ ଆତ୍ମା ଅଳି କରି କହୁଛି -
  "ଦୟା ମୁଁ ମାଗୁ ନାହିଁ ମ / କରୁଣା ମାଗୁନି / ମାଗୁଣି ଖାଲି ଏତିକି /
  ମୋ ବେଢଂଗ ବଂକା ପାପୁଲି ରେ / କ୍ଷୀଣ ସ୍ମିତ ଆଲୋକିତ ମୁହଁ ତାର /
  ଉଇଁ ଆସୁ କଳାକାହୁଁ ହୋଇ ।"
  (ସମୁଦ୍ର : ନାମକରଣ ) ( ପରିଚୟ ପର୍ବ )

* "ତୁମକୁ ହିଁ ସ୍ୱପ୍ନ ଦେଖିବ ସଦାବେଳେ
  ତମେ ହେବ ତାର ଶରତର ନଦୀ
  କାଶ ଫୁଲରେ କ୍ଷୀଣ ଦୁର୍ବଳ ॥" ( ପରିଣାମ ପର୍ଯ୍ୟାୟ )

୧୯୮୦ ମସିହା ମଧ୍ୟରେ ପ୍ରକାଶ ପାଇଥିବା ସୀତାକାନ୍ତଙ୍କର ପଞ୍ଚମ କବିତା ସଂକଳନ 'ଚିତ୍ରନଦୀ' 'ଚିତ୍ରନଦୀ' କବିଙ୍କ ନିଜସ୍ୱ ଜୀବନାନୁଭୂତିର ପ୍ରତୀକ। ହୋଇପାରେ ବ୍ୟକ୍ତିଗତ ଅନୁଭୂତି, ହୋଇପାରେ ସଚ୍ଚିଦାନନ୍ଦ ଆତ୍ମସ୍ୱରୂପ, ହୋଇପାରେ ଗାଁ ପରିବେଶର ନଦୀ, ହୋଇପାରେ ସ୍ୱପ୍ନ ଓ ସ୍ୱପ୍ନଭଂଗର କଥା । ପରିଶେଷରେ ହୋଇପାରେ ମଧ୍ୟ ଜୀବନ ମୃତ୍ୟୁର ନୈରାଶ୍ୟ ବେଦନା ଓ ମୁକ୍ତିର ଆନନ୍ଦ । ଏ ନଦୀର ଦୁଇଟି ସ୍ରୋତ ଦୁଇଦିଗ ରେ ପ୍ରବାହିତ । କବିଙ୍କର ଆବେଗ ନିମ୍ନ ପଂକ୍ତିର ଏଇପରି ପ୍ରକାଶ ପାଇଛି -

"ଦୁଇ କୂଳ ଦୁଇ ସ୍ରୋତ / ନୁହେଁ ଆପଣାର ଦୁହେଁ ଅନ୍ତରଂଗ / କାହାକୁ ଛାଡ଼ି କାହାକୁ ନିଜର କରିପାରିବିନି/ ବୁଝିବ କେତେ଼ ଯନ୍ତ୍ରଣାଦାୟକ ସେ ଅଂଗୀକାର / ସେ ପରିଗ୍ରହଣ ଓ ପ୍ରତ୍ୟାଖ୍ୟାନ ।"

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହୁଏ ଯେ ସୀତାକାନ୍ତଙ୍କ କବିତାରେ ଜୀବନର ଜଟିଳ ବାସ୍ତବତା, ମୃତ୍ୟୁଜନିତ ଅବବୋଧର ଚମତ୍କାର ରୂପାୟନ ଚିତ୍ର କଳ୍ପ ଓ ପ୍ରତୀକ ପ୍ରୟୋଗ ମାଧ୍ୟମରେ ହୋଇପାରିଛି । ଅନୁଭବ ହିଁ ତାଙ୍କ କବିତାର ମୁଖ୍ୟ ଉପାଦାନ । ପରବର୍ତ୍ତୀ ଓଡ଼ିଆ କବିତାକୁ ଏକ ନୂଆ ଦିଗରେ ପରିଚାଳିତ କରିବାରେ ସହାୟକ ହୋଇଛି ଏହା ନିର୍ବିବାଦରେ ସ୍ୱୀକାର କରାଯାଇପାରେ ।

୧୯୬୦ ପରବର୍ତ୍ତୀ ସମୟର ଅନ୍ୟତମ ଶ୍ରେଷ୍ଠ କବି ହେଉଛନ୍ତି ସୌଭାଗ୍ୟ କୁମାର ମିଶ୍ର । ୧୯୬୫ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଆତ୍ମନେପଦୀ' ପ୍ରକାଶ ପାଇଥିଲା । ୧୯୮୦ ମସିହା ମଧ୍ୟରେ ତାଙ୍କର ମଧ୍ୟପଦ ଲୋପୀ ୧୯୭୧, 'ନଇପହଂରା' ୧୯୭୩, 'ଅଂଧ ମହୁମାଛି' ୧୯୭୭, ପ୍ରକାଶ ପାଇଥଲା। 'ଆତ୍ମନେପଦୀ' ରେ ଗ୍ରଥିତ ସମସ୍ତ କବିତା କବିଙ୍କର ଯୁବାଅବସ୍ଥାରେ ରଚିତ । ବାହ୍ୟତଃ ଏହା ରୋମାଣ୍ଟିକ୍ ମନେ

ହେଉଥିଲେ ମଧ୍ୟ ଏହାର ଅନ୍ତଃରୂପ କିନ୍ତୁ ରୋମାଣ୍ଟିକ ନୁହେଁ । ସଂକଳନର ପ୍ରଥମ କବିତା 'କୃଷ୍ଣ ଚୂଡ଼ା'। ରୋମାଣ୍ଟିକ ଚେତନାରେ ବିମୋହିତ କବି ସାମନାରେ ନାରୀର ସୂକ୍ଷ୍ମ ସତ୍ତାକୁ ଦେଖୁଛନ୍ତି । କବି ଦୃଷ୍ଟିରେ –

* "ଏ ବାଟରେ ଗଲା ବେଳେ ମନେ ମନେ କେତେ ଇଚ୍ଛା ହୁଏ
ଟିକିଏ ପାଆନ୍ତି ଭଲ ତା ଗରବ ଏତେ ଭଲ ଲାଗେ ॥" ('କୃଷ୍ଣଚୂଡ଼ା' ଆତ୍ମନେପଦୀ ପୃ-୧)

ମନରୁ ନାରୀର ଦୃଶ୍ୟ ଅପସରି ଯିବାପରେ ସେ ପୁଣି ଫେରିଛନ୍ତି ବାସ୍ତବତା ଭିତରକୁ ଯନ୍ତ୍ରଣା ଦଗ୍ଧ ପୃଥୀବୀ ପୃଷ୍ଠକୁ। ହୋଇ ପାରେ ସେ ନାରୀ ତାଙ୍କ ପ୍ରେମିକା ସାଜି କିଛି କ୍ଷଣ ପାଇଁ କବିଙ୍କୁ ଯନ୍ତ୍ରଣା କ୍ଳିଷ୍ଟ ପୃଥିବୀରୁ ଦୂରକୁ ନେଇଯାଇଛି । ଏହି ଚେତନାର ବଳିଷ୍ଠ ରୂପ କବି ଦେଖିବାକୁ ମିଳେ ଓ ଅସ୍ତଜହ୍ନର, ଲିଜି କବିତାରେ। ଜହ୍ନ ଏଠାରେ ଆଶାର ପ୍ରତୀକ । ଉଦୀପନାର ପ୍ରତୀକ । ଜହ୍ନ ଯେତେବେଳେ ଅସ୍ତ ହୋଇ ଯାଉଛି ସେତେବେଳେ ମଣିଷ ହୃଦୟରେ ଏକ ଅଜଣା ଭୟ ସୃଷ୍ଟି ହେଉଛି । ଜହ୍ନ ମଧ୍ୟରେ କବି ନାରୀ ରୂପକୁ ଲକ୍ଷ୍ୟ କରିଛନ୍ତି । ଏହି ରୂପର ଉପଲବ୍ଧିରେ କବି ଆନନ୍ଦିତ । ତାର ଅବର୍ତ୍ତମାନରେ କବି ପ୍ରାଣ ବ୍ୟଥା ବେଦନା ରେ ଜର୍ଜରିତ । ସଂକଳନରେ ସ୍ଥାନିତ 'ବାଲିଯାତ୍ରା', 'ପ୍ରଥମ ସର୍ଗ', 'ହାତ', 'ପରିକ୍ରମା', 'ମେଘ', 'ବର୍ଷା' ଇତ୍ୟାଦି କବିତାରେ ରୋମାଣ୍ଟିକ୍ ଭାବନା କବିଙ୍କୁ ଯେମିତି ଆଚ୍ଛନ୍ନ କରୁଛି । ଠିକ୍ ସେମିତି ମଣିଷ ପଣର ରୁଗ୍ଣ ଚେତନା ଭାବାନ୍ତର ସୃଷ୍ଟି କରୁଛି। ସ୍ୱାଧିନତା ପରବର୍ତ୍ତୀ କାଳୀନ ସାମାଜିକ ଅବ୍ୟବସ୍ଥା, ମଣିଷର ସ୍ୱପ୍ନ ଭଂଗ ଅବସ୍ଥା, ଯୁବଗୋଷ୍ଠିର ପଳାୟନ ବାଦୀ ମନବୃତ୍ତି 'ଆତ୍ମଲିପି' କବିତାରେ ସ୍ଥାନ ପାଇଛି । 'ସମୁଦ୍ର ଓ ମୁଁ କବିତା' ରେ କବି ଧର୍ମପଦର ଆତ୍ମାକୁ ନେଇ ଇତିହାସର ଅତୀତକୁ ଅନ୍ୱେଷଣ କରିଛନ୍ତି । ବସନ୍ତ କବିତା ମଧ୍ୟ ରେ କବି ବସନ୍ତ ଋତୁ ରେ ଜୁଇ ଜଳିବାର ଦୃଶ୍ୟକୁ ଲେଖିଛନ୍ତି । କବିଙ୍କ ଭାଷାରେ –

* " ରକ୍ତରେ ଜଳୁଛି ଜୁଇ
ସେମାନଙ୍କ ଦେହବି ଜଳୁଛି
ସେମାନେ ଚିତ୍କାର କରି ଭାଙ୍ଗୁଛିନ୍ତି
ମୋର ସବୁ ହାଡ଼ ॥ " (ବସନ୍ତ ଆତ୍ମନେପଦୀ ପୃ -୬୫ )

କବିଙ୍କର ଦ୍ୱିତୀୟ ସଂକଳନ 'ମଧ୍ୟପଦଲୋପୀ'। 'ଆତ୍ମନେପଦୀ' ଅପେକ୍ଷା କବି ଏହି ସଂକଳନରେ ବେଶ୍ ବୌଦ୍ଧିକ ଓ ଶୃଙ୍ଖଳିତ ମନେହୁଅନ୍ତି । ମଣିଷର ଅନ୍ତଦୃଷ୍ଟିକୁ ଏଥିରେ ସେ ଗଭୀର ଭାବେ ନିରୀକ୍ଷଣ କରିଛନ୍ତି। ଏହି ଅନୁଶୀଳନରେ କାବ୍ୟିକ ରୂପ ବହନ କରେ 'ଆତ୍ମହତ୍ୟା', 'ପରିବ୍ରାଜକ', 'ଜନାର୍ଦ୍ଦନ ଦାସ', 'ଶୁକଦେବ ଜେନା, 'ଚଉଠିରାତି', 'ହାତ', ଧ୍ରୁବର ଉକ୍ତି ଇତ୍ୟାଦି କବିତା । 'ଜନାର୍ଦ୍ଦନ ଦାସ' ଚଳନ୍ତି ସମୟର ଅଗଣିତ ବୃଦ୍ଧ ବୃଦ୍ଧାଙ୍କର ପ୍ରତୀକ । ଯେଉଁ ମାନଙ୍କୁ ବାର୍ଦ୍ଧକ୍ୟର ଅସହାୟତା ଅସହ୍ୟ ଦୁଃଖରେ ଜର୍ଜରିତ କରେ । କବି ଏହି ଚରିତ୍ର ମାଧ୍ୟମରେ ସମାଜର ଅଗଣିତ ବୃଦ୍ଧବୃଦ୍ଧାକୁ ବଞ୍ଚି ରହିବାର ପଥ ଦେଖାଇଛନ୍ତି । ସେହିପରି ଶୁକଦେବ ଜେନା ମଧ୍ୟ ଏକ ପ୍ରତିନିଧି ସ୍ଥାୟୀୟ କବିତା । ସମକାଳୀନ ଜୀବନର ବ୍ୟର୍ଥତା ଆମ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟର ବାସ୍ତବ ରୂପ ଏହି କବିତାରେ ଦେଖିବାକୁ ପାଇଥାଉ ।

ତୃତୀୟ ସଂକଳନ 'ନଈପହଁରା'ରେ କବିଙ୍କର ଜୀବନବାଦୀ ଦୃଷ୍ଟିକୋଣ ସୁସ୍ପଷ୍ଟ । 'ନଦୀ' ଏଠାରେ ଜୀବନର ପ୍ରତୀକ। ପ୍ରଗତିର ଅନ୍ୟ ନାମ ମଧ୍ୟ ନଦୀ । ଏହା ଜୀବନ ପରି ଗତି ଶୀଳ ଓ ପରିବର୍ତ୍ତନ ଏହାର ଧର୍ମ।

ଜନନୀ ଜଠର ମଧ୍ୟ ନଦୀ ପରି ନିରାପଦ ମାତ୍ର ଚିର ଦିନ ମଣିଷ କଣ ଏହି ନିରାପଦ ସ୍ଥାନରେ ରହିପାରିବ? ବଞ୍ଚିବାକୁ ହେଲେ ତାକୁ ସଂଘର୍ଷ କରିବାକୁ ହେବ । ମରଣଶୀଳ ସଂସ୍କାରକୁ ହିଁ ଫେରିବାକୁ ହେବ । ସୁଖ ଦୁଃଖ ମଧ୍ୟରେ ସଂସାରକୁ ତର୍ଜମା କରିବାକୁ ହେବ । ନୀଳକଣ୍ଠ ସାଜୀ ସଂସାରକୁ ଗରଳକୁ ପାନକରିବାକୁ ହେବ । ତଥାପି ମଧ୍ୟ ନିସ୍ତାର ପାଇବନାହିଁ । 'ନଈପହଁରା' କବିତାରେ କବି କୁହନ୍ତି -

* "ନୀଳକଣ୍ଠ ହେଲେ ବି ତ ରକ୍ଷା ନାହିଁ
ବାହାରିଆ କେତେ ଆଉ ଘାଣ୍ଟିବୁ ପାଣି କି ॥"

ସଂକଳନରେ ସ୍ଥାନିତ 'ଖେଳ' କବିତା ରେ କବି ପୃଥିବୀରେ ବାସ କରୁଥିବା ମଣିଷର ବିମର୍ଷ ଭାଗ୍ୟ ସଂପର୍କରେ ଉଲ୍ଲେଖ କରିଛନ୍ତି । ମଣିଷ ଏଭଳି ଏକ ବ୍ୟକ୍ତିତ୍ୱ ଯେ କି ସଦା ସର୍ବଦା ଅସନ୍ତୁଷ୍ଟ । କେବେ ସେ ସନ୍ତୁଷ୍ଟ ହୋଇପାରେନା ଝାଟି ମାଟି ଘରେ ରହୁଥିବା ମଣିଷଟି କୋଠା ଘର ପାଇଁ ଲୋଭ କରେ ''ସେ ଭାବେ ଭାଗ୍ୟରେ ଥିଲେ କାଲି ସକାଳୁ କୋଠା ତୋଳା ହେବ ।'' 'ମଧ୍ୟପଦ ଲୋପୀ' ଓ 'ନଈପହଁରା' ପରେ ୧୯୭୭ ମସିହାରେ ପ୍ରକାଶ ପାଏ 'ଅନ୍ଧମହୁମାଛି' ସମୁଦାୟ ୮୪ଟି କବିତାର ସମାହାର । ଦୈହିକ କାମଜ ପ୍ରେମ ଅଧିକାଂଶ କବିତାର ମୁଖ୍ୟ ଅନୁଭବ । ଆବେଗ ମାଧ୍ୟମରେ ଏହାକୁ ଯେ କେହି ଅନୁଭବ କରିପାରିବେ । ଯେପରି ଶଶିଦେଈ କାନ୍ଦ, 'ଦାର୍ଜିଲିଂ', 'ହରପ୍ରସାଦ' କବିତା ଆଉ ଏକ ସ୍ତର ମଧ୍ୟ କବିତାରେ ପ୍ରକାଶ ପାଇଛି । ମଣିଷ ମନର ଯନ୍ତ୍ରଣା, କ୍ଲେଷ ଜନିତ ଅନୁଭବ । ଏହାର ମଧ୍ୟ ମୂଳ ଭିତ୍ତିଭୂମି ପ୍ରେମ କାମନା । ଶଶିଦେଈ କାନ୍ଦ କବିତାରେ ପରକ୍ରିୟା ପ୍ରୀତିରେ 'ଦାର୍ଜିଲିଂ' କବିତାରେ ପ୍ରେମର ଅନ୍ତରଂଗ ତାର ଚିତ୍ରଣ ପରେ 'ହରପ୍ରସାଦ'ରେ ବ୍ୟବସାୟୀ ପ୍ରେମର ମୋହାସିକ୍ତ ପରେ, ଯାହା ଅବଶିଷ୍ଟ ରହେ ତାହାହେଉଛି କ୍ଲେଶଯନ୍ତ୍ରଣା । ଏହି ସଂକଳନରେ ସ୍ଥାନିତ । ଆଉ ଏକ ଉଲ୍ଲେଖନୀୟ କବିତା କ୍ୱାଲାଲ୍ ପୁର । ଯେଉଁଠି ଯନ୍ତ୍ରଣା ଯକ୍ଷ କ୍ଷତି ଅନିଶ୍ଚିତ ମନୋଭାବର ସ୍ପଷ୍ଟ ପରି ପ୍ରକାଶ ଘଟିଛି । 'ଶେଷାଙ୍କ' କବିତା 'ଅନ୍ଧ ମହୁମାଛି'ରେ ବ୍ୟକ୍ତିର ହତାଶାବୋଧ ନିର୍ଜନତାର ମନୋଭାବ, ଅର୍ଥହୀନ ଜୀବନର ଗ୍ଲାନି ପ୍ରକାଶ ପାଇଛି । ମହୁମାଛିର ଅଂଧତ୍ୱ ଏକ ପ୍ରତୀକ । କବିତାରେ ନାୟକ ମଧ୍ୟ ଅନ୍ଧ । ଯନ୍ତ୍ରଣା ଦଗ୍ଧ ଜୀବନ ମଧ୍ୟରୁ ଅନ୍ଧ ରାସ୍ତା ଖୋଜିଲା ପରି ନାୟକ ଜିବନର ରାସ୍ତା ଖୋଜିଚାଲିଛି । ରାସ୍ତା ଖୋଜି ଖୋଜି ଠିକଣା ଜାଗାରେ ପହଁଞ୍ଚିବ କି ନା ଜାଣେନା । ପରିଣତି ମଧ୍ୟ ସମ୍ଭାବନା ହୀନ । ଶେଷରେ ଅନ୍ଧ ସମୟ କବଳରୁ ମୁକ୍ତି ପାଇପାରିନି । କବିଙ୍କ ବର୍ଣ୍ଣନାରେ -

* "ଆଉ ମତେ ବୁଝି ଯିବାକୁ ହୁଏଯେ
ଆଉ କିଛି ସମୟ ପରେ ଆମେ ସମସ୍ତେ ଶୋଇପଡ଼ିବା
ଆମ ପାଦ ଉପରେ ଚାଲି ଜୀବ ସାପ ପରି ମସୃଣ ସମୟ ହାତ
ପାଆନ୍ତାରେ କଢି ଖୋଲିଯିବ ପାଖୁଡ଼ା ପାଖୁଡ଼ା ଫୁଲକୁ ॥"

ମହୁମାଛିର ଉଡ଼ିବା ମଧ୍ୟ ପ୍ରତୀକାତ୍ମକ । ମହୁମାଛି ଅନ୍ଧ ହୋଇ ପାରେ ମାତ୍ର ମଧୁ ଖୋଜିବା ତାର ସହଜାତ ପ୍ରବୃତ୍ତି । କବି ଦୃଷ୍ଟିରେ ମଧୁ କେବଳ ଫୁଲ ରେ ନାହିଁ ସାରା ସଂସାର ମଧୁରେ ପରିପୂର୍ଣ୍ଣ । ଅ ଠାରୁ କ୍ଷ ଯାଏ ମଧୁ ହିଁ ମଧୁ । କବିଙ୍କ ଲେଖାରେ ଏହିପରି ପ୍ରକାଶିତ -

*　　"ସବୁଠି ମହୁ, କଟକରେ କଦମ୍ବରେ ଖଟରେ ଖଳାରେ
ମେଘରେ ମନ୍ଦିରରେ ଯୋନିରେ ଯାତ୍ରାରେ
ହୋମରେ ହନନରେ କ୍ଷତରେ କ୍ଷମାରେ ॥"

କବିଙ୍କର ଏହି ଅନୁଭବ ଗୋଟିଏ ଜଟିଳତର ଚେତନାର ଅଂଶ ମାତ୍ର । ଯେଉଁଠି ଆନନ୍ଦ ସହିତ ନିରାନନ୍ଦ ଅଛି । ମାଧୁର୍ଯ୍ୟ ଅଛି, ଯନ୍ତ୍ରଣା ମଧ୍ୟ ଅଛି, ଆଲୋକ ଅନ୍ଧାର ସବୁ କିଛି ଅଛି । ଯଦି ଗୋଟିଏ ସ୍ତରକୁ ଗ୍ରହଣ କରି ଆମେ ଦେଖି ନପାରିବା ଆଉ ଏକ ସ୍ତର ମଧ୍ୟ ଅଛି । ଯେତେ ହତାଶବୋଧ ରେ ଜର୍ଜରିତ ହେଲେ ମଧ୍ୟ ଏହା ହିଁ ଜୀବନର ଗତିଧାରା । କବି କହନ୍ତି -

*　　ଅଂଧ ମହୁମାଛି ଉଡୁଥା ବୁଲୁଥା ବୁଲୁଥା
କିଛି ଦେଖନା ଦେଖିନା ଯାହା ପାରୁଛୁ ଶୁଣ୍ଢ ପୁରାଇ ଚୋଷିନେ ଚୋଷିନେ ॥

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାକୁ ଋଦ୍ଧିବନ୍ତ କରିବାରେ ସୌଭାଗ୍ୟଙ୍କ କବିତା ଯେ ସହାୟକ ହୋଇଛି ।

ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ ।୧୯୬୦ ପରବର୍ତ୍ତୀ ସମୟର ଅନ୍ୟତମ କବି ଜଗନ୍ନାଥ ପ୍ରସାଦ ଦାସ ୧୯୮୦ ମସିହା ଭିତରେ ତିନିଗୋଟି ତାଙ୍କର ସଂକଳନ ପ୍ରକାଶ ପାଇଛି । ୧୯୭୧ ରେ ପ୍ରଥମ ପୁରୁଷ, ୧୯୭୬ରେ 'ଅନ୍ୟସବୁ ମୃତ୍ୟୁ' ୧୯୭୯ରେ 'ଯେ ଯାହାର ନିର୍ଜନତା' । ଅଧିକାଂଶ କବିତାର ମୁଖ୍ୟ ଆବେଦନ ପ୍ରେମ। ପ୍ରେମର ଗଭୀରତା ସାଙ୍ଗକୁ ସହରୀ ଜୀବନର ଶୂନ୍ୟତା, ନିରର୍ଥକତା, ନୀରବ ନିଶ୍ଚଳ ଜୀବନର ଚିତ୍ର ବର୍ଣ୍ଣିତ। ପ୍ରଥମ ପୁରୁଷର କବଚ କବିତାରେ -

*　　"ମୋର ମନ ରହିଗଲା ମହାଶୂନ୍ୟତାରେ
ମୋ ନିଜର ଛାଇ ସବୁ ଦୀର୍ଘତର ହେଲେ
ସେମାନେ ନଥିଲେ ପ୍ରେତ
ତଥାପି ମୁଁ ଭୟ କଲି
ପଛକୁ ଫେରିଲି
ଅତି ସନ୍ତର୍ପଣେ ମୋର ଗାଡ଼ି
କବାଟକୁ ବନ୍ଦ କଲି ॥"(କବଚ-ପ୍ରଥମ ପୁରୁଷ ପୃ -୨୧)

ପ୍ରେମ ଭିତରେ ମଧ୍ୟ ପାଇ ନପାଇବାର ଅନୁଭବ । ନିର୍ଜନତା ଓ ଶୂନ୍ୟତା କବିଙ୍କୁ ବାଧ କରଛି ନିଜର ପରିଚିତ ପୃଥିବୀରୁ ବାହାରି ଯିବାକୁ । କବିଙ୍କ ବର୍ଣ୍ଣନାରେ -

*　　କେବେ କେବେ ଇଚ୍ଛା ହୁଏ
ଏଇ ମୋର ଜୀବନ ଯେଉ ପରିଧିର କେନ୍ଦ୍ର
ସେ ପରିଧି ବାହାରକୁ ଯାଇ ମୁଁ ଦେଖିବି ॥

କିନ୍ତୁ ପରିଧିବାହାରକୁ କୁଆଡ଼େ ଯିବେ ? ପରିଚିତ ପରିଧିବାହାରେତ ମହାଶୂନ୍ୟ ଏକ ଅଦ୍ଭୁତ ଦେଶ। ଯେଉଁଠାକୁ ଥରେ ଗଲେ କେହି ଫେରେ ନାହିଁ ।

*            " ସେ ଏକ ଅଦ୍ଭୁତ ଦେଶ
ଶୂନ୍ୟ ମହାଶୂନ୍ୟ
ଯେପରି ମୋ ଜୀବନର ବିଫଳ ମଧ୍ୟାହ୍ନ
ଆକାଶରେ ବୁଲୁଥିଲେ ଛାଇ ସବୁ ।।"

ତୀବ୍ରଶୂନ୍ୟତାର ଅନୁଭବକୁ ନିଜ ଜୀବନରେ ଅନୁଭବ କରୁ କରୁ କବି ଲେଖିବସନ୍ତି –

"ଅନେକ ଅନେକ ବନ୍ଧ୍ୟା ଅନ୍ତରୀକ୍ଷ ଆସି /ମୋ ଭିତରେ ଆଶ୍ରୟ ଖୋଜିଲେ
ମୋର ମନ ଭରିଗଲା ମହାଶୂନ୍ୟତାରେ / ମୋ ନିଜର ଛାଇ ସବୁ ଦୀର୍ଘତର ହେଲେ ।।"

ଅନ୍ୟସବୁ ମୃତ୍ୟୁ ସଂକଳନରେ ପ୍ରେମ ଜନିତ ଅନୁଭବ ସାଙ୍ଗକୁ, ମୃତ୍ୟୁ ଜନିତ ଶୂନ୍ୟତାବୋଧ, ନୂତନ ମୂଲ୍ୟବୋଧର ସଂଧାନରେ କବି ବ୍ରତୀ ହୋଇଛନ୍ତି । କବିତା 'ସଂଧ୍ୟା ଠିକ୍ ଛଅ' ଟାରେ କବି କହୁଛନ୍ତି –

"ତମେ କଥା ଦେଇଥିଲ / ଠିକ୍ ଛଟାରେ ଦେଖା / ସଂଧ୍ୟା ଠିକ୍ ଛଟା ଓ ଆମେ ଏକା /
ଦୁଇ ଜଣ ଏଇ ଭଳି ସହର ସୀମାରେ .........।।"

ଦେଖା ହେବା ଅନ୍ତିମ ବିନ୍ଦୁ ନୁହେଁ । ଏଠାରୁ ହିଁ ଅନ୍ୟାନ୍ୟ ଅନୁଭବର ଆରମ୍ଭ ପ୍ରେମିକ ପାଇଁ ବ୍ୟାକୁଳିତ ଭାବ ଦେହ ମନକୁ ଅସ୍ଥିର କରିପକାଉଛି ।

"ସକାଳରୁ ସଂଧ୍ୟା / ଏବଂ ସଂଧ୍ୟାରୁ ସକାଳ ଯାଏ । ମୋ ନିଦରେ ସ୍ୱପ୍ନ ନାହିଁ ସ୍ମୃତି ନାହିଁ / ଇଛା ନାହିଁ ପ୍ରତିଶ୍ରୁତି ନାହିଁ ।।

ତୁମେ କି ଖୋଜିବ ମତେ ଉଚ୍ଚାଟରେ / ଏପରି ସଂଧ୍ୟାରେ / ଅସ୍ତବ୍ୟସ୍ତ ପଲଙ୍କରେ, ପଣତ କବରୀରେ /ହାତ ଦେଇ ତମର ଛାତିରେ ।।"

ଏହି ବ୍ୟାକୁଳିତ ଭାବ କବି ଚିତ୍ତରେ ବହୁ ଅନ୍ୱୟ – ପ୍ରତ୍ୟନ୍ୱୟ ସୃଷ୍ଟି କରିଛି । ମନେ ହୋଇଛି ସତେ ଯେମିତି ଏହା ଜୀବନର ଅନ୍ତିମ ଦିନ। ସମାଧାନର ସୂତ୍ର ଖୋଜିଛି କବି । ଖୋଜୁ ଖୋଜୁ ସତ୍ୟ-ଅସତ୍ୟ ମଧ୍ୟରେ ମୃତ୍ୟୁବୋଧର ଅନୁଭବ ପାଖରେ ପହଞ୍ଚିଛି । ମନେ ହୋଇଛି ସତେ ଯେମିତି –

"ପୁଣି ଯେମିତି ଶେଷ ଦିନ ଜୀବନର / ଧ୍ୱଂସ ଓ ବିଲୟ ହେବ ପୃଥିବୀର / ଆଜିର ସଂଧ୍ୟାରେ ।।"
ପ୍ରେୟସୀର ଶୁଭ ମନାସି ସୁଦିନ କାମନା କରି କବି କହନ୍ତି –

"ଏଭଳି ମୁହୂର୍ତ୍ତ ସବୁ / ତମ ପାଇଁ ଶୁଭଙ୍କର ହେଉ / ତମେ ଫୁଟ ଫୁଲ ହୋଇ ଅନେକ ଋତୁରେ / ତମେ ଆୟୁଷ୍ମତୀ ହୁଅ / ତମେ ହୁଅ ପୁତ୍ରବତୀ / ସୁଜଳା ସୁଫଳା ହେଉ ତୁମର ପୃଥିବୀ ।" ( ଅନ୍ୟ ସବୁ ମୃତ୍ୟୁ-ପୃ- ୧୨୩)

ଏହା ପରେ କବିଙ୍କର ଯେ ଯାହାର ନିର୍ଜନତା ପ୍ରକାଶ ପାଏ । 'କିଏ ଜାଣିଛି କେତେ ସମୟ', ଯଦି କିଛି ପ୍ରଶ୍ନ କରିହୁଏ, ଭାଙ୍ଗି ପଡୁଥିବା ଦୁର୍ଗର, ତମ ସହିତ ଛଟି ଘଣ୍ଟା, ହେ ମୋର କୃତାର୍ଥ ଆଖି ଆଦି ଅଣଚାଶଟି କବିତାର ସମାହାର ଏହି କବିତା ଗ୍ରନ୍ଥ । ଶୂନ୍ୟତା, ଯନ୍ତ୍ରଣାଦଗ୍ଧ କବଳିତ ଜୀବନରେ ସତ୍ୟର ନିଛକ ପ୍ରତିଫଳନ

ଘଟିଛି । ସତେ ଯେମିତି ଜୀବନ ନିଃସଂଗତାରେ ପରିପୂର୍ଣ୍ଣ । ଆନନ୍ଦ ନାହିଁ ଜୀବନରେ ମାଧୁର୍ଯ୍ୟ ମଧ୍ୟ ନାହିଁ । ସଦାସର୍ବଦା ମୃତ୍ୟୁର କରାଳ ଛାୟା ଜୀବନକୁ ଗ୍ରାସ କରୁଛି । ଅସମୟ ଶଙ୍ଖଧ୍ୱନି କବିତାରେ ସେ ସୁଚାଇଛନ୍ତି -

* "ମନ୍ଦିରର ଶିଖର ଭାଙ୍ଗି ପଡୁଛି / ଭଙ୍ଗା କାନ୍ଥ ଖସୁଛି ପୂଜାରୀ ଉପରକୁ /
ପଣ୍ଡିତମାନଙ୍କର ଗଣନାରେ ଅମଙ୍ଗଳ / ମନ୍ତ୍ର ସବୁ ଖଣ୍ଡ ଖଣ୍ଡ /
ବିରୂପ ଓ ବିକୃତ ହୋଇଯାଉଛି ॥"(ଅସମୟ ଶଙ୍ଖଧ୍ୱନି - ଯେ ଯାହାର ନିର୍ଜନତା, ପୃ-୨୩୪)

" ନିଃସଂଗତାକୁ ଅନ୍ତରଂଗ କରିଥିଲି / ତମର କଣ୍ଠସ୍ୱର ଶୁଣିବା ଆଗରୁ /
ଏବଂ ମୃତ୍ୟୁକୁ ଉପଲବ୍ଧି କରିଥିଲି / ତମେ ଜନ୍ମ ନେବା ପୂର୍ବରୁ ॥"(ତମକୁ ନ ଦେଖିବା ପର୍ଯ୍ୟନ୍ତ, ପୃ-୨୩୫)

ଜୀବନଯାପନର ବହୁମୁଖୀ ପ୍ରକ୍ରିୟା ମଧ୍ୟରୁ ବିବିଧ ଚେତନା ଯେନକରି କବି ପ୍ରେମ ଓ ମୃତ୍ୟୁକୁ ସ୍ୱୀକୃତି ପ୍ରଦାନ କରିଛନ୍ତି କବତାରେ କବିଦୃଷ୍ଟିରେ ପ୍ରେମ ସବୁଠାରୁ ସୁନ୍ଦର ବ୍ୟର୍ଥତା । ମୃତ୍ୟୁ ଏଭଳି ଏକ ଶଦ୍ଦ ଯାହାର ସଂଜ୍ଞା ଜଟିଳ । ଯାହାର ପରିଭାଷା ଗୋଟିଏ ଶଦ୍ଦ, ବାକ୍ୟରେ ବା ଗୋଟିଏ କବିତାରେ ସମ୍ଭବ ନୁହେଁ । ଜୀବନ ମୃତ୍ୟୁ ସମ୍ଭାବନାର ଗଭୀର ଉପଲବ୍ଧି ହିଁ ଜୀବନ । ୧୯୮୦ ମସିହା ପୂର୍ବରୁ ପ୍ରକାଶିତ ତିନୋଟି କବିତା ସଂକଳନରେ ଏହା ମୁଖ୍ୟ ସ୍ୱର ଭାବେ ପ୍ରକାଶ ପାଇଛି ।

ଏହି ସମୟର ଅନ୍ୟତମ ବଳିଷ୍ଠ କାବ୍ୟ ସ୍ୱର ହେଉଛନ୍ତି କବି ଦୀପକ ମିଶ୍ର। ୧୯୬୧ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଅସମାପିକା' ପ୍ରକାଶ ପାଇଥିଲା । ଏହାପରେ ୧୯୭୦ ମସିହାରେ ନିଷିଦ୍ଧହ୍ରଦ, ୧୯୭୧ ରେ 'ନିର୍ଜନ ନକ୍ଷତ୍ର', ୧୯୭୪ ରେ ମଧ୍ୟାହ୍ନର ଛାଇ ଓ ସପ୍ତମ ପୃଥିବୀ -୧୯୭୭, ଅରଣା ମଇଁଷି -୧୯୭୯ରେ ପ୍ରକାଶ ପାଇଛି । ସାଂପ୍ରତିକ ଜୀବନ ଯନ୍ତ୍ରଣା ଓ ବ୍ୟର୍ଥତା ଅନୁଭବ ତାଙ୍କ କବିତାର ମୁଖ୍ୟସ୍ୱର । କାବ୍ୟିକ ଉପଲବ୍ଧି ବେଶ୍ ସମ୍ବେଦନଶୀଳ । ଜୀବନ ଓ ମୃତ୍ୟୁର ଚେତନା ରହସ୍ୟ ଓ ସୌନ୍ଦର୍ଯ୍ୟ ଜନିତ ଅନୁଭବ ମଧ୍ୟରେ ରୂପାୟିତ । ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି କବିତାକୁ ଉଦାହରଣ ସ୍ୱରୂପ ନେଇ ଆଲୋଚନା କରୁଛି । ଶୋକପ୍ରସ୍ତାବ କବିତାର ମୁଖ୍ୟ ଅନୁଭବ ମୃତ୍ୟୁ । ଏହା ପୁଣି ଦୁଇଟି ସ୍ତରରେ ପ୍ରକାଶିତ, ଗୋଟିଏ ସ୍ତରରେ କବି ନିଜସ୍ୱ ମୃତ୍ୟୁ ସଂପର୍କରେ କଳ୍ପିତ କଥା ବର୍ଣ୍ଣନା କରୁଛନ୍ତି । ଅନ୍ୟ ଏକ ସ୍ତରରେ ନିଜର କାର୍ଯ୍ୟାବଳୀ ସହିତ ମୃତ୍ୟୁର ସଂପୃକ୍ତିକୁ ଯୋଡ଼ିଛନ୍ତି । ଯେପରି -

* " ମୃତ୍ୟୁକୁ ମୁଁ ଅନୁଭବ କରେ / କଳା କଳା ଢେଉ ଭଳି ଜନ ଗହଳିରେ /
ମୃତ୍ୟୁକୁ ମୁଁ ସ୍ପର୍ଶ କରେ / ମୋ ନିଜ ସନ୍ତାନର ନରମ ଆଙ୍ଗୁଳିର
ତୁଳା ଅଂଶ ପରି / ମୃତ୍ୟୁକୁ ମୁଁ ଭୟ କରେ / କେଉଁ ଉଲଗ୍ନ
ଅଂଧାରରେ ହଜିବାର ପରିଶ୍ରମ ଭଳି / ମୃତ୍ୟୁକୁ ମୁଁ ପ୍ରେମ କରେ /
ପ୍ରତିଦିନ ନୂଆ ସ୍ତ୍ରୀମାନଙ୍କୁ ପ୍ରେମ କରିବାର ନିଶା/ ଆଉ ନିରର୍ଥକ ସ୍ୱପ୍ନ ପରି ॥"

ଦ୍ୱିତୀୟ କବିତାରେ ବିଷାଦ ମନୋଭାବର ବର୍ଣ୍ଣନା -

"ଆମ ପାଇଁ କେଉଁ ମାସ / ନୂଆ ମାସ ନୁହେଁ / କେଉଁ ଋତୁ
ନୂଆ ଋତୁ ନୁହେଁ / ତେଣୁ ଶୂନ୍ୟରୁ ଆସୁଥିବା ସବୁ ନିଳ ଦଳିଯାଇ /
ଘନ ଘନ ତାଜା ଦୀର୍ଘଶ୍ୱାସ ହୋଇ / ଖେଦିଯାଏ ଆକାଶ ସେପାରି
ଥିବା / ଆଲୋକ ମଣ୍ଡଳ ଓ ମୋ ନାଭି କମଳରେ /.......।।"

ନିର୍ଜନତା ଜନିତ ମନୋଭାବର ପରିପ୍ରକାଶ ନିରବଧି ନାଭିଶ୍ୱାସରେ ମଧ୍ୟ ପ୍ରକାଶ ପାଇଛି । " ପବନର ପାହାଚ ଡ଼େଇଁ / କେବେ କେମିତି ଆସିଛି ନିର୍ଜନତାର / ପରିଶ୍ରାନ୍ତ ପାଦ / ନିର୍ମୋହ ହାତ / ନେବା ପାଇଁ ମୋ ଛାଇରେ ବିଶ୍ରାମ /.............. ଦେଖେ ସମୟର ଚେହେରାରେ ନିର୍ଜନତା ଉଭା ହୋଇଅଛି / ପଛରେ ଠିଆ ହୋଇ ମୁର୍କି ହସା ମାରୁଅଛି / ଅନ୍ତରଂଗ ସାଙ୍ଗ ଭଳି ନିଷ୍କାମ ସକାଳ ।।"

ଆଲୋଚିତ କବିମାନଙ୍କ ବ୍ୟତୀତ ୧୯୮୦ ମସିହା ମଧ୍ୟରେ ଆହୁରି ଅନେକ କବିଙ୍କର ଗୋଟିଏ ଦୁଇଟି କବିତା ସଂକଳନ ପ୍ରକାଶ ପାଇଛି । ସେମାନେ ୧୯୮୦ ମସିହା ପରେ ଓଡ଼ିଆ କବିତା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସୌରୀନ୍ଦ୍ର ବାରିକ, ପ୍ରତିଭା ଶତପଥୀ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ । ସୌରୀନ୍ଦ୍ର ବାରିକ ଙ୍କର ପ୍ରଥମ କବିତା ସଂକଳନ ସାମାନ୍ୟ କଥନ ୧୯୭୫ ସିହାରେ ପ୍ରକାଶ ପାଇଛି । ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ତିନୋଟି ସଂକଳନ ଯଥା - ଗୌଣ ଦେବତା ଓ ଶତଦ୍ରୁ ଅନେକ -୧୯୭୭ ମସିହାରେ ଓ ନିଜ ପାଇଁ ନାନାବାୟା ୧୯୮୦ ମସିହାରେ ପ୍ରକାଶ ପାଇଛି । ଶରତ ଚନ୍ଦ୍ର ପ୍ରଧାନଙ୍କର ଏକମାତ୍ର ସଂକଳନ ନଈ ଆଉ ମାଛ ହଂସ ଓ ସାରସ -୧୯୭୩ ମସିହାରେ ପ୍ରକାଶ ପାଇଛି । ଏମାନଙ୍କ ବ୍ୟତୀତ ଆହୁରି ଅନେକ କବିଙ୍କର ଆଦ୍ୟ ସୃଷ୍ଟିକୁ ନେଇ ଏହି ସମୟ ଖଣ୍ଡ ପରିପୁଷ୍ଟ ହୋଇଛି । ଯଥା : ହରିହର ମିଶ୍ର ଙ୍କର ପ୍ରଥମ କବିତା ଶଙ୍ଖନାଭି -୧୯୭୩, ଅକ୍ଷମ ଦେବତା-୧୯୭୮, ବଂଶୀଧର ଷଡ଼ଙ୍ଗୀଙ୍କର ସମୟ ଅସମୟ -୧୯୭୭, ଫନୀ ମହାନ୍ତିଙ୍କର ମାନଚିତ୍ର -୧୯୭୩, ବ୍ରହ୍ମୋତ୍ରୀ ମହାନ୍ତିଙ୍କର ଅବତରଣ -୧୯୭୭, ପ୍ରତିଭା ଶତପଥୀଙ୍କର ଗୁପ୍ତସମୟ -୧୯୭୪, ସାହାଡ଼ାସୁନ୍ଦରୀ -୧୯୭୮, ନିୟତ ବସୁଧା-୧୯୮୦, ନିତ୍ୟାନନ୍ଦ ନାୟକଙ୍କର ବିଦୀର୍ଣ୍ଣ ମରାଳ -୧୯୭୭, ପ୍ରମୋଦ ମହାନ୍ତିଙ୍କର କ୍ରମଶଃ -୧୯୬୭, ମନୋରମା ବିଶ୍ୱାଳ ମହାପାତ୍ରଙ୍କର କିଶଳୟ -୧୯୬୩, ବ୍ରତତୀ-୧୯୬୬, ଫୁଲ ଫୁଟାର ମୁହୂର୍ତ୍ତ -୧୯୭୯, ସ୍ମୃତି ଶ୍ରାବଣ ଓ ପ୍ରତିବିମ୍ବ -୧୯୭୮, ସ୍ୱାତୀଲଗ୍ନ - ୧୯୭୯, ହର ପ୍ରସାଦ ଦାସଙ୍କର ଆଲୋକିତ ବନବାସ - ୧୯୭୮ ଇତ୍ୟାଦି ପ୍ରକାଶ ପାଇଛି ।

୧୯୬୦-୧୯୮୦ ସମୟଖଣ୍ଡର ଓଡ଼ିଆ କବିମାନଙ୍କର କାବ୍ୟ କବିତାର ବିସ୍ତୃତ ପରିସରରେ କବିତାର ବିବିଧ ଦିଗ ଉନ୍ମୋଚନ ହୋଇପାରିଛି ।

## ୩.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ୧୯୬୦ ମସିହା ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ଇତିହାସ ସଂପର୍କରେ ଆଲୋଚନା କର ।

୨. ୧୯୬୦ ପରବର୍ତ୍ତୀ ଓଡ଼ିଆ କବିତାର ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର ।

୩. ସୀତାକାନ୍ତ ମହାପାତ୍ରଙ୍କ କାବ୍ୟିକ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ।
୪. ଗୁରୁପ୍ରସାଦ ମହାନ୍ତିଙ୍କ କାବ୍ୟର ବିବିଧ ଦିଗ ସଂପର୍କରେ ଆଲୋଚନା କର ।
୫. ୧୯୬୦-୧୯୮୦ ମସିହା ମଧ୍ୟରେ ଓଡ଼ିଆ କବିତାର ଆଭିମୁଖ୍ୟ ସଂପର୍କରେ ଆଲୋଚନା କର ।
୬. ମୃତ୍ୟୁ କୁ ନେଇ ରଚିତ ରମାକାନ୍ତ ରଥଙ୍କ କବିତା ସଂପର୍କରେ ଆଲୋଚନା କର।
୭. କବି ଭାନୁଜୀ ରାଓଙ୍କ କାବ୍ୟିକ ଆବେଦନ ସଂପର୍କରେ ଆଲୋଚନା କର ।

## ୩.୧୦ ସହାୟକ ଗ୍ରନ୍ଥସୂଚୀ


- ସବୁଜରୁ ସାଂପ୍ରତିକ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ
- ସ୍ରହସ୍ରାଂଶୁ - ଯତୀନ୍ଦ୍ର ମୋହନ ମହାନ୍ତି
- ସତୁରୀରୁ  ସହସ୍ରାବ୍ଦୀ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ
- ମୃତ୍ୟୁଲୋକରେ ରତ୍ନ ସପ୍ତମ - ଦାଶରଥି ଦାସ

# ଚତୁର୍ଥ ଏକକ : ଅଶୀ ପରବର୍ତ୍ତୀ ଓଡ଼ିଆ କବିତା

## ବିଷୟ ଗଠନ

୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ପୃଷ୍ଠଭୂମି

  ୪.୪.୧ ସାଂସ୍କୃତିକ ପୃଷ୍ଠଭୂମି

  ୪.୪.୨ ରାଜନୀତିକ ପୃଷ୍ଠଭୂମି

୪.୫ ୧୯୮୦ ପରବର୍ତ୍ତୀ ପ୍ରମୁଖ କବିମାନଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା।

୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୭ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ଅଭିବୃଦ୍ଧି ସଂପର୍କରେ ପାଠ କରିବାର ଉଦ୍ଦେଶ୍ୟ ହେଉଛି ଓଡ଼ିଆ କବିତାର ଏକ ସ୍ଥିରବଦ୍ଧ ପ୍ରମାଣଯୋଗ୍ୟ କାବ୍ୟରୂପ ନିର୍ଦ୍ଧାରଣ କରିବା। ସ୍ୱାଧୀନତା ପରବର୍ତ୍ତୀ ପଚାଶ ବର୍ଷର ଓଡ଼ିଆ କବିତାକୁ ଲକ୍ଷ୍ୟ କଲେ ମନେହୁଏ, କୌଣସି ନିର୍ଦ୍ଦିଷ୍ଟ ଏକ କବିତାକୁ ଲକ୍ଷ୍ୟ କଲେ ମନେହୁ କୌଣସି ନିର୍ଦ୍ଦିଷ୍ଟ ଏକ କାବ୍ୟସ୍ୱର ବା କଳା ପ୍ରକରଣ କବିମାନଙ୍କୁ ବାନ୍ଧି ରଖିପାରିନାହିଁ। ଓଡ଼ିଆ କବିତାର ପ୍ରବାହମାନ ଧାରାରେ ୧୯୬୦ ମସିହାରେ କବିତା ଲେଖିବା ଆରମ୍ଭ କରି ୧୯୮୦ ମସିହା ପରେ ପ୍ରତିଷ୍ଠା ପାଇଥିବା କବି ଏବଂ ୧୯୮ ପରବର୍ତ୍ତୀ ସମୟରେ ନୂଆ ନୂଆ କବିତା ଲେଖୁଥିବା ବହୁ କବିଙ୍କର ଅନୁପ୍ରବେଶ କବିତାର କଳା ପ୍ରକରଣରେ ଭିନ୍ନତା ଆଣି ଦେଇଛି। ଏହି ଭିନ୍ନତା ଏ ସମୟଖଣ୍ଡର କବିତାକୁ ଭିନ୍ନ ରୂପ ପ୍ରଦାନ କରିଛି। ୧୯୮୦ ପରବର୍ତ୍ତୀ କାବ୍ୟିକ ପରିମଣ୍ଡଳ ମଧ୍ୟରେ ପରିଲକ୍ଷି ହେଉଥିବା ନୂତନତା ସଂପର୍କରେ କାବ୍ୟିକ ପରିମଣ୍ଡଳ ମଧ୍ୟରେ ପରିଲକ୍ଷିତ ହେଉଥିବା ନୂତନତା ସଂପର୍କରେ ଆଲୋଚନା କରିବା ଏହି ଅଧ୍ୟାୟ ପଠନର ପ୍ରମୁଖ ଉଦ୍ଦେଶ୍ୟ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଅଧ୍ୟାୟ ପଠନ ପରେ ଆମେ ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ ସବିଶେଷ ଜ୍ଞାନ ଆହରଣ କରିପାରିବା।

- ୧୯୮୦ ପରବର୍ତ୍ତୀ କବିତାର ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ପୃଷ୍ଠଭୂମି।
- ୧୯୮୦ ପରବର୍ତ୍ତୀ କବିମାନଙ୍କର କାବ୍ୟିକ ଆଭିମୁଖ୍ୟ।
- ୧୯୮୦ ପରବର୍ତ୍ତୀ କବିତାର ବୈଶିଷ୍ଟ୍ୟ

## ୪.୩ ବିଷୟ ପ୍ରବେଶ

୧୯୮୦-୨୦୧୦ ସମୟସୀମା ମଧ୍ୟରେ ଓଡ଼ିଆ କବି ବହୁ ନୂତନ କବିଙ୍କର ଅନୁପ୍ରବେଶ ଘଟିଛି। ୧୯୬୦ ମସିହାରୁ ୧୯୮୦ ମସିହାରେ କବିତା ଲେଖୁଥିବା କବିମାନେ ଏହି ସମୟରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ସ୍ୱାଭାବିକ ଭାବରେ ଚେତନା, ଅନୁଭୂତି, ଦୃଷ୍ଟିଭଙ୍ଗୀରେ ନୂତନତା ଦେଖିବାକୁ ମିଳିଛି। ୧୯୮୦ ପୂର୍ବବର୍ତ୍ତୀ କାବ୍ୟିକ ଚିନ୍ତା ଚେତନା ୧୯୮୦ ପରବର୍ତ୍ତୀ କାବ୍ୟ କବିତା ପାଇଁ ପ୍ରତିବନ୍ଧକ ସାଜି ନାହିଁ ବରଂ ପରିପୂରକ ହୋଇଛି। ୮୦ ପରବର୍ତ୍ତୀ କାବ୍ୟ କବିତାର ଆୟତନ ପରିପୁଷ୍ଟ ହୋଇଛି। ସମୃଦ୍ଧ ହୋଇଛି। ୧୯୮୦ ପରବର୍ତ୍ତୀ କାବ୍ୟ କବିତାର ସଂପର୍କରେ ଆଲୋଚନା କରିବା ପୂର୍ବରୁ ଏହାର ସାମାଜିକ, ସାଂସ୍କୃତିକ,ରାଜନୀତିକ ଓ ଧାର୍ମିକ ପୃଷ୍ଠଭୂମି ସଂପର୍କରେ ବିଶେଷ ଆଲୋଚନା କରାଯାଇ କବିମାନଙ୍କ କବିତାକ ସଂପର୍କରେ ଆଲୋଚନା କରାଯାଇଛି। ୧୯୮୦ ପରବର୍ତ୍ତୀ ସମୟରେ ବହୁ କବିଙ୍କର ଆଗମନ ଘଟିଛି। ସୀମିତ ପରିସର ମଧ୍ୟରେ, ଏ ସବୁ ଆଭିମୁଖ୍ୟର ବିଚାର କରାଯାଇଛି।

## ୪.୪ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ପୃଷ୍ଠଭୂମି

୧୯୬୦ ମସିହା ପରବର୍ତ୍ତୀ ସମୟରେ ଆମ ଭାରତୀୟ ଜନଜୀବନରେ ବହୁ ଉଲ୍ଲେଖନୀୟ ଘଟଣା ଘଟିଥିଲା। ସେଗୁଡ଼ିକ ମଧ୍ୟରେ ଭାରତ -ଚୀନ ଯୁଦ୍ଧ, ଜବାହରଲାଲଙ୍କ ତିରୋଧାନ, ଭାରତ-ପାକିସ୍ତାନ ଯୁଦ୍ଧ, ତାସ୍‌କେ ଚୁକ୍ତି, ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ମୃତ୍ୟୁ, ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ଲାଭ ଇତ୍ୟାଦି ଘଟଣା ସହ ଓଡ଼ିଶାରେ ପାରାଦ୍ୱୀପ ବନ୍ଦର ନିର୍ମାଣ,ରାଉରକେଲରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ଇଂଜିନିୟରିଂଗ୍ କଲେଜ ପ୍ରତିଷ୍ଠା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ପାକିସ୍ତାନ ଓ ଚାଇନା ସହ ଯୁଦ୍ଧ ହେବା ଦ୍ୱାରା ରାଜୀତିକ ଅସ୍ଥିରତା ବଢ଼ିଚାଲିଲା। ଫଳରେ ଦେଶର ସାମାଜିକ ଜୀବନ ପ୍ରଭାବିତ ହେବା ଦ୍ୱାରା ଅର୍ଥନୀତି ମଧ୍ୟ ପ୍ରଭାବିତ ହେଲା। ପ୍ରାନ୍ତୀୟ ସ୍ତରରେ ଶିକ୍ଷର ପ୍ରସାର ଘଟିଲା। ବାଣିଜ୍ୟ ଓ ଶିକ୍ଷାର ମଧ୍ୟ ବିକାଶ ଘଟିଲା। ବିକାଶ ସହିତ ସାଧାରଣ ଜନତାର ମାନସିକତା ମଧ୍ୟ ସଂଯୁକ୍ତ ହୋଇଥିଲା। ଏହାବ୍ୟତୀତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ତତ୍‌କାଳୀନ ସମୟର ସମାଜ ଓ ରାଜନୀତିକୁ ବେଶ୍ ପ୍ରଭାବିତ କରିଥିଲା। ତାହା ହେଉଛି ୧୯୬୭ ମସିହା ମେ ମାସରେ ଭାରତ ବର୍ଷର ସାମାଜିକ ଓ ଆର୍ଥନୀତିକ ବୈଷମ୍ୟ ବିରୋଧରେ ମଥା ଟେକିଥିବା ଫନକ୍‌ସାଲ୍‌ବାଜି ଆନ୍ଦୋଳନ’। ଏହି ଆନ୍ଦୋଳନର ପୃଷ୍ଠପଟରେ ଥିଲେ ସାଧାରଣ, ନିମ୍ନ ମଧ୍ୟବିତ୍ତ, ଜନସାଧାରଣ, କୃଷକ ସମାଜ ଓ ସହରର ଶକ୍ଷିତ ଯୁବକଂଗ୍ରେସ, ତତ୍‌କାଳୀନ ସମୟର ଭୂମି ମାଲିକ ଓ ପ୍ରଶାସନ ବିରୋଧରେ ମୁଣ୍ଡଟେକିଥିବା ଏହି ଆନ୍ଦୋଳନ ଆନ୍ଧ୍ର,ଓଡ଼ିଶା ଓ ବିହାରର ସାମାଜିକ ବ୍ୟବସ୍ଥାକୁ ଖୁବ୍ ପ୍ରଭାବିତ କରିଥିଲା।

ଚୀନ୍ ଓ ପାକିସ୍ତାନ ସହିତ ବାରମ୍ବାର ଯୁଦ୍ଧ ଭୟର ବାତାବରଣ ସୃଷ୍ଟି କରିଥିଲା। ଯୁଦ୍ଧ ଗୋଷ୍ଠୀ ଓ ରିଲିଫ୍ ଇତ୍ୟାଦିର ପ୍ରଭାବ ସାଧାରଣ ବଡ ଜୀବନ ଉପରେ ପଡ଼ିଲା। ରାଜନୀତିକ ଅସ୍ଥିରତା, ଜାତିପ୍ରଥା, ସନ୍ତ୍ରାସବାଦ, ଜାତିଆଣ ଦଂଗା, ଜାତୀୟ ଜରୁରୀ ପରିସ୍ଥିତି, କୃଷକ ଆନ୍ଦୋଳନ, ରାଜନୀତିକ ଧ୍ରୁବୀକରଣ ଇତ୍ୟାଦିର ପ୍ରଭାବରେ ବନ ଜୀବନର ଭିତ୍ତିଭୂମି ଦୋହଲିଗଲା।

୧୯୬୦ ମସିହା ପରେ ନବଗଠିତ ରାଷ୍ଟ୍ରର ଭାରତ ବର୍ଷର ଆଜି ସ୍ଥିତିକୁ ସୁଦୃଢ଼ କରିବା ପାଇଁ କୁଟୀର ଶିଳ୍ପ ପରିବର୍ତ୍ତେ କଳକାରଖାନା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି। ସମାଜବାଦୀ ଅର୍ଥନୀତି ନେତାମାନଙ୍କର ଆଦର୍ଶ ପାଲଟିଯାଇଛି। ରାଷ୍ଟ୍ର ଶିଳ୍ପାୟନର ନେତୃତ୍ୱ ନେଇଛି। କଞ୍ଚା ମାଲ୍ ଉପଲବ୍ଧ ପାହାଡ଼ିଆ ଅନଗ୍ରସର ଅଂଚଳରେ ବଡ଼ ବଡ଼ କାରଖାନାମାନ ପ୍ରତିଷ୍ଠା କରି ବ୍ୟାପକ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରିଛି। ଦରିଦ୍ର ଓ ଅନୁନ୍ନତ ଶ୍ରେଣୀର ଆର୍ଥିକ ବିକାଶ ହୋଇଛି। ସମାଜର ମୁଖ୍ୟ ସ୍ରୋତ ସହିତ ଏମାନେ ସାମିଲ୍ ହୋଇଛନ୍ତି। ରପ୍ତାନୀ ହାର ବଢ଼ିଛି। ବୈଦେଶିକ ମୁଦ୍ରା ଭଣ୍ଡାର ମଧ୍ୟ ପୂରିଛି। ପରୋକ୍ଷରେ ଏସବୁ ଶାସନକୁ ନିୟନ୍ତ୍ରଣ କରିଛି। ପରିଣତି ସ୍ୱରୂପ ଗ୍ରାମ ବହୁଳ ଭାରତବର୍ଷରେ ସହର ମାନଙ୍କର ନବଜନ୍ମ ଘଟିଛି। କୃଷିଜିବୀ ଶିଳ୍ପଜିବୀ ହୋଇଛି। କୃଷି,ଶିଳ୍ପ,ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାରୀ ପ୍ରୋତ୍ସାହନ ମିଳିଛି। ଅତ୍ୟାବଶ୍ୟକ ସାମଗ୍ରୀ କ ଉପରେ ନିହାତି ରିହାତି ପ୍ରଦାନ ମଧ୍ୟ କରାଯାଇଛି। ସମାଜବାଦୀ ଅର୍ଥନୀତିଜ୍ଞମାନେ ରାଷ୍ଟ୍ରୀୟ ଭତ୍ତିଭୂମି କରାଯାଇଛି। ସମାଜବାଦୀ ଅର୍ଥନୀତିକ ମାନେ ରାଷ୍ଟ୍ରୀୟ ଭତ୍ତିଭୂମି ପ୍ରତିଷ୍ଠା ଉଦ୍ଦେଶ୍ୟରେ ସରକାରୀ ଆୟକୁ ଜାତୀୟ ବିତ୍ତ (ଆୟ) ଭାବରେ ଗ୍ରହଣ କରିନେଇଛନ୍ତି।

ବୃହତ୍ତର ଶିଳ୍ପପ୍ରତିଷ୍ଠା ୧୯୭୦ ପରବର୍ତ୍ତୀ ସାମାଜିକ ଜୀବନଧାରାକୁ ମଧ୍ୟ ପ୍ରଭାବିତ କରିଛି। ବୃହତ୍ତ ଶିଳ୍ପୋଦ୍ୟୋଗ ସହିତ କ୍ଷୁଦ୍ରଶିଳ୍ପମାନ ମଧ୍ୟ ମୁଣ୍ଡ ଟେକିଛି। ଏ କ୍ଷେତ୍ରରେ ସରକାରୀ ସହଯୋଗ ମଧ୍ୟ ମିଳିଛି। ଆବଶ୍ୟକୀୟ ଭତ୍ତିଭୂମି ମଧ୍ୟ ସରକାର ଯୋଗାଇଛନ୍ତି। ବ୍ୟାଙ୍କ୍ ମାନେ କୋହଳ ସୁଧ ହାରରେ ପୁଞ୍ଜି ଯୋଗାଇଛନ୍ତି। ସହର ସଂପ୍ରସାରିତ ହୋଇଛି। ଗାଁ ସଂକୁଚିତ ହୋଇଛି। ଗାଉଁଲୀ ମଣିଷ ସହରକୁ ଆସିଛି। ସହରୀ ଜୀବନଧାରା ମଧ୍ୟରେ ଗାଁକୁ ସହରରେ ବ୍ୟକ୍ତିତ୍ୱର ହୋଇଛି ସତ,ପ୍ରତିଷ୍ଠା,ପ୍ରତିପତ୍ତିକ ଓ ସୁଯୋଗ ପାଇଛି ମାତ୍ର ପରଂପରାକୁ ଭୁଲିଛି। ପରୋକ୍ଷରେ ସଂସ୍କୃତିକୁ ମଧ୍ୟ ଭୁଲିଛି।

## ୪.୪.୧ ସାଂସ୍କୃତିକ ପୃଷ୍ଠଭୂମି

ସପ୍ତମ ଦଶକ ପରବର୍ତ୍ତୀ ସାମାଜିକ ପରିବର୍ତ୍ତନର ଆଧାରରେ ସଂସ୍କୃତି ମଧ୍ୟ ବଦଳିବା ଆରମ୍ଭ କରିଛି। ଗାଁ - ଗାଁ ହୋଇନାହିଁ। ଗାଁ - ସହର ଗୋଟିଏ ରାସ୍ତାରେ ଚାଲିବା ଆରମ୍ଭ କରିଛନ୍ତି। ଗାଁର ଗରିବ ପିଲା ସହରକୁ ପାଠପଢ଼ିବାକୁ ଯାଇ ଗାଁକୁ ଭୁଲିଯାଇଛି। ଗାଁର ଗରୀବ ପିଲା ସହରକୁ ପାଠ ପଢ଼ିବାକୁ ଯାଇ ଗାଁକୁ ଭୁଲିଯାଉଛି। ସହରର ଉପଭୋଗ ମାନସିକତା ଦ୍ୱାରା ସେ ଏତେ ମାତ୍ରାରେ କବଳିତ ହୋଇପଡ଼ୁଛି ଯେ ଆପଣାର ରଚି, ବିବେକ, ସାଂସ୍କୃତିକ ମୂଲ୍ୟବୋଧ ଏପରିକି ଉତ୍ତର ଦାୟୀତ୍ୱ ମଧ୍ୟ ପାସୋରି ପକାଉଛି। ୧୯୭୪ ମସିହାରେ ଅର୍ଥତତ୍ତ୍ୱବିତ୍ ଓ୍ୱାଲଟର ଷ୍ଟେନ୍ ବିଶ୍ୱର "ସମସ୍ତ ଅଂଚଳର ମଣିଷମାନଙ୍କ ସହବଂଧନରେ ସଂସ୍କୃତି ସୂତ୍ରର ଉପାଦେୟତା ସଂପର୍କରେ ମାନବସମାଜକୁ ସଚେତନ କରାଇଲେ। ଆର୍ ରବର୍ଟସନ୍ ପରିବର୍ତ୍ତିତ ବିଶ୍ୱରେ ସଂସ୍କୃତି ବିନା ଯେ ବାଣିଜ୍ୟିକ ସଂପର୍କ ସ୍ଥାପନ ହୋଇପାରିବ ନାହିଁ ବୋଲି ମତପ୍ରଦାନ କଲେ। ରବର୍ଟସନ୍ ବିଶ୍ୱଗ୍ରାମ୍ (GLOBAL VILLAGE) ଭାବାଦର୍ଶର ଅନ୍ୟତମ ସୂତ୍ରଧର। ଫଳ ଦୃଷ୍ଟିରେ ବିଶ୍ୱ କହିଲେ ଆମେ ବୁଝିଥାଉ ବହୁ ଦେଶ, ବହୁ ରାଜ୍ୟ, ବହୁ ଗୃହ, ବହୁ ଜାତି, ବହୁ ଧର୍ମ, ବହୁ ଭାଷା ଭାଷୀ, ବହୁ ଆଚାର ବିଚାରର ସମାହାର। ପ୍ରତ୍ୟେକଟି ଗୃହର ଆଚାର ବିଚାରରେ ଏକ ସ୍ୱାତନ୍ତ୍ର୍ୟ ଅଛି। ବର୍ତ୍ତମାନ ଏହାକୁ

ଆମେ ବାଣିଜ୍ୟ ସହିତ ସୂତ୍ରାୟିତ କରିବା। ପ୍ରତ୍ୟେକ ଘରର ପ୍ରତିନିଧିମାନେ ନିଜର ସଂପାଦ ଓ ସାଧନକୁ ବିଶ୍ୱ ବଜାରରେ ପ୍ରଦର୍ଶନ କରୁଛନ୍ତି। ବିଶ୍ୱ ଜନସମୁଦାୟ ମଧ୍ୟରେ ଏକ ବିରାଟ ସାଂସ୍କୃତିକ ତାରତମ୍ୟ ରହିଛି। ଏହି ସାଂସ୍କୃତିକୁ ୧୯୨୦ ମସିହା ପରବର୍ତ୍ତୀ ଜନସାଧାରଣ ଏକ ମୁଖା ବା ଢାଲ ଭାବରେ ଗ୍ରହଣ କରି ନିଜର ଇଚ୍ଛାକୁ ଚରିତାର୍ଥ କରିବାକୁ ଚାହୁଁଛି। ତେଣୁ ସଂସ୍କୃତି ଆଜିର ସମୟରେ ଏକ କର୍ତ୍ତୃତ୍ୱ ବିସ୍ତାରୀ ଅହଂପ୍ରମତ୍ତ ଗୋଷ୍ଠୀର ଶୋଷିତ ମନୋବୃତ୍ତି ଓ ଛଳନା ପ୍ରତାରଣାର କଳାତ୍ମକ ଅସ୍ତ୍ରକ ପାଲଟି ଯାଇଛି।

ବିଭିନ୍ନ ଜାତିର ସାଂସ୍କୃତିକ ଗତିଶୀଳତା, ଜାତି ଜାତି ମଧ୍ୟରେ ଐକ୍ୟ ପ୍ରତିଷ୍ଠାରେ ଯେତିକି ସହାୟକ ହୋଇଛି ସେତିକି ମାତ୍ରାରେ ଆମ ଆତ୍ମପରିଚିତିକୁ ମଧ୍ୟ ଅସ୍ୱୀକାର କରିଦେଇଛି। ସଂସ୍କୃତିର ନିୟନ୍ତ୍ରଣ କର୍ତ୍ତା ସାଜିଛି ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଇଲେକ୍‌ଟ୍ରେନିକ୍‌ସ ଗଣମାଧ୍ୟମ, ଗମନାଗମନ ଓ ପରିବହନ। ବିଶାଳ ପରିବ୍ୟପ୍ତ ପୃଥିବୀ ଆଦି କୁନି ପୃଥିବୀରେ ପରିଣତ ହୋଇଛି।

ଆଞ୍ଚଳିକ ପରିଚିତ ମଧ୍ୟରେ କେହି ବଂଚିବାକୁ ଚାହୁଁନାହାଁନ୍ତି। ପଛରେ ଛାଡ଼ି ଆସିଥିବା ଅତୀତର ସଂସ୍କୃତି, ପରଂପରାକୁ ଏହି ନବଶିକ୍ଷିତ ଅଭିଜାତ ବର୍ଗ ଏକ ମୋହାଚ୍ଛନ୍ନ ଆଖିରେ ଦେଖିବାକୁ ଆରମ୍ଭ କରିଛି। ୧୯୭୦ ପରବର୍ତ୍ତୀ ଜନସାଧାରଣଙ୍କ ଚେନତାରେ ଉପନିବେଶବାଦ ସ୍ପଷ୍ଟ ସଂସ୍କୃତିର ସଂକ୍ରମଣକୁ ଅତି ସହଜରେ ଗ୍ରହଣ କରିନେଇଛି। ଏହାକୁ ଶ୍ରୀନିବାସ୍ ସୋସିଆଲ୍ ଚେଞ୍ଜେସ୍ ଇନ୍ ମଡ଼ର୍ଣ୍ଣ ଇଣ୍ଡିଆ ପୁସ୍ତକରେ ପାକ୍ ଭାରତୀୟତାର ପଶ୍ଚିମୀକରଣ ବୋଲି ଆଖ୍ୟା ଦେଲେ।

ଆଜିର ସଚେତନ ଜସାଧାରଣ ମନରେ ପ୍ରଶ୍ନ ଉଠିଛି, ସଂସ୍କୃତି କାହାପାଇଁ? ଆଧୁନିକ ସମୟର ସଂସ୍କୃତି ଚର୍ଚ୍ଚକାରୀମାନେ କହିଛନ୍ତି - ସଂସ୍କୃତି ହେଉଛି ଏକ ଜନ ସମୁଦାୟର ବଞ୍ଚିବା ପାଇଁ ଅର୍ଥପୂର୍ଣ୍ଣ ଉପାଦାନ। ଆଜିର ଏହି ବିଶ୍ୱଗ୍ରାମ ପରିକଳ୍ପନା ମଧ୍ୟରେ ଜଗତୀକରଣର ବିବରଣୀରେ ଆଧୁନିକ ଚିନ୍ତାଚେତନାଧାରୀ ମଣିଷ ପାଇଁ ସଂସ୍କୃତି ଭୋଗବାଦୀ ମାନସିକତାର ପରିଚାୟକ ହୋଇଛି। ସଂସ୍କୃତିର ଅର୍ଥ ଉପଭୋଗର ସାମଗ୍ରୀ। ଏହି ସାମଗ୍ରୀର ଉତ୍ପାଦନ ଓ ପ୍ରଚାର ପ୍ରସାର ପାଇଁ ଯେଉଁ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି ତାହା ହେଉଛି ସାଂସ୍କୃତିକ ଉଦ୍ୟୋଗ। 'ହୋର୍‌ଖେଇମ ମର୍' ସ୍ୱରଚିତ ପୁସ୍ତକ - 'ଡାଇଲେକ୍‌ଟିକ୍‌ସ୍ ଅଫ୍ ଏନ୍‌ଲାଇଟେନ୍‌ମେଣ୍ଟ' ରେ ସାଂସ୍କୃତିକ ଉଦ୍ୟୋଗର ପରିଭାଷା ବୁଝାଇ କହିଲେ, ଯେ ଏହି ଉଦ୍ୟୋଗ ଜନସାଧାରଣଙ୍କ ଉପଭୋଗ ମାନସିକତାକୁ ବଢାଏ। ସେଥିପାଇଁ ସାଂସ୍କୃତିକ ଉପାଦାନମାନଙ୍କ ପ୍ରସ୍ତୁତ କରେ। ଏହାକୁ ଉଦ୍ୟୋଗ ପତି ମାନଙ୍କ ସାମ୍ରାଜ୍ୟ କୁହାଯାଏ। ଏହି ସାମ୍ରାଜ୍ୟରେ ଜନସାଧାରଣ ବ୍ୟକ୍ତିତ୍ୱ, ଚିନ୍ତାଧାରା, ଆଚାର ବିଚାର, ଇଚ୍ଛା, ସ୍ୱପ୍ନ , ଆବଶ୍ୟକତା ସର୍ବସ୍ୱ ଅଜାଣତରେ ବିକ୍ରୀ ହୋଇସାରିଥାଏ। ଏହାକୁ ଚରିତାର୍ଥ କରିବାରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ ଗଣମାଧ୍ୟମ ସାହାଯ୍ୟ କରେ। ତେଣୁ ଏହା ମଧ୍ୟ ଆମେ ନିର୍ବିବାଦରେ ସ୍ୱୀକାର କରିବା ଯେ ମୁଦ୍ରାଯନ୍ତ୍ର, ସିନେମା, ଟେଲିଫୋନ୍, ଟେଲିଭିଜନ୍ ଓ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମ, ବିଶ୍ୱର ସାଂସ୍କୃତିକ ପରିବେଶର ପରିବର୍ତ୍ତନର କାରଣ ହୋଇଛି।

ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରର ମଣିଷମାନଙ୍କୁ କବଳିତ କରିବା ପାଇଁ 'ସଂସ୍କୃତି' ହିଁ ମହୌଷଧି ସାଜିଚି। ପର୍ବପର୍ବାଣୀ, ଆଚାର ବିଚାର, ପାରଂପରିକ ରୀତି ନୀତିର ଅବଲୁପ୍ତିର ଦ୍ୱାରଦେଶରେ

ପହଞ୍ଚି ସାରିଛି । ଅତୀତରେ ସାଧାରଣ ଜନତାର ମନୋରଞ୍ଜନର ମାଧ୍ୟମ ସାଜିଥିବା ପାଲା, ଦାସକାଠିଆ ଆଜି ସ୍ୱପ୍ନ ପାଲଟିଯାଇଛି । ଗାଁ ଗଣ୍ଡାରେ ଯାତ୍ରାଦଳମାନେ ଯାତ୍ରା କରୁନାହାଁନ୍ତି । ଏହାର ସ୍ଥାନ ନେଇଛି କଲ୍‌ଚରାଲ୍ ପ୍ରୋଗ୍ରାମ୍ ବା ସାଂସ୍କୃତିକ କାର୍ଯ୍ୟକ୍ରମ । ବିଭିନ୍ନ ସାମାଜିକ ଉତ୍ସବ ମାନଙ୍କରେ ମେଲୋଡ଼ି ଆୟୋଜନ କରାଯାଉଛି । ଯାହାକୁ ଆମେ ସାଂସ୍କୃତିକ ବିକୃତି ବୋଲି କହିପାରିବା । ସାଂସ୍କୃତିକ ଜଗତୀକରଣର ପ୍ରଭାବ ଆଞ୍ଚଳିକ ସଂସ୍କୃତିକୁ ଯେ କେବଳ ନିର୍ମୂଳ କରିବାର ପରିବେଶ ସୃଷ୍ଟି କରିଛି । ଏହି ଚିନ୍ତା ଚେତନା ୧୯୭୦ ପରବର୍ତ୍ତୀ ସାହିତ୍ୟର ପରିମଣ୍ଡଳକୁ ପ୍ରଭାବିତ କରିଛି । କବିର କାବ୍ୟ ଚେତନା ମଧ୍ୟ ପରିବର୍ତ୍ତନ ହୋଇଛି । ସାଂସ୍କୃତିକ ଅବକ୍ଷୟର ଚିତ୍ରସାଂଗକୁ ସାଂସ୍କୃତିକ ସଚେତନତା କାବ୍ୟ କବିତାରେ କଳେବର ମଧ୍ୟରେ ରୂପ ପାଇଛି ।

## ୪.୪.୨ ରାଜନୀତିକ ପୃଷ୍ଠଭୂମି

ଆର୍ଥନୀତିକ ଓ ଜ୍ଞାନଭତ୍ତିକ ସଞ୍ଚାର ବିଦ୍ୟାର ବିକାଶ ଓ ପରିପୋଷଣ ଯୋଗୁଁ ପ୍ରାୟ ୧୯୮୦ ମସିହା ପରେ ସମଗ୍ର ବିରାଟ ପରିବର୍ତ୍ତନର ସୂତ୍ରପାତ ହୋଇଛି । ଜନସାଧାରଣଙ୍କ ଜୀବନଧାରଣର ମାନରେ ବ୍ୟାପକ ମୌଳିକ ପରିବର୍ତ୍ତନ ଦେଖାଦେଇଛି । ଜ୍ଞାନ ବିଜ୍ଞାନର ପରିମଣ୍ଡଳ ବିସ୍ତୃତ ହୋଇଛି । ନିର୍ଦ୍ଦିଷ୍ଟ ଏକ ଅଂଚଳର ପ୍ରଗତି ସେହି ଅଂଚଳ ଭିତରେ ସୀମାବଦ୍ଧ ହୋଇ ରହିନାହିଁ । ବିଶ୍ୱର ଅନେକ ଅଜ୍ଞାତ ତଥ୍ୟ, ସମାଜର ବିକାଶ, ପରିବର୍ତ୍ତିତ ସାଂସ୍କୃତିକ ମୂଲ୍ୟବୋଧ ସଂପର୍କରେ ଚର୍ଚ୍ଚା ଆରମ୍ଭ ହୋଇଛି । ମଣିଷ ମଣିଷ ଭିତରେ ବ୍ୟବଧାନର ତାରତମ୍ୟ ହଟିଯାଇଛି । ଆମ୍ଭେମାନେ ସଂଯୋଜିତ ହୋଇଛେ । ଏହାଦ୍ୱାରା ପୃଥିବୀର ପରିସୀମା ସଂକୁଚିତ ହୋଇଛି । ବିଶ୍ୱାୟନ କ୍ଷେତ୍ରରେ ରାଜନୀତିର ଶକ୍ତି କେତେ ଯେ ସୀମିତ, ସେ ସଂପର୍କରେ ମଧ୍ୟ ଧାରଣା ସୁସ୍ପଷ୍ଟ ହୋଇଛି ।

୧୯୮୦ ମସିହା ପରବର୍ତ୍ତୀ ରାଜନୀତି ଜାତୀୟ ପରିଧିକୁ ଅତିକ୍ରମ କରିଛି । ଏତାଦୃଶ ସର୍ବସାଧାରଣ ଇଚ୍ଛଶକ୍ତି ଆଧାରଭୂତ କର୍ତ୍ତୃତ୍ୱ ବିସ୍ତାରୀ ବିବର୍ତ୍ତିତ ମାନସିକତାର ଶିକାର ହୋଇଛନ୍ତି ବିଶ୍ୱବାସୀ । ରାଷ୍ଟ୍ର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ରାଷ୍ଟ୍ରର ଏ ପ୍ରକାର କ୍ଷମତା ଉପଭୋଗ ମାନସିକତା ଏବଂ ବ୍ୟକ୍ତି ବିଶେଷରେ ମାନସିକ ଦାସତ୍ୱବୋଧର ତାଡ଼ନା ବିରୋଧରେ ସଚେତନ ନାଗରିକ ଗୋଷ୍ଠୀ ସାମାଜିକ ଆନ୍ଦୋଳନ ମାଧ୍ୟମରେ ବିରୋଧଭାସ ଜାହିର୍ କରିଛି ।

ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ପୂର୍ବରୁ ଗୋଟିଏ ଦେଶକୁ ଅନ୍ୟ ଦେଶଠାରୁ ସୀମାରେଖା ପୃଥକ୍ କରୁଥିଲା । ବ୍ୟାପକ ସଂପର୍କ, ବୈଷୟିକ ଜ୍ଞାନ କୌଶଳ, ଚିନ୍ତାଧାରା, କଳାସଂସ୍କୃତି, ବ୍ୟାପକ ସଂପର୍କ, ବୈଷୟିକ ଜ୍ଞାନ କୌଶଳ, ଚିନ୍ତାଧାରା, କଳାସଂସ୍କୃତି ଏସବୁ ଆମ ନିୟନ୍ତ୍ରଣରେ ଥିଲା । ସଂପ୍ରତି ପରିସ୍ଥିତି ବଦଳି ଯାଇଛି । ଜନସାଧାରଣଙ୍କର ଜୀବନଧାରଣର ମାନ ମଧ୍ୟ ବଦଳିଛି । ରାଷ୍ଟ୍ରର ଅନୁଷ୍ଠାନଟି ମର୍ଯ୍ୟାଦା ସତେଯେପରି ଏକ ରାଷ୍ଟ୍ରୋତ୍ତର ମହାଶକ୍ତି ଦ୍ୱାରା ଉତ୍ପାଦିତ ହୋଇଛି । ରାଷ୍ଟ୍ରୀୟ ସଂହତି, ଜାତୀୟ ଓ ଆନ୍ତର୍ଜାତୀୟ ରାଜନୀତିକୁ ଏକ ନିର୍ଦ୍ଦିଷ୍ଟ ରୂପ ପ୍ରଦାନର ଦକ୍ଷତା ମଧ୍ୟ ରଖିଛି । କ୍ଷମତା ହାତକୁ ଆସିଛି । ଉପଭୋଗ ପ୍ରବଣତା ମଧ୍ୟ ଗ୍ରାସ କରିଛି । ରାଷ୍ଟ୍ରୀୟ ବଡ ବ୍ୟକ୍ତିକ ବିଭାରେ ପରିଣତ ଓ ବିନିଯୋଗ ହୋଇଛି । ଦେଶ ଦେଶ ମଧ୍ୟରେ ଥିବା ସୀମା ବିବାଦ ଏବଂ ପ୍ରତ୍ୟେକ ଦେଶ ନିଜକୁ ଏକ ଆଣବିକ ଶକ୍ତି ସଂପନ୍ନ ରାଷ୍ଟ୍ର ଭାବରେ ପରିଚିତ କରାଇବାର ମାନସିକତା ଦେଶର ସ୍ୱାତନ୍ତ୍ର୍ୟ ଉଦ୍‌ଘୋଷଣା କରୁଛି ।

ଚିନ୍ତାଶୀଳମାନଙ୍କ ମତରେ,ବହୁସ୍ତରୀୟ ବିଶ୍ୱଶାସନ ବ୍ୟବସ୍ଥା ସଂରଚନାଜନିତ ହସ୍ତାନ୍ତରଣ ଅଭିମୁଖୀ, ସୀମା ଏବଂ ଆଂଚଳିକତା ରାଜନୀତିକ ଜୀବନଧାରା ଓ ରାଜନୀତିକ ଗୋଷ୍ଠୀର ସ୍ୱତନ୍ତ୍ର ପରିଚୟର ବ୍ୟାଖ୍ୟାକୁ ବନ୍ଦ କରିଦେଇଛି । ସର୍ବସାଧାରଣଙ୍କ ଉପରେ ପ୍ରଭୁତ୍ୱ ଜାହିର୍ କରୁଥିବା ନୂଆ ନୂଆ ସଂଗଠନମାନ ଗଢି ଉଠୁଛି । ରାଷ୍ଟ୍ର ମଧ୍ୟ ଏହି ସଂଗଠନ ଉପରେ ଗୁରୁତ୍ୱ ଦେଉଛି । ଯେମିତି ବହୁରାଷ୍ଟ୍ରୀୟ ଏହି ସଂଗଠନ ଉପରେ ଗୁରୁତ୍ୱ ଦେଉଛି । ଯେମିତି ବହୁରାଷ୍ଟ୍ରୀୟ ଉଦ୍ୟୋଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ହେଉଛି ଆମ ଦେଶର ରାଜନୀତି ବହୁରାଷ୍ଟ୍ରୀୟ କଂପାନୀ ଗୁଡ଼ିକର ହାତରେ କ୍ରୀଡ଼ାନକ ସାଜିଛି । ସ୍ୱଳ୍ପ ମୂଲ୍ୟ ବିନିମୟରେ ଦେଶୀୟ ଭିତ୍ତିଭୂମିକୁ ସେମାନେ ଉପଯୋଗ କରୁଛନ୍ତି । ଆନ୍ତର୍ଜାତୀୟ ସାମାଜିକ ଆନ୍ଦୋଳନ ଏବଂ କେତେକ ସଂଗଠନ ନାଗରିକ, ଜାତି ଏବଂ ରାଷ୍ଟ୍ରର ଅସ୍ମିତା ଉପରେ ପ୍ରଶ୍ନ କରିଛନ୍ତି । ତେଣୁ ଜନ ଗଣଙ୍କର ସ୍ୱଦେଶୀୟ ଅଭିପ୍ରାୟକୁ ହାସଲ କରିବା ପାଇଁ ଜାତୀୟ ସରକାର ବାଧ୍ୟ ହୋଇଛନ୍ତି ।

୧୯୮୦ ମସିହାରେ ଗଣତନ୍ତ୍ର,ରାଜନୀତିର ରୂପରେଖ ବଦଳି ଯାଇଛି । ଗୋଟିଏ ନିର୍ଦ୍ଦିଷ୍ଟ ଅବଧି ପରେ ସଂଗଠିତ ହେଉଥିବା ପ୍ରତିନିଧିମାନଙ୍କର ନିର୍ବାଚନ ଗୋଟିଏ ଔପଚାରିକତାରେ ପରିଣତ ହୋଇଛି । ପ୍ରଥମତଃ କେଉଁମାନଙ୍କର ଅନୁମତି ନେଇ ଆମେ ପ୍ରତିନିଧି ନିର୍ବାଚନ କରିବା । ଚିରାଚରିତ ଉତ୍ତର ହେଉଛି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୋଟ୍‌ଦାତା ମାନଙ୍କର । ମାତ୍ର ବିଶ୍ୱ ଗଣମାଧ୍ୟମ ସେହି ନିର୍ବାଚନ ମଣ୍ଡଳୀର ସୀମାକୁ ଅସ୍ୱୀକାର କରିଛି । ନିର୍ବାଚନ ମଣ୍ଡଳୀ ଗୁଡ଼ିକ ସୀମାବଦ୍ଧ ହୋଇ ରହିନାହିଁ । ସଂପ୍ରସାରିତ ହୋଇଛି । ଜନସମୁଦାୟ ମଧ୍ୟ ସଂପ୍ରସାରିତ ହୋଇଛନ୍ତି । ବିଶ୍ୱର ଯେ କୌଣସି କୋଣରେ ରହି ମଧ୍ୟ ଏମାନେ ନିର୍ବାଚନକୁ ପ୍ରଭାବିତ କରିପାରୁଛନ୍ତି । ବିଶ୍ୱର ଏହି ବିଭଶାଳୀ ମାନଙ୍କର କର୍ତ୍ତୃତ୍ୱ ବିସ୍ତାରୀ ମାନସିକତା ମୂଳରେ ନିହିତ ସ୍ୱାର୍ଥସର୍ବସ୍ୱ ମାନସିକତା ଦୃଷ୍ଟାନ୍ତ ସ୍ୱରୂପ - ଆତଙ୍କବାଦୀମାନଙ୍କ ଉପରେ ଅଂକୁଶ ଲଗାଇବା ପାଇଁ ଭାରତ ସରକାର ଯେଉଁ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ସେହି କ୍ଷମତାକୁ ସମଗ୍ରକ ବିଶ୍ୱ ଆକଳନ କରୁଛି । ଠିକ୍ ସେହିପରି ଭାରତୀୟମାନେ ଏବେ ବି ପ୍ରବାସୀ ଜ୍ଞାତିମାନଙ୍କ ମଧ୍ୟରେ ଆମେରିକାର ନିର୍ବାଚନକୁ ନିୟନ୍ତ୍ରିତ କରିପାରୁଛନ୍ତି । ସାମାଜିକ ସ୍ତରରେ ନିର୍ଦ୍ଧାରିତ ସୀମାକୁ ଅସ୍ୱୀକାର କରୁଛନ୍ତି । ବଉଶାଳୀ ଉଦ୍ୟୋଗ ପତି ଓ ପ୍ରତିପତ୍ତିଶାଳୀ ରାଷ୍ଟ୍ର ସମୂହ ସତେଯେପରି ବିଶ୍ୱାୟନର ମଂଚ ମାଧ୍ୟମରେ ପରୋକ୍ଷ ଶୋଷଣ କରୁଛନ୍ତି । ଅପରପକ୍ଷରେ ଦଳିତ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଜନଗୋଷ୍ଠୀ କରୁଛନ୍ତି । ସେମାନଙ୍କର ଏକତ୍ୱ ବଳରେ ସାରା ଦେଶରେ ନିଜର ନିୟନ୍ତ୍ରଣ ସାବ୍ୟସ୍ତ କରୁଛନ୍ତି । ଯେମିତିକି ଉତ୍ତର ଭାରତର ନେତୃବର୍ଷ ସମୟେ ସମୟେ ପଶ୍ଚିମ ଭୂଖଣ୍ଡର ମୁମ୍ବାଇର ନିର୍ବାଚନକୁ ନିୟନ୍ତ୍ରଣ କରୁଛନ୍ତି ।

୧୯୮୦ ମସିହା ପରେ ଗାଣତନ୍ତ୍ରିକ ପଦ୍ଧତିରେ ପରିବର୍ତ୍ତନ ଦେଖାଦେଲା । ଗଣତନ୍ତ୍ର ବ୍ୟବସ୍ଥାରେ ଭାଗନେବାର ମାନସିକତାରେ ମଧ୍ୟ ପବପରିବର୍ତ୍ତନ ଦେଖାଦେଇଛି । ଭୋଟ୍ ବାକ୍ସ ଆଉ ଏବେ ସରକାରୀ ବିଧିର ନିୟନ୍ତ୍ରଣର ଏକମାତ୍ର ମାଧ୍ୟମ ହୋଇରହିନାହିଁ । ଏମ୍.ଏମ୍.ଏସ୍ ମାଧ୍ୟମରେ ଇଣ୍ଟରନେଟ୍ ଜନମତକୁ ନିୟନ୍ତ୍ରଣ କରିପାରୁଛି । ଏହି ବଦଳ ରାଜନୀତିରେ ମଣିଷର ଭାବନା ଗୁରୁତ୍ୱପୂର୍ଣ୍ଣ ହୋଇ ରହିନାହିଁ ବରଂ ବୁଦ୍ଧି ସର୍ବସ୍ୱ ହୋଇଛି । ପ୍ରବାସୀମାନେ ଭୋଟ୍,ରାଜନୀତି କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ସୀମାବଦ୍ଧ ହୋଇରହିନାହିଁ । ପ୍ରବାସୀମାନେ ରାଜନୀତିକ ବ୍ୟବସ୍ଥାକୁ ଅତି ଚତୁରତାର ସହିତ ନିୟନ୍ତ୍ରଣ କହିବାକୁ ସମର୍ଥ ହୋଇଛନ୍ତି ।

ପାରଂପରିକ ଗାଣତାନ୍ତ୍ରିକ ପଦ୍ଧତି ମତରେ ନିର୍ବାଚିତ ଗଣତନ୍ତ୍ର ନାଗରିକର ଆବଶ୍ୟକତା ଉପରେ ସଦାସର୍ବଦା ଗୁରୁତ୍ୱାରୋପ କରିଥାଏ। ଏଥିପାଇଁ ଯେ ନାଗରିକମାନଙ୍କ ହାତରେ ପୁନଃ ନିର୍ବାଚନର କରିଥାଏ। ଏଥିପାଇଁ ଯେ ନାଗରିକମାନଙ୍କ ହାତରେ ପୁନଃନିର୍ବାଚନର ଅମୋଘ ଅସ୍ତ୍ରଟି ଥାଏ। ମାତ୍ର ସଂପ୍ରତି ଆମ ଦେଶର ରାଜନୀତିକ ସମାଜରେ ଏହା ପରିବର୍ତ୍ତିତ ହୋଇଛି। ଗଣତନ୍ତ୍ର ପାଇଁ ସଂଗ୍ରାମ କରିବାର ମାନସିକତା ପରାସ୍ତ ହୋଇଛି। ସଂଗ୍ରାମୀ କଣ୍ଠ ସ୍ୱର ଅବଦମିତ ହୋଇଛି। ଧର୍ମ, ଭାଷା, ଜାତି ଭଳି ବିଭିନ୍ନ ରାଜନୀତିକ ଚର୍ଚ୍ଚାରୁ ସହଜ ସମାଧାନ କରିବାର ଦକ୍ଷତା ଏକକ ସରକାର ପାଖରେ ନାହିଁ।

୧୯୮୦ ରୁ ୨୦୧୦ ପର୍ଯ୍ୟନ୍ତ ସମଗ୍ର ବିଶ୍ୱର ରାଜନୀତିକ ପରିମଣ୍ଡଳ ଏହିପରି ଥିଲା। ଭାରତ ଭଳି ସାର୍ବଭୌମ ରାଷ୍ଟ୍ରରେ ଗଣତାନ୍ତ୍ରିକ ଅଧିକାର ସ୍ଥାପିତ କରିବା ନାମରେ ରାଷ୍ଟ୍ରର ସାର୍ବଭୌମର ଭିତ୍ତିକୁ ଦୁର୍ବଳ କରିଦିଅନ୍ତି। ରାଜନୀତି, ସମାଜନୀତି, ସାଂସ୍କୃତିକ ପରିବେଶ ରାଷ୍ଟ୍ରର ଶକ୍ତି, ନିୟାମକ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଦିନମଂଗଳ କାର୍ଯ୍ୟ ଯାହାକି ଦିନେ ଜାତି ରାଷ୍ଟ୍ରର ପ୍ରାଥମିକ ଉପାଦାନ ଥିଲା, କିନ୍ତୁ ବର୍ତ୍ତମାନ ତାହା ଏକ ସଭ୍ୟ ବୈପାରୀକ ଗୋଷ୍ଠୀର ହାତମୁଠାରେ ଯେଉଁମାନଙ୍କ ମାୟା ବ୍ୟୁହରେ ସାଧାରଣ ଜନତା ଫଁଶିଯାଇଛି।

ଶେଷରେ ୧୯୮୦ ପରବର୍ତ୍ତୀ ରାନୈତିକ ସ୍ଥିତି ସଂପର୍କରେ ଏତିକି କୁହାଯାଇପାରେ ଯେ,ସଂପ୍ରତି ଗଣତନ୍ତ୍ରକୁ ଇ- ଗଣତନ୍ତ୍ରର ରୂପାୟନ କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁଧ୍ୟାନ ମାଧ୍ୟମରେ ବକ୍ତବ୍ୟ ଉପସ୍ଥାପନ କରିବାର ସାମର୍ଥ୍ୟ ଇ- ଗଣତନ୍ତ୍ର ପାଖରେ ଅଛି। ଏହାକୁ ମଧ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାରେ ସୀମାବଦ୍ଧ କରାଯାଇନପାରେ। ସରକାରୀ କ୍ଷେତ୍ରରେ ଆଂଚଳିକ ଏବଂ ବିଶ୍ୱ ମଧରେ ଦୂରତ୍ୱ ହଟିଯାଇଛି। ପ୍ରଭାବ ସୃଷ୍ଟିକାରୀ ରାଜନୈତିକ ଘଟଣାମାନ ସମାଜିକ ଘଟଣାବଳୀ ସହିତ ସୂତ୍ରାୟିତ ହୋଇଛି।

## ୪.୫ ୧୯୮୦ ପରବର୍ତ୍ତୀ ପ୍ରମୁଖ କବିମାନଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା

୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ଦ୍ୱିବିଧ ଧାରା ଦେଖିବାକୁ ମିଳିଥାଏ। ପ୍ରଥମଟି ହେଉଛି ୧୯୬୦-୧୯୮୦ ମଧ୍ୟରେ କବିତା ଲେଖିଥିବା କବିମାନେ୧୯୮୦ ମସିହା ପରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ କବିତାରେ ଏକ ପ୍ରକାର ଆଭିମୁଖ୍ୟ ଦେଖିବାକୁ ମିଳେ। ଦ୍ୱିତୀୟରେ ୧୯୮୦ ପରେ ଯେଉଁମାନେ ପରିବର୍ତ୍ତିତ ପାଣିପାଗ ଦ୍ୱାରା ପ୍ରଭାବିତ ନହୋଇ ଏକ ଭିନ୍ନ ରୂପରେ ଚିହ୍ନାଇବାର ପ୍ରୟାସ କରିଛନ୍ତି। ଏହି ପରିବର୍ତ୍ତିତ ପାଣିପାଗ ଭାବେ ଇଉରୋକୈନ୍ଦ୍ରିକ ଚିନ୍ତା ଚେତନାର ପ୍ରଭାବକୁ ଆମେ ଗ୍ରହଣ କରିବା। ତେଣୁ ଆଲୋଚନାକୁ ସହଜ କରିବା ପାଇଁ ପ୍ରଥମେ ୧୯୮୦ ମସିହାରେ ପ୍ରତିଷ୍ଠିତ କବିମାନଙ୍କ ସଂପର୍କରେ ଆଲୋଚନା କରିବା। ତା'ପରେ ୧୯୮୦ ମସିହା ପରବର୍ତ୍ତୀ ସମୟର ନୂଆ କବିମାନଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ସବିଶେଷ ଆଲୋଚନା କରିବା।

ଏହି କ୍ରମରେ ପ୍ରଥମେ ଆସିବେ କବି ସଚ୍ଚିଦାନନ୍ଦ ରାଉତରାୟ। କବି ଜୀବନର ପ୍ରଥମ ସୋପାନରେ ରୋମାଣ୍ଟିକ୍ କବିତା ଓ ଅନ୍ୟ ଦିଗରେ ପ୍ରଗତିବାଦୀ କବିତାର ସୁଦୃଢ ଭିତ୍ତିଭୂମିରୁ କବିଙ୍କର କାବ୍ୟିକ ଚିନ୍ତାଧାରାରୁ

ଉନ୍ମେଷ। ଏହି ଦୁଇଟିଯାକ ଚିନ୍ତାଧାରା ମଧ୍ୟ ତାଙ୍କ କୃତିରେ ବେଶ୍ ଶକ୍ତିଶାଳୀ। ପରବର୍ତ୍ତୀ ସମୟରେ ତାଙ୍କ ଚିନ୍ତାଧାରା ଏହାକୁ ଅତିକ୍ରମକରି ସ୍ଥିତି ସଚେତନ କାବ୍ୟ ସ୍ୱରରେ ରୂପାନ୍ତରିତ ହୋଇଛି।

କବିଙ୍କ କବିତାର କଳା ପ୍ରକରଣ ଓ ଆତ୍ମିକ ଅବବୋଧରେ ଅଧିକ ସହଜ, ପ୍ରକାଶ ମୁଖୀ, ଭାବପ୍ରବଣତା, ସାଧାସିଧା ଗଢଣ ଦେଖିବାକୁ ମିଳିଛି। ସେତେଯେମିତି କବି ନିଜ କବିତାର ପ୍ରୟୋଗବାଦୀ ଫର୍ମରୁ ଓହରି ଆସି ପରବର୍ତ୍ତୀ ତରୁଣ କବି ଗୋଷ୍ଠୀଙ୍କ ଦ୍ୱାରା ପ୍ରଚଳିତ ଉଦାରବାଦୀ ସରଳ ଧାରାଟିକୁ ଗ୍ରହଣ କରିବା ପାଇଁ ମାନସିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ୧୯୮୦ ମସିହା ପରେ ପ୍ରାୟତଃ ଅଗ୍ରଜ କବିମାନେ ପ୍ରୟୋଗ ପଦ୍ଧତିରୁ ମୁକ୍ତି ପ୍ରୟାସୀ ହୋଇପଡ଼ିଛନ୍ତି। ଅଶୀ ଦଶକରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କର କବିତା ୧୯୮୩, କବିତା ୧୯୮୫, କବିତା ୧୯୮୭, କବିତା ୨୦୦୩ ଇତ୍ୟାଦି ପ୍ରକାଶ ପାଇଛି।

କବି ଗୁରୁପ୍ରସାଦ ମହାନ୍ତି ୧୯୭୫ ପରେ ଲେଖିଥିବା କବିତା ସବୁ ୧୯୮୮ ମସିହାରେ ପ୍ରକାଶ ପାଇଥିବା ଆଶ୍ଚର୍ଯ୍ୟ ଅଭିସାର କବିତା ସଂକଳନରେ ସଂକଳିତ ହୋଇଛି। କବିତାଗୁଡ଼ିକ ଛୋଟ ଛୋଟ କବିତା। କାଳପୁରୁଷର ଯେଉଁ ଅନୁଭୂତିର ତୀବ୍ରତା ଦେଖିବାକୁ ମିଳେ ଏହି ସଂକଳନରେ ସ୍ଥାନିତ କବିତା ଗୁଡ଼ିକରେ ତାହା ଖୋଜିଲେ ଆମକୁ ନିରାଶ ହେବାକୁ ପଡ଼େ। ସଂକଳନସ୍ଥ କବିତାରେ ଦୁଇଟି ଧାରା ପରିଲକ୍ଷିତ। ୧୯୮୦ ପୂର୍ବବର୍ତ୍ତୀ କବିତାରେ ଥିବା ସୌନ୍ଦର୍ଯ୍ୟ ପ୍ରତି ଆଗ୍ରହ ଓ ସଚେତନତା ଏବଂ ଦ୍ୱିତୀୟଟି ସତ୍ତାର କ୍ଳାନ୍ତି, ବ୍ୟଥା ଓ ନିଃସଂଗତାର ଅନୁଭବ। କାବ୍ୟିକ ଦୃଷ୍ଟିକୋଣରୁ ଏ ଦୁଇଟିଯାକ ପରସ୍ପର ସହ ସଂପୃକ୍ତ। ନିମ୍ନରେ ଦିଆଯାଇଥିବା କବିତାର ପଂକ୍ତିରୁ ଏହା ସ୍ପଷ୍ଟ ହୋଇଯାଏ।

* "ତୋ ଆଖିରେ ସୂର୍ଯ୍ୟାସ୍ତର ବିବର୍ଣ୍ଣ ଆକାଶ
ତୋ ଡ଼େଣାରେ ଆଚ୍ଛନ୍ନତା ସଂଚାରିତ ରାତିର ଅଂଧାର"।

(ଫେରନ୍ତା ବାଟର ପକ୍ଷୀ )

* ତୋ କଣ୍ଠରେ ଗୀତ ନାହିଁ, ତୋ ଅନ୍ତରର ନୀରବତା ତଳେ
ଭୋକ ନାହିଁ,ତୃଷା ନାହିଁ .. ଅନ୍ତସାର ଶୂନ୍ୟ ସବୁ ଶୋଷର ସମାପ୍ତି
ଫେରନ୍ତା ବାଟର ପକ୍ଷୀ ତୋ ଡ଼େଣାରେ ଫେରିବାର କ୍ଳାନ୍ତି ଛଡ଼ା ଅନ୍ୟ କିଛି ନାହିଁ।"

(ଫେରନ୍ତା ବାଟର ପକ୍ଷୀ)

ପ୍ରଥମ ପଂକ୍ତିରେ ପ୍ରକୃତିର ସୌନ୍ଦର୍ଯ୍ୟବୋଧର ବର୍ଣ୍ଣନା କରାଯାଇଥିଲା ବେଳେ ଦ୍ୱିତୀୟ ପଂକ୍ତିରେ ଫେରନ୍ତା ବାଟର* ପକ୍ଷୀକୁ କବି ସତ୍ତାର ପ୍ରତୀକ ଭାବେ ଗ୍ରହଣ କରାଯାଇଛି।

୧୯୪୮ ରୁ ୧୯୮୮ ଚାଳିଶ ବର୍ଷ ମଧ୍ୟରେ କବି ଗୁରୁ ପ୍ରସାଦଙ୍କର ୭୦ ରୁ ୭୫ ଟି କବିତା ପ୍ରକାଶ ପାଇଛି। ୧୯୮୮ ମସିହା ପରେ କୌଣସି କାବ୍ୟ ସଂକଳନ ପ୍ରକାଶ ପାଇନାହିଁ। ସଂଖ୍ୟାରେ ସ୍ୱଳ୍ପ ହେଲେ ମଧ୍ୟ କବିଙ୍କର କବିତାର ନିର୍ଦ୍ଦିଷ୍ଟ ଆବେଗ ଶକ୍ତି ଓ ତନ୍ମଧ୍ୟରେ ପ୍ରତିଫଳିତ ବର୍ତ୍ତମାନ ଜୀବନରେ ବ୍ୟର୍ଥତା, ଅସଂଗତିବୋଧ ଏକ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ।

୧୯୫୫ ମସିହାରେ ନୂତନ କବିତାର ପରିପ୍ରକାଶ ମାଧ୍ୟମରେ ଓଡ଼ିଆ କବିତା ଜଗତରେ ପାଦ ଥାପିଥିବା ଆଉ ଜଣେ ସୁନାମଧନ୍ୟ କବି ହେଉଛନ୍ତି ଭାନୁଜୀ ରାଣ। ୧୯୮୦ ପୂର୍ବରୁ ଲେଖାଲେଖି ଆରମ୍ଭ କରିଥିଲେ। ୧୯୮୬ ମସିହାରେ ନଈ ପାରି' ୧୯୯୪ ରେ ଚନ୍ଦନ ବନରେ ଏକା', 'ଦର୍ପଣ ଆଗରେ'- ୧୯୯୫,ଏକା ଏବଂ ଏକା ଏକା'- ୧୯୯୬,'ହଳଦୀ ପତ୍ରର ବାସ୍ନା' - ୧୯୯୮,ଜହ୍ନର ରଂଗ ଧଳା'- ୧୯୯୮, ଅନ୍ତର୍ଗତ ସୁଖ ଦୁଃଖ-୧୯୯୯, 'ଶବ୍ଦ ସଂଗେ ଶୃଙ୍ଗାର' - ୧୯୯୯,'ସ୍ୱପ୍ନର ମହକ' - ୨୦୦୦,'ରକ୍ତ ମାଂସର କବିତା'-୨୦୦୦,'ଧୂସର ବର୍ଣ୍ଣମାଳା'-୨୦୦୦, ଶୈଶବର ମୁହଁ -୨୦୦୧, ଚିତ୍ରିତ ଦ୍ରାଘିମା -୨୦୦୧,ଗୋଧୂଳି ରଂଗର ମଳି-୨୦୦୧ ଇତ୍ୟାଦି ପ୍ରକାଶ ପାଇଛି। ପ୍ରଥମ ସଂକଳନ ବିଷାଦ ଏକ ଋତୁରେ ବିଷାଦର ପୃଷ୍ଠଭୂମିରେ ପ୍ରେମ ପ୍ରକୃତି ଜନିତ ଅନୁଭବ ନଇ ଆରପାରିରେ ମଳିନ ପଡ଼ିଯାଇଛି। କାବ୍ୟିକ ଆଭିମୁଖ୍ୟ ସମାନ କିନ୍ତୁ ଅନୁଭବରେ ତୀବ୍ରତା ସାମାନ୍ୟ ଫିକା ପଡ଼ିଯାଇଛି। ପ୍ରଥମ କବିତା ଫପ୍ରେମ' ରେ ପ୍ରେମର ପରିଭାଷା ନିରୂପଣ କରିବାକୁ ଯାଇ କବି କହୁଛନ୍ତି:-

* " ପ୍ରେମ ଏକ ରଡ଼ ନିଆଁ
ପୋଡ଼ିଦିଏ ସବୁ କିଛି
ହାତର ପାପୁଲି ଆଉ ଆଖିପତା,ଓଠର ପାଖୁଡ଼ା
ପ୍ରଜ୍ଜ୍ୱଳନ୍ତ ମେଘ ଭଳି ଘୋଟିଯାଏ ଦେହର ଆକାଶ
ଲେଲିହାନ ଜିଭ ଦେଇ ଋଟେ ମନ ଅଇଁଠା ପତର।"

ଏହି ପ୍ରେମ ଜନିତ ଅନୁଭବ ପରବର୍ତ୍ତୀ ସମୟରେ ଭିନ୍ନ ରୂପ ନେଇଛି। ପ୍ରେମ 'ବିଶ୍ୱାସଘାତକ','ତସ୍କର' ଭଳି ମନେ ହୋଇଛି। ଈର୍ଷାର ଅନ୍ୟନାମ ପ୍ରେମ, ବୋଲି କହିବାକୁ ମଧ୍ୟ କବି ପଛାଇନାହାଁନ୍ତି। ପ୍ରେମ ଜନିତ ଏଇ ବିଷାଦ ଅନୁଭବ ମୃତ୍ୟୁଚେତନା ଆଜକୁ ବାଟ କଢାଇଛି। ମୃତ୍ୟୁର ସୂଚନା ଦେଇ କବି କହୁଛନ୍ତି :-

* "ଏ ସହରର ନାମହୀନ ଅଜଣା ଛକରୁ
ଧ୍ୱଂସ ପରି ରାସ୍ତା ସବୁ ଲମ୍ବିଛନ୍ତି ମଶାଣୀ ଆଡ଼କୁ
ଅଶ୍ରୁ ପତନର ଶବ୍ଦ ଶୁଣିବାକୁ ଭାରି ଇଚ୍ଛା ହୁଏ
ତୁମର ସ୍ନେହର ପ୍ରାଣ ମୃଗ ନାଭି ମହକୁଛି। (ଦୂରତ୍ୱ)

ମୃତ୍ୟୁଚେତନା ଓ ସମୟ ଚେତନାର ମିଶ୍ରିତ ଅନୁଭବ ନିମ୍ନ ପଂକ୍ତିରେ ଦେଖିବାକୁ ପାଇବା।

* "ସବୁ କିଛି ସରିଯିବ ଦିନେ
ସରିଯିବ ସବୁକିଛି ମଳୟର ଦୀର୍ଘଶ୍ୱାସ ପରି
ଆତପ୍ତ କାଂଚନ ବର୍ଣ୍ଣ ନାରୀ ଦେହ
ସେବି ଯିବ ପରି
ଝରିଯିବ ସୁବର୍ଣ୍ଣ ସୁଷମା।" (ଶେଷ ଦୃଶ୍ୟ)

ଏହାପରେ ୧୯୯୪ ରେ ଚନ୍ଦନ ବନ ପ୍ରକାଶ ପାଇଲା। ସଂକଳନରେ ୫୦ ଟି କବିତା ସ୍ଥାନ ପାଇଛି। ୧୯୯୫ ଓ ୧୯୯୬ ରେ 'ଦର୍ପଣ ଆଗରେ ଓ ଏକା' ଏବଂ 'ଏକା ଏକା' ପ୍ରକାଶ ପାଇଲା। ଦୁଇଟି ଯାକ କବିତା ସଂକଳନରେ ୩୦ ଟି କରି ମୋଟ୍ ୬୦ ଟି କବିତା ସ୍ଥାନିତ। 'ଚନ୍ଦନ ବନ'ରେ ଏକା ସଂକଳନରେ କବିଦୃଷ୍ଟି ଉପଲବ୍ଧ, ଆନନ୍ଦ,ପରିପୂର୍ଣ୍ଣତା ଦିଗରେ ପ୍ରଧାବିତ। ଚନ୍ଦନ ବନ ଏକ ନିର୍ଦ୍ଦିଷ୍ଟ ସ୍ଥାନ; ଯେଉଁଠି କବି ନିର୍ଜନରେ ପ୍ରତୀକ୍ଷା କରିଛନ୍ତି। ଏହି ପ୍ରତୀକ୍ଷା ଭିତରେ ଉନ୍ମାଦନା ଅଛି ଅଛି ମଧ୍ୟ ରହସ୍ୟମୟତା।

"ତା' ଦେହକୁ ସଜାଇବି / ଅଲୌକିକ ଅକ୍ଷରରେ / ଯେଉଁଠି ଧରାଦେବ ନିସର୍ଗ ପୃଥିବୀ / ଆରକ୍ତ ଧ୍ୱନିମୟତାରେ" ...... "ଅନର୍ଗଳ ଜୋଛନାରେ ଧୋଇଯିବ ଘରର ଚଟାଣ" ...... "ସ୍ୱପ୍ନରେ ତା' ପଦଧ୍ୱନି ଶୁଭେ .... ଜହ୍ନର ହାତ ଧରି / ପାଦରେ ଚିପି ଚିପି ଝରା ପତରକୁ / ଆସିବ ସେ"।

ତା'ହେଲେ କବି ସେଇ ସର୍ଜନଶୀଳ ମୁହୂର୍ତ୍ତକୁ ଅପେକ୍ଷା (ମୁଁ ଦିନେ କବିତା ଲେଖିବି ....... "କବିତା ଆସିଲେ,) କରିଛନ୍ତି ଯେଉଁ ମୁହୂର୍ତ୍ତରେ ତାଙ୍କୁ ଶବ୍ଦମୟତା ଆଛନ୍ନ କରିବ। କବିତାର କାଳିସୀକ ଲାଗିଲେ ସର୍ଜନଶୀଳତାର ବାଙ୍ମୟରୂପ ପ୍ରକାଶ ପାଇବ। ସମଗ୍ର ସଂକଳନରେ ଏଇ ଭଳି ଅନେକ ଅନୁଭବର ସୁନ୍ଦର ରୂପାୟନ ଘଟିଛି। କଟକ ସହର ଉପରେ 'ବିଦାୟ' ଓ 'ପ୍ରତ୍ୟାବର୍ତ୍ତନ' ନାମକ ଦୁଇଟି କବିତା ଲେଖିଛନ୍ତି। 'ଯାତ୍ରା' ଓ 'ଶେଷ ଠିକଣା' କବିତାରେ ଜୀବନର ଯାତ୍ରା ଓ ମୃତ୍ୟୁର ଅନୁଭବ ତୀବ୍ର ହୋଇଛି। ଜୀବନର ଗତିପଥ ଶେଷ ହୁଏ ମୃତ୍ୟୁରେ। ଅନୁଭବ ଜୀବନର ଯାତ୍ରାରେ ପୂର୍ଣ୍ଣଚ୍ଛେଦନ ଟାଣି ଦିଏ ମୃତ୍ୟୁ। ବିଘ୍ନ ଚିନ୍ତା ଚେତନାରେ ଏହାର ସୁନ୍ଦର ପରିପ୍ରକାଶ ଘଟିଛି।

"ମୁଁ ଦିନେ ଚାଲିଯିବି / ସବୁକିଛି ଛାଡ଼ି ଦେଇ" ...... "ଏ ପୃଥିବୀ ଛାଡ଼ିଯିବି ଦିନେ "...... " ମୁଁ କିନ୍ତୁ ରହିବିନି ..... ଆଉ କେବେ ହେଲେ" ଜୀବନରେ ଯାହା ବାକି ରହିଯାଏ ତାହା ହେଉଛି ବିଷାଦର ମନୋଭାବ ।

.............. " ଧୂମାୟିତ ଚାହା କପ ......... ସେ ବି ପଡ଼ି ରହୁକ
ଶୁଖିଯାଉ କଲମରୁ କାଳି,
ଚୁପ୍‌ଚାପ, ଶୋଇ ରହୁ ପ୍ରିୟ ହାତ ଘଡ଼ି,
ସୁନାର ବୋତାମ ।"

"ଆମ ସମସ୍ତଙ୍କ ଶେଷ ଠିକଣା / ଅରୁଆ କଦଳୀ ବଣ / ସହଜ ସିଧା ଲମ୍ବିଛି / ଖୋଜି ପାଇବାରେ ଅସୁବିଧା ନାହିଁ/ ଆପଣ ନିଶ୍ଚେ ଦିନେ ନା ଦିନେ ପହଞ୍ଚିଯିବେ ଠିକ୍ ଯାଗାରେ"।

କାବ୍ୟ ଚେତନାରେ ଗତିଶୀଳ ସମୟ ଓ ମୃତ୍ୟୁର ଅନୁଭବ କବିଙ୍କର ମାନସିକତାକୁ ଚଞ୍ଚଳ କରିଦେଇଛି। ଏକା ଏବଂ 'ଏକା ଏକା' ରେ ନିଃସଙ୍ଗତାର ଅନୁଭବର ତୀବ୍ରତା "କବି ଦୃଷ୍ଟିରେ ଶାନ୍ତିର ଅନ୍ୟ ନାମ ହେଉଛି ନିଃସଙ୍ଗତା। କବି ଆଶ ପୋଷଣ କରନ୍ତି ଯେ ସେ ଏପରି ଏକ ଘର ତିଆରି କରିବେ ଯେଉଁ ଘରେ ଚରିଆଡୁ ନିଃସଙ୍ଗତା ଅଜାଡ଼ି ହୋଇ ପଡୁଥିବ କବିଙ୍କ ଛାତି ଉପରେ। ନିଃସଙ୍ଗତାକୁ ନେଇ ଏକ ଭିନ୍ନ ଅନୁଭବ କବିତାରେ ସୁସ୍ପଷ୍ଟ।

"ନିଃସଙ୍ଗ ଚୌକିରେ ବସି / ମୁଁ ଦେଖୁଥିବି ନିର୍ଜନ ସୈକତରେ / ଢେଉଙ୍କ ଆତ୍ମ ସମର୍ପଣ,"।

୧୯୯୮ ମସିହାରୁ ୨୦୦୧ମଧ୍ୟରେ କବିଙ୍କର ଦଶ ଗୋଟି କବିତା ସଂକଳନ ପ୍ରକାଶ ପାଇଛି। ସଂକଳନରେ ମୋଟ ୩୩୩ଟି କବି ସ୍ଥାନ ପାଇଛି। କବି ଜୀବନର ଅନ୍ତିମ ପର୍ଯ୍ୟାୟରେ ନିରବଚ୍ଛିନ୍ନ ଭାବରେ କବିତା ଲେଖିଛନ୍ତି। ପୂର୍ବବର୍ତ୍ତୀ କବିତାର କାବ୍ୟିକ ଅନୁଭବମାନ ସବୁ ଏଥିରେ ସେମିତି ବଳବତ୍ତର ରହିଛି। ଯେମିତିକି ପ୍ରେମ, ପ୍ରକୃତି, ମୃତ୍ୟୁ, ନିଃସଙ୍ଗତା, ସାମାଜିକ ଚେତନା, ଯାହା ପାଠକକୁ ବିସ୍ମିତ କରେ, ତାହା କବିଙ୍କର ଭାଷା ସଂଗଠନ ଓ ବର୍ଣ୍ଣନା ବିନ୍ୟାସ ମଧ୍ୟରେ ରୂପାୟିତ ହୋଇଛି।

ଅନ୍ୟତମ ପ୍ରତିଷ୍ଠିତ କବି ରମାକାନ୍ତ ରଥଙ୍କର ୧୯୮୦ ମସିହା ପରେ ପାଞ୍ଚଗୋଟି ସଂକଳନ ପ୍ରକାଶ ପାଇଛି। ୧୯୮୨ ରେ 'ସଚିତ୍ର ଅଂଧାର',୧୯୮୫ ରେ 'ଶ୍ରୀରାଧା',୧୯୯୬ ରେ 'ଶ୍ରୀ ପଳାତକ', ୨୦୦୨ ରେ 'ସୀମାନ୍ତ ବାସ' ୨୦୦୪ ରେ ଫେରିଚାହିଁଲେ' ପ୍ରଭୃତି। ରମାକାନ୍ତଙ୍କ କାବ୍ୟ ସଂଗଠନର ସର୍ବୋତ୍ତମ ପରିପ୍ରକାଶ 'ଶ୍ରୀରାଧା' କବିତା ଗୁଚ୍ଛରେ। ଶ୍ରୀକୃଷ୍ଣ ଓ ଶ୍ରୀରାଧା ଏକ ଜଟିଳ ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା। ଯାହାଙ୍କୁ କେବଳ ଅନୁଭବ କରାଯାଇପାରେ। ଶ୍ରୀରାଧାର ଅନୁଭବ ପୁରାତନ ସୀମା ଅତିକ୍ରମ କରି ଏପରି ଏକ ଅପହଞ୍ଚ ଇଲାକାରେ ପହଞ୍ଚିଛି ଯେଉଁଠାରେ ପ୍ରେମର ସମସ୍ତ ଅନ୍ତହୀନ ବେଦନାର ପରିସମାପ୍ତି ଘଟେ। ରାଧା ପୁରାଣର ରାଧା ନୁହଁନ୍ତି। ଏଠାରେ ପୁରାଣ ଏକ ପୃଷ୍ଠଭୂମି,କାବ୍ୟିକ ପରିପ୍ରକାଶର ମାଧ୍ୟମ ଓ କବିଙ୍କର ସମଗ୍ର ଦୃଷ୍ଟି ସହିତ ନିବିଡ଼ ଭାବରେ ଜଡ଼ିତ। ଗୋଟିଏ ପାଖରେ ଆଶା ଓ ଆନନ୍ଦ। ଅପର ପାଖରେ ଏହାର ଅବଲୁପ୍ତି। ଦେଶଜ ଓ କଥୋପକଥନ ଭାଷାରେ ଜଟିଳ ଆବେଗ ଓ ଅନୁଭବକୁ ପ୍ରକାଶ କରିବାରେ କବି ପ୍ରତିଭାର ସ୍ୱାତନ୍ତ୍ର୍ୟ ନିହିତ। ପ୍ରେମର ସର୍ବୋତ୍କୃଷ୍ଟ ଉପଲବ୍ଧି କବିତାରେ କିପରି ରୂପ ପାଇଛି ନିମ୍ନୋକ୍ତ ପଂକ୍ତିରୁ ଜାଣିହୁଏ।

ପ୍ରେମ, ପ୍ରେମରେ ସମର୍ପଣ, ଆନନ୍ଦର ଉପଲବ୍ଧି, ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ ଏକୀଭୂତ ହେବାର ଭାବନା ପ୍ରକାଶିତ।

* (ପ୍ରେମ) "ଯେଉଁଦିନ ଲୋକେ କହିଲେ ମୁଁ କୂଳ
କଳଙ୍କିନୀ ଦୋଉରୁଣୀ
ସେଦିନ ହେଲି ମୁଁ ରାଧିକା ରସିକା
ମାନଙ୍କର ଶିରୋମଣି"। (ଶ୍ରୀରାଧା-୨୬)

* (ସମର୍ପଣ) "ଅସ୍ଥିରୁ ଉତାରିଦେଲି
ଜିରୀ ଦେହ ସୁତା ଦେହରେ ଶମର ଦେହ,
ନିଜକୁ ଢାଙ୍କିବା ପାଇଁ କାରୁକାମ କରା ଆବରଣ
କାଢିଦେଲି, ମୋର ଅସହାୟ
ନିରାଭରଣତା କଲି ତମକୁ ଅର୍ପଣ। (ଶ୍ରୀରାଧା-୧୦)

* (ଆନନ୍ଦ) "ତମକୁ ସମର୍ପି ଦେଲି ମୋର ଶରୀରର
କଠିନତା, ବୋଝ ବୋଝ ପୁରୁଣା ଅଭ୍ୟାସ,

ଭୟ ଭ୍ରାନ୍ତି,ସୁଖ ଦୁଃଖ,ଜରା ଓ ମରଣ,
ତା'ପରେ ତରଳି ଯାଇ ବ୍ରହ୍ମାଣ୍ଡ ଉପରେ
ବୋହିଗଲି ଯେପରି ମୁଁ ପର୍ବତ ଭିତରୁ
ସଦ୍ୟ ମୁକ୍ତ ହୋଇ ଚନ୍ଦ୍ରର କିରଣ।" (ଶ୍ରୀ ରାଧା -୧୦)

* (ଜୀବନ ଓ ମୃତ୍ୟୁର ସନ୍ଧି)
"ଯେତେବେଳେ ମୁଁ ତମକୁ ଭିଡ଼ି ଧରିଥିବି ମୋ ଛାତିରେ
ଯେତେବେଳେ ମୋ ସର୍ବାଂଗ ସାରା
ତମ ହାତ ବୁଲି ଯାଉଥିବ,
ଯେତେବେଳେ ବାଂଧି ଦେବା କିମ୍ବା
ପଦେ କଥା କହିବାକୁ
ମୋର ଲାଭ ସାମର୍ଥ୍ୟ ନଥିବ,
ଯେତେବେଳେ ମରିପରୁନଥିବି ଅଥଚ
ଜୀଇଁବା ବି ପୁରା ଅସମ୍ଭବ।" (ଶ୍ରୀରାଧା- ୬୧)

୧୯୮୦ ମସିହା ପରବର୍ତ୍ତୀ ସମୟରେ କବି ସୀତାକାନ୍ତ ମଧ୍ୟ ବହୁ କବିତା ଲେଖିଛନ୍ତି। ୧୯୮୧ ମସିହାରେ 'ଆରଦୃଶ୍ୟ', ୧୯୮୪ ରେ 'ସମୟର ଶେଷନାମ',୧୯୮୭ ରେ 'କାହାକୁ ପୁଛିବା କୁହ', ୧୯୯୦ରେ 'ଚଢ଼େଇରେ ତୁ କି ଜାଣୁ',୧୯୯୧ ରେ ଫେରିଆସିବାର ବେଳ, ୧୯୯୩ରେ 'ବର୍ଷା ସକାଳ', ୧୯୯୬ ରେ 'ପଦଚିହ୍ନ', ୧୯୯୭ ରେ ମୃତ୍ୟୁର ଅସୀମ ଧୈର୍ଯ୍ୟ, ୨୦୦୦ ରେ 'କପଟ ପାଶା', ୨୦୦୨ ରେ ପ୍ରଦକ୍ଷିଣ ପ୍ରକାଶିତ। କବିଙ୍କ କବିତାର ମୁଖ୍ୟ ବୈଶିଷ୍ଟ୍ୟ ହେଲା ଜୀବନକର ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ବିଚାର। ନିଜେ ନିଜକୁ ଚିହ୍ନିବା, ଜାଣିବା, ବୁଝି ଅନୁଭବ କରିବାର କ୍ଷମତା ତାଙ୍କ କାବ୍ୟିକ ସଂଗଠନର ସୁଦୃଢ ବଳୟ ମଧ୍ୟରେ ପ୍ରକାଶିତ। ଜୀବନହୀନ ପରିସର ମଧ୍ୟରେ ଜୀବନର ଶକ୍ତି ଆହରଣ କରିବା ହିଁ କବିଙ୍କ କିବତାର ମୁଖ୍ୟ ଆଭିମୁଖ୍ୟ। ୧୯୮୪ ମସିହାରେ ପ୍ରକାଶ ପାଇଥିବା ସମୟର ଶେଷ ନାମ' ସଂକଳନରେ ସ୍ଥାନିତ କବିତା ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ସମୟଚେତନା, ମୃତ୍ୟୁ ଅନୁଭବ, ନିଃସଙ୍ଗତା ବୋଧର ବଳୟ ମଧ୍ୟରୁ କବି କାହାରି ଆସିଛନ୍ତି। ନିଜ ଗାଁ, ପରିବାର କବିଙ୍କୁ ଆକର୍ଷିତ କରିଛି। ଜୀବନ ସଂପର୍କରେ ଅଭିଜ୍ଞତା, ଜୀବନର ସ୍ଥିତି ସଂପର୍କରେ ଚେତନା ଓ ସବୁ ଚେତନା ଜନିତ କ୍ଳେଶ ଓ ଯନ୍ତ୍ରଣାର ଉର୍ଦ୍ଧ୍ୱରେ ଆନନ୍ଦ ଓ ପରମ ଶାନ୍ତିର ଦିଗ ଉଦ୍‌ଘାଟିତ। 'ଶତ୍ରୁ' କବିତାଟି ଏହାର ଜ୍ୱଳନ୍ତ ଉଦାହରଣ।

* "ଦେଖିଲୁ ସବୁ ପଡ଼ିଛି ଏଣେତେଣେ ଛିନ୍‌ଛତ୍ର
ଆମର ବର୍ଚ୍ଛା ଓ ଢାଲ, ଧନୁ ଓ ତୂଣୀର
ଜାତି ଜାତି ଇଂଜେକ୍‌ସନ୍, ଅସଂଖ୍ୟ ଔଷଧ ଶିଶି
ଗଂଗାଜଳ, ଭାଗବତ, ଅଂଗୁର ଓ ବେଦନା

ଅସହାୟ ବିପର୍ଯ୍ୟସ୍ତ ଆମର ସକଳ ଆଶା
ଆମର ସବୁ ନିଃଶ୍ୱାସ ଆକୁଳ ପ୍ରାର୍ଥନା।। (ଶତ୍ରୁ)

ଦୁଇପ୍ରକାର ଅର୍ଥ କବିତାରେ ପ୍ରକାଶିତ। ଗୋଟିଏ ପ୍ରତ୍ୟକ୍ଷ ଯୁଦ୍ଧର ଅପରଟି ନିଜ ପିତାଙ୍କର ମୃତ୍ୟୁ ପରିପ୍ରେକ୍ଷୀରେ ନାୟକର ଯନ୍ତ୍ରଣା, କ୍ଲେଶ ଓ ଶୂନ୍ୟ ଅନୁଭବ। ଏତାଦୃଶ ବିବିଧ ଅନୁଭବର ସମାହାର ସମଗ୍ର ସଂକଳନରେ ସ୍ଥାନିତ କବିତା ଗୁଡ଼ିକରେ ଦେଖିବାକୁ ମିଳେ।

୧୯୮୦ ପରବର୍ତ୍ତୀ କାଳରେ ସୌଭାଗ୍ୟ କୁମାର ମିଶ୍ରଙ୍କର କାବ୍ୟସ୍ୱର ମଧ୍ୟ ପାଠକମାନଙ୍କୁ ଆକର୍ଷିତ କରେ। ୧୯୮୧ ମସିହାରେ କବିଙ୍କର'ବଜ୍ରଯାନ', ୧୯୮୪ ରେ ଦ୍ୱାସୁପର୍ଣ୍ଣା,୧୯୯୦ ରେ 'ମଣିକର୍ଣ୍ଣିକା' ୧୯୯୪ ରେ 'ଅନ୍ୟତ୍ର', ୧୯୯୯ରେ 'ଚରାଚର' ଓ 'ଉଜ୍ଜୟିନୀ' ପ୍ରକାଶ ପାଏ। କବିଙ୍କର ପ୍ରାଥମିକ ପର୍ଯ୍ୟାୟର କବିତା ରୋମାଣ୍ଟିକ୍ ପରି ମନେ ହେଉଥିଲେ ମଧ୍ୟ ଏ ସମୟର କବିତାରେ ସମାଜ ଓ ମାନବର ଏକ ବିସ୍ତୃତ ଇଲାକାକୁ ସ୍ପର୍ଶ କରିଛି। କବିତାର ଦିଗନ୍ତ ସୁଦୂର ପ୍ରସାରୀ ହୋଇଛି। ଚେତନାର ଉର୍ଦ୍ଧ୍ୱକୁ ପରିବ୍ୟାପ୍ତ ହୋଇଛି। ୧୯୮୧ ରେ 'ବଜ୍ରଯାନ' ସଂକଳନ ପ୍ରକାଶ ପାଇଲାବେଳକୁ କବିଙ୍କର ସଂସାର ଓ ମାନବ ସମ୍ବନ୍ଧୀୟ ଦୃଷ୍ଟି ତୀକ୍ଷ୍ଣ ଓ ପ୍ରଶସ୍ତ ହୋଇଛି। ପୂର୍ବ କାବ୍ୟିକ ଧାରା ପରିବର୍ତ୍ତିତ ହୋଇ ଆତ୍ମ ଅନ୍ୱେଷଣ ଦିଗରେ ପ୍ରଭାବିତ ହୋଇଛି। କବି ତାଙ୍କ ଦୃଷ୍ଟିର ପରିସର ମଧ୍ୟରେ ଯାହା ଉପଲବ୍ଧ କରିଛନ୍ତି ତାକୁ ନିଜ ସୃଷ୍ଟିରେ ଧରି ରଖିବାର ପ୍ରୟାସ କରିଛନ୍ତି। 'ବଜ୍ରଯାନ' ସଂକଳନସ୍ଥ କବିତାରେ ପଶୁପକ୍ଷୀ,କୀଟପତଙ୍ଗ ଆଦି କବିତାର ଚରିତ୍ରଭାବେ ଆବିର୍ଭୂତ ହୋଇଛନ୍ତି। ଯଥା:-

"ଗେଣ୍ଡା ମୋର ପ୍ରିୟ / ନୀଳ ଲଫାପା ଯେମିତି /କଣ୍ଢାବୁଦା ବି ପ୍ରିୟ / ଅଶ୍ଳୀଳ ଜୋକ ଯେମିତି"। (ବଜ୍ରଯାନ - "ଆଙ୍ଗୁଠି" ପୃ- ୧୨୩) 'ଦ୍ୱାସୁପର୍ଣ୍ଣା' ରେ କବିଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଛି। କବିତାର କଥାବସ୍ତୁର ମୂଳରେ ଶ୍ୱେତରୋପନିଷଦର ଚତୁର୍ଥ ଅଧ୍ୟାୟର କଥା। ସଂକଳନରେ ସ୍ଥାନିତ ଭଂଜ ବିହାରରେ ବର୍ଷା,ଆବିଷ୍କାର ଇତ୍ୟାଦି କବିତାରେ ଆଧୁନିକ ମଣିଷର ବିଭିନ୍ନ କ୍ରିୟା ପ୍ରତିକ୍ରିୟାର ସ୍ପଷ୍ଟ ଚିତ୍ର ପ୍ରକାଶିତ। 'ବାନର ମାଙ୍କଡ଼ କଥା' କବିତାରେ କବି ମାଙ୍କଡ଼ କୁମ୍ଭୀର କାହାଣୀ ମାଧ୍ୟମରେ ସାଂପ୍ରତିକ ମଣିଷ ଚରିତ୍ରର ସ୍ୱାର୍ଥପର ମନୋବୃତ୍ତିର ଚିତ୍ରଣ କରିଛନ୍ତି। 'ଅହଲ୍ୟା' କବିତାରେ କବି ଆମ ସମାଜର ସତ୍ୟନିଷ୍ଠ ମଣିଷମାନଙ୍କୁ ଅହଲ୍ୟା ସହିତ ତୁଳନା କରିଛନ୍ତି। କବିଙ୍କର ସପ୍ତମ ସଂକଳନ'ମଣିକର୍ଣ୍ଣିକା'। ଭାରତୀୟ ଜୀବନବୋଧ ଉପରେ ଆଧାରିତ। 'ମଣିକଣ୍ଣିକା' ହେଉଛି ଏକ ପବିତ୍ର ତୀର୍ଥ ସ୍ଥାନ। ଘଟ ପରିବର୍ତ୍ତନର ଭୂମି। ସଂସାରୀ ମଣିଷ ଏଠାକୁ ଆସନ୍ତି। ଏହି ଘାଟରେ ସ୍ନାନ କରି ଜୀବନଯାକର ସମସ୍ତ ପାପକୁ ଧୌତ କରିବା ସହ ସଂସାରର ମୋହମାୟାରୁ ବାହାରି ଆସି ମୋକ୍ଷ ବା ମୁକ୍ତିର ମାର୍ଗ ସଂପର୍କରେ ଚିନ୍ତା କରିବା ପାଇଁ। ସଂକଳନରେ ସ୍ଥାନିତ 'କୈବର୍ତ୍ତ', ଗିନା,'ପୋକ' ଇତ୍ୟାଦିରୁ କବିଙ୍କର ଭାବାଦର୍ଶ ସୁସ୍ପଷ୍ଟ ହୋଇଥାଏ।

'କୈବର୍ତ୍ତ', କବିତାରେ କବି ମଣିଷର ସ୍ଥିତି ପ୍ରତି ସଚେତନ। ମଣିଷ ପ୍ରଥମେ ଚିନ୍ତା କରୁଛି ସେ ତାର ଶରୀରକୁ ନେଇ ବଂଚିବ। ବଂଚିବା ପରେ ସଂସ୍କୃତି ମୂଲ୍ୟବୋଧ ଓ ପରଂପରା କଥା ଚିନ୍ତା କରିବ। ମଣିଷ ନିଜକୁ ଅସହାୟ ମଣିବ ନାହିଁ। ମନ୍ଦିରରେ ଈଶ୍ୱରଙ୍କ ପାଦତଳେ ଶରଣ ପଶିବ ନାହିଁ କି ହାର୍ ଜିତ୍ କଥା ମଧ୍ୟ

ଭାବିବ ନାହିଁ। କବି ଦୃଷ୍ଟିରେ ମଣିଷର ଜୀବନ ଏକ 'ଗିନା' ସହିତ ତୁଳନୀୟ। ଗିନାରେ ଖୀର ଥାଉ କି ବିଷ ଥାଉ - କବି ସେଥିପ୍ରତି ଦୃଷ୍ଟି ଦେଇନାହାଁନ୍ତି। ମଣିଷକୁ ଏଇ ଗିନାରୂପୀ ଜୀବନକୁ ନେଇ ସାରା ଜୀବନ ବୋହିବାକୁ ପଡ଼ିବ।

କବିଙ୍କ ଭାଷାରେ :-

"ଠିକ୍ ଅଛି / ନେଇଯିବି/ବେଶ୍ ବେଶ୍/ରାଜି/ଗିନାର/ଘୋଡ଼ଣି ଟେକି ଦେଖିବି ନାହିଁ/କ୍ଷୀର ଅଛି କି ବିଷ ଅଛି/ରକ୍ତ ଅଛି କି ମନ୍ତୁରା ପାଣି ଅଛି/ଗିନାଟା ଭର୍ତ୍ତି କରି ଦେଇଛ/ସେତକ ପ୍ରତିଶ୍ରୁତି ମୋ ଲାଗି ଯଥେଷ୍ଟ।"(ଗିନା - ମଣିକର୍ଣ୍ଣିକା ପୃ-୯୫)

ଏହି ସଂକଳନରେ ଆଉ ଏକ ଭଲ କବିତା 'ପୋକ'। 'ପୋକ' ଯେମିତି ବଞ୍ଚିବା ପାଇଁ ଅହରହ ସଂଗ୍ରାମ କରୁଥାଏ। ସମାଜର ନାନା ଘାତ ପ୍ରତିଘାତ ମଧ୍ୟରେ ସାଧାରଣ ମଣିଷଟିଏ ସେମିତି ସଂଗ୍ରାମ କରୁଥାଏ। କବି ଉଲ୍ଲେଖ କରିଛନ୍ତି :-

"ମୁଁ ଭାବିଛି ଆଉ ଏତେ ଧନ୍ଦିଛନ୍ଦି ନହୋଇ
ପୋକଟିକୁ ଦେଇ ଦେବି ମୋ ଭବିଷ୍ୟତ
ଭଲ ପାଇ ଭଲ ପାଇ ଆଗଉଥିବି ତା' ଆଡ଼େ।" (ମଣିକର୍ଣ୍ଣିକା 'ପୋକ' ପୃ-୬୨)

'ଅଂଧମହୁମାଛି' ଠାରୁ 'ମଣିକର୍ଣ୍ଣିକା'ଯାଏ କବିଙ୍କ କାବ୍ୟ ଚେତନାରେ ଯେଉଁ ବିକାଶ ଦେଖିବାକୁ ପାଇଲେ 'ଅନ୍ୟତ୍ର' ପ୍ରକାଶ ପାଇଲା ବେଳକୁ ଚିନ୍ତାଧାରାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। କାବ୍ୟନାୟକ ପ୍ରତ୍ୟେକ ମୁହୂର୍ତ୍ତରେ ଶୁଣିଛନ୍ତି ପୃଥିବୀର ପ୍ରତିଧ୍ୱନି। ପୃଥବୀ ପ୍ରତି ଆକର୍ଷଣ ଅଛି କିନ୍ତୁ ଚତୁର୍ଦ୍ଦିଗରେ ରାଶି ରାଶି ଦୁଃଖ, ଯନ୍ତ୍ରଣା ମଣିଷକୁ ହନ୍ତସନ୍ତ କରିପକାଉଛି। ଜୀବନର ଶେଷ କାଳରେ ଟିକିଏ ଶାନ୍ତି ଦରକାର। ସମୟେ ସମୟେ ଯନ୍ତ୍ରଣା କ୍ଳିଷ୍ଟ ଗତାନୁଗତିକ ଜୀବନଧାରା ମଧ୍ୟରୁ କାବ୍ୟନାୟକ ମୁକ୍ତି ଲୋଡ଼ିଛି। ସେ ମୁକ୍ତିର ଅର୍ଥ ହେଉଛି ଜୀବନର ପରିସମାପ୍ତି। ସଂକଳନରେ ସ୍ଥାନିତ 'ଘର'କବିତାରୁ ଏହା ସୁସ୍ପଷ୍ଟ। କବିଙ୍କ ଭାଷାରେ:-

"ଏଥର ଉଠିବା / ମୋର ବେଳ ହେଲାଣି / ପୋଷାକ ଖୋଲି ଦେବାର / ଝାଳ ପୋଛି ଦେବାର / ଏକୁଟିଆ ମୁଁ କୋଠରୀରେ ଏମିତି ସବୁଦିନ ............"।

'ମୃତ୍ୟୁଲୋକ' ଏଠାରେ କାବ୍ୟ ନାୟକର ଘର। ଏହାର କୂଳ ଅଜ୍ଞାତ। କାବ୍ୟନାୟକ ମଣିଷ ସମାଜର ପ୍ରତିନିଧି ପ୍ରତ୍ୟେକ ମଣିଷକୁ ଶେଷରେ ସେଇ ଘରକୁ ଯିବାକୁ ହେବ। ସେଠାକୁ ଯିବାକୁ ହେଲେ ନିତ୍ୟ ବ୍ୟବହୃତ ଜୀବନର ପୋଷାକକୁ ପରିତ୍ୟାଗ କରିବାକୁ ହେବ।

କବିଙ୍କ ଭାଷାରେ :-

"ଏଥର ଉଠିବା/ ମୋର ବେଳ ହେଲାଣି / ପୋଷାକ ଖୋଲି ଦେବାର, ଝାଳ ପୋଛି ଦେବାର / ଏକୁଟିଆ ମୁଁ କୋଠରୀରେ ଏମିତି ସବୁଦିନ ......"।

ଉପରୋକ୍ତ କବିତାରୁ ସ୍ପଷ୍ଟ ହୁଏ ଯେ, ୧୯୮୦ ପରବର୍ତ୍ତୀ କାଳରେ ରଚିତ ସୌଭାଗ୍ୟ ମିଶ୍ରଙ୍କ କବିତାର ପୃଷ୍ଠଭୂମି ହେଉଛି ବିଶ୍ୱବ୍ରହ୍ମାଣ୍ଡ। ଭାବନା,ଚିନ୍ତା ଚେତନାର ପରିଧି ଚରାଚର ପରି ବ୍ରହ୍ମାଣ୍ଡ ମଧ୍ୟ ଚତୁର୍ଦ୍ଦିଗକୁ ପରିବ୍ୟାପ୍ତ ଦ୍ରଷ୍ଟାପୁରୁଷ କବି ତାର ତୃତୀୟ ନୟନରେ ବିଶ୍ୱ ବ୍ରହ୍ମାଣ୍ଡକୁ ଅବଲୋକନ କରେ। ସଂକୀର୍ଣ୍ଣତାଠାରୁ ଦୂରେଇ ଯାଇ ମାଟି,ଆକାଶ ମଣିଷର କଥା କହେ। ନିପଟ ମଫସଲରେ ରହୁଥିବା ମଣିଷଠାରୁ ଆରମ୍ଭ କରି କୀଟପତଙ୍ଗ,କଳା ସଂସ୍କୃତିର କଥା କହୁଥିଲାବେଳେ ଭାରତବାହାରର ଜ୍ୱାଲା ଲୁମ୍ପୁରକୁ ଦେଖିବାର ସୁଯୋଗ ସୃଷ୍ଟି କରନ୍ତି ବାରିପଦାର ବାରିଷ୍ଟର 'ରସିକଲାଲ୍' ମାଧ୍ୟମରେ। ପରିଶେଷରେ ଏତିକି କୁହାଯାଇପାରେ ଯେ ୧୯୮୦ ପରବର୍ତ୍ତୀ ସୌଭାଗ୍ୟଙ୍କ କବିତା ସାଧାରଣ ଘଟଣା ଓ ପରିବେଶରୁ ସଂଜାତ ହୋଇଥିଲେ ମଧ୍ୟ କ୍ରମଶଃ ପୃଥିବୀର ସୀମା ଅତିକ୍ରମ କରି ଭିନ୍ନ ପରିବେଶକୁ ଗତି କରୁଛି।

୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ଭାବ ପ୍ରବାହ ମଧ୍ୟରେ ସମକାଳୀନ ;ଚତନାର ଅନ୍ୟତମ ବାହକ ହେଉଛନ୍ତି କବି ଜଗନ୍ନାଥ ପ୍ରସାଦ ଦାସ'। କବିଙ୍କ ରଚିତ 'ଅନ୍ୟଦେଶ ଭିନ୍ନ ସମୟ' ୧୯୮୨,'ଯାତ୍ରାର ପ୍ରଥମ ପାଦ-୧୯୯୮','ଆହ୍ନିକ' ୧୯୯୦, ସ୍ଥିର ଚିତ୍ର ୧୯୯୧, 'ସଚରାଚର' - ୧୯୯୪ ଓ 'ସ୍ମୃତିର ସହର'୧୯୯୫ ପ୍ରକାଶ ପାଇଛି। ସମୟ, ମୃତ୍ୟୁ ନିଃସଙ୍ଗତା, ଭୟ, ବେଦନାବୋଧର ଭାବ ବଳୟରୁ ମୁକ୍ତି ଲଭି ଅମୃତାକାଂକ୍ଷା ପୋଷଣ କରିବା ତାଙ୍କ କାବ୍ୟିକ ଚେତନାକୁ ସଂପ୍ରସାରିତ କରିଛି।

ଜୀବନର ବହୁମୁଖୀ ବିବିଧ ଦିଗ ମଧ୍ୟରୁ ବିଭିନ୍ନ ଚେତନା ଚୟନ କରି କବି ନିଜସ୍ୱ କାବ୍ୟ ହର୍ମ୍ମ୍ୟ ନିର୍ମାଣ କରିଛନ୍ତି। କବିଙ୍କ ବକ୍ତବ୍ୟ ସିଧାସଳଖ ପ୍ରତ୍ୟକ୍ଷ ନହୋଇ ପ୍ରତୀକ ଧର୍ମୀ ହୋଇଛି। ଏହା ମଧ୍ୟରେ ରୂପାୟିତ ହୋଇଛି ପ୍ରେମ ଓ ମୃତ୍ୟୁକୁ ସ୍ୱୀକୃତି ଦେବା ନ ଦେବାର ଦ୍ୱନ୍ଦାତ୍ମକ ପରିସ୍ଥିତି। ଏ ଦୁଇଟିର ପରିଭାଷା ଅତ୍ୟନ୍ତ ଜଟିଳ ପ୍ରସଂଗ। ଏହାର ସ୍ୱରୂପକୁ ମଧ୍ୟ ଗୋଟିଏ ଦୁଇଟି ଧାଡ଼ିରେ କି କବିତାରେ ପ୍ରକାଶ କରାଯାଇପାରିବ ନାହିଁ। ବହୁ ଜଟିଳ ତର୍ଜମା ହିଁ ଏହାର ଯଥାଯଥ ସ୍ୱରୂପ ନିରୂପଣ କରେ। ମାଧୁର୍ଯ୍ୟମୟ କୁସୁମିତ ଜୀବନାୟନକୁ କଣ୍ଟକିତ କରିଦିଏ। କଣ୍ଟକିତ ଦୁଃଖଦ ଉପଲବ୍ଧି ଯେମିତି ଜୀବନର ଅନ୍ୟନାମ ଠିକ୍ ସେମିତି ସମ୍ଭାବନା ମଧ୍ୟ ଜୀବନର ଅନ୍ୟତମ ରୂପାୟନ।

କବିଙ୍କ ଉପଲବ୍ଧିରେ କାବ୍ୟନାୟକର ସ୍ୱପ୍ନ,ଜୀବନାଭୂତି ଏହିପରି ପ୍ରକାଶିତ।

"ମୋ ସ୍ୱପ୍ନ, ଭିତରୁ ବାହାରି
ତମେ ଅନ୍ୟ ସ୍ୱପ୍ନ
ଭିତରକୁ ଚାଲିଗଲେ
ମୁଁ ପୁଣି ଫେରିଯିବି
ମୋର ନିଃସଙ୍ଗ ଅନୁଭୂତିକୁ।" ('ପ୍ରତୀକ୍ଷା' - ଭିନ୍ନ ଦେଶ ଅନ୍ୟ ସମୟ ପୃ-୨୮୨)

- ତମର ନିଶୂନ୍ ସୀମାନ୍ତରେ / ମୋର ଖଣ୍ଡିତ ସ୍ୱପ୍ନମାନଙ୍କୁ / ଉଦ୍ଧାର କରିବାର ପ୍ରୟାସରେ / ମୁଁ ନିଜକୁ / ତମ ଆଖିର / ପରିତ୍ରାଣ ହୀନ ଅଂଧକାରରେ/ ନିଃଶେଷ ହୋଇଯିବାର ଦେଖିବି।" (ତତ୍ରୈବ, ପୃ-୨୮୫)

ଜୀବନ ମୃତ୍ୟୁ ଓ ପୁନର୍ଜନ୍ମ ଉପରେ ଆଧାରିତ କବିଙ୍କର ଫଆହ୍ନିକ' ସଂକଳନ। ଏତଦ୍‌ବ୍ୟତୀତ ସାଂପ୍ରତିକ ସମାଜ ଓ ସମୟ ପ୍ରତି ମଧ ଏକ ଶ୍ଳେଷାତ୍ମକ ଦୃଷ୍ଟିଭଙ୍ଗୀ ସଂକଳନସ୍ଥ କବିତାରେ ରୂପାୟିତ।

"ଦିନ ଚାଲିଯାଏ ଖିନ୍ନ ଓ ବିରକ୍ତ
ଚୁପ୍‌ଚାପ ଅଂଧାର ଭିତରକୁ
ରାତିର ପ୍ରଥମ ଟ୍ରେନ୍ ଧରି।" ('ଆହ୍ନିକ' - ପୃ - ୧୨୧)

ସମୟେ ସମୟରେ ସାଂପ୍ରତିକ ସାମାଜିକ ସମସ୍ୟାକୁ ସିଧାସଳଖ ବ୍ୟଙ୍ଗ କରିଛନ୍ତି କବି। ଶିଳ୍ପ ସଭ୍ୟତା ବିରୋଧ କରିବାକୁ ଯାଇ ଲେଖିଛନ୍ତି :-

"ମହାନଗର ଗଢି ଶିଳ୍ପ ବିପ୍ଳବ ନେଇ
କଳ କାରଖାନାର ଧୂଆଁ ଉଡ଼ାଇ
ଲାଇବ୍ରେରୀ ଟାଉନ୍ ହଲ୍‌ରେ ବକ୍ତୃତା ଦେଇ
ସଭ୍ୟତା ଏଠାରେ ବିକେ
ହଳଦିଆ ଖବର କାଗଜ
ନକଲି ମାଲ / ଚୋରାମଦ / ଅଶ୍ଳୀଳ ଚିତ୍ର
ସଭ୍ୟତା ଦେଇଯାଏ ମାଦକ ଓ ଯୌନରୋଗ
ସଭ୍ୟତା ମାଗେ ସମର୍ଥନ ଶ୍ରମଦାନ
ସଭ୍ୟତା ଦାବୀ କରେ ନିଶା ଓ ବଦଭ୍ୟାସ
ଅଂଧ ଅନୁସରଣ ଓ ଆଦେଶ ପାଳନ।" (ବସ୍ତି - ଆହ୍ନିକ - ପୃ-୨୦୬)

ମୃତ୍ୟୁ, ନିଃସଙ୍ଗତାବୋଧ ପାଖରେ ବାଂଧି ହୋଇପଡ଼ିଥିବା କବି ୧୯୯୦ ମସିହା ବେଳକୁ ସାମାଜିକ ସଚେତନ ହୋଇ ଉଠିଛନ୍ତି। ସାଧାରଣ ମଣିଷର ଦୁଃଖକୁ ଅନୁଭବିଛନ୍ତି। ତେଣୁ ସମକାଳୀନ ସମାଜ ଓ ଜୀବନର ଆବେଦନରୁ ନିଜକୁ ମୁକ୍ତ କରିପାରିନାହାଁନ୍ତି।

୧୯୮୦ ମସିହା ପରେ ପ୍ରତିଷ୍ଠା ଅର୍ଜନ କରିଥିବା ଆଉ ଜଣେ କବି ହେଉଛନ୍ତି କବି ସୌରୀନ୍ଦ୍ର ବାରିକ୍। ୧୯୮୦ ମସିହା ପୂର୍ବରୁ ତାଙ୍କର ଏକମାତ୍ର ସଂକଳନ 'ସାମାନ୍ୟ କଥନ' ୧୯୭୫ ପ୍ରକାଶ ପାଇଥିଲା ଏହାପରେ ୧୯୮୯ ମସିହାରେ 'ଉପଭାରତ' ୧୯୮୫ରେ 'ଆକାଶ ପରି ନିବିଡ଼'୧୯୮୬ ରେ 'ଗୁଣୁଗୁଣୁ ଚିତ୍ରପଟ', ୧୯୮୯ରେ 'ଲୁହଠୁଁ ବି ଅନ୍ତରଙ୍ଗ',୧୯୯୦ ରେ 'ଅନୁଭାରତ',୧୯୯୧ ରେ ଫଆମେ ଦୁହେଁ'୧୯୯୫ ରେ 'ଚହଲା ଛାଇରେ ଘଡ଼ିଏ, ୨୯୯୭ରେ 'ପଢ଼ ବା ନପଢ଼', ୧୯୯୯ରେ 'ହଳଦୀ ବସନ୍ତ' ଓ ୨୦୦୧ ରେ ଆମ ଦୁହିଁଙ୍କର କଥା ଇତ୍ୟାଦି ପ୍ରକାଶ ପାଇଥିଲା। ସୌରୀନ୍ଦ୍ରଙ୍କ କବିତାରେ ଏକ ବିଶେଷ ଆଭିମୁଖ୍ୟ ହେଉଛି ପାରିପାର୍ଶ୍ୱିକ ପରିବେଶ ବା ଉପାଦାନ ମାଧ୍ୟମରେ ବ୍ୟକ୍ତି ସତ୍ତାର ରୂପାୟନ। ସେଥିପାଇଁ କବିଙ୍କର କାବ୍ୟକ ଅନୁଭୂତି ବାସ୍ତବ ମନେହୁଏ। 'ଦେଖିଥିବା ଗୋଟିଏ ଏକ୍ସିଡେଣ୍ଟର ଦୃଶ୍ୟ' କବିତାର ଏହା ପ୍ରତିଫଳିତ।

"ରାସ୍ତାକଡ଼ରେ ସେଇ ଜାଗାଟି
ହଠାତ୍ ଭୟଙ୍କର ଭାବେ ଦର୍ଶନୀୟ ହୋଇଗଲା
ଧାଡ଼ି ଧାଡ଼ି ବିକଳାଙ୍ଗ ଗଛ, ଅସରନ୍ତି ଏକ ରଂଗିଆ ଧାନ କ୍ଷେତ ଆଉ
ମାଡ଼ି ଚାଲିଥିବା ପିମ୍ପୁଡିଧାର ଯାନ ବାହାନର ମୋନଟନ
ଭିତର ଶିହରଣର ଝରଟିଏ ଫିଟିଯାଇଥଲା ଯେମିତି ।
ସେଠି ଗୋଟେ ଏକ୍‌ସିଡ଼େଣ୍ଟ ହୋଇଥିଲା ।

ଏହାବ୍ୟତିତ ରାମାୟଣ ଓ ମହାଭାରତର ପ୍ରସଂଗ ଆଧାରରେ ଦୈନନ୍ଦୀନ ଜୀବନ ଧାରାକୁ ସୂତ୍ରାୟିତ କରେ ସୌରୀନ୍ଦ୍ରଙ୍କ କବିତା । ସୌରୀନ୍ଦ୍ରଙ୍କ କବିତା ପରେ ପାଠ କରିବା ପରେ ମହାଭାରତ ସଂପର୍କରେ ପାରଂପରିକ ବିଚାରଧାରେ ବଦଳି ଯାଏ । ଏହାକୁ ଆଧାର କରି ସେ ଦୁଇଟି ସଂକଳନ ଯଥା 'ଉପଭାରତ' ଓ 'ଅନୁଭାରତ' ଲେଖିଛନ୍ତି । ମହାଭାରତ ପ୍ରସଂଗ ଆଧାରରେ ସମକାଳୀନ ଜୀବନ ଚିତ୍ରକୁ ରୂପାୟରିତ କରିବାରେ କବିଙ୍କ କବିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । 'ଆମେ ଦୁହେଁ' 'ଆମଦୁହିଁକ କଥା' ସଂକଳନରେ ସ୍ଥାନିତ କବିତାରେ କବିଙ୍କର ବ୍ୟକ୍ତିଗତ ଅନୁଭବ ସରଳ ଭାବରେ ପ୍ରକାଶ ପାଇଛି

'ସାଇକେଲ୍' ସହିତ କବରିଙ୍କ ସଂପର୍କ,ସଂପର୍କରୁ ନିବିଡ଼ତା, ପରିଶେଷରେ ସାଇକେଲ୍ କବିଙ୍କର ଆତ୍ମା ସ୍ୱରୂପ ଓ କବି ବି ସାଇକେଲ ସହିତ ତାଂକର ସଂପର୍କ ଯେ କୌତୁହଳ ଜନକ ତାହା ସ୍ୱୀକାର କରିଛନ୍ତି । 'ସାଇକେଲ୍'ର ଅନୁଭବ ମାଧ୍ୟମରେ ବ୍ୟକ୍ତି ସତ୍ତାର ପରିପ୍ରକାଶ ଘଟିଛି । 'ସାଇକେଲ' ଏକ ଜୀବନ୍ତ ଅସ୍ତିତ୍ୱ । ସେଇ ଅସ୍ତିତ୍ୱ ସହ ଯୋଡ଼ି ହୋଇ ଯାଇଛି କବିଙ୍କ ବେଦନା, ଯନ୍ତ୍ରଣା, ସୁଖ ଓ ଦୁଃଖର ଅନୁଭୂତି । ସେହିପରି 'ଆମେ ଦୁହେଁ' ଓ 'ଆମଦୁହିଁଙ୍କ କଥା'କବିତାରୁ କବିଙ୍କର ନିବିଡ଼ ଭାବାବେଗ ସଂପର୍କରେ ସୂଚନା ମିଳିଥାଏ ।

'ଆମେ ଦୁହେଁ' କବିତାରେ କବିଙ୍କର ଭାବାବେଗ:-
"କିନ୍ତୁ ସତ କହୁଛି
ସେଇ ଘରଟାକୁ ଗଲେ କାହିଁକି କେଜାଣି
ମୋତେ ଭାରି ରାଗମାଡ଼େ
ହେଇ ଆସୁଛି,କହି ସେଇ ଯେ ଘରେ ପଶ,
ଫେରିବା ନାଁ ଧରନି
ଆଉ ମୁଁ ସେ ଖୁରିକୁ ଆଉଜି ପଡ଼ିଥାଏ
ଘଣ୍ଟା ଘଣ୍ଟା କ'ଣ ଏତେ ଗପକର କୁହତ ?
ବିରକ୍ତ ଲାଗେନି ?"

ସମୟ, ସାଇକେଲ ଓ କବିଙ୍କ ବ୍ୟକ୍ତି ସତ୍ତା ନିମ୍ନ ପଂକ୍ତିରେ ଏକୀଭୂତ ହୋଇଛନ୍ତି ।

"ସବୁ ବଦଳି ଯାଇଛି
ମୋ ଚିହ୍ନା ପୃଥିବୀ ଘୁଞ୍ଚିଯାଇଛି
ଆଖି ପାଉନି, ଥଳକୂଳ ମିଳୁନି। ...
ମା କୋଳ ପରି ଚିହ୍ନା ଘରଗୁଡ଼ିକ ଆଉ କାହିଁ ?
ତାଂକ ଜାଗାଗାରେ ଠିଆ ହୋଇଛନ୍ତି ବିକଟାଳ ଅସୁର କୋଠାସବୁ
ଆଉ ତାଂକ ଗୋଡ଼ ତଳେ ଯେମିତି
ଖରାବେଳର ଛାଇ ପରି ଆମେ ଦୁହେଁ ଲେପଟି ଯାଉଛେ
ମୁଁ ଆଉ ମୋ ବାବୁ।" (ଆମ ଦୁହିଁଙ୍କ କଥା ପୃ.୩)

ସୌରୀନ୍ଦ୍ରଙ୍କ କାବ୍ୟିକ ଅନୁଭବ 'ଅତ୍ୟନ୍ତ ସରଳ ଓ ଆନନ୍ଦ ଦାୟକ' କବିତାର ଭାଷା ମଧ୍ୟ ସରଳ। କିନ୍ତୁ ଅନ୍ତର୍ନିହିତ ଶକ୍ତି ଅତ୍ୟନ୍ତ ସୁସଂଗଠିତ ଓ ସୁନିୟନ୍ତ୍ରିତ ଶକ୍ତି ଅତ୍ୟନ୍ତ ସୁସଂଗଠିତ ଓ ସୁନିୟନ୍ତ୍ରିତ।

୧୯୮୦ ପରବର୍ତ୍ତୀ କାଳର ଅନ୍ୟତମ ପ୍ରମୁଖ କବି ରାଜେନ୍ଦ୍ର କିଶୋର ପଣ୍ଡା। ୧୯୮୧ ମସିହାରେ ଚୌକାଠରେ 'ଚିରକାଳ',୧୯୮୨ ରେ 'ଶୈଳକଳ୍ପ',୧୯୮୮ରେ 'ଅନ୍ୟା','ଦ୍ରୋହବାକ୍ୟ','ବ୍ରହ୍ମାରନ୍ଧ୍ର'ଇତ୍ୟାଦି ପ୍ରକାଶ ପାଇଲା। ଭାଷା ବ୍ୟବହାରରେ ସ୍ୱାତନ୍ତ୍ର୍ୟ ତାଂକ କବିତାର ଅନ୍ୟତମ ବିଶିଷ୍ଟ ଗୁଣ। କବିତାରେ ସେ ମୁଖ୍ୟତଃ କଥିତ ଭାଷାର ପ୍ରୟୋଗ କରିଥାଆନ୍ତି। ଜୀବନ ଜଂଜାଳର ଟିକିନିଖି ବିବରଣୀ ତାଂକ କବିତାର ମୁଖ୍ୟ ଉପାଦାନ। ଶୈଳକଳ୍ପରେ ଏହି ଅନୁଭବର ବିସ୍ତାରିତ ରୂପ ଦେଖିବାକୁ ମଳେ କବିଙ୍କ ବର୍ଣ୍ଣନାରେ:-

"ଉଠୁ ଉଠୁ
ବର୍ଦ୍ଧିଷ୍ଣ ଏକ ମହାନ ଉଚ୍ଚତାରେ ତୁ
ସ୍ଥିର ହୋଇଯାଇଛୁ।''

ପାହାଡ଼ ଉପରେ ଚଢ଼ିବା ତାର ବିପରୀତ ପାହାଡ ଉପରୁ ତଳକୁ ଓହ୍ଲାଇ ଆସିବାର ଅବସ୍ଥାକୁ କବି ପ୍ରତୀକ ମାଧ୍ୟମରେ ବ୍ୟକ୍ତ କରିଛନ୍ତି।

"ସନ୍ଧ୍ୟାରେ ଫେରାର ପକ୍ଷୀ/ଫେରି ଆସିଛି କ୍ଳାନ୍ତ ହୋଇ/ନୀଡ଼କୁ / ଧୀରେ ଧୀରେ ଓହ୍ଲାଇ ଯାଇଛି ପଶୁ/ ବାଛି ନୋଇଛି ଗୁହାର ଗୁହାର ଶାଗୁଆ ଅଂଧାର/ନିଜକୁ ଖୋଜିବାକୁ .......ନଦୀ ଗଡ଼ିଯାଇଛି ତଳକୁ।"

ଏଠାରେ ନାୟକ ପକ୍ଷୀପରି। ହୋଇପାରେ ମଧ୍ୟ ପଶୁସଦୃଶ। ହୋଇପାରେ ମଧ୍ୟ ନଦୀ ପରି। କିନ୍ତୁ ଲକ୍ଷ୍ୟ ହେଉଛି ଗୋଟିଏ। ଉପରକୁ ଯିବାକୁ ହେବ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେବ। ଆକାଶର ନିକଟତ୍ୱକୁ ପରଖିବାକୁ ହେବ। କବିଙ୍କ ଭାଷାରେ :-

"ଯେତେବେଳେ ତୁ/ ସ୍ଥିରତା ପରି ସ୍ଥିର ହୋଇଗଲୁ/ ଆକାଶ ଛୁଇଁବାକୁ/ ଆଉ କେତେ ବାଟ ଥିଲା ?"

କବିଙ୍କର ଅନ୍ୟତମ ସଂକଳନ 'ଅନ୍ୟା' ଚାରିଭାଗରେ ବିଭକ୍ତ।

ଆଦିମା,ମଧ୍ୟମା,ଅନ୍ତିମା,ପରମା,ଚାରିଗୋଟି ବିଭାଗର ଚାରୋଟି ସ୍ତର। ଶାରୀରିକ, ମାନସିକ,ଆଧ୍ୟାତ୍ମିକ ଓ ଅଧିଦୈବିକ। ଏହାର ଆଧାର ଭୂମିରେ ପ୍ରକୃତି,ପୁରାଣ,ଧର୍ମ, ଧର୍ମୀୟ ରୀତିନୀତି,ବିଧିବିଧାନ, ଲୋକକଥା ଓ ସାମାଜିକ ଆଚାର ବ୍ୟବହାର। ଏହିସବୁ ଆଧାରଭୂମିକୁ ନେଇ ରଚିତ କବିତାରେ ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଏ। ପୁରୁଷ ଓ ନାରୀର ସଂପର୍କର ଅନୁସଂଧାନ। ଦେହ ଓ ଆତ୍ମାର ଅନୁସଂଧାନ। ଆତ୍ମା ଓ ଦେହର ଅନୁସଂଧାନ କରୁ କରୁ ସ୍ଥିତିକୁ ନେଇ ସନ୍ଦେହ ଉପୁଜିଥାଏ। ପୁଣି ଆଉ ଏକ ମୁହୂର୍ତ୍ତରେ ସ୍ଥିତି ଉପରେ ବିଶ୍ୱାସ ଜନ୍ମିଯାଏ। ଶେଷରେ କବିଙ୍କର ଚେତନା ବିସ୍ତାରିତ ହୁଏ। ରହସ୍ୟର ଅନ୍ତସ୍ଥଳରୁ ପରିଚୟ ଉକୁଟି ଉଠେ। ନିମ୍ନୋକ୍ତ ପଂକ୍ତି ମାଧ୍ୟମରେ ଏହା ରୂପାୟିତା ପରିଚୟ ଉକୁଟି ଉଠେ। ନିମ୍ନୋକ୍ତ ପଂକ୍ତି ମାଧ୍ୟମରେ ଏହାର ରୂପାୟିତା।

"ଜାଣିଛ/ଯେତେଥର ମୁଁ ଦେଖେ ତୁମକୁ ଆସିବାର/ ମୋର ସୃଷ୍ଟିକୁ ମୋର ଗ୍ରହ ମଣ୍ଡଳକୁ / ମୋର ପୃଥିବୀକୁ ମୋର ସହରକୁ/ ମୋର ନିର୍ଜନ ଘରକୁ ମୋର ଖାସ କାମରାକୁ/ଯେତେଥର ମୁଁ ଦେଖେ,ତମୁକ ଆସିବାର/ମୋର ପ୍ରତୀକ୍ଷମାତା ଅଲିଂଗନକୁ/ ସେତେଥର ମୁଁ ଦେଖେ ...../ ସେତିକି ବେଳେ ଦେଖେ ତମର ବିଦାୟ ନେବାର ଫେରିଯିବାର ମିଳେଇ ଯିବାର ଉଭେଇ ଯିବାର ଦୃଶ୍ୟକୁ।" (ହୃଦୟ ଯଦି ସମର୍ଥ ନୁହେଁ ଆଉ)

ବିଶ୍ୱାସ:- " ଆମ ଦୁହିଁଙ୍କ ପୃଥିବୀର ଏତେ ନୀରବତା ଯେ
ମୁଁ ଶୁଣି ପାରୁଛି ଶୂନ୍ୟତା ଦାନା ବାନ୍ଧିବାର ଧ୍ୱନି
ଏଠି ଏତେ ପ୍ରଶାନ୍ତ ଶୂନ୍ୟତା ଯେ/ ମୁଁ ଦେଖି ପାରୁଚି/ମନ୍ଥର ପବନ
ପ୍ରତିଟି ନାକପୁଡ଼ାକୁ ପ୍ରବେଶ ଥିବାର ଦୃଶ୍ୟ/ ସବୁଧ୍ୱନି ଭିତରେ ତୁମେ
ମର୍ମରିତ ନୀରବତାରେ...../ ସବୁଦୃଶ୍ୟ ଭିତରେ ତମେ ଉହ୍ୟ ଉପସ୍ଥିତିରେ।"

ଚେତନାର ବିସ୍ତାରିତ ରୂପ:-

"ବହି ଯାଉଚି ସେ ନଇପରି ତାକୁ
ଧାରଣ କର ହେ ମହୋଦଧି
ଉଡିଯାଉଚି ସେ ଶ୍ୱେତ ରାଜହଂସି
ନଭେ ଜାଲପାତ ନିରବଧି।
ଶୂନ୍ୟେଇ ଯୋଉଚି ଦେହ ଦିଅ ତାକୁ
ଅଧା ସ୍ୱଚ୍ଛ ଅଧା ଅଂଧକାର
ନାମଟିଏ ଦିଅ ସେ ଅନାମିକାକୁ
ଧୀମେ ଧୀମେ ଦିଅ ଅଧିକାର।"     (ଅନ୍ୟା)

ରାଜେନ୍ଦ୍ର କିଶୋରଙ୍କ ଭାଷାପ୍ରୟୋଗ ଦକ୍ଷତା,ଭାବର ସଂପ୍ରସାରଣ ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାକୁ ଏକ ଏକ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ପ୍ରଦାନ କେରିଛି କହିଲେ ଭୁଲ ହେବ ନାହିଁ। ସମସାମୟିକ କବି ଦୀପକ ମିଶ୍ରଙ୍କର ୧୯୮୦ ମସିହା ପରେ ଚାରୋଟି କବିତା ସଂକଳନ ପ୍ରକାଶ ପାଇଛି 'ଶୂନ୍ୟତାର ଶୋଷ' -୧୯୮୨ 'କପଟ ସୂର୍ଯ୍ୟାସ୍ତ ଓ ଧୂଳିର ସିହାସନ' -୧୯୮୪) 'ନିର୍ବାଚିତ କବିତା' -୨୦୦୨। ଜୀବନର ଯନ୍ତ୍ରଣା ଜନିତ ବ୍ୟର୍ଥ

ତାର ଅନୁଭବ ତାଙ୍କ କବିତାର ମୁଖ୍ୟସ୍ୱର। କାବ୍ୟ ସଂକଳନ ପାଠକଲେ ଦୁଇଟିଦିଗ ସ୍ପଷ୍ଟ ହୁଏ। ଗୋଟିଏ ହେଉଛି ସୌନ୍ଦର୍ଯ୍ୟ ଜନିତ ଅନୁଭବ ଦ୍ୱିତୀୟଟି ହେଉଛି ଜୀବନ ଓ ମୃତ୍ୟୁର ଶୋକ ପ୍ରସ୍ତାବ କବିତାରେ ମୃତ୍ୟୁର ଅନୁଭବ ଗଭୀର ଅନୁଭବ। କବିଙ୍କ ଦୃଷ୍ଟିରେ :- ମୃତ୍ୟୁ

"ମୃତ୍ୟୁକୁ ମୁଁ ଅନୁଭବ କେର
କଳା କଳା ଢେଉ ଭଳି ଜନ ଗହଳିରେ
ମୃତ୍ୟୁକୁ ମୁଁ ସ୍ପର୍ଶ କରେ
ମୋ ନିଜ ସନ୍ତାନର ନରମ ଆଂଗୁଳିର ତୁଳା ଅଂଶପରି
ମୃତ୍ୟୁକୁ ମୁଁ ଭୟ କରେ
କେଉଁ ଉଲଗ୍ନ ଅନ୍ଧକାରରେ ହଜିବାର ପରିଶ୍ରମ ଭଳି
ମୃତ୍ୟୁକୁ ମଧ ପ୍ରେମକରେ
ପ୍ରତିଦିନ ନୂଆ ସ୍ତ୍ରୀ ମାନଙ୍କୁ ପ୍ରେମ କରିବାରେ ନିଶା
ଆଉ ନିରର୍ଥକ ସ୍ୱପ୍ନ ପରି।"

ମୃତ୍ୟୁ ଜନିତ ନିର୍ଜନତା ଓ ବିଷାଦାର ମନୋଭାବ ନିମ୍ନ ଦୁଇ ପଂକ୍ତିରେ ପ୍ରକାଶିତ। "ଆମ ପାଇଁ କେଉଁମାସ/ ନୂଆ ମାସ ନୁହେଁ /କେଉଁ ଋତୁ ନୂଆ ଋତୁ ନୁହେଁ/ ତେଣୁ ଶୂନ୍ୟରୁ ଆସୁଥିବା ସବୁ ଜଳ ଜଳିଯାଇ/ ଘନଘନ ତାଜା ଦୀର୍ଘଶ୍ୱାସ ହୋଇ ଖେଳିଯାଏ ଆକାଶ ସେପାରି ଥିବା ତାଜା ଦୀର୍ଘଶ୍ୱାସ ହୋଇ/ଖେଳିଯାଏ ଆକାଶ ସେପାରିଥିବା ଆଲୋକ ମଣ୍ଡଳ ଓ ମୋ ନାଭି କମଳରେ.....।

ସେହିପରି ନିର୍ଜନତାର ଅନୁଭବ ନିରବଧି ନାଭିଶ୍ୱାସରେ ପ୍ରକାଶ ପାଇଛି। "ପବନର ପାହାଚ ଡ଼େଇଁ / କେବେ କେମିତି ଆସିଛି ନିର୍ଜନତାର / ପରିଶ୍ରାନ୍ତପାଦ / ନିର୍ମୋଲହାତ / ନେବା ପାଇଁ ମୋ ଛାଇରେ ବିଶ୍ରାମ / ଦେଖେ ସମୟର ଚେହେରାରେ ନିର୍ଜନତା ଉଭା ହୋଇଅଛି। ପଛରେ ଠିଆ ହୋଇ ମୁର୍କି ହସା ମାରୁଅଛି। ଅନ୍ତରଂଗ ସାଂଗ ଭଳି ନିଷ୍କାମ ସକାଳ।"

୧୯୮୦ ପରବର୍ତ୍ତୀ ସମୟର ଅନ୍ୟତମ ଶ୍ରେଷ୍ଠକବି ଶରତଚନ୍ଦ୍ର ପ୍ରଧାନଙ୍କର ୧୯୮୦ ମସିହା ପୂର୍ବରୁ ଗୋଟିଏ ମାତ୍ର ସଂକଳନ ପ୍ରକାଶ ପାଇ ବେଶ୍ ଆଦୃତି ଲାଭ କରିଥିଲା। ଏହାପରେ ୧୯୮୧ ରେ ଉଚ୍ଚୈଶ୍ରବା,୧୯୮୬ ରେ 'ଅସ୍ଥିର ପାଦ', ୧୯୯୧ ରେ ଯଯାତି, ୧୯୯୪ ରେ 'ଅଭୟଭୟ',୧୯୯୮ ରେ ବତ୍ରିଶ ସିଂହାସନ,୨୦୦୧ ରେ ବଗିରର ଦୃଶ୍ୟ,୨୦୦୪ ରେ ନୀଳାଭ ନିମନ୍ତ୍ରଣ,୨୦୦୬ ରେ ବୃକୋଦର ପ୍ରଭୃତି ପ୍ରକାଶ ପାଇଥିଲା। ସମକାଳୀନ ଅନ୍ୟାନ୍ୟ କବିମାନଙ୍କ ଠାରୁ ଶରତ ଚନ୍ଦ୍ର ଭିନ୍ନ ଶୈଳୀରେ କବିତା ଲେଖିବା ଆରମ୍ଭ କରିଥିଲେ। ସଂକ୍ଷେପରେ କିଛି କିଛି ଶବ୍ଦର ସମାହାର, ଛୋଟ ଛୋଟ ସ୍ତବକକୁ ନେଇ ତାଙ୍କ କବିତା ରଚିତ। ସମକାଳୀନ ଅନ୍ୟାନ୍ୟ କବିମାନଙ୍କ ଭଳି ନିର୍ଜନତାର, ଅସ୍ଥିରତାଜନିତ ଅନିଶ୍ଚିତତାର ଅନୁଭବରେ ମଧ ତାଙ୍କ କବିତା ପରିପୁଷ୍ଟ। ଅଧିକାଂଶ କବିତାରେ ଆଧୁନିକ ମଣିଷକୁ ପ୍ରତୀକ

ଭାବରେ ଗ୍ରହଣ କରାଯାଇଛି । କବିଙ୍କ ରଚିତ ୫୦ ଟି କବିତାର ସମାହାର । ପୁରାଣରେ ବର୍ଣ୍ଣିତ ଅଛି ଯେ, ରାଜା ଯଯାତି ନିଜର ବାର୍ଦ୍ଧକ୍ୟକୁ ନିଜ ପୁତ୍ରର ଯୌବନ ସହିତ ବିନିମୟ କରିଥିଲେ ଦେହର ସୁଖ ତାଙ୍କ ପାଇଁ ପ୍ରମୁଖ କଥା ଥିଲା । କିନ୍ତୁ ଶେଷରେ ଯଯାତି ହୃଦୟଙ୍ଗମ କଲେ କାମନାର ଶେଷ କେବେ ଘଟେ ନାହିଁ । ଅଭିଳାଷ କେବେ ପୂରଣ ହୁଏ ନାହିଁ । ଆଜିର ଆଧୁନିକ ମଣିଷ ଠିକ୍ ଯଯାତି' ସହ ତୁଳନୀୟ । ସର୍ବଦା ତୀବ୍ର ମାନସିକ ଯନ୍ତ୍ରଣା ମଧ୍ୟରେ ହନ୍ତସନ୍ତ । ଆଧୁନିକ ମଣିଷ ପ୍ରେମରେ ବିଫଳ । ନିର୍ଜନ ଓ ଅସଫଳ ସ୍ଥିତିର ବ୍ୟର୍ଥତା ହିଁ ଯନ୍ତ୍ରଣାର କେନ୍ଦ୍ରବିନ୍ଦୁ କବିଙ୍କ ଦୃଷ୍ଟିରେ :-

"ହୁତ୍ ହୁତ୍ ଜଳେ ନିଆଁ
ଦେହ ଓ ମନରେ
ହୁତ୍ ହୁତ୍ ହୁତାଶନ/ଶୂନ୍ୟରୁ ଶୂନ୍ୟରେ../ ଏ ନିଆଁର ଶେଷ କାହିଁ ।
ଏ ନିଆଁର ଆଦି ଅବା କାହିଁ ? ..

ମୁଁ ଜଳୁଛି ଜ୍ୱଳନରେ / ଯୁଗ ଯୁଗ ଧରି / ପିଠିରେ ନିଆଁର ବୋଝ / ଅଣ୍ଟିରେ ମୋ ନିଆଁର ବୁଜୁଳି । .. ସବୁଠି ନିଆଁର ନାଚ୍ / ଆକାଶ ଅବନୀ / ନିଆଁ ଘେରେ ବସେ ମୁହିଁ ଦିବସ ରଜନୀ / (ପୃ-୧)

ଗୁରୁପ୍ରସାଦ ମହାନ୍ତିଙ୍କ ଅଙ୍କୁର ଉବାଚ କବିତାର ଅଙ୍କୁର ପିଠିରେ ଯନ୍ତ୍ରଣାର ବୋଝ ପରି 'ଯଯାତି'ର କାବ୍ୟ ନାୟକର ପିଠିରେ ନିଆଁର ବୋଝ । ସେହିପରି ଆଧୁନିକ ମଣିଷର ପ୍ରତୀକ "ବୃକୋଦର" । ଯାହାର ଉଦରରେ କ୍ଷୁଧାର ଜ୍ୱାଳା । ଜୀବନର ଅଗ୍ନିରେ ଅହରହ ଦଗ୍ଧୀଭୂତ । କାବ୍ୟନାୟକ କହେ:-

"ଦେହୁ ଦେହୁ ଉଠେ ନିଆଁ । ରାଣୀ ହଂସପୁରେ । ଜଗତରେ । ଜଳେ ନିଆଁ । ଭିତରେ ବାହାରେ । ନିଆଁର । ମଣ୍ଡଳ ନୃତ୍ୟ ସଭାରେ ସଭାରେ ........... ।" (ପୃ-୧୮)

ବିବିଧ ଅନୁଭୂତିକୁ ଏକାଠି କରି ସୂକ୍ଷ୍ମ ଦେହାତୀତ ମନୋଭାବ ଶରତଚନ୍ଦ୍ର ପ୍ରଧାନଙ୍କ କାବ୍ୟ ଚେତନାକୁ ସମୃଦ୍ଧ କରିଛି । କାବ୍ୟନାୟକ ଯନ୍ତ୍ରଣାରେ ଦଗ୍ଧୀଭୂତ ହେଲେ ମଧ ଆଶା ତ୍ୟାଗ କରିନାହିଁ । ଯନ୍ତ୍ରଣାକୁ ଅତିକ୍ରମ କରିଯିବାକୁ ଋହିଁଛି । ଯନ୍ତ୍ରଣାର ଉର୍ଦ୍ଧ୍ୱରେ ଆନନ୍ଦକୁ ଅନୁଭବ କରିବ ବୋଲି ଆଶା ବାନ୍ଧିଛି ।

ଏହି ସମୟଖଣ୍ଡର ଅନ୍ୟତମ ଶ୍ରେଷ୍ଠ କବି ହରିହର ମିଶ୍ର । ୧୯୮୦ ମସିହା ପରେ ଓଡ଼ିଆ କବିତା କ୍ଷେତ୍ରରେ ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି । ୧୯୮୧ ମସିହାରେ 'ଚନ୍ଦ୍ରବିନ୍ଦୁ','ଲାଲ୍ କଢ଼ର ତପସ୍ୟା,୧୯୮୭ ରେ 'ଋହାଣୀ ମଣ୍ଡପ'୧୯୯୨ ରେ 'ସୁକ୍ତ ଶତକ' ୧୯୯୨ ରେ 'ଭିତିରି ଚନ୍ଦନ',୧୯୯୪ରେ 'ମୋହିନୀ କନ୍ୟାର ବିଷ',୧୯୯୫ ରେ ଶଢ ଏକା ଏକା ନକ୍ଷତ୍ର,' ଓ ଦର୍ପଣଶିଳା,୧୯୯୮ରେ ସଂଧ୍ୟା ଦର୍ଶନ,୨୦୦୩ ରେ ଅର୍ଦ୍ଧମାନବୀ ପ୍ରକାଶ ପାଇଥିଲା । ସମସାମୟିକ କବିମାନଙ୍କ ପରି ଆଧୁନିକ ଜୀବନର ଦୁଃସ୍ଥିତି,ଜୀବନର ଶୂନ୍ୟତା,ନକାରାତ୍ମକ ମନୋଭାବ ଇତ୍ୟାଦି ପ୍ରକାଶିତ । ଏହା ବ୍ୟତୀତ କବିଙ୍କ କବିତାରେ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଆକର୍ଷଣ ମଧ ଭିନ୍ନ ଏକ ଅନୁଭବର ପରିମଣ୍ଡଳ ତିଆରି କରେ । ପ୍ରଥମ ସଂକଳନ ଅକ୍ଷମ ଦେବତାରେ କବିଙ୍କ କାବ୍ୟ ଆବେଗ ବହୁମୁଖୀ । ଆତ୍ମାନୁସଂଧାନ ଠାରୁ ଆରମ୍ଭ କରି ଭୁବନେଶ୍ୱର ଅଂଚଳର ଷୋଡ଼ଶ ଶତାବ୍ଦୀର

ଯୋଗୀ ହୋଇଥିବା ରାଜା ଗୋବିନ୍ଦଚନ୍ଦ୍ରଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ। କବିଙ୍କ ଯେତେବେଳେ'ଚନ୍ଦ୍ରବିମ୍ବ'ଓ ଲାଲ୍ କଡ଼ର ତପସ୍ୟା ଲେଖୁଛନ୍ତି ତାଙ୍କ ଚିନ୍ତାଧାରାରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଋହାଣୀ ମଣ୍ଡପରେ କବିଙ୍କର ଅନୁଭବ ଗଭୀରରେ ହୋଇଛି। ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ଜୀବନର ସ୍ଥିତିକୁ କବି ବିଶ୍ଳେଷଣ କରୁଛନ୍ତି। ଏହି ସ୍ଥିତିର ରହସ୍ୟକୁ ଭେଦ କରିବାକୁ କବିଙ୍କର ଚିନ୍ତାର ପରିସର ବିସ୍ତୃତତର ହୋଇଛି। 'ଯାତ୍ରା' କବିତାରେ ଜୀବନ ଓ ମୃତ୍ୟୁର ଅନ୍ତରଂଗ ସ୍ପର୍ଶକୁ ପାଠକ ଅନୁଭବ କରିପାରିବେ। କବିଙ୍କ ବର୍ଣ୍ଣନାରେ :-

"ଅନ୍ୟ କେହି ଆସିବାର ଅଛି / ଅନେକ ଦୂରରୁ ତାର ହୁଇସିଲ୍ / ପାହାନ୍ତା ଗାଡ଼ିର, ସେ ଘୁରି ଘୁରି/ ଅଳି, କନ୍ଦି, ମୋ ସ୍ମୃତିର ପ୍ଲାଟଫର୍ମ / ପରିକ୍ରମା କରି / ରାତିର ଟ୍ରେନ୍‌ଟି ପ୍ରବେଶ କରିଯିବ। ଏକ ପ୍ରାଚୀନ ସହରର ନୂତନ ସକାଳରେ../ ପବନର ମନ୍ତ୍ରଧ୍ୱନି ମାଇକରେ/ଭିନ୍ନ ମନେ ହେଉଥିବ ବର୍ତ୍ତମାନ/ଯେପରି ଅତୀତ।"

କବିଙ୍କର ଏହି ଚିନ୍ତାଧାରା ଭିତିରି ଚନ୍ଦନ ସଂକଳନରେ ସ୍ଥାନିତ କବିତାରେ ମଧ୍ୟ ପ୍ରକାଶ ପାଇଛି। ଜଗନ୍ନାଥଙ୍କୁ ଆଧାର କରି ଭିତରି ଚନ୍ଦନ କବିତାଟି ରଚିତ। କବି ଦୃଷ୍ଟିରେ ଜଗନ୍ନାଥ ରୂପହୀନ,ଶବ୍ଦହୀନ, ସ୍ୱାଦହୀନ, ଗଂଧହୀନ ଏକ ଚେତନା। ସର୍ବତ୍ର ତାଙ୍କର ସ୍ଥିତି। ନିଃଶ୍ୱାସରେ ପ୍ରଶ୍ୱାସରେ ସର୍ବତ୍ର। ଜଗନ୍ନାଥଙ୍କ ରୂପହୀନ, ସ୍ୱାଦହୀନ ସତ୍ତା ସହିତ ଯେତେବେଳେ କାବ୍ୟନାୟକର ସତ୍ତା ମିଳିତ ହୁଏ ସେତେବେଳେ ମନେହୁଏ ସତେ ଯେମିତି ମେଘର ପର୍ଦ୍ଦା ଚିରି ମହାଶୂନ୍ୟରେ କାବ୍ୟନାୟକର ସତ୍ତା ଭାସି ବୁଲୁଛି। ନିମ୍ନୋକ୍ତ ପଂକ୍ତିରେ ଏହି ଭାବନା ପ୍ରକାଶ ପାଇଛି।

"ଏ ସମସ୍ତ ସ୍ଥିତି ହିଁ ତମର ଉପସ୍ଥିତି
ତମେ ଋଲିଗଲା ପରେ କିଛି ନାହିଁ
ତମେ ଥିଲ ନିଃଶ୍ୱାସରେ ଏବଂ ଧୀରେ ଋଲିଗଲା ପରେ
ଆକାଶ ଖୋସି ହୋଇଗଲା ଆସି ଦୁଇଟି ଆଖିରେ ....
ଆକୃତି ପାରେନା ଧରି ତୁଳୀ ମୋର ... ଭିନ୍ନ ତମେ
ଇନ୍ଦ୍ରିୟର ଭିନ୍ନ ଭିନ୍ନ ଚୁମ୍ବକରୁ ଭିନ୍ନ ତମେ
ସ୍ପର୍ଶହୀନ, ରୂପହୀନ, ଶବ୍ଦହୀନ, ସ୍ୱାଦହୀନ,ଗଂଧହୀନ,ସତ୍ତା ତମେ ....

ଦ୍ୱିତୀୟ ପଂକ୍ତି :

ସମୁଦ୍ର ବୁଡ଼ାଳି ଭଳି ଜଳର କୋଠରୀ ଭାଂଗି
ମେଘର ପର୍ଦ୍ଦା ଚିରି ମହାଶୂନ୍ୟେ ଭାସୁଛି ମୁଁ..
ତମେ ଆସ, ଉଭା ହୁଅ..
କାଢିନିଅ ପାଦତଳୁ ସ୍ୱପ୍ନର ତରଂଗ
ପୋତିଦିଅ ନୂପୁରରର ପ୍ରତ୍ୟୟକୁ କୁଢ କୁଢ ବାଲି ତଳେ
ନିଃସ୍ୱ କରିଦିଅ ମତେ ବଡ଼ଦାଣ୍ଡ ମଝିଟାରେ

ଗୋଟିଏ ପଟେ ଆଧୁନିକ ଜୀବନର ଜଟିଳତମ ଅନୁଭବର ଆଧୁନିକ ବ୍ୟାଖ୍ୟା, ଅପରପଟେ ଆଧ୍ୟାତ୍ମିକ ବିଶ୍ୱାସର ସୂତ୍ର କବିଙ୍କର କବିତାକୁ ଏକ ସ୍ୱାତନ୍ତ୍ୟ ପ୍ରଦାନ କରେ।

କବି ବଂଶୀଧର ଷଡ଼ଙ୍ଗୀ ଏହି ସମୟର ଅନ୍ୟତମ ପ୍ରତିଷ୍ଠିତ ସଫଳ କବି। ୧୯୭୭ ମସିହାରେ ତାଙ୍କର ପ୍ରଥମ କବିତା ପୁସ୍ତକ 'ସମୟ ଅସମୟ' ପ୍ରକାଶ ପାଇଥିଲା, ୧୯୮୦ ମସିହାରେ 'ସ୍ଥବିର ଅଶ୍ୱାରୋହୀ' ୧୯୮୯ ରେ 'ଶବରୀଚର୍ଯ୍ୟା', ୧୯୯୫ରେ 'ଛାୟାଦର୍ଶନ', ୧୯୯୮ ରେ ଶୂନ୍ୟ ସଂହିତା ଓ ଅନ୍ୟାନ୍ୟ କବିତା ପ୍ରକାଶ ପାଇଥିଲା। ଦଶମ - ତ୍ରୟୋଦଶ ଶତାବ୍ଦୀର ଚର୍ଯ୍ୟା କବିତାର ପୃଷ୍ଠଭୂମି ଉପରେ ଆଧାରିତ। ସାଂପ୍ରତିକ ସ୍ଥିତି- ଜନିତ ଅନିଶ୍ଚିତତା ଓ ଜଟିଳତାର ସାର୍ଥକ ରୂପାୟନ ବଂଶୀଧରଙ୍କ କବିତା। ଚର୍ଯ୍ୟା କବିତାର ପରିବେଶ ମଧ୍ୟକୁ ଫେରିଯିବା, ଅତୀତର ଶାନ୍ତ ଜୀବନ ଯାତ୍ରାର ଚିତ୍ରଣ ଚର୍ଯ୍ୟା କବିତାର ମୁଖ୍ୟ ବିଭବ। ଶବରୀଚର୍ଯ୍ୟା ସଂକଳନରେ ୫୨ ଟି କବିତା ସ୍ଥାନିତ। କବିଙ୍କର ବ୍ୟର୍ଥତା,ହତାଶାବୋଧଜନିତ ଉପଲବ୍ଧି ଶବରୀ ପ୍ରତୀକ ମାଧ୍ୟମରେ ପ୍ରକାଶିତ। ସଂସାରର ମିଥ୍ୟା ଓ ମାୟାକୁ ଅତିକ୍ରମ କରି ଉଚ୍ଚତର ସ୍ଥିତି ଓ ଗଭୀରତର ଉପଲବ୍ଧିକୁ ଯାତ୍ରା କରିବା ମଧ୍ୟରେ ପୂର୍ଣ୍ଣତା ଓ ଶାନ୍ତିର ଅନୁଭବ ରୂପାୟିତ। କବିଙ୍କ ବର୍ଣ୍ଣନାରେ ଏହିପରି :

"ବନ୍ଧ ବାଡ଼ ପରିଖା ଡେ଼ଇଁ
ଚଳିଆ : ତ୍ରିପୁର ମୋହିନୀ
ତୋ ବାଟକୁ ମୁଁ ଚାହିଁ ବସିଚି
ଅନେଶୋତ ରାଣୀଙ୍କୁ ତୁଚ୍ଛ କରିଚି
କେବଳ ତୋରି ପାଇଁ
ସୁବର୍ଣ୍ଣ ନିର୍ମିତ ମୋର ଡଂଗାକୁ
ହେ ମାୟାଚାରୀ ଅବଧୂତିକା
ନେଇ ଯା :
ସପ୍ତସିନ୍ଧୁର ଉର୍ଦ୍ଧ୍ୱକୁ
ଉଚ୍ଚ ପର୍ବତ ଶିଖରକୁ
ଚତୁର୍ଥ ଶୂନ୍ୟତାକୁ (ଚର୍ଯ୍ୟାପଦ ଖ)

ଅନୁରୂପ ବର୍ଣ୍ଣନା ତ୍ରିପୁରମୋହିନୀ ସୂକ୍ତିରେ ମଧ୍ୟ ପ୍ରତିଫଳିତ

"ଚତୁରୀ ତ୍ରିପୁର ମୋହିନୀ
କେଶରୁ ମୟୂରପୁଚ୍ଛ
ଗ୍ରୀବାର ଗୁଂଜରା ମାଳି
ଓହ୍ଲାଇ ପକା
ଡାଳସବୁ ଆକାଶକୁ ଲାଗିବାକୁ ବସିଲାଣି

ଏସନକୁ ବିଷମ କାଳରେ ଋଲିଆ:
ଶୂନ୍ୟକୁ : ମହାଶୂନ୍ୟକୁ
ଗୋପ ପାଟଣାକୁ ଅନାହତକୁ।

'ଛାୟାଦର୍ଶନ' ସଂକଳନରେ ମଧ୍ୟ ସମାନ ଅନୁଭବ। ଜୀବନ ଚକ୍ରର ଅର୍ଥ ହେଉଛି ଦୁଃଖ, ଯନ୍ତ୍ରଣା ଓ ଅସ୍ଥିରତାରେ ପରିପୂର୍ଣ୍ଣ। ମାତ୍ର ଏସବୁକୁ ଅତିକ୍ରମ କରି ଚେତନାର ଉତ୍ତରଣ ଘଟିଲେ ନାହିଁ ମୁକ୍ତ ଜୀବନର ଉପଲବ୍ଧି ସମ୍ଭବ ହୋଇଥାଏ। 'ସ୍ଥିର ଅସ୍ଥିର' କବିତାରେ କବି କହିଛନ୍ତି :-

"କିଏ ସମ୍ଭାଳି ନେବ ଏଇ ଶୂନ୍ୟତାକୁ
କିଏ ସ୍ଥିର କରିବ ଓଲଟି ଯାଇଥିବା ଡଂଗାକୁ
କିଏ ଉଠେଇ ଦେବ ଥକ୍କା ମାରି ବସିଥିବା ଲୋକଟିକୁ
କିଏ ବାଟ କରି ଦେବ
ଭଂଗା ପୋଲ ତଳେ
ଅଟକି ଥିବା ପାଣିଧାରାକୁ .."। (ସ୍ଥିର ଅସ୍ଥିର)

ସମକାଳୀନ କବି ଫନୀ ମହାନ୍ତିଙ୍କର ଏକମାତ୍ର ସଂକଳନ ମାନଚିତ୍ର୧୯୮୦ ମସିହା ପୂର୍ବରୁ ଅର୍ଥାତ୍ ୧୯୭୩ ମସିହାରେ' ପ୍ରକାଶ ପାଇଥିଲା। ଏହାପରେ ୧୯୮୧ ରେ ବିଦଗ୍ଧ ହୃଦୟ,ସ୍ୱୟଂମ୍ବର,୧୯୮୮ରେ ପ୍ରିୟତମା,୧୯୮୯ ରେ ରୁବି ପାଇଁ କେତୋଟି କବିତା,୧୯୯୦ ରେ ରୁଚିର ନଗର ଓ ମାୟା ଦର୍ପଣ,୧୯୯୨ ରେ ବିଷାଦ ଯୋଗ ୧୯୯୬ ରେ ଅହଲ୍ୟା,୧୯୯୮ ରେ ଚିତ୍ରପ୍ରତିମା,୨୦୦୨ରେ ଦ୍ୱିତୀୟ ଈଶ୍ୱର,୨୦୦୪ ରେ ପୁଷ୍ପଧନୁ ଓ ୨୦୦୫ ରେ ମୃଗୟା ପ୍ରକାଶିତ ହୋଇଥିଲା।

ସମକାଳୀନ ଅନ୍ୟାନ୍ୟ କବିମାନଙ୍କ ଭଳି ଜୀବନ ଓ ମୃତ୍ୟୁ ଜନିତ ଅନୁଭବକୁ ନେଇ ତାଙ୍କ କବିତା ଗତିଶୀଳ। ଗୋଟିଏ ଦିଗରେ ମାନସିକ ଅସ୍ଥିରତା ଓ ଅପର ପକ୍ଷରେ ତନ୍ମଧ୍ୟରୁ ମୁକ୍ତି ପିପାସା କବିଙ୍କ କବିତାକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରେ। ଆନନ୍ଦ ଓ ସନ୍ତୋଷ ମଧ୍ୟରେ ଜୀବନର ବେଦନା ଓ ଯନ୍ତ୍ରଣା ଜନିତ ଅନୁଭବ ତାଙ୍କ କବିତାର ଅନୁଭୂତି। ଏହି ଅନୁଭୂତି ତୀବ୍ରରୁ ତୀବ୍ରତର ହୋଇ ଶୂନ୍ୟତା ଓ ବିଚ୍ଛିନ୍ନତାବୋଧକୁ ଆମନ୍ତ୍ରଣ କରୁଛି। 'ପ୍ରିୟତମା'ରେ ଏହି ଅନୁଭୂତିର ସଫଳ ରୂପାୟନ ଲକ୍ଷ୍ୟ କରାଯାଇପାରେ। "ଋରିଆଡ଼େ ଖାଁ ଖାଁ ଲାଗୁଛି ଭାରି/ ଦରପୋଡ଼ା ସଳିତାଟେ ପରି /ଏକା ଏକା ପଡ଼ିଅଛି/ଋରିକାତ ମେଲି।" ଏହି ଅନୁଭବର ରୂପାନ୍ତର ଘଟିଛି "ଟ୍ରେନ୍"କବିତା ଓ "ରୁବି ପାଇଁ କେତୋଟି କବିତା' ସଂକଳନରେ।

ଟ୍ରେନ୍ କବିତାରେ କହନ୍ତି :-

"ତମେ ମୋର ପାଖେ ଅଛ, ତମେ ପୁଣି
ଯୋଜନ ଦୂରରେ ଛାଇ ପରି ପଛେ ଥାଇ

ବାଟ ଓଗାଳୁଛୁ ../ଆମେ ଦୁହେଁ ପୁନର୍ବାର ସାଥୀ ହୋଇ ଟ୍ରେନ୍‌ରେ ବସିବା, ଆମେ ଦୁହେଁ ଅତୀତକୁ / ଭୁଲିଯିବା, ସପନରେ ନଇ ପହଁରିବା..।"

ନିଃସଙ୍ଗ ମନୋଭାବର ଯନ୍ତ୍ରଣା ତୀବ୍ରତର ହୋଇଛି ତମେ ଚାଲିଯିବା ପରେ' କବିତାରେ।

"ତମେ ଚାଲିଯିବା ପରେ ସବୁ କିଛି
ଓଲଟପାଲଟ, ବୁଢ଼ିଆଣୀ ଜାଲ ଓ
ଅଳଂଧୁରେ ଭର୍ତ୍ତି ସାରା ଘର,
ଚଟାଣରେ ଏତେତେଣେ ଆବୁରୁ ଜାବୁରୁ
ବହିପତ୍ର, ଖଣ୍ଡିଆ ଚୁରୁଟ, ଅଧାଳଗା
କସ୍‌ମେଟିକ୍, ଫଟୋ ଆଇନାରେ ଝଲମଲ
ତମ ମୁହଁ, ତମେ ଅଛ, ତମେ ନାହିଁ।
ସମୟର ନୀବି ବଂଧନୀରେ। "

'ପ୍ରେମାସ୍ପଦା'ସହିତ କବିଙ୍କର ସଂପର୍କ ଅତି ନିବିଡ଼,ସତ ମିଛ,ବାସ୍ତବତା ଓ ଅବାସ୍ତବତାର ମନୋଭାବର ମିଶ୍ରିତ ରୂପ ଏଥିରେ ପ୍ରତିଫଳିତ। ମାୟାଦର୍ପଣରେ କିନ୍ତୁ ଏହି ମନୋଭାବର ପରିମାର୍ଜିତ ରୂପ ଦେଖିବାକୁ ମିଳେ। ପ୍ରେମ,ପ୍ରେମାସ୍ପଦା ପ୍ରତି ଆସକ୍ତି ବ୍ୟତୀତ ନିଃସଙ୍ଗତା,ମାନସିକ ଯନ୍ତ୍ରଣାକୁ ନେଇ ଏହା ପରିପୁଷ୍ଟ। ଏହି ସଂକଳନର ଆଉ ଏକ ବିଶେଷତ୍ୱ ହେଉଛି କବିଙ୍କର ସମକାଳୀନ ୭୭ ଜଣ ବନ୍ଧୁଙ୍କର ଚରିତ୍ରକୁ ନେଇ କବିତାଗୁଡ଼ିକ ସମୃଦ୍ଧ। ପ୍ରତ୍ୟେକଟି କବିତାରେ ଚିତ୍ରିତ ଚରିତ୍ରମାନେ ବାସ୍ତବ ଜୀବନର ପରିଧି ମଧ୍ୟରୁ ମୁକ୍ତ ହୋଇ ସାର୍ବଜନୀନ ସ୍ତରରେ ଉପନୀତ ହୋଇଛନ୍ତି। କବିଙ୍କ ନିଜସ୍ୱ ଉପଲବ୍ଧି ମଧ୍ୟରେ ଅତି ସୁନ୍ଦର ଭାବେ ଚରିତ୍ରଗୁଡ଼ିକର ରୂପାୟନ ଘଟିଛି। ସଂକଳନରେ ପ୍ରଥମ କବିତା କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ସମର୍ପିତ, ବିବ୍ରତ, ବିଷାଦଗ୍ରସ୍ତ ସମୟର କବିଙ୍କର ......।

"ମଧୁର ଅଥଚ କାରୁଣ୍ୟରେ ଭରପୁର/ ଶବ୍ଦମାଳାର ଗୋଲକ ଧନ୍ଦାରେ ପଡ଼ି କି ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଛି କବି ? / କେଉଁ ଦୁର୍ଲ୍ଲଭ ଅଲୌକିକ ବସ୍ତୁର ପ୍ରାପ୍ତି/ ଆଶାରେ କେଉଁ ନିଷ୍ଠୁର ସମ୍ଭାବନାର ଲୋଭନୀୟ / ଆକର୍ଷଣରେ କେଉଁ ମଣିମୁକ୍ତା ଖଚିତ ଅଳକାପୁରୀର / ସ୍ୱପ୍ନ ଦର୍ଶନରେ ତମେ ବ୍ୟସ୍ତ ଓ ବିବ୍ରତ କବି !/ ପ୍ରତିଟି ଲଗ୍ନ ତୁମର ବିଷାଦମୟ/ପ୍ରତିଟି ନିଃଶ୍ୱାସ ତୁମର ବିଷାଦମୟ"।

କିନ୍ତୁ ୨୦୦୨ ମସିହାରେ ରଚିତ 'ଦ୍ୱିତୀୟ ଈଶ୍ୱର' ସଂକଳନ ରଚନା ବେଳକୁ କବିଙ୍କର ଦୃଷ୍ଟି ଇଂରାଜୀରେ ଆସିଛି ପରିବର୍ତ୍ତନ। ସମକାଳୀନ ସାମାଜିକ ଓ ରାଜନୈତିକ ପରିସ୍ଥିତିର ସଫଳ ରୂପାୟନ ଘଟିଛି। ୧୯୯୯ ମସିହାର ମହାବାତ୍ୟାର ବିଧ୍ୱସ୍ତ ଏରସମା ଅଂଚଳର କରୁଣ ଚିତ୍ର, ସ୍ୱାର୍ଥଦ୍ୱେଷୀ ବ୍ୟକ୍ତିମାନଙ୍କ ପ୍ରତି କଟାକ୍ଷ ପ୍ରକାଶ ପାଇଛି। କବିଙ୍କ ବର୍ଣ୍ଣନାରେ:-

"ଏରସମାର ଧ୍ୱଂସ ସ୍ତୁପକୁ ଆସ
ଫାଦର ଆସ,
ଆସ ଅଣ୍ଡର ୱ୍ୱାର୍ଲଡର ବାଦ୍‌ଶାହା
ଚଂପକ ଲାଲ୍,
ଆସ ମହାମେଣ୍ଟର ଖଳନାୟକ
ଜନାବ ସଲ୍ଲାଉଦ୍ଦିନ
ଜଣକ ପରେ ଜଣେ ଆସ,ପ୍ରତିଦ୍ୱନ୍ଦୀ
ପରି ମାହେନ୍ଦ୍ର ଲଗ୍ନରେ ।
ସମ୍ଭ୍ରାନ୍ତ ଠାଣିରେ ଆସ,
ଠିକଣା ବେଳାରେ କୁମ୍ଭୀର କାନ୍ଦଣା କରି
ପାହାଡ଼ ଉଞ୍ଚା ପ୍ରତିଶ୍ରୁତି ଦିଅ, ଏରସମାକୁ ରୋମ
କରି ଗଢିବାର ସ୍ୱପ୍ନ ଦେଖାଅ । (ପୃ- ୬୬)

୧୯୮୧ ମସିହା ପରବର୍ତ୍ତୀ ସମୟର ଜଣେ ବଳିଷ୍ଠ ନାରୀ ପ୍ରତିଭା ହେଉଛନ୍ତି 'ବ୍ରହ୍ମୋତ୍ରୀ ମହାନ୍ତି । ୧୯୭୭ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଅବତରଣ' ପ୍ରକାଶ ପାଇଥିଲା । ଏହାପରେ ୧୯୮୧ ମସିହାରେ 'ଦୃଷ୍ଟିର ଦ୍ୟୁତି' ୧୯୮୮ ରେ 'ସ୍ତବକ',୧୯୯୫ ରେ ସ୍ରୋତସ୍ୱିନୀ;୨୦୦୨ରେ 'ସେତୁବଂଧ' ଓ 'ଉତ୍ତରଣ'ପ୍ରକାଶ ପାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ରଚିତ କବିତା ଗୁଡ଼ିକର ମୁଖ୍ୟ ଅନୁଭବ ପ୍ରେମ ଓ କାମନା ଓ କାମନା ଜନିତ ଅସଫଳତା ଓ ଯନ୍ତ୍ରଣାବୋଧ ମଧ୍ୟରେ ନାରୀ ଆତ୍ମାର ବେଦନା । କିନ୍ତୁ ଏହା ଦୀର୍ଘସ୍ଥାୟୀ ହୋଇ ପାରିନାହିଁ । ଯନ୍ତ୍ରଣାର ପରିସମାପ୍ତି ପାଇଁ ଆନନ୍ଦ ଟିକେ ପାଇବା ପାଇଁ କବି ଈଶ୍ୱରୀୟ ଚେତନା ପାଖରେ ଆଶ୍ରୟ ନେଇଛନ୍ତି । 'ଦୃଷ୍ଟିର ଦ୍ୟୁତି' ସଂକଳନରେ ସ୍ଥାନ ପାଇଥିବା 'ହଠାତ୍ ଗୋଡ଼ ଖସିଯିବା ପରେ'ଏହି ଚିନ୍ତାଧାରାକୁ ବହନ କରିଥିବା ଏକ ସାର୍ଥକ କବିତା ।

କବିଙ୍କ ଅନୁଭବରେ ଏଇଭଳି ରୂପାୟନ ଘଟିଛି ।

"ଚମକି ଅନାଇ ଦେଲି ଦୃଶ୍ୟ କେହି ଦେଖିତ ନାହାଁନ୍ତି ?
ଭୀଷଣ ସ୍ପନ୍ଦନ ବୁକେ ମନ ତଳେ ଅସୀମ ସଂଶୟ..
ଆତ୍ମରକ୍ଷା କରିବାର କି ଉପାୟ,କି ଉପାୟ ତେବେ ?
କପାଳେ ସ୍ୱେଦର ସତ୍ତା, ରକ୍ତମୁହଁ, କର୍ଣ୍ଣେ ଝିଲ୍ଲିରବ ।
ଲୁଗାଚିରୁ, ଗୋଡ଼ ଛିଡୁ, କିଛି ଭାଙ୍ଗୁ, ତଥାପି ମୁଁ ପଡିନି ପଡିନି,
ପଡ଼ିଲି ମୁଁ କେତେବେଳେ ? ତୁଚ୍ଛା ମିଛ, ଝଲୁ ଝଲୁ ଡେଇଁ ମୁଁ ପଡ଼ିଲି (ପୃ-୫୪)

ପ୍ରେମ'କୁ ନେଇ ଅନିଶ୍ଚିତତା ମନୋଭାବ 'ଅବତରଣ' ସଂକଳନରେ ସ୍ଥାନିତ 'ସଂଶୀତି' କବିତାରେ ପ୍ରକାଶ ପାଇଛି । ଏହି ଅନିଶ୍ଚିତତା ପରିସ୍ଥିତି ମଧ୍ୟରେ କବି ନିତି ଛଟପଟ ହେଉଛନ୍ତି । କିନ୍ତୁ ପ୍ରେମର ପରି ସମାପ୍ତି ନାହିଁ । ପ୍ରତ୍ୟେହ ପ୍ରେମିକର ଅନୁଭବକୁ ନୂଆ କରି ଉପଲବ୍ଧ କରୁଛନ୍ତି ।

"ତୁମକୁ ସନ୍ଦେହ କରେ ଏ ଯେପରି ଭୟାନକ ଭୁଲ୍,
ନିଃସଂଶୟ ମନ ଦେଇ ନିରୁଦ୍‌ବେଗ ପ୍ରଣୟ ରଚନା
ମୋ ପକ୍ଷରେ ତା' ଅସମ୍ଭବ ପ୍ରୀତି ମୋର ଚିର ଶଙ୍କାକୁଳ,
ସେ ଶଂକାର ଆବର୍ତ୍ତରେ ମୁଁ ତୁମକୁ ନିତି ନିତି ନୂଆ କରି ପାଏ ।
ସଂକୀର୍ଣ୍ଣ ମୋ ଦୃଷ୍ଟିକୋଣ, ପକ୍ଷୀ ଆଖି ମୋ ଆଖିରେ ଖାଲି,
ସଂଶୟ ମୁକ୍ତିର ଅର୍ଥ ଏକ ନିର୍ଦ୍ଦିଷ୍ଟ ପ୍ରଣୟର ଜୀବନ୍ତ ସମାଧି ।"

ପରିଶେଷରେ ଏତିକି କୁହାଯାଇପାରେ ଯେ,ବ୍ରହ୍ମୋତ୍ରୀଙ୍କ କବିତାରେ ପ୍ରତିଫଳିତ ଆଶାବାଦର ସ୍ୱର ଆବେଗର ଘନିଷ୍ଠତା ମଧ୍ୟରେ ଏପରି ଭାବରେ ରୂପାୟିତ ଯେ,ଯାହା ପାଠକକୁ ଆନନ୍ଦ ଓ ଉତ୍ତେଜନା ଆଣିଦେଇଥାଏ ।

ଅନ୍ୟତମ ନାରୀକବି ପ୍ରତିଭା ଶତପଥୀଙ୍କର ଯଦିଓ ୧୯୮୦ ମସିହା ପୂର୍ବରୁ ଚାରିଗୋଟି ସଂକଳନ ଯଥା :- ଅସ୍ତଜହ୍ନର ଏଲିଜ (୧୯୬୯),ଗ୍ରସ୍ତ ସମୟ (୧୯୭୪),ସାହାଡ଼ା ସୁନ୍ଦରୀ (୧୯୭୮),ନିୟତ ବସୁଧା(୧୯୮୦) ପ୍ରକାଶ ପାଇସାରିଥିଲା । ଶ୍ରୀମତୀ ଶତପଥୀ ମଧ କବି ଭାବରେ ପ୍ରତିଷ୍ଠିତ ହୋଇସାରିଥିଲେ । ୧୯୮୧ ମସିହା ପରେ ତାଙ୍କର ଚାରିଗୋଟି ସଂକଳନ ପ୍ରକାଶ ପାଇଛି । ୧୯୮୫ ମସିହାରେ 'ନିମିଷେ ଅକ୍ଷର',୧୯୮୮ ମସିହାରେ 'ମହାମେଘ',୧୯୯୧ ମସିହାରେ 'ଶବରୀ',୧୯୯୬ ମସିହାରେ 'ତନ୍ମୟଧ୍ୱନି' ଇତ୍ୟାଦି ଅନ୍ୟତମ । କବିଙ୍କର କବିତାକୁ ପାଠ କଲେ ମନେ ହୁଏ ସତେଯେମିତି ନାୟକ ଜୀବନର ସ୍ଥିତିକୁ ନେଇ ନିରବଚ୍ଛିନ୍ନ ଭାବେ ଦ୍ୱନ୍ଦ୍ୱ କରିଚାଲିଛି । ସମାଧାନ ଉଦ୍ଦେଶ୍ୟରେ ଅହରହ ପ୍ରଚେଷ୍ଟାରତ,କିନ୍ତୁ ସମାଧାନର ସୂତ୍ର ପାଖରେ ପହଞ୍ଚିଲା ବେଳକୁ ନାୟକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପହଞ୍ଚିଯାଏ । ପ୍ରାଥମିକ ପର୍ଯ୍ୟାୟର ସଂକଳନ ଗୁଡ଼ିକରେ ମାନସିକ ଉଦ୍‌ବେଗ ସହିତ ଅସଫଳତା, ହତାଶ ଅନୁଭବ ଇତ୍ୟାଦି ରୂପ ପାଇଛି । ଅଶୀଦଶକ ପରେ ପ୍ରକାଶ ପାଇଥିବା ମହାମେଘ ସଂକଳନରେ ମଧ ସେଇ ଅନିଶ୍ଚିତତାର ମନୋଭାବ ଦେଖିବାକୁ ପାଇବା । କବିଙ୍କ ଭାବନରେ ଏହିପରି ରୂପାୟିତ:

"ସେ କଣ ନୂତନ ନଦୀ / ନୂଆ କିଶୋରୀଟି / ଅରଣ୍ୟରେ ବାଟ ଖୋଜୁ ଖୋଜୁ / ପାଣିତଳ ବାଲିଗରଡ଼ା ପରି ତା / ସ୍ୱଚ୍ଛ ସବୁଜ ଆଖିରେ / ସ୍ୱପ୍ନଟି ଗଜୁରି ଆସେ / ଦୁଇପତ୍ର ଧରେ / ଅଥଚ ସେ କେବେହେଲେ / ମୋ ଆଡ଼କୁ ଚାହିଁଯାଏ ନାହିଁ/ ତାକୁ ଛୁଇଁବାକୁ / ସବୁ ହାତ ମୋର ଲମ୍ବିଯାଏ / ବୃଥା ଫେରିଆସେ / ..... ସମାନ ଯେ କାହାର ଆକାଶ / ବର୍ଷର ପ୍ରଥମ ମେଘମାଳ ପରି / ଭାସନ୍ତ ଶରୀର/ ଦୁଇ ଆଖି ଚନ୍ଦ୍ରସୂର୍ଯ୍ୟ / କୋକନଦ ପାଖୁଡ଼ାଏ ଓଠ/ ଡାଳିମ୍ବ ଫୁଲ ପରାୟେ ଦୁଇ କାନ/ ସାରା ଅରଣ୍ୟର କେଶ ଭାର/ ନାସାରନ୍ଧ୍ର କଦମ୍ବ କେଶର / ସୁଗଂଧରେ ଅଧୀର ପବନ ।" (ପୃ-୪୬)

ପରବର୍ତ୍ତୀ ସଂକଳନ 'ଶବରୀ' ଓ 'ତନ୍ମୟଧ୍ୱନି' ରେ ମଧ୍ୟ ଏହି ଅନୁଭବ ଆହୁରି ଗାଢ ହୋଇଛି । ମାନସିକ ଦୁଃସ୍ଥିତି ମଧ୍ୟ ରୁ ମୁକୁଳିବା ପାଇଁ ଆଧ୍ୟାତ୍ମିକ ଅନୁଭୂତି ହିଁ ଏକମାତ୍ର ମାଧ୍ୟମ ବୋଲି କବି ଗ୍ରହଣ କରିନେଇଛନ୍ତି । ରାମାୟଣର ଶ୍ରୀରାମ ଓ ଶବରୀ ଉପାଖ୍ୟାନକୁ ଆଧୁନିକ ଦୃଷ୍ଟିଭଙ୍ଗୀ ମଧ୍ୟରେ ଦେଖିଛନ୍ତି । ରାମଚନ୍ଦ୍ରଙ୍କର ଆଗମନ ହିଁ ଜୀବନର ଆବଦ୍ଧ ପରିସର ମଧ୍ୟରୁ ମୁକ୍ତି ଦେଇପାରିବ ।

କବିଙ୍କ ଭାଷାରେ :-

"ବୃକ୍ଷ ଲତା ପୁଷ୍ପ ବୃଷ୍ଟି କଲେ
ପାତ୍ରମାନେ ମୁଣ୍ଡ ନୋଇଁ
ବର୍ଷା ଟୋପା ଘେନୁଥିଲେ
ବିଗଳିତ ମେଘମାଳ
ସଜାଡ଼ି ଅଜାଡ଼ି ଦେଲେ ରସଧାର
ବିଜୁଳିର ଖଣ୍ଡାଧାର
ଆକାଶରେ ବୁଲିଗଲା ବେଳେ ଆଲୋକ ଚମକି ଗଲା
ମୋ ମାୟାର ସତ୍ତାର ଉପରେ" । (ପୃ-୩୩)

ନିଃସଙ୍ଗତା, ହତାଶା, ଏକାକୀତ୍ୱରୁ ମୁକ୍ତି ପାଇବା ପାଇଁ ଭଗବତ୍ ସତ୍ତା ହିଁ ଏହାର ଏକମାତ୍ର ମାଧ୍ୟମ । କବି ପ୍ରତିଭାଙ୍କର କାବ୍ୟ ଉପଲବ୍ଧିର ଉନ୍ମେଷ, ଉତ୍ତରଣ ମଧ୍ୟରେ ଏହି ଭାବନା ରୂପାୟିତ ହୋଇଛି ।

ଏହି ସମୟର ଆଉ ଜଣେ ପ୍ରତିଭାବାନ କବି ହେଉଛନ୍ତି 'ହରପ୍ରସାଦ ଦାସ' । ୧୯୭୮ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'ଆଲୋକିତ ବନବାସ' ପ୍ରକାଶ ପାଇଥିଲା । ଏହାର ୧୩ ବର୍ଷ ପରେ ଅର୍ଥାତ୍ ୧୯୯୧ ମସିହାରେ 'ମନ୍ତ୍ରପାଠ' ପ୍ରକାଶ ପାଇଲା । ଏହାପରେ ତାଙ୍କର ଅନ୍ୟାନ୍ୟ କିତା ସଂକଳନ ଯଥା :- ୧୯୯୩ ରେ 'ଗର୍ଭଗୃହ',୧୯୯୪ ରେ ଦୂରତ୍ୱରଭ୍ରମ ୧୯୯୬ ରେ 'ଅର୍ଥ ସହିତ ଶତ୍ରୁତା' ୧୯୯୯ ରେ ଖୁଣୀ ଅପସରା, ଦେଶ ଓ ସ୍କନ୍ଦ ପୁରାଣ ଇତ୍ୟାଦି ପ୍ରକାଶିତ ପାଇଲା । ପ୍ରଥମ କବିତା ସଂକଳନରେ ଅନିଶ୍ଚିତତା ଓ ଅପୂର୍ଣ୍ଣତାର ମନୋଭାବ ମହାଭାରତର ପୃଷ୍ଠଭୂମି ଉପରେ ପରିକଳ୍ପିତ । କବିଙ୍କର ଏହି ମନୋଭାବ ଆହୁରି ତୀବ୍ରତର ହୋଇଛି ୧୩ ବର୍ଷ ପରେ ପ୍ରକାଶ ପାଇଥିବା 'ମନ୍ତ୍ରପାଠ' କବିତା ସଂକଳନରେ ସ୍ଥାନିତ 'ପରିଚୟ' କବିତାରେ । ପାରସ୍ପରିକ ସଂପର୍କ ମଧ୍ୟରେ ଅନିଶ୍ଚିତତାର ସ୍ୱରକୁ କବି କିପରି ରୂପ ଦେଇଛନ୍ତି ତାହା ନିମ୍ନ ପଂକ୍ତିରେ ଦେଖିପାରିବା ।

" କେହି କାହାକୁ / ଚିହ୍ନପାରେ ନାହିଁ /
ପରିଚୟର ଅଂଧତ୍ୱରେ ହିଁ / ଦିଗ ବଦଳିଯାଏ /
ଓଃ...... ଦେଖା ହେବ/ ଆଜିଠାରୁ ବହୁବର୍ଷ ପରେ /
କେବେ ଦିନେ / ସତ୍ୟର ସିଦ୍ଧବଟ ମୂଳେ/
ନଚେତ ସଂଧ୍ୟା ସାତଟାରେ / କଫି ହାଉସରେ ।"

'ପଡୋଶୀ' ଓ 'ବିଦାୟ' କବିତାରେ ମଧ୍ୟ ସମାନ ଅନୁଭବ ଦେଖିବାକୁ ମିଳେ। ସଂପର୍କ ମଧ୍ୟରେ ଅନାତ୍ମୀୟ ଭାବ ଯେ ସାମାଜିକ ଅସଙ୍ଗତିର ମୂଳ କାରଣ ତାହାର ନମୁନା ନିମ୍ନରେ ଏ ଦୁଇଟି ପଂକ୍ତି :

"ଯିବା ଆସିବା ଲାଗି ରହିବ ଏଣିକି
ଆପଣଙ୍କର ମୋ ଘରକୁ ମୋର।
ଆପଣଙ୍କ ଘରକୁ/ସୁଖ ଦୁଃଖରେ
ଆପଣ ଲୋଡ଼ିବେ ମତେ, ମୁଁ ଆପଣଙ୍କୁ /
ସାଙ୍ଗ ହୋଇ ବସୁଥିବା ଗୋଟିଏ ନାହାରେ
ବେଳ ଦେଖି ଆପଣ ମୋତେ ଠେଲି ଦେଉଥିବେ।
ପାଣିକୁ, ମୁଁ ଆପଣଙ୍କୁ
ଆପଣ ମୋତେ ପଚାରିବେ - ଆପଣ/କିଏ ?
ମୁଁ ବି ଆପଣଙ୍କୁ/ପଚାରିବି ଆପଣ କିଏ ?" (ପଡ଼ୋଶୀ)

"ସକାଳକୁ ମୁଁ ନଥିବି / ନଥିବି ମାନେ/ ରୂପେଲି ଖାଲି ଟ୍ରେରେ / ଅଇଁଠା ଚା କପ୍‌ଟାଏ/ ନଥିବ ହୁଏତ, ତାହେଲେ / ଥିବ ଆସୁଚି କହି / ଯାଇସାରିଥିବା ରାତିର ଅତିଥି / ଶୁଣ / ମୁଁ ଯାଉଛି ରାସ୍ତାର ଆରପଟକୁ ଯାଉଛି ମାନେ- ଫେରୁଛି ଯୋଉଠୁ ଆସିଥିଲି ସେଇଠିକି।" କବି ଦୃଷ୍ଟିରେ ଅସ୍ଥିରତାର ଅନୁଭବରୁ ମୁକ୍ତି ପାଇବାକୁ ହେଲେ ଶେଷ ରାସ୍ତା ଆଧାତ୍ମିକ ମନୋଭାବ। ଈଶ୍ୱରୀୟ ଭାବନା ଏଥିରୁ ମୁକ୍ତି ଦେଇପାରିବ । ଯାହାଙ୍କ ପାଖରୁ ମଣିଷର ସୃଷ୍ଟି ତାଙ୍କରି ସତ୍ତାରେ ବିଲୀନ ହେଲେ ଯାଇ ସମସ୍ତ ଯନ୍ତ୍ରଣା ବୋଧର ଉପଶମ ହୋଇପାରିବ। କବିଙ୍କର ଦୁଇଟି ବିଶିଷ୍ଟ କବିତା ସଂକଳନ ହେଉଛି 'ଦୂରତ୍ୱର ଭ୍ରମ' ଓ 'ଦେଶ'। 'ଦୂରତ୍ୱର ଭ୍ରମ'ରେ ୪୮ ଟି କବିତା ପ୍ରକାଶ ପାଇଛି। ପାରସ୍ପରିକ ଯନ୍ତ୍ରଣା ଜନିତ ନିଃସଙ୍ଗ ମନୋଭାବ ଓ ତଦ୍ ଜନିତ ମାନସିକ ଅସ୍ଥିରତା ଧୀରେ ଧୀରେ ସ୍ଥିରତା ଆଡ଼କୁ ଗତି କରୁଛି। ବ୍ୟକ୍ତି ଚେତନା ଶୁଦ୍ଧ ହେଉଛି କାରଣ କବି ମୂଢ କଳ୍ପନାକୁ ପୋଡ଼ି ଦେବାକୁ ଚାହାଁନ୍ତି। "ଦ୍ୱିଧାର ଧାତୁରେ / ନୂଆ କରି ଗଢିବାକୁ ହେଲା /ପୁରୁଣା ଶବ୍ଦକୁ/ ମୂଢ କଳ୍ପନାକୁ ପୋଡ଼ି/ଶୁଦ୍ଧ କରିବାକୁ ହେଲା / ପ୍ରତ୍ୟକ୍ଷଦର୍ଶିତାର ନିଆଁରେ /ବାରମ୍ବାର। (ପୃ-୨)

ମାତ୍ର ଏହି ଅନୁଭବ ଦୀର୍ଘସ୍ଥାୟୀ ହୋଇପାରିନାହିଁ। ପୁନଶ୍ଚ ଗତିହୀନତା ଓ ନିଶ୍ଚଳତା ଏହାକୁ କବଳିତ କରୁଛି। ଆଲୋକ ଆଲୋକ ଭଳି ଦେଖାଯାଉନାହିଁ। ସେଥିପାଇଁ ପାଦଟିଏ ଆମକୁ ଯିବାର ସାମର୍ଥ୍ୟ କବି ହରାଇ ଦେଇଛନ୍ତି। ଦ୍ୱନ୍ଦାତ୍ମକ ପରିସ୍ଥିତିରେ ପଡ଼ିଛନ୍ତି। ବାଟବଣା ହୋଇଛନ୍ତି।

"ଏବେଯିବି କୁଆଡ଼େ ?/ଆଲୁଅ ଭଳି ଦିଶୁଚି ହେଲେ / ଆଲୁଅ ନୁହେଁ/ପହଁଚିଲା ଭଳି ଲାଗୁଚି ହେଲେ/ଯୋଉଠି କି ସେଇଠି/ପାଦଟିଏ ବି ଯାଇପାରିନି ଆଗକୁ।" (ପୃ-୫୫)

ଶେଷରେ ଆଶ୍ରୟ ଦେବ ଜୀବନର ଶେଷ ପରିଣତି ମୃତ୍ୟୁ ପାଖରେ ନିଃସଂଗତା ଭାବ ଯେତେ ତୀବ୍ରତର ହେବ 'ମୃତ୍ୟୁ' ସେତିକି ସେତିକି ସତ୍ତାକୁ କବଳିତ କରିବ। 'ରଣ କୁହୁଡ଼ି' ମଧ୍ୟରୁ ଆଲୁଅ ଭଳି ଦେଖାଯାଉଥିବ। ହେଲେ ଆଲୁଅ ପାଖରେ ପହଞ୍ଚିବାର ତାକୁ ଭଲରେ ଖୁସିମନରେ ଆପଣେଇ ନେବାରେ ସାହସ ନଥିବ।

"ବାରମ୍ବାର ଡାକୁଥିବେ ଦିନେ ସେ ପାରିର
ଆଲୁଅ ଭଳି ରଣ କୁହୁଡ଼ି ଭିତରୁ , ହେଲେ
ସାହସ ନଥିବ ଯିବା ପାଇଁ। (ପୃ -୬୧)

ଦେଶ ସଂକଳନରେ କିନ୍ତୁ ଭିନ୍ନ ମନୋଭାବ ପ୍ରକାଶିତ। ସ୍ୱାଧୀନତା ପରବର୍ତ୍ତୀକାଳୀନ ସାମାଜିକ ଅବ୍ୟବସ୍ଥା ଏହାର ମୁଖ୍ୟ ଆଧାର ଭୂମି। ସାଧାରଣ ମଣିଷର ଆଶା ବିଶ୍ୱାସ କିପରି ପାଣିଫୋଟକା ପରି ମିଳାଇ ଯାଇଛି,ସେ ସଂପର୍କରେ କବି କହନ୍ତି:-

"ସେ ତଥାପି ଭାବୁଛି ସକାଳ ହେବ।
ତାର ଅଭିଷେକ ପାଇଁ ଝରିପଡ଼ିବ
କାକର ଭିଜା ଗଂଗଶିଉଳି ..।"

ଆଲୋଚନାରୁ ସୁସ୍ପଷ୍ଟ ଯେ ହରପ୍ରସାଦଙ୍କ କାବ୍ୟ ସୃଷ୍ଟିର ଦିଶା ସମକାଳୀନ ଓଡ଼ିଆ କବିତାରେ ଏକ ଅନୁପମ ସଂଯୋଜନ। ଆବେଗ ଓ ଅନୁଭୂତିରେ ଜଟିଳତା ଆସିଛି। ଜୀବନ ଓ ମୃତ୍ୟୁର ଆପେକ୍ଷିକ ଗୁରୁତ୍ୱକୁ କବି ବିଚାରିଛନ୍ତି। ତତ୍‌ସହିତ ସ୍ୱାଧୀନତା ପରବର୍ତ୍ତୀକାଳୀନ ସାମାଜିକ ଅର୍ଥନୈତିକ ଦୂରବସ୍ଥା ମଧ୍ୟରେ ଭବିଷ୍ୟତର ସ୍ୱପ୍ନ କିପରି ଭାଂଗିଯାଉଛି ସେ ସଂପର୍କରେ କବିଙ୍କ କବିତା ଏକ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ,ଯାହାକି ପାଠକକୁ ବାରମ୍ବାର ଅଭିଭୂତ କରେ।

ପରିଶେଷରେ ଆମେ ଏହାକୁ ସ୍ୱୀକାର କରିବା ଯେ,ବର୍ତ୍ତମାନ ଯେଉଁ କବିମାନେ ୧୯୬୦-୭୦ ଦଶକରେ କବିତା ଲେଖିବା ଆରମ୍ଭ କରିଥିଲେ ୧୯୮୦ ମସିହାପରେ ସେମାନେ ପ୍ରତିଷ୍ଠିତ ହୋଇଛନ୍ତି। ବିଶ୍ୱମୁଖୀ ହେବାର ମୋହ, ବ୍ୟକ୍ତିକୈନ୍ଦ୍ରିକ ଜୀବନବୋଧର ଚିତ୍ର, ସହରୀ ଜୀବନର ବ୍ୟସ୍ତବହୁଳ ଜୀବନଧାରା,ନିଃସଙ୍ଗତା, ମନୋଭାବ ମଧ୍ୟରେ ଏକ୍‌ଲା ବଂଚୁଥିବା ଆଧୁନିକ ମଣିଷର ଅସହାୟତା ଏହି କବିମାନଙ୍କୁ ଆଚ୍ଛନ୍ନ କରି ରଖିଛି। କିନ୍ତୁ ୧୯୮୦-୨୦୦୦ ମସିହା ମଧ୍ୟରେ କବିତା କ୍ଷେତ୍ରକୁ ଆସିଥିବା ନୂଆ କବିମାନଙ୍କ କବିତାରେ ଏହି ସ୍ୱର ଦେଖିବାକୁ ଯିବିନାହିଁ। ଏମାନେ କବିତାରେ ପରୀକ୍ଷା ନିରୀକ୍ଷାକୁ ବାଦ୍ ଦେଇଛନ୍ତି। କବିତାକୁ ପାରିପାର୍ଶ୍ୱିକ ବାସ୍ତବତାଠାରୁ ଦୂରେଇ ଦେଇ ନାହାଁନ୍ତି। ଇରୋପକୈନ୍ଦ୍ରିକ ଚିନ୍ତାଧାରା ଠାରୁ ମୁକ୍ତି ଲଭିବା ପାଇଁ ଏମାନେ ଯଥାସମ୍ଭବ ପ୍ରୟାସ କରିଛନ୍ତି। ଆମ ସଂସ୍କୃତି,ପରଂପରା,ମାଟି ଓ ମଣିଷର ମୋହରେ ମୋହାବିଷ୍ଟ ହୋଇଛନ୍ତି।

ନିଜସ୍ୱ ଜୀବନଭୂମି ସଂପର୍କରେ ସଚେତନ ନହୋଇ ବିଶ୍ୱମୁଖୀ ହେବା ଆଳରେ ଆନ୍ତର୍ଜାତିକ ହେବାର ପ୍ରୟାସ ମଧ୍ୟରେ ଓଡ଼ିଆ କବି ନିଜକୁ ହଜାଇ ନ ଦେଇ ସାଧାରଣ ପାଠକ ପାଖରେ ପହଞ୍ଚିବାର ପ୍ରୟାସ କରିଛି। ମନେ ହୋଇଛି ସତେ ଯେମିତି ବହୁ ଉତ୍‌ଥାନ ପତନ ମଧ୍ୟରେ ଗତିକରି ଓଡ଼ିଆ କବିତା ଆଜି ନିଜ ଘରକୁ ଫେରିଆସିଛି। ପ୍ରତ୍ୟାବର୍ତ୍ତନର ପର୍ବଟି ପାଠକମାନଙ୍କ ଦ୍ୱାରା ମଧ୍ୟ ଧୀରେ ଧୀରେ ଆଦୃତ ହେଉଛି। ଏ ପ୍ରକାର ପରିବର୍ତ୍ତିତ ଆଭିମୁଖ୍ୟ ସଂପର୍କରେ କବି ଶରତଚନ୍ଦ୍ର ପ୍ରଧାନ ସାଂପ୍ରତିକ କବିତାର କୂଳ ଓ ଶୀଳ ପୁସ୍ତକରେ ମତ ଦିଅନ୍ତି ଯେ,"କବିମାନେ ନିଜର ଦୋଷ ଦୁର୍ବଳତା ବିଷୟରେ ସଚେତନ ହେବାକୁ ଆରମ୍ଭ କଲେଣି। ବିଦେଶୀ ଆଇନାରେ ନିଜ ମୁହଁ ଦେଖିବାର ନିଶା ଏବେ କମି ଆସିଲାଣି। ସେମାନଙ୍କର ସ୍ୱପ୍ନଭଂଗ ଘଟିଲାଣି।

ସେମାନେ ଅନୁଭବ କଲେଣି ଭୂମିକୁ ନ ଚିହ୍ନିଲେ ଭୂମା ବା କାହିଁ ?

(ସାଂପ୍ରତିକ କବିତାର କୁଳ ଓ ଶୀଳ ପୃ-୨୧୯)

ପରିବର୍ତ୍ତିତ ପରିସ୍ଥିତି (୧୯୮୦ ପରବର୍ତ୍ତୀ ସାମାଜିକ ଓ ଆର୍ଥନୀତିକ) ଉତ୍ତର ଅଶୀ କାଳରେ ନୂତନ କବିମାନଙ୍କୁ ଏକ ଭିନ୍ନ ପରିମଣ୍ଡଳ ପ୍ରଦାନ କରିଛି । ନିଃସଙ୍ଗ ବ୍ୟକ୍ତିସତ୍ତାର ଚିତ୍ରଣ ପରିବର୍ତ୍ତେ ସମାଜ ପାଇଁ ନିଜକୁ ଉତ୍ସର୍ଗ କରିଦେବାକୁ କବିମାନେ ଆଗେଇ ଆସିଛନ୍ତି ।

ଏ ସମୟର ଅନେକ ଯୁବକବି ବିବିଧ ରାଜନୀତିକ ଓ ସାମାଜିକ ସଂଗଠନ ସହିତ ଯୋଡ଼ି ହୋଇଛନ୍ତି । ଓଡ଼ିଆ କବିତାରେ ଏକ ନୂତନ ସ୍ୱର ଓ ସଂଭାବନା ସୃଷ୍ଟି କରିବା ନିମନ୍ତେ ଅନାମ ଆନ୍ଦୋଳନ ଓ ଯୁବଲେଖକ ସମ୍ମେଳନ ଗଠନ କରାଯାଇଛି । ଓଡ଼ିଆ କବିତାକୁ ବୌଦ୍ଧିକତା,ଦୁର୍ବୋଧତା ଓ ବ୍ୟକ୍ତି କୈନ୍ଦ୍ରିକତା କବଳରୁ ରକ୍ଷା କରି ଏହାକୁ 'ଗଣ' ଅଭିମୁଖୀ କରିବା ପାଇଁ ଏମାନେ ନେତୃତ୍ୱ ନେଇଛନ୍ତି । କୁମାର ମହାନ୍ତିଙ୍କ ନେତୃତ୍ୱରେ ମୁଣ୍ଡ ଟେକିଥିବା ଅନାମ ଆନ୍ଦୋଳନ ପରେ ଯୋଗ ଦେଇଛନ୍ତି କବି ହରିହର ମିଶ୍ର ଓ କୈଳାସ ଲେଙ୍କା । ଏହାବ୍ୟତୀତ ଯୁବଲେଖକ ସମ୍ମେଳନ ମାଧ୍ୟମରେ ସାହିତ୍ୟିକ କ୍ରାନ୍ତି ପାଇଁ ଯୁବ ଲେଖକମାନେ ଆଗାମୀ ପିଢ଼ିକୁ ପ୍ରୋତ୍ସାହନ ଯୋଗାଇଛନ୍ତି । ବିଭିନ୍ନ ଅଂଚଳରେ ଆଲୋଚନାଚକ୍ର କବିତା ପାଠୋତ୍ସବମାନ ଆୟୋଜନ କରି କବିତାକୁ ସାଧାରଣ ଲୋକାଭିମୁଖୀ କରାଇବାର ପ୍ରୟାସ ଆରମ୍ଭ ହୋଇଛି ।

ପ୍ରଚଳିତ କାବ୍ୟଧାରଣାରୁ ଓହରିଆସି ନିଜର କୃତି ବିଚାରରେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଓ ପ୍ରତିଷ୍ଠା ଅର୍ଜନ କରିଥିବା କେତେକ କବି ଯଥା :- ପ୍ରସନ୍ନ କୁମାର ପାଟଶାଣୀ, ସଦାଶିବ ଦାଶ, ଆଶୁତୋଷ ପରିଡ଼ା, ଅମରେଶ ପଟ୍ଟନାୟକ, ହୁସେନ୍ ରବି ଗାନ୍ଧୀ, ମମତା ଦାଶ, ହୃଷିକେଶ ମଲ୍ଲିକ, ଶତ୍ରୁଘ୍ନ ପାଣ୍ଡବ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସୂର୍ଯ୍ୟ ମିଶ୍ର, ନୃସିଂହ ତ୍ରିପାଠୀ, ସରୋଜରଂଜନ ମହାନ୍ତି, ଅପର୍ଣ୍ଣା ମହାନ୍ତି,ବଂଶୀଧର ମହାନ୍ତି, ଦିଲୀପ୍ ଦାସ୍, ମନୋରମା ବିଶ୍ୱାଳ ମହାପାତ୍ର, ଅଶ୍ୱିନୀ କୁମାର ମିଶ୍ର ପ୍ରମୁଖ ଅନ୍ୟତମ ।

ତେବେ ବିଗତ କୋଡ଼ିଏ ବର୍ଷ (୧୯୯୦-୨୦୧୦) କବିତାରେ ଯେଉଁ ପରିବର୍ତ୍ତିତ ଆଭିମୁଖ୍ୟକ ଲକ୍ଷ୍ୟ କରାଯାଇଛି ତାହା ନିମ୍ନରେ ପ୍ରଦତ୍ତ

- ପ୍ରୟୋଗବାଦୀ ଫର୍ମର ପରିସମାପ୍ତି ଘଟି ଉଭୟ ଭାବପକ୍ଷ ଓ କଳାପକ୍ଷରେ ପରିବର୍ତ୍ତନ ଦେଖାଦେଲା । ଯଥା ଅଯଥା ଶବ୍ଦାଡ଼ମ୍ବର, ପ୍ରତୀକ, ଚିତ୍ରକଳ୍ପ, ମିଥ୍ର ମାତ୍ରାଧିକ ପ୍ରୟୋଗ, ବ୍ୟକ୍ତିକ କୈନ୍ଦ୍ରିକ ଜୀବନଦର୍ଶନ, ମୃତ୍ୟୁବୋଧ, ନିଃସଙ୍ଗତା, ଅସହାୟତା, ଦେହବାଦୀ ଦର୍ଶନ ଇତ୍ୟାଦିର ପ୍ରୟୋଗ ବଦଳରେ ସମାଜବାଦୀ, ବାସ୍ତବତା, ଦଳିତ ବର୍ଗ ପ୍ରତି ସମବେଦନା, ପରଂପରାପ୍ରୀତି ଓ ସଂସ୍କୃତି ପ୍ରବଣ ମାନସିକତାର ପରିପ୍ରକାଶ ଘଟିଲା ।
- ଗ୍ରାମ୍ୟପ୍ରୀତି, ଗ୍ରାମ୍ୟ ଜୀବନଧାରା, ଓଷାବ୍ରତ, ଲୋକ ସଂସ୍କୃତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇଲା ।
- କବିତାରେ ଚରିତ୍ରକୁ ଗୁରୁତ୍ୱ ଦେବା ଅପେକ୍ଷା ଘଟଣା ବସ୍ତୁ ଉପରେ ଗୁରୁତ୍ୱ ଦିଆଗଲା ।
- କଳା, ବିଜ୍ଞାନ, ବାଣିଜ୍ୟ, ନୃତତ୍ତ୍ୱ, ସମାଜତତ୍ତ୍ୱ, ଇତିହାସ, ମନୋବିଜ୍ଞାନ, ନୂତନ ଜ୍ଞାନ କୌଶଳ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗ ଏହାର ପରିସରଭୁକ୍ତ ହେଲା ।

- ପୌରାଣିକ ମିଥ୍ ବଦଳରେ ସାଧାରଣ ଜନଜୀବନଠାରୁ ସଂଗୃହୀତ ଲୌକିକ ମିଥ୍ ଉପରେ ଗୁରୁତ୍ୱ ଦିଆଗଲା ।
- ଅର୍ନ୍ତଜଗତରୁ ପ୍ରତୀକ ସଂଗ୍ରହ ନ କରି ପାରିପାର୍ଶ୍ୱିକ ପରିବେଶରୁ ପ୍ରତୀକ ସଂଗ୍ରହ କରିବା ଉପରେ ଏମାନେ ଗୁରୁତ୍ୱ ପ୍ରଦାନ କରାଗଲା ।
- ଗୋଷ୍ଠୀ, ଅନୁଷ୍ଠାନ, ଆନ୍ଦୋଳନ ମାଧ୍ୟମରେ କବି ଓ କବିତାର ପ୍ରଚାର, ପ୍ରସାର କରିବାର ପ୍ରୟାସ ଆରମ୍ଭ ହେଲା ।
- ପ୍ରକାଶଭଙ୍ଗୀରେ ସ୍ୱଚ୍ଛତା,ସାବଲୀଳତା,କଳାତ୍ମକତା ଓ ଜୀବନବାଦୀ ଆଭିମୁଖ୍ୟ କକବିତାକୁ ଗତିମୁଖର କଲା ।

୧୯୮୦ ପରବର୍ତ୍ତୀ ଅଧିକାଂଶ କବିଙ୍କ କବିତାରେ ଏହି ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲଭିଥିଲା । ସମାଜର ମଂଗଳ ଉଦ୍ଦେଶ୍ୟରେ ସାହିତ୍ୟ ବିନିଯୋଗ ହେବା ଏକାନ୍ତ ଆବଶ୍ୟକ ଏହା କବିମାନେ ଅନୁଭବ କରିଥିଲେ । ତେଣୁ ସାମାଜିକ ଅବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱାରୋପ କରିଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱାରୋପ କରିଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଏମାନେ ଗସାଧାରଣ ଜନତାଙ୍କୁ ପ୍ରାଧାନ୍ୟ ଦେବା ଉଚିତ୍ । ଏଠାରେ ଯଦି ସ୍ୱେଚ୍ଛାଚାରିତାର ପ୍ରବେଶ ଘଟେ ତାହା କଳୁଷିତ ହୋଇଯାଏ । ଅବ୍ୟବସ୍ଥା ଓ କଳୁଷିତ ଶାସନ ବ୍ୟବହାର ଚିତ୍ର ଅଷ୍ଟମ ଦଶକ ପରବର୍ତ୍ତୀ ଓଡ଼ିଆ କବିତାରେ ବହୁ ପରିମାଣରେ ପରିସ୍ଫୁଟିତ ହୋଇଯାଇଛି । ଯେଉଁ ସମାଜରେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ମଣିଷ ପାଖରେ ନାହିଁ ସେ ଦେଶରକ ମଣିଷକୁ କୁକୁର ଠାରୁ ମଧ ତୁଚ୍ଛ ବୋଲି ଆକ୍ଷେପ କରିଛନ୍ତି କବି ବ୍ରଜନାଥରଥ ।

କବିଙ୍କ ବର୍ଣ୍ଣନାରେ :-

"କିଛି ନ' ହେଲେ ବି କୁକୁର ପାରୁଛି ଭୁକି
ଦୁଇଗୋଡ଼ ତଳେ ଲାଂଜ ତଳକୁ ଜାକି
କିନ୍ତୁ ସେତକ ସ୍ୱାଧୀନତା କାହିଁ ମୋର
ପାଟି ଫିଟାଇଲେ ଲାଠି ଓ ଗୁଳି ହିଁ ସାର ।"

(କୁକୁର ହେବା ସପକ୍ଷରେ ନିଃଶଙ୍କ ପ୍ରତିବାଦ )

କବି ବ୍ରଜନାଥ ସତେ ଯେମିତି ଶତାବ୍ଦୀର ଶେଷ ସୀମାନ୍ତରେ ଠିଆ ହୋଇ ଯେଉଁ କ୍ଷୟିଷ୍ଣୁ ଶାସନ ବ୍ୟବସ୍ଥାକୁ ଦେଖୁଛନ୍ତି ଯେଉଁଠି ଜନଜୀବନ ପଙ୍ଗୁ, ଅଥର୍ବ ପାଲଟି ଯାଇଛି । କବିତାଟି ସତେ ଯେପରି ଏକ ସଂକୀର୍ଣ୍ଣତାର ବଳୟ ମଧ୍ୟରୁ ବାହାରି ଆସି ଏକ ମହାନ୍ ମାନବିକତାର ପରିସର ମଧ୍ୟରେ ବିଚରଣ କରୁଅଛି । ଏହି ସମୟର କବିମାନେ ବ୍ୟକ୍ତିଗତକ ବୌଦ୍ଧିକ 'ଇଜିମ୍'ର ଦ୍ୱାହି ଦେଇ ଦୁର୍ବୋଧ କରିଦେବାକୁ ଚାହିଁନାହାଁନ୍ତି । ଜୀବନର ଚିତ୍ର ଅଂକନ କରୁ କରୁ କବି କଳ୍ପନା ରାଜ୍ୟରେ ପାଠକକୁ ଭୁଲାଇ ଦେଇନାହାଁନ୍ତି । କହିଛନ୍ତି ଦାମାଜିକ ସଂକଟର କଥା,ଅବକ୍ଷୟବାଦୀ ଆଧୁନିକ ସଂସ୍କୃତି,ସଂକ୍ରମିତ ହୋଇଥିବା ଅପସଂସ୍କୃତିର ଚିତ୍ର ନିଃସଙ୍ଗତ ଅସହାୟତାକୁ ନେଇ ଯେ ଜୀବନ ବଂଚି ହୁଏନାହିଁ । ଜୀବନ ପାଇଁ ଆବଶ୍ୟକ ସ୍ନେହ,ସୌହାର୍ଦ୍ଦ୍ୟ, ପ୍ରୀତି,ମମତା । ଏହା ହିଁ ଅନୁଦଶକ କବିତାରେ ଅଧିକତର ସ୍ପଷ୍ଟ ହୋଇଛି । ବସ୍ତୁବାଦୀ ସଭ୍ୟତାର ମଣିଷ କ୍ଷେତ୍ରରେ କଳାତ୍ମକ

ଚିନ୍ତା ଚେତନାର ଅବକ୍ଷୟ ଘଟିଛି । ଗାଁ ଦାଣ୍ଡ, ଖେଳସାଥୀ, ରଜଦୋଳି, ବୋହୂଚୋରୀ, ହାତରେ ବହି ବସ୍ତାନୀ ଧରି ଚଟଶାଳୀ ଫେରୁଥିବା ବାଟ, ଆମ୍ବ, ବରକୋଳି ଖାଇବାର ମଜା,ଶୀତ ସକାଳର ଖରା ସାଂଗକୁ ଝିପିଝିପି ବର୍ଷାରାତି ନିକଟରୁ ଆଧୁନିକ ମଣିଷ ମୁହଁ ଫେରାଇ ନେଇଛି । ଅତୀତର ଅନୁଭୂତିକୁ ପ୍ରତ୍ୟେକ ଆଧୁନିକ ବ୍ୟସ୍ତବହୁଳ ମଣିଷମାନଙ୍କର ସ୍ମୃତିରେ ପୁନଃଜାଗ୍ରତ କରିବାର ପ୍ରୟାସ କରିଛି କବି । ବାଲ୍ୟକାଳରେ ମିଠା ଅନୁଭୂତିକୁ ଆଧାର କରି କବି ନିତ୍ୟାନନ୍ଦ ନାୟକ ରଚନା କରିଛନ୍ତି 'ପିଲାଦିନ' କବିତା ।

"ସେଠିକି ଯିବାକୁ ହୁଏ ବାରମ୍ବାର
କାହିଁକି ନା ସେଇଠି ରହିଯାଇଛି
ମୋ ପ୍ରଥମ ପରିଚୟ କୁଆଁ କୁଆ ସ୍ୱର
ଖଡ଼ିର ପ୍ରଥମ ଗାର,ଶବ୍ଦର ଓଁକାର
ମୋ ହଜିଯାଇଥିବା ନିଷ୍କପଟ ହସର
ମୋ ଅନାବିଳ ଖୁସିର
ଗୁପ୍ତ ଗନ୍ତାଘର । "        (ପିଲାଦିନ- ପାନ୍ଥଶାଳା (ସଂ)

ନବେଦଶକ ପରବର୍ତ୍ତୀ କାଳର କବି କବିତାର ପରିସର ମଧ୍ୟରେ ଅନାବିଳ ଖୁସିର ମୁହୂର୍ତ୍ତ ମଧ୍ୟରେ ଦେଖୁଛି ଅନନ୍ତ ସୀମାହୀନ ଆକାଶକୁ । ଦିଗନ୍ତ ବିସ୍ତାରୀ ସାଗରର ନୀଳ ଜଳରାଶିକୁ । ଟୋପାଏ କାକର ବିନ୍ଦୁରେ ସୂର୍ଯ୍ୟଙ୍କର ସତ୍ତାକୁ ଅନୁଭବି ବା ପରେ ଏ ସମୟ ଖଣ୍ଡର ସ୍ରଷ୍ଟା ଗୋଟିଏ ଗୋଟିଏ ଅକ୍ଷର ମଧ୍ୟରେ ଅନୁଭବ କରିଛି, ଜୀବନ ବ୍ୟାପକତାକୁ । କବିଙ୍କ ଭାଷାରେ :-

"ମାଟିକୁ ଚୁମୁଛି ପତ୍ରର କାରାରେ
ପତ୍ରର କାରାରେ ପବନର ଅପୂର୍ବ ବ୍ୟଂଜନା
ସକାଳ ଓ ସଂଜର ନୀରାଜନ
କବିତା ଭିତରେ ।
କବିତାର ଭିତରେ
ମୁଁ ଦେଖୁଛି ଅସଂଖ୍ୟ ଆକାଶ
କବିତା ଭିତରେ ମୁଁ ଦେଖୁଛି
ଟୋପାଏ କାକରରେ ପୂର୍ଣ୍ଣ ସୂର୍ଯ୍ୟକୁ ଅନୁଭବ କଲାପରି
ଟୋପାଏ ଅକ୍ଷର ଭିତରେ ଅନୁଭବ କରୁଛି କବିତାକୁ ।"
('ସ୍ୱପ୍ନ' ପ୍ରସନ୍ନ ପାଟଶାଣୀ )

ଷଷ୍ଠ ଦଶକର କବିତାରେ ପରିଲକ୍ଷିତ ଅନ୍ତଃସାର ଶୂନ୍ୟତା ପ୍ରକୃତି ସଂପ୍ରୀତି ମଧ୍ୟରେ ବିଲୟ ଭଜିଛି । ପ୍ରକୃତି ପ୍ରତିବଦ୍ଧତା ଏ ସମୟର କବିତାକୁ ଏକ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି । ନିମ୍ନୋକ୍ତ ପଂକ୍ତିରେ ପ୍ରକୃତି

ପ୍ରତିବଦ୍ଧତା,ଅବକ୍ଷୟମୁଖୀ ସମାଜର ଚିତ୍ର,ସାଧାରଣ ବର୍ଗରୁ ପ୍ରତୀକର ସଂଗ୍ରହ,କାବ୍ୟ ନାୟକର ପାରିବାରିକ ଜୀବନ ପ୍ରତିଅଂଗୀକାରବଦ୍ଧତାର ପ୍ରମାଣ ବହନ କରେ।

ଏବେ ଗାଁ ମୁଣ୍ଡର ସେଇ / ଆମ୍ବଗଛ ହଣା ସରିଛି / ପକ୍ଷୀ ମେଳଣ ନାହିଁ/ ଆଉ ପକ୍ଷୀ ନାହିଁ ମଣିଷ ଭିତରେ ।

(ପକ୍ଷୀ ମେଳଣ - ଅନ୍ତରଂଗ ପୃଥିବୀ ବ୍ରହ୍ମାନନ୍ଦ ଦାସ) ହେ ପ୍ରନ୍ ଭାରତ ବର୍ଷ, ଉଠ ତୁମେ ସମୁଦ୍ରରେ ଝଡ଼ ତୁମର ପ୍ରାଚୀନ ସୂର୍ଯ୍ୟ କ୍ଲାନ୍ତ ହୁଏ ପହଁରି ପହଁରି ଆହତ ଉର୍ମିରେ ବାହୁ ଉର୍ଦ୍ଧ୍ୱେ ଟୋଳି ଆରବ ସାଗର ନିବିଡ଼ ଦୁଃଖରେ ଆଜି ଗାଇ ବସେ ସଂଧ୍ୟାର ସାୟରୀ।"

(ସନ୍ଧ୍ୟାର ସାୟରୀ - ଭାରତ ବର୍ଷ ଗିରିଜା ବଳିୟାର୍ ସିଂହ)

ମତେ ଗୋଇଠା ମାରିଲେ / ଗଛରୁ ଖସିପଡ଼େ ପତ୍ର ଆକାଶରୁ ଖସିପଡ଼େ ତାରା : ଚଣ୍ଡାଳ ଆଶୁତୋଷ ପରିଡ଼ା)

ମୁଁ ତମ ପିଲାଙ୍କ ବାପା/ବୁଢା ହୁଏ ମରେ/ଆରମ୍ଭ ଓ ଶେଷ ନଥିବା/କିଶୋରୀ ତମେ ଟୁଲୁଟୁଲୁ /ମୋ ପରମାୟୁରେ/ (ଧର୍ମପତ୍ନୀ - ହୃଷୀକେଶ ମଲ୍ଲିକ)

ତେଣୁ ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ହୁଏ ଯେ,ଯେଉଁ ଆଧୁନିକ କବିତା ଏକଦା କ୍ଲିଷ୍ଟ, ଅବୋଧ ଇତ୍ୟାଦି ବିବିଧ ସମାଲୋଚନାର ଶରବ୍ୟ ହୋଇ ଆସୁଥିଲା ଅଶୀଦଶକ ପରବର୍ତ୍ତୀ ସମୟରେ ତାହା ପାଠକମାନଙ୍କର ଆସ୍ବାଭାଜନ ହୋଇପାରିଛି। ଈଶ୍ୱର ଅପେକ୍ଷା ମନୁଷ୍ୟ,ଆଧାତ୍ମିକତା ଅପେକ୍ଷା ମାନବିକତା,ମୃତ୍ୟୁ ଅବବୋଧ ଅପେକ୍ଷା ଜୀବନ ସଚେତନତା,ଶାଶ୍ୱତ ପ୍ରେମ ଚେତନା, ନିମ୍ନବର୍ଗର ଚରିତ୍ର ପ୍ରତି ସମବେଦନାର, ପ୍ରକାଶ ଭଂଗୀରେ ପରିଚ୍ଛନ୍ନତା ଷଷ୍ଠ ଦଶକର କବିତାଠାରୁ ଏହାକୁ ପୃଥକ୍ ରୂପେ ଚିହ୍ନାଇ ଦେଇଛି।

## ୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

କ) ରମାକାନ୍ତଙ୍କ ଶ୍ରୀରାଧା କବିତା ବିଷୟରେ ଲେଖ।

ଖ) ପ୍ରତିଭା ଶତପଥୀଙ୍କ କାବ୍ୟିକ ଆବେଦନ ସୂଚାଅ।

ଗ) ସୀତାକାନ୍ତଙ୍କ ୧୯୮୦ ପରବର୍ତ୍ତୀ କବିତା ଗୁଡ଼ିକର ନାମ ଲେଖ।

ଘ) ୧୯୮୦ ପରବର୍ତ୍ତୀ କବିତାର ବୈଶିଷ୍ଟ୍ୟ ଦର୍ଶାଅ।

ଙ) ବ୍ରହ୍ମୋତ୍ରୀ ମହାନ୍ତିଙ୍କ କାବ୍ୟିକ ଆଭିମୁଖ୍ୟ କ'ଣ ଥିଲା।

ଚ) ସୌରୀନ୍ଦ୍ର ବାରିକ୍ଙ୍କ କାବ୍ୟିକ ଆଭିମୁଖ୍ୟ ।

ଛ) ୧୯୯୦ ପରବର୍ତ୍ତୀ ସମୟରେ ଓଡ଼ିଆ କବିତାର ପରିବର୍ତ୍ତନର ଚିତ୍ର ସଂପର୍କରେ ଆଲୋଚନା କର।

### ୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

କ) ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାମାଜିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର।

ଖ) ସୀତାକାନ୍ତ ମହାପାତ୍ରଙ୍କର ୧୯୮୦ ପରବର୍ତ୍ତୀ କବିତାର ବୈଶିଷ୍ଟ୍ୟ ନିରୂପଣ କର ।

ଗ) ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାର ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଚର୍ଚ୍ଚା କର ।

ଘ) ୧୯୮୦ ପରବର୍ତ୍ତୀ ରାଜନୀତିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର ।

ଙ) ୧୯୮୦ ପରବର୍ତ୍ତୀ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର ।

## ୪.୭ ସହାୟକ ଗ୍ରନ୍ଥସୂଚୀ


- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ
- ସତୁରୀରୁ  ସହସ୍ରାବ୍ଦୀ - ନିତ୍ୟାନନ୍ଦ ଶତପଥୀ
- ନାନା ନିବଂଧ - ଦାଶରଥି  ଦାସ
- ଐତିହ୍ୟ  ଓ ଆଧୁନିକତା - ଦାଶରଥି ଦାସ ।
- ସାଂପ୍ରତିକ ଓଡ଼ିଆ କବିତାର କୁଳ ଓ ଶୀଳ - ଶରତଚନ୍ଦ୍ର ପ୍ରଧାନ
- ମୋ ଦୃଷ୍ଟିରେ ସାଂପ୍ରତିକ  ସାହିତ୍ୟ  - ପରୀକ୍ଷିତ ନନ୍ଦ
- ସାଂପ୍ରତିକ କାଳ ଓ ଚିରନ୍ତନ କବି - ସୌରୀନ୍ଦ୍ର ବାରିକ


❑❑❑